ନଭେମ୍ବର ୨୦୨୪




Photo by Dr Ranjit K Sahu, USA

**ISSN NO – 2582-208X**

**VOLUME-10 : ISSUE NO-11/2024**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଆଲୋକର ପର୍ବ ଦୀପାବଳିର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।

ମାନବ ସଂସ୍କୃତି ମାନବ ଜୀବନ ଠାରୁ ଭିନ୍ନ ଧରଣର କଦାପି ସମ୍ଭବ ନୁହେଁ। ମନୁଷ୍ୟର ସାଂସ୍କୃତିକ ବିକାଶ ତାର ସମାଜ ଜୀବନରୁ ହିଁ ସମ୍ଭବ ହୋଇପାରିଛି । ମନୁଷ୍ୟ ତାର ମାନବତ୍ୟ ସମାଜ ଜୀବନରୁ ହିଁ ପ୍ରାପ୍ତ କରିଛି । ଜନତାର ଶିକ୍ଷା ଏବଂ ତାର ସାଂସ୍କୃତିକ ବିକାଶ ତାର ଭାଷା ଦ୍ୱାରା ହିଁ ସମ୍ଭବ, ସୁଶିକ୍ଷିତ ଏବଂ ସୁସଂସ୍କୃତ ଜନତା ଏକତାର ସବୁଠାରୁ ଦୃଢ ଆଧାର ଅଟନ୍ତି । ଭାରତରେ ଅନେକ ଭାଷା, ଅନେକ ଜାତି ମାନଙ୍କର ନିଜ ନିଜ ସଂସ୍କୃତି ଅଛି । ସମସ୍ତ ଜାତିର ସଂସ୍କୃତିର ତତ୍ତ୍ୱ ତାର ସମୁଚର ନାମ ଭାରତୀୟ ସଂସ୍କୃତି । ସଂସ୍କୃତିର ଜାତୀୟ ବିଶେଷତାର ବିକାଶ ପାଇଁ ଜାତୀୟ ଗଠନ ନିତ୍ୟାନ୍ତ ଆବଶ୍ୟକ । ସାମାଜିକ ସଂଗଠନରୁ ବାହାରକୁ ଯାଇ ସଂସ୍କୃତିର ବିକାଶ ସମ୍ଭବ ନା ଭାଷାର ବିକାଶ ସମ୍ଭବ ହୋଇପାରେ । ଜାତୀୟ ଭାଷାର ପୂର୍ଣ୍ଣ ସମୃଦ୍ଧି ପାଇଁ ଜାତୀୟ ଗଠନ ଆବଶ୍ୟକ । ପ୍ରତ୍ୟେକ ଜାତିର ବିକାଶ ଅନ୍ୟ ଜାତିର ସହାୟତା ଏବଂ ବିକାଶ ଉପରେ ନିର୍ଭର କରୁଛି ।

ISSN NO.
2582-208X

ଭାରତୀୟ ସଂସ୍କୃତି ବିଶ୍ୱର ସବୁଠାରୁ ପ୍ରାଚୀନ ଏବଂ ସମୃଦ୍ଧ ସଂସ୍କୃତି ଅଟେ । ଭାରତର ସଂସ୍କୃତିର ପୃଷ୍ଠଭୂମି ମାନବ କଲ୍ୟାଣର ଭାବନାରେ ପରିପୂର୍ଣ୍ଣ ଅଟେ । ବହୁଜନ ହିତାୟ, ବହୁଜନ ସୁଖାୟ ଦୃଷ୍ଟିରେ ଭାରତୀୟ ସଂସ୍କୃତି ଏକ ଆଦର୍ଶ ସଂସ୍କୃତି ରୂପରେ ପରିଚିତ । ବେଦରେ ପରିଲକ୍ଷିତ ଭାରତୀୟ ସଂସ୍କୃତି କେବଳ ପ୍ରାଚୀନତାର ପ୍ରମାଣ ନୁହେଁ। କିନ୍ତୁ ଭାରତୀୟ ଆଧ୍ୟାତ୍ମ ଏବଂ ଚିନ୍ତନର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି ମଧ୍ୟ ଅଟେ । ଦେବତା ମାନଙ୍କର ମାନ୍ୟତା, ହୋମ, ପୂଜା, ବେଦ ଏବଂ ବୈଦିକ ଧର୍ମରେ କରୋଡ ଭାରତୀୟ ମାନଙ୍କର ଆସ୍ଥା ଅର୍ଜନ ସ୍ଥିତିରେ ଯେମିତି ହଜାର ବର୍ଷ ତଳେ ଥିଲା, ଗୀତା, ଉପନିଷେଦର ସନ୍ଦେଶ ହଜାର ହଜାର ବର୍ଷରୁ ଆମର ପ୍ରେରଣା ଏବଂ କର୍ମର ଅଧାର ରୂପେ ପରିଚିତ ।

ସଂସ୍କୃତି କୌଣସି ଦେଶର ଜାତି ଏବଂ ଆତ୍ମାରୂପେ ପରିଚିତ । ସଂସ୍କୃତିର ସାଧାରଣ ଅର୍ଥ ହେଉଛି ସଂସ୍କାର, ସୁଧାର, ବୃଦ୍ଧି ଆଦି ଅଥବା ଜୀବନମୂଲ୍ୟ ଯାହାକୁ ଜୀବନରେ ଆପଣାଇ ନେଇ ଜୀବନର ବିକାଶରେ ସହାୟକ ଭୂମିକା ପ୍ରାପ୍ତ କରାଯାଇପାରେ । ଭାରତୀୟ ସଂସ୍କୃତିର ଉଦ୍ଦେଶ୍ୟ ମନୁଷ୍ୟର ସାମୁହିକ ବିକାଶ, ବସୁଧୈବ କୁଟୁମ୍ବକଂ ର ଭାବ ସର୍ବତ୍ର ବିଦ୍ୟମାନ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ପ୍ରାତଃ ସ୍ମରଣୀୟ ଗଂଗାଧର | ଗୁରୁକଲ୍ୟାଣ ମହାପାତ୍ର | ୧୩ |
| ଡି.ଏଫ.ଓ କ୍ୟାମ୍ପବେଲ ବେ (ଧାରାବାହିକ) | ଅଶୋକ ବିଶ୍ୱାଳ | ୧୫ |
| ମୁଁ ଯଦି ଦିନକ ପାଇଁ ମୋ' ବାପାଙ୍କ ବାପା ହୁଅନ୍ତି ..... | ଶଶଧର ମହାପାତ୍ର | ୨୮ |
| ମୋ ଅଜ୍ଞାନତା | ଅଳକା ମହାନ୍ତ | ୩୩ |
| ମାଦ୍ରିଦ୍ ଯାତ୍ରା | ଡକ୍ଟର ବିଜ୍ଞାନୀ ଦାସ | ୩୫ |
| ପରିବର୍ତ୍ତନ | ଡ. ପ୍ରସନ୍ନ କୁମାର ବଳ | ୪୯ |
| ସବୁ କିଛି ଭୁଲି ଯିବି ଦିନେ | ଭାସ୍କର ଚନ୍ଦ୍ର ଖଣ୍ଡା | ୫୧ |
| ବାଜି ରାଉତ | କାର୍ତ୍ତିକେଶ୍ୱର ନାୟକ | ୫୩ |
| ମମତାର ମୂଲ | ଛବି ରାଣୀ ପତି | ୫୪ |
| ଶ୍ରାବଣର ଧାରା | ଡଃ ମାଙ୍ଗଳିକା ମହାପାତ୍ର | ୫୭ |
| ଆକାଶ | ଇଂ. ସୁଶାନ୍ତ କିଶୋର ବଳ | ୬୦ |
| କାନ୍ଦ | ଡ. ଜ୍ଞାନେଶ୍ୱର ମିଶ୍ର | ୬୫ |
| ସମୟଟା ସତ କହୁଛି | ଦୀନବନ୍ଧୁ ପୋଇ | ୬୭ |
| ଚିଡିଆ ଖାନା | ଶାନ୍ତିଲତା ମିଶ୍ର | ୬୮ |
| ହୃଦୟ | ସଂଯୁକ୍ତା ସାହୁ | ୭୧ |
| ପିତୃଶ୍ରାଦ୍ଧ | ନିରୁପମା ମିଶ୍ର | ୭୩ |
| ମା ତୁ ଆସୁଥା ଶରତରେ | ଜୟଶ୍ରୀ ପଟ୍ଟନାୟକ | ୭୫ |
| ଉଠ୍ ପୁଟୁର୍ (ଧାରାବାହିକ) | ଆରତୀ ସାହୁ (ଆଶା) | ୭୭ |

ISSN NO.
2582-208X


| | | |
|---|---|---|
| ବନ୍ଧୁ ତୁମେ ଗଲା ପରେ | ଦଣ୍ଡାସି ପ୍ରଧାନ | ୮୪ |
| ରଣପୁରର ମାହାତ୍ମ୍ୟ | ଡ଼କ୍ଟର ସୀମାଞ୍ଚଳ ପ୍ରଧାନ | ୮୬ |
| ଶିଶୁ | ସୁଜିତ୍ କୁମାର ମିଶ୍ର | ୮୯ |
| କାର୍ତ୍ତିକ ବ୍ରତ | ଅମରନାଥ ବାରିକ | ୯୦ |
| ନୂଆ ସଂସଦରେ ଶ୍ରୀଗଣେଶ | ଅଜିତ କୁମାର ରାଉତ | ୯୨ |
| ସଦେଇ (ପରଦେଶ) | ବିନୟ ମହାପାତ୍ର | ୯୪ |
| ଆଉ ଥରେ ଜନ୍ମ ନିଅ କୃଷ୍ଣ ମୋ ପୂଣ୍ୟ ଭାରତରେ | ମନ୍ଦାକିନୀ ପାଢ଼ୀ | ୯୯ |
| ଯୋଜନା | ଦିଲ୍ଲୀପ ଶତପଥୀ | ୧୦୧ |
| ସମୟ | ବିଜୟଲକ୍ଷ୍ମୀ ସାମଲ | ୧୦୩ |
| ମୃଗ ତୃଷ୍ଣା | ମନୋରଞ୍ଜନ ସୁରୁଜାଲ | ୧୦୪ |
| ଲଳିତ ନିବନ୍ଧ - ଲୋଭ | ବଦ୍ରୀ ମହାନ୍ତ | ୧୦୬ |
| ଭାବ | ଅଲେଖ ମେହେର | ୧୧୦ |
| ହେ ସତ୍ୟବାଦୀର ସନ୍ଥ | କୁଞ୍ଜବିହାରୀ ରାଉତ | ୧୧୨ |
| ଗୋଟେ ଭଙ୍ଗା ପୋଲର ନିବନ୍ଧ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୧୪ |
| କାଳିଆ ଠାକୁର | ନମିତା ନାୟକ | ୧୧୬ |
| ମହାନ ଆମ ମାତୃଭାଷା | ଢଷ୍ଟିତାନନ୍ଦ ତାଣ୍ଡି | ୧୧୮ |
| ଟସର ର ଡୋର | ଡ଼ଃ ରଞ୍ଜିତ କୁମାର ସାହୁ | ୧୨୧ |
| ଫେରି ଆସ ବାପୁ ତୁମେ | ରାମଚନ୍ଦ୍ର ବେହେରା | ୧୨୬ |
| ଶବ୍ଦ ଅଗ୍ନି | ଅମ୍ବିକା ସ୍ୱାଇଁ | ୧୨୮ |
| ସ୍ମୃତିରେ ଜୀବିତ | ପ୍ରଦୀପ କୁମାର ସିଂହ ଦେଓ | ୧୩୦ |
| ୧୯୮୦ ମସିହା ପରବର୍ତ୍ତୀ ପ୍ରବନ୍ଧ ଓ ସମାଲୋଚନା: ଏକ ଦୃଷ୍ଟି | ଭାରତୀ ମୁଦୁଲି | ୧୩୨ |
| ଧବଳମୁଖୀ ବେଶ | ପ୍ରସନ୍ନ କୁମାର ମେହେର | ୧୩୮ |

ISSN NO.
2582-208X


| | | |
|---|---|---|
| ଆଇନ୍‌ଷ୍ଟାଇନ୍ ଓ ବୀଜଗଣିତ | ତୃଷ୍ଣିତା ଜେନା | ୧୩୯ |
| କାଶତଣ୍ଡୀ ର ଆବାହନ | ବିଷ୍ଣୁପଦ ସିଂହଦେଓ | ୧୪୩ |
| ପତି ସୁହାଗିନୀ | ଡ଼. ପ୍ରିୟମ୍ବଦା ସାମଲ | ୧୪୫ |
| ନବରାତ୍ରୀ ଓ ନବ ଚକ୍ର | କାନନ ବାଳା ନାୟକ | ୧୪୭ |
| ଧରମା | ସୁନନ୍ଦା ମହାନ୍ତ | ୧୬୫ |
| କେମିତି ଲେଖିବି କବିତା | ସୁସ୍ମିତା ପ୍ରଧାନ | ୧୬୬ |
| ବିଶ୍ୱାସ ବଡ଼ ନା ରକତ ବଡ଼ | ବିନୋଦିନୀ ଦାଶ | ୧୬୭ |
| ପୁନରାବୃତ୍ତି | ଡକ୍ଟର ମଧୁସ୍ମିତା ମିଶ୍ର | ୧୬୯ |
| ସକାଳ ଓ ସ୍ୱପ୍ନ | ଡ. ପଲିମର ଦାଶ | ୧୭୩ |
| ପ୍ରତିଧ୍ୱନି କହେ ତୁମେ... ତୁମେ... | ଡଃ ତାନଶ୍ରୀ ପାଣିଗ୍ରାହୀ | ୧୭୫ |
| ବିଶ୍ୱ ମଙ୍ଗଳମୟୀ | ବେଣୁଧର ସୂତାର | ୧୭୭ |
| ରତ୍ନାକର ଚଇନିଙ୍କ ଉପନ୍ୟାସ: ଏକ ଅନୁଶୀଳନି | ଡକ୍ଟର ବିକ୍ରମ ବେହେରା | ୧୮୦ |
| ଲୁହ ଖୁବ୍ ଆପଣାର | ସିନ୍ଧୁ ନନ୍ଦିନୀ | ୧୯୩ |
| କେଉଁଠି ତ ବାତ୍ୟା କେଉଁଠି ତ ବନ୍ୟା | ଗ୍ରଜକିଶୋର ସ୍ୱାଇଁ | ୧୯୫ |
| ବିନ୍ଧ୍ୟଗିରିର ଗର୍ବଚୂର୍ଣ୍ଣ | କାଳିପ୍ରସାଦ ମହାପାତ୍ର | ୧୯୭ |
| ସ୍ମୃତି ଏକ ରୂପା ଜହ୍ନ | ସୁନନ୍ଦା ମିଶ୍ର | ୧୯୯ |
| ଭାରି ନିରୀହ ଦୁଇଟି ଅକ୍ଷର "ବୋଉ" | ସନ୍ଧ୍ୟାରାଣୀ ମଲ୍ଲିକ | ୨୦୬ |
| କର୍ମଯୋଗ | ଅମୃତନାରାୟଣ ଶତପଥୀ | ୨୦୮ |
| କୃତ୍ରିମ ବୁଦ୍ଧିମତ୍ତା: ଭବିଷ୍ୟତ ପିଢ଼ୀ ପାଇଁ ଆହ୍ୱାନ | କ୍ୟାପଟେନ ଅକ୍ଷୟ କୁମାର ଦାଶ | ୨୧୦ |
| ଆମ କବିତା | ଝିଲିମିଲି ସାହୁ | ୨୧୪ |
| ଚେଇଁ ଶୋଇଥାଏ ଯିଏ......? | ଜୟ କୁମାର ମିଶ୍ର | ୨୧୫ |

ISSN NO.
2582-208X


| | | |
|---|---|---|
| ମୁଁ ମୋ ଭାଷାରେ ବର୍ଣ୍ଣବୋଧ ଲେଖୁଛି | ସମାପିକା ଦାସ | ୨୧୭ |
| ଏମର୍ଜେନ୍ସି ଓଡ଼ିଆ ଗଳ୍ପ | ସୁଚସ୍ମିତା ନାୟକ | ୨୧୮ |
| ତିନି ମାଙ୍କଡ | ଆକୁଳାନନ୍ଦ ପୃଷ୍ଟି | ୨୨୬ |
| ବାପା ଏକ ଅନୁଭବ | ହାସ୍ୟମୟୀ ରଜ୍ | ୨୨୮ |
| ସତ ହେବ ଦିନେ ସ୍ୱପ୍ନ | ନୀଳମଣି ଗୁନ୍ଦ | ୨୩୦ |
| ମା ଦୁର୍ଗା | ଶ୍ରାବଣୀ ଜେନା | ୨୩୨ |
| ପ୍ରବାସିନୀ ମାହାଙ୍କୁଡ ଙ୍କ କବିତାରେ ନାରୀ ର ଅନ୍ତଃସ୍ୱର ଏକ ଦୃଷ୍ଟିପାତ | ସୁଲତା ସାହୁ | ୨୩୩ |
| ସମ୍ପର୍କ | ସ୍ୱାଗତିକା ସାହୁ | ୨୪୬ |
| ଝିଅ ପାଇଁ ଗୋଟିଏ କବିତା | ଡକ୍ଟର ସଂଯୁକ୍ତା ଦାସ | ୨୪୮ |
| ଏଇ ପାଟିରେ ଅମୃତ ଏଇ ପାଟିରେ ବିଷ | ବାସନ୍ତୀ ଲତା ଜେନା | ୨୫୧ |
| ଥିଲେ ଚିରାକନା ହଜିଲେ ମଠା | ରଘୁନାଥ ତ୍ରିପାଠୀ | ୨୫୩ |
| ମୋହ | କୁଞ୍ଜ ବିହାରୀ ସାହୁ | ୨୫୫ |
| ଖରା | ସ୍ୱାଗତିକା ନାଏକ | ୨୫୭ |
| ଗୋଲାପ ମୋର ନାଆଁ | ଜୟନ୍ତ କୁମାର ମଲ୍ଲିକ୍ | ୨୫୮ |
| ବୋଉ ଲୋ | ସିମ୍ରନ ସାହୁ | ୨୫୯ |
| ମୁକ୍ତ ସାମ୍ବାଦିକତା ଓ ଏବେର ଆହ୍ୱାନ | ତେଜସ୍ୱିନୀ ସାମଲ | ୨୬୧ |
| ଜ୍ଞାନର ପ୍ରଦୀପ ଗୁରୁ | ସୌମ୍ୟଶ୍ରୀ ବ୍ରହ୍ମା | ୨୬୫ |
| ମନ | ସୁଧୀର ମେହେର | ୨୬୭ |
| କାଶତଣ୍ଡି ହସେ କିରି କିରି | ଦୀନବନ୍ଧୁ ବେଜ | ୨୬୯ |
| ଦିଲ୍ଲୀ | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୨୭୧ |
| ଶକ୍ତି ପୂଜାରେ ଷୋଡଶ ବାଦ୍ୟର ପ୍ରକାର ଭେଦ | ଡ଼ଃ ପ୍ରଦୀପ କୁମାର ପଣ୍ଡା | ୨୭୪ |

ISSN NO.
2582-208X


| | | |
|---|---|---|
| ପ୍ରେମ | ଯସ୍ମିତା ପ୍ରଧାନ | ୨୮୦ |
| କନିଆଁର ବ୍ୟବହାର | ରଶ୍ମିତା ନାୟକ | ୨୮୨ |
| ଆହୁତି (ଧାରାବାହିକ) | ଡାଃ. ଅନନ୍ତା ପଣ୍ଡା | ୨୮୬ |
| ସମ୍ପର୍କ | ସରସ୍ୱତୀ ମିଶ୍ର | ୨୯୫ |
| ଶବର କୋଣାର୍କ | ପ୍ରକାଶ କୁମାର ପାଣିଗ୍ରାହୀ | ୩୦୦ |
| ରାତିଆସି ଫେରିଯାଏ | ପ୍ରଶାନ୍ତ କୁମାର ଦାଶ | ୩୦୧ |
| ଏଲିଏନ୍ କଅଣ ସତରେ ଅଛନ୍ତି | ଡକ୍ଟର କମଳାକାନ୍ତ ଜେନା | ୩୦୩ |
| ସହଯୋଗ | ଯଜ୍ଞଦତ୍ତ ସାମନ୍ତରାୟ | ୩୦୬ |
| ସୁଗନ୍ଧି ଶରତ | ପ୍ରତିଭା ଦାସ | ୩୦୭ |
| ଅବୁଝା ଏ ମନ | ନିରଞ୍ଜନ ସାହୁ | ୩୦୮ |
| ବୟସ ର ଧୂଳି | ଶଶିରେଖା ଜେନା | ୩୧୦ |
| ଜୁଆର ଭଟ୍ଟା | ବିରଞ୍ଚି ନାରାୟଣ ମିଶ୍ର | ୩୧୧ |
| ବାଇ ଚଢେଇ | ପ୍ରଶାନ୍ତ ବ୍ରହ୍ମା | ୩୧୪ |
| ବାକି ଖିଆ | ବିନୟ କୁମାର ମିଶ୍ର | ୩୧୫ |
| ଶିଖିବାର ଇଚ୍ଛା ଅଛ | ନରେନ୍ଦ୍ର ପ୍ରସାଦ ବେହେରା | ୩୧୬ |
| ଜନେ କହିବେ | ଡ. ଅର୍ଜୁନ ଚରଣ ବାରିକ୍ | ୩୧୮ |
| କେବେ କେରଳ ତ<br>କେବେ ଅରୁଣାଚଳ (ଧାରାବାହିକ) | ପ୍ରିୟବ୍ରତ ପାତ୍ର | ୩୨୦ |
| ମୃତ୍ୟୁ ର ବିଭିଷିକା | ପୂଜା ସାହୁ | ୩୨୮ |
| ସ୍ୱପ୍ନ ଓ ବାସ୍ତବ | ଗାୟତ୍ରୀ ବେହେରା | ୩୩୦ |
| ମାୟା | ଅକ୍ଷୟ ମହାନ୍ତ (ନିର୍ମାଲ୍ୟ) | ୩୩୩ |
| ଏବଂ ଶେଷରେ.. । | ସୀମାଞ୍ଚଳ ରଣା | ୩୩୫ |
| ଭଏସ୍ କ୍ଲୋନିଂ | ଅସିତ ମହାନ୍ତ | ୩୩୭ |

ISSN NO.
2582-208X


| | | |
|---|---|---|
| ଅଲୋଡ଼ା | ଜନ୍ମଜୟ ନାୟକ | ୩୪୦ |
| ତମେ କହିଥିଲ | ଚିତରଞ୍ଜନ ବେହେରା | ୩୪୨ |
| କାଶତଣ୍ଡୀ | ଅର୍ପିତା ମହାପାତ୍ର | ୩୪୩ |
| ଭକ୍ତି ପୂତ ଶ୍ରଦ୍ଧାଞ୍ଜଳି | ପ୍ରଶାନ୍ତ କୁମାର ନାଥ | ୩୪୪ |
| ଅଦୃଷ୍ଟ କାରିଗର | ହରିଶ୍ଚନ୍ଦ୍ର ବେହେରା | ୩୪୬ |
| ରହସ୍ୟବାଦ ଓ କବି ଲକ୍ଷ୍ମୀକାନ୍ତ ମହାପାତ୍ର | ଡକ୍ଟର ତ୍ରିନାଥ ମଲ୍ଲିକ୍ | ୩୪୯ |
| ଅପେକ୍ଷା | ମଧୁସ୍ମିତା ରାଉତ | ୩୬୪ |
| ସମୟ | ଦୀପା ମୁଦୁଲି | ୩୬୬ |
| ମୋ ପୁନେଇଁ ଜହ୍ନ | ନଳନୀ ଦାଶ | ୩୬୮ |
| ଆହେ ଚକାନୟନ | ନମିତା ପ୍ରଧାନ | ୩୭୦ |
| କିଛି କଥା | ପୂଜାରାଣୀ ପାଣିଗ୍ରାହୀ | ୩୭୨ |
| ଅସମୟର ଦୁଃଖ | ଶ୍ରୀମତୀ ମନୀଷା ରାୟ | ୩୭୩ |
| ଜୟ ଶ୍ରୀରାମ | ଡ. ଅଭିମନ୍ୟୁ କାନୁନଗୋ | ୩୮୧ |
| ଗଜଲ୍-ବାଧୁଛି ଅନେକ ବେଶି | ତାରାପ୍ରସାଦ ଜେନା | ୩୮୨ |
| କୃଷ୍ଣା | ଖଗେଶ୍ୱର ବାଗ | ୩୮୩ |
| ଚିଠି | ବାଙ୍କାବିହାରୀ ମହାକୁର | ୩୮୫ |
| ଶ୍ରାଦ୍ଧ | ସିଦ୍ଧେଶ୍ୱର ତ୍ରିପାଠୀ | ୩୮୭ |
| ଅବହେଳିତ ସଂସ୍କୃତି | ସୁହଂସ ଭୋଇ | ୩୮୯ |
| ଥରକୁ ଥର ପଡି ତଳେ | ଦୁଷ୍ମନ୍ତ ବେହେରା | ୩୯୧ |
| ମାୟା ମିରୀଗ ର ଦୌଡ | ବିଶ୍ୱନାଥ କର | ୩୯୩ |
| ଓଡ଼ିଆ ନାଟକରେ ଶ୍ରୀଜଗନ୍ନାଥ | ଲିଜାରାଣୀ ପାଇଟାଳ | ୩୯୫ |
| ପ୍ରେମ ର ଉପଲବ୍ଧି | ଅଙ୍କିତା ପ୍ରିୟଦର୍ଶିନୀ ସାହୁ | ୩୯୯ |
| ମୋ କୋରାପୁଟ | ବୈଶାଖୀ ଦୀପ | ୪୦୧ |

ISSN NO.
2582-208X


| | | |
|---|---|---|
| ସହରୀ ପବନ | ବନତା ମହାରଣା (ରାଣୀ) | ୪୦୩ |
| କବିର କଲମରୁ | ପୂଜାରାଣୀ ସେଠୀ | ୪୦୪ |
| ବିଚାର ପ୍ରଦୂଷଣ | ସୀତାକାନ୍ତ ସରସ୍ୱତୀ | ୪୦୬ |
| ପିଲାବେଳ | ସୋନତା ଦାସ | ୪୦୯ |
| ଅଫେରା ରାଇଜର ସାଥି ମୋରେ | ଭକ୍ତିଲତା ବଳ | ୪୧୦ |
| ଝିଲ୍ଲି | ଅଜିତ କୁମାର ପାଢ଼ୀ | ୪୧୧ |
| ନଷ୍ଟ ଲୋକର ଗତି | ଅଭୟ କୁଣ୍ଡ | ୪୧୩ |
| ତମେ ଥିଲ ବୋଲି | କୀର୍ତ୍ତନ ସାହୁ | ୪୧୫ |
| ମୋର ମର୍ଦ୍ଦନ ବୋହୂ | ଜୟନ୍ତ ଦାସ ପ୍ରଫୁଲ୍ଲ | ୪୧୭ |
| କବିତା ଆଞ୍ଜୁଳେ | ମଧୁସ୍ମିତା ସାହୁ | ୪୧୯ |
| ପ୍ରଥା ଓ ପରମ୍ପରାରେ ଶୋଷିତା ଭାରତୀୟ ନାରୀ | ମମତା ନାୟକ | ୪୨୧ |
| କାଶର ଚାଦର | ଧ୍ରୁବ ଚରଣ ଘିବେଲା | ୪୨୯ |
| ବନ୍ଦେ ମାତରଂ | ମୀନାକ୍ଷୀ ପଣ୍ଡା | ୪୩୧ |
| ବିଧିର ବିଧାନ | ନମିତା ଦାଶ | ୪୩୪ |
| ଅପେକ୍ଷା | ଶରତ କୁମାର ପରିଡ଼ା | ୪୩୬ |
| ବାପା | ଶିବରାମ ଦଳେଇ | ୪୩୮ |
| ଜୀବନ ଏକ ସପନ | ବୀର କଶୋର ପଣ୍ଡା | ୪୪୩ |
| ମାନସ ଭଜ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ | ୪୪୬ |
| ଚୈତ୍ର ମାସ ମଙ୍ଗଳ ବାର | ମାଳତୀ ଦେବୀ | ୪୪୭ |
| ମୃତ୍ୟୁ ଭୋଜ ଦେବା ଆବଶ୍ୟକ ନାହିଁ | ବାଲ୍ମୀକ ନାୟକ | ୪୪୯ |
| ଶବର କୋଣାର୍କ | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୪୫୩ |
| ମୋ ନିଃଶ୍ୱାସରେ ଚିତ୍ରଲେଖା | ଆର୍ଯ୍ୟ ଦାସ | ୪୫୪ |

ISSN NO. 2582-208X



| | | |
|---|---|---|
| ଗରିବ | ଅବିନାଶ ସାହୁ | ୪୫୫ |
| ସତ୍ୟ | ଅଜୟ କୁମାର ରାଉତ | ୪୫୯ |
| ସଙ୍ଗାତ ଦେଖ ଶ୍ୟାମଘନକୁ | ସୁହାସିନୀ ବାରିକ୍ | ୪୬୧ |
| ଗୁରୁ ଦିବସ | ପବିତ୍ର ନାରାୟଣ ବେହେରା | ୪୬୨ |
| ମୁଁ ଟିକି କାଶତଣ୍ଡୀ | ପ୍ରେମଶିଲ୍ ରାଉତ | ୪୬୫ |
| ପ୍ରେମ କୋଣାର୍କ | ରାମ ଚନ୍ଦ୍ର ପ୍ରଧାନ | ୪୬୭ |
| ବିନୟ ବଚନ | ରମେଶ ଚନ୍ଦ୍ର ପ୍ରଧାନୀ | ୪୬୯ |
| ଜୀବନର ରଙ୍ଗ | ସପ୍ତର୍ଷି ନାୟକ | ୪୭୧ |
| ମୁଁ ମରିଗଲେ | ଦେବାଶିଷ ମୁଦୁଲି | ୪୭୫ |
| ପାହାନ୍ତି ସପନ | କାହ୍ନା ନାୟକ | ୪୭୭ |
| ହୋ ପ୍ରିୟା | ମହେଶ୍ୱର ପ୍ରଧାନ | ୪୭୮ |
| ତୁମରି ଅପେକ୍ଷାରେ | ଅନନ୍ତ କୁମାର | ୪୮୦ |
| ନ ଆସ ପ୍ରିୟ | ସଞ୍ଜୟ ରାଉଳ | ୪୮୨ |
| ପିଆଜ | ସରୋଜ କୁମାର ସାହୁ | ୪୮୩ |
| ବୋହୂ ଦେଖା | ଶ୍ରୀକୁମାର ମହାପାତ୍ର | ୪୮୫ |
| ଅଫେରା ପ୍ରିୟତମା | ସୁରେଶ କୁମାର ନାହାକ | ୪୮୭ |
| ମୁଁ ଓ ଆତ୍ମବିଶ୍ୱାସ | ଟୁକୁନା ବରାଡ଼ | ୪୯୦ |
| ଜରାସନ୍ଧ ବଧ | ନରେନ୍ଦ୍ର ପ୍ରସାଦ ବେହେରା | ୪୯୨ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ଆଲୋକର ପର୍ବ ଦୀପାବଳି ଓ ପରିବେଶ ସୁରକ୍ଷା | ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ | ୪୯୬ |

ISSN NO.
2582-208X

## ଆଞ୍ଚଳିକ


| | | |
|---|---|---|
| ଆଏଲା ଦଶ୍ ରା | ସେବାକାନ୍ତ ନନ୍ଦ | ୫୦୦ |
| ଉଦାବୁଡା | ଗଜାନନ ମିଶ୍ର | ୫୦୧ |
| ମାଁ ର ଅସ୍ମିତା କାବ୍ୟ | ଏମ୍.ବିଜୟ କୁମାର | ୫୦୨ |
| ବଲିର୍ ଗୁହାରି | ସନ୍ତୋଷ କୁମାର ବେହେରା | ୫୦୪ |
| ଆମର ଭାସି, ଆମର ଲେଖା | ବ୍ରଜମୋହନ ମେହେର | ୫୦୬ |
| ବୁଢ଼ାରଜା ଦଶହରା | ସଞ୍ଜୟ ନାଏକ | ୫୧୩ |
| କଥା - ଗର୍ବ ଗଞ୍ଜନ | ସତ୍ୟନାରାୟଣ ମିଶ୍ର | ୫୧୪ |


## ଶିଶୁ ବିଭାଗ


| | | |
|---|---|---|
| ଶଗଡ ଗାଡି ଚଢିବାର ମଜା | ହର ପ୍ରସାଦ ସୁଆର | ୫୧୯ |
| କଥା ପହେଳି | ଅମରନାଥ ବାରିକ୍ | ୫୨୩ |
| ନାଆଁ ମୋର ଡ଼ାକବାଲା | ଜୟନ୍ତ କୁମାର ମଲ୍ଲିକ୍ | ୫୨୫ |
| ଚିତ୍ର | ଚନ୍ମୟୀ ବେହେରା | ୫୨୭ |
| ଚିତ୍ର | ଆଦବିକା ପଟ୍ଟନାୟକ | ୫୨୮ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୫୨୯ |
| ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୫୩୨ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୫୩୩ |

ISSN NO.
2582-208X

# ପ୍ରାତଃ ସ୍ମରଣୀୟ ଗଂଗାଧର

## (ମୃତ୍ୟୁର ଶହେ ବର୍ଷ ପରେ)



ଗୁରୁକଲ୍ୟାଣ ମହାପାତ୍ର

ତମରି କାବ୍ୟରେ ନୁହେଁ ଯେ କେବଳ
ଆମରି ଜୀବନ ଚର୍ଯ୍ୟାରେ ସେହି ମଙ୍ଗଳମୟୀ
ଉଷାଙ୍କ ପବିତ୍ର ଆଗମନ ଧନ୍ୟ କରିଛି ଆମକୁ,
ହେ ପ୍ରାତଃ ସ୍ମରଣୀୟ ଗଂଗାଧର-
ଆଶ୍ଚର୍ଯ୍ୟ ଭାବରେ ଅତି ।

ଯେଉଁ ଉଷା ଆକାଶଙ୍କ ପୁତ୍ରୀ
ସେ ତ ବେଦ ବର୍ଣ୍ଣିତ ସକଳ
ଦେବୀମାନଙ୍କ ମଧ୍ୟରେ ସର୍ବାଧିକା ସୁନ୍ଦରୀ,
ଆମର ଅଜ୍ଞାନ ଅନ୍ଧାକାରକୁ ବିଦୂରିତ
କରିବା ସହିତ ଆମକୁ ଓ ପ୍ରସ୍ଫୁଟିତ
ସଜୀବକୁ ନୂତନ ଜୀବନ ଦିଏ ତାଙ୍କ
ଅପୂର୍ବ ସ୍ପର୍ଶରେ ।
ଋକ୍ ବେଦଙ୍କ ବର୍ଣ୍ଣନାନୁଯାୟୀ

ISSN NO.
2582-208X

ସେହି ଊଷା ବର୍ଷିୟସୀ ହୋଇବି
ଚର ଯୌବନା, ଆଉ ଶ୍ରେଷ୍ଠ ସୁନ୍ଦରୀ ।

ତମରି ବର୍ଣ୍ଣନାରେ ସେହି ଆଲୋକଦାତ୍ରୀ
ଊଷାଙ୍କ ଆଗମନ କରିଦିଏ ଆମ ସମସ୍ତଙ୍କୁ
ପୁଲକାଭିଭୂତ ।
ତମେ ନାହିଁ, ଅଥଚ ତମେ ଯିବାର
ଶହେ ବର୍ଷ ପରେ ମଧ୍ୟ ତମର ମନୋରମ
କାବ୍ୟିକ ଛନ୍ଦରେ ଆମେମାନେ ମୁଗ୍ଧ ଓ ଚକିତ ।
ହେ ପ୍ରକୃତିର କବି, ସ୍ୱଭାବର କବି-
ଗଂଗାଧର, ତମେ ପ୍ରକୃତରେ
ପ୍ରାତଃ ସ୍ମରଣୀୟ, ପ୍ରାତଃ ସ୍ମରଣୀୟ ।

ଭି ଏ ୨୯/୩, ୟୁନିଟ୍-୨
ଭୁବନେଶ୍ୱର – ୯
ଫୋନ – ୪୯୩୭୦୧୨୧୨୩

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୨୯- ତାରକା ଖଚତ ଜଳଯାତ୍ରା

"ସତରେ ଆଶ୍ଚର୍ଯ୍ୟ ।"

"ସେଇମିତି ଏ କଚ୍ଛପର ହଜାର ହଜାର କଲୋମିଟରର ଯାତ୍ରା । କେଉଁଠି କ ଛାପ ରହୁଛି କେଜାଣି ?"

"ମନୁଷ୍ୟ ପବନ ବିନା ଯାତ୍ରା କରିପାରିବନ । ତା' ଉପର ଦେଇ ଶୀତଳ ସମୀରଣ, ଉଷ୍ଣ ପବନ, ଋତୁର ମଳୟ ବୋହିଯିବା କଥା ।"

"କଚ୍ଛପ ବିନା ବାୟୁରେ ଘଣ୍ଟା ଘଣ୍ଟା ନିଃଶ୍ୱାସକୁ ଅଟକାଇ ପାଣିରେ ରହିପାରେ । କେଉଁ ମନୁଷ୍ୟ ଯୋନୀ ନେଇଥିବା ଯୋଗୀ ତାହା କରିପାରିବନ । ପ୍ରଥମ ନିଶ୍ୱାସ ନେଇ ଏକ ଛୋଟ ଜୀବନ ଯାତ୍ରା ଆରମ୍ଭ କରି କଚ୍ଛପ ଏକ ମହାନ ଯୋଦ୍ଧାରେ ପରିଣତ ହୁଏ, ବିଶ୍ୱ ବିଜୟୀ ହୋଇଯାଇଥାଏ । କଚ୍ଛପ ଅତି ଗଭୀର ପାଣିକୁ ବୁଡି ଯାଇପାରେ, ଏତେ ଅତଳ ପାଣିକୁ ମନୁଷ୍ୟ ବୁଡି ପାରିବନ ।"- ଅସୀମ ବର୍ଣ୍ଣନା କରୁଥିଲେ କଚ୍ଛପର ଅତି ଅସାଧାରଣ ଗୁଣକୁ, ମନୁଷ୍ୟ ଠାରୁ କେଇ ଗୁଣ ଶ୍ରେଷ୍ଠ ।"

ISSN NO.
2582-208X

"ଆଜି ଏକ ଯାତ୍ରା ଆରମ୍ଭ ହୋଇପାରେ । ଦେଖିବାକୁ ଯିବ ଶୋଭନା ।"-ଅସୀମ ପ୍ରଶ୍ନ ପଚାରିଲେ ।

ଶୋଭନା ଚମକ ପଡିଲେ । ଅସୀମ ଭାବିନଥିବା କଥା କହୁଛନ୍ତି । ତାହାହେଲେ ଯାଇହେବ ।

"କଣ କହୁଛ ଅସୀମ । ମୋତେ ଲାଗୁଛି ମୁଁ ଏଇକ୍ଷଣି ପବନରେ ଉଡିଯିବି । ଏକ ଘୋଷ ଯାତ୍ରାର ଆରମ୍ଭ ନିଶ୍ଚିତ ଦେଖିବି ଅସୀମ । ଆଉ ବିଳମ୍ବ କରିବିନି ।"

ଅସୀମ ଆଉ ଶୋଭନା ଜମା ବିଳମ୍ବ କଲେନି । ତ୍ୱରିତ ବାହାରି ପଡିଲେ । ଯାତ୍ରା ୪୧ କିମି । ଦୁଇ ଘଣ୍ଟା ପାଖାପାଖି ଲାଗିବ । ସେମାନେ ସମୁଦ୍ରକୂଳରେ ପହଞ୍ଚିଲାବେଳକୁ ସନ୍ଧ୍ୟା ଅନେକ ନଇଁ ଯାଇଥିଲା ।

"ଅସୀମ ଅନ୍ଧାରରେ ଯାତ୍ରା ଆରମ୍ଭ ହେବ ?"

"ଶୋଭନା ସବୁ ଯାତ୍ରା ଆଲୋକର ଅନୁପସ୍ଥିତିରୁ ଆରମ୍ଭ ହୁଏ । ଆଉ ଯାତ୍ରା ସଂପୂର୍ଣ ପ୍ରକାଶ ପାଏ ଆଲୋକର ପୂର୍ଣ ପ୍ଲାବନରେ । ମା ର ଗର୍ଭରେ ଅନ୍ଧାର । ଏକ ଢାଙ୍କି ଦେଇଥିଲା ଭଳି ଅନ୍ଧାର । ଭ୍ରୁଣ ସେଇଠି ବିକଶିତ ହୁଏ । ସବୁ ଅନ୍ଧାରରେ ଆରମ୍ଭ ହୁଏ ।"

"ଅସୀମ, ତାହାହେଲେ ସବୁବେଳେ ଅନ୍ଧାରରେ ଯାତ୍ରା ଆରମ୍ଭ ହୁଏ । ଆଲୋକର ପ୍ରକାଶ ପରେ ଆସେ ।"-ଶୋଭନା ଅସୀମଙ୍କ କଥାରେ ଯେମିତି ସମ୍ମୋହିତ ହୋଇଯାଇ ଅସୀମଙ୍କ ମନକଥା ଯେମିତି କହୁଥିଲେ ।

ସମୁଦ୍ରକୂଳ ଥିଲା ଓଦା ପବନରେ ଭରା । ମୁହଁରେ ଜଳୀୟ ବାଷ୍ପଭରା ପବନ ପିଟି ହେଉଥିଲା ଆଉ ସେମାନଙ୍କ ଦେହ ରୋମାଞ୍ଚିତ ହୋଇଯାଉଥିଲା । ସେମାନଙ୍କ ସ୍ପଷ୍ଟ ପାଦଛାପ ବାଲି ଉପରେ ପଡୁଥିବ, କିନ୍ତୁ ଅନ୍ଧାରରେ ବାରି ହେଉନଥିଲା । ସମୁଦ୍ରକୂଳର ଉଦ୍ଭିଦମାନ ନିଜ ରଙ୍ଗ ହରାଇଥିଲେ, ଆକାର କେବଳ ବାରିହେଉଥିଲା । ତଳେ ଆଉ କି

ISSN NO.
2582-208X

କ ଜୀବନ ଅଛି ଜାଣି ହେଉନଥିଲା । ସେମାନଙ୍କ ମଧ୍ୟରେ କଥାବାର୍ତ୍ତା ଫୁସଫୁସ ଥିଲା । କିଛି ଲୋକ ଜୋର ଜୋର ପାଦରେ କୂଳରେ ଚାଲୁଥିଲେ । ଏକଦମ ପାଣି ଧାରରେ କଚ୍ଛପ ଅଣ୍ଡା ଦିଅନ୍ତି ନାହିଁ । ସାମାନ୍ୟ ଓଦାଳିଆ ବାଲି ଦରକାର, ଏକଦମ ଓଦା ବାଲି ନୁହଁ । ଆକାଶରେ ଛୋଟ ଖଣ୍ଡି ଜହ୍ନ ଥିଲା । ତାର ଆଲୁଅ ଆଉ ସାମାନ୍ୟ ଜହ୍ନ ଆଲୋକରେ ସମୁଦ୍ରକୂଳ ଯାହା ଆଲୋକିତ ଥିଲା । ଆଖ ପାଖରେ ନଥିଲା ଆଉ ଅନ୍ୟ କିଛି ଆଲୋକ ।

"ଏତେ ନିର୍ଜ୍ଜନ ଅସୀମ । ସବୁ ଏକୁଟିଆ, ସବୁ ନିସ୍ତବ୍ଧ । ସାମାନ୍ୟ ଶବ୍ଦ ନାହିଁ ।"

"ଯାତ୍ରା ସବୁବେଳେ ଏକୁଟିଆ ଶୋଭନା । ଜୀବନର ଯାତ୍ରା ଏକୁଟିଆ । ଏକ ଶରୀର ଆଉ ଲମ୍ବା ଯାତ୍ରା । ଶରୀର ଗୋଟିଏ ଜାଗାରୁ ଆଉ ଏକ ଜାଗାକୁ ଚାଲିଯାଏ ।"

"ଅସୀମ, ଭାବୁଥିଲି କେତେ ରାତ୍ରିଚର ପକ୍ଷୀ ପକ୍ଷୀ ରାବ ଦେଉଥାନ୍ତେ । ଯାତ୍ରାର ଆରମ୍ଭରେ ସାହାନାଇ ବାଜିବାର କଥା, କିଛି ଶଂଖ ଧ୍ୱନୀ ହେବାର କଥା ।"

"ଭାଙ୍ଗି ପଡୁଥିବା ଲହଡିର ସ୍ୱର କେବଳ ଥିବ ।"

"ଲହଡିର ସ୍ୱର କିନ୍ତୁ କ୍ଷୀଣ ।"

"ରାତ୍ରିରେ ସବୁ ନିସ୍ତବ୍ଧ ହୋଇଯାଏ । ଆରମ୍ଭରେ ସାମାନ୍ୟ ଆୟୋଜନ ଥାଏ ।"

"ସବୁ ଗଛରେ ଜୁଳୁଜୁଳିଆ ପୋକ ଥାଆନ୍ତେ, ସବୁ ଡାଳରୁ ଜଳ ଲିଭି ଯାଉଥାନ୍ତେ, ପୁଣି ଜଳଉଠୁଥାନ୍ତେ । ଏକ ଖଦ୍ୟୋତର ଉଦ୍ୟାନ ହୋଇଥାନ୍ତା ଅସୀମ ।"

"ତୁମେ ଏତିକରେ ଅଟକି ଯାଉଛ ।"

"କଣ କହିବାକୁ ଚାହୁଁଛ ଅସୀମ?"

"ଢେଉର ଶିଖରକୁ ଚାହଁ ।"

"ଢେଉ ଏତେ ଛୋଟ, ବାରି ହେଉନାହିଁ ।"

ISSN NO.
2582-208X

"ଶିଖରର ଶ୍ୱେତ ଧାରକୁ ଦେଖ ଶୋଭନା ।"

"ଅସୀମ ଏକ ଏକ ଶ୍ୱେତଧାର ଭୂମି ଆଡକୁ ଧାଇଁ ଆସୁଛି ।"

"ସେଇଠି ଦେଖ ଖଦ୍ୟୋତର ପରିଧାନ । ସେଇଠି ଜୁଳୁଜୁଳଆ ପୋକମାନେ ଜଳୁଛନ୍ତ ।"

ଶୋଭନା ଦେଖିଲେ ଅସଂଖ୍ୟ ଜୁଳୁଜୁଳଆ ପୋକ ପ୍ରତିଟି ଢେଉର ଶୀର୍ଷତମ ଶିଖରରେ ।

"ଅସୀମ, ଅସଂଖ୍ୟ ମଣି । ଅସୀମ ଅଗଣିତ ଭଳ ଉଜ୍ଜ୍ୱଳ ତାରକା, କେବଳ ଜଳ ଲିଭିଯାଉଛନ୍ତ ।"

"ସେମାନେ ପ୍ଲାଙ୍କଟନ । ସେମାନଙ୍କ ପାଖରେ ଅଛି ବଇୟୋଲୁମିନେନସ । ଆଉ ଏହି କଚ୍ଛପମାନେ ଢେଉର ଶିଖରକୁ ଛୁଇଁଯିବେ । ସେମାନଙ୍କୁ ସମ୍ମାନତ କରାଯିବ । ସେମାନଙ୍କ ଶରୀର ଶୋଭିତ ହୋଇଯିବ ମଣି ମାଣିକ୍ୟରେ । ଆକାଶର ତାରା ଆଲୋକ ସେମାନଙ୍କ ଦେହରୁ ପ୍ରତିଫଳତ ହେବ ।"

"ଅସୀମ ତାହାହେଲେ ଏକ ମହାନ ଘଟଣା ସଂଘଟିତ ହେବାକୁ ଯାଉଛି ।"

"ଅନେକ ସନ୍ଧ୍ୟାରେ, ଅନେକ ନର୍ଜ୍ଜନ ପ୍ରହରରେ ଏସବୁ ଘଟଣା ସଂଘଟିତ ହୁଏ, ପ୍ରାୟ ଲୋକଲୋଚନର ଅଗୋଚରରେ ।"

ଅସୀମ ଆଉ ଶୋଭନାଙ୍କ ପାଦଗୁଲି ଧିର ଥିଲା । ସେମାନେ ଶୀତଳ ସମୀରଣକୁ ନଜ ଭିତରେ ବୋହିଯିବାକୁ ଦେଉଥିଲେ । ସେମାନେ ତାରା ଆଲୋକକୁ ଢେଉର ଭିତରେ ଖୋଜିବାକୁ ଗ୍ଚହୁଁଥିଲେ । ସେମାନଙ୍କ କାନରେ ପହଁଞ୍ଚୁଥିଲା ତରଙ୍ଗର ମୃଦୁ ଶବ୍ଦ । କେହି ଜୀବନର ଆଗମନ ପାଇଁ ସେମିତି ସାହାନାଇ ବଜାଇ ଗ୍ଚଲିଛି । ଟିକଏ ବନ୍ଦ ହେବନାହିଁ । ସେଇ ଶବ୍ଦ ହେଉଛି ଆଗମନ ପାଇଁ ମଙ୍ଗଳ ଶ୍ୱନୀ । ବାଦକ ସେଇଠି ଥକ ବସିବନ । କ୍ଷଣେ ସେ ଶବ୍ଦ ବନ୍ଦ ହେବନାହିଁ ।

ISSN NO.
2582-208X

"କେତେ ସମୟ ଆଉ ଅପେକ୍ଷା କରିବା ?"– ଶୋଭନା ପଗ୍ଭରିଲେ ।

ଆଉ ଅପେକ୍ଷିତ ସମୟ ନିଜ ପଦଧ୍ୱନୀ ସହ ଆବିର୍ଭୂତ ହେଲା । ଶୋଭନାଙ୍କ କଥା ପରେ ଆଉ ବିଳମ୍ବ କରାଯାଇ ପାରେନା ।

"ସମୟ ହୋଇଗଲାଣି । ଦବି ଯାଇଥିବା ମାଉଣ୍ଡ ଭିତରେ କିଛି ଶବ୍ଦ ଶୁଭିଲାଣି ଆଉ ବାଲି ଆଡେଇ ହୋଇଯାଉଛି ।"– ରାମଦାସ ଆସି ଖବର ଦେଲେ ।

ଅସୀମ ଆଉ ଶୋଭନା ଏଇ ଖବରକୁ ତ ଏତେ ସମୟ ପ୍ରତୀକ୍ଷା କରି ରହିଥିଲେ । ସେମାନେ ତ୍ୱରିତେ ସେହି ଛୋଟ ବାଲିକୁଦ ପାଖରେ ପହଞ୍ଚିଲେ । ପାଖରେ କିଛି ରକ୍ଷୀ । ସେମାନେ ଜଗି ରହିଛନ୍ତି । ଏ ବାଲିକୁଦ ଅନ୍ୟ ଛୋଟ ବାଲିକୁଦ ଠାରୁ କିଛି ଭିନ୍ନ ଥିଲା । କିଛି ବାଲି ମନକୁ ମନ ଆଡେଇ ହୋଇଯାଉଥିଲା । ଅଣ୍ଡାରୁ ଛୁଆ ଫୁଟିଗଲାପରେ ଯାଗାଟା ଟିକିଏ ଦବିଯାଇଛି । ଯାହା କାଲି କୁଦ ବା ପ୍ରାୟ ସମତଳ ଥିଲା ଆଜି ସାମାନ୍ୟ ଖାଲ । ଆଉ ସେହି ଖାଲର ପ୍ରାୟ ମଝିରେ ଏକ କଳାବିନ୍ଦୁ ଦେଖାଦେଲା ।

"ଏକ କଳା ବିନ୍ଦୁରୁ ତାହାହେଲେ ଆରମ୍ଭ । ସୁନେଲି ବାଲିର ଭିତରୁ ଏକ କଳା ବିନ୍ଦୁର ପ୍ରକାଶ ।"–ଶୋଭନା କହିଲେ ।

ଅସୀମ ଶୋଭନଙ୍କ କଥା ଭିତରୁ ଏକ ବଡ ଆବିଷ୍କାରର ସୂତ୍ର ଖୋଜୁଥିଲେ । ପାତଳ ଅନ୍ଧାରରେ ଭିତରେ ଏକ ଗାଢ କଳା ବିନ୍ଦୁରୁ ଜୀବନ ଆରମ୍ଭ ହେଉଛି । ଏକ ପୋକ ଯେମିତି ନିଜ ଉପରୁ ଗୋଟିଏ ଗୋଟିଏ ବାଲିକଣା ଆଡେଇ ଦେଇଉଛି । ଶରୀର ଉପରେ କେତେ ଲକ୍ଷ ବାଲିକଣା ଥିବ । କେତେ ହୋଇଥିବ ଓଜନ । କିନ୍ତୁ ସବୁ ଆଡେଇ ହୋଇଯାଉଛି । ମଣିଷର ହାତ ପାଦକୁ ପୋତିଦେଲେ ମଣିଷ ଏକ କାଠଗର ଭଳି ପଡିରହିବ । କିନ୍ତୁ ଏଠି କିଛି ଠେଲି ହୋଇ ବାହାରି ଆସୁଛି । ଏତେ ଓଜନକୁ ଏକ କ୍ଷୁଦ୍ର ଶରୀର ଆଡେଇ ଦେଉଛି ।

"ଏକ ଏକ ପୁଷ୍ପର କଳିକା ।"

ISSN NO.
2582-208X

"ହଁ, ଶୋଭନା, କଳିକାରେ ଏକ ପ୍ରସ୍ଫୁଟିତ ପୁଷ୍ପର ପ୍ରକାଶ ସାମାନ୍ୟ ବିକାଶ ଥାଏ । ଏକ କଳିକାରୁ ଆରମ୍ଭ ।"

ଆଉ ଶୋଭନା ସେଇଠି ଘଟିଯାଉଥିବା ପ୍ରତିଟି ମୁହୂର୍ତ୍ତକୁ ନିଜ ଭିତରେ ତୋଳି ଧରୁଥିଲେ । କାବ୍ୟର ଧାଡି ଭଳି ତାଙ୍କ ଆଗରେ ଖୋଲୁଥିଲା ପ୍ରକୃତିର ମହାକାବ୍ୟର ପଂକ୍ତିମାନ । ସବୁ ପଂକ୍ତିରେ ଥିଲା ସାରସ୍ୱତ ବାଖ୍ୟା । ପ୍ରକୃତିର ଅନୁଚ୍ଛେଦମାନ ଧରିଆଣିଥିଲା ପ୍ରଥମ ଦିନର ସ୍ପନ୍ଦନମାନଙ୍କୁ ।

ଶୋଭାନା ଦେଖିଲେ ବାଲିର କୁଦ ଧୀରେ ଆଡେଇ ହୋଇଯାଉଛି ଆଉ ସେ ଭିତରେ କେତେ କେତେ କଳା ବିନ୍ଦୁ ମୁଣ୍ଡ ଟେକୁଛନ୍ତି । କଳିକାର ପ୍ରତିଟି ଅଂଶ ମୁକ୍ତ ପାଖୁଡାରେ ପରିବର୍ତ୍ତିତ ହେବା ଆଗରୁ ଏକ ବଡ ବିନ୍ଦୁରେ ମିଳିଯାଏ ଆଉ ତା'ପରେ ଧୀରେ ଖୋଲିଯାଏ, ନିଜକୁ ପୂର୍ଣ ପ୍ରକାଶ କରେ । ସେଇମିତି ଏଇଠି ପାଖୁଡାମାନ ଖୋଲିଯାଉଥିଲା । ଶୋଭନା ପ୍ରତଟି ବିନ୍ଦୁ ଖୋଲବା ସହ ଏହା ପଛରେ ବିରାଟ ପ୍ରଚେଷ୍ଟାମାନଙ୍କୁ ଦେଖୁଥିଲେ । ବାଲି ସାମାନ୍ୟ ଆଡେଇ ହୋଇଯାଉଥିଲା, ମନକୁ ମନ ଝଡି ପଡୁଥିଲା ଆଉ ଶରୀର ଆଉ ଟିକେ ଫୁଟି ଉଠୁଥିଲା ।

"ବାଲି ଏକ ଆଶ୍ଚର୍ଯ୍ୟ ପଦାର୍ଥ ଶୋଭନା ।"

"ଅସୀମ, ମୁଁ ତା' ତ ଭାବୁଛି ।"

"ଏକ ଓଜନ । କିନ୍ତୁ କାହା ସହ ବାଲି କଣା ବାନ୍ଧି ହୋଇନି । ନିଜକୁ ନିଜେ ଝଡି ପଡୁଛି ।"

"ମାଟିରେ କେମିତି ଏକ ଅଠା ଥାଏ, ଏକ ମାଟିର କଣିକା ଆଉ କାହା ସହିତ ବନ୍ଧନରେ ବାନ୍ଧି ହୋଇଥାଏ । କିନ୍ତୁ ବାଲିର କଣିକା କାହା ସହ ବନ୍ଧନରେ ଆବଦ୍ଧ ନୁହେଁ । ଆପେ ଝଡିପଡେ । ସୂର୍ଯ୍ୟ କିରଣରେ ଚମକୁଥାଏ ।"

ISSN NO.
2582-208X

"ଅସୀମ, ଦେଖ, ଜୀବନର ଧିର ପ୍ରକାଶ ।"

ଅସୀମ ଦେଖିଲେ ଗୋଟିକ ପରେ ଗୋଟିଏ ହୋଇ ଅନେକ ଅନେକ ମୁଣ୍ଡ ଉପରକୁ ଦେଖାଦେଲାଣି । ସେମାନଙ୍କ ଦେହ ସାମାନ୍ୟ ହଲି ଯାଉଛି । ଆଉ ମୁଣ୍ଡ ଟିକେ ବଙ୍କି ଦୋହଲି ଯାଉଛି । ତା'ପରେ ଟିକେ ଅଧିକ ମୁଣ୍ଡ ଦେଖାଯାଉଛି । ନାକର ଅଗ, ଚଞ୍ଚୁ ସ୍ପଷ୍ଟ ଦେଖାଗଲାଣି ।

"କାହା ସାହାର୍ଯ୍ୟର ଆବଶ୍ୟକତା ନାହିଁ ।"- ଅସୀମ କହିଦେଲେ । ଶୋଭନା ହୁଏତ ଭାବିଥାଇପାରନ୍ତି ବାଲି ଆଡେଇ ଦେଲେ କଚ୍ଛପର ଶିଶୁମାନେ ସହଜରେ ବାଲିରୁ ବାହାରି ଆସିବେ । ତାହାହଲେ ସେମାନେ ଜଲଦି ନିଜ ଗର୍ତ୍ତରୁ ବାହରି ପାରିବେ ।

"କିନ୍ତୁ ତା'ର ଆବଶ୍ୟକତା କ'ଣ ?"- ଅସୀମ ପୁଣି କହିଲେ । ସେ ଶୋଭନାଙ୍କ ମନକଥା ଯେମିତି ପଢିନେଉଥିଲେ ।

"ବୁଝିପାରୁଛି, କିଛି ଆବଶ୍ୟକ ନାହିଁ । ସତରେ ଏକ ଲମ୍ବା ଯାତ୍ରାରେ ଏକ କ୍ଷଣର ବିଳମ୍ବ ବା ତ୍ୱରିତ ହେବା କିଛି ପ୍ରଭେଦ ରଖୁନି ଅସୀମ ।"

"ଠିକ କଥା । କୋଟି ମୁହୂର୍ତ୍ତରୁ ଏକ ମୁହୂର୍ତ୍ତର ବିଳମ୍ବ ବା ତ୍ୱରିତ । ଏତେ ଯେ ମୁହୂର୍ତ୍ତ ତା' କେବେ ଗଣି ହୁଏନା । ସେ ଭିତରେ ଆଉ କିଛି ମୁହୂର୍ତ୍ତମ ମାତ୍ର ।"

"ସତରେ ଆବଶ୍ୟକ ନାହିଁ ।"

"ତଥାପି ମନରେ ପ୍ରଶ୍ନ ଆସେ ।"

"କିଏ ଯଦି ରହିଗଲା, ତା'କୁ ସାହାର୍ଯ୍ୟର ଆବଶ୍ୟକତା ଅଛି । ଏଇ ପ୍ରଶ୍ନ କରିବାକୁ ଚାହୁଁଛତ ?"- ଅସୀମ ଶୋଭନା କହିବା ଆଗରୁ କହିଦେଲେ ।

"ଠିକ, ସାହାର୍ଯ୍ୟର ଆବଶ୍ୟକତା ଅଛି ତ ।"

ISSN NO.
2582-208X

"ଶୋଭନା, ସାହାର୍ଯ୍ୟର କିଛି ଆବଶ୍ୟକତା ନାହିଁ । ପ୍ରକୃତି ସେତିକି ଶକ୍ତି ଭରି ଦେଇଛି ବାହୁରେ, ଫ୍ଲିପରରେ, ସେତିକିରେ ସେ ନିଜକୁ ମୁକ୍ତ କରିପାରିବ । ଯଦି ବାହୁରେ ଶକ୍ତି ନାହିଁ, ଏତିକିରେ ଯାତ୍ରା ସମାପ୍ତ ହେବ ।"

"କଥା ଟିକିଏ ତିକ୍ତ । ତୁମେ ହୃଦୟହୀନ ହୋଇଯାଉଛି ଅସୀମ ।"

"କିନ୍ତୁ ଏହାହିଁ ସତ୍ୟ ଶୋଭନା, ସାହାର୍ଯ୍ୟର ମୋଟେ ଆବଶ୍ୟକତା ନାହିଁ । ଯାତ୍ରା ସବୁ ସ୍ୱତନ୍ତ୍ର, କାହାର ଅତି ଦୀର୍ଘ ତ କାହାର ଅତି କ୍ଷୁଦ୍ର । ବାସ ସେତିକି ମୁହୂର୍ତ୍ତ ଯାଏ ଯାତ୍ରା ଶୋଭନା ।"

ଏ ଭିତରେ ପ୍ରଥମ କଚ୍ଛପ ଛୁଆଟି ସାମାନ୍ୟ ମୁଣ୍ଡ କାଢ଼ିନେଲା । ତା' ଆଖି ଆଉ ଥଣ୍ଟ ସ୍ୱଷ୍ଟ ଦେଖାଯାଉଥିଲା । କାନ୍ଧ ପାଖର ଫ୍ଲିପର ତଥାପି ବାଲିରେ ଥିଲା । ଛୁଆଟି ଏପଟ ସେପଟ ହୋଇ ବାଲି ଠେଲୁଥିଲା । କିଛି ଠେଲି ଥକି ଯାଉଥିଲା ଆଉ ଧିରେ ତା' ବେକ ପାଖର ଦୁଇ ଫ୍ଲିପର ବାହାରି ଆସିଲ ।

"ଅସୀମ, ଚେଷ୍ଟା ସଫଳତା ଦିଏ ।"

"ପ୍ରଚେଷ୍ଟା । କ୍ରମାଗତ ଚେଷ୍ଟା । ଆଉ କଚ୍ଛପ ଛୁଆଟି ନିଜକୁ ବାଲିର ବନ୍ଧନରୁ ମୁକ୍ତ କରୁଛି ।"

"ଏକ ବିରାଟ ପାହାଡ, ନିଜକୁ ତା' ଭିତରୁ ବାହାର କରୁଛି । ଅନ୍ଧାରର ପର୍ବତକୁ ଚେଷ୍ଟା କେବଳ ଦୂରୀଭୂତ କରିପାରେ ।"

ଛୁଆଟି ନିଜର ଚେଷ୍ଟା ସେମିତି ଚଲେଇଥିଲା ଆଉ ଧିରେ ତା'ର ପ୍ରଥମ ଦୁଇ ଫ୍ଲିପର ବାଲିରୁ ମୁକ୍ତ ହୋଇଗଲା । ଛାତିରୁ ତଳ ଅଂଶ ଏପର୍ଯ୍ୟନ୍ତ ବାଲିର ଭିତରେ । କଚ୍ଛପ ଶିଶୁଟି ତଳ ଫ୍ଲିପରେ ଭିତରେ ସାମାନ୍ୟ ବାଲିକୁ ଠେଲୁଥିବ ଆଉ ଆଗ ଫ୍ଲିପରର ଦ୍ୱାର ନିଜକୁ ଆଗକୁ ଠେଲିବାକୁ ଚେଷ୍ଟା କରୁଥିଲା । ତାସହ ମଧ୍ୟ ଅନ୍ୟ ଛୁଆମାନେ ନିଜ ମୁକ୍ତିର ଭିନ୍ନ

ISSN NO. 2582-208X

ଭିନ୍ନ ସୋପାନରେ ଥିଲେ । ପ୍ରଥମ ଛୁଆଟି ଫ୍ଲିପରରେ ନିଜକୁ ଆଗକୁ ବଢାଇବାକୁ ଚେଷ୍ଟା କରୁଥିଲା । ଥକି ଯାଉଥିଲା, ସାମାନ୍ୟ ରହିଯାଉଥିଲା ଆଉ ପୁଣି ନିଜ ଚେଷ୍ଟା ବଜାୟ ରଖୁଥିଲା

"ଅସୀମ, ଛୁଆର ଭିତରେ ଏତେ ଶକ୍ତି ଆସୁଛି କେମିତି? ନିଜକୁ ମୁକ୍ତ କରିବାକୁ ଚେଷ୍ଟା କେମିତି ଚଳାଇଛି ? ଆଶ୍ଚର୍ଯ୍ୟ ଲାଗୁନି କି ?"

"ଶୋଭନା ମୁଁ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଉଛି । କାଲି ପର୍ଯ୍ୟନ୍ତ ବାଲି ଭିତରେ ପୋତିହୋଇଥିଲା, ଏକ ଅଣ୍ଡା ଭିତରେ ଜୀବନ ଆବଦ୍ଧ ଥିଲା । ଆଜି ବାହାରକୁ ଆସୁଛି, ନିଃଶ୍ୱାସ ନେଉଛି ।"

କଚ୍ଛପ ଛୁଆମାନଙ୍କ ପ୍ରଚେଷ୍ଟା ଜାରି ରହିଥିଲା । ଶେଷରେ ପ୍ରଥମ ଛୁଆଟି ବାଲିରୁ ମୁକ୍ତ ହୋଇଗଲା । ଏବେ ଶରୀର ପଛ ଦୁଇ ଫ୍ଲିପର କାମ କରୁଥିଲା ଆଉ ଆଗ ଦୁଇ ଫ୍ଲିପର ଖୋଲିଯାଇଥିଲା । ଛୁଆଟି ବାହାରି ଆସିବା ପରେ ସାମାନ୍ୟ ବିରତି ନେଲା ଆଉ ତା' ପରେ ପୁଣି ପ୍ରଚେଷ୍ଟା । ସେଇ ଛୋଟ ଗାତଟି ଛୁଆ ପାଇଁ ବଡ ହୋଇଯାଇଥିଲା । ସେ ନିଜର ଆଗ ଦୁଇ ଫ୍ଲିପରରେ ନିଜକୁ ଜୋରରେ ଠେଲି ଦେଉଥିଲା ଆଉ ପରେ ପଛ ଦୁଇ ଫ୍ଲିପର କାମ କରୁଥିଲା । ବାଲି ସାମାନ୍ୟ ଆଡେଇ ହୋଇଯାଉଥିଲା ଆଉ ଛୁଆଟି ଟିକେ ଆଗେଇ ଯାଉଥିଲା । ତା' ଆକାର ପାଇଁ ବାଲି ଥିଲା ଏକ ବିରାଟ ପର୍ବତ । ଛୁଆଟିର ଗତି ଏକ ଫ୍ରି ଷ୍ଟାଇଲ ସନ୍ତରଣକାରୀ ଭଳି ଲାଗୁଥିଲା, ପ୍ରଥମେ ଦୁଇ ହାତ ଜୋରରେ ପାଣିକୁ ପଛକୁ ଠେଲିଦିଏ ଆଉ ପରେ ଦୁଇ ଗୋଡ ପାଣିକୁ ପଛକୁ ଠେଲେ । ହାତ ଏକ ପୂର୍ଣ ବୃତ୍ତ ପ୍ରାୟ ନେଇଯାଏ । ସେମିତି ଥିଲା କଚ୍ଛପ ଛୁଆଟିର ଫ୍ଲିପରର ପ୍ରଥମ ଗତି ।

ତାପରେ ଅନେକ ଅନେକ ପ୍ରଚେଷ୍ଟା । ଏ ଭିତରେ ବହୁ କଚ୍ଛପ ଛୁଆ ଗାତରୁ ମୁକ୍ତ ହୋଇସାରିଥିଲେ । ସେମାନେ ସମସ୍ତେ ସେଇମିତି ଗତିରେ ଆଗକୁ ଯିବାକୁ ଚେଷ୍ଟା କରୁଥିଲେ । ଦିଗ ଜାଣି ନାହାନ୍ତି, କିଛି ବୁଝି ପାରୁନାହାନ୍ତି, କିନ୍ତୁ ହାତ ଗୋଡ ହଲାଇ ଆଗକୁ ବାସ୍ ବଢିଯାଉଛନ୍ତି । ଯିଏ ଯେଉଁ ଦିଗକୁ ସମ୍ଭବ ସେଇ ଦିଗକୁ ଚାଲିଯିବାକୁ ଚେଷ୍ଟା

ISSN NO.
2582-208X

କରୁଛି । ଚେଷ୍ଟା ସାମାନ୍ୟ କମ ହେଉନି । ପ୍ରଥମ ଛୁଆଟି ଗାତକୁ ଅତିକ୍ରମ କରିଯାଇଥିଲା। ଅସୀମ ଆଉ ଶୋଭନା ବିସ୍ମୟ ସହକାରେ, ସଂମ୍ପୂର୍ଣ ଅଭିଭୂତ ହୋଇ ପ୍ରକୃତିର ଚମତ୍କାର ଦେଖୁଥିଲେ । ସେମାନଙ୍କର ମୁହଁରେ ଭାଷା ଆସୁନଥିଲା ।

"ଆଉ ତା'ପରେ କେଉଁ ଦିଗ ?"- ଶୋଭନା ନିଜକୁ ଯେମିତି ପଚାରୁଥିଲେ ।

ଗୋଟିଏ ପଟେ ଥିଲା ସମୁଦ୍ରର ଢେଉ, ଆଉ ଅନ୍ୟ ପଟେ ଥିଲା କିଛି ଲତା, ତା'ପରେ ଗଛମାନ କୂଳରେ । ସେ ଦିଗକୁ ଗଲେ କଚ୍ଛପର ଛୁଆ ଦିଗହୀନ ହୋଇଯିବ ଆଉ ପାଣି ପାଖରେ ପହଞ୍ଚିପାରିବନି । ଅନ୍ୟ ଦିଗକୁ ଗଲେ ସେ ଛୁଆ ପାଣି ପାଖରେ ପହଞ୍ଚି ନିଜ ଜୀବନର ଲମ୍ବା ମହାନ ଯାତ୍ରା ଆରମ୍ଭ କରିବ । କିନ୍ତୁ ଦିଗ ପାଇବ କେମିତି ? କେହି ବାଟ ଦେଖାଇବାକୁ ନାହାନ୍ତି । ସମୁଦ୍ର ପାଣି ଉପରେ ବୋହୁଥିବା ପବନରୁ ସେମାନେ କ'ଣ ଓଦା ପାଣିର ସ୍ୱାଦ ଜାଣିସାରିଲେଣି ? ସେଇମାନେ କ'ଣ ପବନରେ ବୋହିଆସୁଥିବା ଢେଉର ଭାଙ୍ଗି ପଡୁଥିବା ଶବ୍ଦକୁ ଜାଣି ପାରୁଛନ୍ତି ? କ'ଣ ସେମାନଙ୍କୁ ପାଣିର ଦିଗକୁ ନେଇଯିବ ?

ଅସୀମ ଆଉ ଶୋଭନାଙ୍କୁ କିଛି କରିବାର ନଥିଲା । ପ୍ରଥମ ଛୁଆଟି ଘୋଷାରି ହୋଇ ଦିଗ ବଦଳାଇଦେଲା । ତା'ପରେ ସାମାନ୍ୟ ଏପଟ ସେପଟ ବୁଲି ପଡିଲା ଆଉ ଶେଷରେ ତା' ମୁହଁ ପାଣି ଆଡକୁ ହୋଇଗଲା । କେହି କିଛି କରିନାହାନ୍ତି । ସେ ନିଜର ଦିଗ କାହା ନିର୍ଦ୍ଦେଶରେ ପାଣି ଆଡକୁ ବୁଲାଇଦେଲା ତାହା କେହି ଦେଖିନାହାନ୍ତି ଆଉ ତା'ର ଛୋଟ ଶରୀରଟା ପାଣି ଆଡକୁ ଘୋଷରି ଯାଉଥିଲା । ବାଲିରେ ତା' ଘୋଷରା ଚିହ୍ନ କିଛି ରହିଯାଉଥିଲା । ସ୍ୱଷ୍ଟ ଚିହ୍ନ । ସେମିତି ପଛେ ପଛେ ଆଉ କେତେ କଚ୍ଛପ ଛୁଆ ନିଜ ନିଜର ଦିଗ ଠିକ କରିନେଇ ପାଣି ଆଡକୁ ମୁହଁ କରିଦେଇଥିଲେ । ସେମାନେ କେତେବେଳେ ବଡ କୁଦଟିଏ ଚଢିଯାଉଥିଲେ ଆଉ ତଳକୁ ଓହ୍ଲାଇ ଆସୁଥିଲେ । କେତେବେଳେ ଓଲଟି ଯାଉଥିଲେ । ସେମାନଙ୍କ ଛୋଟ ଛୋଟ ଫ୍ଲିପରମାନ ଜୋରରେ ହଲୁଥିଲା ସତେ ଯେମିତି ଆହୁଲା ମାରୁଛି । ଶେଷରେ ସେମାନେ କେମିତି ନିଜକୁ ସିଧା

ISSN NO.
2582-208X

କରାଇଦେଇ ଯାତ୍ରା ପୁଣି ଆରମ୍ଭ କରିନେଉଥିଲେ । ଏକ ଯାତ୍ରାରେ ସାମାନ୍ୟ ବିଶ୍ରାମ ଅଛି, କିନ୍ତୁ ଯାତ୍ରାରେ ପୂର୍ଣ ବିରତି ନାହିଁ ।

"ପ୍ରଥମ ଛୁଆଟି ଏବେ ପାଣିର ଧାରରେ । ଓଦା ବାଲି । ତା' ଦେହ ଥରିଯାଉଥିବ ଅସୀମ।"- ଶୋଭନା କହିଲେ ।

ସେମାନେ ଦୁଇଜଣ ପ୍ରଥମ ଛୁଆଟିକୁ ଦେଖୁଥିଲେ । ପାଣି ଆସି ତା'କୁ ପ୍ରଥମେ ଛୁଇଁଲା । ମଣିଷ ଛୁଆକୁ ପ୍ରଥମେ ପାଣିରେ ବୁଡାଇଦେଲେ ସେ ଜୋରରେ ହାତ ପାଦ ଛାଟେ । ପାଣିରେ କ'ଣ ଅଛି କେଜାଣି? ମନକୁ ମନ ହାତ ପାଦ ସମସ୍ତେ ଛାଟନ୍ତି । ଆଉ ଏ ଛୁଆଟି ହାତ ପାଦ ଟିକେ ଛାଟିଲା । ପାଣିର ପ୍ରଥମ ଆସ୍ୱାଦ । ତା' ଦେହରେ ବାଲି ଚଢିଯାଇଥିଲା । ପାଣି ଫେରିଗଲା ଆଉ ଛୁଆଟି ନିଜର ଯାତ୍ରା ଗଭୀର ପାଣିକୁ ଜାରି ରଖିଲା । ଶେଷରେ ଏକ ବଡ ଢେଉ । ଛୁଆଟି ଭାସିଲାନି, ଢେଉ ଭିତରେ କେଉଁଠି ବୁଡିଗଲା । ପୁଣି ପାଣି ଫେରିଗଲା । ଏକ ପଥର ବାଲିର ଧାରରେ ଭଳି ଲାଗୁଥିଲା ଛୁଆଟି। ଢେଉ ପରେ ଢେଉ ଆସିଲା ଆଉ ଛୁଆଟି ସେମାନଙ୍କ ନଜରରୁ ଦୂରକୁ ଚାଲିଗଲା, ତା' ନିଜ ଜନ୍ମ ସ୍ଥାନରୁ ପ୍ରଥମ ଯାତ୍ରା ଆରମ୍ଭ ହୋଇଯାଇଥିଲା ।

"ଅସୀମ, ପାଣିର ଶେଷ ନାହିଁ ।"

"ଶୋଭନା, ପାଣିରେ ଦିଗ ନାହିଁ ।"

"ଅସୀମ, ପାଣିର ଉପରେ ଫୋଟକା, ଉଠି ପୁଣି ଫାଟିଯାଉଛି । କିଛି ସ୍ଥିର ନାହିଁ ।"

"ଶୋଭନା, ପାଣିରୁ ଆଉ ଥରେ ଫୋଟକା ଉଠିବ, ତା' ଭିତରେ ବାୟୁ ଭରିଥିବ, ପୁଣି ଉପରେ ଫୁଟିଯିବ ।"

"ଅସୀମ, ଛୁଆଟି ଯେ ହଜିଗଲା ।"

"ଆଖି ଆଗରେ ଆମର ହଜିଗଲା ଶୋଭନା । କିନ୍ତୁ ନିଜ ଯାତ୍ରାରେ ସେ ହଜିବନି ।"

ISSN NO.
2582-208X

"ଆଶ୍ଚର୍ଯ୍ୟ ଲାଗୁଛି । ଏତେ ଛୋଟ ଛୁଆ । ହାତ ପାପୁଲିର ଅଧା ବି ହେବନି । ଆଉ ଏକ ଲମ୍ବା ଯାତ୍ରା ଆରମ୍ଭ କରିବ ।"

"ମୁଁ ମଧ୍ୟ ଆଶ୍ଚର୍ଯ୍ୟ ହେଉଛି ଶୋଭନା । ଯାତ୍ରା ଏଇ କେଉଁ ଛୋଟ ନୁହେଁ । ହଜାର ହଜାର କିଲୋମିଟରର ଯାତ୍ରା । କାହିଁ ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ଲମ୍ବା ହୋଇଯାଇପାରେ । ଆଉ କିଏ ଦିଗ ଦେବ ?"

"ରାସ୍ତାରେ ଥିବେ ଅଗଣିତ ଶତ୍ରୁ । କେମିତି ସେ ଭିତରେ କେମିତି ଜୀବନ ରଖିବ ଆଉ ନିଜ ଯାଗାରେ ପହଞ୍ଚିବ । କେତେ ଦିନ ଲାଗିବ ? କେତେ ମାସ ଲାଗିବ ? କେତେ ବର୍ଷ ଲାଗିବ ?"

"ଅସୀମ, ବିନା ନିର୍ଦ୍ଦେଶରେ ଯାତ୍ରା! ବିନା ନେତୃତ୍ୱରେ ଯାତ୍ରା, ବିନା ସହାୟରେ ଯାତ୍ରା? ବିନା ଆଦେଶ ବା ଅନୁରୋଧରେ ଯାତ୍ରା । ଏ ଯାତ୍ରା ଅଦ୍ଭୁତ, ଅତି ଅଦ୍ଭୁତ ।"

"ଶୋଭନା, ସବୁର ପଛରେ ଏକ ଅଦୃଶ୍ୟ ଇଙ୍ଗିତ ଅଛି ।"

"ହଁ, ଅସୀମ, ଏକ ଅଦୃଶ୍ୟ କିନ୍ତୁ ସ୍ୱଷ୍ଟ ନିର୍ଦ୍ଦେଶ ।"

ଅସୀମ ଆଉ ଶୋଭନା କିଛି କହିପାରିଲେନି । ଜଳକଣାଭରା ପବନ ସେମାନଙ୍କ ପାଖକୁ ବୋହିଆସୁଥିଲା । ଗୋଟିକ ପରେ ଗୋଟିଏ ହୋଇ କଚ୍ଛପ ଛୁଆମାନେ ପାଣି ଭିତରେ ଅଦୃଶ୍ୟ ହୋଇଯାଉଥିଲେ । ସେମାନଙ୍କ ଯିବାର ଛାପ ପାଣିରେ ଧୋଇ ହୋଇଯାଉଥିଲା । ଟିକେ ଶୁଖିଲା ବାଲିରେ ଯାହା ସାମାନ୍ୟ ଚିହ୍ନ ଥିଲା, ତା'ପରେ କିଛି ନାହିଁ । ପାଣିରେ ସବୁ ନିଶ୍ଚିହ୍ନ ହୋଇଯାଉଛି । ପାଣି ଉପରେ ସେମାନେ କାହିଁ ଭାସୁଥିବାର ଭଳି ଦିଶୁ ନାହାନ୍ତି । ଆକାଶରେ ତାରରା ଆଲୋକ । କିଛି ସ୍ୱଷ୍ଟ ନାହିଁ । ମଣିଷ ଆଖିରେ କିଛି ଭଲ କରି ଦିଶୁନି କିନ୍ତୁ ଆଉ କାହାର ଆଖିରେ ? ଏ ଛୁଆମାନଙ୍କ ଆଖିରେ ଅତି ସ୍ୱଷ୍ଟ ଦିଶୁଥିବ ନିଜ ଯାତ୍ରାର ପଥ ।

ISSN NO.
2582-208X

ରାତି ଗଡି ଯାଉଥିଲା । ଆଉ କେତେଟା ଗାତରୁ ମଧ୍ୟ କଚ୍ଛପ ଛୁଆମାନେ ମୁକ୍ତ ହୋଇଥିଲେ । ସମସ୍ତେ ନିଜ ନିଜର ଯାତ୍ରା ଆରମ୍ଭ କରିଦେଇଥିଲେ । ରକ୍ଷୀମାନେ ସମାନଙ୍କୁ ଲକ୍ଷ୍ୟ ରଖିଥିଲେ । କାହା ଯାତ୍ରାରେ ବିଘ୍ନ ନଘଟୁ । ଲହଡିର ଆକାର ଛୋଟ ହୋଇ ଆସିଲା । ତାରାର ଆଲୋକ ସ୍ପଷ୍ଟ ହୋଇ ଆସିଲା । ପ୍ରତିଟି ଲହଡିର ଶିଖରରେ ଏକ ଏକ ତାରା ଯେମିତି ଝଲସୁଥିଲା ।

ଅସୀମ ଆଉ ଶୋଭନା ବାକଶୂନ୍ୟ ରହିଲେ ଏକ ବିଶାଳ ଆକାଶ ତଳେ, ଅନ୍ତହୀନ ପାଣିର ଧାରରେ ।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା
ମୋ-୭୩୫୫୬୩୪୩୪୬

ISSN NO.
2582-208X

# ମୁଁ ଯଦି ଦିନକ ପାଇଁ ମୋ' ବାପାଙ୍କ ବାପା ହୁଅନ୍ତି .....



ଶଶଧର ମହାପାତ୍ର

ଯାହାଙ୍କୁ ମୋର ଏ' ପରିପକ୍ୱ ବୟସରେ
କିଛି କହିଥାନ୍ତି ଆଉ ସିଏ ଶୁଣିଥାନ୍ତେ,
ସିଏ ଆଜି ଆମ ଗହଣରେ ନାହାଁନ୍ତି,
ସିଏ ଥିଲେ ମୋ' ବାପା,
ବୋଉ ତାଙ୍କ ପାଞ୍ଚ ବର୍ଷ ଆଗରୁ ଏବେ ସ୍ୱର୍ଗରେ,
ଆଗରୁ ଯାଇ ବାପାଙ୍କ ଅପେକ୍ଷାରେ,
ଅଛି ତା' ନିଜ ଘରେ, ସରଗପୂରରେ ?
ମୁଁ ଯଦି ଦିନକପାଇଁ ତାଙ୍କ ବାପା ହେଇଥାନ୍ତି,
ତେବେ ଯାଇ ପଚାରନ୍ତି– ଖାଇଲଣି ?
କାହିଁକି ମୁହଁ ଶୁଖି ଯାଇଛି ? ଉଦାସିଆ ଦିଶୁଛ ?
ଠିକ୍ ସମୟରେ ଖାଇଲେ ଓ ଠିକ୍ ସମୟରେ ଶୋଇଲେ
ସ୍ୱାସ୍ଥ୍ୟ ଭଲ ରୁହେ ବୋଲି ତୁମେ କ'ଣ ଜାଣିନାହଁ ?
ନା, ଭୁଲି ଗଲଣି ଯାହା ଆମକୁ ଦିନେ ଶିଖେଇଥିଲ ?
ଆମ ପିଲାବେଳେ ଯେଉଁ ଦିବ୍ୟ ଜ୍ଞାନ ଦେଇଥିଲ ?
ଶାସ୍ତ୍ରରୁ ପଦେଅଧେ ଗାଇଦେଇ ଚେତାଇ ଦେଉଥିଲ ?
ଦେଖ ! ଏବେ ବଦଳି ଗଲାଣି ସମୟ !
କିନ୍ତୁ, ତୁମେ ବଦଳି ପାରିନାହଁ,

ISSN NO.
2582-208X

ତୁମେ କ'ଣ ସତରେ ଅନ୍ତରରେ କାନ୍ଦ ?
ଆଉ କେତେ ଦିନ କାନ୍ଦିବ ?
କ'ଣ ଏମିତି ଜୀବନ ସାରା ?
ମୁଁ ତ ମୋ' ଜୀବନ ତମାମ ଦେଖି ଆସିଛି
ତୁମେ ଅନ୍ତରରେ କାନ୍ଦିବାର ?
ସବୁବେଳେ ଚୁପ୍‌ଚାପ୍, କାହାକୁ କିଛି ନ କହିବାର ?
କେବେ ଦେଖିନାହିଁ ହସିବାର,
ହେ, ସ୍ଥିତପ୍ରଜ୍ଞ, ସାଧକ, ମହାପୁରୁଷ !
ଏବେ ଟିକେ ହସ, ମନ ଖୋଲି ଟିକିଏ ହସ,
ଆମ ପାଇଁ ହସ, ଆହୁରି ହସ, ଆହୁରି....ହସ
ହସିଲେ କାଳେ ବଢ଼ିଯାଏ ଆୟୁଷ !
ଦେଖ ! ରାତି ପାହି ଆସିଲାଣି ନୂଆ ସକାଳ,
ଫର୍ଚା ଫର୍ଚା ଦିଶିଲାଣି ରାସ୍ତା, ଘାଟ, ପାଟ,
ଚାରିଆଡ, ନଈ ଆଉ ନାଳ,
ଆମେ ଛୋଟ ଥିଲା ବେଳେ ଆମକୁ ନେଇ
ଯେଉଁ ସ୍ୱପ୍ନ ଦେଖିଥିଲ, ସେ' ସବୁ ଏବେ ପୁରୁଣା ହେଲାଣି,
ସେଥିରୁ ବୋଧହୁଏ କିଛି ପୂରଣ ହେଇଛି, ଆଉ କିଛି ହେଇନି,
ସେଥúପାଇଁ ଆଦୌ କିଛି ଚିନ୍ତା କରନି !
କ'ଣ ପାଇଁ ଦୀର୍ଘଶ୍ୱାସ ଛାଡୁଛ !
କ'ଣ ପାଇଁ ଭାବୁଛ ତୁମେ ହାରି ଯାଇଛ !
ଦେଖ ! ପିଲାମାନେ ଖୁବ୍ ପାରି ଗଲେଣି,
ଏ' ଦୁନିଆକୁ ଚିହ୍ନିବା ଶିଖିଗଲେଣି,
ଏବେ ସମୟ ଆସିଛି ପେଟେ ଖାଅ,
ବଡି ଭୋର୍‌ରୁ ନ ଉଠି ମନଭରି ବେଶୀ ବେଳ ଯାଏ ଶୁଅ,
ଦିନ ସାରା ନ ଦୌଡି ଟିକିଏ ଆରାମ କର,

ISSN NO.
2582-208X

ଏବେ ଆଉ ନୂଆ ନୂଆ ସ୍ୱପ୍ନ କିଛି ଦେଖ !
ତୁମ ବେଳର ସେ' ମାଟି କାନ୍ଥ, ଚାଳ ଘର, ମାଟି ହାଣ୍ଡି,
ମାଟି ଚୂଲୀ, ଘସି କି କୁଟା ଜାଳ ଓ ଫୁଙ୍କା ନଳ,
ଫୁଙ୍କି ଫୁଙ୍କି କଳା ଧୂଆଁରେ ରୋଷେଇ କରିବା ବେଳ,
ଗଲାଣି ସେ' କାଳ, ବଞ୍ଚିବାପାଇଁ ଦିନରାତି ସଂଘର୍ଷ,
ଓଃ ସିଏ କି କଷ୍ଟ !
ଦେଖ ! ଏବେ ତା' ପରିବର୍ତ୍ତେ ଗାଁ ସାରା କୋଠା ଘର,
ଚାରିଆଡେ କଂକ୍ରିଟର ଜଙ୍ଗଲ,
ଘରେ ଘରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ହାଡି, ମାଇକ୍ରୋୱେଭ୍ ଓଭେନ୍,
ଫ୍ୟାନ୍‌ସି ଇଣ୍ଡେନ ଚୂଲା, ଗ୍ୟାସ ଚୂଲା, ଗ୍ରାଇଣ୍ଡର,
ରେଫ୍ରିଜେଟର, ଏ.ସି., ସିଲିଂ ଫ୍ୟାନ, ନଳ ପାଣି,
ଇଣ୍ଟରନେଟ୍, ସେଲ୍ ଫୋନ, ଆଉ କେତେ କ'ଣ !
ଆମେ ପରା ଏକବିଂଶ ଶତାବ୍ଦୀର ମଣିଷ,
ଦେଖ ! ଗାଁ'ରେ ଏବେ ଲୋକେ କେତେ ଖୁସୀ,
ପେଟ ଭିତରେ ପେଟେ ଛଳନା,
କିନ୍ତୁ ଦେଖିଲେ ଦିଅନ୍ତି ହସି,
ଆମ ଶିକ୍ଷିତ ପୀଢି କରୁଛନ୍ତି ନୂଆ ରାଜନୀତି,
ତାଙ୍କଠୁଁ ଶିଖ, କେମିତି ଗୋଡ ଟଣାଯାଏ ପିଣ୍ଡାରେ ବସି ?
ତୁମ ପୀଢି କଟିଥିଲା ଖଟି ଖଟି,
ନିଜେ ଉପାସ ଭୋକରେ ରହି ଆମକୁ ପେଟେ ଖୁଆଇଛ,
କେବେ ମନଖୋଲି ନ ହସି, ଆମକୁ ହସେଇଛ,
ସବୁବେଳେ ନୀରବତାକୁ ଆପଣେଇ ନେଇଛ,
ଏବେ ତୁମେ ଓ ବୋଉ ଦିହେଁ ପାଖରେ ବସ,
ଟିକେ ମନ ଖୋଲି ହସ, ନିରାଶ ନହୋଇ ହସ,
ଚାହଁ ଖୋଲା ଆକାଶକୁ,

ISSN NO.
2582-208X

ଦେଖ ଆକାଶରେ କି ସୁନ୍ଦର ଦିଶେ
ପୂର୍ଣ୍ଣ ଚନ୍ଦ୍ର ଓ ଅଗଣିତ ନକ୍ଷତ୍ର,
ଏହା ନିଶ୍ଚିତ ଭାବେ ସତ ଯେ ପୂର୍ଣ୍ଣ ହେଇଛି ତୁମ ଅଭିଳାଷ,
ଆମ ସଫଳତା ପାଇଁ ହସ, ଆହୁରି ହସ, ଆହୁରି...ହସ
ତୁମେ ପରା କହୁଥିଲ -
ପାଠ ନପଢ଼ିଲେ କାଟିବ ଘାସ,
ମୁହଁ ଟେକି ପାରୁ ନଥିବ,
ଦୁନିଆଟା ଛି ଛିକର କରିବ,
ଆମକୁ ଉପହାସ କରିବ,
ସେତେବେଳେ କାନ୍ଦିଲେ କେହି ପାଖରେ ନଥିବେ ଶୁଣିବାକୁ,
ତୁମେ ନଥିବ ଆମର ଦୁଃଖ ଓ ଦୁର୍ଦ୍ଦଶା ଦେଖିବାକୁ,
କିନ୍ତୁ, ସତରେ ଓଲଟି ଗଲା ଆମ ଭାଗ୍ୟ,
ଓଲଟି ଗଲା ଆମ ଭବିଷ୍ୟତ,
ଆମେ ଖୁସିରେ ଗାଉଛୁ ସଫଳତାର ସଂଗୀତ
ହେ ଆଦ୍ୟ ଗୁରୁ,
ଜନ୍ମ ଦେଇ ଧନ୍ୟ କରିଛ ଆମର ଜୀବନ,
ତୁମେ ଆମପାଇଁ ଭଗବାନ,
ତୁମକୁ ନିତି ଖୋଜୁଥାଏ ଏ' ମନ,
ଏ' ଖିଆଲି ମନରେ ନିତି ଆସ !
ଗୋଟିଏ ମୁହୁର୍ତ୍ତପାଇଁ ଦେଖାଦିଅନ୍ତନି ?
ମାତ୍ର, ଗୋଟିଏ ମୁହୁର୍ତ୍ତ ! ଗୋଟିଏ ଛୋଟିଆ ମୁହୁର୍ତ୍ତ !
ହଁ, ସମୟ ଦେଲାଣି ଇଙ୍ଗିତ,
ଆମେ ଏବେ ସବୁ ଭାଇ, ଭଉଣୀ ବାର୍ଦ୍ଧକ୍ୟରେ ଉପନୀତ,
ଜୀବନ ଓ ମରଣ ଭିତରେ
କଡ ମୋଡିଲାଣି ସମୟର ବାଙ୍କ,

ISSN NO.
2582-208X

ଥରିଲାଣି ଗୋଡ, ମୁଣ୍ଡ ଆଉ ହାତ,
କିଏ ଜାଣେ ଆଉ କେତେ ଦିନ ?
ଏଠି ଏବେ ସିନା ହୋରି ଖେଳୁଛି ବସନ୍ତ,
ଖୁବ୍ ଶୀଘ୍ର ଆସିଯିବ ହାଡଭଙ୍ଗା ଶୀତ,
ହଁ, ମଞ୍ଜଥରା ଶୀତ !

(ମୋ' ବାପା ୧୯୯୧ ମସିହାରେ ସଂସାର ଛାଡିଥିଲେ)

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍-୩୦୧୮୮୭୭୦୦୨

ISSN NO.
2582-208X

# ମୋ ଅଜ୍ଞାନତା



ଅଳକା ମହାନ୍ତ

ନ କହିବା କଥା କହି ଦେଉଛି ମୁଁ
ନ ଗାଇବାକୁ ଗାଉଛି,
କହିଲେ କହୁଛ ପ୍ରଗଲ୍ଭା ବୋଲି
ନକହିକି ମୁଁ ବିଷ ପିଉଛି ।

ମୋ ସଚ୍ଚୋଟ ପଣିଆ ଭର୍ତ୍ସିତ ଆଜି
ଗରିବ ରେ ଗଣା ହେଉଛି,
ଘରେ ପିଲାଛୁଆ ନାକ ଟେକୁଛନ୍ତି
ସ୍ତ୍ରୀ ବି ତ ତାନା ମାରୁଛି ।

ନିରିମଳ ସ୍ଥାନ ଖୋଜି ଖୋଜି ମୋର
ମୁଣ୍ଡଟା ହୋଇଲା ଟିଣ,
ସହକର୍ମୀ ସବୁ ଗୋଳିଆ ପାଣିରେ
ମାଛ ମାରୁଛନ୍ତି ଜାଣ ।

କର୍ଣ୍ଣ କୁହୁକ କୁ ଜାଣିବା ଆଳରେ
ଜୀବନ ମୋ ବିତିଗଲା,

ISSN NO.
2582-208X

ପାଇଲିନି ତାର ଅଣୁଏ ସନ୍ଧାନ
ମୂର୍ଖାମୀ ରେ ଦିନ ଗଲା।

ସାଲିସ , ମାଲିସ୍, ପଲିସ୍ କଣ
ବୁଝି ହେଲାନାହିଁ ଜମା,
ସଚ୍ଚୋଟ ବୁଦ୍ଧି କୁ ନିର୍ବୋଧତା କହି
ସର୍ବେ କରିଦେଲେ ଏକା।

ଗଧ, ମୂର୍ଖ ଆଉ ଅଜ୍ଞାନ ପରିକା
କେତେ ବିଶେଷଣ ଦେଲେ,
ଅବସର ବେଳେ ଅଧସ୍ତନ ମାନେ
ହସିକରି ଉଡ଼ା ଇଲେ।

ଘରେ ମୁଁ ଅଲୋଡ଼ା ଜୀବଟେ ହୋଇଛି
ଅର୍ଥ ହୀନ ବରିଷ୍ଠତା,
କିଏ ମାନ ଦେବ ମୋ ସଚ୍ଚୋଟତା କୁ
କିପରି ଏ ମାନବତା!!!!!

ଅଧ୍ୟକ୍ଷା
ବି. ଜେ. ଇ. ଏମ. ସ୍କୁଲ -୨
ସତ୍ୟଭାମା ପୁର, ଭୁବନେଶ୍ୱର

ISSN NO.
2582-208X

# ମାଡ୍ରିଡ୍ ଯାତ୍ରା



ଡକ୍ଟର ବିଜ୍ଞାନୀ ଦାସ

୨୦୨୪ ମସିହା ଜୁଲାଇ ୧୦ ତାରିଖ । ମଧ୍ୟାହ୍ନ ଭୋଜନ ସମୟରେ ସ୍ୱରୂପ ପଚାରିଲେ, "ଅକ୍ଟୋବର ୧ ରୁ ୪ ତାରିଖ ପର୍ଯ୍ୟନ୍ତ, ଆମର ଗୋଟିଏ କନଫରେନସ ମାଡ୍ରିଡ୍ ରେ ହେବାର ଅଛି । ତୁ ଯିବୁକି ?'

ସୋନା ଦେଶ ବିଦେଶ ବୁଲିବାକୁ ଭଲପାଏ । ସିଏ ଆଉ ଚିନ୍ତା ନକରି ସିଦ୍ଧାନ୍ତ କରିଦେଲା, "ହଁ, ମୁଁ ଯିବି ।'

ଏ କଥାଟା କହିଦେବା ଯେତେ ସହଜ ଥିଲା, କରିବାରେ ସେତେ ସହଜ ନୁହେଁ । ସେଥିପାଇଁ ଖର୍ଚ୍ଚ ଅଛି; ପ୍ରସ୍ତୁତି ଅଛି, ସମୟ ଦେବାର ଅଛି ଓ ଯାତ୍ରାର କ୍ଲାନ୍ତି ସହିନେବା ପାଇଁ ଶକ୍ତି, ସାମର୍ଥ୍ୟର ମଧ୍ୟ ଆବଶ୍ୟକତା ଅଛି । ସ୍ୱରୂପଙ୍କ ପାଇଁ ତାଙ୍କ କାର୍ଯ୍ୟକ୍ଷେତ୍ର ତରଫରୁ ବିମାନର ଟିକେଟ ସବୁ ସଂରକ୍ଷିତ ହୋଇଗଲା । ସିଏ ଜୁଲାଇ ୨୦ର ତାରିଖ ଦିନ ସେସବୁ ବିମାନର ଟିକେଟ ସମ୍ବନ୍ଧୀୟ ବିବରଣୀ ଜଣେଇଲେ । ସେ ଅନୁଯାୟୀ ୟୁନାଇଟେଡ ଏୟାରଲାଇନସରେ ତାଙ୍କର ଉଡାଣ ସେପ୍ଟେମ୍ବର ୨୯ ତାରିଖ ଦିନ ଅପରାହ୍ନ ୬ଟା ୧୫ରେ ହେବାର ଥିଲା । ତାଙ୍କର ଫେରନ୍ତା ଯାତ୍ରା ଅକ୍ଟୋବର ୪ ତାରିଖକୁ, ମଧ୍ୟାହ୍ନ ୧୨ଟା ୩୦ରେ ଆମେରିକାନ ଏୟାରଲାଇନସରେ ସ୍ଥିରୀକୃତ ହୋଇଥିଲା । ତେବେ ଫେରନ୍ତା ଯାତ୍ରା ଉପରେ ଏତେଟା ବିଶେଷତ୍ୱ ନଦେଇ ୱାସିଂଟନ ଡିସିରୁ ପ୍ରସ୍ଥାନ ସମୟକୁ ଅଧିକ ପ୍ରାଧାନ୍ୟ ଦେଉଥିଲା ସୋନା । କେବଳ ଏକାସାଙ୍ଗରେ ପହଞ୍ଚିଗଲେ ହେଲା । ଫେରିବାକୁ ଏତେ ଚିନ୍ତା କରିବାର ନାହିଁ । ତେଣୁ ୟୁନାଇଟେଡ ଏୟାରଲାଇନସର ପ୍ରସ୍ଥାନ

ISSN NO.
2582-208X

ସମୟକୁ ଆଖି ଆଗରେ ରଖି ସୋନା ଶସ୍ତା ଟିକେଟ ଖୋଜିବାରେ ଲାଗିଲା । ଏବେ ପ୍ରତିଦିନ ଶସ୍ତା ଟିକେଟ ଖୋଜିବା ତାର ଅଭ୍ୟାସରେ ପରିଣତ ହୋଇଗଲା । କିନ୍ତୁ ସେମିତିରେ ଶସ୍ତା ଟିକେଟ ମିଳୁନଥିଲା । ଯାହା ବି ମିଳୁଥିଲା, ସେସବୁ ୮୫୦ ଡଲାରରୁ ଅଧିକ ।

ସୋନା ଭାବିଥିଲା, ଟିକେଟ ୬୦୦ ଡଲାର୍‌ରୁ ଅଧିକ ହେବାର ନୁହେଁ । କିନ୍ତୁ ସେମିତି ହେଲାନାହିଁ । ବେଳେବେଳେ ମନରେ ଚିନ୍ତା ଆସୁଥିଲା, ଏତେ ଖର୍ଚ୍ଚ କରି ଏଇ କେତେଟା ଦିନ ପାଇଁ ସୋନାର ଯିବା ଉଚିତ ହେବ ନା ନାହିଁ । ଏମିତିରେ ସ୍ୱରୂପ ବେଳେବେଳେ କହୁଥିଲେ, "ତୁ ନ ହେଲେ ନ ଯା ।'

"ତମକୁ ସିନା ସରକାର ଅକ୍ଟୋବର ୪ ତାରିଖରେ ଫେରିବାକୁ ବାଧ କରୁଛି । ହେଲେ ମୋର ତ ସେମିତି ବାଧ ବାଧକତା ନାହିଁ । ମୁଁ ଭାବୁଛି ନହେଲେ ଆଉ ଦୁଇଦିନ ଅଧିକ ରହିଯିବି । ସେମିତି କଲେ ଟିକେଟର ଦାମ୍ କମ୍ ଦେଖାଉଛି ।'

"ଏକା ସେଠି ରହିଯିବୁ । କୋଉଠି ରହିବୁ ? ହୋଟେଲ ଖର୍ଚ୍ଚ ବି ଅଛି ନା ନାହିଁ ? ଆଉ ଖାଇବାର ଖର୍ଚ୍ଚ ବି । ମହରଗରୁ ଯାଇ କାନ୍ତାରରେ ପଡିବା କଥା ହେବ ।'

ସୋନା ଆଉ କିଛି କହିଲାନି । ସତରେ ଅଧିକ ଦିନ ରହିଗଲେ କିଛି ସୁବିଧା ହେବନି । ଏକାଏକା ବା କରିବ କଣ ? ଆଉ କଣ ସିଏ ମାଡ୍ରିଡ୍ ଯିବନି ?

ଶେଷରେ ମାଡ୍ରିଡ୍ ଯିବାର ଇଚ୍ଛା ଶକ୍ତି ଜିତିଲା ।

ଏମିତିରେ ଅପେକ୍ଷା କରିକରି ଶେଷରେ ଅଗଷ୍ଟ ୧୨ ତାରିଖରେ ସିଏ ଶସ୍ତାରେ ଟିକେଟ୍ ଦେଖିଲା । ସେ ଟିକେଟ୍‌ର ଭ୍ରମଣ ସୂଚୀ ଅନୁଯାୟୀ, ସୋନାକୁ ଏକା ବିମାନରେ ସ୍ୱରୂପଙ୍କ ସହିତ ଯାତ୍ରା କରିବାକୁ ପଡିବ । କିନ୍ତୁ ଫେରିବା ବେଳକୁ ମରୋକୋ ଦେଇ ଫେରିବାକୁ ପଡିବ । ସୋନା କିଛି ନ ଭାବି ୟୁନାଇଟେଡ୍ ବିମାନରେ ଯିବା ପାଇଁ ବୁକ୍ କରିଦେଲା । ଅନ୍ତତଃ ଏକା ବିମାନରେ ସେମାନେ ଦୁଇଜଣ ଯାତ୍ରା କରିପାରିବେ । ହେଲେ ଫେରିବା ବେଳକୁ ମରୋକୋ ବାଟେ ଫେରିବା ଠିକ୍ ହେବ କି ନା, ସେ ବିଷୟରେ ସିଏ କିଛି ଚିନ୍ତା କରିପାରିଲାନି । ତେଣୁ ସିଏ ହଠାତ୍ ଟିକେଟ୍ ନ କରି ଗୁଗୁଲ୍ ରେ ମରୋକୋ ବିଷୟରେ ଅନେକ ଗବେଷଣା କଲା । କିଛି ବିବରଣୀ ଅନୁଯାୟୀ, ସେଠି ଅଧିକ ଯାଞ୍ଚ ହୁଏ । କିଛି

ISSN NO.
2582-208X

ଯାତ୍ରୀ ଯାଞ୍ଚ ପାଇଁ ଠିକ୍ ସମୟରେ ନିଜ ଦେଶରେ ପହଞ୍ଚିବାକୁ ସକ୍ଷମ ହୋଇନାହାନ୍ତି । ଏମିତି ସବୁ ପଢି ସୋନା ମାଦ୍ରିଦ୍‌ରୁ ଫେରିବା ଟିକେଟ ନକରି ଅପେକ୍ଷା କଲା ।

ୟୁନାଇଟେଡ୍‌ର ୱାଶିଂଟନ ଡିସିରୁ ମାଦ୍ରିଦ୍ କେବଳ ଯିବାପାଇଁ ଟିକେଟ ୪୮୪ ଡଲାର୍ ପଡିଲା । ସେଇଟା ବେସିକ ଇକୋନୋମିର ଟିକେଟ । ସେଥିରେ ସିଟ ସ୍ଥିରୀକୃତ ହୋଇନଥାଏ । ତାପାଇଁ ଅଲଗା ଅର୍ଥ ଦେବାକୁ ପଡିବ । ସୋନା ବଳକା ସିଟ୍ ସବୁ ଦେଖିଲା । ସେଥିରୁ ସ୍ୱରୂପଙ୍କ ସିଟ୍ ପାଖରେ ଗୋଟିଏ ସିଟ୍ ଖାଲି ଥିଲା । ତେଣୁ ସୋନା ସେଇ ସିଟ୍‌ଟିକୁ ୩୩ ଡଲାର ଦେଇ ସଂରକ୍ଷିତ କରିଦେଲା । ଏବେ ମାଦ୍ରିଦ୍ ଯିବା ପାଇଁ ସବୁକିଛି ଠିକ୍ ହୋଇଗଲା । ଫେରିବା ପାଇଁ ଦେଖାଯିବ ।

କିନ୍ତୁ ମାଦ୍ରିଦ୍‌ରୁ ଫେରିବା ପାଇଁ ଯେତେ ସନ୍ଧାନ କଲେ ବି କୌଣସି ଟିକେଟ ୭୦୦ ଡଲାରରୁ କମ୍ ନଥିଲା । କେବଳ ଫେରିବାକୁ ଏତେ ଅଧିକ ଅର୍ଥ ? କଣ ପାଇଁ ? ଶେଷରେ ତା ମୁଣ୍ଡରେ ଗୋଟିଏ ଅଦ୍ଭୁତ ବୁଦ୍ଧି ପଶିଲା । ସିଏ ମାଦ୍ରିଦ୍‌ରୁ ୱାଶିଂଟନ ଡିସି ଫେରସ୍ତ ସହିତ ଟିକେଟ ସନ୍ଧାନ କରିବାରେ ଲାଗିଲା । ସେସବୁ ଗୋଟିଏ ପଥ ଟିକେଟ ଠାରୁ ଶସ୍ତା ହାରରେ ରହିଥିଲା । ହେଲେ ସେମିତି କରିବା ଉଚିତ୍ କି ନୁହେଁ, ଏ ବିଷୟରେ ସିଏ କିଛିଦିନ ଦ୍ୱନ୍ଦ୍ୱରେ ରହିଲା । ପିଲାମାନଙ୍କୁ ପଚାରିଲା । ସେମାନେ କହିଲେ, "ହଁ, ତମେ ସେମିତି କରିପାରିବ । କିଛି ଅସୁବିଧା ହେବନି ।'

ତେଣୁ ଅପେକ୍ଷା କରିକରି ଶେଷରେ ସିଏ ସେପ୍ଟେମ୍ବର ୧୨ ତାରିଖରେ ୟୁନାଇଟେଡ ଏୟାରଲାଇନସରେ ଟିକେଟ କରିଦେଲା । ସେ ଟିକେଟ୍ ଅନୁଯାୟୀ ତାକୁ ମାଦ୍ରିଦ୍‌ରୁ ଅକ୍ଟୋବର ୪ ତାରିଖରେ ୧୨ଟା ୪୫ରେ ଏୟାର୍ କାନାଡା ବିମାନରେ ଟରୋଣ୍ଟୋ ଦେଇ ଯାତ୍ରା କରିବାକୁ ପଡିବ । ଟରୋଣ୍ଟୋରୁ ଆଉ ଗୋଟିଏ ଏୟାର୍ କାନାଡା ବିମାନରେ ୱାସିଂଟନ୍ ଡିସି ଯାତ୍ରା କରିବାକୁ ପଡିବ । ସେସବୁ ସିଦ୍ଧାନ୍ତ ଅନୁଯାୟୀ ସ୍ୱରୂପ ଓ ସୋନା ପ୍ରାୟତଃ ଅଧଘଣ୍ଟାଏ ଅନ୍ତରାଳରେ ମାଦ୍ରିଦ୍ ଛାଡିବେ ଓ ୱାସିଂଟନ୍ ଡିସିରେ ପହଞ୍ଚିବେ । ସ୍ୱରୂପ ଆମେରିକାନ ଏୟାରଲାଇନସରେ ଗ୍ଲାସ୍ଗୋ ଦେଇ ଫେରିବେ, ସୋନା ଏୟାର କାନାଡାରେ ଟରୋଣ୍ଟୋ ଦେଇ ଫେରିବ ।

ସୋନାର ଓ୍ୱାସିଂଟନ୍ ଡିସିରୁ ଫେରନ୍ତା ଯାତ୍ରା ଅକଟୋବର ୨୩ ତାରିଖରେ ଥିଲା, ଯେଉଁଟାକୁ କି ଖାଲି ଛାଡି ଦିଆଯାଇପାରେ । ଏଥିରେ ସମୁଦାୟ ଟିକେଟର ଦାମ ୪୬୩

ISSN NO.
2582-208X

ଡଲାରରେ ହୋଇଗଲା । କିନ୍ତୁ ଏ ଟିକେଟରେ ସିଟ୍ ସିଦ୍ଧାନ୍ତ ହୋଇନଥିଲା । ସିଟ୍ ପାଇଁ ଆହୁରି ୬୦ ଡଲାର ଦେବାର ଥିଲା, କେବଳ ମାଡ୍ରିଡ୍‌ରୁ ଟରେଣ୍ଟୋ ଯାତ୍ରା ପାଇଁ । ସୋନା ଭାବିଲା, "ଏଥର ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବା । ଦେଖିବା, ସେମାନେ ଚେକଇନ୍ ସମୟରେ ସିଟ୍ ଦେଉଛନ୍ତି କି ନାହିଁ ।'

ଏବେ ମାଡ୍ରିଡ୍ ଯାତ୍ରା ପାଇଁ ସବୁ କିଛି ସ୍ଥିରୀକୃତ ହୋଇଗଲା ।

ସେପ୍ଟେମ୍ବର ୨୮ ତାରିଖ । ମାଡ୍ରିଡ୍ ଯିବା ପାଇଁ ଚେକ୍ଇନ୍ ଠିକ୍ ଭାବେ ହୋଇଗଲା । ସୋନାର ୟୁନାଇଟେଡ୍ ସହିତ ମାଇଲେଜପ୍ଲସ୍ ରେ ସଦସ୍ୟତା ଥିଲା । ସେଥିପାଇଁ ସବୁକିଛି ସହଜରେ ହୋଇଗଲା । ଏହାର ଦୁଇଦିନ ପୂର୍ବରୁ ଅକ୍ଟୋବର ୨ ଓ ୩ ତାରିଖରେ ଟୁର୍ ରେ ଯିବାପାଇଁ ସୋନା ଭିୟାଟର୍ ସହିତ ବୁକିଙ୍ଗ୍ କରିଦେଇଥିଲା । ଅକ୍ଟୋବର ୨ ତାରିଖରେ ସିଏ ଆଭିଲା ଓ ସେଗୋଭିଆ ଯିବାକୁ ଏବଂ ୩ ତାରିଖରେ ଟଲିଡୋ ଯିବାକୁ ସ୍ଥିର କରିଥିଲା। ତେଣୁ ସେ ସବୁ ଟୁର୍‌ର ସୂଚନା ସଂଗ୍ରହ କରି ନିଜ ଫୋନରେ ରଖିଲା । ସେସବୁ ସୂଚନାର କାଗଜ ମୁଦ୍ରଣ ବି ରଖିଲା । ହୋଟେଲ୍ ସମ୍ବନ୍ଧୀୟ ସୂଚନା ସମସ୍ତର ମଧ୍ୟ କାଗଜ ମୁଦ୍ରଣ ରଖିଲା ଏବଂ ଫୋନରେ ଫାଇଲ୍ ବି ରଖିଲା ।

ସେପ୍ଟେମ୍ବର ୨୯ ତାରିଖ । ସବୁକିଛି ପ୍ରସ୍ତୁତି ଠିକ୍ ସମୟରେ ହୋଇଗଲା । ମଧ୍ୟାହ୍ନ ଭୋଜନ ପରେ ଘରୁ ଦୁଇଟା ବେଳେ ବାହାରିବାକୁ ସେମାନେ ସ୍ଥିର କରିଥିଲେ । ଏବେ ଏୟାରପୋର୍ଟରେ ଅନେକ ଗହଳ ହେଉଛି । ତେଣୁ ଅନ୍ତର୍ଜାତୀୟ ବିମାନ ଯାତ୍ରା ପାଇଁ ୩ ଘଣ୍ଟା ପୂର୍ବରୁ ଏୟାରପୋର୍ଟରେ ପହଞ୍ଚିବାକୁ ପଡିବ । ସେମାନେ ସେଦିନ ଏୟାରପୋର୍ଟରେ ପ୍ରାୟ ତିନଟା ୪୦ ବେଳକୁ ପହଞ୍ଚିଲେ । ଧାଡିରେ ସେତେବେଳକୁ କମ୍ ସଂଖ୍ୟକ ଲୋକଥିଲେ । ହେଲେ ଏକ ସମସ୍ୟା ଉପୁଜିଲା । ସ୍ୱରୂପ ଗୋଟିଏ ଲଗେଜ ଚେକ୍ କରିବା ପାଇଁ କାଉଣ୍ଟରକୁ ଗଲେ । ସେଠି ପାସପୋର୍ଟ ଦେଖେଇବାକୁ ପଡିଲା । ତାଙ୍କର ସରକାରୀ ପାସପୋର୍ଟ ଥିଲା । ତାକୁ ଦେଖି ଟିକେଟ କାଉଣ୍ଟରରେ ଥିବା ଜଣେ କର୍ମୀ କହିଲେ, "ତମର ମାଡ୍ରିଡ୍ ଯିବାକୁ ଭିସା ନାହିଁ ।'

ସ୍ୱରୂପ ଚମକପଡିଲେ । ସିଏ କହିଲେ, "ଇଏତ ସରକାରୀ ପାସପୋର୍ଟ । ଆମେ ସରକାରୀ କାର୍ଯ୍ୟରେ ଯାଉଛୁ । ମାଡ୍ରିଡ୍‌କୁ ଭିସା କେମିତି ନାହିଁ ।'

ISSN NO.
2582-208X

ସେମାନେ ସୋନାର ପାସପୋର୍ଟ ଚେକ୍ କଲେ ଓ ତାକୁ ପରିଷ୍କାର କରିଦେଲେ । ତେବେ ସ୍ୱରୂପଙ୍କ ପାଇଁ ଉପରିସ୍ଥ କର୍ମଚ୍ଚରୀଙ୍କୁ ଅପେକ୍ଷା କରିବାକୁ ପଡିଲା । ଉପରିସ୍ଥ କର୍ମଚ୍ଚରୀ ଆସି ପାସପୋର୍ଟ ଦେଖିଲେ ଓ କହିଲେ, "ହଁ ଆପଣ ଯାଇପାରିବେ । ଏଇଟା କେବଳ ୟୁନାଇଟେଡ୍‌ର ନିୟମ ଯେ, ବ୍ୟବସାୟ ପାଇଁ ସ୍ୱତନ୍ତ୍ର ଧରଣର ଭିସା ଦରକାର । କିନ୍ତୁ ଆପଣ ବ୍ୟବସାୟ କରିବାକୁ ଯାଉନାହାନ୍ତି, ବରଂ ସରକାରୀ ବ୍ୟବସାୟିକ କାର୍ଯ୍ୟରେ ଯାଉଛନ୍ତି । ତେଣୁ କିଛି ଅସୁବିଧା ନାହିଁ ।'

ଛାତିରୁ ଗୋଟିଏ ପଥର ଖସିବା ଭଳି ମନେହେଲା । ସ୍ୱରୂପ ବି ସେମିତି । ଯାହା ଭାବିଥିବେ ସେଇଆ । ତାଙ୍କ ନିଜ ପାସପୋର୍ଟ ଆଣିଥିଲେ, ସେଥିରେ କିଛି ଅସୁବିଧା ହୋଇନଥାନ୍ତା । ହେଲେ ସିଏ ଯେତିକି ଦରକାର ସେତିକି ହିଁ ଆଣିବେ ।

ଏବେ ସବୁ ଠିକ୍ ହୋଇଗଲା ପରେ ସେମାନେ ସିକୁରିଟି ଗେଟ୍ ଦେଇ ୟୁନାଇଟେଡ୍‌ର ମାଡ୍ରିଡ୍ ଯିବା ପାଇଁ ସ୍ଥିରୀକୃତ ଗେଟ୍ ନମ୍ବର ଡି-୫ ରେ ଯାଇ ବସିଲେ । ସେଇଠି ଅପେକ୍ଷା କରିବା ଭିତରେ ପଢିବା ପାଇଁ ଓ ଯାତ୍ରା ସମୟରେ ପଢିବା ପାଇଁ ପାଖରେ ଥିବା ବହି ଦୋକାନକୁ ଯାଇ ସୋନା ବହିଟିଏ କିଣିଲା । ଘରୁ ବହିଟିଏ ଆଣିବାକୁ ଭୁଲି ଯାଇଥିଲା । ଏ ଭିତରେ ବୋର୍ଡିଙ୍ଗ୍ ପାଇଁ ଘୋଷଣା କରାଗଲା । ସୋନା ଓ ସ୍ୱରୂପ ଆରାମରେ ବୋର୍ଡିଙ୍ଗ୍ କଲେ । ପାଖାପାଖି ବସି ଫଟୋଟିଏ ଉଠାଇ ନିଜ ପିଲାମାନଙ୍କ ପାଇଁ ହ୍ୱାଟ୍‌ସ୍‌ଆପ୍ ଗ୍ରୁପରେ ପଠେଇଲେ । ସମୟ ୬ଟା ପନ୍ଦର । ବିମାନଟି ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭକଲା ଓ ଗତିଶୀଳ ହେଲା । କିନ୍ତୁ ହଠାତ୍ ଗତି ବନ୍ଦ କରିଦେଲା । ଘୋଷଣା କରାଗଲା ଯେ, ସେମାନେ ବସିଥିବା ବିମାନଟି ଯାଞ୍ଚ କରାଯାଉଥିବା ବେଳେ କିଛି ଯାନ୍ତ୍ରିକ ତ୍ରୁଟି ବାହାରିଲା । ତେଣୁ ସମସ୍ତଙ୍କୁ ବିମାନରୁ ବାହାରିବାକୁ ପଡିବ ଓ ଏୟାରଲାଇନସର ନିର୍ଦ୍ଦେଶକୁ ଅପେକ୍ଷା କରିବାକୁ ପଡିବ ।

ଏବେ ସମସ୍ତେ ବିମାନରୁ ଅବତରଣ କରିବାକୁ ପ୍ରସ୍ତୁତି ଆରମ୍ଭକଲେ । ସମସ୍ତେ ବାହାରୁ ବାହାରୁ ୪୫ ମିନଟ୍ ଲାଗିଗଲା । ଏବେ ସମସ୍ତେ ବାହାରି ଗେଟ୍ ଡି-୮ରେ ଅପେକ୍ଷାକଲେ । ସେମାନଙ୍କ ସହିତ ଏମିତି ହେଉଛି ବୋଲି ବିଶ୍ୱାସ ହେଉନଥାଏ । କିନ୍ତୁ ସେସବୁ ଘଟୁଥିଲା। ଏମିତି ଜୀବନରେ ଅନେକ କିଛି ହଠାତ୍ ଘଟିଯାଏ । ତାର କାରଣ ଖୋଜିଲେ ସହଜରେ ମିଳେନି । ସେମିତି ସ୍ୱରୂପ ଓ ସୋନା ଈଶ୍ୱରଙ୍କୁ ପ୍ରାର୍ଥନା କରି ଭବିଷ୍ୟତକୁ ଅପେକ୍ଷା କରି

ISSN NO.
2582-208X

ରହିଲେ । "ହେ ଭଗବାନ ଯାହା କରୁଛ କର, ହେଲେ ଆଜି ଯେ କୌଣସି ମତେ ମାଦ୍ରିଦ୍ ଯାତ୍ରା କରେଇଦିଅ' ।

ତାପରେ ବାର୍ତ୍ତା ଆସିଲା, ଏବେ ବିମାନଟି ୭ଟା ୧୫ରେ ଗେଟ ଡି-୧୫ରୁ ବାହାରିବ । ପୁଣି ୫ ମିନଟ୍ ପରେ ଆଉ ଗୋଟିଏ ବାର୍ତ୍ତା ଆସିଲା ଯେ, ବିମାନଟି ୮ଟା ୧୫ରେ ଗେଟ ଡି-୨୬ରୁ ବାହାରିବ । ସମସ୍ତେ ଯାଇ ଗେଟ ଡି-୨୬ ପାଖରେ ବସିଲେ । ସୋନା ସ୍ୱରୂପଙ୍କୁ କହିଲା, "ଦେଖିବ, ଆହୁରି ଡେରି ହେବ । କାରଣ, ଏତେ ଶୀଘ୍ର କଣ ବିମାନ ଠିକ୍ ହୋଇ ବୋର୍ଡିଙ୍ଗ୍ କରି ବାହାରିପାରିବ ?'

ସତକୁ ସତ ସେଇଆ ହେଲା । ସବୁ ବାର୍ତ୍ତା ଉଭୟ ଫୋନ ଓ ଇମେଲକୁ ଆସୁଥାଏ । ତାପରେ ଇମେଲକୁ ବାର୍ତ୍ତା ଆସିଲା ଯେ ବିମାନଟି ଠିକ୍ ହେବା ପାଇଁ ସମୟ ଲାଗୁଛି । ତେଣୁ ବିମାନ ରାତି ୧୦ଟା ସମୟରେ ଯାତ୍ରା ଆରମ୍ଭ କରିବ । ସୋନା ସେଇଠି ବସିରହିଲା ଓ କିଣିଥିବା ବହିଟିକୁ ପଢୁଥିଲା । ସ୍ୱରୂପ ଯାଇ ଘୁରିଆଡେ ବୁଲିଲେ । ସିଏ ନିଜ ରାତ୍ରଭୋଜନ ଶେଷ କଲେ ଓ ସୋନା ପାଇଁ କିଛି ଶାକାହାରୀ ଡ ଲିଙ୍ଗ୍ ଆଣି ତାକୁ ଖାଇବାକୁ କହିଲେ । ଏବେ ତ ବିମାନ ଯିବାକୁ ଡେରି ହେବ । ତେଣୁ ରାତ୍ରଭୋଜନ ନ ମିଳପାରେ । ସେମିତି ଭାବି ସୋନା ସେ ଡ ଲିଙ୍ଗ୍ ଖାଇ ରାତ୍ରଭୋଜନ ଶେଷ କଲା । ସେଇ ସମୟରେ ୟୁନାଇଟେଡରୁ ଗୋଟିଏ ବାର୍ତ୍ତା ଆସିଲା ଯେ ସେମାନେ ରାତ୍ରଭୋଜନ ପାଇଁ ୧୫ ଡଲାରର କୁପନ୍ ଦେଇଛନ୍ତି । ସେଇ କୁପନ୍ ବ୍ୟବହାର କରି ସିଏ ରାତ୍ରଭୋଜନ କରିପାରିବ । ସୋନା ସେକଥା ସ୍ୱରୂପଙ୍କୁ ଫୋନ କରି ଜଣେଇଦେଲା । ସ୍ୱରୂପ ସେ କୁପନ ବ୍ୟବହାର କରି ଆଉ କିଛି ଖାଦ୍ୟ କିଣିଲେ । ସୋନା ମଧ୍ୟ ସେ କୁପନ ବ୍ୟବହାର କରି ଆଉ କିଛି ଡମ୍ପଲିଙ୍ଗ୍ କିଣିଲା । କାରଣ ସେ ସ୍ଥାନରେ ଆଉ ସେମିତି କିଛି ଶାକାହାରୀ ଖାଦ୍ୟ ଦିଶୁନଥିଲା ।

ସେମାନେ ଡି-୨୬ ଗେଟ ନିକଟରେ ବିମାନ ପାଇଁ ଅପେକ୍ଷା କରି ରହିଲେ । ଶେଷକୁ ଏକ ନୂଆ ବିମାନ ପହଞ୍ଚିଲା । ୯ଟା ୧୫ରେ ବୋର୍ଡିଙ୍ଗ୍ ଆରମ୍ଭହେଲା । ସେଇ ଏକା ଭଳି ବିମାନ। ଏକା ଭଳି ସିଟ୍ । ସେମାନେ ବିମାନ ଭିତରେ ପ୍ରବେଶ କରି ନିଜ ନିଜର ସିଟ୍ ଉପରେ ଅବସ୍ଥାପିତ ହୋଇ ସ୍ୱସ୍ତିର ନିଃଶ୍ୱାସ ମାରିଲେ । ସୋନା ଈଶ୍ୱରଙ୍କୁ ପ୍ରାର୍ଥନା କଲା, "ଆଉ କିଛି ଅସୁବିଧା ନ ହେଉ । ଏ ବିମାନଟି ଠିକ୍ଠାକ୍ ମାଦ୍ରିଦ୍ ରେ ପହଞ୍ଚିଯାଉ ।'

ISSN NO.
2582-208X

ଠିକ୍ ୧୦ଟା ବେଳେ ବିମାନଟି ଗତିଶୀଳ ହେଲା । ସବୁ କିଛି ଠିକ୍ ରହିଲା । ସୋନାକୁ ବହୁତ ନିଦ ମାଡୁଥିଲା । ସିଏ ସାଙ୍ଗେସାଙ୍ଗେ ଶୋଇପଡିଲା । ପ୍ରାୟ ଏକ ଘଣ୍ଟା ପରେ ବିମାନରେ ରାତ୍ରଭୋଜନ ପରିବେଷଣ କରାଗଲା । ସେତେବେଳେ ସିଏ ଉଠି ଭୋଜନକଲା ଓ ତାପରେ ପୁଣି ଶୋଇପଡିଲା ।

ତା ଭିତରେ ୪-୫ ଘଣ୍ଟା ବିତିଗଲା । ବିମାନରେ ପ୍ରାତଃଭୋଜନ ପରିବେଷିତ ହେଲା । ଏବେ ସେମାନେ ସକାଳ ୬ଟା ୧୫ ବଦଳରେ ୧୧ଟା ୧୫ରେ ମାଡ୍ରିଡ୍ ରେ ପହଞ୍ଚିବେ । ସେଦିନ ମାଡ୍ରିଡ୍ ରେ କିଛି ସ୍ଥାନ ବୁଲି ଦେଖିବାର ଯୋଜନା ସବୁକୁ ବଦଳେଇବାକୁ ପଡିବ ।

ପ୍ରାତଃ ଭୋଜନ ପରେ ଆଉ ନିଦ ହେଲାନି । ସୋନା ତା' ବହିଟିକୁ ପଢିଲା ଓ ମାଡ୍ରିଡ୍ ରେ ପହଞ୍ଚିବାକୁ ଅପେକ୍ଷା କରିରହିଲା ।

ମାଡ୍ରିଡ୍‌ର ଏୟାରପୋର୍ଟରେ ଅବତରଣ କରି ବାହାରକୁ ଆସୁଆସୁ ୧୨ଟା ବାଜିଗଲା । ବିମାନରୁ ଆସିବା ପଥରେ ଏକ ରଙ୍ଗୀନ ରାସ୍ତା ଦେଇ ସେମାନେ ବ୍ୟାଗେଜ କ୍ଲେମକୁ ଆସିଲେ । ସେ ପଥର ଦୁଇ ପାର୍ଶ୍ବରେ ବିଭିନ୍ନ ରଙ୍ଗର କାଚ ଲାଗିଥିଲା ଓ ସେସବୁ କାଚ ସୂର୍ଯ୍ୟକିରଣରେ ପ୍ରତିଫଳିତ ହୋଇ ଏକ ରଙ୍ଗମୟ ରାସ୍ତା ତିଆରି କରାଇଥିଲେ । ବ୍ୟାଗେଜ କ୍ଲେମକୁ ଲଗେଜ ଆସିବା ପାଇଁ ଅନେକ ସମୟ ଲାଗିଗଲା । ଲଗେଜ ଆସିବା ପରେ ତାକୁ ସଂଗ୍ରହ କରି ସେମାନେ ଟ୍ୟାକ୍ସି ଷ୍ଟାଣ୍ଡକୁ ଆସି ଅପେକ୍ଷା କରିରହିଲେ । ସେମାନଙ୍କ ପୂର୍ବରୁ ପ୍ରାୟଃ ପାଞ୍ଚଟି ଦଳ ଟ୍ୟାକ୍ସି କୁ ଅପେକ୍ଷା କରି ରହିଥିଲେ । ସେମାନେ ସମସ୍ତେ ଯିବା ପରେ ସ୍ୱରୂପ ଓ ସୋନାଙ୍କ ପାଳି ଆସିଲା । ସେମାନେ ଟ୍ୟାକ୍ସି ରେ ବସିଲେ । ଡ୍ରାଇଭରକୁ ହୋଟେଲର ଠିକଣା ଦେଖେଇଲେ । ଡ୍ରାଇଭର ଗାଡି ଚଲେଇବା ଆରମ୍ଭକଲା ।

ସେଦିନ ଖରାଟିଆ ପାଗ ଥିଲା ଓ ମାଡ୍ରିଡ୍ ରେ ଗରମ ହେଉଥିଲା । ଟ୍ୟାକ୍ସି ଡ୍ରାଇଭର ଗାଡି ଚଲାଉଥିବା ସମୟରେ ସୋନା ଦୁଇପଟ ଦେଖୁଥିଲା । ତାକୁ ସେ ସ୍ଥାନ ଯେମିତି ମରୁଭୂମି ଭଳି ଲାଗିଲା । ଗଛପତ୍ର ସବୁ ଆମେରିକାର ଆରିଜୋନା ରାଜ୍ୟର ଗଛ, ପତ୍ର ଭଳି ଦିଶୁଥିଲେ । ଏମିତି ଲାଗୁଥିଲା, ଯେମିତି ବହୁତ ଦିନ ଧରି ବର୍ଷା ହୋଇନି । ତେବେ ସହର ପାଖ ହୋଇଆସିବା ପରେ, ଦୁଇପଟର କୋଠା ଓ ରାଜପ୍ରାସାଦ ମାନ ଦେଖି ମାଡ୍ରିଡ୍ ବିଷୟରେ ଏକ ଅଲଗା ରକମର ଧାରଣା ହେଲା । ଗାଡି ବହୁତ ଧୀର ଚାଲୁଥାଏ । ରାସ୍ତାରେ ଟ୍ରାଫିକ୍ ବହୁତ ଥାଏ । ପ୍ରାୟ ଅଧଘଣ୍ଟାଏ ପରେ ସେମାନେ ତାଙ୍କ ହୋଟେଲ୍ "ରୁମ୍

ISSN NO.
2582-208X

ମେଟ୍ ମାକାରିନା" ପାଖରେ ପହଞ୍ଚିଗଲେ । ବାହାରକୁ ହୋଟେଲଟି କିଛି ସେମିତି ଖାସ୍ ଦେଖାଯାଉନଥାଏ । ସେ ହୋଟେଲ୍‌ର ଦ୍ୱାର ବହୁତ ସଂକୀର୍ଣ୍ଣ । ଅରବାନ୍ ଆଉଟଫିଟର ଦୋକାନ ସେ ହୋଟେଲର ବାମପଟକୁ ରହିଥାଏ । ସେ ସଂକୀର୍ଣ୍ଣ ପ୍ରବେଶ ପଥ ଦେଇ ପଶୁପଶୁ, ସେଠି ଜଣେ ଜଗୁଆଳ ସ୍ୱାଗତ ଜଣେଇଲେ । ତାଙ୍କୁ ହୋଟେଲ ବିଷୟରେ ଜଣେଇବା ପରେ ସିଏ ଏଲିଭେଟର ଖୋଲି ନବମ ମହଲାକୁ ଯିବାକୁ କହିଲେ । ନବମ ମହଲାରେ ସେ ହୋଟେଲର ଲବି ଓ ସୂଚନା ସ୍ଥଳୀ ରହିଥିଲା ।

ସ୍ୱରୂପ ଓ ସୋନା ନବମ ମହଲାକୁ ଆସିଲେ । ସ୍ୱରୂପ କାଉଣ୍ଟରକୁ ଯାଇ ନିଜର କୋଠରି ସଂରକ୍ଷଣ ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଦେଖେଇଲେ । ସେମାନେ କୋଠରି ଗ୍ରହଣ କରିଦେଲେ। ସ୍ୱରୂପ ଓ ସୋନା ସକାଳ ଭୋଜନ ପାଇଁ ମଧ୍ୟ ସଂରକ୍ଷିତ କରିଦେଲେ । ନହେଲ ସକାଳେ କୁଆଡେ ଆଉ ଖାଇବାକୁ ଯିବେ ? ହୋଟେଲ ଲବିକୁ ଲାଗି ଭୋଜନାଳୟ ଥିଲା । ବହୁତ ସୁନ୍ଦର ଓ ପରିଷ୍କାର ଦିଶୁଥିଲା । ସେମାନେ କୋଠରି ନମ୍ବର ୮୧୨ର ଚାବି ନେଇ ଅଷ୍ଟମ ମହଲାରେ ଥିବା ନିଜ କୋଠରିକୁ ଗଲେ ।

କୋଠରିଟି ଅତି ସୁନ୍ଦର ଦିଶୁଥିଲା । ତେବେ ଆମେରିକାର ହୋଟେଲର କୋଠରି ତୁଳନାରେ ଅତ୍ୟନ୍ତ ସାନ ଥିଲା । ସେ କୋଠରି ଭିତରେ ବଡ ବାକ୍ସଟିକୁ କେଉଁଠି ଖୋଲି ରଖିବା, ସେ ନେଇ ଦ୍ୱନ୍ଦ୍ୱ ଆସିଥିଲା । ତେବେ ସେମାନେ କୋଠରିର ପଛପଟ ଝରକା ନିକଟରେ ଗୋଟିଏ କଣରେ ବାକ୍ସ ଖୋଲି ସେଥିରୁ ଲୁଗାପଟା ବାହାର କଲେ । ସ୍ୱରୂପ ଗାଧୋଇବାକୁ ଚାହିଁଲେ । ସୋନା ଗାଧେଇଲାନି, କାରଣ ତା' ଭିତରେ ସମୟ କିଛି ଯାଇଥାନ୍ତା । ସ୍ୱରୂପ ଦୁଇଟି ସ୍ଥାନ ଦେଖିବାକୁ ସ୍ଥିର କରିଥିଲେ । ତା' ଭିତରେ ଗୋଟିଏ ହେଲା ଜାତୀୟ ପ୍ରାଡୋ ମ୍ୟୁଜିଅମ ଓ ତା' ପାଖରେ ଥିବା ରେଟିରେ ଗାର୍ଡେନ । ସ୍ୱରୂପ ଚାହୁଁଥିଲେ ଟ୍ୟାକ୍ସି ନେଇ ଯାଇଥାଆନ୍ତେ । କିନ୍ତୁ ଟ୍ୟାକ୍ସି ବୁକ୍ କରେଇବା ପାଇଁ ପାସପୋର୍ଟର ଆବଶ୍ୟକତା ପଡିଲା । ଏତେ ଧନ୍ଦା କିଏ କରିବ ଭାବି ସେମାନେ ଚାଲିଚାଲି ଯିବାକୁ ସ୍ଥିରକଲେ । ଚାଲିଚାଲି ଗଲେ ୧୫ ମିନଟ୍‌ର ବାଟ ବୋଲି ଗୁଗୁଲ୍ ଦେଖେଇଲା ।

ଏମିତି ଭାବି ସେମାନେ ଶୀଘ୍ର ପ୍ରସ୍ତୁତ ହୋଇ ହୋଟେଲରୁ ବାହାରି ଆସିଲେ ଓ ଗୁଗୁଲ୍ ଦେଖାଉଥିବା ପଥ ଅନୁସରଣ କରି ପ୍ରାଡୋ ମ୍ୟୁଜିଅମରେ ପ୍ରବେଶ କଲେ । ଚାଲୁଥିବା ସମୟରେ ସେମାନେ ଦୁଇପଟରେ ଥିବା ସବୁ ଦୋକାନ, ବଜାର, ଟ୍ରେନ ଷ୍ଟେସନ, ଓ

ISSN NO.
2582-208X

ଐତିହାସିକ ସୌଧ ସମସ୍ତ ଦେଖିପାରିଲେ । ସ୍ୱରୂପ ଆଗରୁ ଅନ୍‌ଲାଇନରେ ଟିକେଟ କିଣି ଦେଇଥିଲେ । ପ୍ରାଡୋ ମ୍ୟୁଜିଅମ ଗୋଟିଏ ବଡ ହାତ ଅଙ୍କା ଚିତ୍ର ସଂଗ୍ରହାଳୟ । କାହିଁ କେତେବର୍ଷ ପୂର୍ବର ଐତିହାସିକ ଚିତ୍ର ସବୁ ସଂରକ୍ଷିତ ହୋଇ ରହିଛି । ସେ ସଂଗ୍ରହାଳୟରେ ଦିନଟିଏ ବୁଲିଲେ ବି ସମୟ କମ ଲାଗିବ । ଚିତ୍ର ଗୁଡିକ ଏତେ ନିଖୁଣ ଭାବେ ଅଙ୍କା ଯାଇଥାଏ ଯେ, ଚିତ୍ରକାର ମାନଙ୍କ ଦକ୍ଷତାକୁ ପ୍ରଶଂସା କରି ରହିହେବନି । ସେ ସବୁ ଚିତ୍ର ସ୍ପେନ୍ ର ଇତିହାସକୁ ପ୍ରତିଫଳିତ କରେ । ସ୍ପେନ୍ ରଅର୍ଥନୈତିକ, ରାଜନୈତିକ ଓ ଧାର୍ମିକ ଚେତନାକୁ ନେଇ ସମସ୍ତ ଚିତ୍ରମାନ ଅଙ୍କା ଯାଇଥାଏ । ଅନେକ ବଡବଡ ଚିତ୍ର ସବୁ । ଯେଉଁମାନେ ସେସବୁ ଚିତ୍ର ଆଙ୍କିଥିଲେ, ସେମାନେ ନିଶ୍ଚୟ ବହୁ ଦିନ ଧରି ସେସବୁ ଚିତ୍ରମାନଙ୍କୁ ଆଙ୍କିଥିବେ । ତେବେ ସେ ସଂଗ୍ରହାଳୟ ଭିତରେ ଫଟୋ ନେବା ନିଷେଧ ଥିଲା। ସେଥିପାଇଁ ସୋନାକୁ ନିଜ କ୍ୟାମେରାକୁ ପର୍ସ ଭିତରେ ବନ୍ଦ କରି ରଖିବାକୁ ପଡିଥିଲା । ତଥାପି ଦୁଇ, ତିନୋଟି ସ୍ଥାନରେ ସିଏ ସେଲଫୋନରେ ଫଟୋ ଉଠେଇଥିଲା । ସଂଗ୍ରହାଳୟର କର୍ମଚାରୀ ଆସି ନିଷେଧ କରିଥିଲେ ଓ ସୋନା ସେଲଫୋନ ମଧ ପର୍ସ ଭିତରେ ବନ୍ଦ କରି ରଖିଦେଲା ।

ପ୍ରାଡୋ ସଂଗ୍ରହାଳୟରେ ଦୁଇଘଣ୍ଟା ବିତିଗଲା । ତାପରେ ସେମାନେ ରେଟିରୋ ପାର୍କକୁ ଯିବାକୁ ସ୍ଥିରକଲେ । ପ୍ରାଡୋ ସଂଗ୍ରହାଳୟରୁ ଚାଲିଚାଲି ସେମାନେ ୫ ମିନଟ୍ ଭିତରେ ରେଟିରୋ ପାର୍କ ପହଞ୍ଚିଗଲେ । ସେତେବେଳେ ଖରା ପଡିଥିଲା । ସେମାନେ ଯେଉଁ ପ୍ରବେଶ ଦ୍ୱାର ଦେଇ ପାର୍କରେ ପଶିଲେ, ସେଇଠି ହିଁ ଭଲ ଫୁଲର ଉଦ୍ୟାନ ଥିଲା । ହେଲେ ତାପରେ ସେମାନେ ଯେଉଁଠି ପଶିଲେ, ସେଇଟା କେବଳ ଚଲାପଥ ଲାଗୁଥିଲା । ସେମିତି କିଛି ବିଶେଷତ୍ୱ ଥିବା ଭଳି ଲାଗୁନଥିଲା । ସେ ପଥର ଦୁଇ ପାର୍ଶ୍ୱରେ ଗଛ ସବୁ ରହିଥିଲା ଓ ଲୋକମାନଙ୍କ ବସିବା ପାଇଁ ସିମେଣ୍ଟ ବେଞ୍ଚ ପଡିଥିଲା । ସେତେବେଳେ କ୍ଲାନ୍ତ ଲାଗୁଥିଲା। ତେଣୁ ସେମାନେ କିଛିବାଟ ଚାଲି ପାର୍କ ଭିତରେ ପଡିଥିବା ଗୋଟିଏ ବେଞ୍ଚ ଉପରେ ଗଛ ତଳ ଛାଇରେ କିଛି ସମୟ ବସିଲେ । ସ୍ୱରୂପଙ୍କୁ ଭୋକ ଲାଗୁଥିଲା । ସେପର୍ଯ୍ୟନ୍ତ ସେମାନେ କିଛି ଖାଇନଥିଲେ । ଖାଇବାକୁ ସମୟ ନଥିଲା । ତେଣୁ ସେଇଠି ବସି ପର୍ସରୁ ବିସ୍କୁଟ୍ ବାହାର କରି ଉଭୟ ଖାଇଲେ ଓ ପାଣି ପିଇଲେ । ଟିକେ ଶକ୍ତି ଆସିବାରୁ ପୁଣି ଚାଲିଚାଲି ଆଗକୁ ଗଲେ ଓ ପାର୍କର ଅନ୍ୟ ସମସ୍ତ ଆକର୍ଷଣ ବୁଲିକରି ଦେଖିଲେ । ସେସବୁ ଆକର୍ଷଣ ମଧ୍ୟରେ ଏକ କୃତ୍ରିମ ହ୍ରଦ ଥିଲା, ଯାହାର ଉଭୟ ପାର୍ଶ୍ୱରେ ଲୋକମାନେ ସବୁ ମେଳା କରିଥିଲେ । ସେଠି ଜଣେଜଣେ ରାସ୍ତାରେ ବସି ବାଦ୍ୟ ବଜାଇ ଗୀତ ଗାଉଥିଲେ ।

ISSN NO.
2582-208X

ଆଇସକ୍ରମ, କଫି, ଗ୍ରହା ଇତ୍ୟାଦି ପାଇଁ ସ୍ଥାନେ ସ୍ଥାନେ ଛୋଟଛୋଟ ଦୋକାନ ମାନ ରହିଥିଲା ।

ସ୍ୱରୂପ ପଗ୍ଭରିଲେ, "କଛି ଖାଇବୁ ?'

ସୋନା କହିଲା, "ନା । ଏକାଥରେ ଗ୍ଭନ ଭୋଜନ କରିବା । ଏବେ ଯେତିକ ବିସ୍କୁଟ୍ ଖାଇଛି, ସେତିକ ଯଥେଷ୍ଟ ।'

ସେ ହ୍ରଦର ଅପର ପାର୍ଶ୍ୱରେ ଆଲଫୋନସୋ ମୋନୁମେଣ୍ଟ ରହିଥିଲା । ସେଠିକୁ ଲୋକମାନେ ଡଙ୍ଗାରେ ଯାଉଥିଲେ ।

ସ୍ୱରୂପ ପ୍ରସ୍ତାବ ଦେଲେ, "ଗ୍ଭଲେ, ଡଙ୍ଗାରେ ବସି କଛି ସମୟ ସେ ହ୍ରଦରେ ବୁଲିବା ।'

ସୋନା କହିଲା, "ଦେଖୁଛ ତ କେତେ ଜୋରରେ ଖରା ପଡିଛି । ସେ ଡଙ୍ଗା ଉପରେ କଛି ପାଲ ନାହିଁ । ଆମେମାନେ ଖରାରେ ସିଝିଯିବା । ବରଂ ଏବେ ଗଛ ଛାଇରେ ଗ୍ଭଲିଗ୍ଭଲି ପାର୍କର ଅନ୍ୟ ସବୁ କୋଣ ଆବିଷ୍କାର କରିବା ।'

ସେ ହ୍ରଦ ନକଟରେ କଛି ଫଟୋ ଉଠାଇ ଓ ସେଠିକାର ମୂର୍ତ୍ତି ଉଦ୍ୟାନ ପରିଦର୍ଶନ କରି ସେମାନେ ସିଧାସିଧା ଅନ୍ୟ ଦିଗକୁ ଗ୍ଭଲିଲେ । କଛି ସମୟ ପରେ ସେମାନେ ଭେଲାଜକ୍ୱେଜ୍ ପ୍ୟାଲେସ୍ ପହଞ୍ଚିଗଲେ । କନ୍ତୁ ସେ ପ୍ୟାଲେସ ବନ୍ଦ ଥିଲା । ତା ସାମନାରେ କଛି ଫଟୋ ଉଠେଇ ସେମାନେ ଆଗକୁ ଗ୍ଭଲିଲେ । ଆଗରେ ଆଉ ଗୋଟିଏ ପୁଷ୍କରିଣୀ ଆସିଲା । ସେ ପୁଷ୍କରିଣୀ ଭିତରେ କଛି କଛିମ ରହିଥିଲେ ଓ ସେମାନେ ଜଳଭାଗରୁ ସ୍ଥଳଭାଗକୁ ଆସି ଖେଳାଖଳ କରି ପୁଣି ପାଣି ଭିତରକୁ ପଳାଉଥିଲେ । ସେଇଟା ବହୁତ ସୁନ୍ଦର ଦୃଶ୍ୟ ଥିଲା। ସେଇଠି କ୍ରିଷ୍ଟାଲ୍ ପ୍ୟାଲେସ୍ ଥିଲା । କନ୍ତୁ ସେଠି କଛି କାମ ଗ୍ଭଲିଥିଲା । ତେଣୁ ତା' ଭିତରକୁ ମଧ୍ୟ ଯାଇହେଲାନ । କେବଳ ବାହାରୁ ଯାହା ଦେଖିବାର କଥା । ଭୋକ ଲାଗୁଥିଲା । ପାଖରେ କଛି ଭୋଜନାଳୟ ଦୃଷ୍ଟିଗୋଚର ହେଲାନ । କ୍ରିଷ୍ଟାଲ୍ ପ୍ୟାଲେସର ପଛପଟ ରାସ୍ତାଦେଇ ଆସୁଆସୁ ସେମାନେ ଦେଖିଲେ ବାହାରେ ଅନେକ ଚେୟାର, ଟେବୁଲ ସବୁ ପଡିଛି ଓ ଲୋକମାନେ ସେଠି କଣ ସବୁ ଖାଉଛନ୍ତି, ପିଉଛନ୍ତି ଓ ଖୁସିରେ ଗପ କରୁଛନ୍ତି । ପାଖରେ ଘରଟିଏ ଥିଲା । ସେଇଟା ଛୋଟ ଭୋଜନାଳୟ ହୋଇଥିବ ମନେ କରି ସେମାନେ

ISSN NO.
2582-208X

ତା' ଭିତରକୁ ଗଲେ । ସେଠି ଦାୟିତ୍ୱରେ ଥିବା ଜଣେ ବ୍ୟକ୍ତ ବସିଥିଲେ । ସ୍ୱରୂପ ପଗ୍ଋରିଲେ, "ଏଠି କଛ ଖାଦ୍ୟ ମିଳବ କ ?'

ସେ ବ୍ୟକ୍ତ କହିଲେ, "ଏଠି ସବୁ ପାନୀୟ ମିଳବ । ଖାଦ୍ୟ ନୁହେଁ । ଏଇଟା ଚେସ କ୍ଲବର ଘର । ଚେସ କ୍ଲବ୍ର ସଭ୍ୟମାନେ ଏଠୁ ସବୁ ଚେସର ସରଞ୍ଜାମ ନେଇ ବାହାର ଟେବୁଲ୍ରେ ବସି ଖେଳପାରିବେ । ଅନ୍ୟମାନେ ବି ଭଡା ନେଇ ଖେଳପାରିବେ ।'

ସେମାନେ ବାହାରକୁ ଆସିଲେ । ସତକୁ ସତ ସେଠିକାର ସବୁ ଟେବୁଲଗୁଡିକ ଚେସ୍ ବୋର୍ଡ ଥିଲା । ଆଗରୁ ସେମାନେ ସେଇଟା ଦେଖିନଥିଲେ । ସେଠି ଫାଙ୍କା ରହିଥିବା ଚେୟାର ଉପରେ ବସି, କଛି ସମୟ ବିଶ୍ରାମ ନେଇ ସେମାନେ ଉଦ୍ୟାନର ବାହାରକୁ ଆସିବାକୁ ଗ୍ଋହିଁଲେ । ସ୍ୱରୂପ ତାଙ୍କ ଫୋନ ଦେଖି କେଉଁ ପ୍ରବେଶ ଦ୍ୱାର ଦେଇ ବାହାରିଲେ, ଦୁଇ ନମ୍ବର ବସ ମିଳବ ବୋଲି ରାସ୍ତା ଦେଖାଉଥିଲେ । କନ୍ତୁ ରାସ୍ତା ଭୁଲିଗଲେ । ଯେଉଁ ପ୍ରବେଶ ଦ୍ୱାର ଦେଇ ସେମାନେ ପଶିଥିଲେ, ସେଇ ପ୍ରବେଶ ଦ୍ୱାର ଦେଇ ବାହାରିଲେ । ଆଉ ଗ୍ଋଲିବାକୁ ଶକ୍ତ ନଥିଲା । ସ୍ୱରୂପ ଉବର ଆପ ଖୋଜି ଟ୍ୟାକ୍ସି ବୁକ କରିବାକୁ ଗ୍ଋହିଁଲେ । ହେଲେ ସେ ଆପ ପାସ୍‌ପୋର୍ଟ ନମ୍ବର ଜାଣିବାକୁ ଗ୍ଋହିଁଲା । ଏବେ ରାସ୍ତାଟାରେ ସେଲଫୋନରେ ପାସପୋର୍ଟ ନମ୍ବର ପୁରାଉ ପୁରାଉ କଛି ସମୟ ଗଲା । ସେତେବେଳକୁ ସେମାନେ ମାଡ୍ରିଦର ରାସ୍ତାଘାଟ, ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ଇତ୍ୟାଦି ଜାଣିନଥାନ୍ତି । ତେଣୁ କେଉଁଠିକୁ ଟ୍ୟାକ୍ସି ଆସିବ, ଓ ସେମାନେ କେଉଁ ରାସ୍ତାରୁ ଧରିବେ, ସେସବୁ ଜାଣିପାରିଲେନ । ସେମିତିରେ ଟ୍ୟାକ୍ସି ଆପ ଖୋଜି ସ୍ୱରୂପ ଗୋଟିଏ ଟ୍ୟାକ୍ସି ବୁକ୍ କରିଦେଲେ । ସେଇ ସମୟରେ ଆଉ ଗୋଟିଏ ଟ୍ୟାକ୍ସି ସେଠି ଅପେକ୍ଷା କରି ରହିଥିବାର ଦୃଷ୍ଟିଗୋଚର ହେଲା । ସ୍ୱରୂପ ପଗ୍ଋରିଲେ, "ହୋଟେଲ ରୁମମେଟ ମାକାରିନାକୁ ଯିବ ?' ଟ୍ୟାକ୍ସି ହଁ କହିବାରୁ ଉଭୟ ସେଥିରେ ବସିଗଲେ । ହେଲେ, ସେତିକବେଳେ ସ୍ୱରୂପଙ୍କର ମନେପଡିଲା ଯେ ସିଏ ଆଉ ଗୋଟିଏ ଟ୍ୟାକ୍ସି ବୁକ୍ କରିଥିଲେ । ତାକୁ ଏବେ ବାତିଲ୍ କରିବାକୁ ପଡିବ । ପୁଣି ସେଇ ସେଲଫୋନ, ଖୋଜାଖୋଜି । ସ୍ୱରୂପ ତରତର ହେଲେ ସବୁ ଗୋଳମାଳ କରନ୍ତ । ସୋନା ତାଙ୍କୁ ମନ ସ୍ଥିର କରି ସେ ଟ୍ୟାକ୍ସି ର ରିଜର୍ଭେସନ ଯାଞ୍ଚ କରିବାକୁ ଉପଦେଶ ଦେଲା । ସେଇଥିରୁ ବାତିଲ୍ କରିବାର ବିକଳ୍ପ ବି ଦେଖାହେଲା । ସେଇଟାକ କ୍ଲକ୍ କରି ସିଏ ସେ ରିଜର୍ଭେସନ ବାତିଲ୍ କଲେ । ପ୍ରାୟ ୭ ମିନଟ ଭିତରେ ସେମାନେ ନଜ ହୋଟେଲ ଆଗରେ ପହଞ୍ଚିଗଲେ । ତେବେ ଏବେ ହୋଟେଲକୁ ନଯାଇ

ISSN NO.
2582-208X

ସୋନା ତାର ଆସନ୍ତା ଦିନର ଟୁର୍ ପାଇଁ ଯେଉଁ ସ୍ଥାନରେ ଉପସ୍ଥିତ ହେବା କଥା, ସେଇ ସ୍ଥାନକୁ ଦେଖିନେବା ଉଚତ ବୋଲି ସ୍ୱରୂପଙ୍କୁ ଜଣେଇଲା । ଫୋନରେ ସେ ସ୍ଥାନର ଠିକଣା ପୂରେଇ ସେମାନେ ଦୁଇ ମିନଟ୍ ଭିତରେ ସେ ସ୍ଥାନରେ ପହଞ୍ଚିଗଲେ । ସେଇଟା ଯେଉଁ ଟୁର୍‌ର କାର୍ଯ୍ୟାଳୟ ଥିଲା । ସେମାନେ ସେଠିକାର କର୍ମଚାରୀଙ୍କ ଦ୍ୱାରା ସୋନାର ଭ୍ରମଣ ମାଧ୍ୟମରେ କରିଥିବା ଟିକେଟ ଯାଞ୍ଚ କରେଇଲେ ଓ ଆସନ୍ତାକାଲି ୯ଟା ବେଳେ ସେଇ ସ୍ଥାନରୁ ଟୁର୍ ଆରମ୍ଭ ହେବ ବୋଲି ଜାଣିଲେ । ବୁଧବାରର ଟୁର୍ ଆଉ ଗୋଟିଏ ସ୍ଥାନରୁ ଆରମ୍ଭ ହେବାର ଥିଲା । ସୋନା ବୁଧବାରର ଟିକେଟ ସେମାନଙ୍କୁ ଦେଖେଇଲା । କର୍ମଚାରୀ ଜଣକ କହିଲେ, "ଏ ଟୁର୍ ଆମ ଟୁର୍ ନୁହେଁ । ସେମାନେ ଯେଉଁ ଠିକଣା ଦେଇଛନ୍ତି, ଆପଣଙ୍କୁ ସେଇ ଠିକଣାକୁ ଯିବାକୁ ପଡିବ ।'

ସୋନା ପଚାରିଲା, "ଆପଣ ମାନଙ୍କର ଟଲିଡୋ ଯିବାକୁ ଟୁର୍ ଅଛି ତ ?'

ସେମାନେ କହିଲେ, "ହଁ, ଆମର ବିଭିନ୍ନ ରକମର ଟୁର୍ ଅଛି । ପୂରା ଦିନ, ଅଧାଦିନ ଟୁର୍ ସବୁ ଅଛି । ଆପଣ ଯାହା ଚାହିଁବେ ବୁକ୍ କରିପାରିବେ । ସେସବୁ ଟୁର୍ ବସ୍ ଏଇ ସ୍ଥାନରୁ ହିଁ ଛାଡିବ ।'

ସେତେବେଳକୁ ୭ଟା ବାଜିଥିଲା । କିନ୍ତୁ ସନ୍ଧ୍ୟା ହୋଇନଥିଲା । ଅପରାହ୍ନ ଭଳି ଦିଶୁଥିଲା । ସେମାନେ ଭାରତୀୟ ଭୋଜନାଳୟ ଖୋଜିଲେ । ଆଗରୁ ଦୁଇ, ତିନଟି ଭାରତୀୟ ଭୋଜନାଳୟର ଠିକଣା ସୋନା ଟିପିକରି ରଖିଥିଲା । ସେଥିରୁ ହିମାଳୟାନ୍ ରେଷ୍ଟୁରାଣ୍ଟ ଠିକଣା ପକାଇ ସେମାନେ ଚାଲିବାକୁ ଲାଗିଲେ । ପ୍ରାୟ ୭ ମିନଟ୍ ଚାଲିବା ପରେ ସେ ରେଷ୍ଟୁରାଣ୍ଟ ଆସିଲା । କିନ୍ତୁ ସେତେବେଳକୁ ସେ ରେଷ୍ଟୁରାଣ୍ଟ ବନ୍ଦ ଥିଲା । ମାଡ୍ରିଡ୍ ରେ ଅନେକ ରେଷ୍ଟୁରାଣ୍ଟ ସବୁ ରାତି ଆଠଟା ପରେ ଖୋଲେ । ସେଥିପାଇଁ ସୋନାର ତାଲିକାରେ ଥିବା ଆଉ ଗୋଟିଏ ରେଷ୍ଟୁରାଣ୍ଟର ଠିକଣା ପୂରେଇ ସେମାନେ ଖୋଜିଲେ । ସେ ଭାରତୀୟ ରେଷ୍ଟୁରାଣ୍ଟ, ପ୍ରିତିରାଜ ରେଷ୍ଟୁରାଣ୍ଟ ୪ ମିନଟ୍ ଦୂରତାରେ ଥିଲା । ସେ ରେଷ୍ଟୁରାଣ୍ଟଟି ଖୋଲା ଥିଲା ଓ କିଛି ଲୋକ ବାହାରେ ବସି ଖାଉଥିଲେ । ସୋନା ଓ ସ୍ୱରୂପ ଭିତରେ ବସି ଖାଇବାକୁ ଅପେକ୍ଷା କଲେ । ଖାଦ୍ୟ ଆସୁଆସୁ ପ୍ରାୟତଃ ୪୦-୫୦ ମିନଟ୍ ହୋଇଗଲା । ଖାଦ୍ୟ ଭଲ ଥିଲା । ହେଲେ ଏତେ ସବୁ ଖାଦ୍ୟ ସେମାନେ ଶେଷ କରିପାରିଲେନି । ସେତେବେଳକୁ ଚାଲିଚାଲି ସୋନାର ଗୋଡ ବିନ୍ଧୁଥାଏ । ସିଏ ଡାହାଣ ଗୋଡଟିକୁ ବିସ୍ତୃତ

ISSN NO.
2582-208X

କରି ରଖିଥାଏ । ସ୍ୱରୂପ କିନ୍ତୁ ଖାଉଥାଆନ୍ତି । ତଥାପି ଅନେକ କିଛି ବଳିଲା । ସେସବୁ ପ୍ୟାକ୍ କରିବା ପାଇଁ ଭୋଜନାଳୟର କର୍ମୀ ଆହୁରି ଅଧଘଣ୍ଟାଏ ନେଲା । ଶେଷରେ ସେମାନେ ସେସବୁ ବଳକା ଖାଦ୍ୟପଦାର୍ଥ ଧରି ହୋଟେଲକୁ ଫେରିଲେ । ସୋନା ଏତେ କ୍ଲାନ୍ତ ହୋଇଥିଲା ଯେ, ହୋଟେଲରେ ପହଞ୍ଚି ସିଧା ଶୋଇଗଲା ।

କିଛି ସମୟ ପରେ ନିଦ ଭାଙ୍ଗିବା ବେଳକୁ ସ୍ୱରୂପ କହିଲେ, "ଟେରାସକୁ ଯିବା ଚାଲ । ମୁଁ ଯାଇ ବୁଲିକି ଆସିଲିଣି । ସେଠୁ ସହର ବଡ ଚମତ୍କାର ଦିଶୁଛି ।'

ସୋନାର ଲୋଭ ହେଲା । ତା ଗୋଡ ଠିକରେ ପଡୁନଥାଏ । କିନ୍ତୁ ଟେରାସ୍ ଯାଇ, ସହରର ରାତ୍ରିକାଳୀନ ସୌନ୍ଦର୍ଯ୍ୟ ଦେଖିବାର ପ୍ରବଳ ଆବେଗକୁ ସିଏ ଅଟକାଇ ପାରିଲାନି । ପାଞ୍ଚ ମିନଟ୍ ଭିତରେ ପ୍ରସ୍ତୁତ ହୋଇଗଲା । ଟେରାସ୍ ଦଶମ ମହଲାରେ । ଚାହିଁଥିଲେ ସେମାନେ ପାହାଚରେ ଚଢି ଯାଇପାରିଥାନ୍ତେ । କିନ୍ତୁ ଦିନସାରା ଚାଲିଚାଲି ସୋନାର ଗୋଡ ପାହାଚ ଚଢିବାକୁ ସକ୍ଷମ ନଥିଲା । ତେଣୁ ସେମାନେ ଏଲିଭେଟର୍ ନେଇ ଟେରାସ୍‌କୁ ଗଲେ । ସେତେବେଳକୁ ଅନେକ ବ୍ୟକ୍ତି ସେଠି ବସି ଗପସପ କରୁଥିଲେ ଓ ମାଦକ ଦ୍ରବ୍ୟ ପାନ କରୁଥିଲେ । ଟେରାସ୍‌ର ବାମ ପଟେ ଗୋଟିଏ ଛୋଟ ପୁଷ୍କରିଣୀ ଥିଲା । ସେଇଠାରୁ ସହରର ସୌନ୍ଦର୍ଯ୍ୟ ଅତି ସ୍ପଷ୍ଟ ଭାବେ ଦେଖା ଯାଉଥିଲା । ସେଠି ଜଣେ ବ୍ୟକ୍ତି ସେ ପୁଷ୍କରିଣୀ ପାଖରେ ଠିଆ ହୋଇଥିଲେ । ପୁଷ୍କରିଣୀର ଚାରିପଟେ ଅତି ଅଣଓସାରିଆ ରାସ୍ତା ଥିଲା । ତେଣୁ ସେ ରାସ୍ତାରେ ଠିଆହେବାକୁ ଡର ମାଡୁଥିଲା । କାଳେ ଗୋଡ ଖସିଯିବ ଯଦି, ଜଣେ ଯାଇ ପାଣିରେ ପଡିବ । ସେ ବ୍ୟକ୍ତିଟି ଯେହେତୁ ସେ ପୁଷ୍କରିଣୀର ଗୋଟିଏ କୋଣରେ ଠିଆ ହୋଇଥିଲେ, ତାଙ୍କୁ ଅତିକ୍ରମ କରି ଯିବା କି ସେଠି ଆଉ ଜଣେ ଯାଇ ଠିଆ ହେବା ସମ୍ଭବ ନଥିଲା । ସେ ବ୍ୟକ୍ତି ନିଜ ତରଫରୁ କଥାବାର୍ତ୍ତା ଆରମ୍ଭକଲେ । ତାଙ୍କ କଥାବାର୍ତ୍ତା ସୋନାକୁ ଜେନିଭାର ଗ୍ରେର ବିଷୟ ମନେ ପକେଇଦେଲା । ତେଣୁ ସେମାନେ ସେ ବ୍ୟକ୍ତିଠାରୁ ଦୂରେଇଦୂରେଇ ରହିଲେ । ସିଏ ସ୍ୱରୂପଙ୍କୁ ପଚାରିଲା, "ଆପଣ କେଉଁଠାରୁ ଆସିଛନ୍ତି ?' ସ୍ୱରୂପ ଜଣେଇଲେ, "ଭାରତରୁ ।'

ସୋନା ଭାବିଲା, ସ୍ୱରୂପ ମିଛ କାହିଁକି କହିଲେ । ହେଲେ ପରେ ବୁଝିଲା, ଆମେରିକାରୁ କହିଥିଲେ ସେ ଲୋକ ହୁଏତ ଅଧିକ ଧନୀ ଭାବିଥାନ୍ତା । ଏବେ ଭାରତରୁ କହିବା ମାନେ ହୁଏତ ସେତେଟା ଗୁରୁତ୍ୱ ନ ଦେଇପାରେ । ସେ ବ୍ୟକ୍ତି ଜଣକ ଭାରତୀୟ ସିନେମା

ISSN NO.
2582-208X

ବିଷୟରେ ଗପିଗଲା । ସେମିତି ହିଁ ଜେନଭାରେ ଜଣେ ଗ୍ରେର ଗପୁଥିଲା ଓ ଗପିଗପି ସ୍ୱରୂପଙ୍କ ପକେଟରେ ହାତ ପୂରେଇବାର ପ୍ରୟାସ କରିଥିଲା । ଜଣା ପଡିଲା, ସେ ବ୍ୟକ୍ତି ନିକାରାଗୁଆରୁ ଆସିଛି । ଯଦିଓ, ଏତେ ବଡ ହୋଟେଲରେ ରହିବା ପାଇଁ ସାମର୍ଥ୍ୟ ରଖିଥିବା ଅତିଥିମାନେ ନିଶ୍ଚୟ ସଭ୍ୟ ହୋଇଥିବେ ଓ ଜେନଭାରେ ଘଟିଥିବା କାହାଣୀର ପୂନରାବୃତ୍ତି ନହୋଇପାରେ । ହେଲେବି ସେ ବ୍ୟକ୍ତିର ପ୍ରଶ୍ନ ସବୁ ସେଇ ଏକା ଭଳି ଥିଲା । ତେଣୁ ସୋନା ଓ ସ୍ୱରୂପଙ୍କୁ ଭୟ ଲାଗୁଥାଏ ।

ଭାଗ୍ୟ ଭଲ । ସେମିତି କିଛି ଘଟିଲାନି । ସେମାନେ ଟେରାସରୁ ଫେରିଆସିଲେ । ନିଜ କୋଠରିରେ ପହଞ୍ଚି ସୋନା ସ୍ୱରୂପଙ୍କୁ ଅନୁରୋଧ କଲା, "ଟିକେ ସକାଳ ୬ଟା ପାଇଁ ଆଲାରାମ ଦେଇ ଦିଅ ତ । ମତେ ପ୍ରସ୍ତୁତ ହୋଇ ରହିବାକୁ ପଡିବ, ଯେମିତି ମୁଁ ଠିକ୍ ସମୟରେ ଯାଇ ମୋ ଟୁର୍ ପାଇଁ କାଲି ସକାଳେ ପହଞ୍ଚିପାରିବି ।

ସ୍ୱରୂପ ନିଘୋଡ ନିଦରେ ଶୋଇପଡିଲେ । ଏବେ ସୋନାକୁ ଭୋକ ଲାଗିଲା ଓ ସିଏ ରେଷ୍ଟୁରାଣ୍ଟରୁ ପ୍ୟାକ୍ କରି ଆଣିଥିବା ଖାଦ୍ୟ ସବୁ ଶେଷ କରିଦେଲା । ତାପରେ ଔଷଧ ଖାଇଲା ଓ ଦାନ୍ତ ଘଷି ଶୋଇବାକୁ ଗଲା । କଣପାଇଁ କେଜାଣି ମୁଣ୍ଡ ଭୀଷଣ ବିନ୍ଧୁଥାଏ । ସହଜେ ତ ବିମାନରେ ବସିବସି ଓ ସେଦିନ ବୁଲିବୁଲି ଗୋଡ ବି ଠିକ୍ ଭାବେ କାମ କରୁନଥାଏ, ଏବେ ତା' ସାଙ୍ଗକୁ ମୁଣ୍ଡବିନ୍ଧା । ହୁଏତ ଠିକ ରେ ଶୋଇଲେ ସକାଳୁ ଭଲ ହୋଇଯିବ । ନିଦ ଆସିଲେ ସିନା "ଆସନ୍ତା କାଲିର ଯାତ୍ରା ପାଇଁ ଗୋଡ, ମୁଣ୍ଡ ସବୁ ଭଲ ରହୁ ପ୍ରଭୁ । ନହେଲେ ଏ ଯାତ୍ରାର ସମସ୍ତ ଯୋଜନା ଭଣ୍ଡୁର ହୋଇଯିବ ।" ଏମିତି ପ୍ରାର୍ଥନା କରି ସୋନା ଶୋଇବାର ପ୍ରଚେଷ୍ଟାରେ ରହିଲା ।

-୦-

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା
ଇ ମେଲ୍ : bigyanidas.osa@gmail.com

ISSN NO.
2582-208X

# ପରିବର୍ତ୍ତନ



ଡ. ପ୍ରସନ୍ନ କୁମାର ବଳ

ମାନବ ଜୀବନେ ପ୍ରତିଟି ସୋପାନ ଆସେ ପରିବର୍ତ୍ତନରୁ,
ଶୈଶବ, ଯୌବନ ଅବା ବୃଦ୍ଧାବସ୍ଥା ଆସେ ଏହି କାରଣରୁ ।୧।
ସ୍ରଷ୍ଟାଙ୍କ ସୃଷ୍ଟିର ପ୍ରତି ଜିନିଷରେ ପରିବର୍ତ୍ତନ ହିଁ ହୁଏ,
ରାତି ପରେ ଦିନ, ଦିନ ପରେ ରାତି ଏହାର ସଙ୍କେତ ଦିଏ ।୨।
ଖରା ପରେ ବର୍ଷା, ବର୍ଷା ପରେ ଶୀତ ତାପରେ ଆସେ ଶରତ,
ଶରତର ପରେ ଆସଇ ହେମନ୍ତ ତା ପରେ ପୁଣି ବସନ୍ତ ।୩।
ଏହା ହିଁ ତ ଫଳ ପରିବର୍ତ୍ତନର ସମାଜର ହିତ ପାଇଁ,
ନ ହେଲେ ସୃଷ୍ଟିରେ ବଞ୍ଚି ରହିବାଟା ଅସମ୍ଭବ ହୋଇ ଥାଇ ।୪।
ଜୀବନ ଓ ସୃଷ୍ଟି ହୋଇଥାଏ ପରା ସଦା ପରିବର୍ତ୍ତନଶୀଳ,
ପରିବର୍ତ୍ତନ ହିଁ ଚିରନ୍ତନ ସତ୍ୟ ମାନିନେବା ହୋଇ ଥୟ ।୫।
ନଦୀଟି ଜନମେ କେଉଁ ପାହାଡରୁ ବହିଚାଲେ ଧୀରେ ଧୀରେ,
ପରିବର୍ତ୍ତନର ସୋପାନକୁ ଡେଇଁ ମିଶେ ଯାଇ ସମୁଦ୍ରରେ ।୬।
ମାଟିରେ ତ ଆମେ ପୋତିଥାଉ ପୁଣି ଆଦରରେ ମଞ୍ଜିଟିଏ,
ଧୀରେ ଧୀରେ ଅଙ୍କୁରୋଦ୍ଗମ ହୋଇ ସେ ବିଶାଳ ବୃକ୍ଷଟେ ହୁଏ ।୭।

ISSN NO.
2582-208X

ଶିଶୁଟିଏ ଯେବେ ଜନମ ହୁଅଇ କାନ୍ଦେ କୂଆଁ କୂଆଁ ହୋଇ,
ଧିରେ ଧିରେ ପରିବର୍ତ୍ତନକୁ ସହି ବଡ ମଣିଷଟି ହୋଇ ।୮।
ବୃଦ୍ଧାବସ୍ଥାରେ ସେ ଅବଶ୍ୟ ପହଞ୍ଚେ ଏଇ ତ ପରିବର୍ତ୍ତନ,
ସମୟ ଆସିଲେ ଇହଧାମ ଛାଡେ ଇଏ ପ୍ରକୃତି ନିୟମ ।୯।
ପରିବର୍ତ୍ତନ ହିଁ ଏକମାତ୍ର ସତ୍ୟ ଏଇ ମିଛ ଦୁନିଆଁରେ,
ଯେତେ ଶୀଘ୍ର ୟାକୁ ମାନିନେବା ପୁଣି ରହିବା ଆମେ ଶାନ୍ତିରେ ।୧୦।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ସବୁ କିଛି ଭୁଲି ଯିବି ଦିନେ



ଭାସ୍କର ଚନ୍ଦ୍ର ଖଣ୍ଡା

ସବୁ କିଛି ଭୁଲି ଯିବି ଦିନେ
ବାଟ ହୁଡା ଏକାନ୍ତ ପଥିକ ପରି
ନ ଥିବେ ସେଠି ପଚାରିବାକୁ କେହି
ଦୂର ଦିଗ୍ ବଳୟରେ
ଦେଉଛି ଚୁମ୍ବନ ଯେଉଁଠି
ଧରିତ୍ରୀକୁ ଆକାଶ
ଯାଉ ଥାଏ ନିକଟତର ହେବାକୁ ଯେତେ
ଘୁଂଚି ଘୁଂଚି ଯାଉଥାଏ ସେତେ ।୧।

ପାଏନା ଖୋଜି ମରୀଚିକାକୁ
ତୃଷାର୍ତ୍ତ ପଥିକ କେବେ
ଠିକ୍ ସେଇମିତି
ନଦେଇ ଗୁରୁତ୍ୱ ବିଗତ ସ୍ମୃତିକୁ
ଝରକା ଫାଙ୍କ ଦେଇ
ଫେରାଏ ଯେତେବେଳେ ଆଖି
ସବୁ କିଛି ଲାଗେ ସାମାନ୍ୟ ।୨।

ISSN NO.
2582-208X

ଭାଂଗି ଦିଏ ଢେଉ ଆସି
ସଦ୍ୟ ଗଢା ବାଲି ଘରକୁ
ହୋଇ ଯାଇଥାଏ ସବୁ ସମାନ
ଭୁଲି ଯାଏ ମଣିଷ ତା'ର ସ୍ମୃତିକୁ
ପାଶୋରି ଦିଏ ଯେତେବେଳେ ସବୁକିଛି
କ୍ଷତ ବିକ୍ଷତ ମାନ ସମ୍ମାନ
କୁଠାରଘାତ କରିଥିବା ବଳିଷ୍ଠ ବ୍ୟକ୍ତିତ୍ୱକୁ
କେଇ ଦୁର୍ବଳ ମୂହୁର୍ତ୍ତ
ସେଇ ବିଗତ ଇତିହାସର ପୃଷ୍ଠା
ରଫ୍ ଖାତାରୁ ଛିଣ୍ଡାଇ ଫିଙ୍ଗି ଦେବା ପରି
ପୃଷ୍ଠା ଟିଏ
ତେବେ ଯାଇ
ଖୋଜି ପାଏ ଅସମାନତା ଭିତରେ ସମାନତା
ନେଇ ଦୃଢତାର ଶପଥ
ସବୁ କିଛି ଭୁଲି ଯିବ ବୋଲି ଦିନେ ।୩।

ଫ୍ଲାଟ୍ ନଂ ବି /୩୦୧, ଗୌରୀଶଙ୍କର ରେସିଡ଼େନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ବାଜି ରାଉତ



କାର୍ତ୍ତୀକେଶ୍ୱର ନାୟକ

ଭାରତ ମାତା ର ସନ୍ତାନ ମୁହିଁ
ବଜାଇ ରଖିବି ସ୍ୱାଭିମାନ
ଏ ମାଟିର ସ୍ୱାର୍ଥ, କରିବିନି ବ୍ୟର୍ଥ
ଶତ ସିଂହ ପରି ବଳୀୟାନ ।

ବାଜି ରାଉତ ମୁ ବାଜିରେ ବିଜୟୀ
ବଳୀ ପଡି ହେବି ବଳୀୟାନ
ଜାଗି ଉଠୁ ଆଜି, ମୋ ଜନମ ଭୂଇଁ
ବାଜିଆ କରଇ ଆହ୍ୱାନ ।

ଶପଥ ନେବାରେ ଶକ୍ତ ମନରେ
ଅଖଣ୍ଡ ଭାରତ ମହିୟାନ
ଶତ ସିଦ୍ଧ ଏହି, ଶାନ୍ତିର ଧାମ
ନ ହେଉ ମାଟିର, ଅପମାନ ।

ହେଲେ ହେବା ସିନା ଅମର ସହିଦ
କାପୁରୁଷ କେବେ ହେବା ନାହିଁ
ବାଜିଆର ଏହି ଶ୍ରେଷ୍ଠ କାମନା
କାଳ କାଳକୁ ତ ଥିବ ରହି ।

ଶ୍ରୀବିହାର, ବୌଦ୍ଧ
ମୋ: 7978128353

ISSN NO.
2582-208X

# ମମତାର ମୂଲ



ଛବି ରାଣୀ ପତି

କିଏ ସେ କଳି ପାରିବ ସଂସାରରେ
ସର୍ବଂସହା ମାଆର ମମତାର ମୂଲକୁ ??
ଈଶ୍ୱରଙ୍କ ସୃଷ୍ଟିରେ ସେ ଯେ ସର୍ବ ଶ୍ରେଷ୍ଠ
ଅଦ୍ୱିତୀୟ ଓ ଅନବେଦ୍ୟ ସୃଷ୍ଟି
ଯିଏ କି ଦୁଇଟି ହାତରେ ବି
ଦଶଟି ହାତର କାମ ଏକା କରିପାରେ
ସତରେ ....,,
ସେ ମାଆ ର ତୁଳନା କାହିଁ !!!

ଦଶ ମାସ ଗର୍ଭକଷ୍ଟ ସହି
ମରଣାନ୍ତକ ପ୍ରସବ ବେଦନାରେ
ଅନ୍ତଫାଡ଼ି ଜନ୍ମଦିଏ, ଆଉ
ସକଳ ଯାତନାକୁ କାନ୍ଧରେ ବୋହି
ଯାବତ ଅଣାୟତ୍ତ ଅଝଟ ଅର୍ଦ୍ଦଳିକୁ
ବାତ୍ସଲ୍ୟ ଭରାପଣତରେ ତୋଳି ନିଏ
ସ୍ନେହ ଶ୍ରଦ୍ଧା ଅଜାଡ଼ି
ଆଦର ଯତ୍ନରେ ପାଳିପୋଷି ବଡ କରେ

ISSN NO.
2582-208X

ନିଜ ସୁଖ, ଶାନ୍ତି, ସ୍ୱପ୍ନ ସବୁକୁ ଭୁଲି
ମାତୃତ୍ୱକୁ ଈଶ୍ୱରଙ୍କର
ସର୍ବଶ୍ରେଷ୍ଠ ବରଦାନ ଭାବି
ତ୍ୟାଗ ,ସମର୍ପଣ ଓ କର୍ତ୍ତବ୍ୟର ମହାମନ୍ତ୍ରରେ
ନିଜକୁ ଅଭିମନ୍ତ୍ରିତ କରେ
ସେ ହେଉଛି ମାଆ ।

ସେ ଖାଲି ମଥା ଟେକି
ଚଲା ଶିଖାଏ ନାହିଁ !
ବରଂ ଏ ଦୁନିଆଁର ବଡଦାଣ୍ଡରେ
ମଣିଷ ଭଳି ମଣିଷଟିଏ କରି ଛିଡ଼ା କରେ
ଶକ୍ତି, ସାମର୍ଥ୍ୟ, ଆତ୍ମବିଶ୍ୱାସ ସହିତ
ସମାଜ ସହିତ ନିଜ ସହିତ ଲଢିବାର
ସବୁପ୍ରକାର ବଳ, ବୁଦ୍ଧି ଗୋଟେଇ
ଯିଏ ଠୁଳ କରିଦିଏ ପିଲା ପାଇଁ
ପିଲାର ନିରାମୟ ଉଜ୍ୱଳ ଭବିଷ୍ୟତ ପାଇଁ
ସେ ହେଉଛି ମାଆ ।

କୋଟିଏ ରେ ଗୋଟିଏ କରି
ନିଜ ଗୋଡ଼ରେ ଛିଡା କରିଥିବା
ସେ ମାଆ ଆଜି ରାଜରାସ୍ତାରେ ...!
ବସିଛି ବଡ ଦାଣ୍ଡରେ ...!
ନହେଲେ ଜରାଶ୍ରମରେ...!!

ISSN NO.
2582-208X

ଗଣ୍ଡା ଗଣ୍ଡା ପିଲା ପାଳିଥିବା ଲୋକକୁ
କଣ ତା ବୃଦ୍ଧାବସ୍ଥାର କେଇଟା ଦିନ
ପାଳିବାର ସ୍ୱଚ୍ଛଳ ହୃଦୟ କଣ କାହାରି ନାହିଁ !!
ସବୁଥିରେ ଭାଗ ବଣ୍ଟା ହିସାବ ନିକାସ !!
ସେମାନେ କାହିଁକି ଆଜି ଏତେ ଉପେକ୍ଷିତ ?
ଏଇ କଣ ତାର ପ୍ରତିଦାନ !
ସମାଜର ଏ ଅଧୋପତନ ପାଇଁ
କିଏ ଦାୟୀ ...??
ଦେବ ଦୁର୍ଲ୍ଲଭ ସହୃଦୟ ରେ
ଏତେ ତିରସ୍କାର ଅମାନୁଷିକ ଘୃଣ୍ୟଭାବ ପାଇଁ
କଣ ସେଇ ମାଆର
ଦୟା, କ୍ଷମା, କରୁଣା, ସହନଶୀଳତା
ଅତ୍ୟଧିକ ବାତ୍ସଲ୍ୟ
ସତରେ କଣ ସନ୍ତାନକୁ ପଥଭ୍ରଷ୍ଟ କରେ ?
ନା ସୁବିଧାବାଦୀ ଲୋଭାର୍ଥି ପିଲାଗୁ
ବିବେକାନୁମୋଦିତ ହିତାହିତ ଜ୍ଞାନ ହରେଇ
ନୀତି ନ୍ୟାୟ ଧର୍ମ ଆଦର୍ଶକୁ ବାଦ ଦେଇ
ସ୍ୱାର୍ଥର ମାୟାଜାଲରେ ଅନ୍ଧ ହୋଇଯାଏ ..!!!

ମଧ୍ୟ ଶାସନ, ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ଶ୍ରାବଣର ଧାରା



ଡଃ ମାଙ୍ଗଳିକା ମହାପାତ୍ର

ଶ୍ରାବଣୀ ର ଆଖିରେ ଆଜି ଶ୍ରାବଣର ଧାରା। ସତେ ଯେପରି ବହି ଯାଉଛି ସେ ଅଶ୍ରୁର ଝରଣା ମନର ସବୁ ଦୁଃଖ, କଷ୍ଟ, କୋହକୁ ଝରେଇ ଦେବାପାଇଁ... ନିଜ ଜୀବନର ସବୁ ଦୁଃଖ, କଷ୍ଟ, ରାଗ, ରୁଷା ଅଭିମାନ ଆଉ ସ୍ମୃତି। ଅହେତୁକ କଷ୍ଟ କୁ ଆପଣେଇବା ଅପେକ୍ଷା ସେ ସବୁକୁ ଝରେଇ ଦେଇ ହୃଦୟକୁ ହାଲକା କରିବାରେ ହିଁ ଆନନ୍ଦ। ଆଃ.. ଶବ୍ଦ କରି ଚିତ୍କାର କରି ଉଠିଲା ଶ୍ରାବଣୀ... ହାତରୁ ଠପ୍ ଠପ୍ ରକ୍ତ ବୋହି ଯାଉଛି। ବଗିଚାରେ ବୁଲୁ ବୁଲୁ ଅନ୍ୟମନସ୍କତା ରେ  ତା ହାତରେ ଗୋଲାପର କଣ୍ଟା ଫୁଟି ଯାଇଥିଲା। ସେ ତା ଭାବନାରେ ଏତେ ବୁଡିଯାଇଥିଲା ଯେ କେତେବେଳେ ଗୋଲାପକୁ ଛୁଇଁବାକୁ ତା ହାତ ଚାଲି ଯାଇଛି ସେ ଜାଣିପାରି ନ ଥିଲା।

ଦୀର୍ଘ ଦୁଇ ବର୍ଷ ତଳେ ଆଜିର ଦିନରେ ସେ ଭ୍ରମଣ କାହାଣୀ ମନେ ପଡ଼ିଲା ତାର। ଟ୍ରେନ ଯାତ୍ରା। ଛୁଟିରେ ଶ୍ରାବଣୀ ଟା ମାମୁଁ ଘରକୁ ବୁଲି ଯାଉଥିଲା, ପୁରା ପରିବାର ସହିତ। ଟ୍ରେନ୍ ରେ ଦୁଇ ଦିନର ଯାତ୍ରା। ବହୁତ୍ ମଜା ଲାଗୁଥିଲା ବାପା, ବୋଉ, ଭାଇ, ଭଉଣୀ ସହିତ ଯାତ୍ରା କରିବା।

ଟ୍ରେନ୍ ରେ ଯଦିଓ ଏତେ ସମୟର ରହଣୀ ଶ୍ରାବଣୀ ର ଇଛା ବିରୁଦ୍ଧ ହେଲେ ପରିବାର ସହିତ ସମୟ କଟେଇବାରେ ସେ ସବୁ ଭୁଲି ଯାଇଥିଲା। ଟ୍ରେନ୍ ର ଝରକା ପଟେ ରାସ୍ତା କଡର ସବୁଜିମା, ପାହାଡ଼, ନଦୀ ଇତ୍ୟାଦି ପ୍ରକୃତିର ସୁନ୍ଦରତା ଦେଖିବାରେ ସେ ବିଭୋର ହେଇ ଯାଇଥିଲା। ଟ୍ରେନ୍ ରେ ତ ଅନେକ ଯାତ୍ରୀଙ୍କ ଯିବା ଆସିବା ଚାଲିଥାଏ। ତା ସିଟ

ISSN NO.
2582-208X

ସାମ୍ନାରେ ବସିଥାନ୍ତି ଜଣେ ସୌମ୍ୟଦର୍ଶନ ଯୁବକ ଓ ତାଙ୍କ ମା'। ସେମାନେ ମଧ୍ୟ ସେଇ ସ୍ଥାନକୁ ଯାତ୍ରା କରୁ ଥାଆନ୍ତି ଏତେ ସମୟର ଯାତ୍ରା ଭିତରେ ସେମାନଙ୍କ ସହିତ ଧୀରେ ଧୀରେ କଥାବାର୍ତ୍ତା ଆରମ୍ଭ ହେଲା। ସେଇଠୁ ଖାଇବା ଦିଆ ନିଆ, ବିଭିନ୍ନ ପ୍ରକାରର ଗପ ସପ, ନିଜ ନିଜ ବିଷୟରେ ଆଲୋଚନା, ଜଣାଶୁଣା ହେବାକୁ ଲାଗିଲା ବହୁତ ସ୍ନେହୀ ଥିଲେ ଯୁବକଙ୍କ ମା' ।

ଧୀରେ ଧୀରେ ଆତ୍ମୀୟତା ବଢ଼ିବାରେ ଲାଗିଲା। ଯୁବକଙ୍କ ସ୍ୱଭାବ, କଥାବାର୍ତ୍ତା, ଚାଲିଚଳନ ଓ କମନୀୟତା ବହୁତ ପ୍ରଭାବ ପକେଇଲା ଶ୍ରାବଣୀ ଉପରେ। କଥା କହିବାର ଶୈଳୀ, ଶାଳୀନତା, ଭଦ୍ର ବ୍ୟବହାର ଇତ୍ୟାଦି ଧିରେ ଧିରେ ତାକୁ ଭଲ ଲାଗିଲା। ବୋଧହୁଏ ମନେ ମନେ ସେ ତାଙ୍କୁ ପସନ୍ଦ କରିବାକୁ ଲାଗିଲା। ଏମିତି ଦୁଇ ଦିନ ଟ୍ରେନ୍ ରେ କଟିଗଲା। ତାପରେ ସେମାନେ ନିଜ ନିଜ ଗନ୍ତବ୍ୟ ସ୍ଥଳରେ ଓହ୍ଲେଇଗଲେ। ହେଲେ ଯୁବକଙ୍କ ଫୋନ୍ ନମ୍ବର ରହିଗଲା ଶ୍ରାବଣୀ ର ମୋବାଇଲ୍ ରେ। ତା ପରଠୁ ଆରମ୍ଭ ହେଲା ମେସେଜ୍ ଦିଆ ନିଆ, କଥାବାର୍ତ୍ତା। ଭଲପାଇବା ବୀଜର ଅଙ୍କୁରୋଦଗମ ହୋଇଉଠିଲା ଏଇ ସମୟରେ। କେତେ ରାଗ ରଷା, ମନେଇବାରେ ବେଶ୍ କିଛି ଦିନ ଚାଲିଗଲା। ଯୁବକଟି ତାକୁ ବାରମ୍ବାର ଭଲପାଇବା ର ଦ୍ୱାହି ଦେଇ ତା ହୃଦୟର ନିକଟତର ହେବାକୁ ଲାଗିଲା। ଯଦିଓ ଶ୍ରାବଣୀ ଜାଣିଥିଲା ଏ ସମ୍ପର୍କର କିଛି ଭବିଷ୍ୟତ ନାହିଁ ତଥାପି ଏକ ଅଜଣା ମୋହରେ ବା ଆକର୍ଷଣରେ ସେ ତାଙ୍କ ଆଡ଼କୁ ଆକର୍ଷିତ ହୋଇ ଉଠିଲା।

ଯେହେତୁ ଗୋଟିଏ ସ୍ଥାନରେ ଦୁଇଜଣଙ୍କ ଘର ଥିଲା, ସେମାନେ ଧୀରେ ଧୀରେ ପରସ୍ପରକୁ ଭେଟିବାକୁ ଲାଗିଲେ। ସେମାନଙ୍କ ଭିତରେ ଆନ୍ତରିକତା, ନିବିଡ଼ତା ଓ ଭଲପାଇବା ବଢ଼ି ଚାଲିଲା। ଶ୍ରାବଣୀ ର ହୃଦୟରେ ଯୁବକ ଜଣକ ଘର କରି ଯାଇଥିଲେ। ସେ ତାଙ୍କର ଜଣେ ବଡ଼ ପ୍ରସଂଶିକା ହୋଇ ଉଠିଥିଲା।

ଏମିତି ବେଶ୍ କିଛି ଦିନ ହସ ଖୁସିରେ ଚାଲିଗଲା। ସମୟ କେମିତି ଅତିକ୍ରାନ୍ତ ହେଲା ଶ୍ରାବଣୀ ଜାଣି ବି ପାରିଲାନି। ଦିନେ ସେ ଅନୁଭବ କଲା ଯୁବକଟିର ତା ପ୍ରତି ଆନ୍ତରିକତା ଧୀରେ ଧୀରେ କମିଯାଉଛି। କଥାରେ ଆଉ ସେ ପ୍ରଗଳଭତା ନାହିଁ । ଦେଖା ହେଲେ ବି ସେ ଚାହାଣୀରେ ତା ପ୍ରତି ଆଉ ଅନୁରାଗ ନାହିଁ। ସେ ପ୍ରଥମେ ଭାବିଲା ବୋଧହୁଏ ବ୍ୟସ୍ତତା

ISSN NO.
2582-208X

ଯୋଗୁଁ ଯୁବକଟି ଏପରି ବ୍ୟବହାର କରୁଛି। ତେଣୁ ସେ ଏହାକୁ ସହଜତାର ସହିତ ଗ୍ରହଣ କରିନେଲା।

କିନ୍ତୁ ସମୟର ସହିତ ଏ ସବୁ ବଢ଼ିବାକୁ ଲାଗିଲା। ଶ୍ରାବଣୀ କୁ ଲାଗୁଥିଲା ସତେ ଯେପରି ସେ ଏକ ବୋଝ ପାଲଟି ଯାଇଛି ଯୁବକଙ୍କ ଉପରେ। ଯୁବକଙ୍କ ବ୍ୟବହାରରେ ବ୍ୟତିକ୍ରମ ଦେଖାଗଲା। ହଠାତ୍ ଦିନେ ଶ୍ରାବଣୀ ସେ ଯୁବକଙ୍କୁ ଆଉ ଏକ ସୌମ୍ୟା ତରୁଣୀ ସହିତ ଦେଖିବାକୁ ପାଇଲା। ସେବେ ତାର ସବୁ ଭ୍ରମ ତୁଟିଗଲା। ତାର ଭାବନାକୁ ଶକ୍ତ ଆଘାତ ଲାଗିଲା। ସେ ଧୀରେ ଧୀରେ ଜାଣିବାକୁ ପାଇଲା ଯୁବକର ଭଦ୍ରତାର ମୁଖା ତଳେ ଏପରି କୁତ୍ସିତ ଚେହେରାକୁ। ଯୁବକଟି ଏହିପରି ସୁନ୍ଦରୀ ସୁଶ୍ରୀ ତରୁଣୀମାନଙ୍କୁ ପ୍ରେମ ଜାଲରେ ପକେଇବାରେ ସିଦ୍ଧହସ୍ତ ଏବଂ ଏହାକୁ ସେ ତାର କ୍ରେଡିଟ ବୋଲି ଭାବେ।

ଶ୍ରାବଣୀର ସ୍ୱପ୍ନର ମହଲ୍ ହଠାତ୍ ଭୁଶୁଡ଼ି ପଡ଼ିଲା। ସେ କେବେ ଭାବି ନଥିଲା ଯେ ଯାହାକୁ ସେ ତା ଜୀବନ ଠୁ ବଳି ଭଲ ପାଉଥିଲା ସେ ତାକୁ ଏପରି ଭାବରେ ମିଠା କଥା କହି ଧୋକା ଦେବ ବୋଲି।

ନିଜକୁ ସମ୍ଭାଳିବାକୁ ବହୁତ୍ ଚେଷ୍ଟା କରୁଛି ଶ୍ରାବଣୀ। ଆଖିରେ ତାର ଶ୍ରାବଣର ଧାରା। ହୃଦୟ ରକ୍ତାକ୍ତ। ଚାରିଆଡେ ଅମାବାସ୍ୟାର ଅନ୍ଧକାର। କାହାକୁ କହିବ.. କେମିତି କହିବ.. ଆଉ କଣ ଯେ କହିବ... ନିଜେ ତ ଲୋକ ଚିହ୍ନିବାରେ ଭୁଲ୍ କରିଛି। ତାର ଫଳ ସେ ପାଇବନି ତ ଆଉ କିଏ ଭୋଗିବ। ହେଲେ ତାର ଦୃଢ଼ ବିଶ୍ବାସ ନିଜ ଭଗବାନ ଙ୍କ ଉପରେ। ଦୋଷୀ ନିଶ୍ଚୟ ଦଣ୍ଡ ପାଇବ। ଯିଏ ଯେମିତି କରିବ ତାର ଫଳ ସେ ସେମିତି ହିଁ ପାଇବ ଆଉ ଏଇ ଜନମରେ। କାହାର ସରଳ ହୃଦୟ ସହିତ ଖେଳ ଖେଳିଲେ ସେ ମଧ୍ୟ ଭଗବାନ ଙ୍କ ହାତର ଖେଳନା ହେଇଯିବ ଏଥିରେ ଦ୍ୱିମତ ନାହିଁ। ଏସବୁ ଭାବି ଶ୍ରାବଣୀ ଆଖିରୁ ଲୁହ ପୋଛିଲା ଆଉ ଭଗବାନ ଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ି ନିଜ କର୍ମକ୍ଷେତ୍ର କୁ ଯିବା ପାଇଁ ପ୍ରସ୍ତୁତ ହେଲା...

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଆକାଶ

## (ପଲ୍ଲୀକବି ନଂଦକିଶୋର ବଳ)



ଇଂ. ସୁଶାନ୍ତ କଶୋର ବଳ

(ଆମ ମଥା ଉପରେ ବିସ୍ତୃତ ସୁନୀଳ ଆକାଶ । ଦିଗନ୍ତରୁ ନେଇ ଦିଗନ୍ତ, ବ୍ୟାପ୍ତିହୀନ, ଅନ୍ତହୀନ, ଶେଷହୀନ, ଅପରିକଳ୍ପିତ, ଅନୁମାନ ହାରମାନି ଯାଏ ।

ବକ୍ଷ୍ୟେ ବହନ କରିଥାଏ ସୂର୍ଯ୍ୟ, ଚଂଦ୍ର, ଅଗଣ ତାରା, କୋଟିଗ୍ରହ, ସହସ୍ର ମେଘ, ଧୂମକେତୁ, ବ୍ରହ୍ମାଣ୍ଡ, ଆମପରି ଆଉରି କୋଟି ବସୁଧା -

ଏ ସମସ୍ତଂକୁ ବକ୍ଷ୍ୟେ ବାହି, ସମସ୍ତଂକୁ ସୁଚାରୁରୁପେ ଭାରସାମ୍ୟ ରକ୍ଷ୍ୟାକରି ଚଳେଇ ପାରୁଛି, ଚାଲନ୍ତୁ ସମସ୍ତେ ସେହି 'ଆକାଶ' ଉପରେ ଏକ ବିହଂଗମ ଦ୍ରୁଷ୍ଟିପାତ କରିବା, ଯାହାର ସମ୍ୟକ ବର୍ଣନା ନୀମ୍ନରେ, ଗ୍ୟାନୀ, ବିଦ୍ୱାନ ପଲ୍ଲୀକବି ନଂଦକିଶାର ବଳଂକ କଲମ ମୂନରୁ )

..................................

ହେ ନଭ ସୁନୀଳ ସୁଂଦର
ଅସଂଖ୍ୟ ଗ୍ରହଂକର ଘର .
ପବନ ବରଷାର ଧାରା .
ତୋ ମଧ୍ୟେ ସମସ୍ତଂକ ବାସ .
ଆହା କି ସୁଂଦର ଆକାଶ !
ଯେତି ଦୂର ଯାଏ ମୁହିଂ

ISSN NO.
2582-208X

ସେତିକି ଘୁଂଚି ଯାଉ ତୁହି ·
ମୋତେ ତୁ ଜାଣି ଖ୍ୟୁଦ୍ରମନା
କରୁ କି ବ୍ୟୋମ ପ୍ରବଂଚନା ?
ତୁ ଅଟୁ ମହାନ ଅମ୍ବର ,
ମୁଂ ଅଟେ ଅତି ଖ୍ୟୁଦ୍ର ନର ·
ଆହେ ! ବିଶାଳ ବିହାୟସ ,
ଛଳାଇ ଖ୍ୟୁଦ୍ରେ କେଉଂ ଯଶ ?
ଅଥବା ନୁହେଂ ଏ ଅକୀର୍ତ୍ତି
ମହତ ଜନର ଏ ରୀତି ;
ପାଣ୍ଡିତ୍ୟ ତେ୍ୟଜି ଗ୍ୟାନୀ ଜନ
ମୋହନ୍ତି ଶିଶୁ-ଜନ-ମନ ;

ଭୋ ବ୍ୟୋମ ଅନନ୍ତ ଅସୀମ
'ଅପ' ର ଅଚିନ୍ତନ ଭୀମ ;
ଖ୍ୟୁଦ୍ର ମୁଂ ବୁଝିବା ସକାଶ
ସସୀମ ଦିଶୁ କି ଆକାଶ ·
ସୁନୀଳ ଖିଲାଣ ସମାନ,
ହେଉ ଅନନ୍ତ ଦୃଶ୍ୟମାନ ;
ଦିବସେ ବାସର ରାଜନ
କରନ୍ତି ବିଜୟ-ଗମନ ·
ପ୍ରଦୋଷେ ଲୋହିତ ଭାସ୍କର
ଡୁବଇ ଢାଳି ରକ୍ତକର !
ନିଶୀଥେ ଚଂଦ୍ର ତାରାରାଶି
ହସନ୍ତି ତୋ ଦୁଆରେ ଆସି ·

ISSN NO.
2582-208X

ନିଶାନ୍ତେ ପିଂଧି ଶୁଭ୍ରଭୂଷା ,
ତୋ ଘରେ ଦେଖା ଦିଏ ଉଷା !
ଗ୍ରୀଷ୍ମରେ ପ୍ରଚଣ୍ଡ ମାର୍ତଣ୍ଡ
ବୁଣଇ କିରଣ ପ୍ରଚଂଣ୍ଡ !
ଦିବସେ ଘୋର ଧୂଳି ଉଡି,
ତୋର ଉଦରେ ଯାଏ ବୁଡି !
ଶିଶୁ ବର୍ଧିତ ହେଲେ ଗ୍ୟାନେ ;
ଗ୍ୟାନୀଂକୁ ଶ୍ରେଷ୍ଠତର ଜାଣେ ;
ଯେତେ ସେ ହୁଏ ଅଗ୍ରସର
ଗ୍ୟାନୀଂକୁ ଦେଖେ ଦୂରତର ;
ପ୍ରବୀଣ ଗ୍ୟାନୀ ବ୍ୟୋମ ତୁହି
ଅନନ୍ତ ରାଜ୍ୟେ ଶିଶୁ ମୁହିଂ !

ନୀଳ ଲୋହିତ ପୀତ ରଂଗ
କରେ ଚିତ୍ର ତୋ ଶୁଭ୍ର ଅଂଗ
ଅସଂଖ୍ୟ ତାରକା ଖଚିତ ,
ହେ ଅନ୍ତରୀଖ୍ୟ କି ବିଚିତ୍ର !
ଦିବା,ପ୍ରଦୋଷ, ନିଶା, ଉଷା
ପିଂଧୁ ତୁ ଆନ ଆନ ଭୁଷା !
ଗ୍ରୀଷମ, ବରଷା, ଶରତ
ହେମନ୍ତ, ଶିଶିର, ବସନ୍ତ ,
ଷଡରୁତୁରେ ଦେଶେ ଦେଶେ
ସାଜୁ ତୁ ନବ ନବ ବେଶେ !
ତା ପଛେ ଝରଇ ନୀର୍ଝର

ISSN NO.
2582-208X

ବରଷା ଧାରା ଖରତର !
ପତିତ ବରଷାର ଧାରା
ଖିତିରେ ଖେଳଇ ମାହାରା !
ପ୍ରବାହି-ନଦୀ-ନାଳାକାରେ
ବହଇ ଜଳ ପାରାବାରେ !
ଶରତେ ନୀର୍ମଳ ଚଂଦ୍ରମା
ପ୍ରକାଶେ ଅତୁଳ ସୁଷମା !
ହେମନ୍ତ-ପ୍ରଭାତେ କୁହୁଡି
ଘୋଟନ୍ତେ ଆଶା ଯାଏ ବୁଡି !
ଉଦିତ ହୁଅନ୍ତି ତପନ
କରେ କୁହେଳି ପଳାୟନ !
ରାତ୍ରରେ ଚଂଦ୍ର ତାରାରାଶି
ଖେଳନ୍ତି ତୋ ବକ୍ଷ୍ୟରେ ଭାସି !
ବରଷା ଆସିଲାରୁ ଘନ
ତୋ ମୁଖେ କରିବେ ଆଛାଦନ !
ବିବିଧ ବାରିଧର ପନ୍ତି
ତୋ ବକ୍ଷ୍ୟେ ଭାଷିଣ ଗମନ୍ତି
ମାର୍ତଣ୍ଡ ବିପରୀତ ଦେଶେ
ତ୍ରୀବର୍ଣୀ ଇଂଦ୍ରଧନୁ ଦିଶେ !
ଚପଳା କନକ-ପ୍ରଭାରେ
ରହି ରହିଣ ଊଂକି ମାରେ
ଘଡିକି ଘଡି ଘଡଘଡି
ରଡଇ ଛାଡି ଘୋର ରଡି !
ବହଇ ଶୀତଳ ପବନ,

ISSN NO.
2582-208X

ହୁଅଇ ବାରିର ପତନ !
ପହିଲେ ପଡେ ଟିପି ଟିପି
ହୁଅଇ ଭୂମି ଛିପି ଛିପି !
ମୋହ -କୁଜ୍.ଝଟି ହୃଦାକାଶେ
ଏସନ ପୂଣ୍ୟ-ଆଶା ଗ୍ରାସେ.
ବିବେକ ପ୍ରକାଶନ୍ତେ ପ୍ରଭୁ
ପଳାଇ ଯାଏ ପାପ ସବୁ !
ଶିଶିରେ ଦିଶୁ ପାଣ୍ଡୁ ବର୍ଣ
ଜରା ଗ୍ରାସିଲେ ଜେହ୍ନେ ଜହ୍ନ !
ବିମଳ ପୁଣି ତୁ ବସନ୍ତେ
ସିଦ୍ଧାତ୍ମା ଯେହ୍ନେ ମୁକ୍ତି ଅନ୍ତେ !
ବିଚିତ୍ର ସୁଂଦର ଅମ୍ବର
ଅନନ୍ତ ଉପମାର ଘର !
କହ ଆକାଶ କହ ମୋତେ
ଦେଲା ଏ ରୂପ କିଏ ତୋତେ !

କଟକ

ISSN NO.
2582-208X

# କାନ୍ଦ



ଡ. ଜ୍ଞାନେଶ୍ୱର ମିଶ୍ର

ଏ କାନ୍ଦକୁ କିଏ, କେବେ ଓ କାହିଁକି ତିଆରି କରିଥିଲା
ଆମକୁ ଅଜଣା
ପୃଥିବୀର ପ୍ରଥମ ଆଲୋକ ସ୍ପର୍ଶରେ ମଣିଷର
ପ୍ରଥମ ସ୍ୱରହିଁ କାନ୍ଦଣା ।
ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ ସମସ୍ତଙ୍କ କାନ୍ଦର
ଏକା ଅଟେ ସ୍ୱର
ଏକା ମଧ୍ୟ ଅଟେ ଆଖିରୁ ଗଡି ପଡୁଥିବା
ଲୋତକର ଧାର ।
ଏ ମଣିଷ କାନ୍ଦେ ରୋଗରେ, ଶୋକରେ, ବିରହରେ
ବିଚ୍ଛେଦରେ ଅବା ଭୋକ ଉପାସ ଜ୍ୱାଳାରେ
ପ୍ରାକୃତିକ ବିପର୍ଯ୍ୟୟର ଯନ୍ତ୍ରଣା ଭୋଗିବାରେ
ସମୟେ ସମୟେ ସୁଖକର ବା କୃତିତ୍ୱରେ
ଆତ୍ମହରା ହେଲେ ଆନନ୍ଦ ଲୋତକ ଝରେ
ମଣିଷ ବ୍ୟତୀତ ପଶୁପକ୍ଷୀ ବୃକ୍ଷଲତା କାନ୍ଦିବାର
କେ ଅବା ଦେଖିଛି
ଆଦିମ ଯୁଗରୁ ଏ ମଣିଷ ଆଜି ଯାଏଁ
କାନ୍ଦି ଆସୁଅଛି

ISSN NO.
2582-208X

ପ୍ରତିଦିନ ଘଣ୍ଟା ମିନିଟ୍ ପ୍ରତି ସେକେଣ୍ଡରେ
ପୃଥିବୀରେ କେଉଁଠି ନା କେଉଁଠି ଏ ମଣିଷ କାନ୍ଦୁଛି
ଏ କାନ୍ଦ କେବେ ବନ୍ଦ ହେବ କି? ତାର ଉତ୍ତର ଖୋଜୁଛି
ଏ କାନ୍ଦ ସୃଷ୍ଟି କରିବା ଭଗବାନଙ୍କର କଣ ଦରକାର ଥିଲା
କାନ୍ଦିବା ବିନା କଣ ଚଳି ନଥାନ୍ତା ସଂସାର
ବୈଜ୍ଞାନିକମାନେ ଏପରି ଯନ୍ତ୍ର ତିଆରି କରନ୍ତେନି
ମଣିଷ ତାର ଜୀବନ କାଳରେ କେବେ କାନ୍ଦନ୍ତାନି
ହସି ହସି ଖୁସି ଖୁସିରେ ସୁକର୍ମ କରି
ଜୀବନକୁ ବିତାଇ ଦିଅନ୍ତା
କାନ୍ଦଶୂନ୍ୟ ଏ ପୃଥିବୀ କେତେ ସୁନ୍ଦର ଦିଶନ୍ତା
ସୁଖ ବି ଲାଗନ୍ତା ॥

ବେଙ୍ଗାଲୁରୁ
ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ସମୟଟା ସତ କହୁଛି



ଦୀନବନ୍ଧୁ ପୋଇ

କିଏ ସତ ପଛେ କହୁ କି ନ କହୁ
ସମୟଟା ସତ କହୁଛି
ରବି ଚାଲିଗଲେ ଶଶୀ ଯେ ଆସିବ
ଏକଥାରେ ସତ ରହିଛି ।
ପୋଖରୀ ରେ କଇଁ ଫୁଟିବ ଯେ ସତ
ଚାନ୍ଦ କଇଁ ଭାବ ରହିଛି
ପୂର୍ଣ୍ଣିମାର ପଛେ ଆସେ ଅମାବାସ୍ୟା
ସତ ବୋଲି କଇଁ ଜାଣିଛି ।
ସୂରୁଯ ଉଇଁଲେ ସରସୀ ଜଳରେ
ସତ କମଳ ଟି ଫୁଟୁଛି
ପଙ୍କିଳ ଜଳରେ ଢଳ ଢଳ ହୋଇ
ସତ ସେ ପଙ୍କଜ ହସୁଛି ।
ସଞ୍ଜ ହେଉଅଛି ସକାଳ ହେଉଛି
ସତ ପୃଥିବୀଟି ଘୂରୁଛି
ଶିଶୁଟିଏ ଯୁବ ଯୁବରୁ ସେ ବୃଦ୍ଧ
ଆୟୁଷ ସତରେ ସରୁଛି ।

ଜନମ ହୋଇଲେ ମରଣ ଟି ସତ
ସମୟଟି କହି ଦେଉଛି
ଆୟୁଷ ସରୁଛି ବୟସ ବଢୁଛି
ଯମରାଜା ପଥ ଚାହିଁଛି ।
ହେ ବିଜ୍ଞ ମାନବ କରି ଅନୁଭବ
ଯାହା ଭଲ ତାହା କରିବ
ତେଜି ଅହଙ୍କାର କର ଯେ ସ୍ୱୀକାର
ସମୟ ହିଁ ଦିନେ ମାରିବ ।

ଗୋରଡ଼ା ପାଳ ,କରମୂଳ,
ଢେଙ୍କାନାଳ, ୯୯୩୮୮୦୨୪୧୨

ISSN NO.
2582-208X

# ଚଡିଆ ଖାନା



ଶାନ୍ତିଲତା ମିଶ୍ର

ସେଦିନ ମାଙ୍କଡାଣୀର ମନ ଦୁଃଖକୁ ମୁଣ୍ଡ ଖରାପ । ମାଙ୍କଡ ଘରକୁ ଫେରିବା ପର୍ଯ୍ୟନ୍ତ ତାର ଧୈର୍ଯ୍ୟ ନାହିଁ । ସେମାନେ ରହୁଥିବା ଜଙ୍ଗଲକୁ ଦଳେ ମହାବଳ ବାଘ ଆସିଛନ୍ତି । ବହୁତ ଜୀବଜନ୍ତୁଙ୍କୁ ମାରି ଖାଇ ସାରିଲେଣି । କିଛି ମାଙ୍କଡ ଛୁଆ ମାନଙ୍କୁ ମାରି ଦେଇଛନ୍ତି ମଧ୍ୟ । ଆଉ ତ ଆଉ ତା ସାଙ୍ଗ ରଙ୍ଗିର ଛୁଆକୁ କାଲି ବାଘ ମାରି ଦେଇଛି ସେ ତଳେ ଖେଳୁଥିଲା । ଏବେ ମାଙ୍କଡାଣୀ ଡରିକି ଛାନିଆ । ତାର ତିନିଟା ଛୁଆ । ବେଳେ ବେଳେ ସେମାନେ ଗଛରୁ ଓହ୍ଲେଇ ତଳକୁ ଯାଇ ଖେଳନ୍ତି । ମନା କଲେ ମାନନ୍ତିନି । କେତେ ସେ ସେମାନଙ୍କୁ ଆଉ ଜଗିବ ।

ମାଙ୍କଡ ଫେରିଲା ପରେ ଘରକୁ, ମାଙ୍କଡାଣୀ ସବୁ କହିଲା । ତାର ଚିନ୍ତିତ ରହିବା ବିଷୟ ବି କହିଲା ଏବଂ ପରାମର୍ଶ ଦେଲାକି ଚାଲ ଏ ଜଙ୍ଗଲ ଛାଡି ଅନ୍ୟ କୋଉଠି ଯାଇ ରହିବା । ତେବେ କୋଉଠି ଯାଇ ରହିବା ? ଏ ଏକ ବହୁତ ବଡ ପ୍ରଶ୍ନବାଚୀ ? ଏ ଜଙ୍ଗଲ କଣ ଅନ୍ୟ ଯୋଉ ଜଙ୍ଗଲ ଭିତରକୁ ଯାଅ ସେଠାରେ ବାଘ, ସିଂଘ, ଭାଲୁ ଓ ଅନ୍ୟାନ୍ୟ ହିଂସ୍ର ଜନ୍ତୁ ସବୁ ଭର୍ତ୍ତି ଥିବେ, କୋଉଠି ବି ସୁରକ୍ଷା ନାହିଁ କୋଉଠି ରହିବେ ସେମାନେ ।

ISSN NO.
2582-208X

ମାଙ୍କଡାଣୀ କହିଲା ଚାଲ ସହରକୁ ଚାଲିଯିବା । ମୁଁ ଶୁଣିଛି ସହରରେ ହିଂସ୍ର ଜନ୍ତୁ କେହି ରୁହନ୍ତିନି ସେଠି କେବଳ ମଣିଷ ମାନେ ରୁହନ୍ତି । ସେମାନେ ପଶୁ ପକ୍ଷୀ ମାନଙ୍କୁ ବିନା କାରଣରେ ମାରନ୍ତିନି ।

-"ତୁ ପାଗଳ ହେଲୁ ଏ ମଣିଷ ମାନଙ୍କୁ ତୁ ବିଶ୍ୱାସ କରୁଛୁ । ହାତରେ ନମାରି ଭାତରେ ମାରିବା ଜାଣନ୍ତି ସେମାନେ । ବାଘ ତ ଗୋଟିଏ ପ୍ରକାର ମାରିବା ଯାଣିଛି । ଏ ମଣିଷ କେତବେଳେ ଜାଲରେ ପକେଇ ଧରିବ, କେତେବେଳେ ପଛପଟୁ ଛପି ଛପି ଆସି ମାରିବ । କେତେବେଳେ ଶହେ ମାଇଲ ଦୂରରୁ ଗୁଳି କରି ମାରିଦେବ ନଚେତ ବିଷ ଦେଇ ମାରିଦେବ। ତାକୁ ତୁ ବିଶ୍ୱାସ କରୁଛୁ ।" ମାଙ୍କଡ ଦୀର୍ଘନିଶ୍ୱାସ ପକେଇ କହିଲା ।

ମାଙ୍କଡାଣୀ ତା ମାଉସୀ ଠାରୁ ସହର ବିଷୟରେ ବହୁତ କଥା ଶୁଣିଥିଲା ପିଲାବେଳେ । ଏବେ ତ ଦୂର୍ଗାପୂଜା ଆଗକୁ ଆସୁଛି । ଲୋକମାନେ ଖାଇବା ଜିନିଷ, ଫଳମୂଳ ଏତେ ସବୁ ପୂଜା ନାମରେ ଆଣନ୍ତି ଯେତିକି ଖାଆନ୍ତି ତାଠୁ ବେଶୀ ଫୋପାଡନ୍ତି । ସେମାନେ ସପରିବାରେ ବସି ଖାଇଲେ ବି ସରିବନି ।

ମାଙ୍କଡ କିଛି ଉତ୍ତର ନଦେବାରୁ ମଙ୍କଡାଣୀ ପୁଣି କହିଲା -"ମୁଁ ଶୁଣିଛି ସହରରେ ଚିଡିଆ ଖାନା ବି ଅଛି । ଯୋଉଠିକି ମଣିଷ ମାନେ ପଶୁ ପକ୍ଷୀ ମାନଙ୍କୁ ନେଇ ବଡ ଯତ୍ନରେ ରଖନ୍ତି। ଚାରିଆଡ ଜାଲି ଘେର ଥାଏ । ତା ଭିତରକୁ ବାହାରର କେହି ଯିବା ମନା । ସବୁ ପଶୁ ପକ୍ଷୀ ମାନଙ୍କ ପାଇଁ ଅଲଗା ଘର ମନ ଲାଖି ଖାଇବା ରହିବା ଶୋଇବା ସବୁ ଯୋଗେଇ ଦିଆ ଯାଏ । ଲୋକ ମାନେ ଆସନ୍ତି ଦେଖିବାକୁ କିନ୍ତୁ ଦୂରରୁ ଦେଖନ୍ତି । ସେଠି ରହିଲେ ତାଙ୍କର କିଛି ଅସୁବିଧା ହେବନି କି ବାଘ ଡର ବି ରହିବନି ।

ମାଙ୍କଡ କହିଲା ଭଲ କଥାଟେ ତ କହିଲୁ । ବହୁ ଆଲୋଚନା ପରେ ସେମାନେ ପିଲା ମାନଙ୍କୁ ଧରି ରାତା ରାତି ସହର ଅଭିମୁଖେ ବାହାରିଲେ ।

ISSN NO.
2582-208X

ଅଜା ଗପଟି ଏତିକି କହିଛନ୍ତି ଦେଖିଲେ ପିଲାମାନେ ସବୁ ଶୋଇ ଗଲେଣି । ତେଣୁ ସେ ଗପ କହିବା ବନ୍ଦ କରିଦେଇ ଖବର କାଗଜ ଉପରେ ଆଖି ବୁଲେଇ ଆଣିଲେ । ଏଗୁଡା କି ସମ୍ବାଦ ଯେ ସେ ପଢିବେ । କୋଉଠି ଚୋରି, କୋଉଠି, ଡକାୟତି, କୋଉଠି ହତ୍ୟା, କୋଉଠି ଧର୍ଷଣ, କୋଉଠି ଯୁଦ୍ଧ, କୋଉଠି ଶୋଷଣ, କୋଉଠି ଆଉ କଅଣ । ଖବର କାଗଜଟିକୁ ରଖିଦେଲେ । ରାତିରେ ଏସବୁ ଖବର ଦେଖି ମୁଣ୍ଡକୁ ଭାରାକ୍ରାନ୍ତ କରିବାର କିଛି ମାନେ ନାହିଁ । ରାତିରେ ଭଲ ନିଦ ହେବ ନାହିଁ ।

କିନ୍ତୁ ଭାବିଲେ ମାଙ୍କଡ ଆଉ ମାଙ୍କଡାଣୀ ତାଙ୍କ ଛୁଆ ପିଲାଙ୍କୁ ଧରି ସହର ଅଭିମୁଖେ ଯାତ୍ରା କରିଛନ୍ତି ଏଇ ମଣିଷ ମାନଙ୍କୁ ଭରଷା କରି, ଅନେକ ଆଶା ନେଇ । ଯୋଉମାନେ ନିଜ ଜାତିର ଲୋକଙ୍କୁ ବି ଛାଡୁ ନାହାଁନ୍ତି ସେମାନେ ଏ ମାଙ୍କଡ ପରିବାରକୁ କି ସୁରକ୍ଷା ଦେବେ । ସେମାନେ ଏତେ ଆଶା କରି ତାଙ୍କ ମୂଲକ ଛାଡି ମଣିଷ ପୂର୍ଣ୍ଣ ଜଙ୍ଗଲ ଭିତରେ ରହିବାକୁ ଆସୁଛନ୍ତି, ତାଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରିବେତ ? କେଜାଣି ଅଜାଙ୍କର ବହୁତ ସନ୍ଦେହ । ସେ ତ ଏତେ ବର୍ଷ ଏ ସଂସାରରେ ରହି କହାକୁ ଏପର୍ଯ୍ୟନ୍ତ ବିଶ୍ବାସ କରି ପାରି ନାହାଁନ୍ତି ।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ହୃଦୟ



ସଂଯୁକ୍ତା ସାହୁ

ହୃଦୟଟା ସିନା ଦେଖିବାକୁ ଛୋଟ
ଏହା ଯେ କେତେ କୋମଳ
ଜୀବନ ନାଟିକା ରହିଛି ସେଥିରେ
ନ ଥାଏ ତା'ର କାଳ ବେଳ।
ଭଲ ପାଇବାର ପ୍ରତିଛବିଟିଏ
ତା ଭିତରଟା ବଡ ଗମ୍ଭୀର
କେତେବେଳେ ସେ ନରମ ପୁଣି
କେବେ ସେ ହୁଏ କଠୋର ।
ମଣିଷର ମାନସିକତାକୁ ନେଇ
ହୃଦୟ କଥା ଯେ କହୁଥାଏ
କାହାପ୍ରତି କେମିତି ସମ୍ବେଦନଶୀଳ
ପୁଣି ତା ଟାଣ ପଣ ଦେଖାଏ ।
ଜଣଙ୍କୁ ଯଦି ହୃଦୟ ଟା ଦେଇଦିଏ
ଆତ୍ମୀୟତା ଆପେ ଆସିଯାଏ
ଏମିତି ସେ ତା 'ର ଗୁଣଟି ଅଟଇ
କେବେ ଭାଙ୍ଗି ଖଣ୍ଡ ଖଣ୍ଡ ହୁଏ ।

ISSN NO.
2582-208X

ଏଇ ହୃଦୟ ପ୍ରୀତିର ମୂର୍ଚ୍ଛନା ତୋଳେ
ଭଲପାଇବାର ଶୁଭେ ଝଙ୍କାର
କେମିତି କେଜାଣି ଉଜାଣି ସୁଅରେ
ଭାସି ଭାସି ଆସେ ମଧୁର ସ୍ୱର ।
ମନ ଦିଆନିଆ ଭାବର ଆଦାନ
ପ୍ରଦାନରେ ହୃଦୟଟି ମଜ୍ଜିଯାଏ
ବୁଝେ ନାହିଁ ସିଏ ପରା ଭଲ ମନ୍ଦ
ଏମିତି ବନ୍ଧନ ବାନ୍ଧି ହୋଇଯାଏ ।
କାହାର ହୃଦୟକୁ ଭାଙ୍ଗ ନାହିଁ କି
ଦିଅ ନାହିଁ କେବେ ଆଘାତ
ନ ହେଲେ ସେଇ ଆତ୍ମୀୟତାଟି
ମଣିଷ ପଣିଆ ରହିବ କୁହ ତ ?

ସ୍ୱାହାମା
ଜଗତସିଂହପୁର

ISSN NO.
2582-208X

# ପିତୃଶ୍ରାଦ୍ଧ



ନିରୁପମା ମିଶ୍ର

ଆହେ ପତା, ପ୍ରପିତାମହ ।

କି ଦେଇ ପୂଜିବି ତୁମ୍ଭକୁ ସଂସାର ମୋହ ମାୟା ରେ ହୋଇ ଅଛି ଲୟ ।

ଶରଧା ରେ କରିଥାନ୍ତି ଶାରଧ ନିଜର ପରିଜନମୟ ।

ବରଷକେ ଥରେ ଆଶ୍ୱିନ ମାସରେ କୁଷ୍ଣ ପକ୍ଷରେ

ଆସିଥାଅ ପରା ନିଜ ନିଜର ନିବାସଳୟ ।

ରାଜା ଦଶରଥଙ୍କ ତିରୋଧାନରେ

ପୁତ୍ର ବଧୁ ସୀତା ସତୀ କରିଥିଲେ ଜଳ ଦାନ ।

ସେତିକିରେ ରାଜା ଦଶରଥଙ୍କୁ ତୋଷ କରିଥିଲେ ଜାଣ ।

ରଥ ବଂଶର ଜେଷ୍ଠ ବଧୁ ମୁହିଁ, କରଯୋଡି କରୁଛି ପ୍ରଣାମ ।

ଭୁଲ୍ ଥିଲେ ବାରେ ମୋର ପରିବାରେ କରିବ ନିଶ୍ଚୟେ କ୍ଷମା ଦାନ ।

ଘେନ ବାରେ ମୋର ପ୍ରଣାମ ।

ବଞ୍ଚି ଥିବାବେଳେ ଯାହା ସବୁ କିଛି ଦେବ ତାହା ହେବ ଗ୍ରହଣ ।

ମଲାପରେ କି ଲାଭ ହେବ କରିଲେ ପିଣ୍ଡ ଦାନ ।

ମାନବ ଜାତି ଏଠି ସଭିଏଁ ସମାନ ।

ତୁମ୍ଭରି ସୃଷ୍ଟି ରେ କିଏ, ଖ୍ରୀଷ୍ଟିୟାନ ତ କିଏ ମୁସଲମାନ ।

ସେମାନେ ତ କରନ୍ତି ନାହିଁ ପିଣ୍ଡ ଦାନ ।

ISSN NO.
2582-208X

ବୃଥା ରେ ଧର୍ମାନ୍ଧ ନ ହୋଇ ଶରଧା ରେ କିଛି କରିବା ଦାନ ।
ଜୀବେ ଦୟା, ମାନବ ସେବା ହିଁ ମାଧବ ସେବା ଏକଥା ଟି ରହିଛି ସର୍ବଧର୍ମ ।
ପଶୁ, ପକ୍ଷୀ ଅବା ଗଛଲତା। ସବୁ ଶରୀର ରେ ରହିଛି ଜୀବ ର ବଶତା।
ନଶ୍ୱର ଶରୀର ମାତ୍ର ଆତ୍ମା ଅମର।
ଏଇ କଥାଟି ହିଁ ସାର।
ଯେମିତି କର୍ମ କୁ ସେମିତି ଫଳ ଲେଖି ଦେଇ ଅଛି ବିଧାତା।
ଅନ୍ୟଥା ନୁହଁ ଏଇ କଥା।
ସ୍ୱୟଂ ରାମଚନ୍ଦ୍ର ଚଉଦ ବର୍ଷ ବନବାସ ଭୋଗିଲେ ।
ସ୍ୱୟଂ ମହାପ୍ରଭୁ ଲକ୍ଷ୍ମୀଙ୍କ ଶାପରେ ବାରବର୍ଷ ଧରି ଭିକ୍ଷା ମାଗିଥିଲେ ।
ଯାହାର ଘରଣୀ ଅର୍ଣ୍ଣପୂର୍ଣ୍ଣା ରାଣୀ ।
କି ଅବା ବର୍ଣ୍ଣିବି ତାଙ୍କର କାହାଣୀ ।

ଚନ୍ଦ୍ର ଶେଖର ନଗର, ବଲାଙ୍ଗିର

ISSN NO.
2582-208X

# ମା ତୁ ଆସୁଥା ଶରତରେ



ଜୟଶ୍ରୀ ପଟ୍ଟନାୟକ

ଏମିତି ଆସୁଥାଆ ଶରତରେ ମା
ହସୁଥାଆ ମନ ଖୋଲି
ଦୁଷ୍ଟ ନାଶି ସନ୍ଥଜନେ ପାଳିବାକୁ
ଯିବୁନାହିଁ କେବେ ଭୁଲି ।
ତୋ ମୁହଁ ଦେଖିଲେ ଲାଗୁଥାଏ ସତେ
ଶକ୍ତି ଅଛି ଜଗତରେ
ନାରୀ ଟିଏ ଯେବେ ହୁଏ ନିର୍ଯ୍ୟାତିତା
ଲାଗେ ଶକ୍ତି ବିପଦରେ ।
ମୃଣ୍ମୟୀ ମା କୁ ପୂଜା କରୁ ସର୍ବେ
କେତେ ଉପଚାର ଥୋଇ
ଜୀବନ୍ତ ମାଆ କୁ କଷ୍ଟ ଦେଉ ଥାଉ
ସେବାର ନାମକୁ ନେଇ ।
ପତ୍ନୀ ପାଇଁ ଥାଏ ରାଜ ଉଆସ
ମା ପାଇଁ ବଖରେ ଘର
ପୁଅ ପାଇଁ ଧନ ସଂଚୁ ସଂଚୁ ଭାଙ୍ଗେ
ଭାବ ଯେତେ ସମ୍ପର୍କର ।
ଲୋଭ, ମୋହ ଯେତେ ଗଣ୍ଠିଲି କରିଲେ
କିଛି ଯାଏନାହିଁ ସାଥେ

ISSN NO.
2582-208X

ସଂସାର ହାଟ ରୁ ସଉଦା ସରିଲେ
ମୃତ୍ୟୁ ଯାଏ ଛ ଖଣ୍ଡି ରଥେ ।
ମୋର ମୋର ବୋଲି ଯେତେ ସଂଚୁ ଧନ
ରହିଯାଏ ପଛ କରି
ଖାଲି ହାତେ ଯାଏ ଜୀବନ ଜୁଇ କୁ
ସମ୍ପର୍କ ଥାଏ ରେ ମରି ।
ଛନ୍ଦ, କପଟକୁ ଦୂରେଇ ମନରୁ
ଧରିଥିଲେ ଭାବ ଡୋର
ଲୁହ ତର୍ପଣ କରି ବସିଥିବେ
ବନ୍ଧୁ ଯେତେ ଜୀବନର ।
ସ୍ମୃତି ଫଳକରେ ନାଁ ଲେଖଥିବ
କାନ୍ଦୁଥିବେ ଝୁରି ଲୋକ
ଚାଲିଗଲା ଗୋଟେ ଭଲ ହୃଦୟଟି
ବୋଲି କରୁଥିବେ ଦୁଃଖ ।
କାଶତଣ୍ଡି ହସେ ତୁ ବି ତ ହସୁ
ହସୁଥାଏ ଏହି ଧରା
ବିସର୍ଜନ ଯେବେ ହୁଏ ତୋ ମୂରତି
ନୟନୁ ଝରଇ ଧାରା ।
ଆସୁଥାଆ ମାଆ ସବୁ ଶରତରେ
ଦୁଲକୀ ଉଠୁ ଏ ଧରା
ପ୍ରଣତି ଜଣାଏ ଲୋ ମହିଷାମର୍ଦ୍ଦିନୀ
ଶେଫାଳିରେ ଆଞ୍ଜୁଳି ଭରା ।

ସମ୍ପାଦିକା ଇର୍ବ୍ ଇ ପତ୍ରିକା
ଗଙ୍ଗନଗର ଛକ, ଭୁବନେଶ୍ୱର
7978110474

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୩୯ )

ରେଭ୍ ଏମ୍ପାୟାର୍ ରେଭେନ୍ସାରେ ମୋର କଲେଜ ଜୀବନର ଅୟମାରମ୍ଭ । ନାଲି କୋଠାର ସବୁ କିଛି ନାଲି । ସେତେବେଳେ କଲେଜ ପରିସରର ସମସ୍ତ ସଡ଼କ ମାନ ମଧ୍ୟ ନାଲି ମୁରୁମ୍ ମାଟିରେ ତିଆରି । ନାଲି ନାଲି ସ୍ୱପ୍ନଟିଏ ପରି ଲାଗୁଥାଏ ମୋତେ । ସ୍ୱପ୍ନରୁ ଉଠିଲା ପରି ଚମକି ପଡେ ମୁଁ , ମୁଁ ସତରେ ରେଭେନ୍ସାରେ ଅଛି ?

ଆମକୁ କୋଠରୀ ମିଳିଥାଏ ପୂର୍ବ ଛାତ୍ରାବାସରେ । ମୋଟ୍ ଚାରିଟା ଛାତ୍ରାବାସ ଥାଏ । ପୂର୍ବ, ପଶ୍ଚିମ, ମଧ୍ୟ ଓ ନୂଆ ସ୍ନାତକୋତ୍ତର ଛାତ୍ରାବାସ। ପୂର୍ବ ଛାତ୍ରାବାସ କୁ ଲାଗି ଦୁଇଟା ଛାତ୍ରୀ ନିବାସ । ତା ମାନେ ଅନେକ ଛାତ୍ରୀ ମଧ୍ୟ ପଢୁଛନ୍ତି ଏଠି ।

ସବୁଠାରୁ ପ୍ରଭାବିତ କରିଥିଲା ମୋତେ କଲେଜ ଘାସ ଗାଲିଚାରେ ଥିବା ବ୍ରିଟିଶ ଅମଳର ସୂର୍ଯ୍ୟ ଘଡ଼ି। ଏମିତି ମଧ୍ୟ ରେଭେନ୍ସା ଯେତେବେଳେ କଲେଜ ଥିଲା ସେତେବେଳେ ମଧ୍ୟ ସେଠାରେ ସୁନ୍ଦର, ଗାଢ଼ ଶାଗୁଆ ଗହଳିଆ ଘାସ ଗାଲିଚା ସମସ୍ତଙ୍କୁ ଅନାୟାସରେ ଆକର୍ଷିତ କରୁଥିଲା । ଆଉ ଆଜି ୟୁନିଭର୍ସିଟି ହେଲା ପରେ ମଧ୍ୟ ତାର ଘାସ ଗାଲିଚାର ଆକର୍ଷଣ ନିଆରା। ଗୋଧୂଳି ପରେ ଦଣ୍ଡେ ଘଡ଼ିଏ ବସିଗଲେ ସବୁ କ୍ଳାନ୍ତି କୁଆଡ଼େ ମିଳେଇ ଯାଏ।

ସୂର୍ଯ୍ୟ ଘଡ଼ି, ଏହା ଏକ ଅଦ୍ଭୁତ ସମୟ ଯନ୍ତ୍ର ଥିଲା । ସେ ସମୟରେ ସବୁ ପିଲା ମାନଙ୍କ ପାଖରେ ତ ଆଉ ଘଡ଼ି ରହୁ ନଥିଲା । ମୁଁ ସିନା ଭାଗ୍ୟବାନ୍ ଥିଲି ଯେ ଅନିନାନୀଙ୍କ ଦୟାରୁ

ISSN NO.
2582-208X

ଆଉ କିଛି ଥାଉ ନଥାଉ ନେଙ୍ଗା (ବାଁ) ହାତରେ ଘଡ଼ିଟିଏ ବନ୍ଧା ହେଇଥିଲା । ନହେଲେ ଆମେ କିଏ ଆଉ ରୋଲେକ୍ସୋ ଘଡ଼ି କିଏ ?

ପିଲାମାନେ ସେହି ସୂର୍ଯ୍ୟ ଘଡ଼ିକୁ ଅନୁସରଣ କରି ଯାବତୀୟ କାମ କରୁଥିଲେ । ନିର୍ଭୁଲ ସମୟ ବତାଉଥିଲା ସେଇ ଘଡ଼ି। ସୂର୍ଯ୍ୟଙ୍କ ରଶ୍ମୀର ଛାଇ ଦ୍ୱାରା ଘଡ଼ିଟି ସମୟ ନିରୂପଣ କରୁଥିଲା।

କଲେଜ ଭିତରେ ପୃଥକ୍ ପୃଥକ୍ ଗ୍ୟାଲେରୀ ସବୁ ଥିଲା। ରାଜ୍ୟ ସଚିବାଳୟର ପ୍ରଥମ ସଦନ ରେଭେନ୍ସା କଲେଜରେ ହିଁ ବସିଥିଲା।

ତା ପରଦିନ ଠାରୁ ଆମର କ୍ଲାସ୍ ଆରମ୍ଭ ହେଇ ଯାଇଥିଲା ।

ସୁକୁମାର ସତରେ ସୁକୁମାର ପିଲାଟିଏ । ଶାନ୍ତ ସୁଧାର ଗାଈ ପରି। ଝିଅ ପିଲା ପରି ଗୌରବର୍ଣ୍ଣ ଓ ହସିଲେ ଦୁଇ ଗାଲରେ ଦୁଇଟା ଛିଦ୍ର ହେଇ ଯାଉଥାଏ । ନରମ ନରମ ହାତ ପାଦ। କଥା ମଧ୍ୟ ଖୁବ୍ ଧୀର।

ନିରୀହ ଦେଖି ମାନସ ତାକୁ କହିଲା ତା ପାଇଁ ସୁରେଇରେ ପାଣି ଆଣି ଦେବା ପାଇଁ । ସୁକୁମାର ଉଠୁଥିଲା କିନ୍ତୁ ଜନାର୍ଦ୍ଦନ କହିଲା, - କି ବେ ତୁ ଯାଉନୁ, ତୁ କଣ ଗଭର୍ଣ୍ଣର୍ ଛୁଆ କି ? ହେଲେ ହେଇଥିବୁ, ତୋ ଘରେ ନା ।

- ହଇବେ, ମୁଁ ତ ତାକୁ କହିଲି, ତୋର୍ କାହିଁକି ଫାଟୁଛି କିବେ ?

- ହଁ, ଫାଟିବ, ଅଲବତ୍ ଫାଟିବ । ବୁଝିଲୁ । ଏଇଟା ହୋଷ୍ଟେଲ୍ । ତୋ ବାପର ଜମିଦାରୀ ନୁହେଁ। ଏଠି ତୋର ବେଠି ଖଟିବାକୁ କେହି ଆସି ନାହାନ୍ତି, ହେଲା । ନିଜ କାମ ନିଜେ କର୍ ବୁଝିଲୁ ।

ତାପରେ ଏମିତି ମିମିକ୍ରି କଲା ତାର ଯେ ଆମର ହସ ବାହାରି ଯାଉଥିଲା ବେଳକୁ ମାନସ କୋପାନଳ। ମୁଁ ମଝିରେ ପଶି କଳି ତୁଟେଇ ଦେଲି ।

- ବଡ୍ ଘର୍ ଛୁଆ । ଆପଣେ ଶିଖବ ଯେ । କଳି ନାଗାନାଗି ଭଲ୍ ନାଇଁ ।

ISSN NO.
2582-208X

- ଆରେ ତୁଇ ବାଲେଶ୍ୱରର କି ?

ମୁଁ ମାନସକୁ ମଧ୍ୟ ବୁଝେଇ ଦେଲି । ଜନାର୍ଦ୍ଦନ ବାଲେଶ୍ୱର ପିଲା ଥିଲା । ଆମ ଭାଷା ଅନେକଟା ମିଶୁଥିଲା। କାଳାନ୍ତରରେ ଏମାନେ ତିନି ଜଣ ଯାକ ମୋର ଭଲ ସାଙ୍ଗ ବିବେଚିତ ହେଲେ।

ସେତେବେଳେ ଆମର ପ୍ରିନ୍ସିପାଲ୍ ଥିଲେ ମହେନ୍ଦ୍ର କୁମାର୍ ରାଉତ । "ମକୁରା" ନାମରେ ସେ ଛାତ୍ର ମହଲରେ ପରିଚିତ ଥିଲେ । ସେହି ରେଭେନ୍ସା କଲେଜରୁ ହିଁ ସେ ସ୍ନାତକ ହୋଇଥିଲେ। ସେ ଓଡ଼ିଶାର ସର୍ବ ପ୍ରଥମ ଡି ଏସ୍ ସି (ଡକ୍ଟର ଇନ ସାଇନ୍ସ) ଥିଲେ । ରସାୟନ ଶାସ୍ତ୍ର ପାଇଁ ନୋବେଲ ପୁରସ୍କାର ବିଜେତା ଆଲେକଜାଣ୍ଡାର ଟୋଡ୍ ତାଙ୍କର ପରୀକ୍ଷକ ଥିଲେ । ଖୁବ୍ ଅମାୟିକ, ନିଶ୍ଚଳ, ଦୟାବାନ୍ କିନ୍ତୁ କଠୋର ସ୍ୱଭାବର ବ୍ୟକ୍ତିତ୍ୱ ଥିଲେ ଡକ୍ଟର ରାଉତ୍।

କରିଡୋରରେ ପ୍ରାପ୍ତ ବୟସ୍କ ପିଲା ମାନଙ୍କର କାନ ଧରିବାର ସାହସ ରଖୁଥିଲେ ସିଏ। ଏମିତି ମଧ୍ୟ ସେ ସମୟରେ ଗୁରୁ, ଶିକ୍ଷକ ଏମାନଙ୍କର ସ୍ୱତନ୍ତ୍ର ଓ ସିଧା ହସ୍ତକ୍ଷେପ ରହୁଥିଲା ଆମର ଜୀବନରେ । ଆମ ଜୀବନଟା ସେତେବେଳେ, "ଦିସ୍ ଇଜ୍ ମାଇ ଲାଇଫ୍" ନଥିଲା । ଜୀବନଟା ଥିଲା, ମାଆ ବାପାଙ୍କର, ମାମୁଁ ମାଉସୀର, ଦାଦା ପିଇସୀର, ସାହି ପଡ଼ିଶାଙ୍କର, ଗାଁର, ଶିକ୍ଷକ ମାନଙ୍କର ଓ ନିଜ ଦେଶ ମାତୃକାର।

- ଆଇଲା ବେଏଏଏ, ହେଇ ମକୁରା ଆଇଲା ,

ଦୂରରୁ ତାଙ୍କୁ ଦେଖି ଚିଲ୍ଲେଇ ସାବଧାନ କରି ଦେଉଥିଲା ଜନାର୍ଦ୍ଦନ। ସମସ୍ତେ କ୍ଲାସ୍ ଭିତରକୁ ଛୁ ମାରୁଥିଲେ । ସୁକୁମାର ପରି ଶାନ୍ତ ଶିଷ୍ଟ ପିଲାମାନେ ତାଙ୍କ ଶୀକାର ହେଉଥିଲେ।

- କ୍ କ୍ କଣ କରୁଛ ଏଠି ? କ୍ କ୍ କ୍ଲାସ୍ ନ ଯାଇ। ବ୍ ବ୍ ବାନା ବାତରା ହେବ ନାଇଁ ?

ସେ ଥତଡେଇ (ଖନେଇ) କଥା କହୁଥିଲେ। ଜନାର୍ଦ୍ଦନ ତାଙ୍କର ନକଲ ଉତାରି ଖୁବ୍ ହସାଉଥିଲା। ମୁଁ ତାକୁ ମନା କଲେ ଓଲଟା ମୋର୍ ନକଲ୍ ଉତାରୁଥିଲା ।

ISSN NO.
2582-208X

- ଯା ବେ ଷଢେଇକଳିଆ, ଯା ଦେଖବୁ ଯା, ବାଦାଡ୍ ଟାରେ କେଁକଡ୍ ଟା ବସିଥିଲା, ଟାଙ୍ଗର୍ ଟା ମାରିଦେଲି ଯେ ମୁଣ୍ଡ୍ ଟା ଟିଙ୍ଗରି ଗଲା ।

ସମସ୍ତେ ତା କଥା ଶୁଣି ହସନ୍ତି । ମୁଁ ଟିକେ ଲାଜେଇ ଯାଏ। ଯାହା ହେଲେ ବି ଭଲ ପିଲାଟାଏ ଥିଲା ଜନାର୍ଦ୍ଦନ। ହସି ହସେଇ ଜୀବନଟା ବିତେଇ ଦେବା ହେଉଛି ଜୀବନର ଲକ୍ଷ୍ୟ । ଏଇ କଥା କହୁଥିଲା ସିଏ।

ସିଏ ହିଁ କହିଥିଲା ମୋତେ ନେସନାଲ୍ ଲୋନ୍ ସ୍କଲାର୍ଶୀପ୍ ଓ ନେସନାଲ୍ ସ୍କଲାର୍ଶୀପ୍ ବିଷୟରେ। ଯେତେବେଳେ ମୁଁ ପ୍ରଥମ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କଲି । ମାର୍କ୍ ବେସିସରେ ସେଇଟା ଏକ ବାର୍ଷିକ ରାଶି ମିଳୁଥିଲା । ବିନାସୁଧ ଲୋନ୍ ପରି। ଛାତ୍ର ଚାକିରୀ ପାଇଲେ ଶୁଝୁଥିଲା ଆଉ ଯଦି ଅଧ୍ୟାପନା ଲାଇନରେ ଗଲା ତ ଶୁଝିବାକୁ ପଡୁ ନଥିଲା । କିନ୍ତୁ ବାସ୍ତବରେ ସେଇ ଲୋନ୍ କେତେଜଣ ଶୁଝିଥିଲେ ତାହା ବିଚାରଣୀୟ। ଆରଟା ଆର୍ଥିକ ବ୍ୟବସ୍ଥା ଦେଖି ପିଲାଙ୍କୁ ମିଳୁଥିଲା । ସେଇଟା ପ୍ରାୟ ସବୁ ପିଲା ନେଉଥିଲେ। ଓଡ଼ିଶାରେ କାହାର ଆର୍ଥିକ ପରିସ୍ଥିତି ଏତେ ଉନ୍ନତ ଥିଲା ଯେ ?

ମେସ୍ ଖର୍ଚ୍ଚ ମାସିକ ଅଠେଇସ ତିରିଶ ଟଙ୍କା ଥିଲେ ମଧ୍ୟ ଅନେକ ପିଲା ସେତିକି ଦେଇ ନପାରି ଘରୁ ଆଣିଥିବା ଚୁଡା, ଛତୁଆ ଇତ୍ୟାଦିରେ କାମ ଚଳାଉ ଥିଲେ । ଏମିତି ମଧ୍ୟ ହେଇଛି ଯେ ପିଲାଏ ଉପାସ ମଧ୍ୟ ରହିଛନ୍ତି। ମୁଁ କିନ୍ତୁ ସବୁ ମାସରେ ବାପା ପଠାଇଥିବା ମନିଅର୍ଡର ପାଉଥିଲି । କିନ୍ତୁ ମୋର କୁଣ୍ଠି ଅଭ୍ୟାସଟା ରହି ଯାଇଥିଲା। ଗଣ୍ଡେ ଖାଇ ଦଣ୍ଡେ ଜିଇବା ମୋର ରକ୍ତରେ  ମିଶି ଯାଗଥିଲା । ମନିଅର୍ଡର ପାଇ ସେହି ଟଙ୍କା ଭିତରେ ମୋତେ ଦେଖା ଯାଉଥିଲା ବାପାଙ୍କର ଫସକା ପଡ଼ି ଯାଇଥିବା ହାତ । ଟଙ୍କା ମୋତେ ଓଦା ଓଦା ଲାଗୁଥିଲା । ବାପାଙ୍କ ଝାଳରୁ ଉତ୍ପନ୍ନ ଏଇ ଟଙ୍କା । ମାଆର ପରିଶ୍ରମର ଫଳ ଇଏ। ମୁଁ ତାକୁ ସାଇତି ରଖି ଦେଉଥିଲି ଟ୍ରଙ୍କର ଢାଙ୍କୁଣୀରେ ଥିବା ପକେଟ୍ ଭିତରେ।

ମେସ ରେ ଭାତ ଡାଲି, ଭଜା ସନ୍ତୁଳା ଛାଡ଼ି ମାଛ  ଓ ମାଂସ ମଧ୍ୟ ମିଳୁଥିଲା ବାରି ଦେଖି।

ଜନାର୍ଦ୍ଦନ ଭାତରେ ଡାଲି ଢାଳିଦେଇ କହିବ,- ଆବେ ହେ, ଦେଖ ବେ ଦେଖ କୋଉ ନଦୀଟା ଶୁଖାଗଲା, ମହାନଦୀ  ନା କାଠଯୋଡ଼ି ? ସବୁ ପାଣି ଯାକ ତ ଆସି  ଏଇ ରେଭେନ୍ସିଆନ୍ ଡାଲିରେ।

ISSN NO.
2582-208X

- ଆବେ, ଏମିତି ଡାଲିକୁ ତ ଏଇଠୁ ଢାଳିଦେଲେ ମହାନଦୀ କି କାଠଯୋଡ଼ି ଯାଏଁ ବୋହିଯିବ ଏଇନେ।

ସୁକୁମାର ଖୁବ୍ ଭଲ ପଢୁଥିଲା । ଜନାର୍ଦ୍ଦନ ମଧ୍ୟ ମନ୍ଦ ନଥିଲା। କିନ୍ତୁ ମାନସର ଚରିତ୍ର ଆମେ ବୁଝି ପାରୁ ନଥିଲୁ । ଜନାର୍ଦ୍ଦନ ସହିତ ତାର ତୁଣ୍ଡା ମୁଣ୍ଡା ନଥିଲା, ମୂଳରୁ ଅହି ନକୁଳ ସମ୍ପର୍କ। ସୁକୁମାର ଗୁମ୍ ମାରୁଥିଲା । ମୁଁ କିନ୍ତୁ ଚାହୁଁଥିଲି ସେ ମଧ୍ୟ ଆମ ସହିତ ମିଶୁ, ହସୁ । ଷାଣ୍ମାଷିକ ପରୀକ୍ଷା ଫଳ ବାହାରିଲା ପରେ ମୁଁ ଖୁସି ହେଇ କୋଠରୀକୁ ଆସିଲି । ସୁକୁମାର ଓ ଜନାର୍ଦ୍ଦନ କେହି ଆସି ନଥିଲେ। ଭିତରୁ କବାଟ ବନ୍ଦ ଥିଲା । କିନ୍ତୁ ବୁକତଡା ଦିଆ ହେଇ ନଥିଲା କେବଳ ଶିଙ୍କୁଳି ଲାଗିଥିଲା । ମୁଁ ଡାକିଲି ମାନସକୁ। କିନ୍ତୁ କିଛି ଯୋର୍ ଶବ୍ଦ ଶୁଭିଲା ନାହିଁ। ଫଳ ବାହାରିବା ଖୁସିରେ ସମସ୍ତେ କେମ୍ପସରେ ଥିଲେ। କେହି କୁଆଡ଼େ ନଥିଲେ ଏଠି । ହୋର ଛାତି ଧଡ଼ଧଡ଼ ହେଲା । ମନକୁ କଣ ଆସିଲା କେଜାଣି ଯୋର୍ ଗୋଟେ ଧକ୍କା ଦେଲି । ଶିଙ୍କୁଳି ଖୋଲି ଯାଇଥିଲା ଆଉ ମାନସ୍ ବେକରେ ଗଳେଇ ସାରିଥିଲା ଗାମୁଛାଟା । ମୁଁ କୁଦି ପଡ଼ି ତା ଖଟକୁ ଚଢ଼ି ଗଲି । ଶକ୍ତ ଚାପୁଡ଼ା ଟାଏ ବସେଇ ଦେଲି ଗାଲରେ। କୃଷକ ଛୁଆ ମୁଁ । ଛଅଫୁଟ୍ ଉଚ୍ଚତା ଥିଲା ମୋର। ପେଜ ପାଣି ଖିଆ ଦେହରେ ଅମାପ ବଳ। ତାପରେ ସୂର୍ଯ୍ୟ ପାଖରୁ ଅଭ୍ୟାସରେ ପକେଇ ଦେଇଥିବା ଯୋଗ ପ୍ରାଣାୟାମର ଶକ୍ତି। ସେଇ ଗୋଟାକ ଚାପୁଡାରେ ମାଟି କାମୁଡ଼ି ହାମ୍ବଡେଇ ପଡ଼ିଗଲା ସିଏ ତଳେ।

- ଆରେ ହେ, ତୁ କି ଭାବିଛୁ ? ଏଇ ଜୀବନଟା ତୋର? ତୋର ଜୀବନରେ ଏକୁଟିଆ ତୋର ଅଧିକାର ନାହିଁ । ହଇରେ ମରାମୁହାଁ ଛୁଆ, ତୁ ମରଲେ ନା ତୋର୍ ବାପା ମାଆ ବି ମରବେ ରେଇ, ଯଦି ନାଇଁ ମରବେ ଦରମରା ମଡା ପରି ବଞ୍ଚବେ। ଜୀବନ ଥରେ ମିଳେଇ। ଏଟାକୁ ଏମତି ସାରି ଦେ ନାଇଁ।

ମାନସ ଫେଲ୍ ହେଇଥିଲା । ପରୀକ୍ଷାରେ ଆଉ ଆତ୍ମହତ୍ୟା ଉଦ୍ୟମରେ । କେତେ ବୁଝିଲା ମୋ କଥା ଜଣା ନାହିଁ। କିନ୍ତୁ ମୋ ଠାରୁ କେବେ କେମିତି ପାଠ ବୁଝିଲା। ମୁଁ ଏହି କଥା କାହା ଆଗରେ କହି ନଥିଲି।

କିନ୍ତୁ କିଛିଦିନ ପରେ ଆଉ ଏକ ନୁଆ ସମସ୍ୟା ଦେଖାଗଲା। କଲେଜ ପାଚେରୀକୁ ଲାଗି ଥିଲା ପିଲଗ୍ରିମେଜ ରୋଡ଼ । ବଡ଼ ଅନ୍ଧାରୁଆ ଓ ନିଛାଟିଆ ଗଳି। ସେଇଠି ଅପେକ୍ଷାକୃତ

ISSN NO.
2582-208X

ଆହୁରି ଅନ୍ଧାରିଆ, ନିକାଞ୍ଚନ ଜାଗାରେ ଗଞ୍ଜେଇ ଟାଣୁଥିଲେ ବାଲୁଙ୍ଗା, ଛତରା ପିଲା ମାନେ।

ମୁଁ ଏହି ସବୁ ନୁଆ ଶବ୍ଦ ଶିଖି ଯାଇଥିଲି, ବାଲୁଙ୍ଗା, ଛତରା, ଫାଡା, ଫାଟିବା, ବାନା ବାତରା, ଖଟି ଇତ୍ୟାଦି। ଏସବୁ ଯଦିଓ ବ୍ୟବହାର କରୁ ନଥିଲି ତେବେ କେବେ କେମିତି ପରିସ୍ଥିତିର ଚାପରେ ପିଛଳି ଯାଉଥିଲା ପାଟିରୁ।

ଦିନେ ଦିନେ ମାନସ ପଶି ଆସିବା କ୍ଷଣି ଘରଟା ଫୁରକୁଟିଆ ଗନ୍ଧରେ ଭରିଯାଏ। ଆମେ ସବୁ ସନ୍ଦେହ କଲୁ । ଏଇଟା କଣ ସିଗାରେଟ ଫିଗାରେଟ୍ ଟାଣୁଛି କି ?

କିନ୍ତୁ କଲେଜ ପିଲାମାନେ ସେତେବେଳେ ସିଗାରେଟକୁ ଆଭିଜାତ୍ୟର ସିମ୍ବଲ୍ ଭାବୁଥିଲେ । ଲମ୍ବା କଲିଆ ହିପ୍ପି ଚୁଟି ରଖି, ନୁଆ ନୁଆ ଫେସନରେ ଆସିଥିବା ଚବିଶ୍ ଇଞ୍ଚିଆ ବେଲ୍ ବଟମ୍ ପିନ୍ଧି ଝିଅଙ୍କ ସାମନାରେ ସିଗାରେଟ ଟାଣି ଷ୍ଟାଟସ୍ ପ୍ରଦର୍ଶନ କରୁଥିଲେ। ବାକି, ବଡ଼ଲୋକ ମାନେ ଆସିଲା ମାନେ ଧୂଆଁ ପେଟ ଭିତରକୁ ଟାଣିନେଇ ଆକଟା ହେଉଥିଲେ ପଛ ଆଡେ ଆଙ୍ଗୁଳି ଜଳିଯାଉ ପଛେ । ଏତିକିଟା ସମ୍ମାନବୋଧ ତ ଥିଲା ପିଲା ମାନଙ୍କର।

ହେଲେ କଥା ଆହୁରି ଆଗକୁ ବଢ଼ି ଯାଇଥିଲା, ସେଦିନ ସନ୍ଧ୍ୟା ସାତଟା ବେଳେ ଅଚାନକ୍ ଚଇତୁ ମଉସା ପଶି ଆସି ପଚାରିଲେ, - ସେ ମାନସ ଛୋଟରାୟ କାହିଁ ?

ଆମେ ତିନିଜଣ ମୁହଁ ଚାହାଁଚାହିଁ ହେଲୁ ।

- ସାଙ୍ଗରେ ରହିଛ ? କିଏ କଣ କରୁଛି ଜାଣି ନା? ସେଇଟା ପକ୍କା ଗଞ୍ଜୋଡ୍ ହେଇ ଗଲାଣି।

ମୁଁ ଚଇତୁ ମଉସାଙ୍କୁ ଅନୁରୋଧ କଲି ଏକଥା କୋଉଠି ପ୍ରଘଟ ନ କରିବାକୁ । ଜନାର୍ଦ୍ଦନ ଏଇଠି ଦୟାଭାବ ଦେଖେଇଲା ମାନସ ପ୍ରତି।

ମାନସକୁ ଏଥର ଜଗିଲୁ ଆମେ ଗୋଡେ ଗୋଡେ। ତିନିଜଣ ଯାକ କଥା ହେଇ ପାଳି କରି ତା ସାଙ୍ଗରେ ରହିଲୁ। ସନ୍ଧ୍ୟା ବେଳେ ମୁଁ ରହିଲି ତା ସହିତ, ପାଠପଢ଼ା ଆଳରେ ।

ISSN NO.
2582-208X

ସେଇ ସମୟଟା ସିଏ ବଡ଼ ବିକଳ ହୁଏ। ଚୁଟି ମୁଠା ମୁଠା କରେ। ମୁଣ୍ଡକୁ ଧରି ପେଟେଇ ପଡେ। ମୁଁ କିନ୍ତୁ ତା ମନକୁ ଯୋର୍ କରି ଆଣେ ଠିକଣା ଜାଗାକୁ । ପିଲାଙ୍କୁ ପାଠ ପଢେଇବାର କାଇଦା ତ ମୁଁ ଶିଖି ଯାଇଥିଲି ଅନୁଭବରୁ । ମମତା, ଚଇନୁ, ଜୀବନ ଓ ଆହୁରି ଅନେକ। ସକାଳୁ ସମସ୍ତଙ୍କୁ ବ୍ୟାୟାମ କସରତ କରିବା ଅଭ୍ୟାସରେ ପକେଇ ଦେଲି। ଜନାର୍ଦ୍ଦନ ମଧ୍ୟ ତା ସହିତ ସହଜ ହେଇ ଆସିଲା। ତାର ଗଞ୍ଜେଇ ନିଶା କେମିତି ଛାଡ଼ିଗଲା ନା ସେ ଜାଣି ପାରିଲା ନା ଆମେ ।

ବର୍ତ୍ତମାନ ଆମେ ଏକମନ ଚାରି ପ୍ରାଣ।

ଦେଖୁ ଦେଖୁ ଆସିଗଲା ଫାଇନାଲ୍ ପରୀକ୍ଷା।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ବନ୍ଧୁ ତୁମେ ଗଲା ପରେ



ଦଣ୍ଡାସି ପ୍ରଧାନ

କହିଥାନ୍ତି ଲୋକ ସମ୍ପର୍କ ଭିତରେ
ଭିନ୍ନ ଏକ ବନ୍ଧୁ ପ୍ରାଣ,
ଏବେ ମୁ ବୁଝିଲି ତୁମେ ଗଲା ପରେ
ନିସଙ୍ଗ ଏକାକିପଣ ।01

ଇନ୍ଦ୍ରଧନୁ ବଳି ବନ୍ଧୁତା ଆବେଗ
ଉଦାର ସୁଧାର ଭାବ,
କି ଉପମା ଦେଇ ବର୍ଣ୍ଣିବି ଏଇଠି
ତୁମ ସରି କିଏ ହେବ ? ।02

ପଡିଥିଲେ ଧୂଳି ଝାଡିଦେଇ ଥା'ନ୍ତି
ଲାଗିଥିଲେ ମଳି ଧୋଇ,
ଛିଣ୍ଡି ଯାଇ ଥିଲେ ଦେଇଥା'ନ୍ତି ଯୋଡି
ନିଜେ ନିଜକୁ ବୁଝାଇ। 03

ISSN NO.
2582-208X

ହଜି ଯାଇଥିଲେ ଆଣିଥା'ନ୍ତି ଲୋଡି
ଭାଙ୍ଗି ଥିଲେ ଥା'ନ୍ତି ଗଢି,
ରୋଗା ଗ୍ରସ୍ତ ଥିଲେ ଆରୋଗ୍ୟ ବିଧାନେ
ସେବା ଶ୍ରଦ୍ଧାପଣେ ଜଡି ।04

ଆମ ପରସର ପାଣି ପବନ କି
ହୃଦେ ଭରିଥିଲେ କଷ୍ଟ?
ଛାଡି ଚାଲିଗଲ ଅଜଣା ରାଇଜେ
ବାଛିନେଲ ନିଜ ବାଟ ।05

କେଉଁ କଥା କହି ସଭିଏଁଙ୍କୁ ବୋଧି
କରାଇବି ମନେ ଥୟ,
ହତବାକ ଏଠି ସରବେ ସ୍ୱଜନେ
ତୁମ ବିହୁନେ ଅଥୟ ।06

ଋଣୀ କରିଦେଇ ଆବୋରିଲ ପଥ
କିପରି ପରିଶୋଧିବି
ସେନେହ ମମତା କାଙ୍ଗାଳ ଜୀବନ
ମୃତବତ୍ ସଢୁ ଥିବି ।07

ମିଷ୍ଟ କଥା ଗାଥା ବିବିଧ ଢଙ୍ଗର
ହସଭରା ସୁଧାଳାପ
ଅହର୍ନିଶ ସ୍ମରି ବିତିବ ଜୀବନ
ବିଦଗ୍ଧ ହୃଦେ ବିଳାପ। 08

ISSN NO.
2582-208X

ଆଘାତର ସିନା ଦିଶୁନାହିଁ ଚିହ୍ନ
ଦିଗହରା ସବୁ ଚାହିଁ
କାହାକୁ କହିବ ଆଖି କଥା ଆଖି
ଲୁହ ପୋଛେ ଲୁହ ଯହିଁ ।09

ଜ୍ୟେଷ୍ଠ ଜନ ଚାହେଁ କନିଷ୍ଠ କାନ୍ଧରେ
ଶ୍ମଶାନ ଜୁଇକୁ ଯିବା
ବିପରିତ ମତେ ବିଧିବାମ ହେଲେ
କର କପାଳ ତାଡିବା ।10

ଜୀବ ପରମାତ୍ମା ଆତ୍ମଙ୍କ ଅର୍ଥରେ
ଲୟ ସନ୍ନିବେଶ କଲ,
କର୍ମ ଯୋଗ ଘେନି ସରଳ ବିଧାନେ
ରଥାରୂଢେ ବାହୁଡିଲ। 11

ମହତ୍ତ୍ୱ ମଣିଷ ଆତ୍ମନିଷ୍ଠ ଜନ
ବେଗେ ବେଗେ ରୂପାନ୍ତରେ
ଆଦ୍ୟ ପ୍ରାନ୍ତ ବିନ୍ଦୁ ସନ୍ନିବିଷ୍ଟ ହେଲେ
ଆକର୍ଷେ ମୋକ୍ଷ ପ୍ରାପ୍ତିରେ ।12

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସାସ୍କୃତିକ ସେବା ସଂସଦ, ପାତ୍ରପୁର ଗଞ୍ଜାମ
ଭ୍ରାମ୍ୟଭାଷ୍ୟ 8660194967

ISSN NO.
2582-208X

# ରଣପୁରର ମାହାତ୍ମ୍ୟ



ଡ଼କ୍ଟର ସୀମାଞ୍ଚଳ ପ୍ରଧାନ

ରଘୁ, ଦିବାକର ନାମେ ବିଦ୍ୟାଳୟ
ରହିଛି ରଣପୁରରେ
ତାକୁ ଦେଖିବାକୁ ଲୋକେ ଆସୁଛନ୍ତି
ଅତି ଆବେଗ ଭାବରେ ।

ରଘୁ, ଦିବାକର ସେଠାକାର ଲୋକ
ସହି ବହୁ ଅପମାନ
ମରଣୋତ୍ତରରେ ପାଇ ସନମାନ
ହୋଇଲେ ଦୁହେଁ ମହାନ ।

ଦ୍ୱିତୀୟ ପୁରୀର ମାନ୍ୟତା ମିଳିଲା
ରଣପୁର ଗାଆଁଟିକୁ
ସେଠାର ରାଜନ ଯାଉଥିଲେ ପୁରୀ
ଜଗନ୍ନାଥ ଦେଖିବାକୁ ।

'ଜଙ୍ଗିଆ' ନିକଟେ ଭାରି ବନ୍ୟା ହେଲା
ରାଜା ଯାଇ ପାରିଲେନି

ISSN NO.
2582-208X

ନିର୍ଜଳା ଉପାସେ ରହିଗଲେ ସିଏ
ଉଆସରେ ତୁନି ତାନି ।

ତହିଁ ଆର ଦିନ ଶ୍ରୀକ୍ଷେତ୍ରକୁ ଯାଇ
ଦେଖିଲେ ଜଗନ୍ନାଥଙ୍କୁ
ମନ ବିଭୁଥିଲ କହିଲେ ରାଜନ
ସେହି ଚକାଆଖିଆକୁ ।

ସେହି ଦିନ ଠାରୁ ରାଜା ଖୋଳାଇଲେ
ପୁରୀର ପୁଷ୍କରିଣୀକୁ
ନରେନ୍ଦ୍ର ନାମରେ ନାମିତ କରିଲେ
ପବିତ୍ର କରି ତାହାକୁ ।

ମଣିନାଗ ଦେବୀ ମନ୍ଦିର ନିର୍ମାଣ
କରାଇଲେ ସେହି ରାଜା
ତାଙ୍କ ପାଦ ତଳେ ଖଟନ୍ତି ସେବକ
ଅନେକ କରନ୍ତି ପୂଜା।

ଏହିପରି ଭାବେ ରଣପୁର ଗାଁର
ରହିଅଛି ମାହାତ୍ମ୍ୟଟି
ତାଙ୍କୁ ଦେଖିବାକୁ ଯାଉଛନ୍ତି ଲୋକେ
ମେଳହୋଇ କୋଟି କୋଟି ।

ନିଗମ ନଗର-୩ୟ ଗଳି
ଆଙ୍କୁଲି, ବ୍ରହ୍ମପୁର -୧୦
ମୋ: ୬୩୭୨୯୯୪୫୪୫

ISSN NO.
2582-208X


# ଶିଶୁ



ସୁଜିତ୍ କୁମାର ମିଶ୍ର

ବିମଳ ହସର ବାଲୁତ ଈଶ୍ୱର ବଶୀଭୂତ ବାସଫୁଲ,
ନିଷ୍କପଟ କଥା କୁହୁକରେ ତାର ନିସ୍ୱପ୍ରାଣ ଝଲମଲ।
ପହିଲି ସ୍ୱରେ ତା ଓହ୍ଲାଏ ବସନ୍ତ ପୁଲକ ପ୍ରାଣରେ ଆହା,
ସକଳ କଷଣ ଅପସରି ଯାଏ ସଂଚରି ମଳୟ ବାଆ। ।

ଘର ମନ୍ଦିରର ମିଠା ସ୍ୱପ୍ନେ ଯାର ଗହନ ମହକ ଭାବ,
ସିଏ ଦେବ ଶିଶୁ ସରଗ ସୁଷମା ସୁଖଶାନ୍ତି ବଇଭବ ।
କୋମଳ ପାଦର ପରଶରେ ତାର ଖୁସି ହୁଏ ବସୁନ୍ଧରା,
ଅଜାଡ଼ି ଦିଏ ତା ଅମାପ ଶକତି ଅନୁରାଗ ରଙ୍ଗେ ପରା।

ସାରାସଂସାର ଯେ ଆଲୋକ ରୋଷଣୀ ଶିଶୁ ହେଲେ ଶ୍ରଦ୍ଧା ସୁର,
କାହିଁ କେତେ କାଳୁ ବିରାଜମାନ ସେ କ୍ରୁର ଅନ୍ଧକାର ଦୁର।
ଜଖମ ଓଠରେ ଶିଶୁ ଚିରକାଳ କମନୀୟ ଜହ୍ନରାତି,
ସ୍ନିଗ୍ଧ ଶୀତଳ ଚନ୍ଦନ ଛାଇ ସେ ସମ୍ମୋହିତ ମାଧୁପ୍ରୀତି ।

ଯହିଁ ଥାଏ ଶିଶୁ କରୁଣା ବର୍ଷାରେ ଜଳୁଥାଏ ପ୍ରେମଦୀପ,
ଆଶା ଭରସାର ନଈ ଗାଏ ଗୀତ ହୋଇ କେତେ ଅଶ୍ରୁଲେପ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୭୮୩୮୭୭୭୪୨

ISSN NO.
2582-208X

# କାର୍ତ୍ତିକ ବ୍ରତ



ଅମରନାଥ ବାରିକ

ପବିତ୍ର ପୂର୍ଣ୍ଣିମା ତିଥି ଆସିଛି ଧରା ଧାମରେ
ପାଳୁଛନ୍ତି ନରନାରୀ ଗାଉଛନ୍ତି ସମସ୍ୱରେ
ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହରେ ହରେ ।

କରିବି ମୁଁ ଏହି ବ୍ରତ କାର୍ତ୍ତିକ ଶୁକ୍ଳ ପକ୍ଷରେ
ଜପିବି ତୁଳସୀ ମାଳ କହି ଶହେଆଠ ବାରେ
ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହରେ ହରେ ।

ତିନି ଦିଅଁ ଆଙ୍କି ଦେବି ପଞ୍ଚ ରଙ୍ଗ ମୁରୁଜରେ
ସେହି ଦିଅଁ ପାଖେ ବସି ଗାଇବି ନାମ ମୁଖରେ
ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହରେ ହରେ ।

ISSN NO.
2582-208X

ଖାଇବି ହବିଷ ଅନ୍ନ ପଞ୍ଚୁକ ପାଞ୍ଚ ଦିନରେ
ସ୍ନାନ ସାରି ନରେନ୍ଦ୍ରରେ ସ୍ମରିବି ମୁହିଁ ପ୍ରାତରେ
ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହରେ ହରେ ।

ସତ୍ୟ ଶାନ୍ତି ଦୟା କ୍ଷମା ରଖି ହୃଦ ମନ୍ଦିରରେ
ଜଳାଇ ଆକାଶ ଦୀପ ଗାଇବି ଭକ୍ତି ଭାବରେ
ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହରେ ହରେ ।

ଲଭିବି ମୋକ୍ଷ ଜୀବନେ ଦୁଃଖ ଛାଡ଼ି ଯିବ ଦୂରେ
ସବୁ ପାପ ଯିବ ଧୋଇ ଭଜିଲେ ମହାମନ୍ତ୍ରରେ
ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହରେ ହରେ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ - ୭୫୫୦୧୧
ଦୂରଭାଷ – ୯୫୪୦୩୦୮୦୯୫

ISSN NO.
2582-208X

# ନୂଆ ସଂସଦରେ ଶ୍ରୀଗଣେଶ

ରାଗଃ- ପୋଇ ବା ଗୌରୀ



ଅଜିତ କୁମାର ରାଉତ

ନୂଆ ଅନୁଭୂତି ନୂଆ ଇତିହାସ
ଲେଖି ଦେଲା ଟି ଭାରତବର୍ଷ
ନୂଆ ସଂସଦରେ ନାରୀଙ୍କର ସଂଖ୍ୟା
ପ୍ରତିଶତ ହେବରେ ତେତିଶ !!
ଖୁସିର ଗୁଞ୍ଜନ ସଞ୍ଚାରିତ ହେଲା
ଯହୁଁ ଦୀର୍ଘ ବର୍ଷେ ଇଚ୍ଛା ପୂର୍ଣ୍ଣ
ଦେଲେ ଅଧିକାର  ଦେଶର ପ୍ରଧାନ
କଲେ କଠିଣ କାର୍ଯ୍ୟ ସମ୍ପୂର୍ଣ୍ଣ !!
ଅସମ୍ଭବ କାର୍ଯ୍ୟ କଲେ ଟି ସମ୍ଭବ
ନାରୀ ପ୍ରତି ନିଷ୍ଠା ପ୍ରୀତି ଭାବ
ନାରୀ ଦେଉଛନ୍ତି ଆଶୀର୍ବାଦ ତାଙ୍କୁ
ରାଷ୍ଟ୍ରେ ଗୁଞ୍ଜୁ ଅଛି ଶକ୍ତି  ରାବ !!
ଉଚିତ ଏ କାଳ ଅମୃତ ସମୟ
ରାମ ରାଜ୍ୟ ପରିରେ ଶାସନ
ସଂସ୍କୃତି ସଂସ୍କାର  ସୁରକ୍ଷିତ ଏଠି
ଶୁଭେ ହରେ କୃଷ୍ଣ ରାମ ନାମ !!


ISSN NO.
2582-208X

ବିଶ୍ୱରେ ଉଡୁଛି ଗୌରବର ଗାଥା
ମିଳୁଛି ପରା ବିଶ୍ୱେ ଆଦର
ଗ୍ରାମୀଣ ଭାରତ ଆଜି ସୁସଜ୍ଜିତ
ଦିଶୁଛି ଆହାଃ ଅତି ସୁନ୍ଦର !!
ଶକ୍ତିରୂପା ପାଇଁ ଶକ୍ତିକୁ ଦେଲେ ଟି
ଶାସନର ପରା ମୂଳ ମନ୍ତ୍ର
ନାରୀଙ୍କ ସମ୍ମାନେ ସମର୍ପିତ ରାଷ୍ଟ୍ର
ଜଡ଼ିତ ହେଲା ସୁବିଧା ତନ୍ତ୍ର !!
କାହିଁକି ନହେବ ନାରୀ ଶକ୍ତିରୂପା
ଶ୍ରେଷ୍ଠ ମନ୍ତ୍ର ପରା ଶାସନର
ମନୁଷ୍ୟ ଉତ୍ପତ୍ତି ଜନନୀ କୋଳରୁ
ଶାସନେ ଦିଶେ ପ୍ରୀତି ଆଦର !!
ନାରୀ ଶକ୍ତି ବନ୍ଦନା ଅଧିନିୟମ
ସଂସଦେ ଧ୍ୱନି ମତେ ପାରିତ
ନୂଆ ଭାରତରେ ନୂଆ ଇତିହାସ
ଯୋଡ଼ି ଦେଲା ଟି ଆଜି ଭାରତ !!

ସଭାପତି, ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ:- ୬୨୦୫୩୪୩୫୬୯

ISSN NO.
2582-208X

# ସଦେଇ
# (ପରଦେଶ)



ବିନୟ ମହାପାତ୍ର

ସଦେଇ ଓରଫ ସଦାନନ୍ଦ ଏଥର ଯେତେବେଳ ଗାଁକୁ ଫେରିଲା, ସେତେବେଳେ, ସବୁ ଥର ପରି ତା ପାଖରେ ଗୋଟିଏ ବଡ ଆଟାଚି ନଥିଲା, ବରଂ ଛୋଟ ଗୋଟେ କ୍ୟାରୀ ବ୍ୟାଗ୍ ଭିତରେ ତାର ସବୁ ସମ୍ପତ୍ତି ଜାକିଜୁକି ହୋଇ ଠୁଁସା ହୋଇଥିଲା । ସବୁଥର ପରି ଏଥର କିନ୍ତୁ ସଦେଇ ଦେହରେ ନୁଆ ଷ୍ଟାଇଲର ସୁଟ୍ ବୁଟ୍, ଛିଟ ପକା ସାର୍ଟ, ଆଖିରେ କଳା ଚଷମା କି ହାତରେ ବଡ ଗୋଟାଏ ଚାଇଁନିଜ ମୋବାଇଲ ବି ନଥିଲା ।

ସମୟର ବିଡମ୍ବନା, ସବୁଥର ପରି ଏଥର ସେ ତାର ବାପା ବୋଉଙ୍କ ପାଇଁ ନୁଆ ଲୁଗାପଟା, ଭଣଜା ଭାଣେଜୀଙ୍କ ପାଇଁ ନୁଆ ଡ୍ରେସ, ଭଉଣୀ ଭେଣେଇଙ୍କ ପାଇଁ କିଛି ବି ଉପହାର ଆଣି ପାରିନଥିଲା । କେବଳ ଦି' ଯୋଡି ଅସନା କୋଚଟ ମଇଳା ପ୍ୟାଣ୍ଟ ସାର୍ଟ, ଲୁଙ୍ଗି ଆଉ ଗାମୁଛା ହୋଇ ଦି' ଖଣ୍ଡ ସେ କଳା କ୍ୟାରୀ ବ୍ୟାଗଟାରେ ଠୁଁସା ହୋଇଥିଲା । ସଦେଇ ଦେହରେ ଖଣ୍ଡେ ଅସନା ଜାମା, ଆଉ ଗୋଟିଏ ହାପ ପେଣ୍ଟ, ସବୁଥର ପରି ଏଥର ତା ମୁହଁରେ ସେ ତେଜ ବି ଦେଖାଯାଉ ନଥିଲା, ଚେହେରା ସୁଖି ପୁରା ପୁରି କଳା କାଠ ପଡି ଯାଇଥିଲା । ଦୁଇ ଗାଲ ପାକୁଆ ବୁଢା ମଣିଷ ପରି ଭିତରକୁ ପଶି ଯାଇ ଥିଲା, ଦି ପୋଷ ଚାଉଳ ଭରିଯିବ ଦୁଇ ଗାଲରେ, ଆଖି ଦୁଇଟା କୋଟର ଭିତରେ ପଶିଯାଇ ଥିଲା, ସତେ ଯେପରି କେଉଁ ନଅଙ୍କ ଦୁର୍ଭିକ୍ଷ ଅଞ୍ଚଳରୁ ଆସିଛି । ସତ କହିବାକୁ ଗଲେ, ସେ ଯେଉଁ ପ୍ରକାର ପରିସ୍ଥିତିରୁ, ଯେପରି ଭାବରେ ଜୀବନ ବଞ୍ଚେଇ ଫେରି ଆସି ପାରିଛି ସେଇଟା କେଉଁ ନଅଙ୍କ ଦୁର୍ଭିକ୍ଷ ଠାରୁ କିଛି କମ୍ ତ ନଥିଲା ।

ISSN NO.
2582-208X

ଯେତେବେଳେ ଚାଇଁନିଜ ଭାଇରସ କରୋନା ବ୍ୟାପିବା ଆରମ୍ଭ ହେଲା, ସେତେବେଳେ ବିନା ନୋଟିସ୍ ରେ ସାରା ଦେଶରେ ଅଚାନକ ସଟଡାଉନ୍, ଲକଡାଉନ ହୋଇଗଲା । ଲକଡାଉନ୍ ର ପ୍ରଥମ ଦିନରୁ ସବୁ ବନ୍ଦ, କଳ କାରଖାନା ଦୋକାନ ବଜାର ଅଫିସ ସବୁ ବନ୍ଦ ହୋଇଗଲା, କାହା ହାତକୁ କାମ ନାହିଁ । କାହା ହାତରେ କିଛି ପଇସା ବି ନାହିଁ । କାମିକା ମଜଦୁର, ଘରେ ହାତରେ ହାତ ବାନ୍ଧି ବସି ରହିଛି, ଟଙ୍କାଟାକର ରୋଜଗାର ବି ନାହିଁ । ହାତରେ କାହାର କଣା ପଇସାଟିଏ ନାହିଁ । ଦୋକାନ ବଜାର ବନ୍ଦ, ରାସନ ଦୋକାନୀ ସକାଳୁ ଦୁଇ ଘଣ୍ଟା ଖୋଲି, ଦିନସାରା ଘରେ ବସି ରହୁଛି । ଧାର ଉଧାର କେହି କାହାକୁ ଦେଉନି, ଘରେ ଖାଇବାକୁ ଚାଉଳ ଦି' ମୁଠା କି ମୁଠାଏ ଡାଲି ନାହିଁ । ଏପରି ବିଷମ ପରିସ୍ଥିତି ସମୟରେ ସଦେଇ ସୁରତରେ ତାର ତିନି ସାଙ୍ଗ ଖନା, ଚକରା ଆଉ ମୁକୁନ୍ଦ ଘରଭଡା କମ୍ ପଡିବ ବୋଲି ବଖରାଏ ଭଡାଘରେ, ଏକାଠି ରହୁଥିଲେ । ସେଇ ଗୋଟାଏ ବଖରା ଘର, ବସିବା ଶୋଇବା, ରୋଷେଇ ଠାରୁ ଆରମ୍ଭ କରି ସବୁ କାମ ସେଇ ଗୋଟିଏ ବଖରାରେ ହୁଏ । ଦିନ ସାରା ସୂତାକଳରେ କାମକରି ରାତି ନଅଟାରେ ଘରକୁ ଫେରନ୍ତି । ସାରା ଦିନର କ୍ଳାନ୍ତି ପରେ ରୋଷେଇ କରିବାକୁ ମନ ହୁଏନି, କିନ୍ତୁ ପେଟର ଭୋକ ତ ଶରୀରର କ୍ଳାନ୍ତି କଥା ଭାବେନି, ସବୁ ନାଟ ତ ଏଇ ପେଟ ଚାଖଣ୍ଡକ ପାଇଁ, ପେଟକୁ କିଛି ଦାନା ଦେବାକୁ ଚାରି ସାଙ୍ଗ ମିଶି ଭାତ ଡାଲମା ରାନ୍ଧି, ଖାଇ ନିଅନ୍ତି । ତାପରେ ତଳେ ଦରି ବିଛାଇ ଶୋଇ ପଡନ୍ତି ।

ପର ଦେଶରେ ଏହା ଠାରୁ ଅଧିକ ସୁଖ ଚାହିଁଲେ ଗାଁରେ ଥିବା ବୁଢା ବାପା ମାଆ, ଛୋଟ ଭାଇ ଭଉଣୀଙ୍କ ପେଟକୁ କଣ ଦେଇ ପାରିବେ ସେମାନେ । ବେଡି ଉପରେ କୋରଡା ମାଡ ପରି, ଦିନେ ଦୁଇ ଦିନ ଭଡା ଦେବାରେ ଡେରି ହୋଇଗଲେ, ସକାଳ ସଂଜରେ ଘର ମାଲିକ ଘରଭଡା ପାଇଁ ତାଗିଦ୍ କରି ଦେଇଯାଏ । ଏ ଅସମୟରେ କାରଖାନା ମାଲିକ ବି ଫୁଟା କଉଡିଟିଏ ଆଡଭାନନ୍ସ ଦେବାକୁ ରୋକଠୋକ୍ ମନା କରିଦେଲା । ଚାରି ଦିଗରେ ଅବିଶ୍ୱାସର ଏକ ଦୂଷିତ ପରିବେଶ । ଫ୍ୟାକ୍ଟ୍ରି ମାଲିକ କହିଲା ଏ ଲକଡାଉନ୍ କେତେ ଦିନ ଚାଲିବ କିଏ ଜାଣିଛି ? ତା ଉପରେ ଏକ ଅଜଣା ରୋଗ, ଏହାର ଔଷଧ କଣ, ଚିକିତ୍ସା କେମିତି ହୁଏ, ଏ ବିଷୟ ଏବେ ବି ଅଜଣା । ଏ ମହାମାରୀରେ କିଏ ମରିବ, କିଏ ବଞ୍ଚିବ କାହାକୁ ଜଣା ନାହିଁ । ଆସନ୍ତା କାଲିର ଠିକଣା ନାହିଁ, ଏ ସମୟରେ ବାକିଆ ପେମେଣ୍ଟ ଆସୁନି, ସପ୍ଲାୟର ମାନେ ପେମେଣ୍ଟ ମାଗୁଛନ୍ତି, ଟଙ୍କା ନାହିଁ ଯେ ଦରମା ଦେଇ ହେଉନି, ଆଡଭାନନ୍ସ କିଏ ଦେବ ?

ISSN NO.
2582-208X

କେତେ ଆଶା ନେଇ ସଦେଇ ପରି କେତେ ଓଡିଆ, ନିଜ ପରିବାରର ପେଟ ପାଟଣା, ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ନେଇ ସୁରତ, ଦିଲ୍ଲୀ, କଲିକତା, ହାଇଦ୍ରାବାଦ ଆଦି ପ୍ରଦେଶକୁ କାମ ଆଶାରେ ଚାଲି ଯାଆନ୍ତି, ହେଲେ ଅସଲରେ କଣ ହୁଏ ସେଠି, ସେ କଥା ସଦେଇ ଠାରୁ ଅଧିକ କିଏ ଜାଣି ପାରିବ ? ସେ ଯେତେବେଳେ ତାର ବାପାକୁ ସୁରତ ଯିବା କଥା କହିଥିଲା, ବାପା ବହୁତ ମନ ଦୁଃଖ କରି ତାକୁ ସବୁ ବୁଝେଇ ଥିଲା । ମାଆ ତାର ଲୁହ ଗଡେଇ ଗେହ୍ଲା କରି କେତେ କଥା କହିଥିଲା । ବାପା କେତେ ବୁଝେଇ ଥିଲେ ତାକୁ, କହିଲେ ପୁଅରେ, ଆମେ ଯେମିତି ଅଛେ ଭଲରେ ଅଛେ । ଚାଳ ଛପର ହେଉ ପଛେ, ନିଜ ଘରେ, ନିଜ ଗାଁରେ ତ ଅଛେ । ଭଲ ମନ୍ଦକୁ ସାଇ ପଡିଶା ପଛରେ ଅଛନ୍ତି । ବେଳ ଅବେଳରେ ପାଖରେ ଠିଆ ହେବା ପାଇଁ ସହି ସଙ୍ଗାତ ଅଛନ୍ତି । ବାପା ଜେଜେ ଅମଳର ଏଇ ଚାରି ଏକର ଚାଷ ଜମି ଅଛି । ତିନି ପ୍ରାଣୀ କୁଟୁମ୍ବ ଆମର । ତୁ ପାଠ ଶାଠ ତ ପଢିଲୁନି, ଯେତିକି ପାଠପଢା ହେଲା, ହୋଇଗଲା । ଏବେ ସ୍କୁଲ ଚିନ୍ତା ଛାଡ, ବହୁତ ହୋଇଗଲା ଆମର ପାଠ ପଢା ।

ଏବେ ତ ସରକାରୀ ଚାକିରୀ ବି ମିଳୁନି, ଦେଖୁନୁ କେତେ କେତେ ପଢୁଆ, ବାବୁହୋଇ ବେକାର ବୁଲୁଛନ୍ତି, ତୋ ପାଠ ପଢା ଏବେ ସେତିକିରେ ଥାଉ । ଆମେ ବାପା ପୁଅ ମିଶି ନିଜ ଚାଷ ବାସ ଦେଖିଲେ ଆମ ପେଟ ଅପୋଷା ରହିବନି । ବିଦେଶ କାହିଁକି ଯିବୁ ? ଏଇଠି ବସି ସବୁ କରିପାରିବା ଆମେ । ହେଲେ ସଦେଇ ମନରେ ସେତେବେଳେ ସୁରତ ଯିବାର ନିଶା ଏମିତି ଘରକରି ନେଇଥିଲା ଯେ, ବାପା ମାଆର ସବୁ କଥା ତାକୁ ବିଷପରି ଲାଗୁଲା, ସଦେଇକୁ ବାପା ମାଆଙ୍କର ସବୁ କଥା ନିରର୍ଥକ ଲାଗୁଲା । ମେଟ୍ରିକ୍ ଫେଲ୍ ହୋଇଗଲା ପରେ ପାଠରୁ ମନ ଛାଡି ଯିଇଥିଲା ତାର । ପିଲାଟି ଦିନରୁ ଗରିବର ମୋହର ଲାଗି ଯାଇଥିଲା ମଥାରେ ତାଙ୍କର । କେତେ ସ୍ୱପ୍ନ ଦେଖିଥିଲା ପିଲାଦିନେ । ପାଠ ପଢି ବଡ ମଣିଷ ହେବ । ଭଲ ପେଣ୍ଟ ସାର୍ଟ ପିନ୍ଧିବ, କେତେ ପୁରୁଷର ପୁରୁଣା ଦି' ବଖରା ମାଟିଘରକୁ ତାଙ୍କର କୋଠା କରିବ, ଗାଡି ମଟର ଚଢିବ । ନିଜ ପରିବାରର ଦାରିଦ୍ର୍ୟତା, ଗାଁର କାଦୁ ପଚ ପଚ ରାସ୍ତା, ଗାଁରେ ଦୁଇ ଚାରିଘର ଛାଡିଦେଲେ ବାକି ସବୁ ଦରିଦ୍ରତାର ଚକିରେ ପେଷିହୋଇ ଯାଉଛନ୍ତି । ଦିନ ସାରା ନିଜର ରକ୍ତ ଜଳେଇ, ଝାଳରେ ଗାଧୋଇ ସଂଧ୍ୟାରେ ଯେତେବେଳେ ଘରେ ପହଞ୍ଚନ୍ତି ସେତେବେଳେ ଭୋକିଲା ଛୁଆଙ୍କ ପେଟକୁ ଅଧା ପେଟ ଖାଇବାକୁ ଦେଇ ପାରନ୍ତିନି । ନିଜପାଇଁ କି ପିଲାଙ୍କ ପାଇଁ ଦୁଇ ଯୋଡା ଭଲ ଲୁଗା ଯୋଗାଡ ହୁଏନା । ଭୋକିଲା ପେଟରେ ପିଲାଙ୍କୁ ସ୍କୁଲ କିଏ ପଠାଉଛି ? ଏସବୁ ଦେଖି

ISSN NO.
2582-208X

ଦେଖି ଗାଁରୁ ତାର ମନ ଛାଡି ଯାଇଥିଲା । ଏଇ ସମୟରେ ତଳ ସାହିର ମଧୁଭାଇ ସୁରତରୁ ଫେରିଥାଏ । ତାର ସୁଟ୍ ବୁଟ୍ କଳା ଚଷମା, କାନ୍ଧରେ ଟ୍ରାଞ୍ଜିଷ୍ଟର ରେଡିଓ ଦେଖି ସଦେଇର ବି ମନ ହୋଇଥିଲା ଗାଁ ଛାଡି ସହରକୁ ଚାଲିଯିବା ପାଇଁ । ମଧୁ ଭାଇକୁ ସଦେଇ ପଚାରିଲା, ଭାଇ, ସୁରତରେ ମୋ ପାଇଁ କିଛି ଛୋଟ ମୋଟ କାମ ମିଳିଯିବ ? ମଧୁ ଭାଇ ତାକୁ କେତେ କଥା କହିଥିଲା ସେଦିନ । ସୁରତ କେତେ ବଡ ସହର ଆଉ କେତେ ସୁନ୍ଦର ସହର, କେତେ ସୁତାକଳ ଅଛି ସେଇଠି । ସେଠାରେ ଥରେ ପହଞ୍ଚି ଗଲେ, କାମର ଅଭାବ ନାହିଁ । ସୁତା କଳରେ କାମ ବହୁତ ଭଲ, ଓଭର ଟାଇମ କରି ପାରିଲେ ଆହୁରି ଅଧିକ ଟଙ୍କା । ବର୍ଷ ଗୋଟିକରେ ତୁ ତୁମ ଘରଟାକୁ କୋଠାଘର କରିଦେଇ ପାରିବୁ । ସେ ଦିନ ମଧୁଭାଇ କେତେ ସ୍ୱପ୍ନ ଭରି ଦେଇଥିଲା ତା ଆଖିରେ । ସୁରତର ନିଶା ତାକୁ ଏମିତି ଘାରିଥିଲା ଯେ ତା ଆଗରେ ବାପାଙ୍କ ସବୁ କଥା ନିରର୍ଥକ ଲାଗୁଥିଲା ।

ହେଲେ ପାଞ୍ଚ ବର୍ଷ ପରେ ଆଜି ସଦେଇ ଭାବୁଛି, ସୁନ୍ଦର ସୁରତ ସହର କେଉଁଠି ରହିଗଲା? ସେ ଯେତେବେଳେ ସହରକୁ ବୁଲିବାକୁ ଯାଏ, ବଡ ବଡ ଆକାଶ ଛୁଆଁ ବିଲଡିଙ୍ଗ ଦେଖେ, ସଫା ସୁନ୍ଦର ଚଉଡା ରାସ୍ତା, ବିଜୁଳି ଆଲୁଅରେ ଚକମକ୍ ସହର, ସତରେ ବହୁତ ସୁନ୍ଦର ଦିଶେ ସଦେଇକୁ, କିନ୍ତୁ ତା ପାଇଁ ଏ ଭବ୍ୟ ସହରର ସୁନ୍ଦରତାର ମୂଲ୍ୟ କଣ ? ତାକୁ କେବଳ ନୟନ ସୁଖ ମିଳେ ସିନା, କିନ୍ତୁ ସଦେଇର ଦିନର, ବାର ଘଣ୍ଟା ସେଇ ଧୂଳି ଧୂଆଁ ଭରା ସୁତା କଳରେ କଟେ, ବିଳମ୍ବିତ ରାତିରେ ଯେତେବେଳେ ଘରକୁ ଫେରେ, ସେତେବେଳେ ଇନ୍ଦ୍ରଭୁବନ ପରି ଝଲକୁଥିବା ସହରକୁ ଖାଲି ଦେଖେ, ଶେଷରେ ସହରର ଉପକଣ୍ଠରେ ଧୂଳିମଳି ଘେରା ଅନ୍ଧାରୁଆ ବସ୍ତିର ଶେଷ ମୁଣ୍ଡରେ ଥିବା ତାଙ୍କର ବସା ଘରକୁ ଫେରେ, ଦିନର ବାକି ସମୟ ସେଇଠି କଟେ ?

ସଦେଇ ଯେତେବେଳେ ଭାବେ, ସେ ଦିନ ସେ ବାପା କଥା ନମାନି କେତେ ବଡ ଭୁଲଟାଏ କରି ଦେଇଥିଲା ସତେ । ଏବେ ବାପା, ବୁଢା ହୋଇ ଗଲାଣି ଚାଷ କାମ କରି ପାରୁନି, ହଳ ଭାଙ୍ଗି ଦେଇଛି । ମୂଲିଆ ମିଳୁନି ବୋଲି ଭାଗ ଚାଷ ବି କେହି ନେଉନି । ଚାରି ଏକର ଜମି ସେମିତି ଟାଙ୍ଗରା ପଡିଛି । ସୁରତରୁ ସଦେଇ କିଛି ଟଙ୍କା ପଠେଇଲେ ବୁଢା ବୁଢୀ ସେଥିରେ ଦୁଃଖେ ସୁଖେ ଚଳି ଯାଆନ୍ତି । ଦି' ବର୍ଷ ହେଲା ଘର ଛପର ହୋଇ ପାରିନି । ଯେଉଁ ଘରୁ କାଲି କେହି କେବେ ଖାଲି ହାତରେ ଯାଇନି, ସେ ଘର ସାମ୍ନାରୁ ଆଜି ଭୀକାରି ବି ମୁଠାଏ ଚାଉଳ ନପାଇ ଖାଲି ହାତରେ ଫେରି ଯାଉଛି । ଭିକ ଦେବାକୁ ମଧ୍ୟ ଘରେ

ISSN NO.
2582-208X

ବଳକା ଚାଉଳ ମୁଠାଏ ନାହିଁ । ସୁନା ଫଳୁଥିବା ଚାରି ଏକର ଚାଷ ଜମି ସେମିତି ପଡିଆ ପଡିଛି । ମାଟି ମାଆ ଆଜି ବି ଅନେଇ ବସିଛି, "କିଏ ଜଣେ ଆସନ୍ତାନି, ହଳ ଘେରାଏ ବୁଲେଇ, ଧାନ ମୁଠାଏ ବୁଣି ଦିଅନ୍ତା । ଲହଡି ମାରୁଥିବା ଖେତରୁ ଅମାର ଭରି ଦିଅନ୍ତି'। ହେଲେ କାହାକୁ ଡାକୁଛି ମାଟି ମାଆ ? ତାର ପାରିବାର ପୁଅ ମାନେ, କିଏ ସୁରତ ସୁତା କଳରେ ତ କିଏ ହାଇଦ୍ରାବାଦର ଇଟାଭାଟିରେ ନିଜ ରକ୍ତ ବୁହେଇ ଦାଦନ ଖଟୁଛନ୍ତି ।

ଦୂର ପର୍ବତ, ଦୂର ଗାଁ ସବୁ ବେଳେ ଦୂରରୁ ସୁନ୍ଦର ଲାଗେ, ହେଲେ ପାଖକୁ ଗଲା ପରେ ଜଣା ପଡେ ସେମାନଙ୍କର ଅସଲ ରୂପ । ପାହାଡ ସିନା ଦୂରରୁ ସୁନ୍ଦର ଦିଶେ, କିନ୍ତୁ ପାଖକୁ ଗଲେ, ଦେଖିହୁଏ କେତେ ଖାଲ, ଖମା, ଥୁଣ୍ଟା ଗଛ ଭରା ପାହାଡର କର୍କଶ, ବନ୍ଧୁର ରୂପ। ଗାଁରେ ଥାଇ ସୁରତ, ଦିଲ୍ଲୀ, ବାଙ୍ଗାଲୋର ଯେମିତି ଭାବରେ ସ୍ୱପ୍ନରେ ଆସେ, ସେଠାରେ ପହଞ୍ଚିଲା ପରେ ସବୁ ଓଲଟା ଥାଏ । ଯେମିତି ନିଜେ ନ ମଲେ ସ୍ୱର୍ଗ ଦେଖି ହୁଏନି କି ସୁଖ ଭୋଗି ହୁଏନି, ସେମିତି ପର ଦେଶର ଦୁଃଖ ଅଙ୍ଗେ ନିଭାଇଥିବା ମଣିଷ ବ୍ୟତିତ ଆଉ କେହି ସେ କଷ୍ଟକୁ ଏତେ ଭଲ ଭାବରେ ବୁଝି ପାରିବନି କିମ୍ବା ଅନୁଭବ କରି ପାରିବନି ।

ପାଞ୍ଚବର୍ଷ ଆଗରୁ ସଦେଇ ଯଦି ସୁରତ ନଆସିଥାନ୍ତା, ହୁଏତ ତା ପରିବାର କାହାଣୀ ଆଜି ଆଉ କିଛି ହୋଇଥାନ୍ତା । ଚାରି ଏକର ଚାଷଜମି ଏମିତି ଟାଙ୍ଗରା ପଡି ନଥାନ୍ତା । ବାପାର ସାରାଜୀବନର ଅଭିଜ୍ଞତା ଆଉ ସଦେଇର ବାହୁବଳ ମିଶି ନିଶ୍ଚୟ କିଛି ଚମତ୍କାର କରି ଥାଆନ୍ତେ ।

(କରୋନା ସମୟର ଏହି ସଦେଇ ଗଳ୍ପଟି ତିନୋଟି ଗଳ୍ପର ସମାହାର, ଆଉ ଦୁଇଟି ଗଳ୍ପ ହେଲେ "ଭୋକ" ଏବଂ ଅନ୍ୟଟି "ଘର ବାହୁଡା" ଯାହା ପରେ ପଢି ପାରିବେ)

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ଆଉ ଥରେ ଜନ୍ମ ନିଅ କୃଷ୍ଣ ମୋ ପୂଣ୍ୟ ଭାରତରେ



ମନ୍ଦାକିନୀ ପାଢୀ

ଆଉଥରେ ଜନ୍ମ ନିଅ ହେ ଶ୍ରୀକୃଷ୍ଣ
ପୂଣ୍ୟ ଧରା ଭାରତରେ
ନୀରବରେ ସହ୍ୟ କରୁଛି ମଣିଷ
କଠୋର ଶାସନ ତଳେ ।।

ଆଖିର କଳା ନାହିଁ ଲଗାଇଦିଅ
ତୁମ ଆଖିରେ ଅଞ୍ଜନ
ଦେଖି ଦିଅ ନିରେଖି ଦୁଃଖ ଜଞ୍ଜାଳ
ଅପସରି ଯାଉ କଷଣ ।।

ଚନ୍ଦନ ଲେପିଲା ବୋଲି ମାଲ୍ୟାଣିକୁ
ଦେଲ ସ୍ୱର୍ଗରେ ଆସ୍ଥାନ
ରଖିଲ ତୁମେ କୃଷ୍ଣା ଙ୍କୁ ଦେଇ ବସ୍ତ୍ର
ତାଙ୍କ ମାନ ସନମାନ ।।

ନାହିଁ ଏଠି କୃଷ୍ଣ କୃଷ୍ଣାର ସଂପର୍କ
ବୁଝନ୍ତି ପ୍ରୀତିର ସ୍ମାରକ
ସ୍ନେହର ନିଦର୍ଶନ ଶ୍ରେଷ୍ଠତ୍ୱ ସମ୍ମାନ
ଆଜି ଖାଲି ଅପମାନ ।।

ISSN NO.
2582-208X

ସନ୍ଦେହର ମହାକାଳ ସମାଜର
ଆକ୍ଷେପ ଇଙ୍ଗିତ ବିଷ
ସନ୍ଦେହର କଳାବାଦଲ ଘୋଟିଛି
ସୃଷ୍ଟି ହେଉଛି ଗୁଜବ ।।

ଶବରୀ ଅଇଁଠା ଖାଇଥିଲ ତୁମେ
ଦେଇ ଦେବାକୁ ମୁକତି
ଅଭିଶପ୍ତା ଅହଲ୍ୟା ଜୀଇଁ ମରୁଛନ୍ତି
ଦେଖାଦେଇ ଦିଅ ଶକ୍ତି ।।

ବନ୍ଧୁତାର ପରିଚୟ ଦେଇଥିଲ
ବାଲ୍ୟ ବନ୍ଧୁ ସୁଦାମା ଙ୍କୁ
ଶଠତା ଭିତରେ ସଂପର୍କ ବନ୍ଧୁତା
ବନ୍ଧା ଅବିଶ୍ଵାସେ ସବୁ ।।

ଜୀବନର ଅନ୍ତଃସ୍ୱର କ୍ଷୀଣ ଆଜି
ଆସ ଧରି ପଞ୍ଚଜନ୍ୟ
ଏ ମହାଭାରତେ ହନ୍ତସନ୍ତ ସବୁ
କର ଧର୍ମ ସଂସ୍ଥାପନ ।।


ଲୁହ ବହିଯାଏ ଧାରଧାର ହୋଇ
ନ୍ୟାୟ ମାଗି ସେ ବିଫଳ
ଆଜିବି କୃଷ୍ଣା ଆତୁରେ ଡାକୁଛି
ହେ! କେଶବ ରକ୍ଷାକର ।।

ଆସ ପୁଣି ଥରେ ଜନମି ଧରାରେ
ପୁଣ୍ୟ ଭାରତ ଭୂଇଁରେ
ଖୋଜୁଛି ପ୍ରାଣୀ ଆତୁର କଷ୍ଟରେ
ଦେଖାଦିଅ ଆସି ଥରେ ।।

ରାଜନୀତି ବିଜ୍ଞାନ ଅଧ୍ୟାପିକା
ପଦ୍ମପୁର, ବରଗଡ଼

ISSN NO.
2582-208X

# ଯୋଜନା



ଦିଲ୍ଲୀପ ଶତପଥୀ

ଭଦ୍ର ଲୋକ କଲେ "ସୁଭଦ୍ରା" ଯୋଜନା
ବର୍ଷକୁ ଦଶ ହଜାର,
ମାଆ ଭଉଣୀଏ ଖାଇବେ ଟିଫିନି
ବୁଲିବେ ଯେବେ ବଜାର ।

ବାପା କରିଥିଲେ "ବୋଉର" ଯୋଜନା
ମାସକୁ ଦୁଇ ହଜାର,
ତା 'ର ହାତ ଖର୍ଚ୍ଚ ଛୁଆ ପିଲା ନାଟ
ଚଳାଏ ଘର ସଂସାର ।

ମୋର ଅର୍ଦ୍ଧାଙ୍ଗିନୀ ଯୋଜନା "ଯୋଗିନୀ"
ମାସକୁ ବାର ହଜାର,
ହୁଅଇ ନିଅଣ୍ଟ ପୁରେନା ବଜେଟ
ଶୁଣେ ଯାହା ବାରମ୍ବାର ।

ISSN NO.
2582-208X

ଝିଅର ଯାତନା "ଖିଅର" ଯୋଜନା
ନାହିଁ ତା ଲିମିଟେସନ,
ବୋପା ଟା ତାହାରି ପ୍ରଧାନମନ୍ତିରୀ
ଦେଉଥାଏ ଆଜୀବନ ।

ନାତୁଣୀ ଓ ନାତି ଯୋଜନା ଟା "ନିତୀ"
ବୁଢା ବୁଢ୍ୀ ପ୍ରାଣଧନ,
ଆଦର୍ଶ ସଂସ୍କାର ଜୀବନ ସୁନ୍ଦର
ବିତି ଯାଏ ପ୍ରତିଦିନ ।

ଚକାନୟନ ତା ଯୋଜନା "ଯୋଜନ"
ନେଇଛି ଜଗତ ଠିକା,
ମାଣିକ ତୋଷିଲା ଦହି'ତା ଶୋଷିଲା
ଦେଇ ସୁବର୍ଣ୍ଣ ମୁଦ୍ରିକା ॥

ମାତୃ ପିତୃ କୃପା, 508, ନୁଆସାହି
ନୂଆପଲ୍ଲୀ, ଭୁବନେଶ୍ୱର 751012
ଫୋନ 9437175764

ISSN NO.
2582-208X

# ସମୟ



ବିଜୟଲକ୍ଷ୍ମୀ ସାମଲ

କେତେବେଳେ ଅସମାପିକା ନଦୀର ଧାରା,
ପୁଣି କେବେ ସ୍ମୃତି ଦେଇଯାଏ ସବୁଠୁ ନିଆରା ।
କାହା ପାଇଁ ନା କେବେ ସେ ଅଟକିଛି,
ଅବାରିତ ଧାରାରେ ସେ ସ୍ରୋତସ୍ୱିନୀ ସାଜିଛି ।

କାହାକୁ ମିଠା ମିଠା ଅନୁଭୂତି ସେ ଦେଇଛି,
ପୁଣି କେବେ ନିମିଷକ ଶାନ୍ତି ଦେଇ ନୀରବଦ୍ରଷ୍ଟା ସାଜିଛି ।
ଅତୀତ-ବର୍ତ୍ତମାନ-ଭବିଷ୍ୟତ ସବୁଠି ସେ ବିଦ୍ୟମାନ,
ତା'ଠାରୁ ପରା କେହି ନାହିଁ ବଳବାନ ।

ତା' ମୂଲ୍ୟ ଯେ ବୁଝିଛି,
ସେ ଜଗତ ଜିତିଛି ।
ଅବହେଳା କରି ଯେ ଅଳସୁଆ ସାଜିଛି,
ସର୍ବଦା ସମୟ ତା'କୁ ଅଲୋଡ଼ା କରିଛି ।

ଅତୀତର ସ୍ୱର କେବେ ଶୁଣେନି ସମୟ,
ବର୍ତ୍ତମାନ କର୍ମଠ ସାଜି ହୁଅ ଅପରାଜୟ ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ
ଓଡ଼ିଆ ଭାଷା-ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ମୃଗ ତୃଷ୍ଣା



ମନୋରଞ୍ଜନ ସୁରୁଜାଲ

ହା' ହତାଶ ଏ ଜୀବନ କାହାଣୀ
ମରୁ ମରୀଚିକା ବାଲି,
ପାଦଯାଏ ଥକି ନିର୍ଜନ ଏକା
ପାଦେ ନ ପାରଇ ଚାଲି ।
ଦୁଃଖର ସହର କେତେ ଜହର
ସ୍ୱାର୍ଥର ଧରିଛି ଝୁଲା,
ଆପଣା ଖୋଜିବା ନୁହେଁ ସହଜ
ହୃଦୟେ ଝୁଲୁଛି ତାଲା ।
ଅଭିନୟ ଏଠି ବନ୍ୟା ରଚଇ
ଠକି ଯିବାଟା ସହଜ,
ପ୍ରତାରଣା ଏଠି ମାରେ ଠୋକର
ପ୍ରତିହିଂସା ହୁଏ ସଜ ।
ନରକ ଯନ୍ତ୍ରଣା ମିଳେ ଏଇଠି
ଜୀବନ ଧରିଛି ବୋଲି,
ନିଜର କରେ ସାତପର ସିନା
କଳଙ୍କ ହୁଅଇ ବୋଲି ।
ବଡ କ୍ରୁର ଭାଗ୍ୟ ଭୋଗୁଛି ସତେ
ଆଖିରେ ଅନନ୍ତ ସୁଅ,

ISSN NO.
2582-208X

ରୋକି ହୁଏନି ବହୁଥାଏ ସଦା
ଅମାନିଆଁ ଆଖି ଲୁହ ।
ଆଖିରେ ଲାଗଇ ଭେଳିକି ସବୁ
ଐନ୍ଦ୍ରଜାଲିକ ମାୟା,
ନଶ୍ୱର ଶରୀର କ୍ଷଣ ସଂସାରେ
ବଦଳି ଯିବ ଏ କାୟା ।
ଖୋଜି ବୁଲେ ଆଖି ସୌଖୀନ କେତେ
ଭାବି ସୁଖର ସଂସାର,
ଯାହା ଦିଶେ ସତ୍ୟ ମହୀ ମଣ୍ଡଳେ
ଓଲଟ ଚିତ୍ର ଅନ୍ଧାର ।
ବିପରୀତ ଆଶା ମିଳଇ ଦଶା
ତୁଚ୍ଛ ସବୁ ଅହମିକା,
ଯା' ଠାରେ ବାନ୍ଧିଛି ସେନେହ ଡୋର
ସେମାନେ ହେବେନି ସଖା ।
ଆଖି ଆଗରେ ଲେଲିହାନ ଶିଖା
ମନ ଲୋଭା ତାରି ରୂପ,
ଆକର୍ଷଣ ମୋହ ଅଜଣା ମୋତେ
ପୋଡି ଜଳି ମୃତ୍ୟୁ ସ୍ତୁପ ।
ଚାରି ଆଡେ ପାଣି ତଥାପି ଶୋଷ
ମୃଗତୃଷ୍ଣା ଏକା ସାର,
ଦୂରରୁ ଜୀବନ ପାଖେ ମରଣ
ବଞ୍ଚିବା ହୁଏ ଅସାର ।

ଆଇଁଲ୍‌ପାଲି, ଧମା, ସମ୍ବଲପୁର

ISSN NO.
2582-208X

# ଲଳତ ନବନ୍ଧ - ଲୋଭ



ବଦ୍ରୀ ମହାନ୍ତ

ସଫଳ ଓ ସୁଖମୟ ଜୀବନ ସଭିଏଁ ଇଚ୍ଛା ପ୍ରକାଶ କରିଥାନ୍ତି । ଭୌତିକ ବସ୍ତୁ ଓ ଧନ ଅର୍ଜନ ସହିତ ସଫଳତା ଯୋଡ଼ି ହୋଇ ରହିଥିବାରୁ ସାଧନର ବିନିଯୋଗ ଏବଂ ଶ୍ରମ ସ୍ୱୀକାର ନେଇଥାଏ ପ୍ରମୁଖ ଭୂମିକା । ସମ୍ପନ୍ନତା ହାସଲ କରିବା ପାଇଁ ଜୀବନ ବ୍ୟାପୀ ମଣିଷ ଦୌଡୁଥାଏ କିପରି ସହଜ ଓ ସଳଖ ରାସ୍ତାକୁ ଆପଣେଇ ନେଇ ସମ୍ଭାବ୍ୟ ବିନ୍ଦୁକୁ ସ୍ପର୍ଶ କରିବ । ଯାହାଦ୍ୱାରା ତା ଚାରିପାଖ ଆଲୋକିତ ହେବା ସହ ଆକର୍ଷଣର କେନ୍ଦ୍ର ହୋଇ ଉଠିବ । ସମ୍ମାନସ୍ପଦ ରୂପେ ବିବେଚିତ ହେବ ସେ ସବୁରି ସାମ୍ନାରେ । ସମାଜରେ ଉଚ୍ଚାସନ ଓ ପ୍ରଭୁତ୍ୱ ବିସ୍ତାର ସଭିଙ୍କର ଗୋପନ ଇଚ୍ଛା ନଥିଲେ ସୁଦ୍ଧା ଯେଉଁ କତିପୟଙ୍କ ନିକଟରେ ଏହା ପରିଦୃଷ୍ଟ ହୁଏ, ତାହା ସବୁ ସମୟରେ ଆଲୋଚନାର ଶୀର୍ଷ ସ୍ଥାନ ନେଇଥାଏ । ନିଜର ଉଚ୍ଚାଭିଳାଷ ମହତକାଂକ୍ଷାକୁ ଚରିତାର୍ଥ କରିବା ପାଇଁ ବଶବର୍ତ୍ତୀ ହୁଏ ଲୋଭର । ଆବଶ୍ୟକତାରୁ ଅଧିକ କାମନା କରିବା ଏବଂ ସେସବୁ ନିଜର ଅଧୀନସ୍ଥ କରିବା ନିମନ୍ତେ କୌଣସି ପଥ ବା କୌଶଳ ଆପଣେଇ ନେବା ହିଁ ଲୋଭ ।

ସଂସାରରେ ସ୍ୱାର୍ଥୀ ଓ ଦୁଃଖମୟ ଜୀବନ ଅତବାହିତ କରିବାକୁ ଅନୁପ୍ରେରିତ କରେ ଲୋଭ । ଏହାର କାରଣ ଅସନ୍ତୁଷ୍ଟ ରହିବା, ନିର୍ଦ୍ଧାରିତ ପ୍ରାପ୍ତି ବା କର୍ମଫଳ ରୂପେ ମିଳିଥିବା ଧନ ସମ୍ପତ୍ତି ଐଶ୍ୱର୍ଯ୍ୟରେ ନିଜକୁ ସିମୀତ ରଖି ନପାରିବା । ଏହା ଏକ ଅନ୍ତହୀନ ପ୍ରତିବେଦନ । ଏହାର ଅର୍ଗଳ ଭିତରେ ଥରୁଟିଏ ବନ୍ଦୀ ହୋଇଗଲେ, ତା ନିକଟରେ ଯେତେ

ISSN NO.
2582-208X

ସମ୍ପତ୍ତି ରହିଲେ ସୁଦ୍ଧା ସେ ଗରିବ ହୋଇ ରହେ । କୌଣସି କଥାରେ କାମରେ ବ୍ୟବହାରରେ ଓ ଆତ୍ମୀୟ ସଂପର୍କ ଗହଣରେ ଆଉ ସୁଖ ଆସେନା । ଲୋଭକୁ ହୃଦୟରେ ବସାଇଥିବା ବ୍ୟକ୍ତିର ଅନ୍ୟ ସମସ୍ତ ମହତ୍ ଗୁଣ ସମୂହ ନିଷ୍ପ୍ରଭ ହୋଇ ଯାଆନ୍ତି । ଅଜ୍ଞାତରେ ଜୀବନଯାତ୍ରାରେ ଏହା ସିଂହଭାଗ ମାଡ଼ି ବସିବା ଯୋଗୁଁ ପ୍ରତିଟି କର୍ମରେ ଜନ୍ମେ ଦୁଃସ୍ଥିତି । ଅନ୍ୟର ପ୍ରାପ୍ୟ ଅଥବା ଅନ୍ୟର ଦାବୀକୁ ଅଣଦେଖା କରି ନିଜର କରିନେବାର ପ୍ରବୃତ୍ତି ହିଁ ଲୋଭ ।

ନିର୍ଭୀକ ବା ଭୟଶୂନ୍ୟ ଭାବେ ଲୋଭକୁ ବାସ୍ତବ ରୂପ ଦେବା ସମୟରେ ଭଲ ମନ୍ଦ ନ୍ୟାୟ ଅନ୍ୟାୟ ସତ୍ୟ ମିଥ୍ୟା ବା ଆତ୍ମୀୟ ସ୍ୱଜନ କଛି ଇ ଦୃଶ୍ୟ ହୁଅନ୍ତି ନାହିଁ । ସେ ଜାଲ ଭିତରୁ ସହଜରେ ଓ ନିର୍ବିଘ୍ନରେ ସମୟ ଥାଉ ଥାଉ ବାହାରି ନ ଆସିଲେ ସେଥିପାଇଁ ଦେବାକୁ ପଡେ ପ୍ରଚୁର ମୂଲ୍ୟ । ଭୋଗ କରିବାକୁ ପଡେ ତାର ଦୁଷ୍ପରିଣାମ । ଅନାହୁତ ଦୁର୍ଯୋଗ ମାଡ଼ି ଆସି ନିଜର ପ୍ରଭୁତ କ୍ଷତି ସାଧନ କରେ । ଏପରିକି ହରାଇବାକୁ ପଡ଼େ ସର୍ବନିମ୍ନ ମୂଳ ବସ୍ତୁଟିକୁ । 'କୁକୁଡ଼ାର ସୁନା ଅଣ୍ଡା ଦେବା' ପ୍ରସଙ୍ଗ ଠାରୁ ଏହାର ବଳିଷ୍ଠ ଉଦାହରଣ ଆଉ କିଛି ନାହିଁ । ନିୟମିତ ନିର୍ଦ୍ଧାରିତ ପ୍ରାପ୍ତିରେ ସନ୍ତୁଷ୍ଟ ନହୋଇ ଏକକାଳୀନ ସବୁ ସୁନା ଅଣ୍ଡାକୁ ହାସଲ କରିବାର ଲୋଭର ବଶବର୍ତ୍ତୀ ହୋଇ କୁକୁଡ଼ା ପେଟକୁ କାଟିଦେବା ଦ୍ୱାରା ସର୍ବନିମ୍ନ ଗୋଟାଏ ତ ପାଇଲା ନାହିଁ ବରଂ ସବୁଦିନ ନିମନ୍ତେ ପ୍ରାପ୍ତିରୁ ବଞ୍ଚିତ ହେଲା । ଏ କାହାଣୀ ସହ ଲୋଭର ଦୁଷ୍ପରିଣାମ ଓ ଅସୁମାରି ଦୟନୀୟ ଚିତ୍ର ବର୍ଷ ବର୍ଷ ଧରି ଆମ ସମାଜରେ ବେଶ୍ ଚର୍ଚ୍ଚିତ । ତଥାପି ନିବୃତ୍ତି କେଉଁଠି ?

ଲୋଭ ଏକ ପ୍ରବୃତ୍ତି । ଜନ୍ମଗତ, ବଂଶଗତ ବା ପାରିବାରିକ ସଂସ୍କାରର ଫଳଶ୍ରୁତି ରୂପେ ଚରିତ୍ରର ଅଂଶ ରୂପେ ପରାକାଷ୍ଠା ଦେଖାଇ ଥାଏ । ଶିକ୍ଷା ଦୀକ୍ଷା ଓ ଅନୁକରଣ ଯୋଗୁଁ ବ୍ୟକ୍ତି ଲୋଭଗ୍ରସ୍ତ ହୋଇପଡ଼ିବାର ଦୃଷ୍ଟାନ୍ତ କିଛି କମ ନାହିଁ । ପ୍ରତିପତ୍ତି ବିସ୍ତାର କରିବା, ନିହିତ ସ୍ୱାର୍ଥସିଦ୍ଧି ଓ ବିସ୍ତାରବାଦ ପାଇଁ ଲୋଭ ଆମନ୍ତ୍ରଣ କରେ ଦୁର୍ନୀତି, ବଳପ୍ରୟୋଗ ଓ ଅତ୍ୟାଚାର । ଏକଦା ଜନୈକ ସନ୍ଥ ଯାତ୍ରା ସମୟରେ ଗୋଟିଏ ସ୍ୱର୍ଣ୍ଣ ମୁଦ୍ରା ପାଇଲେ । ତାଙ୍କ ସହ ଯାତ୍ରା କରୁଥିବା ଶିଷ୍ୟମାନଙ୍କୁ ସେ କହିଲେ, 'ଯେଉଁ ବ୍ୟକ୍ତିର ସବୁଠୁ ବେଶି

ISSN NO.
2582-208X

ଆବଶ୍ୟକତା ଥିବ, ତାଙ୍କୁ ମୁଁ ଏ ସ୍ୱର୍ଣ୍ଣ ମୁଦ୍ରା ଦେବି ।' ପରଦିନ ପୁନଶ୍ଚ ଯାତ୍ରା ଆରମ୍ଭ କରିବା ସମୟରେ ଦେଖିଲେ ସେହି ରାଜ୍ୟର ରାଜା ପଡୋଶୀ ରାଜ୍ୟ ଆକ୍ରମଣ କରିବାକୁ ବାହାରିଛନ୍ତି । ଏହା ଜାଣିବା ପରେ ସନ୍ଥ ଇଚ୍ଛା ପ୍ରକାଶ କଲେ ରାଜାଙ୍କୁ ସାକ୍ଷାତ କରିବାକୁ । ରାଜା ଏ ସମ୍ବାଦ ପାଇ ସନ୍ଥଙ୍କୁ ଦର୍ଶନ କରିବାକୁ ସଙ୍ଗେ ସଙ୍ଗେ ପହଞ୍ଚିଗଲେ । ରଥରୁ ଓହ୍ଲାଇ ସନ୍ଥଙ୍କୁ ପ୍ରଣାମ କରିବା ପରେ ରାଜାଙ୍କ ହାତରେ ସ୍ୱର୍ଣ୍ଣ ମୁଦ୍ରାଟିକୁ ଧରାଇ ଦେଲେ ସନ୍ଥ । କିଛି ବୁଝି ନ ପାରି ରାଜା ପ୍ରଶ୍ନ କଲେ, 'ମୋ ପାଖରେ ଅର୍ଥର ଅଭାବ ନଥିବା କଥା ଆପଣ ଜାଣିବା ପରେ ସୁଦ୍ଧା ମୋତେ କାହିଁକି ଦେଉଛନ୍ତି ?' ସନ୍ଥ କହିଲେ, 'ରାଜନ୍, ଗତକାଲି ଏ ସ୍ୱର୍ଣ୍ଣ ମୁଦ୍ରା ମିଳିବା ପରେ ମୁଁ ସ୍ଥିର କରିଥିଲି, ଯେ ସବୁଠୁ ଅଧିକ ଆବଶ୍ୟକ କରୁଥିବେ, ତାଙ୍କ ହାତରେ ଦେବି ।' ' ଆପଣ ଭୁଲ ବୁଝୁଛନ୍ତି, ମୁଁ ଏ ରାଜ୍ୟର ରାଜା, ପ୍ରଚୁର ଧନ ସଂପତ୍ତି ମୋ ପାଖରେ ରହିଛି, ମୋର କିଛି ହିଁ ଲୋଡା ନାହିଁ,' ରାଜା ବିନମ୍ରତାର ସହ ଉତ୍ତର ଦେଲେ ।

'ଆପଣ ଏ ବିରାଟ ରାଜ୍ୟର ସମ୍ରାଟ, ଆପଣଙ୍କ ନିକଟରେ ଅମାପ ଧନ ସଂପତ୍ତି ଗଚ୍ଛିତ ଥିବା ସତ୍ତ୍ୱେ ବିଶାଳ ସେନା ନେଇ ଆପଣ ଅନ୍ୟ ରାଜ୍ୟ ଆକ୍ରମଣ କରିବାକୁ ବାହାରିଛନ୍ତି ! ଏହାର ଅର୍ଥ ଏହା ଯେ, ଆପଣଙ୍କର ଧନର ଆବଶ୍ୟକତା ରହିଛି ଅଥବା ଆପଣଙ୍କ ଲୋଭର ଅନ୍ତ ନାହିଁ । ମୋ ଦୃଷ୍ଟିରେ ଆପଣଙ୍କ ଠାରୁ ଅଧିକ ଯୋଗ୍ୟ ବ୍ୟକ୍ତି ଆଉ କେହି ନାହାନ୍ତି ଏହାକୁ ପାଇବା ପାଇଁ । ଆପଣ ଏ ସ୍ୱର୍ଣ୍ଣ ମୁଦ୍ରା ଗ୍ରହଣ କରନ୍ତୁ ।' ସନ୍ଥଙ୍କ ଏ ଉକ୍ତିରେ ରାଜା ଲଜ୍ଜିତ ହୋଇ ଉଠିଲେ । ଅନ୍ତହୀନ ଆସକ୍ତି, ଲୋଭ ଓ ବିସ୍ତାର ଭାବନା ମଣିଷ ନିକଟରୁ ସଦାଚାର ଓ ଦିବ୍ୟ ଭାବନାକୁ ଦୂରକୁ ନେଇଯାଏ । ଧନ ଜନିତ ପ୍ରଭୁତ ଶକ୍ତି ଅପ୍ରମିତ ସାମର୍ଥ୍ୟ ଜନ୍ମଦିଏ ଅପରାଧ ପ୍ରବଣତା ଓ ଅହଙ୍କାର, ଯାହା ଜଟିଳ ଜୀବନର ଅଭିପ୍ରେତ । ଅତିଶୟ ଲୋଭ ସତ୍ତ୍ୱେ ଯଦି ଅତୃପ୍ତ ଇଚ୍ଛା ସାକାର ନ ହୁଏ, ସେତେବେଳେ ଅପ୍ରାପ୍ତି ଆଣି ପହଞ୍ଚାଇ ଦିଏ ଚରମ ବ୍ୟର୍ଥତା, ଅଶାନ୍ତିର ଦ୍ୟୋତକ । ବ୍ୟକ୍ତିଗତ ଜୀବନ ନଷ୍ଟ ହେବା ସହ ପରିବାର ଓ ସମାଜ ହୋଇ ଉଠେ ବିଷମୟ ।

ISSN NO.
2582-208X

ଆକାଂକ୍ଷା ଓ ଲୋଭ ମଧ୍ୟରେ ଥିବା ସୀମାରେଖା ଅନେକଙ୍କୁ ଦୃଶ୍ୟ ହୁଏନାହିଁ । ସେଥିପାଇଁ ସମ୍ପନ୍ନ ହୋଇଯିବା ପରେ ସୁଦ୍ଧା ଅନୁସୃତ କାର୍ଯ୍ୟ ପଦ୍ଧତି ବାରମ୍ବାର ପରିବର୍ତ୍ତନ କରି ମଣିଷ ସନ୍ଧାନ କରୁଥାଏ ଧନ ସଂପତ୍ତି । ବାଇ ମହାନ୍ତିଙ୍କ ଦୃଷ୍ଟିରେ, "ଈର୍ଷା ଆଳସ୍ୟ କ୍ରୋଧ ଲୋଲୁପତା ବାସନା ତୁଲ୍ୟ ଲୋଭ ଦୁଃଖର କାରଣ । ଏଥିରୁ ନିବୃତ୍ତି ପାଇଁ ଯାହା ମିଳୁଛି ଯେମିତି ମିଳୁଛି ଯେତେ ମିଳୁଛି ଯାହା ନିକଟରୁ ମିଳୁଛି,ସବୁ ଗୁଡ଼ିକୁ ବିଧାତାଙ୍କ ଅଯାଚିତ ଅପୂର୍ବ ଦାନ ମନେକରି ଆନନ୍ଦରେ ଗ୍ରହଣ କର, ଯଦି ସମ୍ଭବ ହେଉଛି ସେଥିରୁ କିଛି ଅଂଶ ଦ୍ୱାରା ପୂରଣ କର ଅନ୍ୟର ଆବଶ୍ୟକତା । ପ୍ରାପ୍ତି ଆପ୍ରପ୍ତିର ଜଟିଳ ବିଚାର ମଧ୍ୟରେ ପ୍ରବେଶ ନକରି ଲୋଭର ମାୟା ଜାଲ ଭିତରୁ ମୁକୁଳି ଆସ, ଦେଖିବ ତୁମ ଚାରିପାଖ କେତେ ସୁନ୍ଦର ,କେତେ ଆନନ୍ଦମୟ ତୁମ ଚଲାପଥ, କେତେ ପ୍ରଶାନ୍ତ ଏ ଧରିତ୍ରୀ!"

ବି 10/154, କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ଭ୍ବ



ଅଲେଖ ମେହେର

କହିଥିଲ ବୋଲି କହିଦେଲି ସିନା
ମଣି ଆପଣାର ଜନ,
ସ୍ୱାର୍ଥ ବାଲିବନ୍ଧେ ସେନେହର ତୋୟ
ରହିବା ଦିବା ସ୍ୱପନ।
ଦେବା ନେବା ଯଦି ସମ୍ପର୍କ ଭିତରେ
ହୁଏ ଯଥା କ୍ଷୀର ନୀର,
ପୟୋଧି ଭିତରେ ଭାବର ତରଣୀ
ପାଇବ କି କେବେ ତୀର ?
ଆହ୍ଲାଦ ଚିତ୍ତରେ ଦସନପତରେ
ଖେଳାଇ ମଧୁର ହସ,
ନେଇ ଜାଣ ସିନା ଦେଲାବେଳେ ହୃଦ
କରେ ସଦା କରକସ ।
ସରଳ ପ୍ରାଣୀ ର ସଳଖ ଚଳନ
ସଦାବେଳେ ହୁଏ କାଳ,
ସ୍ୱଅର୍ଜିତ ଧନ ମାନ ସନମାନ
ସ୍ୱାର୍ଥୀ ହରେ ଫିଙ୍ଗି ଜାଲ।

ISSN NO.
2582-208X

ବିବୁଧାଳୟର ଚିତ୍ରପଟ ଦେଇ
ସୁଖ କରଇ ହରଣ,
ସଂସାର ସାଗରେ ଏକା କରି ଦିଏ
ଅଭିମନ୍ୟୁର ମରଣ।
ନୟନରୁ ନିଦ ଉରସ୍ଥଳୁ ଶାନ୍ତି
ହର ହୋଇ ଭରା ନଈ,
ବୁଦ୍ଧି ନଦୀ ତଟ ପାଦପ ପରାଏ
ଜୀବନକୁ ନିଏ ଧୋଇ।
ବକ୍ଷସ୍ଥଳେ ନାହିଁ ସଦିଚ୍ଛାର ସରୀ
ଲାଭା କର ଉଦ୍ଗିରଣ,
ବାହାରେ ଦେଖାଅ ଚିତାଚଇତନ
ଭିତରଟା ଭଣଭଣ।
ଭଲ ପାଇବାର ଭାବଥଲେ ବସ୍ରେ
ରାଜଇ କୁସୁମାକର,
କିଂଶୁକ ପ୍ରସୂନ ସାଜଇ ଗୋଲାପ
ଘୃଣା ମିଟଇ ନିକର।

ବରପଦର
ଗୋବିନ୍ଦପୁର ବରଗଡ଼
ମୋ-୬୩୭୦୨୨୦୫୫୯

ISSN NO.
2582-208X

# ହେ ସତ୍ୟବାଦୀର ସନ୍ଥ



କୁଞ୍ଜବିହାରୀ ରାଉତ

ହେ ମାନବୀୟ ମୂଲ୍ୟବୋଧର ପରମ ଉପାସକ
ତୁମେ ଉତ୍କଳମଣି, ପଣ୍ଡିତ ଗୋପବନ୍ଧୁ
ଏକାଧାରେ ତୁମେ ମାନବବାଦୀ ମଣିଷ
କବି, ଅନୁବାଦକ, ଗଣଭାଷାର ପ୍ରବର୍ତ୍ତକ
ଜାତୀୟତାବାଦୀ ସମାଜ ସଂସ୍କାରକ
ଦୈନିକ ସମାଜ ର ପ୍ରତିଷ୍ଠାତା
ଦେଶାତ୍ମବୋଧ ଓ ନୈତିକ ମୂଲ୍ୟବୋଧର
ପ୍ରତିଷ୍ଠା ଲାଗି ସଦା ଚେଷ୍ଟିତ
ଆହେ ସତ୍ୟବାଦୀ ର ସନ୍ଥ .....
ନିଜକୁ କର୍ମରେ, ଆଚରଣ ଓ ଉଚ୍ଚାରଣରେ
ଦୀନଜନଙ୍କ ଯଥାର୍ଥ ବନ୍ଧୁ
ନିଜକୁ କରିଛ ପ୍ରତିପାଦିତ
ରାଷ୍ଟ୍ରଚେତନା ସହ ମାନବୀୟ ଚିନ୍ତାଚେତନା
ତୁମେ ସେବା ସମର୍ପଣର ଅଲିଭା ସ୍ୱାକ୍ଷର
ବିଚାରଧାରା ଥିଲା ଆଧୁନିକ ଭାବ ଭାବନାର ରୂପାନ୍ତର
ମାନବବାଦ ର ପ୍ରସାର ଥିଲା ଭାବାଦର୍ଶ
ମୋ ରାଜ୍ୟର ମଉଡମଣି ହେ ଉତ୍କଳମଣି
ତୁମେ ଥିଲ ଗାନ୍ଧୀବାଦର ଶ୍ରେଷ୍ଠ ପ୍ରତୀକ

ISSN NO.
2582-208X

ବିଚାରବନ୍ତ ସମ୍ପାଦକ, ସାହିତ୍ୟ ସ୍ରଷ୍ଟା
ଜିଜ୍ଞାସାର କବି, ଆଧ୍ୟାତ୍ମବାଦୀ ଜନନାୟକ
ମାନବବାଦୀ ଚିନ୍ତା ନାୟକ
ମାନବବାଦ ର ଅନନ୍ୟ ବାର୍ତ୍ତାବହ
ତୁମ ସର୍ଜନା ରେ ସୃଷ୍ଟି
ବନ୍ଦୀର ଆତ୍ମକଥା, ଧର୍ମପଦ, ଓଡ଼ିଆର ଜାତୀୟତା
ଗୋ ମାହାତ୍ମ୍ୟ, ଅବକାଶ ଚିନ୍ତା, ନାଚିକେତା ଉପାଖ୍ୟାନ ସହ କାରା କବିତା
ସବୁଥିରେ ଜୀବନସୂତ୍ର କର୍ମତତ୍ପରତା
ଉତ୍ସର୍ଗୀକୃତ ଚେତନାର ସମୁଜ୍ଜ୍ୱଳ ବଳିଷ୍ଠ ଅଭିବ୍ୟକ୍ତି
ପୁଣି ଅଶିକ୍ଷା, କୁସଂସ୍କାର, ଅନ୍ଧବିଶ୍ୱାସ
ନିଶା ରାକ୍ଷାସ ବିରୁଦ୍ଧରେ ଦୁର୍ବାର ସଂଗ୍ରାମ
ତୁମକୁ ପରିଚୟ ଦେଇଥିଲା ସ୍ୱତନ୍ତ୍ର
ଆମ ସମାଜରେ, ଆମ ଉତ୍କଳରେ....
ହେ ସମର୍ପିତ ପ୍ରତିଷ୍ଠାତା
ସତ୍ୟବାଦୀର ଶିକ୍ଷା ବ୍ୟବସ୍ଥାରେ
ନୈତିକ ମୂଲ୍ୟବୋଧର କରି ପ୍ରତିଷ୍ଠା
ଜାତୀୟ ଚେତନାକୁ କରିଥିଲ ଉଦବୁଦ୍ଧ
ଆବାସିକ ଓ ମୁକ୍ତାକାଶ ବିଦ୍ୟାଳୟ ଚିନ୍ତନର
ଦୂରଦୃଷ୍ଟି ସମ୍ପନ୍ନ ଶିକ୍ଷାବିତ୍
ତୁମେ କ'ଣ ଆଉଥରେ ଆସନ୍ତନି
ଆମ ଭିତରକୁ ....ଆମ ଭିତରେ ଥିବା
ପରଶ୍ରୀକାତରତା, ସ୍ୱାର୍ଥପରତା ଦୂର କରିବାକୁ .....

ପ୍ଲଟ ନଂ: ୧୪୮/୫,
ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# ଗୋଟେ ଭଙ୍ଗା ପୋଲର ନିବନ୍ଧ



ସୁଧାଂଶୁ ଶେଖର ଦ୍ୱିବେଦୀ

ପ୍ରସ୍ତାବନା:- ଯାହା ଆସିଛି ତାହା ଦିନେ ସରିଯିବ। ଯାହା ତିଆରି ହୋଇଛି ତାହା ବି ଦିନେ ଭାଙ୍ଗିଯିବ। ଏଥିରେ ଏତେସବୁ ଭାବିବାର କଣ ଅଛି? ପୋଲଟି ନୂଆ ଧରଣରେ ନିର୍ମାଣ ହୋଇଥଲା। ଯିଏ ଦେଖିଲା ବାଃ-ବାଃ କହି ତାଳି ପିଟିଲା। ହଠାତ୍ ମୂଷଳ ଧାରାରେ ବର୍ଷା କାଟିଲା। ସ୍ଥାୟୀକୁ ଅସ୍ଥାୟୀ କରିଦେଲା। ଯୋଡିକୁ ବେଜୋଡ କରିଦେଲା। ଏ ଦୁନିଆରେ କିଛି ବି ସ୍ଥାୟୀ ନୁହେଁ। ପୋଲଟି ନିର୍ମାଣ ହେବାର ମାତ୍ର ୬ମାସ ଭିତରେ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ବଢି ପାଣି ରେ ଧୋଇଗଲା। ଏହା ବି ଭାବିବା କଥା ଯଦି ପୋଲଟି ୬ ବର୍ଷ କି ୬୦ ବର୍ଷ ଯାଏ ଅକ୍ଷୁର୍ଣ୍ଣ ରହିଥା'ନ୍ତା ତଥାପି ଦିନେ ଭାଙ୍ଗିଥା'ନ୍ତା।

ପୋଲଟି ଭାଙ୍ଗିବାର କାରଣ:- ପୋଲଟି ଭାଙ୍ଗିବାର ସବୁଠୁ ବଡ଼ କାରଣ ହେଉଛି ଦୀର୍ଘ ୫ ଦିନ ଧରି ଲଗାଣ ବର୍ଷାର ପ୍ରକୋପ। ଏଥିପାଇଁ ଶ୍ରୀଯୁକ୍ତ ଦେବେନ୍ଦ୍ର ଦାୟୀ। ନଚେତ୍ ଏହାକୁ ଲୋକମାନଙ୍କର ବିଡ଼ମ୍ବନା ବୋଲି କହିପାରନ୍ତି। ଯେଉଁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପୋଲଟି ଭାଙ୍ଗି ବଢି ପାଣିରେ ଧୋଇଗଲା, ବୋଧହୁଏ ସେଠାକାର ଲୋକଙ୍କ ଭାଗ୍ୟରେ ସ୍ଥାୟୀ ହୋଇ ରହିବାର ସୁଖ ପୋଲଟିର ନଥିଲା। ଠିକା ଦାର ଓ ଇଞ୍ଜିନିୟର ଶ୍ରେଷ୍ଠ ଦିନ, ଗ୍ରହ, ନକ୍ଷତ୍ର, ତିଥି, ଲଗ୍ନ ଆଦି ଦେଖି ନଡ଼ିଆ ଫଟେଇ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ କରିଥିଲେ।ସେମାନଙ୍କର ଏଭଳି ମହତ ଚିନ୍ତାଧାରାରେ ପ୍ରଶ୍ନ ଉଠି ନପାରେ!

ISSN NO.
2582-208X

ପୋଲ ଭାଙ୍ଗିବାରେ ଲାଭ:- ଏ ପୋଲଟି ଭାଙ୍ଗିଗଲା ତ ପୁଣି ଗୋଟେ ନୂଆ ପୋଲ ନିର୍ମାଣ ହେଇଯିବ! ଗରିବଗୁରୁବା ମାନଙ୍କୁ ପୁଣିଥରେ ରୋଜଗାର ମିଳିବ।କଥାରେ ଅଛି-ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ। ପୋଲଟି ଭାଙ୍ଗିଯିବା dwARା କେତୋଟି ଗାଁ ଠାରୁ ସମ୍ପର୍କ ଛିନ୍ନ ହୋଇଗଲା ସତ, ଅତଏବ ଏ ଗାଁର ଲୋକମାନେ ସେ ଗାଁର ଲୋକଙ୍କ ସହିତ ମିଶି ପାରିଲେନି। ଏ ଗାଁର ପ୍ରେମିକ-ପ୍ରେମିକା ସେ ଗାଁର ପ୍ରେମିକ-ପ୍ରେମିକାଙ୍କ ସହିତ ପ୍ରେମ-ପ୍ରଣୟ କରି ପାରିଲେନି। ସେ ଯାହାହେଉ କିଛିଦିନ ସକାଶେ ପୋଲ ଭାଙ୍ଗିଯିବା ଆଖପାଖ ଅଞ୍ଚଳର ଆଦର୍ଶ ଓ ନୈତିକତା ବଳବତ୍ତର ହୋଇ ରହିବ। ବିଦ୍ୟାର୍ଥୀ ସ୍କୁଲ, କଲେଜ ଯାଇପାରିବେ ନାହିଁ। ଶିକ୍ଷକ, ଅଧ୍ୟାପକ, କିରାଣୀ, ପିଅନ, ଚପରାଶି କିଛିଦିନ ଆରାମ ନେବେ। ଅଧିକ ଲାଭ ଯେବେ ହେବ ନୂଆ ପୋଲ ନିର୍ମାଣ ଚାଲିବ। ଠିକାଦାର, ଇଞ୍ଜିନିୟରଙ୍କ ବନ୍ଧୁତ୍ୱ ପୂର୍ବାପେକ୍ଷା ଅଧିକ ଅନ୍ତରଙ୍ଗ ହୋଇଯିବ।

ପୋଲ ଭାଙ୍ଗିବାର କ୍ଷୟ-କ୍ଷତି:- ପୋଲଟି ଭାଙ୍ଗି ଧୋଇଯିବାର ଅଧିକ କ୍ଷତି କାଗଜର ହୋଇଥାଏ। କଥା ହେଉଛି ପୋଲ ନିର୍ମାଣ ହେବା ପୂର୍ବରୁ ଗୋଟେ ମୋଟା ଫାଇଲ୍ ପ୍ରସ୍ତୁତ ହୁଏ। କିନ୍ତୁ ସେଇଟା ବନ୍ୟା ଜଳରେ ଧୋଇ ଯାଇଛି ବୋଲି ଦର୍ଶାଇ ରଫ୍ ଖାତାରୁ ଚିରି ଆଣିଥିବା ଦୁଇ ପୃଷ୍ଠା କାଗଜରେ ସାରା ହିସାବ ପରିଦର୍ଶକଙ୍କ ସମ୍ମୁଖ ଟେବୁଲ୍ ଉପରେ ରଖି ଦିଆଯାଏ। ଏହାଦ୍ୱାରା ଅଧିକାରୀ ମହୋଦୟ ମିଛକୁ ସତ ମଣି ପୋଲ ନିର୍ମାଣ ଲାଗି ଖର୍ଚ୍ଚ ହୋଇଥିବା ବିଲ୍ ରେ ଫଟାଫଟ୍ ସାଇନ କରିଦିଅନ୍ତି।

ପୋଲ ନ ଭାଙ୍ଗିବାର ଉପାୟ:- ପୋଲ ନ ଭାଙ୍ଗିବାର ଏକମାତ୍ର ଉପାୟ ହେଉଛି ପୋଲ ନିର୍ମାଣ କରିବା ନାହିଁ। ନିର୍ମାଣ କଲେ ନିଶ୍ଚୟ ଭାଙ୍ଗିବ। ପୋଲ ଭାଙ୍ଗିଲେ ବଢି ପାଣିରେ ଧୋଇଯିବ। ଅନ୍ୟ ଏକ ପ୍ରକାର ଉପାୟ ହେଉଛି ଯେବେବି ପୋଲ ନିର୍ମାଣ ହୁଏ ଠିକାଦାର, ଇଞ୍ଜିନିୟରଙ୍କ କୋଠା ନିର୍ମାଣ ହୁଏ। ପୋଲ ନିର୍ମାଣ ଶେଷ ହେବା ପୂର୍ବରୁ ତାଙ୍କ କୋଠା ନିର୍ମାଣ ସରି ଯାଇଥାଏ। ଯାହାଫଳରେ ସ୍ୱାର୍ଥପର ଆଘାତର ପ୍ରତିଘାତ ପାଇ ପୋଲଟି ଭୁଶୁଡି ପଡେ। ତେଣୁ ସର୍ବମାନ୍ୟ ଅନୁସାରେ ପୋଲ ନିର୍ମାଣ କରିବା ଅନୁଚିତ।

ISSN NO.
2582-208X

ଉପସଂହାର:- ପୋଲରେ କଣ କଣ ସବୁ ବ୍ୟବହାର ହୋଇଥିଲା? ଗେଟି, ଚିପ୍ସ, ସିମେଣ୍ଟ, ରଡ୍। ଆରେ ସେସବୁ ମାଟିରୁ ଉତ୍ପତ୍ତି, ମାଟିରେ ମିଶିଗଲା। ଭଲ ହେଲା। ଏମିତି ବି ସମସ୍ତଙ୍କୁ ଦିନେ ମାଟିରେ ମିଶି ଯାକୁ ହେବ। ସେପାଇଁ ଏତେ ଦୁଃଖିତ ହେବା କଣପାଇଁ? ଏଭଳି ସୁଯୋଗ ପାଇ କୌଣସି ଦଳୀୟ-ନିର୍ଦ୍ଦଳୀୟ ନେତାଙ୍କୁ ଆନ୍ଦୋଳନ, ଧର୍ମଘଟ ଓ ଭାଷଣ ଦେବାକୁ ସୁଯୋଗ ମିଳିଯାଏ। ମୋତେ ଭୋଟ ଦିଅ ମୁଁ ନୂଆ ପୋଲ କରିଦେବି। ଏଭଳି ଆଶ୍ୱାସନାର ଆହ୍ୱାନ ଶୁଣି ସ୍ଥାନୀୟ ଗ୍ରାମବାସୀ ଅନ୍ତତଃ ଆଶା ଭରସାର ଦିନ ଗଣନ୍ତି। ଆଉ ସେଇ ଆଶା ଭରସା ବର୍ଷ ପରେ ବର୍ଷ ବିତିଯାଏ। ସେପର୍ଯ୍ୟନ୍ତ ଭଙ୍ଗା ପୋଲ ପୁଣିଥରେ ନିର୍ମାଣ ହେବା ନ ହେବା ପରିସ୍ଥିତିରେ ଅପେକ୍ଷା କରିଥାଏ।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# କାଳଆ ଠାକୁର



ନମିତା ନାୟକ

ଭାବବିନୋଦିଆ ଠାକୁର ଆହେ କାଳିଆ ଚାନ୍ଦ,
ଭକତିରେ ଡାକ ଶୁଣୁ ତୁ, ତୋର ସୃଷ୍ଟି ବିଚିତ୍ର ।
ହଟିଆ କପଟିଆ ପୁଣି ତୁ ଆହେ ଜଗତର ନାଥ,
ଦୁଃଖିର ଦୁଃଖକୁ ବୁଝି ତୁ ସଙ୍ଗେ ବଢାଉ ହାତ ।
ରଙ୍ଗ କଳା ହେଲେ ହେଁ ତୋର ସର୍ବାଙ୍ଗ ସୁନ୍ଦର,
ତୋତେ ଟିକେ ଦେଖିବାକୁ ଭକତ ହୃଦୟ ଅଧିର ।
ଚନ୍ଦନ, କର୍ପୂର ନୈବେଦ୍ୟ ରେ ତୋର ତନୁ ସୁବାସିତ,
ପାଟ ପିତାମ୍ବରୀ ରେ ତୁ ସୁନ୍ଦର ଅତ୍ୟନ୍ତ ।
ତୋର ଦଶ ଅବତାରୁ ଜଗନ୍ନାଥ ଏକ ରୂପ,
କଳିଯୁଗେ ଏହି ରୂପେ ଚଳାଉ ଜଗତ ।
ବିନୁ ପାଦେ, ବିନୁ କରେ ସୃଷ୍ଟି କି ଚଳାଉ,
ତୋ ବିନୁ ଦୁଃଖିର ସାହାରା ହବ ବା କିଏ ଆଉ ?
କଳିଯୁଗେ କଳିକାଳେ ତୁହି ଏକା ସତ୍ୟ,
ଏହି ବାର୍ତ୍ତା ଦଶଦିଗୁ ଆରମ୍ଭି ସାରା ଜଗତେ ପ୍ରତିପାଦ୍ୟ ।
ତୁ ହି ସତ୍ୟ, ତୁ ହି କର୍ମ, ତୁ ହି ଆରମ୍ଭ,
ତୋ ଠାରେ ସୃଷ୍ଟି ଶେଷ, ତୁ ହି ଅପୌରୁଷେୟ ।
ଚକା ଆଖି ବୋଲି ସବୁକିଛି ଦେଖି କର୍ମ ବିଧାନ କରୁ,
ମୋ ପାଇଁ ତୋର ଆଶୀର୍ବାଦର କୃପା ଟିକେ ଝରୁ ।
ଜଗତରନାଥ ଜଗନ୍ନାଥ, ଆହେ ଦରିଦ୍ର ଭଞ୍ଜନୀ ଠାକୁର,
ସାରା ଜଗତରୁ ଅଧର୍ମ ବିନଶି ଧର୍ମ ସ୍ଥାପନା କର ।

ISSN NO.
2582-208X

# ମହାନ ଆମ ମାତୃଭାଷା

ନଶ୍ଚିତାନନ୍ଦ ତାଣ୍ଡି

(ଛନ୍ଦ-ବଙ୍ଗଳାଶ୍ରୀ)

ସତ୍ୟ ଅଟେ ସତ୍ୟ କେଡେ ଟି ସୁନ୍ଦର
ଆତେ ଆମ ମାତୃଭାଷା,
ସ୍ୱପ୍ନେ ଜାଗରଣେ ଆଣି ଦିଏ ସିଏ
ବଞ୍ଚିବାର ମହା ଆଶା ।
କେତେ ମାନବଙ୍କୁ ତା ଦିଗ ଦର୍ଶନେ
କରିଛି ମହାମାନବ,
ଏହି ବାର୍ତ୍ତା ଦିନେ ପଡିଗଲେ ମନେ
ସ୍ୱାଭିମାନେ ଲାଗେ ଗର୍ବ ।
ମାତ୍ର କାଳକ୍ରମେ ମାତୃଭାଷା ଦିନେ
ପଡିଲା କାଳ ଗର୍ଭେ
ଉଠିପାରିଲାନି ତା ନିଜ ଗୋଡରେ
ରହିଲାନି ମୁକ୍ତ ନଭେ ।
ମାତୃଭାଷାର ସେ ନିମ୍ନଗାମୀ ଦୃଶ୍ୟ
ଦେଖିଲେ ସନ୍ତାନଗଣ,
ତାରି ରକ୍ଷା ପାଇଁ ଆଗେଇ ଆସିଲେ
ହେଲା କେତେ ଯୁଦ୍ଧ-ରଣ ।
ମାତୃଭାଷା-ଭୂମି ପାଇଁ ସେହି ରଣେ
ଦେଲେ କେତେ ପ୍ରାଣବଳି,
ଭାଷା ଓ ଭୂମିର ଏକତା ସେମାଏନ୍
ରଖିଲେ ସଭିଏଁ ମିଳି ।

ISSN NO.
2582-208X

କଷ୍ଟ ପରେ କଷ୍ଟ ସହି ମହାଜନେ
ରଖିଲେ ଉତ୍କଳ ଟେକ,
ଗଢିଲେ ସ୍ୱତନ୍ତ୍ର ଭାବେ ଭାଷା-ଭୂଇଁ
ଖଟାଇ ବୁଦ୍ଧି ବିବେକ ।
ଭାଷା ହେଲା ଶକ୍ତ ସାହିତ୍ୟ ସମୃଦ୍ଧ
ବିଶ୍ୱେ ହେଲା ତାର ନାମ,
ମହାମାନବର ପ୍ରଚେଷ୍ଟା ପାଇଁ ସେ
ପ୍ରସିଦ୍ଧ ହେଲା ତା ନାମ ।
କିନ୍ତୁ ଆଜି ସେହି ସ୍ଥିତି କେଉଁଠାରେ
ହୋଇ ଯାଇଅଛି ଲୀନ
ଆଜିର ମାନବ ମାତୃଭାଷା ପ୍ରତି
ହୋଇଛି ବିମୁଖ ମନ ।
ପାଶ୍ଚାତ୍ୟ ସଂସ୍କୃତି ଅନୁସରଣରେ
ଭୁଲିଛି ତାର ଅତୀତ
ନିଜର ସଂସ୍କୃତି ଭୁଲି ଆଜି ତାଙ୍କୁ
କରିଅଛି ଆତ୍ମସାତ ।
ଇଂରାଜୀ ଭାଷାର ପ୍ରଭାବରେ ଆଜି
ବଢୁଛି ଇଂରାଜୀ ପ୍ରୀତି,
ନିଜ ମାତୃଭାଷା କେଡେ ମହାନ ତା
ଭୁଲୁଛି ସେ ସର୍ବ ନୀତି ।
ଓଡିଆ ଭାଷାକୁ ହତାଦର କରି
ଯାଉଛି ଆଗକୁ ଚାଲି,
କେତେ ସ୍ୱତନ୍ତ୍ର ସେ କେଡେ ସେ ସମୃଦ୍ଧ
ଯାଉଅଛି ସବୁ ଭୁଲି ।
ସେ ମହାମାନବ କେତେ ସଂଘର୍ଷରେ
କଲେ ସ୍ୱତନ୍ତ୍ର ଓଡିଶା,
ଶିଖାଇଲେ ସେ ଯେ ମାତୃଭୂମି ପ୍ରୀତି

ISSN NO.
2582-208X

ଦେଲେ ଏକତାର ନିଶା ।
କିନ୍ତୁ ଆଜି ସେହି ସ୍ଥିତି ଏ ଭୁବନେ
ନାହିଁ ଆଉ ପ୍ରତିଷ୍ଠିତ,
କୁଆଡେ ସେ ସ୍ଥିତି ଚାଲି ଯାଇଅଛି
ଏଥିରେ ନାହିଁ ଦ୍ୱିମତ ।
ସ୍ୱତନ୍ତ୍ର ଓଡିଶା ଭାଙ୍ଗିବାକୁ ଆଜି
ଚାଲିଛି ଯେ ପ୍ରୟୋଜନ,
ଭାଗ ଭାଗ କରି ତାକୁ କାଟିଦେଲେ
ଆଉ କି ରହିବ ମାନ ।
ନିଜ ବାସଭୂମି ଭାଙ୍ଗିଦେଲେ ତୁମ୍ଭେ
କେଉଁଠି କରିବ ବାସ ?
ଯଦି ଭାଙ୍ଗିଦେବ ଜାଣି ପାରିବନି
କେବେ ହେବ ସର୍ବନାଶ ।
କେଡେ ମହାନ ସେ ମାତୃଭାଷା-ଭୂମି
ତୁମେ କାହୁଁଟି ଜାଣିବ,
ମାତୃଭାଷା-ଭୂମି ପ୍ରୀତି କଲେ ଥରେ
ଏହା ନିଶ୍ଚୟ ବୁଝିବ ॥

ISSN NO.
2582-208X

# ଟସର ର ଡୋର



ଡ଼ଃ ରଞ୍ଜିତ କୁମାର ସାହୁ

ମେଦିନୀ ମନେ ପଡୁଛି । ଶୀତ ସକାଳର ଶିଶିରରେ ସ୍ମୃତି କୁ ସାଉଣ୍ଟୁ ସାଉଣ୍ଟୁ ସୀତାଂଶୁ ଆତ୍ମୋବୋଧ କରୁଥିଲା ଶୂନ୍ୟତାକୁ । ତାହାର ଜୀବନରେ ଭରି ଯାଇଥିବା ଏକାନ୍ତ ପ୍ରହର ଗୁଡିକର ବିରସତାକୁ ଏବଂ ସଙ୍ଗତିର ମହତ୍ୱକୁ ବୁଝିବାକୁ ଲାଗିଥିଲା । ସେ ଜାଣେ ମେଦିନୀ ଫେରିବନି କେବେ ମଧ୍ୟ ତାହାର ପୂର୍ବତନ ରୂପରେ । ଅଳତା ସିନ୍ଦୂର ପିନ୍ଧି ଏରୁଣ୍ଡି ବନ୍ଧ ପାରି ହୋଇଥିବା ନବ ବଧୂ କଣ ଫେରି ପାରେ ତାହାର ପୂର୍ବତନ ରୂପକୁ? ଟସର ଖୋସା ସବୁ ଗୋଟାଉ ଗୋଟାଉ ସୀତାଂଶୁ ଦେଖି ପାରୁଥିଲା, ସେଥିରୁ ବାହାରିଥିବା ପ୍ରଜାପତି ଭଳି ମେଦିନୀ ମଧ୍ୟ ଉଡି ଯାଇଥିଲା କେଉଁ ଏକ ଅଜଣା ଠିକଣାକୁ, ତାହାର ସଂସାର ଗଢିବାକୁ । ଛାଡି ଯାଇଥିଲା ଛୋଟ ଟସର ଖୋସାରେ ସିଲେଇ ହେଇଥିବା ପର୍ସଟିଏ ଯାହା ସେ ବୁଣିଥିଲା ଟସର ଖୋସା ସବୁ ଜମା କରିକି । ନିପୁଣତା ଏବଂ ନିଷ୍ଠା ସହିତ ନିଜେ ସୃଷ୍ଟି କରିଥିବା ଜିନିଷଟିକୁ କେମିତି ତେଯ୍ୟ କରି ମଣିଷଟିଏ ଚାଲି ଯାଇପାରେ କେଜାଣି ! ସୁରକ୍ଷା ଆଉ ସମୃଦ୍ଧିର ତ କୌଣସି ସନ୍ଦେହ ନଥିଲା ଯଦି ରହି ଯାଇଥାଆନ୍ତା ତାହାର ହୋଇ ! କାହିଁକି ଚାଲିଗଲା ?

ହୁଏତ ତାହାହିଁ ତାହାର ନିୟତି, ତାହାହିଁ ତାହାର ଭାଗ୍ୟ ଏବଂ ତାହାହିଁ ତାହାର ଜୀବନ ମାର୍ଗ !

ISSN NO.
2582-208X

ଗଚ୍ଛରୁ ସଂଗ୍ରହ କରିଥିଲା ଖୋସା ସବୁ ମେଦିନୀ । ଥୋଡେ ହେବ ଗବ ଗଛ ଉଠି ଆସିଥିଲା ଜମିର ଗୋଟିଏ ପାର୍ଶ୍ୱରେ ଯେଉଁଠାରୁ ଶ୍ରମିକ ମାନେ ଖୋସା ସବୁ ସଂଗ୍ରହ କରୁ ନଥିଲେ । ରେଶମ ଖୋସା ଉତ୍ପାଦନ କରି ତାହାକୁ ନିକଟ ଗାଁଆ ସବୁକୁ ସୂତା ତିଆରି ଲାଗି ଯୋଗେଇ ଦିଏ ସୀତାଂଶୁ । ଶିକ୍ଷାଗତ ଯୋଗ୍ୟତା ଥିବା ସତ୍ତ୍ୱେ ନିଜର ବ୍ୟବସାୟ କରିବା ପାଇଁ ଏବଂ ନିଜର ଜନ୍ମ ମାଟି ଲାଗି କିଛି କରିବାର ଆକାଂକ୍ଷା ରଖି ବିଦେଶରେ ଥିବା ନିଜର ଚାକିରୀ ଛାଡି ଫେରି ଆସିଥିଲା ସୀତାଂଶୁ । କିନ୍ତୁ ଗାଁଆରେ ଯେତେ ଲୋକ ସେତେ ତୁଣ୍ଡ ଆଉ ଯେତେ ତୁଣ୍ଡରେ ସେତେ କଥା । କିଏ କହିଲା, "ସେଠି ତାହାର ପରିବାର ଅଛି, ସ୍ତ୍ରୀ ଛାଡି ଚାଲିଗଲା ତେଣୁ ଫେରି ଆସିଲା ।" କିଏ କହିଲା, "ସେଠାରୁ ତଡା ଖାଇକି ଆସିଛି, ଠିକ ରେ କାମ ନ କରି ପାରିବାରୁ ।" କିଏ ପୁଣି କହିଲା, "ସେଠାରେ ବଦଭ୍ୟାସ କରି ସବୁ ପଇସା ଉଡେଇ ଦେଲା ତେଣୁ ଶେଷରେ ବାପାର ଜମିରେ ଟସର ଚାଷ ଆରମ୍ଭ କରିଛି । ସୀତାଂଶୁ ସବୁ ଶୁଣେ କିନ୍ତୁ କେବେ କାହାର ପ୍ରତିବାଦ କରିନି କି କାହାକୁ କୈଫିୟତ ମଧ୍ୟ ଦେଇନି । ନିଜ କାମ ନିଜେ କରି ଜୀବନର ଲକ୍ଷକୁ ପୂର୍ଣ୍ଣ କରିବାର ତାହାର ଏକ ମାତ୍ର ଉଦ୍ଦେଶ୍ୟ । ଯିଏ ଯାହା କହିଲେ ମଧ୍ୟ ବୋଉ ତ ସବୁ ବୁଝେ ତେଣୁ ଅସୁବିଧା କେଉଁଠି ?

ମେଦିନୀ ଆସିଥିଲା ତାହାର ସ୍ନାତୋକୋତ୍ତର ଶିକ୍ଷା ଜନିତ ପ୍ରୋଜେକ୍ଟଟିଏ କରିବା ଲାଗି ତାହା ପାଖକୁ । ତିନି ମାସର ରହଣି ଭିତରେ କେଜାଣି କଣ ଯାଦୁ କରି ଦେଇଥିଲା ବୋଉ ଉପରେ ! ବୋଉ ସବୁବେଳେ ତାହାର ପ୍ରଶଂସା ଗାଇବାରେ ଲାଗିଥାଏ । ବୋଉର ପ୍ରଭାବରେ ସିଏ ମଧ୍ୟ ପ୍ରଭାବିତ ହେବାକୁ ଲାଗିଥିଲା । ବେଳେ ବେଳେ ମେଦିନୀ ତାକୁ ଆକର୍ଷଣୀୟ ଲାଗେ କିନ୍ତୁ ପର କ୍ଷଣରେ ତାହାର ମାନେ ପଡି ଯାଏ ସିଏ ଟ୍ରେନିଂ ପାଇଁ ଆସିଛି । କଳ କୌଶଳ ଶିଖିବାକୁ ଆସିଛି । ନଚେତ ଭୁବନେଶ୍ୱର ସହରରେ ବଢି ଥିବା ଝିଅଟିଏ କଣ ସୁଦୂର କୋରାପୁଟ କୁ ତାହାର ଟସର ଚାଷ କେନ୍ଦ୍ରକୁ ଆସିଥାଆନ୍ତା ? ଠିକ ଟସର ପୋକ ଭଳି, ଯେଉଁ ଗୁଡାକ ଆସନ୍ତି ତାହା ପାଖକୁ ନିଜର ଜୀବନ ଚକ୍ର ପୂରଣ କରିବା ଲାଗି ଏବଂ ଉଡିବାର ସାମର୍ଥ୍ୟ ପାଇବାକୁ । ସେମାନଙ୍କୁ ସିଏ ଆଶ୍ରା ଦିଏ, ପୋଷଣ ଦିଏ ଆଉ ସେମାନେ ଚାଲି ଯାଆନ୍ତି ଟସରର ଡୋରିରେ ତାକୁ ବାନ୍ଧି । ଜୀବ

ISSN NO.
2582-208X

ହତ୍ୟାକୁ ବିରୁଦ୍ଧ କରୁଥିବା ଏବଂ ଜୈବିକ ଉଦଯୋଗର ପ୍ରୋତ୍ସାହନ ଦେଉଥିବା ସୀତାଂଶୁ କେବଳ ପ୍ରଜାପତି ଉଡି ସରିଲା ପରେ ତାହାର ଖୋସା ସଂଗ୍ରହ କରାଏ । କିନ୍ତୁ ସବୁବେଳେ କଣ ଖାଲି ଖୋସାଟି ନିର୍ମାଣରେ ଲାଗେ ? ନା ସେଥିରୁ ସୁତା ତିଆରି ହୋଇ ଦେହରେ ଲାଗେ ? କିଛି ଖୋସା କେବେକେବେ ସାଇତି ହୋଇ ରଖି ହୁଏ, ଯେମିତି ମେଦିନୀ ଧରେଇ ଯାଇଛି, ଖୋସାରେ ତିଆରି ହୋଇଥିବା ପର୍ସ ! ଦେଖିକି ଖୁସି ଲାଗେ କିନ୍ତୁ ତାହାର କାମରେ ଲାଗେନି ।

ବୋଉକୁ ଅନେକ ଥର ବୁଝେଇଛି । ମେଦିନୀ ଟ୍ରେନିଂ ପାଇଁ ଆସିଛି, ସିଏ ଛାତ୍ରୀଟିଏ ଏବଂ ଫେରିଯିବ ତାହାର ଟ୍ରେନିଂ ସରିଲେ । କିନ୍ତୁ ବୋଉ ବୁଝେନି । କୁହେ ଅମୁକ କଲେଜର ସାର ତାଙ୍କ ଶିଷ୍ୟାକୁ ବାହା ହେଇଛନ୍ତି କଣ ହେଇଗଲା ସେଠୁ ? ବୋଉ କୁହେ ତାହାର ଆଉ ବାପାଙ୍କର ବୟସର ବ୍ୟବଧାନ ବାର ବର୍ଷ କେବେ ତ କିଛି ଅସୁବିଧା ହେଇନି । ତେଣୁ ତାହାର ଆଉ ମେଦିନୀର ସାତ ବର୍ଷର ବ୍ୟବଧାନ କଣ ବେଶୀ ଅଧିକ ?

ବେଳେ ବେଳେ ବୋଉ ଏକ ପ୍ରକାର ବ୍ଲାକମେଲ ମଧ୍ୟ କରେ । ତୁ ଯଦି ବାହା ନ ହେବୁ ଲୋକେ ତୋ ବିଷୟରେ ଉଡୁଥିବା ଗୁଜବ ସବୁକୁ ସତ ମନେ କରିବେ, ମୁଁ କାହାକୁ କଣ ଉତ୍ତର ଦେବି ? ସେଦିନ ପଦ୍ମିନୀ କହୁଥିଲା ତୁମେ ଦୁହେଁ ଗଛ ଉହାଡରେ ଠିଆ ହେଇଥିଲ କାହାକୁ ନ ଦିଶିଲା ଭଳି । କି ଟ୍ରେନିଂ ଦେଉଥିଲୁ ମେଦିନୀକୁ ବୋଲି ମଧ୍ୟ ପଚାରୁଥିଲା ?

ସୀତାଂଶୁ ଆଲୋଚନାକୁ ଅନ୍ୟ ଦିଶାରେ ବୁଲେଇ ଦିଏ । କେବେ ନିଦ ବାହାନାରେ ତ କେବେ କାମ ବାହାନାରେ । ବୋଉର କାନ ଅଛି ? ବୋଉ କଣ ପୁରୁଷର ସଙ୍ଘର୍ଷ ବୁଝି ପାରିବ ?

ହାତରେ ଧରିଥିବା ପର୍ସକୁ ଆଉ ଥରେ ନିରିକ୍ଷଣ କଲା ସୀତାଂଶୁ । ଖୋସା ଗୁଡ଼ିକୁ କାଟି ବିଭିନ୍ନ ରଙ୍ଗ କରି ଛୁଞ୍ଚି ସୂତାରେ ଏକ ପ୍ରକାର ଗୁନ୍ଥି ଦେଇଛି ମେଦିନୀ । କିନ୍ତୁ ତଥାପି

ISSN NO.
2582-208X

ସୁନ୍ଦର ଦିଶୁଛି । ତିନି ଚାରିଟା କରିଥିଲା । ଏଇଟା ବୋଧେ ଭୁଲି ଯାଇଛି । ସୀତାଂଶୁ ଯେତେବେଳେ ମେସେଜ ଦେଲା ଭୁଲି ଯାଇଥିବା ପର୍ସ ବିଷୟରେ ଉତ୍ତର ଆସିଥିଲା, "ବୋଉଙ୍କୁ ଦେଇଦିଅ ମୋ ତରଫରୁ "।

ପର୍ସ ଦେଇଛି ଶୁଣି ବୋଉ ବହୁତ ଖୁସି । "ଦେଖିଲୁ କେତେ ସ୍ନେହୀ ଝିଅଟିଏ ? ଘରକୁ ନେଇକି ଆସେ ତାହାକୁ ମୁଁ ମୋ ଅଲମାରୀରେ ରଖିବି । ମୋର ଟଙ୍କା ରଖିବାକୁ ଜାଗା ନାହିଁ, ଲକ୍ଷ୍ମୀ ଏପଟେ ସେପଟେ ରହୁଛନ୍ତି । କେବେ କେଉଁ ଡବାରେ କେବେ କାନିରେ ।" ସୀତାଂଶୁ କିଛି କୁହେନି । କେମିତି କେଜାଣି ଘରକୁ ନେବାକୁ ଭୁଲି ଯାଏ । ଅଫିସରେ ହିଁ ରହି ଯାଇଛି ତାହାର ଡ୍ରୟର ରେ ।

ବୋଉ ଅନେକ ଥର ଜେରା କଲାଣି ମେଦିନୀ ବିଷୟରେ ତାହା ପରଠାରୁ । କେମିତି ମେଦିନୀର ରେଶମୀ ଡୋରିରେ ବାନ୍ଧି ହୋଇ ଯାଇଛି କେଜାଣି ବୋଉ । ଅନେକ ଥର କହିଛି ବୋଉ ଟିକିଏ ଫୋନ ରେ କଥା କରେଇବାକୁ । କିନ୍ତୁ ସୀତାଂଶୁ ସବୁବେଳେ କୁହେ ସିଏ ବ୍ୟସ୍ତ ଥିବ । ସେଥି ପାଇଁ ମେସେଜ କରୁନାହିଁ ବୋଧେ ।

କିନ୍ତୁ ଶୀତ ସକାଳରେ ମେଦିନୀ ମନେ ପଡୁଛି । ସୀତାଂଶୁ କିଛି ଭାବିକି ଅଫିସ ଆଡକୁ ମାଡିଗଲା । ଅଫିସରେ ନିଜର ଡ୍ରଏରରେ ଥିବା ନିମନ୍ତ୍ରଣ ପତ୍ରଟିକୁ ଦେଖିଲା । ଛୋଟ ହାତଲେଖା କାଗଜଟିଏ ତାହା ଭିତରେ ଏକ ଫୋଟୋ ସହିତ । "ସାର ବାହାଘରକୁ ନିଶ୍ଚୟ ଆସିବେ । ଏଇଟା ମୋର ଆଉ ଅଶୋକର ଫୋଟୋ । ଘରେ ସମସ୍ତେ ବିରୋଧ କରୁଥିଲେ କିନ୍ତୁ ଆପଣଙ୍କୁ ପସନ୍ଦ ହେବ ବୋଲି ମୋର ଆଶା ।"

କାହାର ଡାକ ଶୁଣି ଝରକା ବାହାରକୁ ଦେଖିଲା ସୀତାଂଶୁ । ମେନେଜର ବାବୁ ଡ଼ାକୁଛନ୍ତି ଶ୍ରମିକ ମାନଙ୍କୁ ନିର୍ଦ୍ଦେଶ ଦେବାକୁ ଦିନର କାର୍ଯ୍ୟ ବିଷୟରେ ।

ISSN NO.
2582-208X

ପର୍ସ ଆଉ ନିମନ୍ତ୍ରଣ କାର୍ଡ ଡ୍ରୟାର ରେ ରଖି ପୁଣିଥରେ ଚାବି ଦେଇଦେଲା ସୀତାଂଶୁ । ପୁରୁଷ ପ୍ରଜାପତିର ଖୋସା ଭିତରର ଦୁନିଆଁ ଆଉ ବାହାରର ଦୁନିଆଁ ମଧ୍ୟରେ ନିଜର ଅସ୍ତିତ୍ୱକୁ ଖୋଜି ଖୋସା ଭିତରୁ ବାହାରିବାକୁ ଚେଷ୍ଟା କରୁଥିଲା ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଫେରି ଆସ ବାପୁ ତୁମେ.........



ରାମଚନ୍ଦ୍ର ବେହେରା

ପ୍ରତି ବର୍ଷ ତୁମ ପୂଣ୍ୟ ଜନ୍ମ ତିଥି
ପାଳୁଛୁ ସର୍ବେ ଶ୍ରଦ୍ଧାରେ
ଇତିହାସେ ତୁମ ଅମଳିନ କୀର୍ତ୍ତି
ଶକ୍ତିଦିଏ ପରାଣରେ।
ଅହିଂସା ପୂଜାରୀ ଦେଶର ଜନକ
ଆଉ ଥରେ ଆସ ଫେରି
ତୁମ ତିନି ମନ୍ତ୍ର ଜାଗିଉଠୁ ପୁଣି
ସୁଖ ଶାନ୍ତି ଯାଉ ଭରି।
ତୁମ ସେହି କଥା ମନେ ପଡେ ଆଜି
କାଟି ପିନ୍ଧି କୁଟି ଖାଅ
ନିଜ ସାଥେ ସାଥେ ଦେଶ ବିକାଶରେ
ନିଜ କର୍ମ ବଳ ଦିଅ।
ଦେଶ ମାଆ ପାଇଁ ଅହିଂସା ନୀତିର
ସାଜିଥିଲ କର୍ଣ୍ଣଧାର
ତୁମ ଆହ୍ୱାନରେ ବୀରପୁତ୍ର ଗଣ
ଯାଇଥିଲେ କାରାଗାର।

ISSN NO.
2582-208X

ନିଶା ନିବାରଣ ମନ୍ତ୍ର ଦେଇ ତୁମେ
ସାଜିଥିଲ ବିଶ୍ୱ ଗୁରୁ
ସୁସ୍ଥ ସମାଜର ସୁନ୍ଦର କଳ୍ପନା
ହଜିଛି ଆଜି ମନରୁ ।
ଗଣତନ୍ତ୍ର ରାଷ୍ଟ୍ର ପବିତ୍ର ଭାବନା
ମଉଳି ଯାଇଛି ଆଜି
ସ୍ୱାର୍ଥ ହିଂସା ରୋଷ ଗ୍ରାସ କରିଅଛି
ଧର୍ମ ଯାଇଅଛି ହଜି ।
ଆଉ ଶୁଭୁ ନାହିଁ ରାମ ନାମ ଧ୍ୱନି
ଅନ୍ୟାୟ କରେ ରାଜୁତି
ଫେରି ଆସ ତୁମେ ଆଉ ଥରେ ବାପୁ
ଫେରି ଆସୁ ଶାନ୍ତି ମୈତ୍ରୀ ।
ତୁମ ପିନ୍ଧା ସେହି ଖଦଡ ଧୋତିର
ଜନେ କରନ୍ତୁ ଆଦର
ପାଶ୍ଚାତ୍ୟ ଦେଶର ବେଶ ପୋଷାକକୁ
ମନରୁ କରନ୍ତୁ ଦୂର ।
ନାରୀ ନିର୍ଯ୍ୟାତନା କୁକର୍ମ ଭାବନା
ଦେଶରୁ ଦୂରେଇ ଯାଉ
ନୂଆ ରୂପେ ତୁମ ନୂଆ ମନ୍ତ୍ର ଶୁଣି
ଜଗତ ଉଦ୍ଧାର ହେଉ ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ISSN NO.
2582-208X

# ଶବ୍ଦ ଅଗ୍ନି



ଅମ୍ବିକା ସ୍ୱାଇଁ

ତୁମ କ୍ରୋଧିତ ଶବ୍ଦ ନିଆଁ ରେ
ତୁମ ବାକ୍ୟ ବାଣ ର ଧୂଆଁ ରେ
ଅଣ ନିଶ୍ୱାସୀ ମୁଁ...
ଛାତି ପିଟି ବାଟ ଖୋଜୁଛି
ସେଥିରୁ ମୁକୁଳି ବାକୁ...

ତୁମ ଶବ୍ଦର ଅଗ୍ନିଧାସ ରେ
ଶରୀର ର ରେ ନୁହେଁ
ହୃଦୟରେ ବିରାଟ ଫୋଟକା
ସେ ଫୋଟକା ଫାଟି ଲହୁ ଲୁହାଣ
ସେଥିରେ ଧୈର୍ଯ୍ୟର ମଲମ
ଦେଇ ଚାଲିଛି....

କ୍ଷତ ଶୁଖିବା ପୂର୍ବରୁ
ପୁଣି ତୁମର ଶବ୍ଦ ଫୋଟକା
ମୋତେ କ୍ଷତ ବିକ୍ଷତ କରୁଛି
ସେ କ୍ଷତ ର ଯନ୍ତ୍ରଣା ରେ

ISSN NO.
2582-208X

ଛାଟି ପିଟି ହୋଇ
ଜୀବନ କୁ ନିସଙ୍ଗ ମଣୁଛି...

ତଥାପି ଭଲ କିଛି କାମ କରିବାର ମୋହ
ମୋତେ ବାନ୍ଧି ରଖିଛି ତା ପଣତ କାନିରେ...
ଅନେକ ସ୍ୱପ୍ନ ଆଶା ଭିତରେ
ଆଗକୁ ପଡି ଉଠି ଚାଲିବାର
ଯେଉଁ ଆନନ୍ଦ
ତାହା କେବେ ବି ନିରବି ଯିବନି
ଏମିତି ଚାଲୁଥିବ ଆଗକୁ ଆଗକୁ ...
ସଂକଳ୍ପିତ ଆତ୍ମ ସ୍ୱାଭିମାନର
ବିଶ୍ୱାସର ନିଶ୍ୱାସ ରେ....!!!

ଭୁବନେଶ୍ୱର

ISSN NO.
2582-208X

# ସ୍ମୃତିରେ ଜୀବିତ



ପ୍ରଦୀପ କୁମାର ସିଂହ ଦେଓ

ମନରେ ବେଳେ ବେଳେ ଉଙ୍କି ମାରେ
ସେଇ ମାନଙ୍କ ଅଭୁଲା ସ୍ମୃତି
ଯେଉଁ ମାନଙ୍କ ଅବର୍ତ୍ତମାନରେ
ମନରେ ସୃଷ୍ଟି ହୁଏ  ଗଭୀର ବେଦନା ।
ସେମାନେ ଆଉ ଫେରି ଆସନ୍ତି ନାହିଁ
କି ଆଉ ଫେରି ବାର ବାଟ ମଧ୍ୟ ନାହିଁ ।
ଜୀବନ ଇତିହାସର ଏକ ପୃଷ୍ଠାଟି ହୋଇ
ରହି ଯାଆନ୍ତି ସବୁ ଦିନକ ପାଇଁ ।
ମାସ, ବର୍ଷ ଗଡ଼ି ଚାଲେ ନିଜ ବାଟରେ
ସବୁ କିଛି ଚାଲେ ନିଜ ନିଜ କକ୍ଷ ପଥରେ
କିନ୍ତୁ ସେମାନଙ୍କ ପତ୍ତା ମିଳେ ନାହିଁ ।
କେବଳ ବଞ୍ଚି ରହନ୍ତି ସ୍ମୃତି ପଥାରୂଢ ହୋଇ ।
ତାହା  ହିଁ ତ ଯୋଗାଏ ନୀରସ ଜୀବନରେ
କେତେ ଆନନ୍ଦ କେତେ ଉଦ୍ଦୀପନା।
ଅତୀତର ଫରୁଆ ମଧ୍ୟରୁ ମୁକ୍ତିଲାଭ କରି
ସେମାନେ ଜୀବନ୍ତ ହୋଇ ନାଚିଥାନ୍ତି

ISSN NO.
2582-208X

ମନ ହୁଏ ହରଷ ଏବଂ ଭାବ ବିହ୍ୱଳିତ ।
ଏହା ଜାଣି ମଧ୍ୟ ସେମାନେ ଅଣ ଲେଉଟା
କିନ୍ତୁ ଅମାନିଆ ମନ ବୁଝେନା ନାହିଁ
ଭାବେ , ସେମାନେ ଫେରି ଆସନ୍ତେ କି ?
ଆଉ ଥରେ ମଶଗୁଲ ହୋଇ ଉଠନ୍ତା
ପୂର୍ବର ସେ ଅପାଶୋରା ମୁହୂର୍ତ୍ତ ଗୁଡିକ ।
ଏକ ଅଜଣା ଶିହରଣ ଆନ୍ଦୋଳିତ କରେ
ତନ୍ଦ୍ରାଛନ୍ନ କରେ ବିହ୍ୱଳିତ ଭଗ୍ନ ହୃଦୟ ।
ମନରେ ମଧୁର ସ୍ମୃତିର ଢେଉ ସୃଷ୍ଟି ହୋଇ
ପ୍ଲାବିତ କରେ ହୃଦୟର କୋଣ ଅନୁକୋଣ ।
ସେହି ଭାବ ହିଁ ବଞ୍ଚି ଥାଉ ମୋର ମନରେ
ଅବଶିଷ୍ଟ ବଞ୍ଚିବାକୁ ଥିବା ଜୀବନ କାଳ ପର୍ଯ୍ୟନ୍ତ
ସେମାନେ ଚିର ଦିନ ଜୀବନ୍ତ ଓ ଶାଶ୍ୱତ ହୋଇ
ରହନ୍ତି ମନ ଗହନର ଅତଳ ଗର୍ଭରେ
ନିର୍ମଳ ଗଗନର ଶୁଭ୍ର ତାରା ହୋଇ
ସଦା ସର୍ବଦା ମନ ଆକାଶରେ
ମୁଁ ଦେଖୁଥାଏ ତାଙ୍କର ଅମଳିନ ମୁଖମଣ୍ଡଳ ।
ଅବାରିତ ପ୍ରେମର ରଜ୍ଜୁ ଦୃଢତର ହେଉ
ଜୀବନର ଶେଷ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ।
ସେମାନେ ବଞ୍ଚି ଥାଆନ୍ତୁ ମୋ ସ୍ମୃତିପଟରେ
ଚିର ସୁନ୍ଦର ଜାଜ୍ଜ୍ୱଲ୍ୟମାନ ନୂତନ ରୂପରେ ।

ଗାଁ ଓ ଡାକଘର ଇଚ୍ଛା
ଜିଲ୍ଲା ଷଢେଇକଳା ଖରସୁଆଁ,
ଝାଡ଼ଖଣ୍ଡ /ମୋ ନ ୮୦୮୪୪୫୯୨୦୭

ISSN NO.
2582-208X

# ୧୯୮୦ ମସିହା ପରବର୍ତ୍ତୀ ପ୍ରବନ୍ଧ ଓ ସମାଲୋଚନା: ଏକ ଦୃଷ୍ଟି



ଭାରତୀ ମୁଦୁଲି

ମଣିଷର ସ୍ୱଚ୍ଛମନରୁ କାବ୍ୟ, କବିତା ଓ ପ୍ରବନ୍ଧର ସୃଷ୍ଟି । ଗୋଟିଏ ଅସ୍ୱଚ୍ଛମନ ଯେତେ ବୁଦ୍ଧିମାନ ହେଲେ ମଧ୍ୟ ଇନ୍ଦ୍ରିୟ ଅନୁଭୂତିର ଊର୍ଦ୍ଧ୍ୱକୁ ଯାଇ ପାରେନି । କିନ୍ତୁ ଯେତେବେଳେ ସେହି ଅସ୍ୱଚ୍ଛମନ ସ୍ୱଚ୍ଛ ମନକୁ ରୂପାନ୍ତରିତ ହୁଏ, ସେ ଅତୀତ, ବର୍ତ୍ତମାନ ବା ଭବିଷ୍ୟତର ଘଟଣାବଳୀକୁ ଉପଲବ୍ଧି କରିପାରେ। ସାହିତ୍ୟକୃତି ଏକ ମୋହାଚ୍ଛନ୍ନ ମୁହୂର୍ତ୍ତର ପ୍ରତିବେଦନ। ଏହା ରାଜର୍ଷିକୁ ତପସ୍ୱୀ ଓ ସଂସାରୀକୁ ସନ୍ନ୍ୟାସୀ କରାଏ । ସାହିତ୍ୟ ସଙ୍ଗତ ଓ ସୁରୁଚିଯୁକ୍ତ ହେଲେ ବାଣୀଭଣ୍ଡାର ଋଦ୍ଧିମନ୍ତ ହୋଇଥାଏ । ସାହିତ୍ୟର ଅନ୍ୟାନ୍ୟ ବିଭାବ ମଧ୍ୟରୁ ପ୍ରବନ୍ଧ ଅନ୍ୟତମ କଳା । ବିରାଟ ଆକାଶର ନକ୍ଷତ୍ରମାନଙ୍କ ମଧ୍ୟରେ ସନ୍ଧ୍ୟା ତାରା ପରି ପ୍ରବନ୍ଧ ଉଜ୍ଜ୍ୱଳମୟ । ତେବେ ପ୍ରବନ୍ଧ କ'ଣ ? ପ୍ରକୃଷ୍ଟ ବନ୍ଧନ ହିଁ ନିଶ୍ଚିତ ଭାବେ ପ୍ରବନ୍ଧ । ପ୍ରକୃଷ୍ଟ ହେଉଛି ଯେଉଁଥିରେ ଏକନିଷ୍ଠତାର ଭାବ ଥାଏ ଏବଂ ବହୁ ଆତ୍ମିକ ଅନୁଭୂତି ସମ୍ପନ୍ନ ତଥା ଅନୁଭୂତିସିଦ୍ଧ ତତ୍ତ୍ୱକୁ ବଖାଣି ଥାନ୍ତି ପ୍ରାବନ୍ଧିକ । ଏଇ 'ପ୍ରବନ୍ଧ 'ଶବ୍ଦର ବହୁଳ ବ୍ୟବହାର ଜଗନ୍ନାଥ ଦାସଙ୍କ 'ଭାଗବତ' ରେ ଦେଖିବାକୁ ମିଳେ । ଯେପରି–

କହଇ ଦାସ ଜଗନ୍ନାଥ
ଭାଷା ପ୍ରବନ୍ଧ ଭାଗବତ

ISSN NO.
2582-208X

Alexander Smith told that ‘The Essay as a literary form ,resembles the lyric, in so far as it is moulded by some central mood – whimsical Serious or Satirical .Give the mood, and the essay, from the first sense to the lasty grows around it as the cocoon grows around the silk warm .’

ସେ ପ୍ରାବନ୍ଧିକ ସମ୍ପର୍କରେ କହନ୍ତି-ପ୍ରାବନ୍ଧିକ ଗୋଟିଏ ଦେଶର ସାହିତ୍ୟର ଇତିହାସରେ ସର୍ବାଗ୍ରେ ଆବିର୍ଭୂତ ହୁଏ ନାହିଁ। କବି ଓ କେତେକ ଶ୍ରେଣୀୟ ସାହିତ୍ୟ ସ୍ରଷ୍ଟାଙ୍କ ପରେ ତା’ର ଆବିର୍ଭାବ । ତେବେ ପ୍ରବନ୍ଧ ସାହିତ୍ୟର କ୍ରମବିକାଶ ସମ୍ପର୍କରେ ଆଲୋଚନା କଲେ ଜଣାଯାଏ ଯେ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଆଦିପର୍ବ ରାଧାନାଥଙ୍କଠାରୁ ଆରମ୍ଭ କରି ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟର ବହୁ ପ୍ରାବନ୍ଧିକଙ୍କ ଲେଖନୀ ନିସୃତ ପ୍ରବନ୍ଧ ଓଡ଼ିଆ ସାହିତ୍ୟକୁ ସୁସମୃଦ୍ଧ କରିଛି । ଆଧୁନିକ ଯୁଗ ତଥା ସ୍ୱାଧୀନତୋତ୍ତର ଭାରତୀୟ ଜାତୀୟ ଚେତନାର ପର୍ଯ୍ୟାୟ (୧୯୪୮-୧୯୬୫) ମଧ୍ୟରେ ବହୁ ଯଶସ୍ୱୀ ସ୍ରଷ୍ଟା ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଶ୍ରୀବୃଦ୍ଧି କରିଛନ୍ତି । ଏମାନଙ୍କ ମଧ୍ୟରେ ଲକ୍ଷ୍ମୀ ନାରାୟଣ ଶ୍ରୀଚନ୍ଦନ ଜଗଦେବ, ଡ. ଭବାନୀଚରଣ ରାୟ, ବୃନ୍ଦାବନ ପଟ୍ଟନାୟକ, ଦୁର୍ଯୋଧନ ସ୍ୱାଇଁ ବୃନ୍ଦାବନ ନାଥ ଶର୍ମା, ମନ୍ମଥନାଥ ଦାସ, ଶ୍ରୀ ମନ୍ଦିର କୁମାର ରାଓ ପ୍ରମୁଖ । ଏ ସମୟର ପ୍ରବନ୍ଧ ମୁଖ୍ୟତଃ ଜାତୀୟ ସମସ୍ୟା, ସ୍ୱାଧୀନତୋତ୍ତର ଭାରତର ସୁଖ- ସମୃଦ୍ଧି, ନୂତନ ଉଦ୍ଭାବନ ଇତ୍ୟାଦି ବିଭିନ୍ନ ବିଷୟକୁ ନେଇ ରଚିତ । ସମୟର ତାଳେ ତାଳେ ବିଜ୍ଞାନର ନୂତନ ଆବିଷ୍କାର, ବୈଷୟିକ ସଭ୍ୟତାର ଅଭିବୃଦ୍ଧି ସହିତ ସାହିତ୍ୟ ଏକ ଭିନ୍ନ ଭାବଧାରା ନେଇ ଗତି ମୁଖର ହୋଇପାରିଛି ଏବଂ ଆଧୁନିକ ଜୀବନର ଜଟିଳ ଜିଜ୍ଞାସା, ଆନ୍ତର୍ଜାତୀୟ ଜୀବନର ବିବିଧ ଭାବଧାରାର ସ୍ୱାକ୍ଷର ବହନ କରିଛି ।

୧୯୬୫ ପରବର୍ତ୍ତୀ ସମୟର ପ୍ରବନ୍ଧରେ ନାନା ପରୀକ୍ଷା ଓ ପ୍ରୟୋଗ କରାଯାଇଛି । ଶିକ୍ଷା, ରାଜନୀତି, ପୁରାଣ, ଦର୍ଶନ ଦର୍ଶନ, ବିଜ୍ଞାନ ଆଜି ସବୁ ସୋପାନରେ ଏହି ପ୍ରାବନ୍ଧିକ ପରୀକ୍ଷାମୂଳକ ପଦକ୍ଷେପମାନ ନେଇ ପ୍ରବନ୍ଧ ସୃଷ୍ଟି କରିଛନ୍ତି; ଭୁବନେଶ୍ୱର ବେହେରା, ଚିତ୍ତରଞ୍ଜନ ଦାସ, କୁଳମଣି ସାମଲ, ନୃସିଂହ ଚରଣ ପଣ୍ଡା, ଶରତ କୁମାର ମହାନ୍ତି, ଚନ୍ଦ୍ରମଣି ପଣ୍ଡା, ବାସୁଦେବ ସାହୁ ମନମୋହନ ଚୌଧୁରୀ ପ୍ରମୁଖ ପ୍ରାବନ୍ଧିକ ସମୟର ରୁଚି

ISSN NO.
2582-208X

ସହ ତାଳ ଦେଇ, ସମାଜରେ ତଥା ଚତୁଃପାର୍ଶ୍ୱରେ ଘଟିଯାଉଥିବା ଘଟଣାକୁ ସମ୍ମୁଖରେ ରଖି ତା'ର ସୃଷ୍ଟିକୁ ଆରମ୍ଭ କରିଥାଏ। ପାଶ୍ଚାତ୍ୟ ଚିନ୍ତାଧାରାର ପ୍ରଭାବ କିପରି ଭାରତୀୟ ଜନଜୀବନକୁ କ୍ଷୟ କରିବାରେ ଲାଗିଛି ତାହା ଭୁବନେଶ୍ୱର ବେହେରାଙ୍କ 'ଶୁଣ ପରୀକ୍ଷ' ପ୍ରବନ୍ଧରେ ଲିଖିତ – 'ପାଶ୍ଚାତ୍ୟ ଯୁବଜଗତର ସଙ୍ଗରେ ତାଳମିଳାଇ ରଙ୍ଗ ଢ଼ଙ୍ଗର, ରୀତିନୀତିର ଚାଲିଚଳଣ ବିରୁଦ୍ଧରେ ଭାରତୀୟ ସମାଜ ଆହ୍ୱାନ ଦେଇଛି । ଯାହା ଶାଶ୍ୱତ ଓ ଚିରନ୍ତନ, ତାହା ନିତ୍ୟ ନୂତନ -କଦାପି ପୁରାତନ ହୋଇ ନ ପାରେ । ସୂର୍ଯ୍ୟ ତେଣୁ କେବେ ବୁଢା ହୁଏନି କିମ୍ବା ପୃଥିବୀ କେବେ ବୁଢୀ ହୁଏନା । ଭାରତୀୟ ଜୀବନ ଦର୍ଶନ ଚିରନ୍ତନ ସତ୍ୟ ଉପରେ ପ୍ରତିଷ୍ଠିତ ଇତ୍ୟାଦି ।

ପ୍ରକୃତରେ ୧୯୮୦ ପରବର୍ତ୍ତୀ ପ୍ରବନ୍ଧ ସାହିତ୍ୟ ୧୯୭୫ ପରବର୍ତ୍ତୀ ସମୟ ପ୍ରବନ୍ଧର ଆଭିମୁଖ୍ୟ କୁ ନେଇ ଗଢି ଉଠିଛି । ଏଇଟା ତାର ଫାଉଣ୍ଡେସନ । ଯେପରିକି– ୧୯୮୦ ପରବର୍ତ୍ତୀ ପ୍ରବନ୍ଧରେ ସାଂପ୍ରତିକ ସମସ୍ତ ବିଶୃଙ୍ଖଳା, ବିକ୍ଷୋଭ, ବିପ୍ଳବ ମଧ୍ୟରେ ଯୁବ ସମାଜକୁ ଦିଗଦର୍ଶନ ଦେବା ପାଇଁ ଭାରତୀୟ ସଂସ୍କୃତିକୁ ବ୍ୟାଖ୍ୟା କରାଯାଇଛି । ନିଜର ସ୍ୱଅନୁଭୂତିକୁ ସର୍ବସାଧାରଣରେ ପ୍ରକାଶ କରିବାର ପ୍ରୟାସ, ସର୍ବାନୁଭୂତି କରିବାର ଚେଷ୍ଟା । ବିଶେଷ କରି ପ୍ରବନ୍ଧମାନଙ୍କରେ ସମାଜର ଉପରଠାଉରିଆ ଆଦର୍ଶ, ପ୍ରଚାର ଧର୍ମୀ ସଂସ୍କୃତି, ଅନୁକରଣ ସଭ୍ୟତା ଇତ୍ୟାଦିକୁ ବ୍ୟଙ୍ଗ କରାଯାଇଛି । ମୁଖ୍ୟତଃ ଧର୍ମ, ଦର୍ଶନ, ବିଜ୍ଞାନ, ସଂସ୍କୃତି, ଶିକ୍ଷା, ସଭ୍ୟତା ଆଦି ପ୍ରତ୍ୟେକ ବିଷୟକୁ ନେଇ ପ୍ରବନ୍ଧ ରଚନାହୋଇଛି ।

ମାନବ ଜୀବନକୁ ନେଇ ବହୁ ପ୍ରବନ୍ଧ ରଚିତ । ଅତ୍ୟନ୍ତ ସାଧାରଣ ଘଟଣା ମଧ୍ୟରେ ଅସାଧାରଣ ସ୍ୱରୁପକୁ ନିଦର୍ଶନ ଦିଆଯାଇ ପ୍ରବନ୍ଧ ରଚନା କରାଯାଇଛି । ଜୀବନର ସ୍ୱରୂପ ଭିତରେ ସମାଜ, ଗୋଷ୍ଠୀ ସଭ୍ୟତା, ସଂସ୍କୃତି, ଧର୍ମ ଆଦି ସବୁ କିଛିର ବିଶ୍ଳେଷଣ ହୋଇଛି । ମଣିଷକୁ ସବୁଠାରେ ବିପ୍ଳବର ଆବାହନ ରୂପେ ପ୍ରଦର୍ଶିତ କରାଯାଇଛି । ବିଶେଷକରି ଗଭୀର ଆନ୍ତରିକତା ସହିତ ପ୍ରବନ୍ଧରେ ମଣିଷକୁ ଦେଖାଯାଇଛି ।

ISSN NO.
2582-208X

ଏ ସମୟର ପ୍ରବନ୍ଧରେ ଜାତୀୟ – ପ୍ରୀତି ପ୍ରବଣ ହୋଇ ଜାତୀୟ ଜୀବନ ଧାରାର ମହନୀୟତା ସଂପର୍କରେ ସୂଚନା ଦିଆଯାଇ ପ୍ରାବନ୍ଧିକ ଅତୀତର କଥା କହିଛନ୍ତି । ସାମାଜିକ ସମସ୍ୟା ପ୍ରତି ବହୁଳ ଭାବେ ଦୃଷ୍ଟି ଦିଆଯାଇ ପ୍ରବନ୍ଧ ମାଧ୍ୟମରେ ଆଲୋକପାତ କରାଯାଇଛି । ଏହି ସମୟର ପ୍ରାବନ୍ଧିକଗଣ ପୁରାଣ, ଉପନିଷଦ, ଭାରତୀୟ ଦର୍ଶନ ମଧ୍ୟରେ ସେ ଆଧୁନିକ ବିଜ୍ଞାନର ସ୍ୱରୂପଅନୁସନ୍ଧାନ କରିଛନ୍ତି ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗାନ୍ଧିଜୀଙ୍କ ପ୍ରଚାରିତ ମାନବିକତା ସତ୍ୟ ଓ ଅହିଂସା ଆଦି ସରଳତମ ମୂଲ୍ୟବୋଧଗୁଡ଼ିକ ନାନା କାରଣରୁ ଭାରତୀୟ ଜନତା ମଧ୍ୟରେ ଆଦୃତ ହୋଇ ନଥିଲା ମାତ୍ର ଏବେ ଗାନ୍ଧିବାଦ ଏକ ନୂଆ ରୁପଭାବ ଜନ୍ମ ନେଇଛି । ଶିକ୍ଷାର ପ୍ରସାର ସହିତ ଆଧୁନିକ ବିଶ୍ୱ ସାହିତ୍ୟ ସହିତ ଭାରତୀୟ ଲୋକଙ୍କର ମାନସିକ ସଂଯୋଗ ସାଧିତ ହୋଇଛି । ୧୯୮୦ରୁ ସାଂପ୍ରତିକ କାଳ ମଧ୍ୟରେ ବିଶ୍ୱ ଜଗତୀକରଣ, ଚିନ୍ତା ଚେତନାରେ ତୁମୁଳ ପରିବର୍ତ୍ତନ ଆମେ ସମସ୍ତେ ଯେପରି ବିରୋଧାଭାସର ଗୋଟେ ଆଡ୍ଡା ପାଲଟିଛି । ଆମର କାର୍ଯ୍ୟ, ଆଚରଣ, ଉଚ୍ଚାରଣ ମଧ୍ୟରେ ତଫାତ୍ ଆସୁଛି । ମଣିଷ ଉପରେ ଯାନ୍ତ୍ରିକତାର ପ୍ରଭାବ ପଡିଛି । ପ୍ରଥମ ପର୍ଯ୍ୟାୟର ପ୍ରବନ୍ଧ ସଂସ୍କାରଧର୍ମୀ ଥିଲା, reformation ଚାହୁଁଥିଲା । ପ୍ରବନ୍ଧରେ ନୈତିକ ମୂଲ୍ୟବୋଧ ରହିଟଲା । ତାକୁ କିପରି ସର୍ବଜନାଦୃତ କରାଯାଇପାରିବ ତଥା ଲୋକଙ୍କ ମଧ୍ୟରେ ବିସ୍ତାରିତ କରାଯାଇପାରିବ, ପ୍ରବନ୍ଧିକମାନେ ସେଥିପ୍ରତି ସଚେତନ ଥିଲେ। ସ୍ୱାଧୀନତାର ପରେ ପରେ ସମୟର ତାଳେ ତାଳେ ମଣିଷ ତା 'ର ଅନୁଭୂତି, ଭାବଧାରାକୁ ନିଜ ଲେଖାରେ ପ୍ରକାଶ କରିଥାଏ। ୧୯୮୦ ପରବର୍ତ୍ତୀ ପ୍ରବନ୍ଧିକମାନଙ୍କ ମଧ୍ୟରେ ସଦାଶିବ ମିଶ୍ର, ମନ ମୋହନ ଚୌଧୁରୀ, ନଟବର ସାମନ୍ତରାୟ ଆଦି ବିଭିନ୍ନ ପ୍ରବନ୍ଧ ଓ ଆଲୋଚନା ଗ୍ରନ୍ଥମାନ ସୃଷ୍ଟି କରିଛନ୍ତି। ଏତଦ୍ ବ୍ୟତୀତ ଗୁରୁଚରଣ ପଟ୍ଟନାୟକ ଚିତ୍ତ ରଞ୍ଜନ ଦାସ, ମହାପାତ୍ର ନୀଳମଣି ସାହୁ, ସୀତାକାନ୍ତ, ଶରତ କୁମାର ମହାନ୍ତି ପ୍ରମୁଖ ପ୍ରାବନ୍ଧିକଗଣ ।

ISSN NO.
2582-208X

ଜାତୀୟତାର ମୂଲ୍ୟବୋଧକୁ ନେଇ ଏକ ଚିନ୍ତାଶୀଳ ଲେଖକଗୋଷ୍ଠୀର ଆବିର୍ଭାବ ହୋଇଛି । ସଚ୍ଚିଦାନନ୍ଦ ମିଶ୍ର, କୃଷ୍ଣଚରଣ ବେହେରା, ଯତୀନ୍ଦ୍ର ମୋହନ ମହାନ୍ତି, ଦାଶରଥି ଦାସ, ନିତ୍ୟାନନ୍ଦ ଶତପଥୀ, ସୌରୀନ୍ଦ୍ର ବାରିକ, ସୁଦର୍ଶନ ଆଚାର୍ଯ୍ୟ, ଗଗନେନ୍ଦ୍ର ନାଥଦାଶ ଓ ମଧୁସୂଦନ ପତି ପ୍ରମୁଖଙ୍କ ପ୍ରବନ୍ଧକୁ ନେଇ ଓଡ଼ିଆ ସାହିତ୍ୟ ରୁଦ୍ଧିମନ୍ତ ଓ ଏମାନଙ୍କର ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣକୁ ନେଇ ସାହିତ୍ୟ ସମାଲୋଚନା, ସାହିତ୍ୟକୃତିର ନୂତନ ସମାର୍ଥ ଆବିଷ୍କାର କରିବ । (ସମ୍ୟକ୍ ଆଲୋଚନା ହିଁ ସମାଲୋଚନା)

୧୯୮୦ ମସିହା ପରବର୍ତ୍ତୀ ପ୍ରାବନ୍ଧିକ ଓ ସମାଲୋଚକମାନେ ହେଲେ -ହରେକୃଷ୍ଣ ମହତାବ, ସଦାଶିବ ମିଶ୍ର, ମନମୋହନ ଚୌଧୁରୀ, ସୂର୍ଯ୍ୟକାନ୍ତ ଦାସ, ଗୋବିନ୍ଦ୍ର ଚନ୍ଦ୍ର ଉଦଗାତାର କିଶୋରୀ ଚରଣ ଦାସ, ଚିନ୍ତାମଣି ବେହେରା, କୃଷ୍ଣଚରଣ ସାହୁ ଓ ଜଗନ୍ନାଥ ପଟ୍ଟନାୟକ I ସଦାଶିବଙ୍କର 'ଅର୍ଥ ଓ ଅର୍ଥାନ୍ତର', 'ମାତୃପୂଜା ମଣ୍ଡପ', 'ଶେଷ ସଂଳାପ', କିଶୋରୀ ଚରଣଙ୍କ 'ଲେଖକଙ୍କ ସଂସାର', 'କଥା ସାହିତ୍ୟର କାରିଗରୀ', 'ଚେନାଏ ପୃଥିବୀ ଚିରୁଡ଼ାଏ ଘର', 'ଲେଖକର ଦୁଃଖ' ଇତ୍ୟାଦି, ଗୋବିନ୍ଦ ଚନ୍ଦ୍ର ଉଦଗାତାଙ୍କର 'ସାହିତ୍ୟ ପ୍ରସଙ୍ଗ' ଓ 'କାବ୍ୟ ଶିଳ୍ପୀ ଗଙ୍ଗାଧର' ଆଦି ଦୁଇଟି ସମାଲୋଚନା ପୁସ୍ତକ । ସୂର୍ଯ୍ୟକାନ୍ତ ଦାସ ୧୯୮୦ ମସିହା ପରେ ଅର୍ଥନୀତି, ବାଣିଜ୍ୟ, ସାମାଜିକ ସମସ୍ୟା ଓ ଦେଶ ବିଦେଶର ପରିଚୟକୁ ଅଧର କରି ପ୍ରବନ୍ଧ ରଚନା କରିଛନ୍ତି । 'ନାଗା ରାଇଜ' ତାଙ୍କର ପୁସ୍ତକ। ଭାରତର ପୂର୍ବ ପ୍ରାନ୍ତରେ ଥିବା ନାଗା ପ୍ରଦେଶର ସାମାଜିକ ଚାଲିଚଳଣି ଓ ସମସ୍ୟା ସଂପର୍କରେ ଏଥିରେ ଆଲୋଚିତ । ଚିତ୍ତରଂଜନ ଦାସଙ୍କ ପ୍ରବନ୍ଧ ଓ ସମାଲୋଚନା ପୁସ୍ତକ ମଧ୍ୟରେ 'ଅବଶ୍ୟ ଗାନ୍ଧୀ', 'ଶିକ୍ଷାରୁ ସଂକ୍ରମଣ', 'ସଂସ୍କୃତ ଓ ଓଡ଼ିଶା', 'ସନ୍ଥ ଓ ଭକ୍ତି ସାହିତ୍ୟ', 'ନଖ ଦର୍ପଣେନ' , 'ଗ୍ରନ୍ଥମନ୍ଥନ', 'ବିଶ୍ୱକୁ ଗବାକ୍ଷ', 'ମହୀମଣ୍ଡଳର ଗୀତା' ଇତ୍ୟାଦି । ଯେଉଁ ମଣିଷମାନେ ଆପଣାକୁ ସ୍ୱତନ୍ତ୍ର କରି ରଖନ୍ତି, ମଣିଷ ପ୍ରତି ଓ ସମାଜ ପ୍ରତି ଅଙ୍ଗୀକାରବଦ୍ଧ ନୁହନ୍ତି, ସେମାନଙ୍କ ପ୍ରତି ଚିତ୍ତରଞ୍ଜନଙ୍କର ଆକ୍ଷେପ ରହିଛି । ବାସୁଦେବ ସାହୁ ଅର୍ଥନୀତି, ସମାଜ ବିଜ୍ଞାନ ଓ ସାହିତ୍ୟ ଆଦିକୁ ନେଇ ଓଡ଼ିଆ ପ୍ରବନ୍ଧ ଲେଖିଛନ୍ତି । ସାହିତ୍ୟ ଓ ସମାଜବାଦ, ସାହିତ୍ୟ, ସମାଜ ଓ ଅର୍ଥନୀତି । ସେ ଅର୍ଥନୀତି, ରାଷ୍ଟ୍ର ବ୍ୟବସ୍ଥା ଓ ସମାଜ ବିନ୍ୟାସଠାରୁ ଆରମ୍ଭ କରି ସାହିତ୍ୟ ସଂସ୍କୃତି ପର୍ଯ୍ୟନ୍ତ ସବୁକୁ ସେ

ISSN NO.
2582-208X

ଜଣେ ସମାଜବାଦୀର ପ୍ରତ୍ୟୟ ଓ ପ୍ରତିବଦ୍ଧତା ଦେଇ ଦେଖିଛନ୍ତି ଓ ବିଶ୍ଳେଷଣ କରିଛନ୍ତି । ୧୯୮୯ ମସିହା ପରେ ନିତ୍ୟାନନ୍ଦ ଶତପଥୀଙ୍କର ଛଅଟି ସମୀକ୍ଷା ଗ୍ରନ୍ଥ ଯଥା – 'ପ୍ରମୁଖ କବି କତିପୟ', 'ଗଳ୍ପ ଓ ଗାଳ୍ପିକ', 'କାବ୍ୟ ପ୍ରକରଣ', 'ସାରଳାରୁ ସମ୍ପ୍ରତି' ଇତ୍ୟାଦି । ସୌରୀନ୍ଦ୍ର ବାରିକ ଜଣେ ସମାଲୋଚକ ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ସେ କୌଣସି ସାହିତ୍ୟକୃତିକୁ ଆଲୋଚନା କଲାବେଳେ ତାହାର ଐତିହାସିକ ପ୍ରେକ୍ଷାପଟକୁ ନଦେଖାଇ ତାହାର ବିବକ୍ଷାମୂଳକ ସମୀକ୍ଷା ନ କରି ଭାବଧର୍ମୀ ଓ ଆଭାସ ଉଦ୍ଭାସିତ କରିଥାନ୍ତି । ସୁଦର୍ଶନ ଆଚାର୍ଯ୍ୟଙ୍କର 'କାବ୍ୟ କୌଶଳ' ଏକ ସାହିତ୍ୟ ଚର୍ଚ୍ଚାମୂଳକ ଗ୍ରନ୍ଥ । ଗଗନେନ୍ଦ୍ର ନାଥଦାସ ନୂତନ ତଥ୍ୟର ଆଲୋକରେ ସାହିତ୍ୟ କୃତିର ବ୍ୟାଖ୍ୟା କରିଛନ୍ତି । ତାଙ୍କର 'ଖଦ୍ୟୋତର ଦ୍ୟୁତି' ଏକମାତ୍ର ସାହିତ୍ୟ-ସମାଲୋଚନାତ୍ମକ ପ୍ରବନ୍ଧ ସଂକଳନ ।

ଏତଦବ୍ୟତୀତ ମଧୁସୂଦନ ପତି, ହରପ୍ରସାଦ ଦାସ, ଧନେଶ୍ୱର ସାହୁ ନାମ ମଧ୍ୟ ଉଲ୍ଲେଖ୍ୟ ଯୋଗ୍ୟ । ତେବେ କହିବାକୁ ଗଲେ ବହୁ ପ୍ରବନ୍ଧ ଓ ସମାଲୋଚନାରେ ଓଡ଼ିଆ ସାହିତ୍ୟ ପରିପୃଷ୍ଟ । ଓଡ଼ିଆ ପ୍ରବନ୍ଧ ସାହିତ୍ୟ ଆଧୁନିକ ଶିକ୍ଷା, ସଂସ୍କୃତି, ସଭ୍ୟତା ଓ ଜୀବନୀ ସ୍ମାରକୀ । ଯୁଗ ସହ ସମାନ୍ତରାଳ ଗତିରେ ଏହାର ସ୍ରୋତ ବହନୀୟ । ହୃଦୟର ଅନୁଭୂତିସିଦ୍ଧ ବର୍ଣ୍ଣନା, ଜୀବନର ଜଣେ ବ୍ୟାଖ୍ୟାକାର ଭାବେ ପ୍ରାବନ୍ଧିକ ତା'ର ବ୍ୟକ୍ତିତ୍ୱର ପରିଚୟ ଦେଇ ପାରିଛି । ଜୀବନ ଦୃଷ୍ଟିର ପ୍ରତସ୍ତତା ଓ ଅଧୁନାତନ ପ୍ରବନ୍ଧର ମୁଖ୍ୟ ବୈଶିଷ୍ଟ୍ୟ ରୂପେ ବିଦ୍ୟମାନ । ବିଶେଷ କରି ନାରୀ, ଶିଶୁ, ଚାଷୀ ଓ ଦେଶ, ଏହାକୁ ନେଇ ପ୍ରବନ୍ଧ ରଚନା କରାଯାଉଛି । ଅଧୁନା ପ୍ରବନ୍ଧରେ ନାରୀ ଶିକ୍ଷା ଓ ତା'ର ବିକାଶ, ଜାତିଗତ ସମସ୍ୟା, ଆତଙ୍କ ବାଦ, ସାଂପ୍ରଦାୟିକ ମନୋଭାବକୁ ନେଇ ରଚିତ ।

ଗବେଷିକା
ଓଡ଼ିଆ ବିଭାଗ,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଧବଳମୁଖୀ ବେଶ



ପ୍ରସନ୍ନ କୁମାର ମେହେର

ଆଜି ପରା ମହାଲୟା ପୁଣ୍ୟ ଅମାବାସ୍ୟା
ମାଆ ସମଲେଶ୍ୱରୀଙ୍କ ଶ୍ୱେତ ବେଶଭୂଷା ।

ଏ ପବିତ୍ର ଦିନ ମାତା ଦ୍ୟନ୍ତି ଦରଶନ
ସମଲେଇ ମାଆଙ୍କର ଅପରୂପ ବର୍ଣ୍ଣ।

ପିତୃପୁରୁଷଙ୍କୁ ପିଣ୍ଡ କରିବାକୁ ଦାନ
ପିତୃପକ୍ଷେ ଭକ୍ତଗଣ କରି ସମର୍ପଣ ।

ଗଙ୍ଗା ଗୟା ଯାଇ ପିଣ୍ଡ ଦାନ ଦେଇ
ନରନାରୀ ପୁଣ୍ୟ ଫଳ ଆତ୍ମସୁଖ ପାଇ ।

ଯେ ଜନ ବୁଡ଼ ନ ଦେଇ ପାରି ଗଙ୍ଗା ଜଳ
ଧବଳମୁଖୀ ଦର୍ଶନ କରି ସମ ଫଳ ।

ଯେ ଜନ ଏ ପବିତ୍ର ଦିନ କରନ୍ତି ଦର୍ଶନ
ଧବଳମୁଖୀ ବେଶକୁ ଦେଖି ପୁଣ୍ୟବାନ ।

ଏ ପବିତ୍ର ମହାଲୟା ଅଟେ ମହାନ
ଗଙ୍ଗା ଦରଶନ ତୁଲ୍ୟ ମିଳେ ପୁଣ୍ୟ ଫଳ ।

ଦିଗଶିରା, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ମୋ-୯୭୭୭୯୭୧୩୭୬

ISSN NO.
2582-208X

# ଆଇନ୍‌ଷ୍ଟାଇନ୍ ଓ ବୀଜଗଣିତ



ତୁଷ୍ଟିତା ଜେନା

ଅନନ୍ୟ ଚିନ୍ତାନାୟକ ତାଲିକାରେ ପଦାର୍ଥ ବିଜ୍ଞାନୀ ଆଲବର୍ଟ ଆଇନ୍‌ଷ୍ଟାଇନ୍ ସ୍ଥାନ ପାଇଛନ୍ତି। ରହସ୍ୟମୟୀ ପ୍ରକୃତିକୁ ବୁଝିବା କ୍ଷେତ୍ରରେ ସେ ଥିଲେ ଜଣେ ଦୂରଦ୍ରଷ୍ଟା । ସୁଦୂର ଭବିଷ୍ୟତକୁ ବିଶ୍ଳେଷଣ କରିବାର କ୍ଷମତା ତାଙ୍କର ଥିଲା । ସେ ୧୮୭୯ ମସିହାରେ ଜର୍ମାନୀରେ ଜନ୍ମ ଗ୍ରହଣ କରିଥିଲେ ଓ ୧୯୫୫ ମସିହାରେ ଆମେରିକାରେ ମୃତ୍ୟୁ ବରଣ କରିଥିଲେ । ତାଙ୍କର ସେହି ୭୬ ବର୍ଷ ଜୀବନକାଳ ମଧ୍ୟରେ ସେ ଯାହା କରିଯାଇଛନ୍ତି, ତାହା ଆଜି ତାଙ୍କୁ ଅମର କରି ରଖିଛି । ଆଇନ୍‌ଷ୍ଟାଇନ୍‌ଙ୍କୁ ଆଧୁନିକ ପଦାର୍ଥ ବିଜ୍ଞାନର ସ୍ରଷ୍ଟା ବୋଲି କୁହାଯାଏ । ୧୯୦୫ ମସିହାରେ ତାଙ୍କ ଦ୍ୱାରା ରଚିତ ୫ଟି ପ୍ରବନ୍ଧ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ବୈଜ୍ଞାନିକମାନଙ୍କର ଧାରଣାକୁ ପୂରାପୂରି ଓଲଟପାଲଟ କରିଦେଇଥିଲା । ପଦାର୍ଥ ବିଜ୍ଞାନ କ୍ଷେତ୍ରରେ 'ଆଲୋକ-ବିଦ୍ୟୁତ୍ ପ୍ରଭାବ' (ଫଟୋ-ଇଲେକ୍‌ଟ୍ରିକ୍ ଇଫେକ୍ଟ) ପ୍ରବନ୍ଧରେ ଆଲୋକର ଅଦ୍ଭୁତ ପ୍ରକୃତି ସମ୍ବନ୍ଧୀୟ ତାଙ୍କର ସ୍ପଷ୍ଟୀକରଣ ନିମନ୍ତେ ତାଙ୍କୁ ୧୯୨୧ ମସିହାର ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଅବଶ୍ୟ ଏହି ପୁରସ୍କାରକୁ ସେ ୧୯୨୨ ମସିହାରେ ଗ୍ରହଣ କରିଥିଲେ ।

ଆଇନ୍‌ଷ୍ଟାଇନ୍ ଏତେ ବଡ଼ ବୈଜ୍ଞାନିକ ହୋଇଥିଲେ ବି ପିଲାବେଳେ ପାଠପଢ଼ାରେ ତାଙ୍କର ବିଶେଷ କୃତିତ୍ୱ ନଥିଲା । ତେଣୁ ଶ୍ରେଣୀର ଶିକ୍ଷକମାନେ ତାଙ୍କୁ ସେତେ ନଜର ଦେଉ ନଥିଲେ । ଅବଶ୍ୟ ପିଲାବେଳୁ ଆଇନ୍‌ଷ୍ଟାଇନ୍‌ଙ୍କର ଗଣିତ ପ୍ରତି ବିଶେଷ ଆକର୍ଷଣ

ISSN NO.
2582-208X

ରହିଥିଲା । ସଂଖ୍ୟାକୁ ନେଇ ପଢ଼ା ଯାଉଥିବା ପାଟୀଗଣିତ (ଆରିଥ୍‌ମେଟିକ୍) କିମ୍ବା ଚିତ୍ରକୁ ନେଇ ପଢ଼ା ଯାଉଥିବା ଜ୍ୟାମିତି ପାଠ ବୁଝିବାରେ ତାଙ୍କୁ ଆଦୌ କଷ୍ଟ ଲାଗୁ ନଥିଲା । କିନ୍ତୁ ଗଣନସଂଖ୍ୟା ବଦଳରେ ଏକ୍ସ, ୱାଇ, ଆଲଫା ଓ ବିଟା ପରି ଭିନ୍ନ ଭିନ୍ନ ପ୍ରତୀକକୁ ନେଇ ଯେତେବେଳେ ବୀଜଗଣିତ (ଆଲଜେବ୍ରା) ପାଠ ଆସିଲା, ସେ ପ୍ରଥମେ ପ୍ରଥମେ କିଛି ପାଠ ବୁଝିପାରିଲେ ନାହିଁ । ଆଲଜେବ୍ରା ତାଙ୍କୁ ବଡ଼ କଷ୍ଟ ମନେହେଲା । ତେଣୁ ସେ ଭାବିନେଲେ ଯେ ସେହି ପାଠଟା ତାଙ୍କ ପକ୍ଷରେ ଅସମ୍ଭବ ।

ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କର ଜଣେ ଇଂଜିନିୟର୍ ମାମୁଁ ଥିଲେ, ଯାହାଙ୍କ ନାମ ଥିଲା ଜେକୋବ୍ ଆଇନ୍‌ଷ୍ଟାଇନ୍ । ଦିନେ ଆଲବର୍ଟ ଆଇନ୍‌ଷ୍ଟାଇନ୍ ତାଙ୍କର ମାମୁଙ୍କୁ ଆଲଜେବ୍ରା ବୁଝାଇ ଦେବାକୁ କହିଲେ । ମାମୁଁ ଉତ୍ସାହର ସହିତ ତାଙ୍କ ଭଣଜାକୁ ଆଲଜେବ୍ରା ବୁଝେଇବାରେ ଲାଗିଲେ । ମାମୁଁ ଅନେକ କଥା କହିଲା ପରେ ମଧ୍ୟ ଆଇନ୍‌ଷ୍ଟାଇନ୍ କିଛି ବୁଝିପାରିଲେ ନାହିଁ । ଶେଷରେ ଦୁଃଖର ସହିତ ଆଲବର୍ଟ ଆଇନ୍‌ଷ୍ଟାଇନ୍ କହିଲେ, "ମୁଁ ଭାବୁଛି, ଆଲଜେବ୍ରା ପାଠ ମୋ ପରି ସାଧାରଣ ଛାତ୍ର ପାଇଁ ତିଆରି ହୋଇନାହିଁ ।"

ଆଲବର୍ଟଙ୍କ କଥା ଶୁଣି ମାମୁଁ କହିଲେ, "ନା, ନା, ଭୁଲ୍ କହିଲୁ । ଆଲଜେବ୍ରା ପଢ଼ିବା ପାଇଁ ଅସାଧାରଣ ବୁଦ୍ଧିର ଆବଶ୍ୟକତା ନାହିଁ । ସାଧାରଣ ଛାତ୍ର ଆଲଜେବ୍ରା ପଢ଼ିପାରିବ । ଆଲଜେବ୍ରାକୁ ଆମେ 'ସୁଖ-ବିଜ୍ଞାନ' (ମେରୀ-ସାଇନ୍‌ସ୍) କହିପାରିବା । ସତ କହିଲେ ଆଲଜେବ୍ରା ପଢ଼ିବା ପାଇଁ ନିଜେ ନୂଆ କଥା ଭାବିବା ଦରକାର ନାହିଁ । ତେଣୁ ଏଇଟା ଅଳସୁଆମାନଙ୍କର ପାଠ ।" କଅଣ ହେଲା, ଆଲଜେବ୍ରା ପୁଣି ଅଳସୁଆମାନଙ୍କର ପାଠ ? କଥାଟା ଆଇନ୍‌ଷ୍ଟାଇନ୍‌ଙ୍କୁ ଅବାସ୍ତବ ମନେହେଲା । ମାମୁଁ ଏଥର ଟିକିଏ ଅନ୍ୟ ଢଙ୍ଗରେ ବୁଝାଇବା ଆରମ୍ଭ କଲେ, "ଦେଖ୍ । ଆଲଜେବ୍ରା ପାଠରେ ପ୍ରତ୍ୟେକ ପ୍ରଶ୍ନରେ ଗୋଟିଏ ଅଜଣା ରାଶିର ମୂଲ୍ୟ ବାହାର କରିବାକୁ କୁହାଯାଇଥିବ । ସେଥିପାଇଁ ମଧ୍ୟ କିଛି ସର୍ତ୍ତ ବା ବର୍ଣ୍ଣନା ଦିଆଯାଇଥିବ । ସେଇଆ ନା ଆଉ କଅଣ ?" ଆଇନ୍‌ଷ୍ଟାଇନ୍ କିଛି ସମୟ ଭାବି ସବୁ ବୁଝିଲା ପରି ମୁଣ୍ଡ ହଲେଇଲେ ।

ISSN NO.
2582-208X

ମାମୁଁ କହିଲେ, "ଗଣିତ କଥା ଭୁଲିଯାଇ କିଛି ସମୟ ପାଇଁ ଜଙ୍ଗଲରେ ଅଛୁ ବୋଲି ଭାବିନିଅ । ମନେକର ଜଙ୍ଗଲରେ ତୁ ଗୋଟେ ଶିକାରୀକୁ ଭେଟିଲୁ । ଶିକାରୀ ଗୋଟିଏ ଛୋଟ ଜୀବକୁ ଧରିବା ପାଇଁ ଗୋଡେଇଛି । କିନ୍ତୁ ସେ ଜୀବକୁ ଭଲ ଭାବରେ ଦେଖିନାହିଁ ଓ ତାହାର ନାମ ତାକୁ ଜଣାନାହିଁ । ଜୀବର ନାମ ଜଣାନାହିଁ ବୋଲି ସେ କଅଣ ଜୀବଟିକୁ ଗୋଡେଇବା ଛାଡି ଦେବ କି ?"

ଆଲବର୍ଟ କହିଲେ, "ନା, ଛାଡିବ କାହିଁକି ? ସେ ଗୋଡେଇ ଗୋଡେଇ ଧରିବ ।"

ମାମୁ କହିଲେ, "ଠିକ୍ କଥା । ତାକୁ ପାଇବା ପୂର୍ବରୁ ଜୀବଟିର ନାମ 'ଏକ୍ସ୍' ବୋଲି ଭାବିନେବ । ଶେଷରେ ତାକୁ ଧରିଲା ପରେ ଶିକାରୀ ଆପେ ଆପେ ଜୀବର ନାମ ଜାଣିପାରିବ । ତେଣୁ ଏବେ ଜାଣିପାରିଲୁ ଯେ, ଜୀବଟାକୁ ଧରିବା ସକାଶେ ତାହାର ପ୍ରକୃତ ନାମଟା ଆରମ୍ଭରୁ ଜାଣିବା ଜରୁରୀ ନୁହେଁ ।"

ଆଲବର୍ଟ କହିଲେ, "ଠିକ୍ କଥା । ଜୀବକୁ ଧରିଲା ପରେ ତ ତାକୁ ଚିହ୍ନିପାରିବ ଓ ତାହାର ନାମ ବି ଜଣାପଡିବ । କିନ୍ତୁ ଆଲଜେବ୍ରା କଷିବା ସହିତ ଶିକାରୀ କଥାର କଅଣ ସଂପର୍କ ରହିଛି ?"
ମାମୁଁ ବୁଝେଇ ଦେଲେ, "ବହୁତ ସଂପର୍କ ରହିଛି । ପ୍ରଶ୍ନରେ ଯେଉଁ ଅଜଣା ରାଶିର ମୂଲ୍ୟ ବାହାର କରିବାକୁ କୁହାଯାଇଥିବ, ତୁ ତାହାର ମୂଲ୍ୟ ଜାଣିବାକୁ ଚାହୁଁ । କିନ୍ତୁ ଭାବିନେବୁ ଯେ ଅଜଣା ରାଶିର ମୂଲ୍ୟ ତତେ ଆରମ୍ଭରୁ ଦିଆଯାଇଛି ।"

ଆଲବର୍ଟ କହିଲେ, "କେମିତି ଭାବିବି ? କଅଣ ଭାବିବି ?" ମାମୁଁ କହିଲେ, "ଖୁବ୍ ସହଜ । ଯେଉଁ ପ୍ରଶ୍ନ ହେଉନା କାହିଁକି, ସେହି ଅଜଣା ରାଶିର ମୂଲ୍ୟକୁ ପ୍ରଥମରୁ 'ଏକ୍ସ୍' ବୋଲି ଭାବିନେବୁ । ତା' ପରେ ପ୍ରଶ୍ନରେ ଦିଆଯାଇଥିବା ତଥ୍ୟ ବା ସର୍ତ୍ତ ଅନୁସାରେ ଆଗକୁ ବଢିବୁ । ଶେଷରେ ଯେଉଁ ରାଶି ପାଇବୁ ସେଥିରେ 'ଏକ୍ସ୍' ଥିବ । ହେଲେ ପ୍ରଶ୍ନରେ ସେହି ରାଶିର ମୂଲ୍ୟ ଦେଇଥିବ ।  ଏବେ ସର୍ତ୍ତ ଅନୁସାରେ ପ୍ରଶ୍ନରେ ଦେଇଥିବା ରାଶି ସହିତ ତୁ

ISSN NO.
2582-208X

ପାଇଥିବା ରାଶିକୁ ସମାନ କରିପାରିବୁ । ତାପରେ ତୁ ଜାଣିଥିବା ପାଟୀଗଣିତ ନିୟମର ପ୍ରୟୋଗ କରିପାରିବୁ । କେବଳ 'ଏକ୍ସ୍'କୁ ସମାନ ଚିହ୍ନର ବାମ ପଟେ ରଖିବୁ ଏବଂ ଅନ୍ୟ ସଂଖ୍ୟାମାନଙ୍କୁ ଦକ୍ଷିଣ ପଟକୁ ନେବାକୁ ଚେଷ୍ଟା କରିବୁ । ଶେଷରେ ଆପେ ଆପେ 'ଏକ୍ସ'ର ମୂଲ୍ୟ ବାହାରି ପଡ଼ିବ ।"

ଏଥର ମାମୁଁଙ୍କର କଥାଗୁଡାକ ଭଣଜାର ମନକୁ ପାଇଲା । ପରେ ପରେ ମାମୁଁ ମଧ୍ୟ କେତେକ ପ୍ରଶ୍ନର ଉତ୍ତର ଅଭ୍ୟାସ କରାଇଦେଲେ । ଆଲବର୍ଟଙ୍କର ଆଲଜେବ୍ରା ଭୟ ଦୂର ହୋଇଗଲା । ସାଧାରଣ ଛାତ୍ର ବି ଆଲଜେବ୍ରା ପ୍ରଶ୍ନର ସମାଧାନ କରିପାରିବ ବୋଲି ହୃଦୟଙ୍ଗମ କଲେ । ସେଦିନ ଆଲଜେବ୍ରା ବୁଝିପାରୁ ନଥିବା ଆଲବର୍ଟ ଆଇନ୍‌ଷ୍ଟାଇନ୍ ବଡ଼ ହେଲା ପରେ 'ଆପେକ୍ଷିକତା ତତ୍ତ୍ୱ' (ଥିଓରୀ ଅଫ୍ ରିଲେଟିଭିଟୀ) ଉପରେ ଯେଉଁ ଜଟିଳ ଗାଣିତିକ ସୂତ୍ରର ସମାଧାନ କରିଥିଲେ, ତାହା ଆଜିବି ବଳବତର ହୋଇ ରହିଛି । କେବଳ ସେତିକି ନୁହେଁ, ବିଶ୍ୱବ୍ରହ୍ମାଣ୍ଡ ସଂପର୍କରେ ଆଇନ୍‌ଷ୍ଟାଇନ୍‌ଙ୍କର ଗଣିତ ଆମକୁ ନୂଆ ଦିଗ୍‌ଦର୍ଶନ ଦେଇଛି ।

ପଦାର୍ଥ ବିଜ୍ଞାନ ବିଭାଗ,
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ତେଜସ୍ୱିନୀ ହିଲ୍,
ପେରିୟା, କଶରଗଡ଼, କେରଳ – ୬୭୧୩୧୬

ISSN NO.
2582-208X

# କାଶତଣ୍ଡୀ ର ଆବାହନ



ବିଷ୍ଣୁପଦ ସିଂହଦେଓ

ମରୁତ ପ୍ରବାହେ ବିନୀତ ଶିର,
କାଶତଣ୍ଡୀ ସ୍ତବେ ଭାବର ଗିର,
ଶୁଭ୍ର ପତାକା ଧରିଛି କରେ,
ଡାକେ ଜନନୀଙ୍କୁ କି ଆନନ୍ଦରେ,
ଶରଦେ ଶାରଦା ସ୍ୱାଗତ ପାଇଁ,
ଆକୁଳ ନୟନେ ରହିଛି ଚାହିଁ,
କାଶତଣ୍ଡୀ ।
କହେ ମା ମହିଷ ନାଶିନୀ – ଚଣ୍ଡୀ,
ଦିଅ କରୁଣାରେ ଦୁରିତ ଖଣ୍ଡି ।।୧

ନୀଳ ଗଗନେ ଆନନ୍ଦ ମନେ,
ଚାମର ସେବା କରନ୍ତି ଘନେ,
ଯୂଇ ପଙ୍କଜ ମାଳତୀ ଭରା
ଶେଫାଳୀ ସୁଗନ୍ଧେ ପୂରିତ ଧରା,
ମରାଳ କୂଜନ କଳ କୀର୍ତ୍ତନ,
ଶୁଣି ଖୁସିହେବ ମାଆଙ୍କ ମନ,
ଜୟଗାନ ।
ଆବାହନୀ ଗାଏ ବିଲର ଧାନ,
କହେ କି ଘେନ ମା ପୂଜା ସମ୍ମାନ ।।୨
କର୍ଦ୍ଦମ ବିହୀନ ଗ୍ରାମର ବାଟ,

ISSN NO.
2582-208X

ନିର୍ମଳ ଆକାଶେ ତାରକା ହାଟ,
ସମ ଶୀତ ଉଷ୍ଣ ଉଜ୍ଜ୍ୱଳ ଶଶୀ
ପ୍ରମଦା ମୁଖରେ କି ଚାରୁ ହସି,
ଭକ୍ତିଭରେ ଦୁର୍ଗା -- ଦେବୀ ସମ୍ମାନ
କରିବେ ମାତାଙ୍କ ପୂଜା ବିଧାନ,
ଆନନ୍ଦରେ ।
ଢୋଲ ନାଗରାର ତୁମୂଳ ସ୍ୱରେ
ନଥିବ ପ୍ରମାଦ ଭକ୍ତ ହୃଦରେ, ।।୩

ଆଜିର ମଣିଷ ହେଲା ମହିଷ
କାମକୀଟ ବୃତ୍ତି ହୃଦରେ ବିଷ,
କୁନ୍ଦ ହୋଇଲାଣି ବିଧି ବ୍ୟବସ୍ଥା
ହଜିଯାଏ ଜନ ମନର ଆସ୍ଥା,
ଦଶ ଦେଶ ଅରି ସେ ବଳିଆର
ଅବଳା ହନ୍ତକ କ୍ରୁର ଦୁର୍ବାର,
.. କାମାସୁର ।
ଏ ଛଦ୍ମ -ମହିଷ କୂଟ ପ୍ରଚୁର
ତାଙ୍କୁ ନାଶି ତ୍ରାସ କର ମା ଦୂର ।।୪

ମହିଷା-ମର୍ଦ୍ଦିନୀ ଜଗ ଜନନୀ
କରୁଣା କର ଗୋ ଗିରି ନନ୍ଦିନୀ,
ଦଶଭୁଜା ଦେବୀ ମାତା ଶାରଦା
ତବ ଅଭୟର ଆଶା ବରଦା,
ସଦା ଗାଉଥିବୁ ବିଜୟ ଗାନ
ଅକିଞ୍ଚନ ଜନେ ଦେବୁ ମା ଧ୍ୟାନ,
କୃପାକର ।

ଅଧକ୍ଷ ଅଙ୍କୁର ସାହିତ୍ୟ ପରିଷଦ ଇଚ୍ଛା
ଷଢେଇକଳା ଖରସୁଆଁ (ଝାରଖଣ୍ଡ)
ମୋ ନ-- 9234660617

ISSN NO.
2582-208X

# ପତି ସୁହାଗିନୀ



ଡ଼. ପ୍ରିୟମ୍ବଦା ସାମଲ

ପତି ସୁହାଗିନୀ ମଧୁର ଭାଷିଣୀ
ପତିର ମନକୁ ଜିଣି
ସୁଖ ଦୁଃଖରେ ସର୍ବଦା ସମଭାଗୀ
ସେହି ଆଦର୍ଶ ଘରଣୀ ।
ମଥାରେ ମଣ୍ଡିତ ସୁହାଗ ସିନ୍ଦୂର
ହାତେ ଶଙ୍ଖା ଚୁଡ଼ି ଶୋଭା
ପରିବାର ଯତ୍ନ ନେଇଥାଏ ସଦା
ସର୍ବ ଗୁଣେ ମନଲୋଭା ।
ସଂସାର ଜୀବନ କେତେ ଯେ କଷଣ
ହସି ହସି ସହେ ନାରୀ
ପତି ପରାମର୍ଶେ ଅତିକ୍ରମେ ସର୍ବ
ଜିଣି ଥାଏ ସେ ବଇରୀ ।
ସାଥେ ଥିଲେ ପତି ନାହିଁ ଭୟ ଭୀତି
ପତି ଯେ ଜୀବନ ସାଥୀ

ISSN NO.
2582-208X

ମଥାର ସିନ୍ଦୂର ସୁରକ୍ଷା ନାରୀର
ପତି ତାର ଗତି ମୁକ୍ତି ।
ମଦ୍ର ରାଜକନ୍ୟା ପତି ସୁହାଗିନୀ
ନିଜର ଭକ୍ତି ବଳରେ
ଫେରାଇଲେ ପତି ଜନ୍ତୁପତି ଠାରୁ
ନିଜର ନିଷ୍ଠା ଛଳରେ ।
ସାବିତ୍ରୀ ଅନୂସୟା ଯେ ସତୀ ନାରୀ
ନିଜର ଭକ୍ତି ନିଷ୍ଠାରେ
ପତି ସୁହାଗିନୀ ସତୀ ଶିରୋମଣି
ଶୋଭା ପୁରାଣ ପୃଷ୍ଠାରେ ।
ପତି ପ୍ରାଣଗତା ନାରୀ ପୁଣ୍ୟବତୀ
ପତି ହିଁ ପରମେଶ୍ୱର
ପତିବ୍ରତା ନାରୀ ସଦା ସୁଖି ରହେ
ଜୀବନ ତାର ସାକାର ।

ନନ୍ଦନ ବିହାର, ଭୁବନେଶ୍ୱର

ISSN NO.
2582-208X

# ନବରାତ୍ରୀ ଓ ନବ ଚକ୍ର



କାନନ ବାଳା ନାୟକ

ଭୂତାନି ଦୁର୍ଗା ଭୁବନାନି ଦୁର୍ଗା
ସ୍ତ୍ରୀୟୋ ନରଶ୍ଚାପି ପଶୁଶ୍ଚ ଦୁର୍ଗା
ଯଦ୍ୟଦ୍ଧି ଦୃଶ୍ୟଂ ଖଲୁ ସୈବ
ଦୁର୍ଗା ଦୁର୍ଗା ସ୍ୱରୂପାଦପରଂ ନ
କିଞ୍ଚିତ୍.
(ରୁଦ୍ର ଯାମଳ ତନ୍ତ୍ରେ)

ମଣିଷ ର ଚିନ୍ତା ଓ ଚେତନା ଭିତରେ ତିନି ପ୍ରକାର ଗୁଣ ରହିଛି ଯଥା -
ସତ୍ତ୍ୱୋ ଗୁଣ
ରଜ ଗୁଣ ଓ
ତମୋ ଗୁଣ

ପ୍ରକୃତି ସହ ଏଇ ଚେତନାର ପର୍ବକୁ ନବରାତ୍ରୀ କୁହାଯାଏ। ଏହି ତିନି ଦିନ ମଧ୍ୟରୁ ପ୍ରଥମ ତିନି ଦିନ ତମୋ ଗୁଣୀ ପ୍ରକୃତିକୁ ଆରାଧନା କରାଯାଏ।ତା ପର ତିନି ଦିନ ରଜଗୁଣୀ ତିନିଦିନ ଓ ଶେଷ ତିନି ଦିନ ସତ୍ତ୍ୱୋ ଗୁଣୀ ପ୍ରକୃତି କୁ ଆରାଧନା କରାଯାଏ। ସମସ୍ତ ଜୀବଜନ୍ତୁ ଙ୍କ ଚେତନା ଶକ୍ତିରେ ମାଆ ଦୁର୍ଗା ବାସ କରନ୍ତି। ନବରାତ୍ରୀ ରେ ମାଆଙ୍କୁ ନଅଟି ଅଲଗା ଅଲଗା ରୂପରେ ପୂଜା କରାଯାଏ। ଯେମିତି ଶିଶୁ ମାଆ ପେଟରେ ନଅ ମାସ ରହେ, ସେହି ପରି ଆମେ ଯଦି ଏଇ ନଅ ଦିନ ଧ୍ୟାନ ରେ ମଗ୍ନ ରହୁ ତେବେ ଆମ ଜୀବନରେ ସୃଜନତ୍ମକତା ଫୁଟି ଉଠେ। ନବ ରାତ୍ରୀ ରେ ଭିନ୍ନ ଭିନ୍ନ ରୂପରେ ମାଆ କୁ ଉପାସନା କରି

ISSN NO.
2582-208X

ଆମ ଶରୀରର କୁଣ୍ଡଳିନୀ ଶକ୍ତି କୁ ଜାଗ୍ରତ କରି ପାରିବା। ନବରାତ୍ରୀ ରେ ଉପାସନା କରାଯାଉ ଥିବା ନବ ଦୁର୍ଗା ଙ୍କ ରୂପ ନିମ୍ନ ସ୍ତୁତି ରେ ବର୍ଣ୍ଣିତ।

ପ୍ରଥମଂ ଶୈଳପୁତ୍ରୀଂ ଚ ଦ୍ୱିତୀୟଂ ବ୍ରହ୍ମଚାରିଣୀ ।
ତୃତୀୟଂ ଚନ୍ଦ୍ରଘଣ୍ଟେତି କୁଷ୍ମାଣ୍ଡେତି ଚତୁର୍ଥକମ୍ ॥
ପଞ୍ଚମଂ ସ୍କନ୍ଦମାତେତି ଷଷ୍ଠଂ କାତ୍ୟାୟନୀତି ଚ ।
ସପ୍ତମଂ କାଳରାତ୍ରୀତି ମହାଗୌରୀତି ଚାଷ୍ଟମମ୍ ॥
ନବମଂ ସିଦ୍ଧିଦାତ୍ରୀ ଚ ନବଦୁର୍ଗା ପ୍ରକୀର୍ତ୍ତିତାଃ ।

ପ୍ରତିପଦରେ ଶୈଳପୁତ୍ରୀ, ଦ୍ୱିତୀୟାରେ ବ୍ରହ୍ମଚାରିଣୀ, ତୃତୀୟାରେ ଚନ୍ଦ୍ରଘଣ୍ଟା, ଚତୁର୍ଥୀରେ କୁଷ୍ମାଣ୍ଡା, ପଞ୍ଚମୀରେ ସ୍କନ୍ଦମାତା, ଷଷ୍ଠୀରେ କାତ୍ୟାୟନୀ, ସପ୍ତମୀରେ କାଳରାତ୍ରୀ, ମହାଗୌରୀ ଅଷ୍ଟମୀରେ, ନବମୀରେ ସିଦ୍ଧିଦାତ୍ରୀ ରୂପେ ପୂଜିତା !!

### 1-ଦେବୀ ଶୈଳପୁତ୍ରୀ :(ମୂଳାଧାର -ଚକ୍ର )

ଦେବୀ ଙ୍କ ର କେଉଁ ସ୍ୱରୂପ କୁ ଧ୍ୟାନ କଲେ ମାନବ ଶରୀର ର କେଉଁ ଚକ୍ର ଜାଗ୍ରତ ହୁଏ ଓ ତା ପାଇଁ କେଉଁ ଧ୍ୟାନ, ସ୍ତୋତ୍ର ପାଠ ଓ କବଚ ପାଠ କିରିବା ଉଚିତ ତାହା ନିମ୍ନ ରେ ଉଲ୍ଲେକ୍ଷିତ –

ନବ ରାତ୍ରୀ ର ପ୍ରଥମ ଦିନ ରେ ଦେବୀ ଶୈଳପୁତ୍ରୀ ରୂପ ରେ ଆବିର୍ଭାବ ହୁଅନ୍ତି । ଦକ୍ଷ ଯଜ୍ଞ ସମୟ ରେ ମାତା ସତୀ ଦକ୍ଷ ଙ୍କ ଦ୍ୱାରା ଶିବ ଙ୍କୁ କରାଯାଇ ଥିବା ଅପମାନ କୁ ସହି ନପାରି ଯଜ୍ଞ କୁଣ୍ଡରେ ପ୍ରଜ୍ୱଳିତ ଅଗ୍ନି ରେ ଆତ୍ମହୂତି ଦେବା ପରେ ପୁଣି ଥରେ ପର୍ବତ ରାଜ ହିମାଳୟ ଙ୍କ ପୁତ୍ରୀ ପାର୍ବତୀ ରୂପ ରେ ଜନ୍ମ ଗ୍ରହଣ କରିଥିଲେ । ପର୍ବତ ର ଅନ୍ୟ ନାମ ଶୈଳ ଅଟେ । ତେଣୁ ମାତା ଙ୍କ ର ପ୍ରଥମ ନାମ ଶୈଳପୁତ୍ରୀ ଅଟେ । ମାଆ ଶୈଳ ପୁତ୍ରୀ ମୂଳଧାର ଚକ୍ର ର ଅଧିଷ୍ଠାତ୍ରୀ ଦେବୀ ଅଟନ୍ତି । ଏହି ଚକ୍ର ଶକ୍ତି କୁ ଜାଗ୍ରତ କରିବା ପରେ ହିଁ ମଣିଷ ର ଆଧ୍ୟାତ୍ମିକ ଯାତ୍ରା ର ଆରମ୍ଭ ହୋଇଥାଏ ।

ISSN NO.
2582-208X

~~~ଧ୍ୟାନଂ ~~~
ବନ୍ଦେ ବାଞ୍ଛିତଲାଭାୟ ଚନ୍ଦ୍ରାର୍ଧକୃତଶେଖରାମ୍ ।
ବୃଷାରୂଢାଂ ଶୂଳଧରାଂ ଶୈଳପୁତ୍ରୀଂ ୟଶସ୍ୱିନୀମ୍ ॥
ପୂର୍ଣେନ୍ଦୁନିଭାଙ୍ଗୌରୀଂ ମୂଳାଧାରସ୍ଥିତାଂ ପ୍ରଥମଦୁର୍ଗାଂ ତ୍ରିନେତ୍ରାମ୍ ।
ପଟାମ୍ବରପରିଧାନାଂ ରତ୍ନକିରୀଟାଂ ନାନାଳଙ୍କାରଭୂଷିତାମ୍ ॥
ପ୍ରଫୁଲ୍ଲବଦନାଂ ପଲ୍ଲବାଧରାଂ କାନ୍ତକପୋଲାଂ ତୁଙ୍ଗକୁଚାମ୍ ।
କମନୀୟାଂ ଲାବଣ୍ୟସ୍ନେହମୁଖୀଂ କ୍ଷୀଣମଧ୍ୟାଂ ନିତମ୍ବନୀମ୍ ॥

II ସ୍ତୋତ୍ରମ୍ II
ପ୍ରଥମଦୁର୍ଗା ତ୍ୱଂ ହି ଭବସାଗରତାରିଣୀ ।
ଧନ ଐଶ୍ୱର୍ୟ୍ୟଦାୟିନୀ ଶୈଳପୁତ୍ରୀ ପ୍ରଣମାମ୍ୟହମ୍ ॥
ତ୍ରିଲୋକଜନନୀ ତ୍ୱଂ ହି ପରମାନନ୍ଦପ୍ରଦାୟିନୀ ।
ସୌଭାଗ୍ୟାରୋଗ୍ୟଦାୟନୀ ଶୈଳପୁତ୍ରୀ ପ୍ରଣମାମ୍ୟହମ୍ ॥
ଚରାଚରେଶ୍ୱରୀ ତ୍ୱଂ ହି ମହାମୋହବିନାଶିନୀ ।
ଭୁକ୍ତିମୁକ୍ତିଦାୟନୀ ଶୈଳପୁତ୍ରୀ ପ୍ରଣମାମ୍ୟହମ୍ ॥

II କବଚମ୍ II
ଓଙ୍କାରଃ ମେ ଶିରଃ ପାତୁ ମୂଲାଧାରନିବାସିନୀ ।
ହ୍ରୀଙ୍କାରଃ ପାତୁ ଲଲାଟେ ବୀଜରୂପା ମହେଶ୍ୱରୀ ॥
ଶ୍ରୀକାରଃ ପାତୁ ବଦନେ ଲଜ୍ଜାରୂପା ମହେଶ୍ୱରୀ ।
ହୂଙ୍କାରଃ ପାତୁ ହୃଦୟେ ତାରିଣୀ ଶକ୍ତିଃ ସ୍ୱଧୃତା ॥
ଫଟ୍କାରଃ ପାତୁ ସର୍ବାଙ୍ଗେ ସର୍ବସିଦ୍ଧିଫଳପ୍ରଦା·

## [୨] ଦେବୀ ବ୍ରହ୍ମଚାରିଣୀ (ସ୍ୱାଧିଷ୍ଠାନ-ଚକ୍ର)

ନବରାତ୍ରୀର ଦ୍ୱିତୀୟ ଦିନରେ ମାଆ ବ୍ରହ୍ମଚାରିଣୀଙ୍କୁ ପୂଜା କରାଯାଏ। ମାଆ ବ୍ରହ୍ମଚାରିଣୀ ଭଗବାନ ଶିବଙ୍କୁ ସ୍ୱାମୀ ରୂପରେ ପ୍ରାପ୍ତ କରିବା ପାଇଁ ଘୋର ତପସ୍ୟା କରିଥିଲେ। କଠିନ
~~~

ISSN NO.
2582-208X

ତପସ୍ୟା କରିଥିବାରୁ ମାଆ ତପଶ୍ଚାରିଣୀ ଅର୍ଥାତ ବ୍ରହ୍ମଚାରିଣୀ ନାଁରେ ପରିଚିତ। ୧୦୦୦ ବର୍ଷ ଯାଏଁ ମାଆ ଫଳ ଫୁଲ ଖାଇ ନିର୍ଜଳ ରହି ଉପବାସ କରି ତପସ୍ୟା କରିଥିଲେ ଭଗବାନ ଶିବଙ୍କୁ ନପାଇବା ଯାଏ ମାଆ ତପସ୍ୟା କରୁଥିଲେ। ସେହିଭଳି ମଣିଷମାନଙ୍କୁ ମଧ୍ୟ ନିଜ ଲକ୍ଷ୍ୟ ପ୍ରାପ୍ତ କରିବା ପାଇଁ ଚେଷ୍ଟା କରିବା ଜରୁରୀ। ମାଆଙ୍କୁ ତ୍ୟାଗ ଓ ତପସ୍ୟାର ଦେବୀ ବୋଲି କୁହାଯାଏ । ଦେବୀ ବ୍ରାହ୍ମଚାରିଣୀ ଙ୍କ ଉପାସନା କଲେ ଖରାପ ବା ଦୁଃଖ ର ସମୟ ରେ ମାନସିକ ସ୍ଥିତି ଦୃଢ ଓ ସ୍ଥିର ରହେ । ମାଆ ବ୍ରାହ୍ମଚାରିଣୀ ଙ୍କ ଆଶୀର୍ବାଦ ପ୍ରାପ୍ତ ହେଲେ ସ୍ୱାର୍ଥପରତା, ଅହଂକାର, ଲୋଭ ଓ ଆଳସ୍ୟ ରୁ ମୁକ୍ତି ମିଳେ । ବଡ ରୁ ବଡ଼ ବିପଦ କୁ ମଣିଷ ଧୈର୍ଯ୍ୟ ର ସହିତ ମୁକାବିଲା କରି ପରେ । ମାଆ ବ୍ରାହ୍ମଚାରିଣୀ ସ୍ୱାଧୀଷ୍ଠାନ ଚକ୍ର ର ଅଧିଷ୍ଠାତ୍ରୀ ଦେବୀ ଅଟନ୍ତି । ଏହି ଚକ୍ର ଜାଗ୍ରତ ହେଲେ ମଣିଷ ମନ ରେ ଅନୁରାଗ, ଭକ୍ତି ଓ ଉତ୍ସାହ ର ବୃଦ୍ଧି ଘଟେ । ମାଆ ଙ୍କ ଆରାଧନା ନିମନ୍ତେ ନିମ୍ନ ଲିଖିତ ମନ୍ତ୍ର ସ୍ତୋତ୍ର ଓ କବଚ ପାଠ କରାଯାଏ ।

ଦଧାନ କରପଦ୍ମାଭ୍ୟାମକ୍ଷମାଳାକମଣ୍ଡଲୁ
ଦେବୀ ପ୍ରସୀଦତୁ ମୟି ବ୍ରହ୍ମଚାରିଣ୍ୟନୁତ୍ତମା ॥

॥ ଧ୍ୟାନମ୍ ॥
ବନ୍ଦେ ବାଞ୍ଛିତଲାଭାୟ
ଚନ୍ଦ୍ରାର୍ଧକୃତଶେଖରାମ୍ ।
ଜପମାଳାକମଣ୍ଡଲୁଧରାଂ
ବ୍ରହ୍ମଚାରିଣୀଂ ଶୁଭାମ୍ ।
ଗୌରବର୍ଣାଂ ସ୍ୱାଧିଷ୍ଠାନସ୍ଥିତାଂ ଦ୍ୱିତୀୟଦୁର୍ଗାଂ ତ୍ରିନେତ୍ରାମ୍ ।
ଧବଳବର୍ଣାଂ ବ୍ରହ୍ମରୂପାଂ ପୁଷ୍ପାଲଙ୍କାରଭୂଷିତାମ୍ ।
ପଦ୍ମବଦନାଂ ପଲ୍ଲବାଧରାଂ କାନ୍ତଙ୍କପୋଲାଂ ପୀନପୟୋଧରାମ୍ ।
କମନୀୟାଂ ଲାବଣ୍ୟାଂ ସ୍ମେରମୁଖୀଂ ନିମ୍ନନାଭିଂ ନିତମ୍ବନୀମ୍ ॥

॥ ସ୍ତୋତ୍ରମ୍ ॥
ତପଶ୍ଚାରିଣୀ ତ୍ୱଂ ହି ତାପତ୍ରୟନିବାରିଣୀ ।

ISSN NO.
2582-208X

ବ୍ରହ୍ମରୂପଧରାଂ ବ୍ରହ୍ମଚାରିଣୀଂ ପ୍ରଣମାମ୍ୟହମ୍ ॥
ନବଚକ୍ରଭେଦିନୀ ତ୍ୱଂ ହି ନବ ଐଶ୍ୱର୍ଯ୍ୟପ୍ରଦାୟିନୀ ।
ଧନଦାଂ ସୁଖଦାଂ ବ୍ରହ୍ମଚାରିଣୀଂ ପ୍ରଣମାମ୍ୟହମ୍ ॥
ଶଙ୍କରପ୍ରିୟା ତ୍ୱଂ ହି ଭୁକ୍ତି-ମୁକ୍ତିଦାୟିନୀ ।
ଶାନ୍ତିଦାଂ ମାନଦାଂ ବ୍ରହ୍ମଚାରିଣୀଂ ପ୍ରଣମାମ୍ୟହମ୍ ।

॥ କବଚମ୍ ॥
ତ୍ରିପୁରା ମେ ହୃଦୟଂ ପାତୁ ଲଲାଟଂ ପାତୁ ଶଙ୍କରଭାମିନୀ
ଅର୍ପଣା ସଦା ପାତୁ ନେତ୍ରୌ ଅଧରୌ ଚ କପୋଲୌ ॥
ପଞ୍ଚଦଶୀ କଣ୍ଠଂ ପାତୁ ମଧ୍ୟଦେଶଂ ପାତୁ ମାହେଶ୍ୱରୀ
ଷୋଡଶୀ ସଦା ପାତୁ ନଭୋ ଗୃହୋ ଚ ପାଦୟୋ ।
ଅଙ୍ଗପ୍ରତ୍ୟଙ୍ଗ ସତତଂ ପାତୁ ବ୍ରହ୍ମଚାରିଣୀ·

## [୩] ଦେବୀ ଚନ୍ଦ୍ରଘଣ୍ଟା –

(ମଣିପୁର-ଚକ୍ର)
ନବରାତ୍ରିର ତୃତୀୟ ଶକ୍ତି ମାଆ ଚନ୍ଦ୍ରଘଣ୍ଟାଙ୍କ ପୂଜା କରାଯାଇଥାଏ। ଏହା ଦେବୀଙ୍କ ଉଗ୍ରରୂପ । ମାଆଙ୍କ ଏହି ରୂପ ଅତ୍ୟନ୍ତ ପ୍ରଭାବଶାଳୀ ବୋଲି ବିଶ୍ୱାସ କରାଯାଏ। ମାଆ ଚନ୍ଦ୍ରଘଣ୍ଟାଙ୍କ ଉପାସନା ସାହସୀ କରାଇଥାଏ । ଦେବୀ ଚନ୍ଦ୍ରଘଣ୍ଟାଙ୍କ ରଙ୍ଗ ସୁନା ପରି ଉଜ୍ଜ୍ୱଳ ଏବଂ ତାଙ୍କ ବାହନ ସିଂହ ଅଟେ। ଦେବୀ ମାଆଙ୍କ ମଥାରେ ଘଣ୍ଟା ଆକାରର ଅର୍ଦ୍ଧଚନ୍ଦ୍ର ଥିବାରୁ ତାଙ୍କୁ ଚନ୍ଦ୍ରଘଣ୍ଟା ନାମରେ ଜଣାଯାଏ । ମାଆ ଚନ୍ଦ୍ରଘଣ୍ଟାଙ୍କ ବାହନ ସିଂହ ଏବଂ ତାଙ୍କ ଦଶଟି ହାତରୁ ୪ଟି ହାତରେ ପଦ୍ମ ଫୁଲ, ଧନୁ, ଜପ ମାଳା ଏବଂ ତୀର ଅଛି ଏବଂ ପାଞ୍ଚ ନମ୍ବର ହାତରେ ଅଭୟ ମୁଦ୍ରା ରହିଛି । ଅନ୍ୟ ୪ଟି ହାତରେ ତ୍ରୀଶୁଳ, ଗଦା, କମଣ୍ଡଳ ଏବଂ ଖଣ୍ଡା ଏବଂ ପାଞ୍ଚ ନମ୍ବର ହାତରେ ମୁଦ୍ରା ରହିଥାଏ । ମାଆ ଚନ୍ଦ୍ରଘଣ୍ଟା ମଣିପୁର ଚକ୍ର ର ଅଧିଷ୍ଠାତ୍ରୀ ଦେବୀ ଅଟନ୍ତି। ତାଙ୍କୁ ଉପାସନା କରୁଥିବା ବ୍ୟକ୍ତି ନାକାରାତ୍ମକ ଉର୍ଜ୍ଜା ଉପରେ ବିଜୟ ଲାଭ କରି ସକାରାତ୍ମକ ଉର୍ଜ୍ଜା ପ୍ରାପ୍ତି ଆଡ଼କୁ ଅଗ୍ରସର ହୁଏ ।ମାଆ ଙ୍କ ଆରାଧନା ନିମନ୍ତେ ନିମ୍ନ ଲିଖିତ ମନ୍ତ୍ର ସ୍ତୋତ୍ର ଓ କବଚ ପାଠ କରାଯାଏ ।

ISSN NO.
2582-208X

ପିଣ୍ଡଜପ୍ରବରାରୂଢା ଚଣ୍ଡକୋପାସ୍ତ୍ରକୈର୍ଯୁତା ।
ପ୍ରସାଦଂ ତନୁତାଂ ମହ୍ୟଂ ଚନ୍ଦ୍ରଘଣ୍ଟେତି ବିଶ୍ରୁତା ॥

॥ ଧ୍ୟାନମ୍ ॥
ବନ୍ଦେ ବାଞ୍ଛିତଲାଭାୟ ଚନ୍ଦ୍ରାର୍ଧକୃତଶେଖରାମ୍ ।
ସିଂହାରୂଢାଂ ଦଶଭୁଜାଂ ଚନ୍ଦ୍ରଘଣ୍ଟାଂ ୟଶସ୍ୱନୀମ୍ ॥
କାଞ୍ଚନାଭାଂ ମଣିପୁରସ୍ଥିତାଂ ତୃତୀୟଦୁର୍ଗାଂ ତ୍ରିନେତ୍ରାମ୍ ।
ଖଡ୍ଗଗଦାତ୍ରିଶୂଲଚାପଧରାଂ ପଦ୍ମକମଣ୍ଡଲୁମାଲାବରାଭୟକରାମ୍ ।
ପଟାମ୍ବରପରିଧାନାଂ ମୃଦୁହାସ୍ୟାଂ ନାନାଳଙ୍କାରଭୂଷିତାମ୍ ।
ମଞ୍ଜୀର-ହାର-କେୟୂର-କିଙ୍କିଣୀରତ୍ନକୁଣ୍ଡଲମଣ୍ଡିତାମ୍ ॥
ପ୍ରଫୁଲ୍ଲବନ୍ଦନାଂ ବିମ୍ବାଧାରାଂ କାନ୍ତଙ୍କପୋଲାଂ ତୁଙ୍ଗକୁଚାମ୍ ।
କମନୀୟାଂ ଲାବଣ୍ୟାଂ କ୍ଷୀଣକଟିଂ ନିତମ୍ବନୀମ୍ ॥

॥ ସ୍ତୋତ୍ରମ୍ ॥
ଆପଦୁଦ୍ଧାରିଣୀ ତ୍ୱଂ ହି ଆଦ୍ୟାଶକ୍ତିଃ ଶୁଭା ପରା ।
ଅଣିମାଦିସିଦ୍ଧିଦାତ୍ରି ଚନ୍ଦ୍ରଘଣ୍ଟେ ପ୍ରଣମାମ୍ୟହମ୍ ॥
ଚନ୍ଦ୍ରମୁଖୀ ଇଷ୍ଟଦାତ୍ରୀ ଇଷ୍ଟମନ୍ତ୍ରସ୍ୱରୂପଣୀ ।
ଧନଦାତ୍ର୍ୟାନନ୍ଦଦାତ୍ରୀ ଚନ୍ଦ୍ରଘଣ୍ଟେ ପ୍ରଣମାମ୍ୟହମ୍ ॥
ନାନାରୂପଧାରିଣୀ ଇଚ୍ଛାମୟୀ ଐଶ୍ୱର୍ୟଦାୟନୀ ।
ସୌଭାଗ୍ୟାରୋଗ୍ୟଦାୟନୀ ଚନ୍ଦ୍ରଘଣ୍ଟେ ପ୍ରଣମାମ୍ୟହମ୍ ॥

॥ କବଚମ୍ ॥
ରହସ୍ୟଂ ଶୃଣୁ ବକ୍ଷ୍ୟାମି ଶୈବେଶି କମଲାନନେ ।
ଶ୍ରୀଚନ୍ଦ୍ରଘଣ୍ଟାକବଚଂ ସର୍ବସିଦ୍ଧିପ୍ରଦାୟକମ୍ ॥
ବିନା ନ୍ୟାସଂ ବିନା ବିନିୟୋଗଂ ବିନା ଶାପୋଦ୍ଧାରଂ ବିନା ହୋମମ୍ ।
ସ୍ନାନଂ ଶୌଚାଦିକଂ ନାସ୍ତି ଶ୍ରଦ୍ଧାମାତ୍ରେଣ ସିଦ୍ଧିଦମ୍ ॥

ISSN NO.
2582-208X

କୁଶିଷ୍ୟାୟ କୁଟିଳାୟ ବଞ୍ଚକାୟ ନିନ୍ଦାକାୟ ଚ ।
ନ ଦାତବ୍ୟଂ ନ ଦାତବ୍ୟଂ ନ ଦାତବ୍ୟଙ୍କଦାଚନ ॥

[୪] କୂଷ୍ମାଣ୍ଡା (ଅନାହତ-ଚକ୍ର)

ନବରାତ୍ରୀର ଚତୁର୍ଥ ଦିବସରେ କୁଷ୍ମାଣ୍ଡାଙ୍କୁ ପୂଜା କରାଯାଏ; ସେ ସମ୍ପଦ ଓ ଶକ୍ତିର ଉନ୍ନତି କରୁଥିବା ବିଶ୍ୱାସ କରାଯାଏ । [୨] ଦେବୀ କୁଷ୍ମାଣ୍ଡାଙ୍କର ଆଠଟି ହାତ ଥିବାରୁ ସେ ଅଷ୍ଟଭୂଜା ଦେବୀ ଭାବରେ ପରିଚିତ । ତାଙ୍କ ଜପାମାଳାରେ ସିଦ୍ଧି ଓ ନିଧି ଦେବାର ସମସ୍ତ ଶକ୍ତି ନିହିତ ଥାଏ । ପ୍ରବାଦ ଅଛି, ସେ କେବଳ ସ୍ମିତ ହସଦ୍ୱାରା ସମସ୍ତ ବ୍ରହ୍ମାଣ୍ଡ ସୃଷ୍ଟି କରିଥିଲେ । ସେ ଧଳା କଖାରୁ ବା କୁଷ୍ମାଣ୍ଡକୁ ଭଲ ପାଆନ୍ତି । ତାଙ୍କର ବ୍ରହ୍ମାଣ୍ଡ ଓ କୁଷ୍ମାଣ୍ଡ ସାଥିରେ ସମ୍ପର୍କ ରହିବା ଯୋଗୁ ତାଙ୍କର ଏହି ଲୋକପ୍ରିୟ କୁଷ୍ମାଣ୍ଡା ନାମ ହୋଇଛି ।ମା' ଅନାହତ ଚକ୍ରକୁ ନିୟନ୍ତ୍ରିତ କରନ୍ତି। ଦେବୀ କୁଷ୍ମାଣ୍ଡାଙ୍କ ସ୍ୱରୂପ ଦର୍ଶନ କରି ପୂଜା କରିବା ଦ୍ୱାରା ରୋଗ, ଦୁଃଖ ଦୂର ହୁଏ। ଯଶ, ବଳ ଏବଂ ଧନରେ ମଧ୍ୟ ବୃଦ୍ଧି ହୋଇଥାଏ। ମାଆଙ୍କ ଆରାଧନା ନିମନ୍ତେ ନିମ୍ନ ଲିଖିତ ମନ୍ତ୍ର ସ୍ତୋତ୍ର ଓ କବଚ ପାଠ କରାଯାଏ।

ସୁରାସମ୍ପୂର୍ଣକଲଶଂ ରୁଧିରାପ୍ଲୁତମେବ ଚ ।
ଦଧାନା ହସ୍ତପଦ୍ମାଭ୍ୟାଂ କୂଷ୍ମାଣ୍ଡା ଶୁଭଦାଽସ୍ତୁ ମେ ॥

॥ ଧ୍ୟାନମ୍ ॥
ବନ୍ଦେ ବାଞ୍ଛିତକାମର୍ଥେ ଚନ୍ଦ୍ରାର୍ଧକୃତଶେଖରାମ୍ ।
ସିଂହାରୂଢାମଷ୍ଟଭୁଜାଂ କୁଷ୍ମାଣ୍ଡାଂ ଚ ୟଶସ୍ୱିନୀମ୍ ॥
ଭାସ୍ୱରାଂ ଭାନୁନିଭାମନାହତସ୍ଥିତାଂ ଚତୁର୍ଥଦୁର୍ଗାଂ ତ୍ରିନେତ୍ରାମ୍ ।
କମଣ୍ଡଲୁଚାପବାଣପଦ୍ମସୁଧାକଲଶଚକ୍ରଗଦାଜପବଟୀଧରାମ୍ ॥
ପଟାମ୍ବରପରିଧାନାଂ କମନୀୟାଂ ମୃଦୁହାସ୍ୟା ନାନାଲଙ୍କାରଭୂଷିତାମ୍ ।
ମଞ୍ଜୀରହାରକେୟୂରକିଙ୍କିଣୀରତ୍ନକୁଣ୍ଡଲମଣ୍ଡିତାମ୍ ।
ପ୍ରଫୁଲ୍ଲବଦନାଂ ଚାରୁଚିବୁକାଂ କାନ୍ତକପୋଲାଂ ତୁଙ୍ଗକୁଚାମ୍ ।
କୋଲାଙ୍ଗୀଂ ସ୍ମେରମୁଖୀଂ କ୍ଷୀଣକଟିଂ ନିମ୍ନନାଭିଂ ନିତମ୍ବନୀମ୍ ॥

ISSN NO.
2582-208X

॥ ସ୍ତୋତ୍ରମ୍ ॥
ଦୁର୍ଗତିନାଶିନୀ ତ୍ୱଂ ହି ଦାରିଦ୍ର୍ୟାଦିବିନାଶିନୀ ।
ଜୟଦା ଧନଦା କୂଷ୍ମାଣ୍ଡେ ପ୍ରଣମାମ୍ୟହମ୍ ॥
ଜଗନ୍ମାତା ଜଗତ୍କର୍ତ୍ରି ଜଗଦାଧାରରୂପିଣୀ ।
ଚରାଚରେଶ୍ୱରୀ କୂଷ୍ମାଣ୍ଡେ ପ୍ରଣମାମ୍ୟହମ୍ ॥
ତ୍ରୈଲୋକ୍ୟସୁନ୍ଦରୀ ତ୍ୱଂ ହି ଦୁଃଖଶୋକନିବାରିଣୀ ।
ପରମାନନ୍ଦମୟୀ କୂଷ୍ମାଣ୍ଡେ ପ୍ରଣମାମ୍ୟହମ୍ ॥

॥ କବଚମ୍ ॥
ହସରୈ ମେ ଶିରଃ ପାତୁ କୂଷ୍ମାଣ୍ଡା ଭବନାଶିନୀ ।
ହସଲକରୀ ନେତ୍ରେଽଥ, ହସରୌଶ୍ଚ ଲଲାଟକମ୍ ॥
କୌମାରୀ ପାତୁ ସର୍ବଗାତ୍ରେ ବାରାହୀ ଉତ୍ତରେ ତଥା ।
ପୂର୍ବେ ପାତୁ ବୈଷ୍ଣବୀ ଇନ୍ଦ୍ରାଣୀ ଦକ୍ଷିଣେ ମମ ।
ଦିଗ୍ୱିକ୍ଷୁ ସର୍ବତ୍ରୈବ କୂମ୍ବୀଜଂ ସର୍ବଦାଽବତୁ ॥

## ୫-ଦେବୀ ସ୍କନ୍ଦମାତା (ବିଶୁଦ୍ଧ-ଚକ୍ର)

ନବ ରାତ୍ରୀ ର ପଞ୍ଚମ ଦିନ ରେ ଦେବୀ ସ୍କନ୍ଦ ମାତା ଙ୍କୁ ପୂଜା କରାଯାଏ.ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ପୁତ୍ର ଭଗବାନ କାର୍ତ୍ତିକେୟଙ୍କ ଅନ୍ୟ ନାମ ସ୍କନ୍ଦ। ପୌରାଣିକ କଥା ଅନୁସାରେ ତାରକାସୁର ନାମକ ରାକ୍ଷସ ଥିଲା। ଯାହାର ମୃତ୍ୟୁ କେବଳ ଶିବ ପୁତ୍ରଙ୍କ ଦ୍ୱାରା ସମ୍ଭବ ଥିଲା। ସେତେବେଳେ ମାତା ପାର୍ବତୀ ନିଜ ପୁତ୍ର ଭଗବାନ ସ୍କନ୍ଦଙ୍କୁ ଯୁଦ୍ଧ ପାଇଁ ପ୍ରଶିକ୍ଷଣ ଦେବା ହେତୁ ସ୍କନ୍ଦମାତାଙ୍କ ରୂପ ନେଇଥିଲେ ଏବଂ ଭଗବାନ ସ୍କନ୍ଦଙ୍କୁ ଯୁଦ୍ଧ ପାଇଁ ପ୍ରଶିକ୍ଷଣ ଦେଇଥିଲେ। ସ୍କନ୍ଦମାତାଙ୍କଠୁ ଯୁଦ୍ଧ ପ୍ରଶିକ୍ଷଣ ନେବା ପଶ୍ଚାତ୍ ଭଗବାନ ସ୍କନ୍ଦ ତାରକାସୁରଙ୍କ ବଧ କରିଥିଲେ। ଏହି ରୂପ ରେ ଭଗବାନ ସ୍କନ୍ଦ ଛୋଟପିଲା ରୂପରେ ମାତାଙ୍କ କୋଳରେ ବିରାଜିତ। ମାତାଙ୍କ ଏହି ଦିନ ସାଧକଙ୍କ ମନ ବିଶୁଦ୍ଧ ଚକ୍ରରେ ଅବସ୍ଥିତ ହୋଇଥାଏ। ସ୍କନ୍ଦ ମାତୃ ସ୍ୱରୂପିଣୀ ଦେବୀଙ୍କ ଚାରି ଭୁଜା । ସେ ଡାହାଣ ଉପର ଭୁଜାରେ ଭଗବାନ ସ୍କନ୍ଦଙ୍କୁ କୋଳରେ ଧରିଛନ୍ତି ଏବଂ ଡାହାଣ ତଳ ଭୁଜା ଯାହା ଉପରକୁ ଉଠିଛି

ISSN NO.
2582-208X

ସେଥିରେ କମଳ ପୁଷ୍ପ ଧରିଛନ୍ତି। ମା'ଙ୍କ ବର୍ଣ୍ଣ ପୂର୍ଣ୍ଣତଃ ଶୁଭ୍ର। ତାଙ୍କୁ ବିଦ୍ୟାବାହିନୀ ଦୁର୍ଗା ଦେବୀ ମଧ୍ୟ କୁହାଯାଇଥାଏ।

ଶାସ୍ତ୍ରରେ ସ୍କନ୍ଦଙ୍କୁ କୁମାର କାର୍ତ୍ତିକେୟ ମଧ୍ୟ କୁହାଯାଇଛି। ଥରେ ଇନ୍ଦ୍ର, କାର୍ତ୍ତିକେୟଙ୍କ ଉପହାସ କରିବା ଆରମ୍ଭ କରିଥିଲେ ଏବଂ କହିଥିଲେ ଯେ ଆପଣ ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ସନ୍ତାନ ନୁହେଁ। ଏହା ଦ୍ୱାରା କୁମାର କାର୍ତ୍ତିକେୟ ବହୁତ ଦୁଃଖିତ ହୋଇଥିଲେ। ମାତା କାର୍ତ୍ତିକେୟଙ୍କ ଦୁଃଖ ବୁଝିଥିଲେ ଏବଂ ସିଂହ ଉପରେ ଚଢ଼ି ପ୍ରକଟ ହୋଇଥିଲେ। ମାଆ ନିଜ କୋଳରେ କାର୍ତ୍ତିକେୟଙ୍କୁ ଉଠାଇ ତାଙ୍କୁ ଆଦର କରିଥିଲେ ଏବଂ ଇନ୍ଦ୍ର ଦେବ ଙ୍କ ଅହଂକାର କୁ ଭାଙ୍ଗି ଦେଇଥିଲେ. ସ୍କନ୍ଦମାତାଙ୍କୁ ଆରାଧନା ନିମନ୍ତେ ନିମ୍ନ ଲିଖିତ ମନ୍ତ୍ର ସ୍ତୋତ୍ର ଓ କବଚ ପାଠ କରାଯାଏ –

"ସିଂହାସନଗତା ନିତ୍ୟଂ ପଦ୍ମାଶ୍ରିତକରଦ୍ୱୟା ।
ଶୁଭଦାସ୍ତୁ ସଦା ଦେବୀ ସ୍କନ୍ଦମାତା ୟଶସ୍ୱିନୀ "॥

॥ ଧ୍ୟାନମ୍ ॥
ବନ୍ଦେ ବାଞ୍ଛିତକାମାର୍ଥେ ଚନ୍ଦ୍ରାର୍ଧକୃତଶେଖରାମ୍ ।
ସିଂହାରୂଢା ଚତୁର୍ଭୁଜା ସ୍କନ୍ଧମାତା ୟଶସ୍ୱନୀ ॥
ଧବଳବର୍ଣ୍ଣା ବିଶୁଦ୍ଧଚକ୍ରସ୍ଥିତା ପଞ୍ଚମଦୁର୍ଗା ତ୍ରିନେତ୍ରା ।
ଅଭୟପଦ୍ମୟୁଗ୍ମକରାଂ ଦକ୍ଷିଣ ଉରୁପୁତ୍ରଧରାଂ ଭଜେଽମ୍ ॥
ପଟାମ୍ବରପରିଧାନା ମୃଦୁହାସ୍ୟା ନାନାଲଙ୍କାରଭୂଷିତାମ୍ ।
ମଞ୍ଜୀରହାରକେୟୂରକିଙ୍କିଣୀରତ୍ନକୁଣ୍ଡଲଧାରିଣୀମ୍ ॥
ପ୍ରଫୁଲ୍ଲବଦନାଂ ପଲ୍ଲବାଧରାଂ କାନ୍ତକପୋଲାଂ ପୀନପୟୋଧରାମ୍ ।
କମନୀୟାଂ ଲାବଣ୍ୟାଂ ଚାରୂତ୍ରିବଲୀଂ ନିତମ୍ବନୀମ୍ ॥

॥ ସ୍ତୋତ୍ରମ୍ ॥
ନମାମି ସ୍କନ୍ଦମାତରଂ ସ୍କନ୍ଧଧାରିଣୀମ୍.
ସମଗ୍ରତତ୍ତ୍ୱସାଗରାମପାରପାରଗହରାମ୍ ॥
ଶଶିପ୍ରଭାଂ ସମୁଜ୍ଜ୍ୱଲାଂ ସ୍ଫୁରଚ୍ଛଶାଙ୍କଶେଖରାମ୍ ।

ISSN NO.
2582-208X

ଲଲାଟରତ୍ନଭାସ୍କରାଂ ଜଗତ୍ପ୍ରଦୀପ୍ତଭାସ୍କରାମ୍ ॥
ମହେନ୍ଦ୍ରକଶ୍ୟପାର୍ଚିତାଂ ସନତ୍କୁମାରସଂସ୍ତୁତାମ୍ ।
ସୁରାସୁରେନ୍ଦ୍ରବନ୍ଦିତାଂ ଯଥାର୍ଥନିର୍ମଲାଦ୍ଭୁତାମ୍ ॥
ଅତର୍କ୍ୟରୋଚିରୂର୍ଜିତାଂ ବିକାର ଦୋଷବର୍ଜିତାମ୍ ।
ମୁମୁକ୍ଷୁଭିର୍ବିଚିନ୍ତିତାଂ ବିଶେଷତତ୍ତ୍ୱମୂଚିତାମ୍ ॥
ନାନାଲଙ୍କାରଭୂଷିତାଂ ମୃଗେନ୍ଦ୍ରବାହନାଗ୍ରତାମ୍ ।
ସୁଶୁଦ୍ଧତତ୍ତ୍ୱତୋଷଣାଂ ତ୍ରିବେଦମାରଭାଷଣାମ୍ ॥
ସୁଧାର୍ମିକୌପକାରିଣୀଂ ସୁରେନ୍ଦ୍ରବୈରିଘାତିନୀମ୍ ।
ଶୁଭାଂ ସୁପୁଷ୍ପମାଲିନୀଂ ସୁବର୍ଣକଲ୍ପଶାଖିନୀମ୍ ॥
ତମୋଽନ୍ଧକାରୟାମିନୀଂ ଶିବସ୍ୱଭାବକାମିନୀମ୍ ।
ସହସ୍ରସୂର୍ୟରାଜିକାଂ ଧନଞ୍ଜୟୋଗ୍ରକାରିକାମ୍ ॥
ସୁଶୁଦ୍ଧକାଳକନ୍ଦଳାଂ ସୁଭୃଙ୍ଗକୃନ୍ଦମଞ୍ଜୁଲାମ୍ ।
ପ୍ରଜାୟିନୀଂ ପ୍ରଜାବତୀଂ ନମାମି ମାତରଂ ସତୀମ୍ ॥
ସ୍ୱକର୍ମଧାରଣେ ଗତିଂ ହରିଂ ପ୍ରୟଚ୍ଛ ପାର୍ବତୀମ୍ ।
ଅନନ୍ତଶକ୍ତିକାନ୍ତିଦାଂ ଯଶୋଽଥ ଭୁକ୍ତିମୁକ୍ତିଦାମ୍ ॥
ପୁନଃପୁନର୍ଜଗଦ୍ଧିତାଂ ନମାମ୍ୟହଂ ସୁରାର୍ଚିତାମ୍ ।
ଜୟେଶ୍ୱରି ତ୍ରିଲୋଚନେ ପ୍ରସୀଦ ଦେବି ପାହି ମାମ୍ ॥

॥ କବଚମ୍ ॥
ଐଂ ବୀଜାଲିକା ଦେବୀ ପଦଯୁଗ୍ମଧରା ପରା ।
ହୃଦୟଂ ପାତୁ ସା ଦେବୀ କାର୍ତିକେୟଯୁତା ସତୀ ॥
ଶ୍ରୀଂ ହ୍ରୀଂ ହୁଂ ଐଂ ଦେବୀ ପୂର୍ବସ୍ୟାଂ ପାତୁ ସର୍ବଦା ।
ସର୍ବାଙ୍ଗ ମେଂ ସଦା ପାତୁ ସ୍କନ୍ଦମାତା ପୁତ୍ରପ୍ରଦା ॥
ବାଣବାଣାମୃତେ ହୁଂ ଫଟ୍ ବୀଜସମନ୍ୱିତା ।
ଉତ୍ତରସ୍ୟାଂ ତଥାଗ୍ନେ ଚ ବାରୁଣେ ନୈଋତେଽବତୁ ॥
ଇନ୍ଦ୍ରାଣୀ ଭୈରବୀ ଚୈବାସିତାଙ୍ଗୀ ଚ ସଂହାରିଣୀ ।
ସର୍ବଦା ପାତୁ ମାଂ ଦେବୀ ଚାନ୍ୟାନ୍ୟାସୁ ହି ଦିକ୍ଷୁ ବୈ ॥

ISSN NO.
2582-208X

## ୬] ଦେବୀ କାତ୍ୟାୟନୀ (ଆଜ୍ଞା-ଚକ୍ର)

ନବରାତ୍ରୀର ଷଷ୍ଠ ଦିନ ରେ 'କାତ୍ୟାୟିନୀ' ରୂପରେ ପୂଜା ପାଆନ୍ତି ମା' ଦୁର୍ଗା। ପୁରାଣ ଅନୁସାରେ ମହର୍ଷି କାତ୍ୟାୟନ ମା' ଦୁର୍ଗାଙ୍କୁ ନିଜର ପୁତ୍ରୀ ରୂପରେ ପାଇବାକୁ କଠୋର ତପସ୍ୟା କରିଥିଲେ। ତାଙ୍କ ତପସ୍ୟାରେ ପ୍ରସନ୍ନ ହୋଇ ମା' ଦୁର୍ଗା ମହର୍ଷି କାତ୍ୟାୟନଙ୍କ ଝିଅ ରୂପରେ ଧରାବତରଣ କରିଥିଲେ। ତେଣୁ ନବରାତ୍ରୀର ଷଷ୍ଠୀ ତିଥିରେ 'କାତ୍ୟାୟିନୀ' ରୂପରେ ପୂଜା ପାଆନ୍ତି ମା' ଦୁର୍ଗା। ବାମନ ପୁରାଣ ଅନୁସାରେ ମହାପ୍ରତାପୀ ମହିଷାସୁରର ଦମନ ପାଇଁ ଦେବତାମାନେ ଭଗବାନ ଶ୍ରୀହରିଙ୍କ ଶରଣାପନ୍ନ ହେବାପରେ ତ୍ରିଦେବ ବ୍ରହ୍ମା-ବିଷ୍ଣୁ ଓ ମହେଶ୍ୱରଙ୍କ କ୍ରୋଧନଳରୁ ଜାତହେଲେ ଅଗ୍ନୀସ୍ୱରୂପା ଅଷ୍ଟଭୂଜା ତ୍ରିନୟନା କାତ୍ୟାୟିନୀ । ସହସ୍ର ସୂର୍ଯ୍ୟସମ ତାଙ୍କ ତେଜରେ ସମଗ୍ର ବ୍ରହ୍ମାଣ୍ଡ ଚମକି ଉଠିଲା । ସମସ୍ତ ଦେବଗଣଙ୍କ ଅସ୍ତ୍ରଶସ୍ତ୍ରରେ ସଜ୍ଜିତା ହୋଇ ସେ ତୁରନ୍ତ ଯୁଦ୍ଧଯାତ୍ରା କଲେ ଓ ରାକ୍ଷସ ରାଜ ସହିତ ଭୟଙ୍କର ଯୁଦ୍ଧକରି ତାକୁ ନିହତ କଲେ । କେତେକ ମତରେ ଦେବୀ ଚତୁର୍ଭୁଜା ଓ ହାତରେ ଚନ୍ଦ୍ରହାସ ଖଡଗ ଧରି ସିଂହ ଉପରେ ସବାର ହୋଇଥାନ୍ତି । ସେ ଆଜ୍ଞା ଚକ୍ରର ଅଧିଷ୍ଠାତ୍ରୀ ଦେବୀ ଅଟନ୍ତି। ଦେବୀ କାତ୍ୟାୟିନି ଙ୍କୁ ପୂଜା କରିବା ଦ୍ୱାରା ମନୁଷ୍ୟ ର ଚିନ୍ତା ଓ ଚେତନା ଶକ୍ତି କୁ ବିକାଶ କରି ଉଚିତ ପଥ ଚୟନ କରିବା ରେ ସାହାଯ୍ୟ କରେ। ମାତା କାତ୍ୟାୟିନୀ ଙ୍କୁ ଆରାଧନା ନିମନ୍ତେ ନିମ୍ନ ଲିଖିତ ମନ୍ତ୍ର ସ୍ତୋତ୍ର ଓ କବଚ ପାଠ କରାଯାଏ-

ଚନ୍ଦ୍ରହାସୋଜ୍ଜ୍ୱଲକରା ଶାର୍ଦ୍ଦୂଳବରବାହନା ।
କାତ୍ୟାୟନୀ ଚ ଶୁଭଦା ଦେବୀ ଦାନବଘାତିନୀ ॥

॥ ଧ୍ୟାନମ୍ ॥
ବନ୍ଦେ ବାଞ୍ଛିତମନୋରଥାର୍ଥାୟ ଚନ୍ଦ୍ରାର୍ଧକୃତଶେଖରାମ୍ ।
ସିଂହାରୂଢାଂ ଚତୁର୍ଭୁଜାଂ କାତ୍ୟାୟନୀଂ ଯଶସ୍ୱନୀମ୍ ॥
ସ୍ୱର୍ଣବର୍ଣାମାଜ୍ଞାଚକ୍ରସ୍ଥିତାଂ ଷଷ୍ଠଦୁର୍ଗାଂ ତ୍ରିନେତ୍ରାମ୍ ।
ବରାଭୀତକରାଂ ସଗପଦଧରାଂ କାତ୍ୟାୟନସୁତାଂ ଭଜାମି ॥
ପଟାମ୍ବରପରିଧାନାଂ ସ୍ମେରମୁଖୀଂ ନାନାଲଙ୍କାରଭୂଷିତାମ୍ ।
ମଞ୍ଜୀରହାରକେୟୁରକିଙ୍କିଣୀରତ୍ନକୁଣ୍ଡଲମଣ୍ଡିତାମ୍ ॥

ISSN NO.
2582-208X

ପ୍ରସନ୍ନବଦନାଂ ପଲ୍ଲବାଧରାଂ କାନ୍ତକପୋଲାଂ ତୁଙ୍ଗକୁଚାମ୍ ।
କମନୀୟାଂ ଲାବଣ୍ୟାଂ ତ୍ରିବଲୀବିଭୂଷିତନିମ୍ନନାଭିମ୍ ॥

॥ ସ୍ତୋତ୍ରମ୍ ॥
କାଞ୍ଚନାଭାଂ ବରାଭୟପଦ୍ମଧରାଂ ମୁକୁଟୋଜ୍ଜ୍ୱଲାଂ ।
ସ୍ମେରମୁଖୀଂ ଶିବପତ୍ନୀଂ କାତ୍ୟାୟନସୁତେ ନମୋଽସ୍ତୁତେ ॥
ପଟାମ୍ବରପରିଧାନାଂ ନାନାଳଙ୍କାରଭୂଷିତାଂ ।
ସିଂହାସ୍ଥିତାଂ ପଦ୍ମହସ୍ତାଂ କାତ୍ୟାୟନସୁତେ ନମୋଽସ୍ତୁତେ ॥
ପରମାନନ୍ଦମୟୀ ଦେବି ପରବ୍ରହ୍ମ ପରମାତ୍ମା ।
ପରମଶକ୍ତି,ପରମଭକ୍ତି, କାତ୍ୟାୟନସୁତେ ନମୋଽସ୍ତୁତେ ॥
ବିଶ୍ୱକର୍ତ୍ରୀଂ, ବିଶ୍ୱଭର୍ତ୍ରୀଂ, ବିଶ୍ୱହର୍ତ୍ରୀଂ, ବିଶ୍ୱପ୍ରୀତାମ୍ ।
ବିଶ୍ୱଚିନ୍ତାଂ ,ବିଶ୍ୱାତୀତାଂ କାତ୍ୟାୟନସୁତେ ନମୋଽସ୍ତୁତେ ॥
କାଂ ବୀଜା, କାଂ ଜପାନନ୍ଦା କାଂ ବୀଜଜପତୋଷିତା ।
କାଂ କାଂ ବୀଜଜପାସକ୍ତାଂ କାଂ କାଂ ସନ୍ତୁତା ॥
କାଙ୍କାରହର୍ଷିଣୀଂ କାଂ କାଂ ଧନଦାଂ ଧନମାନସାମ୍ ।
କାଂ ବୀଜଜପକାରିଣୀଂ କାଂ ବୀଜତପମାନସାମ୍ ॥
କାଂ କାରିଣୀଂ କାଂ ସୂତ୍ରପୂଜିତାଂ କାଂ ବୀଜଧାରିଣୀମ୍ ।
କାଂ କୀଂ କୂଂ କୈଂ କୌଂ କଃ ଠଃ ଛଃ ସ୍ୱାହାରୂପଣୀ ॥

॥ କବଚମ୍ ॥
କାତ୍ୟାୟନୀ ମୁଖଂ ପାତୁ କାଂ କାଂ ସ୍ୱାହାସ୍ୱରୂପଣୀ ।
ଲଲାଟଂ ବିଜୟା ପାତୁ ମାଲିନୀ ନିତ୍ୟସୁନ୍ଦରୀ ॥
କଲ୍ୟାଣୀ ହୃଦୟଂ ପାତୁ ଜୟା ଚ ଭଗମାଳିନୀ ॥

## [୭] ଦେବୀ କାଳରାତ୍ରୀ (ଭାନୁ-ଚକ୍ର)

ନବରାତ୍ରୀ ର ସପ୍ତମ ଦିନରେ ମାଆ କାଳରାତ୍ରୀ ଙ୍କୁ ଆରାଧନା କରାଯାଏ । ମହାସପ୍ତମୀ ଦିନ ଅସୁରଙ୍କ ସଂହାର କରିବା ପାଇଁ ମା’ ଉଗ୍ର ରୂପ ଧାରଣ କରିଥିଲେ । ଦେବୀ

ISSN NO.
2582-208X

ଭାଗବତ ପୁରାଣ ଆଧାରରେ, ମା କାଳରାତ୍ରୀ ଅଭୟ ବରଦାୟିନୀ । ମା' କାଳରାତ୍ରୀ କାଳୀ, ମହାକାଳୀ, ଭଦ୍ରକାଳୀ, ଭୈରବୀ, ରୁଦ୍ରାଣୀ, ଚଣ୍ଡି, ରୌଦ୍ରୀ ଓ ଧୁମୋରଣା, ଚାମୁଣ୍ଡା ଆଦି ନାମରେ ବିଦିତ । ଦେବୀ କାଳରାତ୍ରୀଙ୍କ ଶରୀର ଅନ୍ଧାର ପରି କଳା ବର୍ଣ୍ଣ, ମୁକ୍ତକେଶୀ, ବେକରେ ବିଜୁଳି ପରି ଯାଜୁଲ୍ୟମାନ କରୁଥିବା ମାଳ । ମୁଖରେ କ୍ରୋଧର ଭାବ । ମା' ଗଧ ଉପରେ ବିରାଜିତ । ମା'ଙ୍କ ଡାହାଣ ହସ୍ତ ସର୍ବଦା ଉପରକୁ ଉଠିଥାଏ ଯାହାର ଅର୍ଥ ସମସ୍ତଙ୍କୁ ଆର୍ଶୀବାଦ ଦେଇଥାନ୍ତି। ଡାହାଣ ପାର୍ଶ୍ୱର ନିମ୍ନ ହସ୍ତ ଅଭୟ ମୁଦ୍ରାରେ ରହିଥାଏ ଓ ବାମ ପାର୍ଶ୍ୱରେ ଦୁଇ ହସ୍ତରେ ଅସ୍ତ୍ର ଧରିଥାନ୍ତି । ମା' ତ୍ରି ନୟନା। ପୌରାଣିକ କଥାବସ୍ତୁ ଆଧାରରେ, ଶୁମ୍ଭ-ନିଶୁମ୍ଭ ଓ ରକ୍ତବୀଜର ସଂହାର ପାଇଁ ମା ପାର୍ବତୀ ଦୁର୍ଗାଙ୍କ ରୂପ ଧାରଣା କରିଥିଲେ । ଦୁର୍ଗାଙ୍କ ରୂପରେ ଶୁମ୍ଭ-ନିଶୁମ୍ଭ ଦୁଇ ରାକ୍ଷାସଙ୍କୁ ବଧ କରିଥିଲେ। କିନ୍ତୁ ରକ୍ତବୀଜକୁ ବଧ କଲାବେଳେ ତା' ଶରୀରରୁ ପଡୁଥିବା ରକ୍ତ ଧରାପୃଷ୍ଠରେ ପଡି ଲକ୍ଷ ଲକ୍ଷ ରକ୍ତବୀଜ ଜନ୍ମନେଲେ । ସେତେବେଳେ ମା' ଦୁର୍ଗା କାଳରାତ୍ରୀ ସ୍ୱରୂପରେ ଆର୍ବିଭାବ ହୋଇ ରକ୍ତବୀଜ କୁ ବଧ କରି ତା' ର ରକ୍ତପାନ କରିଥିଲେ। ଏବଂ ଏ ସୃଷ୍ଟିକୁ ରକ୍ଷା କରିଥିଲେ । ମାଆ କାଳରାତ୍ରୀ ଭାନୁ ଚକ୍ର ର ଅଧିଷ୍ଠାତ୍ରୀ ଦେବୀ ଅଟନ୍ତି। ମାତାଙ୍କର ଏହି ସ୍ୱରୂପ କୁ ପୂଜା କଲେ ମନୁଷ୍ୟ କୁ ସମସ୍ତ ପ୍ରକାର ପାପରୁ ମୁକ୍ତି ମିଳିବା ସହ ସମସ୍ତ ଶତ୍ରୁ ନାଶ ହୋଇ ଥାଆନ୍ତି। ଏହି ଦିନ ମାଆଙ୍କ ସ୍ମରଣ କଲେ ନକାରାତ୍ମକ ଶକ୍ତି ର ବିନାଶ ହୋଇଥାଏ।ମାତା କାଳରାତ୍ରୀ ଙ୍କୁ ଆରାଧନା ନିମନ୍ତେ ନିମ୍ନ ଲିଖିତ ମନ୍ତ୍ର ସ୍ତୋତ୍ର ଓ କବଚ ପାଠ କରାଯାଏ –

ଏକବେଣୀଜପାକର୍ଣପୁରାନନା ଖରାସ୍ଥିତା ।
ଲମ୍ବୋଷ୍ଠୀକର୍ଣିକାକର୍ଣୀତୈଲାଭ୍ୟଙ୍ଗଶରୀରିଣୀ ॥
ବାମପାଦୋଲ୍ଲସଲ୍ଲୋହଲତାକଣ୍ଟକଭୂଷଣା ।
ବର୍ଧନାମୂର୍ଧଜା କୃଷ୍ଣା କାଳରାତ୍ରିର୍ଭୟଙ୍କରୀ ॥

॥ ଧ୍ୟାନମ୍ ॥
କରାଳବଦନାଂ ଘୋରାଂ ମୁକ୍ତକେଶୀଂ ଚତୁର୍ଭୁଜାମ୍ ।
କାଳରାତ୍ରିଂ କରାଳୀଂ ଚ ବିଦ୍ୟୁନ୍ମାଲାବିଭୂଷିତାମ୍ ॥
ଦିବ୍ୟଲୌହବଜ୍ରଖଡ୍ଗବାମାଧୋର୍ଧ୍ୱକରାମ୍ବୁଜାମ୍ ।

ISSN NO.
2582-208X

ଅଭୟଂ ବରଦାଂ ଚୈବ ଦକ୍ଷିଣୋର୍ଦ୍ଧ୍ୱାଧଃ ପାଣିକାମ୍ ॥
ମହାମେଘପ୍ରଭାଂ ଶ୍ୟାମାଂ ତଥା ଚ ଗର୍ଦଭାରୂଢାମ୍ ।
ଘୋରଦଂଷ୍ଟ୍ରାକାରାଲାସ୍ୟାଂ ପୀନୋନ୍ନତପୟୋଧରାମ୍ ॥
ସୁଖପ୍ରସନ୍ନବଦନାଂ ସ୍ମେରାନନସରୋରୁହାମ୍ ।
ଏବଂ ସଞ୍ଚିୟନ୍ତୟେତ୍କାଲରାତ୍ରିଂ ସର୍ବକାମସମୃଦ୍ଧିଦାମ୍ ॥

॥ ସ୍ତୋତ୍ରମ୍ ॥
ହ୍ରୀଂ କାଳରାତ୍ରିଃ ଶ୍ରୀଂ କରାଳୀ ଚ କ୍ଲୀଂ କଲ୍ୟାଣୀ କଳାବତୀ ।
କାଳମାତା କଳିଦର୍ପଘ୍ନୀ କପଦୀଂଶକୃପନ୍ୱିତା ॥
କାମବୀଜଜପାନନ୍ଦା କାମବୀଜସ୍ୱରୂପିଣୀ ।
କୁମତିଘ୍ନୀ କୁଳୀନାଽଽର୍ତିନଶିନୀ କୁଳକାମିନୀ ॥
କ୍ଲୀଂ ହ୍ରୀଂ ଶ୍ରୀଂ ମନ୍ତ୍ରବର୍ଣେନ କାଳକଣ୍ଟକଘାତିନୀ ।
କୃପାମୟୀ କୃପାଧାରା କୃପାପାରା କୃପାଗମା ॥

॥ କବଚମ୍ ॥
ଓଂ କ୍ଲୀଂ ମେ ହୃଦୟଂ ପାତୁ ପାଦୌ ଶ୍ରୀଂ କାଳରାତ୍ରିଃ ।
ଲଲାଟଂ ସତତଂ ପାତୁ ଦୁଷ୍ଟଗ୍ରହନିବାରିଣୀ ॥
ରସନାଂ ପାତୁ କୌମାରୀ ଭୈରବୀ ଚକ୍ଷୁଷୀ ମମ ।
କଟୌ ପୃଷ୍ଠେ ମହେଶାନୀ କର୍ଣୌ ଶଙ୍କରଭାମିନୀ ।
ବର୍ଜିତାନି ତୁ ସ୍ଥାନାନି ୟାନି ଚ କବଚେନ ହି ।
ତାନି ସର୍ବାଣି ମେ ଦେବୀ ସତତଂ ପାତୁ ସ୍ତମ୍ଭିନୀ ॥

## [୮] ଦେବୀ ମହାଗୌରୀ- (ସୋମ-ଚକ୍ର)

ନବ ରାତ୍ରୀ ର ଅଷ୍ଟମ ଦିନ ରେ ମାଆ ମହା ଗୌରୀଙ୍କୁ ପୂଜା କରାଯାଏ । ମହାଦେବଙ୍କୁ ସ୍ୱାମୀ ରୂପରେ ପାଇବା ପାଇଁ ମା' ଆଦିଶକ୍ତି ୮ ବର୍ଷ ବୟସରୁ ହିଁ ତପସ୍ୟା ଆରମ୍ଭ କରିଥିଲେ। ତେବେ ଏହି ତପସ୍ୟା ଆରମ୍ଭ କରିବା ପୂର୍ବରୁ ହିଁ ଦେବ ମୁନି ନାରଦ ମା'ଙ୍କ

ISSN NO.
2582-208X

ଅସଲ ପରିଚୟ ପାଇ ସାରିଥିଲେ। ଯେହେତୁ ମା' ୮ ବର୍ଷ ବୟସରୁ କଠୋର ତପସ୍ୟାକରି ପରେ 'ମହାଗୌରୀ' ପାଲଟିଥିଲେ, ସେହି କାରଣରୁ ନବରାତ୍ରୀର ଅଷ୍ଟମୀ ତିଥିରେ ଦୁର୍ଗାଙ୍କୁ 'ମହାଗୌରୀ' ରୂପରେ ପୂଜା କରାଯାଏ । ପୁରାଣ ଅନୁଯାୟୀ ଭଗବାନ ଶିବଙ୍କୁ ସ୍ଵାମୀଙ୍କ ରୂପରେ ପାଇବା ପାଇଁ ମାତା ପାର୍ବତୀ କଠୋର ତପସ୍ୟା କରିଥିଲେ। ଏହି ଭୟଙ୍କର ତପସ୍ୟା ହେତୁ ତାଙ୍କ ଶରୀର କଳା ହୋଇଗଲା । ତେବେ ମାଆଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଯେତେବେଳେ ଭଗବାନ ଶିବ ଗଙ୍ଗା ଜଳରେ ମାଙ୍କ ଶରୀରକୁ ଧୋଇଥିଲେ, ସେତେବେଳେ ତାଙ୍କ ଶରୀର ଅତି ଉଜ୍ଜ୍ୱଳ ହୋଇଯାଇଥିଲେ, ସେହି ଦିନଠାରୁ ସେ 'ମହାଗୌରୀ' ନାମରେ ନାମିତ ହୋଇଥିଲେ । ମାଆ ମହାଗୌରୀ ସୋମ ଚକ୍ର ର ଅଧିଷ୍ଠାତ୍ରୀ ଦେବୀ ଅଟନ୍ତି.ମାଆ ମହାଗୌରୀ ଙ୍କ ଧ୍ୟାନ, ସ୍ତୋତ୍ର ପାଠ ଓ କବଚ ପାଠ ଦ୍ୱାରା ଏହି ଚକ୍ର ଜାଗ୍ରତ କରାଯାଏ.ଯାହା ଫଳ ରେ ମନୁଷ୍ୟକୁ ବିଭିନ୍ନ ସଙ୍କଟ ରୁ ମୁକ୍ତି ମିଳେ ।

ଶ୍ୱେତେ ବୃଷେ ସମାରୂଢା ଶ୍ୱେତାମ୍ବରଧରା ଶୁଚିଃ ।
ମହାଗୌରୀ ଶୁଭଂ ଦଦ୍ୟାନ୍ମହାଦେବପ୍ରମୋଦଦା ॥
ଓଂ ନମୋ ଭଗବତି ମହାଗୌରି ବୃଷାରୂଢେ ଶ୍ରୀଂ ହ୍ରୀଂ କ୍ଲୀଂ ହୁଂ ଫଟ୍ ସ୍ୱାହା ।

॥ ଧ୍ୟାନମ୍ ॥

ବନ୍ଦେ ବାଞ୍ଛିତକାମାର୍ଥଂ ଚନ୍ଦ୍ରାର୍ଧକୃତଶେଖରାମ୍ ।
ସିଂହାରୂଢାଂ ଚତୁର୍ଭୁଜାଂ ମହାଗୌରୀଂ ଯଶସ୍ୱୀନୀମ୍ ॥
ପୁର୍ଣେନ୍ଦୁନିଭାଂ ଗୌରୀଂ ସୋମଚକ୍ରସ୍ଥିଆତାଂ ଅଷ୍ଟମଦୁର୍ଗାଂ ତ୍ରିନେତ୍ରାମ୍ ।
ବରାଭୀତିକରାଂ ତ୍ରିଶୂଲଡମରୁଧରାଂ ମହାଗୌରୀଂ ଭଜେଽହମ୍ ॥
ପଟାମ୍ବରପରିଧାନାଂ ମୃଦୁହାସ୍ୟାଂ ନାନାଲଙ୍କାରଭୂଷିତାମ୍ ।
ମଞ୍ଜୀରହାରକେୟୂରକିଙ୍କିଣୀରତ୍ନକୁଣ୍ଡଲମଣ୍ଡିତାମ୍ ॥
ପ୍ରଫୁଲ୍ଲବଦନାଂ ପଲ୍ଲବାଧରାଂ କାନ୍ତକପୋଲାଂ ତ୍ରୈଲୋକ୍ୟମୋହନୀମ୍ ।
କମନୀୟାଂ ଲାବଣ୍ୟାଂ ମୃଣାଲାଂ ଚନ୍ଦନଗନ୍ଧଲିପ୍ତାମ୍ ॥

ISSN NO.
2582-208X

॥ ସ୍ତୋତ୍ରମ୍ ॥
ସର୍ବସଙ୍କଟହନ୍ତ୍ରୀ ତ୍ୱଂ ଧନୈଶ୍ୱର୍ଯ୍ୟପ୍ରଦାୟନୀ ।
ଜ୍ଞାନଦା ଚତୁର୍ବେଦମୟୀ ମହାଗୌରୀଂ ପ୍ରଣମାମ୍ୟହମ୍ ॥
ସୁଖଶାନ୍ତିଦାତ୍ରୀଂ, ଧନଧାନ୍ୟପ୍ରଦାୟନୀମ୍ ।
ଡମରୂବାଦନପ୍ରିୟାଂ ମହାଗୌରୀଂ ପ୍ରଣମାମ୍ୟହମ୍ ॥
ତ୍ରୈଲୋକ୍ୟମଙ୍ଗଲା ତ୍ୱଂ ହି ତାପତ୍ରୟବିନାଶିନୀଂ ପ୍ରଣମାମ୍ୟହମ୍ ।
ବରଦା ଚୈତନ୍ୟମୟୀ ମହାଗୌରୀଂ ପ୍ରଣମାମ୍ୟହମ୍ ॥

॥ କବଚମ୍ ॥
ଓଙ୍କାରଃ ପାତୁ ଶୀର୍ଷେ ମାଂ, ହ୍ରୀଂ ବୀଜଂ ମାଂ ହୃଦୟେ ।
କ୍ଲୀଂ ବୀଜଂ ସଦା ପାତୁ ନଭୋ ଗୃହୋ ଚ ପାଦୟୋଃ ॥
ଲଲାଟକର୍ଣୌ ହୂଂ ବୀଜଂ ପାତୁ ମହାଗୌରୀ ମାଂ ନେତ୍ରଘ୍ରାଣୌ ।
କପୋଳଚିବୁକୌ ଫଟ୍ ପାତୁ ସ୍ୱାହା ମାଂ ସର୍ବବଦନୌ ॥

## [୯] ଦେବୀ ସିଦ୍ଧିଦାତ୍ରୀ- (ନିର୍ବାଣ-ଚକ୍ର)

ଅନ୍ୟ ଅଷ୍ଟ ଦୁର୍ଗାଙ୍କର ପୂଜା-ଉପାସନା ଶେଷ କରି ସରିବା ପରେ ନବମ ଦିନରେ ମାତାଙ୍କୁ ସିଦ୍ଧିଦାତ୍ରୀ ରୂପ ରେ ଉପାସନା କରାଯାଏ । ମାଆ ସିଦ୍ଧିଦାତ୍ରୀ ନିର୍ବାଣ ଚକ୍ର ର ଅଧିଷ୍ଠାତ୍ରୀ ଦେବୀ ଅଟନ୍ତି। ସିଦ୍ଧିଦାତ୍ରୀ ମାତାଙ୍କର ଉପାସନା ପୂର୍ଣ୍ଣ କରି ଦେବା ପରେ ଭକ୍ତ ଓ ସାଧକମାନଙ୍କର ଲୌକିକ-ପାରଲୌକିକ ସକଳ ପ୍ରକାର କାମନା ପୂର୍ଣ୍ଣ ହୋଇଯାଏ । ମା'ଙ୍କର କୃପାପାତ୍ର ଭକ୍ତଙ୍କ ଭିତରେ ଆଉ ଏପରି କୌଣସି କାମନା ରହିଯାଏ ନାହିଁ, ଯାହାକୁ କି ସେ ପୂର୍ଣ୍ଣ କରିବାକୁ ଚାହାନ୍ତି । ସେ ସକଳ ସାଂସାରିକ ଇଚ୍ଛା, ଆବଶ୍ୟକତା ଓ ସ୍ପୃହାର ଉପରକୁ ଉଠିଯାଇ ମାନସିକ ରୂପରେ ମାତା ଭଗବତୀଙ୍କର ଦିବ୍ୟାଲୋକରେ ବିଚରଣ କରନ୍ତି ଏବଂ ମାଆଙ୍କର କୃପା-ରସ-ଅମୃତ ନିରନ୍ତର ପାନ କରି ବିଷୟ ଭୋଗ ଶୂନ୍ୟ ହୋଇଯାଆନ୍ତି । ମାତା ଭଗବତୀଙ୍କର ପରମ ସାନ୍ନିଧ୍ୟ ହିଁ ତାଙ୍କର ସର୍ବସ୍ୱ ହୋଇଯାଏ । ସେହି ପରମପଦକୁ ପାଇଯିବା ପରେ ତାଙ୍କର ଆଉ କୌଣସି ବସ୍ତୁର ଆବଶ୍ୟକତା ରହେନାହିଁ । ମାତାଙ୍କ ଚରଣର ଏହି ସାନ୍ନିଧ୍ୟ ପ୍ରାପ୍ତି ନିମନ୍ତେ ଆମକୁ

ISSN NO.
2582-208X

ନିୟମନିଷ୍ଠ ହୋଇ ନିରନ୍ତର ତାଙ୍କର ଉପାସନା କରିବାକୁ ପଡିବ । ମାତା ଭଗବତୀଙ୍କର ସ୍ମରଣ, ଧ୍ୟାନ ଓ ପୂଜନ ଆମକୁ ଏହି ସଂସାରର ଅସାରତା ବୋଧ କରାଇ ଦେଇ ବାସ୍ତବିକ ପରମ ଶାନ୍ତିଦାୟକ ଅମୃତପଦ ଆଡ଼କୁ ନେଇଯାଇ ପାରିବ। ମାତା ସିଦ୍ଧିଦାତ୍ରୀ ଙ୍କୁ ଆରାଧନା ନିମନ୍ତେ ନିମ୍ନ ଲିଖିତ ମନ୍ତ୍ର ସ୍ତୋତ୍ର ଓ କବଚ ପାଠ କରାଯାଏ –

ସିଦ୍ଧଗନ୍ଧର୍ବୟକ୍ଷାଦ୍ୟୈରସୁରୈରମରୈରପି ।
ସେବ୍ୟମାନା ସଦା ଭୂୟାତ୍ ସିଦ୍ଧିଦା ସିଦ୍ଧିଦାୟିନୀ ॥

॥ ଧ୍ୟାନମ୍ ॥
ବନ୍ଦେ ବାଞ୍ଛିତମନୋରଥାର୍ଥଂ ଚନ୍ଦ୍ରାର୍ଧକୃତଶେଖରାମ୍ ।
କମଳସ୍ଥିତାଂ ଚତୁର୍ଭୁଜାଂ ସିଦ୍ଧିଦାଂ ୟଶସ୍ୱନୀମ୍ ॥
ସ୍ୱର୍ଣବର୍ଣନିର୍ବାଣଚକ୍ରସ୍ଥିତାଂ ନବମଦୁର୍ଗାଂ ତ୍ରିନେତ୍ରାମ୍ ।
ଶଙ୍ଖଚକ୍ରଗଦା ପଦ୍ମଧରାଂ ସିଦ୍ଧିଦାତ୍ରୀଂ ଭଜେଽହମ୍ ॥
ପଟାମ୍ବରପରିଧାନାଂ ସୁହାସ୍ୟାଂ ନାନାଳଙ୍କାରଭୂଷିତାମ୍ ।
ମଞ୍ଜୀରହାରକେୟୂରକିଙ୍କିଣୀରତ୍ନକଣ୍ଡଲମଣ୍ଡିତାମ୍ ॥
ପ୍ରଫୁଲ୍ଲବଦନାଂ ପଲ୍ଲବାଧରାଂ କାନ୍ତକପୋଲାଂ ପୀନପୟୋଧରାମ୍।
କମନୀୟାଂ ଲାବଣ୍ୟାଂ କ୍ଷୀଣକଟିଂ ନିମ୍ନନାଭିଂ ନିତମ୍ବନୀମ୍ ॥

॥ ସ୍ତୋତ୍ରମ୍ ॥
କଞ୍ଚନାଭାଂ ଶଙ୍ଖଚକ୍ରଗଦାଧରାଂ ମୁକୁଟୋଜ୍ଜ୍ୱଲାମ୍ ।
ସ୍ମେରମୁଖି ଶିବପତ୍ନି ସିଦ୍ଧିଦାତ୍ରି ନମୋଽସ୍ତୁ ତେ ॥
ପଟାମ୍ବରପରିଧାନାଂ ନାନାଳଙ୍କାରଭୂଷିତାମ୍ ।
ନଳିନସ୍ଥିତା ନଳିନାକ୍ଷୀ ସିଦ୍ଧିଦାତ୍ରୀ ନମୋଽସ୍ତୁ ତେ ॥
ପରମାନନ୍ଦମୟୀ ଦେବୀ ପରବ୍ରହ୍ମ ପରମାତ୍ମା ।
ପରମଶକ୍ତି ପରମଭକ୍ତି ସିଦ୍ଧିଦାତ୍ରୀ ନମୋଽସ୍ତୁ ତେ ॥
ବିଶ୍ୱକର୍ତ୍ରୀ ବିଶ୍ୱଭର୍ତ୍ରୀ ବିଶ୍ୱହର୍ତ୍ରୀ ବିଶ୍ୱପ୍ରୀତା ।
ବିଶ୍ୱାର୍ଚିତା ବିଶ୍ୱାତୀତା ସିଦ୍ଧିଦାତ୍ରୀ ନମୋଽସ୍ତୁ ତେ ॥

ISSN NO.
2582-208X

ଭୁକ୍ତିମୁକ୍ତିକାରଣୀ ଭକ୍ତକଷ୍ଟନିବାରିଣୀ ।
ଭବସାଗରତାରିଣୀ ସିଦ୍ଧିଦାତ୍ରୀ ନମୋଽସ୍ତୁ ତେ ॥
ଧର୍ମାର୍ଥକାମପ୍ରଦାୟିନୀ ମହାମୋହବିନାଶିନୀ ।
ମୋକ୍ଷଦାୟିନୀ ସିଦ୍ଧିଦାତ୍ରୀ ଋଦ୍ଧିଦାତ୍ରୀ ନମୋଽସ୍ତୁ ତେ ॥

॥ କବଚମ୍ ॥
ଓଙ୍କାରଃ ପାତୁ ଶୀର୍ଷେ ମାଂ, ଐଂ ବୀଜଂ ମାଂ ହୃଦୟେ ।
ହ୍ରୀଂ ବୀଜଂ ସଦା ପାତୁ ନଭୋ ଗୃହୋ ଚ ପାଦୟୋଃ ॥
ଲଲାଟକର୍ଣୌ ଶ୍ରୀଂ ବୀଜଂ ପାତୁ କ୍ଲୀଂ ବୀଜଂ ମାଂ ନେତ୍ରଘ୍ରାଣୌ ।
କପୋଲଚିବୁକୌ ହସୌଃ ପାତୁ ଜଗତ୍ପ୍ରସୂତ୍ୟୈ ମାଂ ସର୍ବବଦନ ।

କାନନ ବାଳା ନାୟକ
ଅତିରିକ୍ତ କମିଶନର(ଅପିଲ୍)
ପୁରୀ ଚକଲ୍, ପୁରୀ
୯୪୩୮୧୪୬୨୦୦

ISSN NO.
2582-208X

# ଧରମା



ସୁନନ୍ଦା ମହାନ୍ତ

ଧରମା ଏକ ଉତ୍ସର୍ଗୀକୃତ ନାଁ
ବାରଶ ବଢ଼େଇରେ ଦାୟୀ
ନା ପୁତ୍ର ପୌତ୍ରାଦିରେ ସ୍ଥାୟୀ
ଏ ପ୍ରଶ୍ନ କେବଳ ବିଶୁମହାରଣା ପାଇଁ
ଧରମା ଏକ ବାରବର୍ଷର ବାଳକ
ବାପାଙ୍କୁ ଦେଖିବା ଆଶାରେ ମୁଣ୍ଡିମାରିଲା କୋଣାର୍କ
ଏକଣ ସତ ନା ଜନଶ୍ରୁତି
ଆଜି ବି ଜଗାଏ ଜାଗୃତି କିମିଆଁ
ମହୀକୁ ଆସନ୍ତି ଫେରନ୍ତି ଜନ୍ମରୁ ଜୁଇ
କର୍ମ ପାଇଁ ହାଇଁ ପାଇଁ ଭିତରେ ବାଳକ ଧରମା
ଆଜି ବଞ୍ଚିଛି ପ୍ରତ୍ୟେକଙ୍କ ଅନ୍ତର ତଳେ
କର୍ମରେ ପୁଣ୍ୟର ଅମୃତ ଢାଳେ
ଯିଏ ଯାହା ଭାଗ୍ୟ କପାଳେ
କର୍ମର ଦ୍ୱାହିରେ ଜନ୍ମି ପୁଣ୍ୟ ସକାଳେ
ଇତିହାସ ରଚିବାକୁ ଗଲା ଯାହା
ନେଇ ନିଜ ନାଆଁ ଗାଁ ଠିକଣା
ଦେଇଗଲା କୋଟି ପ୍ରାଣବିନ୍ଦୁ ତୀରେ
ଜନ୍ମମାନସରେ ଆଦୃତି ଅଦୃଷ୍ଟର ନିଆଁ ଧୂଆଁଧାରେ
କଥା ଗାଥା ଦୁଇଦିନିଆଁ

ସାକ୍ଷୀଗୋପାଳ, ପୁରୀ/9040977327

ISSN NO.
2582-208X

# କେମିତି ଲେଖିବି କବିତା



ସୁରନ୍ଦୀ ପ୍ରଧାନ

କେମିତି ଲେଖିବି କବିତାଟିଏ ମୁଁ
ମନେ ମନେ ଭାବୁଅଛି
ଦୁଃଖ ଲେଖିବି ନା ସୁଖ ମୁଁ ଲେଖିବି
ମରମରେ ଯାହା ଅଛି ।।

ଭାଗ୍ୟ ଡୋରେ ଲେଖା ଜୀବନ ଗଣିତ
ଅବୁଝା ରେ ରହିଯାଏ
କଷିବାକୁ ଭିଡ଼ ସଂସାରର ନିଡ
ହାତ ଟା ଅଟକି ଯାଏ ।।

ଚକା ଭଉଁରୀରେ ସମୟ ଖେଳୁଛି
ନଜରର ଆଢୁଆଳେ
ଅବଶ ନେଲାଣି ଏ ଶରୀର ରଥ
ଲେଖା ଯା ଅଛି କପାଳେ ।।

ଅସୁସ୍ଥ ହୋଇଲେ ଦେହ ଆଉ ମନ
ଭଲ ଲାଗେ ନାହିଁ କିଛି
କେମିତି ଲେଖିବି କବିତା ଟିଏ ମୁଁ
ମନେ ମନେ ଭାବୁ ଅଛି ।।

କୁସୁପୁର, ଗୋପ,ପୁରୀ-752110
ସମ୍ପର୍କ-7008260516

ISSN NO.
2582-208X

# ବିଶ୍ୱାସ ବଡ଼ ନା ରକତ ବଡ଼



ବିନୋଦିନୀ ଦାଶ

ମୋତେ ଯଦି କେହି କେବେ ପଚାରଇ
ବିଶ୍ୱାସ ବଡ଼ ନା ରକତ ବଡ଼
ଉତ୍ତର କେବଳ ତାହାକୁ ମିଳିବ
ବିଶ୍ୱାସ ଜିତଇ ହୃଦୟ ଗଡ଼ ।

ରକତ ଦିନେବି ଠକି ଦେଇପାରେ
ନିଜର ସ୍ୱାର୍ଥକୁ ଆଗରେ ରଖି
ମାତ୍ର ଏ ବିଶ୍ୱାସ ମନ ପରିଧିକୁ
ରଖଇ ସର୍ବଦା ଚନ୍ଦନ ମାଖି ।

ରକ୍ତ ପାଇଁ ରକ୍ତ ଜନମୁ ମରଣ
ମିଛ ମରୀଚିକା ପଛରେ ଧାଏଁ
ମାତ୍ର ବିଶ୍ୱାସଟା ସତ୍ୟ ଚିରନ୍ତନ
ସୁଧାଝର ହୋଇ ହୃଦୟ ଛୁଏଁ ।

ISSN NO.
2582-208X

ହୃଦୟ-ପ୍ରାଚୀର କରି ଧୂଳିସାତ୍
ରକତ ଖେଳାଏ ଚକା ଭଉଁରୀ
ମାତର ବିଶ୍ୱାସ ଦେଇ ପାରିଥାଏ
ସମ୍ପର୍କର ରାଜମହଲ ତୋଳି ।

ପର କଲେ ରକ୍ତ ମନ ସିନା କାନ୍ଦେ
ଆଶିଷର ଝର ହୁଅଇ ଶୁଷ୍କ
ବିଶ୍ୱାସ ସାଥିରେ ସଦା ହସିଖେଳି
ଲଭିଥାଏ ଆତ୍ମା ଅତି ସନ୍ତୋଷ ।

ରକତ ଛିଣ୍ଡାଇ ବିଶ୍ୱାସର ଗଣ୍ଠି
ଲହୁସମ ଲୁହ ଥାଏ ଝରାଇ
ମାତ୍ର କା' ବିଶ୍ୱାସ ବିଶ୍ୱାସୀ ପାଖରେ
ସରବଦା ମଜଭୂତ ରହଇ ।

ରକତ ହରାଇ ମଣିଷ ପଣିଆ
ସମାଜ ଚକ୍ଷୁରେ ହୀନଗଣନ
କୋଳେଇ ନିଃସ୍ୱାର୍ଥ ପ୍ରେମରେ ବିଶ୍ୱାସ
ରକତଠୁ ବଡ଼ ଚିହ୍ନଟ ଜାଣ ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ପୁନରାବୃତ୍ତି



ଡକ୍ଟର ମଧୁସ୍ମିତା ମିଶ୍ର

କଲିଁଗ ବେଲ ଘନ ଘନ ବାଜିବା ଶୁଣି ପ୍ରେରଣା ବାଧ୍ୟ ହେଇ ଯାଇ ଦଣ୍ଡ ଦୁଆର ରେ ଥିବେ କି ହୋଲ ରେ ଦେଖିଲେ । କବାଟ ଫିଟାଇବା ପରେ ଧନଜିତ୍ ନଇଁ ପଡି ତାଙ୍କ ଗୋଡ ଛୁଇଁ ମୁଣ୍ଡିଆ ମାରିଲା ସାର୍ ତ ନାହାନ୍ତି, ତୁମେ ଦୁଇ ଦିନ ପରେ ଆସିବ, ପ୍ରେରଣା ଆଉ କଣ କହିବାକୁ ଯାଉଥିଲେ,

ଧନଜିତ୍ - ମ୍ୟାଡାମ୍, ଆରେ ସାର୍ ନ ଥାନ୍ତୁ ଆପଣ ତ ଅଛନ୍ତି, ଆଉ କଣ, ଆପଣ ଝିଅ ରିମା ବାହାଘର କଲେ ଅଥଚ ମୋତେ ଭୁଲିଗଲେ । ଏତିକି କହି ସେ ପଶି ଆସି ଡ୍ରଇଂ ରୁମ୍ ସୋଫା ରେ ଆସନ ଜମାଇ ବସିଗଲା, ତା ବ୍ୟାଗ ପ୍ୟାକ୍ ରୁ କାଢି ପ୍ୟାକେଟ୍ ଟିଏ ବଢାଇଲା । ଏଇଟା ନିମାପଡ଼ା ର ଆମ ନିଜ ଦାଦା ଙ୍କ ଦୋକାନ, ଛେନା ଝିଲି ।

ପ୍ରେରଣା -ଆରେ ଆମର ତ ସୁଗାର ଯୋଗୁଁ ଆମ ଘରେ କେହି ମିଠା ଖାଉନୁ ।

ଧନଜିତ୍ – ସାର ବହୁତ ଭଲ ପାଆନ୍ତି ସେଥିପାଇଁ ଆଣିଥିଲି ।

ପ୍ରେରଣା – ହଉ ତୁମେ ବସ, ମୁଁ ତୁମ ପାଇଁ ଚା କରି ଆଣୁଛି, ଘର ଭିତରକୁ ଆସି ପ୍ରେରଣା ଲିଲି କୁ କହିଲେ ତୁ ପରିବା କଟା ଛାଡି ଆଗ କପେ ଚା କଲୁ।

ISSN NO.
2582-208X

କାହିଁକି କେଜାଣି ପ୍ରେରଣା ଙ୍କୁ ଏହି ଧନଜିତ୍ ପିଲାଟାକୁ ମୋଟ ଉପରେ ଭଲ ଲାଗେନି । ଶ୍ରୀକାନ୍ତ କହନ୍ତି ପିଲାଟା ଗାଉଁଲିଆ ହେଲେ କଣ ହେବ ଭାରି ସରଳ। କିନ୍ତୁ ପ୍ରେରଣା ଙ୍କୁ ଲାଗେ, ପିଲାଟା ସରଳ ଦେଖାଯାଉଥିଲେ ବି ପୁରା ଟାଉଟର, କିନ୍ତୁ ସେ ଶ୍ରୀକାନ୍ତ ଙ୍କୁ କିଛି କୁହନ୍ତି ନି । ସେଦିନ ଚା ଦେଉ ଦେଉ ପ୍ରେରଣା ଝୁଣ୍ଟି ପଡ଼ିଥାନ୍ତେ, ଯାହାହେଉ ଧନଜିତ୍ ଦଉଡି ଆସି ଧରିଦେଲା ।

ଧନଜିତ୍ - ମ୍ୟାଡାମ୍, ଲବି ରୁ ଡ୍ରଇଂ କୁ ଆସିଲା ବେଳକୁ ଏଠି କାହିଁକି ଏଡେ ବଡ ଫାଙ୍କା ଚଟାଣ ରଖିଛନ୍ତି, ଯିଏ ହେଲେ ଝୁଣ୍ଟି ପଡିବ ।

ପ୍ରେରଣା – ଆରେ ଏହି ଘରଟା କଲାବେଳେ, ସେ ବିଲଡର ଟା ମୋଟ ଉପରେ ଆମ କଥା ଶୁଣିଲାନି, କଣ ଆଉ କରିବୁ । ଦୁଇ ଦିନ ପରେ ଦିନେ ସକାଳୁ ସକାଳୁ ଧନଜିତ୍ ଗୋଟିଏ ଲୋକ କୁ ଧରି ଆସି ପହଞ୍ଚି ଗଲା । ଶ୍ରୀକାନ୍ତ ଘରେ ଥିଲେ, ସାର୍, ଇଏ ହେଲେ ମୋ ଦାମୁ କକା । ସେ ଆଜି ମାପ ନେଇ ଯିବେ ଆର ସପ୍ତାହ ରେ ଆଣି ଫାଙ୍କା ଜାଗା ଟା ଫିଲ ଅପ କରିଦେବେ ।

ଶ୍ରୀକାନ୍ତ ସବୁ ଶୁଣି ପ୍ରେରଣା ଙ୍କୁ କହିଲେ, ହଉ ଠିକ୍ ଅଛି ଯେ ହେଲେ କଣ ଆଉ ଟାଇଲ ନା ମାର୍ବଲ ଆଣି ଫିଲ ଅପ କରିବା ?

ନାଇଁ ସାର, ମାପ ଅନୁଯାଇ କକା ପ୍ଲାଇ ରେ ତିଆରି କରି ଆଣି ଲଗାଇ ଦେବେ ।

ସେ ଯାହା ହେଉ ନା କାହିଁକି କାମ ଟା ସୁରୁଖୁର ରେ ହେଇଗଲା । ତାପର ଠାରୁ ଧନଜିତ୍ ବେଳ ଅବେଳ ରେ ଆସେ ଆଉ ଚା ଜଳଖିଆ ଖାଇ ଯାଏ । ପୁଅ ସୁବୁ ର ବାହାଘର ବେଳେ ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ରେ ଅଧ୍ୟାପକ ଭାବରେ ଯୋଗ ଦେଇ ସାରିଥିଲା, ତେଣୁ ଆସି ପାରି ନ ଥିଲା । ପ୍ରାୟ ମାସେ ପରେ ଧନଜିତ୍ ଆସିଥିଲା, କହିଲା, ମ୍ୟାଡାମ୍, ଆପଣ ମୋତେ ଭାଇ ବାହାଘର ହେଲା, ସାର୍ଟ ପ୍ୟାଣ୍ଟ ଦେବେନି କି ? ହଁ ମୁଁ ଏମିତି ସେମିତି ଜିନିଷ ନେବିନି ମୋତେ ବ୍ରାଣ୍ଡେଡ ସାର୍ଟ ପ୍ୟାଣ୍ଟ ଦେବେ ।

ISSN NO.
2582-208X

ଶ୍ରୀକାନ୍ତ ପ୍ରେରଣା ଙ୍କୁ କହିଲେ, ହଉ ପିଲାଟା ମାଗୁଛି ଯଦି କିଛି ଅଛି ଦେଇ ଦିଅ। ପ୍ରେରଣା ଆଲମାରୀ ଖୋଜୁ ଖୋଜୁ ଦୁଇ ଟି ସେଟ ବ୍ରାଣ୍ଡେଡ ସାର୍ଟ ପ୍ୟାଣ୍ଟ ପାଇଲେ ସେଥିରୁ ଗୋଟିଏ ସେଟ ନେଇ ଧନଜିତ୍ କୁ ଦେଲେ । ମନରେ ଭାବିଲେ ଯେ ଯାହାହେଉ ତା ମାପ ର ଥିଲା। ଉପରେ କିଛି ନ କହିଲେ ବି ଭାବି ହେଉଥିଲେ, କି ମାଗିଖିଆ ପିଲାଟେ କେଜାଣି, ଯେତେବେଳେ ଆସିବ କିଛି ନା କିଛି ମାଗିବ । ଏହି କଥା ଯଦି କେବେ ପ୍ରେରଣା କହନ୍ତି, ଶ୍ରୀକାନ୍ତ ହସି ହସି କଥା ଟା ଉଡେଇ ଦିଅନ୍ତି କୁହନ୍ତି, ଓହୋ ଗରିବ, ସରଳ ପିଲାଟା, ସେ ଅଧିକାର ରେ ମାଗି ଦେଉଛି, ତୁମେ ଏଥିରେ ଏତେ ଖରାପ ଭାବୁଛ କାହିଁକି ?

ଆଉ ଥରେ ଶ୍ରୀକାନ୍ତ ଛଅ ମାସ ପାଇଁ ବିଦେଶ ଗସ୍ତ ରେ ଯାଇଥିବାବେଳେ ଧନଜିତ୍ ଆସିଥିଲା, ତାକୁ କହିବାରୁ ତା ଗାଁ ର ଗୋଟିଏ ଡ୍ରାଇଭର କମଳ କୁ ଆଣି ରଖାଇ ଦେଇଥିଲା ଯେ ଗଲା ସାତ ବର୍ଷ ହେଲା ସେ ରହିଛି । ଏହା ଭିତରେ ଅନେକ ବର୍ଷ ବିତି ଯାଇଛି ଆଉ ଆସୁନି ଧନଜିତ୍ । ହଁ ଯଦିଓ ଶ୍ରୀକାନ୍ତ ଙ୍କର ଧନଜିତ୍ ସହ ପର୍ବ ପର୍ବାଣୀ, ସ୍ୱାଧୀନତା ଦିବସ ଏବଂ ଗଣତନ୍ତ୍ର ଦିବସ ମାନଙ୍କରେ ଆପେକ୍ଷିକ ଭାବରେ ଶୁଭେଚ୍ଛା ଦେବା ନେବାର ପରମ୍ପରା ହ୍ୱାଟସ ଆପ ମାଧ୍ୟମ ରେ ଜାରି ରହିଥିଲା, ଶ୍ରୀକାନ୍ତ ଅବସର ଗ୍ରହଣ କରି ସାରିଥିଲେ। ସମୟ ଗଡିବା ସହ ସେମାନଙ୍କର ସମ୍ବନ୍ଧ ରେ ମଧ୍ୟ ଶିଥିଳତା ଆସି ଯାଇଥିଲା କହିଲେ ଚଳେ। ଆଉ ଆଗ ପରି ଧନଜିତ୍ କଣ ଆୱାର୍ଡ ପାଇଲେ ବା ତାର କିଛି ବହି ବାହାରିଲେ ଶ୍ରୀକାନ୍ତ ଶୁଭେଚ୍ଛା ଜଣାଇଲେ ବି ସେ ତାର ଉତ୍ତର ଦିଏନି । ସ୍ୱାମୀ ସ୍ତ୍ରୀ ଭାବୁଥିଲେ ସମୟ ସହ ସମସ୍ତେ ବଦଳନ୍ତି, ଆଉ ସେ ଗାଉଁଲିଆ, ସରଳ ପିଲାଟା ଏ କଳିଯୁଗରେ ବା କେମିତି ବା ବ୍ୟତିକ୍ରମ ହେବ ?

ଦିନେ ଦିପହର ଦିଟା ବେଳେ ହଠାତ୍ ଶ୍ରୀକାନ୍ତ ଙ୍କ ଗାଡି ଖରାପ ହେଇ ଯାଇଥିଲା ସ୍ୱାମୀ ସ୍ତ୍ରୀ ଦୁଇଜଣ କମ୍ପାନୀ କୁ ଫୋନ କରି ଗାଡି ଭଡା ରେ ନେବା ପାଇଁ ବୁକ କରିବାକୁ ବାଣୀବିହାର ଛକ ରେ ସ୍ତ୍ରୀ ପ୍ରେରଣା ଙ୍କ ସହ ଠିଆ ହେଇଥିଲେ। ଦୁହେଁ ଦେଖିଲେ ବିପରୀତ ଦିଗରେ ଧନଜିତ୍ ଗୋଟିଏ ଗାଡି ଚଳାଇ ଯାଉଛି । ସେ ଦୁହେଁ ତାକୁ ଦେଖି ହାତ ହଲାଇଲେ ସେ କିଛି ଉତ୍ତର ଦେଲାନି । ଟ୍ରାଫିକ୍ ଯୋଗୁଁ ବୁକ୍ କରିଥିବା ଗାଡି ଆସିବାରେ ଡେରି ହେଉଥିଲା। ପଛରୁ ଆସି କଳା ରଙ୍ଗର ଗାଡିଟିଏ ପାଖରେ ଅଟକିଥିଲା, ଧନଜିତ୍ ଆଗରୁ ବୁଲାଇ ଆସି ତାଙ୍କ ପାଖରେ ରହିଥିଲା ଭିତରୁ ଧନଜିତ୍ ଡାକିଲା । ଭଡା ଗାଡି

ISSN NO.
2582-208X

କ୍ୟାନସେଲ କରି ଶ୍ରୀକାନ୍ତ ଓ ପ୍ରେରଣା ତା ଗାଡି ରେ ଘର କୁ ଫେରିଥିଲେ । କଥାରେ କଥାରେ ଜଣା ପଡିଥିଲା ଯେ କିଛି ବର୍ଷ ତଳେ ସେ ଭଲ ପାଇ ବାହା ହେଇଥିଲା, ତାର ଦୁଇ ବର୍ଷ ର ଝିଅଟିଏ । ହେଲେ କିଛି ଭୁଲ ବୁଝାମଣା ହେତୁ ତା ସ୍ତ୍ରୀ ତାକୁ ଛାଡି ଚାଲିଯାଇଛି । ସବୁ ଶୁଣି ପ୍ରେରଣା କହିଥିଲେ, ବ୍ୟସ୍ତ ହେବାର କିଛି ନାହିଁ, ସମୟ ସବୁ ଠିକ୍ କରିଦେବ ।

ଶ୍ରୀକାନ୍ତ କହିଥିଲେ, ହଁ, ଆଜିକାଲି ଏପରି ଘଟଣା ଏକ ସାଧାରଣ କଥାହେଇଗଲାଣି । ତୁମେ ଛାଡପତ୍ର ନେଇ ଦ୍ୱିତୀୟ ବିବାହ କରିବ । ଧନଜିତ କେବଳ ଉଠିକି ଯିବା ଆଗରୁ ଏତିକି କହିଥିଲା, ସାର, ଏଥିରେ ମୋ ଝିଅ କୁନମୁନ ର କଣ ଦୋଷ ? ପ୍ରେରଣା କହିଥିଲେ କେବଳ ଆଖି ବନ୍ଦ କରି ଚିନ୍ତା କାର ତୁମ ସ୍ତ୍ରୀ ଓ ତୁମ ଝିଅ କୁନମୁନ ତୁମ ପାଖକୁ ଫେରି ଆସିଛନ୍ତି ।

ସେ ଗଲା ପରେ ସ୍ୱାମୀ ସ୍ତ୍ରୀ ଦୁଇଜଣ ଭାବୁଥିଲେ, ଜଣକୁ ଅତି ସହଜରେ ଭୁଲ ବୁଝି ହୁଏ, ଏହା ଏକ ସାଧାରଣ କଥା ବୋଲି ମଣିଷ ଭାବେ । କିନ୍ତୁ ଅନ୍ୟ ଜଣକ ବିଷୟରେ ମତାମତ ସ୍ଥିର କରିବା ଆଗରୁ ନିଜ କୁ ସେହି ଲୋକ ର ସ୍ଥାନରେ ରଖି ବିଚାର କରିବା କଥା ।

ଏମିତି ଦିନେ ସନ୍ଧ୍ୟା ବେଳେ ବସି ଚା ପିଉଥିଲେ ଶ୍ରୀକାନ୍ତ, ପ୍ରେରଣା । ମୋବାଇଲ ଟା ବାଜି ଉଠିଥିଲା। ପ୍ରେରଣା ହ୍ୟାଲୋ କହିଲା ବେଳକୁ ସେପଟୁ ଧନଜିତ୍ ର ସ୍ୱର ଭାସି ଆସୁଥିଲା, ମାଡାମ୍, ଆପଣ ଙ୍କ କଥା ସତ ହେଇଛି। ମାନସୀ ହଠାତ୍ ଆଜି ଏହି କିଛି ସମୟ ଆଗରୁ ଫୋନ କଲା ଆଉ କହିଲା ସେ ଝିଅ କୁ ନେଇ ଆସୁଛି । ଆପଣଙ୍କୁ ପ୍ରଥମେ ଏହି ଖବର ଟି ଜଣାଉଛି ।

ମାର୍ଫତ- ପ୍ରଫେସର ଶ୍ରୀନିବାସ ପାଠୀ
ମିଜୋରମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,
ଆଇଜଲ, ମିଜୋରମ
(M) 9437762732/madhu1691@gmail.com

ISSN NO.
2582-208X

# ସକାଳ ଓ ସ୍ୱପ୍ନ



ଡ. ପଲିମର ଦାଶ

ସକାଳର କଅଁଳିଆ ପବନରେ
ତୁମ ସାଥେ ଚାଲିବା
କେତେ କଥା ଅତୀତର ସାଉଁଟିବା
କଥା କଥାରେ ଅନେକ କଥା ।

ନିଦ ଭାଙ୍ଗିବା ସାଙ୍ଗେ
ଅନେକ ସ୍ମୃତି ଲିଭିଯାଏ ସକାଳର କଅଁଳିଆ ପବନରେ
ତୁମ ସାଥେ ଚାଲିବା
କେତେ କଥା ଅତୀତର ସାଉଁଟିବା
କଥା କଥାରେ ଅନେକ କଥା ।

ନିଦ ଭାଙ୍ଗିବା ସାଙ୍ଗେ
ଅନେକ ସ୍ମୃତି ଲିଭିଯାଏ
ଆକାଶର ତାରା ପରି
ପୁଣି ଆସେ,
ରାତ୍ରିର ଛାୟାତଳେ ଲୁଚିବାକୁ ।

ସତ୍ୟ ଅସତ୍ୟ ଭିତରେ ଖୋଜେ
ନିଜର ପ୍ରତିଛବି,

ISSN NO.
2582-208X

ସତ୍ୟ ସଦା ଦୁଃଖ ଦିଏ
ଅସତ୍ୟ ନାଚିଉଠେ
ବିଜୟର ବାନା ନେଇ ।୧

ଦର୍ପଣରେ ମୁହଁଟି
ସବୁ ସତ୍ୟ କହେ ହେଲେ
ଭଲ କଥାରେ ନିୟମ ନାଇଁ
ନିୟମ ତ ସଦା କଷ୍ଟ ଦେବାପାଇଁ ।
ଆକାଶର ତାରା ପରି
ପୁଣି ଆସେ,
ରାତ୍ରିର ଛାୟାତଳେ ଲୁଚିବାକୁ ।୨

ସତ୍ୟ ଅସତ୍ୟ ଭିତରେ ଖୋଜେ
ନିଜର ପ୍ରତିଛବି,
ସତ୍ୟ ସଦା ଦୁଃଖ ଦିଏ
ଅସତ୍ୟ ନାଚିଉଠେ
ବିଜୟର ବାନା ନେଇ ।୩୪

ଦର୍ପଣରେ ମୁହଁଟି
ସବୁ ସତ୍ୟ କହେ ହେଲେ
ଭଲ କଥାରେ ନିୟମ ନାଇଁ
ନିୟମ ତ ସଦା କଷ୍ଟ ଦେବାପାଇଁ ।୪

ଝାରସୁଗୁଡ଼ା

ISSN NO.
2582-208X

# ପ୍ରତିଧ୍ୱନି କହେ ତୁମେ... ତୁମେ...



ଡଃ ତାନଶ୍ରୀ ପାଣିଗ୍ରାହୀ

ପ୍ରୀତିରେ ହଜାଇ ଲୁହରେ ଭିଜାଇ
ରହିପାରିବ କି କେବେ...
ଅମାନିଆ ଏହି ମନ ଗହନକୁ
ପଚାରି ବୁଝେ ମୁଁ ଯେବେ...

କଥା ଦେଇଅଛ ଏ ଜୀବନ ପାଇଁ
ଚାଲିଥିବା ସାଥୀ ହୋଇ
ଯେତେ ଆସୁ ଝଡ଼ ଝଞ୍ଜା ଏ ଜୀବନେ
ଛାଡି ପାରିବାକି ରହି...

କେତେ ଅମା ରାତି ଆସିଛି ଜୀବନେ
ଦୂରେଇନ କେବେ ସାଥୀ
ପୁନେଇଁ ଜହ୍ନକୁ ଡାକି ଆଣି ତୁମେ
ଜୋଛନା ଦେଇଛ ମାଖି...

ମୋ ହୃଦୟ ଭାଷା ବୁଝିପାର ତୁମେ
ପୋଛିଦେଇ ଆଖି ଲୁହ

ISSN NO.
2582-208X

ତୁମକୁ ଛାଡିମୁଁ ବଞ୍ଚି ପାରିବିନି
ମନରେ ଅକୁହା କୋହ...

ଆମରି ବିରହେ ଝାଉଁଳି ଗଲେଣି
କେତେ ଗଛ କେତେ ଲତା
ସମୟ ସାଜିଛି ନିଷ୍ଠୁର ନିଦାଘ
ଦେଉଛି ଅଶେଷ ବ୍ୟଥା...

ଭାଗ୍ୟକୁ ଆଦରି ଜୀବନେ ଚାଲିବା
ହାରିଯିବା ନାହିଁ ଆମେ
ପଚାରେ ନିଜକୁ କାହା ପ୍ରେମ ବେଶୀ
ପ୍ରତିଧ୍ୱନି କହେ ତୁମେ...॥

ବାଲେଶ୍ୱର
ମୋ: 9337304295

ISSN NO.
2582-208X

# ବିଶ୍ୱ ମଙ୍ଗଳମୟୀ



ବେଣୁଧର ସୂତାର

ଆହା କି ମାଧୁର୍ଯ୍ୟ ବର୍ଣ୍ଣାଢ଼୍ୟ ସୁଷମା
ରୂପସୀ ଜୋଛନା ତୋଳେ
ତୁଷାର ଧବଳ ଫୁଲ୍ଲ ଉତ୍ତାଳ
ଏପୁଣ୍ୟ ଧରିତ୍ରୀ କୋଳେ ।।

ଶୁଭ୍ର ଶାରଦୀୟ ସ୍ନିଗ୍ଧ ସମ୍ଭାରେ
ସ୍ୱପ୍ନିଳ ଶୃଙ୍ଗାର ଘେନି
ପାର୍ବଣର ଏଇ ପବିତ୍ର ଲଗନେ
ତୋଳେ ପୂତ ଆବାହନୀ ।।

ଗଙ୍ଗଶିଉଳିର ମଧୁର ମହକେ
ମଧୁମୟ ପରିବେଶ
ପ୍ରାଣ ସଞ୍ଚାରୀ ପ୍ରଭଞ୍ଜନ ତାଳେ
ଚାମର ଡୋଳୁଛି କାଶ ।।

ତରୁ ଲତା ଅଙ୍ଗେ ତରୁଣ ବରଷା
ଅମୃତର ମଧୁ ଝର
କାଶତଣ୍ଡି ଗଣ୍ଡ ମଣ୍ଡିତ ହସରେ
ନୈସର୍ଗିକ ଉପଚାର ।।

ISSN NO.
2582-208X

କଅଁଳ କଳିର ଖିଲି ଖିଲି ହସେ
ମୁକୁତା ପଡଇ ଖସି
ଶ୍ୟାମଳ କ୍ଷେତରେ ତରଳ ତୃପ୍ତିର
ତାରୁଣ୍ୟର ତାରକସି ।।

ଶାନ୍ତ ମେଦିନୀ ଜୋଛନା ଯାମିନୀ
ପୀୟୂଷର ମଧୁ ଝର
ଝରା ଶିଶିରର ଦିବ୍ୟ ମନୋହର
ଶାରଦୀୟ ଅଭିସାର ।।

ଧରା ପ୍ରକୃତିର ମଧୁର ଶୃଙ୍ଗାର
ରୂପର ତରଙ୍ଗ ମାଳା
ପ୍ରକୃତି ରଚିଛି ପାର୍ବଣ ତିଥିରେ
ପ୍ରୀତି ମୟ ଚାରୁକଳା ।।

ଭାବର ଡୋରିରେ ଗୁନ୍ଥିଛିସରାଗେ
ଭକତି କୁସୁମ କଳି
ଆସମାଆ ଆସ ମମତାମୟୀଗୋ
ଅଭୟ ଚରଣ ଚାଳି ।।

ହଜିତ ଗଲାଣି ଧୂଳି ସରଗରୁ
ଶାନ୍ତି ପ୍ରୀତି ମୈତ୍ରୀ ଡୋରି
ଜନ୍ମନେଇଛନ୍ତି କେତେଯେ ମହିଷା
ଭଳି ପାପୀ ଦୁରାଚାରୀ ।।

ସତେକି ଜନନୀ ତ୍ରୀଶୂଳ ତୋହର
ଗରଜି ଉଠିବ ପୁଣି

ISSN NO.
2582-208X

ଖଣ୍ଡା ଖର୍ପରେ ଦୁଷ୍ଟ ଦନୁଜେ
ଦୁର୍ବାରେ ଯିବୁଗୋ ହାଣି ।।

ତୁମରି ଆଶିଷେ ଏଧରା ବକ୍ଷରୁ
ଦୁର ହେଉ ପାପାଚାର
ଅଧର୍ମ ବିନାଶେ ଚିରଜାଜ୍ଜ୍ୱଲ୍ୟ ତୋ
ଶାଣିତ ଖଡ୍ଗ ଧାର ।।

ପରମକଲ୍ୟାଣୀ ମାଆ ନାରାୟଣୀ
ଏବିଶ୍ୱ ମଙ୍ଗଳମୟୀ
ଅବତରୀ ଆସ ଏଧରା ଧାମକୁ
ଅଧର୍ମ ବିନାଶ ପାଇଁ ।।

ଆଶିଷମୟୀ ଗୋ
ମାଆ ସୁରେଶ୍ୱରୀ
ଚିର ଇପ୍ସିତ ତୋ କୃପା
ତ୍ରିପୁର ମୋହିନୀ ତ୍ରିତାପ ନାଶିନୀ
ନମୋ ନମୋ ବିଶ୍ୱ ରୂପା ।।

କେଶଦୁର୍ଗପାଳ କେନ୍ଦୁଝର
ଦୂରଭାଷ-୯୧୭୮୫୬୮୨୪୬

ISSN NO.
2582-208X

# ରତ୍ନାକର ଚଇନିଙ୍କ ଉପନ୍ୟାସ: ଏକ ଅନୁଶୀଳନି



ଡକ୍ଟର ବିକ୍ରମ ବେହେରା

ଉପନ୍ୟାସ ଆଧୁନିକ ଯୁଗର ଏକ ବିଶିଷ୍ଟ ସାରସ୍ୱତ କଳା । ଆଧୁନିକ ମାନବ ଜୀବନ ସହିତ ଏହାର ନିବିଡ ସମ୍ପର୍କ ରହିଛି । କାରଣ ଏହା ବାସ୍ତବ ଓ ପୂର୍ଣ୍ଣାଙ୍ଗ ଜୀବନର ଏକ ଗଦ୍ୟ କାହାଣୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ସମାଜର ରୀତିନୀତି ଏବଂ ଆଚାର ବ୍ୟବହାର ପ୍ରକାଶ କରିବା ସଙ୍ଗେ ସଙ୍ଗେ କଳାତ୍ମକ ଭଙ୍ଗୀରେ ଲୋକ ଚରିତ୍ରର ପରିପ୍ରକାଶ କରିଥାଏ । ଯେଉଁ କଥାକାରଙ୍କର ଲୋକ ଜୀବନ ସମ୍ପର୍କୀୟ ଧାରଣା ଯେତେ ସୂକ୍ଷ୍ମ, ତାଙ୍କ ରଚନା ସେତେ ବାସ୍ତବ ରୂପକୁ ପରିପ୍ରକାଶ କରିବାରେ ସକ୍ଷମ ।

ଇଂରାଜୀ ଶବ୍ଦ Novel କୁ ଉପନ୍ୟାସର ପ୍ରତିଶବ୍ଦ ଭାବରେ ଗ୍ରହଣ କରାଯାଏ । ଏହି Novel ଶବ୍ଦଟି ଏକ ଇଟାଲୀୟ ଶବ୍ଦ Novella ର ଇଂରଜୀ ରୂପାନ୍ତର । 'ପୂର୍ଣ୍ଣଚନ୍ଦ୍ର ଭାଷା କୋଷ' ରେ ଉପନ୍ୟାସର ଅର୍ଥ କରାଯାଇଛି କଳ୍ପିତ ବୃତ୍ତାନ୍ତ ବା ଉପକଥା।

ଉପନ୍ୟାସ ର ନିର୍ଦ୍ଦିଷ୍ଟ ସ୍ୱରୂପ ନିର୍ଦ୍ଧାରଣ କରିବା ସହଜସାଧ୍ୟ ନୁହେଁ । ଉପନ୍ୟାସ ଏପରି ଏକ କଳା, ଯେଉଥିରେ ମଣିଷ ପ୍ରକୃତିର ଟିକିନିଖି ବର୍ଣ୍ଣନା ଥାଏ । ସୁଖ ସମୃଦ୍ଧିର ବିଭିନ୍ନ ଦିଗ, ଜ୍ଞାନ, ଦର୍ଶନ ଓ ହାସ ପରିହାସର ଜୀବନ ଚିତ୍ର, ସହଜ ସ୍ୱଚ୍ଛନ୍ଦ ଭାଷାରେ ସମଗ୍ର ପୃଥିବୀକୁ ଜଣାଇ ଦିଏ । ଫଳତଃ ମାନବ ଅନ୍ତରର ସଫଳତା, ସତ୍ୟତା ପ୍ରକାଶ କରିବାରେ ଓ ସମାଜ ଗଠନ କରିବାରେ ଏହା ସହାୟକ ହୋଇଥାଏ ।

ISSN NO.
2582-208X

ଉପନ୍ୟାସ ଆଧୁନିକ କାଳରେ ଏକ ସାହିତ୍ୟ ଶିଳ୍ପ । ପାଶ୍ଚାତ୍ୟ ସାହିତ୍ୟରେ ସର୍ବ ପ୍ରଥମେ ଅଷ୍ଟାଦଶ ଶତାବ୍ଦୀରେ ଆଧୁନିକ ଉପନ୍ୟାସର ପ୍ରତିଷ୍ଠା ହେଲା । ୧୭୪୦ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ରିଚାର୍ଡସନଙ୍କ ଉପନ୍ୟାସ 'ପାମେଲା' ଇଂରାଜୀ ସାହିତ୍ୟର ସର୍ବ ପ୍ରଥମ ଉପନ୍ୟାସ ।

ଊନବିଂଶ ଶତାବ୍ଦୀରେ ଭାରତୀୟ ସାହିତ୍ୟରେ ଉପନ୍ୟାସର ଜନ୍ମ । ବଙ୍ଗଳା ସାହିତ୍ୟରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ "ଦୁର୍ଗେଶ ନନ୍ଦିନୀ" (୧୮୬୫) କୁ ପ୍ରଥମ ଐତିହାସିକ ଉପନ୍ୟାସ ଭାବେ ଗ୍ରହଣ କରାଯାଏ । ସେହିପରି ମରାଠୀ ସାହିତ୍ୟରେ ବାବା ପଦ୍ମନଜୀଙ୍କ ଉପନ୍ୟାସ 'ଯମୁନା ପର୍ଯ୍ୟଟନ' (୧୮୫୭) ଓ ମାଲାୟାଲମ୍ ସାହିତ୍ୟ ରେ ଅପ୍ପୁନି ଦୁଙ୍ଗଡିଙ୍କ ଉପନ୍ୟାସ 'କୁନ୍ଦୁଲତା'(୧୮୮୭) ଉପନ୍ୟାସ ରଚନା ପ୍ରଥମ ପ୍ରୟାସ ।

ଓଡିଆ ସାହିତ୍ୟରେ ଉପନ୍ୟାସ ସୃଷ୍ଟି ପୂର୍ବରୁ ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀରେ ବ୍ରଜନାଥ ବଡଜେନାଙ୍କ 'ଚତୁର ବିନୋଦ' ଓଡିଆ ଉପନ୍ୟାସର ଆଦ୍ୟାଭାସ ଦେଖିବାକୁ ମିଳେ । ଉମେଶଚନ୍ଦ୍ର ସରକାରଙ୍କ 'ପଦ୍ମମାଳୀ' (୧୮୮୮) ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଥିଲା । ଏହା ଥିଲା ଏକ ସ୍ୱୟଂ ସମ୍ପୂର୍ଣ୍ଣ ପ୍ରଥମ ଓଡିଆ ଉପନ୍ୟାସ । ୧୮୯୮ ଖ୍ରୀଷ୍ଟାବ୍ଦରେ ରଚିତ ଗୋପାଳବଲ୍ଲଭ ଦାସ 'ଭୀମାଭୂୟାଁ' ପ୍ରକାଶିତ ହେଲା ୧୯୦୮ ଏବଂ ଏହା ପ୍ରଥମ ଆଦିବାସୀ ଉପନ୍ୟାସର ମାନ୍ୟତା ପାଇଲା ।

ଫକୀର ମୋହନ ସେନାପତି ଓଡିଆ ଉପନ୍ୟାସ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଓଡିଆ ଉପନ୍ୟାସର ଯେଉଁ ଭିତ୍ତି ସ୍ଥାପନ କଲେ ତାହା ସ୍ୱତନ୍ତ୍ର । ତାଙ୍କର ପ୍ରଥମ ଉପନ୍ୟାସର ଯେଉଁ ଭିତ୍ତି ସ୍ଥାପନ କଲେ ତାହା ସ୍ୱତନ୍ତ୍ର । ତାଙ୍କର ପ୍ରଥମ 'ଛ' ମାଣ ଆଠଗୁଣ୍ଠ' ଧାରାବାହିକ ଭାବରେ ୧୮୯୭ ଖ୍ରୀଷ୍ଟାବ୍ଦରୁ ଉତ୍କଳ ସାହିତ୍ୟ ପତ୍ରୀକାରେ ପ୍ରକାଶିତ ହୋଇ ୧୯୦୭ ଖ୍ରୀଷ୍ଟାବ୍ଦରେ ପୁସ୍ତକ ଆକାରରେ ପ୍ରକାଶିତ ହେଲା । ତାପରେ 'ଲଛମା' (୧୯୦୧), 'ମାମୁଁ'(୧୯୧୩) ଓ 'ପ୍ରାୟଶ୍ଚିତ'(୧୯୧୫) ରେ ଉପନ୍ୟାସ ତିନୋଟି ପ୍ରକାଶିତ ହୋଇଥିଲା।

ଓଡିଆ ଉପନ୍ୟାସରେ ଧାରାବାହିକତା ଓ ପରିବର୍ତ୍ତନଶୀଳତା ହାତ ଧରାଧରି ହୋଇ ଅନେକ ଦିନ ପରେ ଏଠାରେ ଉପନୀତ ହୋଇଛନ୍ତି । ସ୍ୱାଧିନତା ପ୍ରାପ୍ତି ପରେ ଭାରତୀୟ

ISSN NO.
2582-208X

ଜନଜୀବନରେ ଯେଉଁ ସ୍ୱପ୍ନ ଭଙ୍ଗ ଦେଖାଦେଇଛି ତାହା ମଧ୍ୟ ଉପନ୍ୟାସ ଭାବଧର୍ମକୁ ବହୁ ଦୃଷ୍ଟି କୋଣରୁ ପ୍ରଭାବିତ କରିଛି । ସାମ୍ପ୍ରତିକ ଦୁର୍ନୀତି, ଭ୍ରଷ୍ଟାଚାର, ଅନ୍ୟାୟ, ଶୋଷଣ, ହିଂସା, ବିଚ୍ଛିନ୍ନତା ବାଦ, ସାମ୍ପ୍ରଦାୟୀକତା ପ୍ରଭୃତି ସାହିତ୍ୟର ମନୋଭୂମିକୁ ଆଚ୍ଛନ୍ନ କରି ରଖିଛି । ତହିଁ ରେ ନାରୀ ଜିବନ ଚର୍ଯ୍ୟା, ସମସ୍ୟ ଆଦିକୁ ଔପନ୍ୟାସିକ ପ୍ରାଧାନ୍ୟ ଦେଇଛନ୍ତି । ବହୁ ବିଦ୍ୱାନ, ବିଦଗ୍ଧ, କଥାଶିଳ୍ପି ଗୋଟିଏ ପରେ ଗୋଟିଏ ଆସି ଏହି ଜଗତରେ ନିଜର କଳା ମଣ୍ଡନ କରିଛନ୍ତି । ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, କାହ୍ନୁଚରଣ ମହାନ୍ତି, ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଭୁତି ପଟ୍ଟନାୟକ ଆଦି ଉପନ୍ୟାସ ରଚନା କରୁଥିଲେ ହେଁ ଔପନ୍ୟାସିକ ରତ୍ନାକର ଚଇନି ଉପନ୍ୟାସ ରଚନାରୁ ବରତି ଲାଭକରି ନାଟକ ରଚନାରେ ମନୋନିବେଶ କରିଛନ୍ତି ।

ନିର୍ଦ୍ଦିଷ୍ଟ ଏକ ପୃଷ୍ଠଭୂମି ନ ଥାଇ ରଚନା କରିବା ଅସମ୍ଭବ । ଏକ ପରିକଳ୍ପିତ ପୃଷ୍ଠ ଆଧାରକରି ଲେଖକ ତାର ସୃଷ୍ଟି ସର୍ଜନା କରେ । ଏହି ଦଷ୍ଟିକୋଣରୁ ଔପନ୍ୟାସିକ ରତ୍ନାକର ଚଇନିଙ୍କର ପ୍ରତ୍ୟେକଟି ଉପନ୍ୟାସ ସମ୍ଭାର, ସଭ୍ୟତାର ଅଗ୍ରଗତି ସର୍ବତ୍ର ସମତାଳରେ ଘଟି ନାହିଁ । ସାହିତ୍ୟର ଆଧୁନିକତା ତେଣୁ ପୃଥିବୀର ସବୁଠି ଏକା ସାଙ୍ଗରେ ଆସି ନାହିଁ । ପାଶ୍ଚାତ୍ୟ ସାହିତ୍ୟରେ ଆଜି ଯାହା ଘଟୁଛି ଭାରତୀୟ ସାହିତ୍ୟରେ ତାହା ଆସିବ କିଛି ଦିନ ପରେ । ଏବଂ ଯାହା ଏବେ ସବୁ ଏଠାରେ ଘଟୁଛି ତାହା ବିଶ୍ୱ ସାହିତ୍ୟ ସ୍ତର ରେ ପହଞ୍ଚିବ  କିଛିଦିନ ପରେ । ଠିକ୍ ସେହିଭଳି ଓଡିଆ ଉପନ୍ୟାସ କ୍ଷେତ୍ରରେ ଦେଖାଦେଇଛି ନୂତନତା ।

### ଔପନ୍ୟାସିକ ରତ୍ନାକର ଚଇନିଙ୍କ ଜୀବନୀ ଓ ସାହିତ୍ୟକୃତି:

ପ୍ରାୟ ସବୁ ଘଟଣାରେ ଏକ ସାମୟିକ ମୂଲ୍ୟ ଥାଏ । ଏକ ନିର୍ଦ୍ଦିଷ୍ଟ ସମୟପରେ ସେ ଘଟଣା ହୋଇଯାଏ ଗଣତାନ୍ତ୍ରିକ । ମଣିଷର କୌଣସି ଗୋଟିଏ ଘଟଣା ଯେ ଜୀବନର ମହାସ୍ରୋତରୁ ବିଚ୍ଛିନ୍ନ ହୋଇଯିବ ତାହାର କୌଣସି ଠିକଣା ନାହିଁ । ବାସ୍ତବିକ ଔପନ୍ୟାସିକ ରତ୍ନାକର ଚଇନିଙ୍କ ଉପନ୍ୟାସ ମାନଙ୍କର ଅଧିକାଂଶ କଥାବସ୍ତୁ ଜୀବନର ଏଭଳି ଗୋଟିଏ ଗୋଟିଏ ଘଟଣାକୁ ତୋଳି ଆଧାରିତ । ଏହି ପରି ବାସ୍ତବାଶ୍ରୟୀ ଘଟଣାବଳିକୁ ତାଙ୍କର କଲମ ମୁନରେ ଧରି ତୋଳିଛନ୍ତି ।

ISSN NO.
2582-208X

ସମାଜର ନିମ୍ନ ବର୍ଗୀୟ, ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ ପରିବାରବର୍ଗର, ଅନୁଭୂତି ସମ୍ଭାର, ଅନୁଭୂତିର ଆନ୍ତରିକତା ସହ ନିଷ୍କପଟ ରଚନାଶୈଳୀ ପୁଣି ବାସ୍ତବ ଘଟଣା ଚରିତ୍ର ଓ ଅନୁଭୁତିର ସ୍ୱଚ୍ଛନ୍ଦ ରଚନାଶୈଳୀ ତାଙ୍କୁ ଏକ ସଫଳ ଔପନ୍ୟାସିକ ଭାବରେ ଗଢିତୋଳେ । ଛୋଟ ଛୋଟ ସଂଳାପ, ସରଳ ଶବ୍ଦ ଓ ଭାଷାର ସାରସ୍ୱତା କୁ ସେ ତାଙ୍କ ଉପନ୍ୟାସରେ ସାର୍ଥକ ରୂପ ଦେଇଛନ୍ତି ।

ଔପନ୍ୟାସିକ ରତ୍ନାକର ଚଇନି ଓଡିଆ ଉପନ୍ୟାସ କ୍ଷେତ୍ରରେ ଏକ ସୁପରିଚିତ ନାମ । ସ୍ୱାଧିନତା ପରବର୍ତ୍ତୀ କାଳରେ ବିଶେଷତଃ ୧୯୫୦ ପରବର୍ତ୍ତୀ କାଳର ଜଣେ ସାର୍ଥକ ଔପନ୍ୟାସିକ । ରତ୍ନାକର ଚଇନିଙ୍କୁ 'କଳଙ୍କିତ ସୂର୍ଯ୍ୟ' ପାଇଁ ଓଡିଆ ସାହିତ୍ୟ ଏକାଡେମୀ, ୧୯୭୭ ମସିହାରେ ପୁରସ୍କୃତ ଓ ସମ୍ମାନିତ କରିସାରିଛନ୍ତି । ସେ ଏକ ବିଶିଷ୍ଟ ନାଟ୍ୟକାର ଓ ସମାଲୋଚକ ଭାବରେ ସମ୍ମାନିତ । ସେ ୧୯୮୨ ମସିହାରେ ଝଙ୍କାର ପୁରସ୍କାର ଲାଭ କରିଛନ୍ତି ।

ଏଯାବତ୍ ଔପନ୍ୟାସିକ ରତ୍ନାକର ଚଇନିଙ୍କର ଉପନ୍ୟାସ ଗୁଡିକ ହେଲା;- 'ଲୁହ ଲହରୀ'(୧୯୫୪), 'ରାତ୍ରୀର ରଜନୀଗନ୍ଧା'(୧୯୫୭), 'ବିଷ ବଳୟ', 'ଫୁଲର ଫଗୁଣ'(୧୯୭୦), 'ଅବ୍ୟକ୍ତ ଗୋଧୁଳି'(୧୯୭୨) ଓ 'ଉପନ୍ୟାସ ମାଳା'(୨୦୧୪)ପ୍ରମୁଖ ଉପନ୍ୟାସ ପ୍ରକାଶିତ ହୋଇଛି ।

## ବିଷୟବସ୍ତୁ

ଏହି ଉପନ୍ୟାସ ଗୁଡିକ ସମାଜରେ ଘଟୁଥିବା ନାରୀ ନିର୍ଯ୍ୟାତନା, ନାରୀର ସାମାଜିକ ସମ୍ମାନ, ନାରୀତ୍ୱର ସମ୍ମାନ, ନାରୀର ମୁକ୍ତି, ସ୍ୱାଧିନତା, ନାରୀର ସତୀତ୍ୱ ପ୍ରଭୃତ ସମ୍ପର୍କୀତ କାହାଣୀ କୁ କେନ୍ଦ୍ରକରି ରଚିତ ହୋଇଛି । ନାରୀର ଅପର ପାର୍ଶ୍ୱରେ ଯେ ଜଣେ ପୁରୁଷ ରହିଛି ତାହା ନାରୀ ନିର୍ଯ୍ୟାତନା, ନୀରତ୍ୱ, ନାରୀ ସ୍ୱାଧିନତା, ନାରୀ ସତୀତ୍ୱ ପ୍ରମୁଖ ଘଟଣା ନିମନ୍ତେ ସ୍ୱତନ୍ତ୍ର ଭାବରେ ଦାୟୀ । କେବଳ ପୁରୁଷ ନାରୀ ନିର୍ଯ୍ୟାତନାର ପ୍ରମୁଖ ଭୂମିକା ଗ୍ରହଣ କରିନାହିଁ । ସେହି ନାରୀ ଶାଶୁ, ନଣନ୍ଦ ରୂପରେ ମଧ୍ୟ ନାରୀ ନିର୍ଯ୍ୟାତନାକୁ ପ୍ରଶ୍ରୟ

ISSN NO.
2582-208X

ଦେଇଥାଏ । କିନ୍ତୁ ପୁରୁଷ ହିଁ ନାରୀ ନିର୍ଯ୍ୟାତନାର କେନ୍ଦ୍ରବିନ୍ଦୁ ଭାବରେ ବିବେଚନା କରିଛନ୍ତି ଔପନ୍ୟାସିକ ତାଙ୍କର ଉପନ୍ୟାସ ମାଧ୍ୟମରେ ।

'ଲୁହଲହରୀ' ଉପନ୍ୟାସର ଔପନ୍ୟାସିକ ଆଧୁନିକ ଯୁଗରେ କିଭଳି ପରିବାର ମଧ୍ୟରେ ସ୍ନେହ, ପ୍ରେମ, ଭଲପାଇବାର ଅଭାବ ଦେଖାଦେଇଛି ତାହା ସ୍ୱଷ୍ଟ ଭାବରେ ପ୍ରକାଶ କରିଛନ୍ତି। ଗୋପୀମୋହନ ବାବୁ ତାଙ୍କର ବଡ ପୁଅକୁ ନେଇ କେଉଁ ସୁଦୂରକୁ ଚାଲିଯାଇଛନ୍ତି। ରାଧା ଦେବୀ ସାନ ପୁଅ ଚନ୍ଦ୍ରକୁ ଧରି ପୁରୀରେ ନିଜ ଘରେ ଚାହିଁ ରହିଛନ୍ତି ସ୍ୱାମୀ ଓ ପୁଅର ଫେରିବା ବାଟକୁ । କମଳାକାନ୍ତି ଦାସଙ୍କ 'ବୋଉ' ଉପନ୍ୟାସରେ ବ୍ରଜ ଅଳ୍ପ ବୟସରେ ମାତୃହରା ହୋଇଛି । ସାବତ ମାଆର ଚିରନ୍ତନ ଅତ୍ୟାଚାରକୁ ସହ୍ୟ ନ କରି ସେ ଘର ଛାଡିଛି । ମା ହେବ କିଏ ? ବିଶେଷ କରି ଉତ୍କଳୀୟ ଜନନୀ ନିଜେ ନଖାଇ ସନ୍ତାନକୁ ଖୁଆଇବା ସତସତ ବିପଦ କୁ ନିଜ ମଥାକୁ ଟେକି ନେଇ ସନ୍ତାନକୁ ସେଥିରରୁ ଦୁରେଇ ରଖିବାକୁ ଚେଷ୍ଟା କରେ । ତାର ଯେଉଁ ଆତ୍ମତ୍ୟାଗ ତାହା ଅନ୍ୟ କାହାଠାରେ ଦେଖାଯାଏ ନାହିଁ । ଠିକ୍ ସେହିପରି 'ଲୁହ ଲହରୀ'ଉପନ୍ୟାସର ବିଜୟ ସେଥିରୁ ବଞ୍ଚିତ ହୋଇ ଯେଉଁ ଯନ୍ତ୍ରଣା ଭୋଗ କରିଛି ତାହା କେବଳ ସେ ଜଣେ । ସାନ ଭାଇ ଚନ୍ଦ୍ର, ନିଜ ବାପା, ଭାଇର ପରିଚୟ ନ ପାଇ ନିଜ ପ୍ରେମ କୁ ପାଇବା ପାଇଁ ପ୍ରେମିକା ବନ ସହିତ କରିଥିବା ପ୍ରତିଜ୍ଞାକୁ ପାଳନ କରିଛି । ଶେଷରେ ଅଣବାପୁଆର ତିରସ୍କାର ସହି ନ ପାରିବାର ଦୁଃଖ ବନ ଆଉ ଚନ୍ଦ୍ର ଦୁଇ ପରିବାରର ସମ୍ମାନ କୁ ଆଖି ଆଗରେ ରଖି କେଉଁ ଆଡେ ଚାଲିଯାଇ ନାହାନ୍ତି । ସେମାନେ ସବୁଦିନ ପାଇ ବିଷ ଖାଇ ଆତ୍ମହତ୍ୟା କରିଛନ୍ତି । ଗୋପୀ ମୋହନ ବାବୁ ନିଜର ଭୁଲ ଜାଣିପାରି ଫେରି ଆସିଛନ୍ତି । ସେତେବେଳେ ବଡ ପୁଅ, ବୋହୂକୁ ପାଇ ରାଧାଦେବୀଙ୍କର ଖୁସିରେ ପ୍ରାଣ ବାୟୁ ଚାଲି ଯାଇଛି । ଗୋଟିଏ ପଟେ ସାନ ପୁଅର ବିଚ୍ଛେଦ, ଅନ୍ୟପଟେ ବଡ ପୁଅର ଓ ସ୍ୱାମୀର ଆଗମନ ବାସ୍ତବରେ ନାରୀର ଅସୀମଶକ୍ତି ଧୈର୍ଯ୍ୟ ନିକଟରେ ସ୍ୱୟଂ ଭଗବାନ ହାର ମାନିଯାଇଛନ୍ତି । ଯେପରି ନାରୀର ଅସହାୟତା ନୁହେଁ ବରଂ ଅପରିକଳ୍ପନୀୟ ଶକ୍ତିର ଫଲଗୁ ପ୍ରକାଶ ପାଇଛି ଏହି ଉପନ୍ୟାସଟିରେ ।

'ଅବ୍ୟକ୍ତି ଗୋଧୂଳି' ଉପନ୍ୟାସରେ ବୀଣା ତା' ସ୍ୱାମୀକୁ ଖୁସି କରିବା ପାଇଁ ତାର ମଦ୍ୟପ ବନ୍ଧୁ ଆଗରେ ନୃତ୍ୟ କରିଛି ଅଥଚ ସ୍ୱାନୀତ୍ୱ, କର୍ତ୍ତୁତ ଜାହିର କରି ଶେଷରେ

ISSN NO.
2582-208X

ମନ୍ଦର(ବୀଣାର ସ୍ୱାମୀ) ନିଜ ସ୍ତ୍ରୀର ଇଜ୍ଜତ ବିନିମୟରେ ସମସ୍ତ ଋଣ ପରିଶୋଧ କରିଛି । ବୀଣାପାଣି ମହାନ୍ତିଙ୍କ 'କୁନ୍ତୀ କୁନ୍ତଳା ଶକୁନ୍ତଳା' ଉପନ୍ୟାସରେ ରାଧୁ ମହାଜନ ନିଜର ନପୁଂସକତ୍ୱକୁ ଠିକ ଭାବରେ ଅନୁଭବ କରି ନିଜର ବିବାହିତ ସ୍ତ୍ରୀ କୁନ୍ତିକୁ ଅନାୟସରେ ରାଧୁ ହାତରେ ସର୍ମପଣ କରିଦେଇଛି । ଠିକ୍ ସେହିପରି ଭାବରେ ମନ୍ଦର ନିଜର ସମସ୍ତ ଋଣରୁ ମୁକ୍ତ ହେବା ନିମନ୍ତେ ନିଜର ସ୍ତ୍ରୀକୁ ଅନ୍ୟ ହାତରେ ଟେକି ଦେଇଛି ।

ବୀଣା ବଞ୍ଚିବାକୁ ଚେଷ୍ଟା କରି ହାର ମାନିଛି । ନିଜ ସ୍ୱାମୀକୁ ହତ୍ୟାକରି ନିଜେ ସ୍ୱାଧୀନ ହେବାକୁ ଚେଷ୍ଟା କରିଛି ହେଲେ ପ୍ରତାରକ ରୂପୀ ପୁରୁଷ ସମାଜ କେବେ ନାରୀକୁ ସମ୍ମାନର ସହ ବଞ୍ଚିବାକୁ ଦିଏ ନାହିଁ । ଆଖିରେ ତାଙ୍କର କାମର ଜ୍ୱାଳାରେ ନାରୀ ସମାଜ ଆଜି ଜର୍ଜରିତ । ବାଣୀ ସ୍ୱାମୀଠାରୁ ଆସି ସମାଜର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଦ୍ୱାରା ହେଲା ଗର୍ଭବତୀ । ହେଲେ ସମସ୍ତଙ୍କ ଆଖିରେ ସେ ରହିଲା, ହେଲେ ତାର ଆଖି ଆଗରେ କେହି ନାହାନ୍ତି ନିଜର ବୋଲି କହିବାକୁ । ବାସ୍ତବିକ ଔପନ୍ୟାସିକ ଏଠାରେ ନାରୀର ଅସହାୟତାକୁ ପ୍ରକାଶ କରିଛନ୍ତି ।

'ରାତ୍ରୀର ରଜନୀଗନ୍ଧା' ଉପନ୍ୟାସରେ ଔପନ୍ୟାସିକଙ୍କ ଗୋଟିଏ ଭାରତୀୟ ନାରୀର ଆଦର୍ଶ, ଆଚାର, ବ୍ୟବହାର ଓ ଭଲପାଇବା ଆଦିକୁ ପରିପ୍ରକାଶ କରିବାରେ ବେଶ ସଫଳ ହୋଇଛନ୍ତି । ନାୟିକା ଫୁଲର ବିବାହ କିଛିଦିନ ହସଖୁସିରେ ଚାଲିଗଲା । କିନ୍ତୁ ହଠାତ୍ ଦିନେ ବନ୍ୟା ଆସି ସବୁ ଧୋଇ ନେଇଗଲା । ଚାଷୀ କୂଳ ହତାଶ, ସ୍ୱାମୀ ବିଶିଆ ରାଉରକେଲା ଚାକିରି କରିବାକୁ ଯାଇ ସେଠାରେ ବିବାହ କରି ରହିଯାଏ । ଗାଁ ରେ ବୁଢୀ ମା'ଟି ତାରି କଥା ଭାବି ଭାବି ପ୍ରାଣ ଛଡି ଯାଏ । କିନ୍ତୁ ପୁଅର ଦେଖା ନାହିଁ । ଘରେ କେବଳ ଫୁଲ । ନାରୀର ଅସହାୟତାରେ ତାକୁ ଅବାଟରେ ନେବାକୁ ଅନେକ ପୁରୁଷ ଆସନ୍ତି । ଚକଣିଆ କଥାରେ ମନ ଚହଲେ, କାମନାର ଦାବାଗ୍ନିରେ ଯୌବନ ଜଳେ, ମାଂସର ଡାକରେ ମନର କ୍ଷୁଧା ବଢେ,ଆକର୍ଷଣର ଉତ୍ତେଜନାରେ ହୃଦୟ ତାତେ, ଦେହର ବିନିମୟରେ ସବୁ ନିର୍ବାପିତ କରିବାକୁ ମନ ଡାକେ । କିନ୍ତୁ ଫୁଲ ଏସବୁ କରିନାହିଁ ହେଲେ ଦିଅର ଅମର ସତିତ୍ୱକୁ ଲୁଣ୍ଠନ କରିବାକୁ ଆସି ବିଫଳ ହୁଏ । ହେଲେ ନାରୀ ମାଂସ ଲୋଭୀ ଦିଗୁଡିଆ ମଣିଷ ଗୋକୁଳା ଦାଦି ତାର ସର୍ବସ୍ୱ ଲୁଟି ନେଲା । ଏଥିପାଇଁ ଦାୟୀ କିଏ? ପୁରୁଷ, ନାରୀ ନୁହେଁ । ଦେହକୁ ନେଇ କେତେ ସତୀତ୍ୱ ସଜ୍ଞା ଓ ସ୍ୱରୂପ ନିରୂପିତ

ISSN NO.
2582-208X

କରେ ପୁରୁଷ ସମାଜ । ହେଲେ ନିଜେ ନାରୀକୁ ସଜାଇ ଦିଏ ରକ୍ଷିତା, ପତିତା, ଅସତୀ । ଯେଉଁ ନାରୀକୁ ପୁରୁଷ ମାନେ ବଳାତ୍କାର କରନ୍ତି ସେଠାରେ ନାରୀ କଣ ଅସତୀ । ଯେଉଁଠି ପୁରୁଷ ଗଣଧର୍ଷଣର ଯଜ୍ଞ କୁଣ୍ଡକୁ ଆପଣାର ସ୍ତ୍ରୀକୁ ବଳି ଭାବରେ ନିର୍ବିକାର ଭାବରେ ଆହୁତି ଦେଇପାରେ ସେଠାରେ ସତୀତ୍ୱର ସ୍ୱରୂପ କଣ ଦେହ । ସତୀ, ଅସତୀ ଏହି ସଂଘର୍ଷର ଚିତ୍ର ଔପନ୍ୟାସିକ ରତ୍ନାକର ଚଇନି ଦର୍ଶାଇଛନ୍ତି ତାଙ୍କର ଏହି ଉପନ୍ୟାସ ମାଧ୍ୟମରେ ।

'ଫୁଲର ଫଗୁଣ' ଉପନ୍ୟାସରେ ଔପନ୍ୟାସିକ ଛନ୍ଦା ଚରିତ୍ର ମାଧ୍ୟମରେ ସମାଜକୁ ଜଣେଇ ଦେବାକୁ ଚାହାଂନ୍ତି ଯେ, ସେ ତାଙ୍କର ବଞ୍ଚିବାର ଅଧିକାର ଛଡାଇନେବାକୁ ଚେଷ୍ଟା କରନ୍ତି । ଛନ୍ଦା ବିବାହର କିଛି ଦିନ ହସ ଖୁସିରେ ବିତି ଯାଏ । ହଠାତ୍ ଦିନେ ତାର ସଂସାରକୁ କଳାହାଣ୍ଡିଆ ମେଘ ଘୋଟି ଆସିଲା । ସ୍ୱାମୀ ଶିଶିର ବାବୁଙ୍କର ଅକାଳ ବିୟୋଗ ହେବାରୁ ଶାଶୁ, ସାଇପଡିଶାର ଲୋକମାନେ ତାକୁ ଡାହାଣୀ କହି ଘରୁ ବାହାର କରିଦେଲେ । ହେଲେ ନାରୀ ସର୍ବଦା ସର୍ବସଂହା ହୋଇପାରେ, ମାତ୍ର ଅନ୍ୟାୟ ସମର୍ପିତା ନୁହେଁ । ସେ ବଞ୍ଚିବାକୁ ଚେଷ୍ଟା କଲା, ହେଲେ ସମାଜ ତାକୁ ବଞ୍ଚାଇବାକୁ ବାରଣ କଲା । ପୁରୁଷ ବନ୍ଧୁ ସହିତ ନ ମିଶିବାକୁ, କାରଣ ସେ ବିଧବା । ତାର ସ୍ୱତନ୍ତ୍ରାତା ନାହିଁ ବଞ୍ଚିବାରେ । ନାରୀର ଏହି ମୁକ୍ତି କାମନା ସାମ୍ପ୍ରତିକ ସମାଜରେ ଏକ ନିଷ୍ଫଳ କାମନା ମାତ୍ର । କିନ୍ତୁ ଯେତେବେଳେ ନାରୀ ହୁଏ ଚେତନାଶାଳୀ ସେତେବେଳେ ତାକୁ ରୋକି ପାରନ୍ତିବା କିଏ ? ଠିକ୍ ସେହିପରି ଛନ୍ଦା ତାର ଜୀବନର ଆରମ୍ଭ କରେ ନୂତନ ଶୈଳୀ ମାଧ୍ୟମରେ । ସମାଜଠାରୁ ଲାଞ୍ଛନାର ପାଇ ସେ ଏକ ସ୍କୁଲରେ ଚାକିରି ଜୀବନ ଆରମ୍ଭ କରେ । କିନ୍ତୁ ଛୋଟ ଛୋଟ ପିଲା ମାନଙ୍କୁ ଦେଖି ଭାବେ ଅଭିଶପ୍ତ ବୃକ୍ଷରେ ଫୁଲ ଫୁଟେଇବାର ଅଧିକାର ଥିଲେବି ଫଳ ପାଇବାର ଦାବି ନାହିଁ । ଅଭିଶକ୍ତ ଜୀବନ ରେ କେବଳ ହାହୁତାସର ଜାଳେଣି ଭଳି ଜଳିଯାଏ ଜୀବନଟା । କିନ୍ତୁ ଏହି ଅନ୍ଧାରି ଶାସନ ବିରୁଦ୍ଧରେ ସଂଗ୍ରାମ କରିବାକୁ ଅଣ୍ଟାଭିଡିଛି ଛନ୍ଦା । ମାଆ ହେବାକୁ ଆରତ ଚିତ୍କାର କରିଛି ସମସ୍ତ ପୁରୁଷ ସମାଜ ପାଖରେ, ହେଲେ କେହି ଆଗେଇ ଆସି ନାହାଁନ୍ତି ବୁଢୀ ଗଙ୍ଗଶିଉଳୀ ଗଛରେ ଫଳ ଫଳେଇବାକୁ । ବାସ୍ତବିକ ଔପନ୍ୟାସିକ ଏଠାରେ ଛନ୍ଦା ମାଧ୍ୟମରେ ସମାଜରେ ନାରୀ ମାନଙ୍କୁ ହାରି ନ ଯାଇ ସମାଜ ବିରୋଧରେ ଲଢେଇ କରିବାକୁ ସାହାସ ଯୋଗୋଇ ଦେଇଛନ୍ତି ।

ISSN NO.
2582-208X

'ବିଷବଳୟ' ଉପନ୍ୟାସଟି ଏକ ସ୍ୱତନ୍ତ୍ର ଧରଣର । ଏଠାରେ ଅତ୍ୟାଚାର ଶୋଷିତ ଗୋଷ୍ଠୀ ବିରୁଦ୍ଧରେ ଏକ ସ୍ୱର ଉତ୍ତୋଳନ କରିବାର ବଳିଷ୍ଠ ନିରବଧାରା ପ୍ରକାଶ ପାଏ । ଗୋପୀନାଥ ମହାନ୍ତିଙ୍କର ଉପନ୍ୟାସ 'ପରଜା'ରେ ଯେପରି ଭାବେ ଶୁକ୍ରୁଜାନୀ ଉପରେ ଦୁଃଖ ଘୋଟି ଆସିଛି, ଜେଲ ମୁହଁରୁ ମୁକୁଳି ଗୋତି ଖଟିଛନ୍ତି । ନିଜର ସର୍ବସ୍ୱ ଜମିଦାରଙ୍କ ନିକଟରେ ବନ୍ଧା ପଡିଛି । ଠିକ ସେହିପରି ବିଷବଳୟ ଉପନ୍ୟାସରେ ରାଜୁର ପରିବାର ଉପରେ କଳାହାଣ୍ଡିଆ ମେଘ ଘୋଟି ଆସିଛି । ରାଜୁ ସହରରେ ପାଠ ପଢୁଥିବା ସମୟରେ ତାର ବୁଢୀ ମାଆର ହତ୍ୟାକାରୀ ଭାବେ ରାଜୁକୁ ଜେଲ ପଠାଇ ଦିଆଯାଇଛି । ଜେଲରୁ ଫେରି ଭାରତ ହୋଟେଲରେ ଗୋତି ଖଟିଛି । ରିକ୍ସା ଟାଣିଛି ନିଜେ ସ୍ୱାଧିନ ଭାବରେ । ସେ କେବେ ଗର୍ବ କରିନାହିଁ । ଗ୍ରାଜୁଏଟ୍ ପ୍ରମାଣପତ୍ରକୁ ନେଇ କାରଣ ଏହି ପ୍ରମାଣପତ୍ର ତାକୁ ବଞ୍ଚିବାର ରାହା ଦେଖାଇନାହିଁ । ଶେଷରେ ସତ୍ୟର ହିଁ ବିଜୟ ହେଲା । ରାଜୁର ମାଆକୁ ହତ୍ୟା କରିଥିବା ଅପରାଧରେ ଜେଲ ଗଲେ ଚକରା ଦାଦି । ବାସ୍ତବିକ କହିବାକୁ ଗଲେ ଏକ ପକ୍ଷରେ ନାରୀ ଶକ୍ତିର ପରିପ୍ରକାଶ ଓ ଅନ୍ୟପକ୍ଷରେ ନାରୀ ନିର୍ଯ୍ୟାତନା ।

## ଚରିତ୍ର

ଉପନ୍ୟାସର ପ୍ରଧାନ ଅଙ୍ଗ ହେଉଛି ଚରିତ୍ର । ଏମାନେ ପାଠକ ସମ୍ମୁଖରେ ଘଟଣା ଉପସ୍ଥାପନା କରନ୍ତି । ଚରିତ୍ର ମାନଙ୍କ ଦ୍ୱାରା ଉପନ୍ୟାସର ମୁଖ୍ୟ ଘଟଣା ସହିତ ଉପଘଟଣା ଗୁଡିକର କ୍ରମ ବିକାଶ ଘଟେ । ପାତ୍ର-ପାତ୍ରୀ ମାନଙ୍କର ଆତଯାତ ଫଳରେ ଉପନ୍ୟାସ ଜୀବନ୍ତ ଓ ପ୍ରାଣସ୍ପର୍ଶୀ ହୁଏ । ଯଥାର୍ଥ ଚରିତ୍ରଚିତ୍ରଣ ଫଳରେ ଔପନ୍ୟାସିକ ସମାଜ ସତ୍ୟତା ଦୃଢ ଭାବେ ଉପସ୍ଥାପନା କରନ୍ତି । ଚରିତ୍ରମାନଙ୍କର ସୂକ୍ଷ୍ମତା ସୂକ୍ଷ୍ମ ବିଶ୍ଲେଷଣରେ ସେମାନଙ୍କ ହୃଦୟରେ ଦୟା, କ୍ଷମା, କରୁଣା, ଘୃଣା ଓ ପ୍ରତାରଣା ଭାବ ସୃଷ୍ଟି କରିବାରେ ଚରିତ୍ରମାନେ ଜୀବନ୍ତ ହୁଅନ୍ତି । ଉପନ୍ୟାସ ଜୀବନ୍ତ ବା ବାସ୍ତବଧର୍ମୀ ହୁଏ ।

'ଲୁହଲହରୀ' ଉପନ୍ୟାସରେ ରାଧାଦେବୀ ମୁଖ୍ୟ ଚରିତ୍ର ଓ ଗୌଣ ଚରିତ୍ର ଭାବେ ଗୋପୀମୋହନ, ବିଜୟ, କବିତା, ବନ, ଚନ୍ଦ୍ର, ସୁଶୀଳା ଦେବୀ ସମେତ ଉପନ୍ୟାସର ଅନ୍ୟାନ୍ୟ ଚରିତ୍ର । ସେହିଭଳି ପ୍ରତିନିଧି ସ୍ଥାନୀୟ ଚରିତ୍ର ଭାବେ ଗୌର ପ୍ରସାଦ, ଦେବରାଜ, ହୃଷିକେଶ ପ୍ରମୁଖ ଚରିତ୍ର ମଧ୍ୟ ଚିତ୍ରିତ କରିଛନ୍ତି । 'ରାତ୍ରୀର ରଜନୀଗନ୍ଧା'

ISSN NO.
2582-208X

ଉପନ୍ୟାସରେ ଫୁଲକୁ ମୁଖ୍ୟ ଚରିତ୍ରର ସ୍ଥାନ ଦେଉଥିବା ବେଳେ ଗୌଣ ଚରିତ୍ର ଭାବେ ରତି, ବିଶିଆ, ସାବିତ୍ରୀ ଦେବୀ, ଭଜନୀ ବୁଢା ପ୍ରମୁଖକୁ ଗହଣ କରିଛନ୍ତି । ଉପନ୍ୟାସରେ ସାମାଜିକ ପରିବେଶ ସୃଷ୍ଟି କରି ଔପନ୍ୟାସିକ କାହାଣୀର ଗତିଶୀଳତା ପାଇଁ ପ୍ରତିନିଧି ଚରିତ୍ର ଭାବେ ମିଷ୍ଟର ପଟ୍ଟନାୟକ, ସୁନୀଲ ବାବୁ, ଶରତବାବୁଙ୍କୁ ଦେଖିବାକୁ ମିଳେ ।

'ବିଷ ବଳୟ' ର ମୁଖ୍ୟ ଚରିତ୍ର ଭାବେ ରାଜୁକୁ ସ୍ଥାନ ଦେଉଥିବା ବେଳେ ଗୌଣ ଚରିତ୍ର ଭାବେ ନଳିନୀ, ଦାମା, ପୁଲିନ, ସତୀ, ଚକ୍ରାଦି, ରଘୁବାବୁ, ବିମଳା ଦେବୀ ଚରିତ୍ର ବେଶ ଚଞ୍ଚଳ ଏବଂ ନିମ୍ନ ବର୍ଗୀୟ ଚରିତ୍ର ଭାବେ ରିକ୍ସାବାଲା ସତୁରା,କନି, ହରିଆ ଇତ୍ୟାଦି ଚରିତ୍ରକୁ ଦେଖିବାକୁ ମିଳେ । 'ଫୁଲର ଫଗୁଣ' ଉପନ୍ୟାସରେ ମୁଖ୍ୟ ଚରିତ୍ର ଭାବେ ଛନ୍ଦାକୁ ଦେଖିବାକୁ ମିଳେ । ଗୌଣ ଚରିତ୍ର ଭାବେ ଶିଶିର ବାବୁ, ଶଶାଙ୍କ ବାବୁ, ଅରୁନ୍ଧତୀ, ଲଳିତା, ସୁନନ୍ଦା, ଅଶୋକ ଅନ୍ୟାନ୍ୟ ଚରିତ୍ର ମଧ୍ୟ ମିଶ୍ରିତ ହୋଇଥିବା ସ୍ଥଳେ ପ୍ରତିନାୟକ ଚରିତ୍ର ଭାବେ ତୁଷାର ବାବୁଙ୍କୁ ଦେଖିବାକୁ ମିଳେ ।

'ଅବ୍ୟକ୍ତ ଗୋଧୂଳି' ରେ ମୁଖ୍ୟ ଚରିତ୍ର ଭାବେ ଅରୁଣ, ବୀଣା, ଅଜନ୍ତାକୁ ଦେଖିବାକୁ ମିଳେ ଏବଂ ଗୌଣ ଚରିତ୍ର ଭାବେ ନରିବାବୁ, ସାବିତ୍ରୀ, ଦୁଃଖି, ରାଧୀ ଅନ୍ୟତମ । ଠିକ୍ ସେହିପରି ପ୍ରତିନିଧି ସ୍ଥାନୀୟ ଚରିତ୍ର ଭାବରେ ଅକ୍ଷୟବାବୁ, ଅସିତ ବାବୁ, ରାନୀ ପ୍ରମୁଖ ପ୍ରଭାବଶାଳୀ ଚରିତ୍ର ଗୁଡିକ ଦେଖିବାକୁ ମିଳେ ।

ଔପନ୍ୟାସିକ ନିଚ୍ଛକ ସାମାଜିକ ଓ ବାସ୍ତବ ଅନୁଭୂତିକୁ ନେଇ ବର୍ଣ୍ଣିତ ଚରିତ୍ର ଗୁଡିକ ଅଧିକ ପ୍ରାଣସ୍ପର୍ଶୀ ମନେ ହୁଏ । ବିଶେଷତଃ ଔପନ୍ୟାସିକ ନାରୀ ଚରିତ୍ର ବା ନାୟୀକାକୁ ମୁଖ୍ୟ ଚରିତ୍ର ଭାବରେ ସ୍ଥାନ ଦେଇ ପାଠକ ମହଲରେ ଏକ ଚମକ ସୃଷ୍ଟି କରିଛନ୍ତି । ନାରୀ କିଭଳି ସର୍ବସୁହା ତାହା ଛନ୍ଦା, ବୀଣା, ନଳିନୀ, ଫୁଲ ମାଧ୍ୟମରେ ପ୍ରକାଶ କରିଛନ୍ତି । ଘଟଣା ଅପେକ୍ଷା ବିଶେଷତଃ ଚରିତ୍ରକୁ ପ୍ରାଧାନ୍ୟ ଦେଇଛନ୍ତି ବା ସାମାଜିକ ପୃଷ୍ଠଭୂମିରୁ ବାସ୍ତବ ଚରିତ୍ର ଗୁଡିକୁ ସାଉଁଟି ଆଣି ଉପନ୍ୟାସ ପାଞ୍ଚଟିକୁ ଜୀବନ୍ତ ଓ ବାସ୍ତବଧର୍ମୀ କରିଛନ୍ତି ।

ISSN NO.
2582-208X

## ପରିବେଶ

ଏହା ଉପନ୍ୟାସର ଅନ୍ୟ ଏକ ବିଶେଷ ଉପାଦନ । ଉପନ୍ୟାସରେ ବର୍ଣ୍ଣିତ କାହାଣୀ, ସମସାମୟିକ ସାମାଜିକ ଚିତ୍ର ତଥା ପ୍ରାକୃତିକ ପରିବେଶ ବର୍ଣ୍ଣନା ଦେଶ, କାଳ ବା ପରିବେଶ ଅନ୍ତର୍ଭୁକ୍ତ । 'ଲୁହଲହରୀ' ଉପନ୍ୟାସରେ କଟକ, ପୁରୀ ସହରର ଚିତ୍ର ଦେଖିବାକୁ ମିଳୁଥିବା ବେଳେ 'ରାତ୍ରିର ରଜନୀଗନ୍ଧା' ଉପନ୍ୟାସରେ ଗାଆଁ ପରରିବେଶର ନିଛକ ରୂପ ଦେଖିବାକୁ ମିଳେ । ଭଜନା ବୁଢାର ଭଜନ ଗାଁ ଠାକୁରାଣୀ ପୀଠରେ ସଂଞ୍ଜ ସକାଳ ଆଳତୀର କୋଳାହଳମୟ ପରିବେଶ, ପୋଖରୀ ତୁଠ, ବିଲବାଡୀ ଆଦି ପ୍ରାକୃତିକ ଚିତ୍ର ଦେଖିବାକୁ ମିଳେ । 'ଅବ୍ୟକ୍ତ ଗୋଧୂଳି' ଉପନ୍ୟାସରେ ମଧ୍ୟ ଗାଁ ପରିବେଶ ବର୍ଣ୍ଣନା ସହିତ ସହରୀ ମଣିଷ ମାନଙ୍କର ପ୍ରତାରଣ,ଛଳନାର ଚିତ୍ର ପ୍ରକାଶ ପାଇଛି । ଔପନ୍ୟାସିକ ଏହି ଉପନ୍ୟାସ ଗୁଡିକରେ ଦୁର୍ଭିକ୍ଷ,ମରୁଡି,ନଦନଦୀ ଓ ଗାଁର ପ୍ରାକୃତିକ ଚିତ୍ର ବର୍ଣ୍ଣନା କରିବାସହିତ ସହରର ସଭ୍ୟ ମଣିଷ ମାନଙ୍କର ସଠତାକୁ ପ୍ରକାଶ କରିବାକୁ ଭୁଲି ନାହାନ୍ତି ।

## ଉଦ୍ଦେଶ୍ୟ ବା ମର୍ମବାଣୀ

ଏହା ଉପନ୍ୟାସର ଏକ ପ୍ରମୁଖ ଅଂଶ । ଔପନ୍ୟାସିକ ସମାଜରୁ ଆହରଣ କରିଥିବା ଅନୁଭୂତିକୁ କଲମ ମୁନରେ ରୂପ ଦେବା ବା ନିଜର ଅଭିଜ୍ଞତାକୁ ନିଖୁଣ ଭାବରେ ଫୁଟାଇବାକୁ ଚେଷ୍ଟାକରି ଉପନ୍ୟାସକୁ ରଚନା କରିଛନ୍ତି । ଏହି ପରି ରୂପ ପାଇଥିବା ଉପନ୍ୟାସରେ ବହୁ ଚୈତ୍ରିକ ସମସ୍ୟାର ସମାଧାନ ହୋଇଥାଏ ବା ସମାହିତ ହେବାର ସଙ୍କେତ ଥାଏ । ଔପନ୍ୟାସିକ ଏହି ଉପନ୍ୟାସରରେ ନାରୀର ମାନସିକ ଅତ୍ୟାଚାର ସାମଜିକ ନିର୍ଯ୍ୟାତନା ଉପରେ ସ୍ୱର ଉତ୍ତୋଳନା କରିଛନ୍ତି ଏବଂ ତାଙ୍କ ଅଧିକାର ପ୍ରତି ସଚେତନା ସୃଷ୍ଟି କରିଛନ୍ତି । ଏହା ହିଁ ଏ ଉପନ୍ୟାସର ମର୍ମବାଣୀ । ଉଦାହରଣ ସ୍ୱରୂପ ଅରୁନ୍ଧତୀ କହିଲେ, "ପୁରୁଷ ସହିତ ସବୁ କ୍ଷେତ୍ରରେ ସମକକ୍ଷ, ସେ ବି ଶୂନ୍ୟରେ ଉଡିପାରିବ, ଜଳରେ ବୁଡି ପାରିବ ଆଉ ଭୋଟରେ ଲଢିପାରିବ" ।(ଫୁଲର ଫଗୁଣ-ପୃ:୫୦)

ISSN NO.
2582-208X

ଭାଷାଶୈଳୀ

ସବୁ ଔପନ୍ୟାସିକଙ୍କର ଶୈଳୀ ସମାନ ନୁହେଁ । ପ୍ରତ୍ୟେକଙ୍କ ଶୈଳୀରେ କିଛି ନା କିଛି ବିଶେଷତ୍ୱ ପରିଲକ୍ଷିତ ହୁଏ । ଶୈଳୀରେ ଏହି ସ୍ୱତନ୍ତ୍ରତା ହିଁ ଔପନ୍ୟାସିକଙ୍କ ବ୍ୟକ୍ତିତ୍ୱର ପରିଚୟ ଦିଏ । ପୁନଶ୍ଚ ଉପନ୍ୟାସର ସଫଳତା ବା ବିଫଳତା ତାହାର ସାଧାରଣ ଜନତାର ଭାଷାକୁ ନିଜ ଉପନ୍ୟାସରେ ସ୍ଥାନ ଦେଇଛନ୍ତି । ତତ୍ ସହିତ ହିନ୍ଦୀ, ଇରାଜୀ କଥିତ ଭାଷାର ପ୍ରୟୋଗ, ଲୋକ ଉକ୍ତି, ରୂଢ଼ି ପ୍ରୟୋଗ ଓ ବର୍ଣ୍ଣନା ଧର୍ମୀ ଶୈଳୀ ପ୍ରୟୋଗ ସେ ଏକ ବଳିଷ୍ଠ ରୂପ ଦେଇଛନ୍ତି । ତେଣୁ ସଫଳତା ପାଠକୀୟ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଯାଇଛି । ତାଙ୍କର ଶବ୍ଦ ବିନ୍ୟାସ ଓ ଚିତ୍ରକଳ୍ପ ଧର୍ମୀ ଭାଷାର ପ୍ରୟୋଗ ଅତ୍ୟନ୍ତ ତାତ୍ପର୍ଯ୍ୟ ପୂର୍ଣ୍ଣ । ଉପନ୍ୟାସ ଗୁଡିକର ପ୍ରୟୋଗ, ଭାଷା ଶୈଳୀ ନିମ୍ନ ରେ ଆଲୋଚନା କରାଗଲା ।

ବର୍ଣ୍ଣନାତ୍ମକ ଭାଷା ଶୈଳୀ:

ବର୍ଣ୍ଣନାତ୍ମକ ଶୈଳୀରେ ଔପନ୍ୟାସିକ ଚରିତ୍ର, କାହାଣୀ ଓ ପରିବେଶର ନିଖୁଣ ଚିତ୍ର ଦେବା ପାଇଁ ସୁବିସ୍ତୃତ ପଟ୍ଟଭୂମି ପାଇଥାଏ । ଉଦାହରଣ ସ୍ୱରୂପ, "ରାଜୁ! ମୁଁ ଏ ନାରୀ ଜାତିଟାର ଅନ୍ତର ବାହାର ଖିନଭିନ କରି ଦେଖିଲି । ଦେହର ପ୍ରତି ଅଙ୍ଗକୁ ଖଣ୍ଡଖଣ୍ଡ କରି କାଟିଲି । ତଥାପି ମୁଁ ଏ ନାରୀ ଜାତିଟାକୁ ଚିହ୍ନି ପାରିଲି ନାହିଁ । ଆହୁରି ବାକି ରହିଗଲା, ଅନେକ....... ।"

('ବିଷବଳୟ-ପୃ:୧୫୧')

ବିଶ୍ଳେଷଣାତ୍ମକ ଶୈଳୀ :

ବିଶ୍ଳେଷଣାତ୍ମକ ଶୈଳୀ ଅନ୍ୟ ଏକ ପ୍ରକାର ଶୈଳୀ । ଯେଉଁଥିରେ ଚରିତ୍ରମାନଙ୍କର ଜରିଆରେ ଔପନ୍ୟାସିକ ନିଜ ମନଭାବ ପ୍ରକାଶ କରିବାକୁ ସମର୍ଥ ହୋଇଥାନ୍ତି । ଉଦାହରଣ ସ୍ୱରୂପ ରାଧାଦେବୀ କାନ୍ଦୁ କାନ୍ଦୁ କହିଲେ, "ମାଆ ବୋଲି କେଉଁ ମୁହଁରେ ଡାକୁଛୁ! ଶୁଣ ଦାଣ୍ଡର ଲୋକ କହିବେ ଅଣବାପୁଆ ପୁଅ, କୁଳଟାର ପୁଅ । ମୁଁ ସବୁ

ISSN NO.
2582-208X

ସହିପାରିବି, ହେଲେ ତୁ ସହିପାରିବୁନି । ଛାତି ପଥର କରି ଉଣେଇଶି ବର୍ଷ ହେଲା ସବୁ ସହି ଆସିଛି । ତୋରି ପାଇଁ,କେବଳ ତୋରି ମୁହଁକୁ ଚାହିଁ । କିନ୍ତୁ ଆଜି........ ।"(ଲୁହ ଲହରୀ-ପୃ:୩୧୧)

## ଲୋକୋକ୍ତି:

କଟକୀ ଘୋଡୀ- 'ଫୁଲର ଫଗୁଣ' ପୃ.୨୪
କୁଆ ଉଡିଆବାକୁ ତାଳ ପଡିବା ନ୍ୟାୟ- 'ଅବ୍ୟକ୍ତ ଗୋଧୂଳି'ପୃ.୫
ଦେଲା ନାରୀ ହେଲା ପାରି- 'ରାତ୍ରିର ରଜନୀଗନ୍ଧା'ପୃ.୫୯
ସାତ କଥାରେ ସତୀ ଭୂଲେ- 'ବିଷବଳୟ'ପୃ.୧୪୬

## ରୂଢି ପ୍ରୟୋଗ:

ଆତୁରେ ନିୟମ ନାସ୍ତି - 'ବିଷବଳୟ'ପୃ.୯
ମାଗି ଆଣିଲା ତିଅଣ ସୋଡକାଏ- 'ବିଷବଳୟ'ପୃ.୧୫୮
ବାର ବର୍ଷର ତପସ୍ୟା ଶୁଖାଆ ପୁଡାରେ ଗଲା - 'ଉପନ୍ୟାସମାଳା'ପୃ.୩୯

## ଚିତ୍ରକଳ୍ପଧର୍ମୀ ଭାଷାର ପ୍ରୟୋଗ:

ଆକାଶରେ ଭାସୁଛନ୍ତି ଛେନା ରଙ୍ଗର ମେଘ- 'ଫୁଲର ଫଗୁଣ'ପୃ.୯୯
ତମେ ସବୁ ସେଇ ଦୂଷିତ ନଈର ଧାର- 'ରାତ୍ରିର ରଜନୀଗନ୍ଧା'ପୃ.୧୭୫
କୁକୁର ମାନେ ଅଭଦ୍ର ଭାଷାରେ ଗାଳିଗୁଲଜ କଲେ- 'ବିଷବଳୟ'ପୃ.୮

## ସଂସ୍କୃତ ଶବ୍ଦର ପ୍ରୟୋଗ:

ସୁଜଳାଂ, ସୁଫଳାଂ, ମଳୟଜ, ଶୀତଳ('ଅବ୍ୟକ୍ତ ଗୋଧୂଳି-ପୃ.୫୫)'
ନାରୀଣାଂ ଭୂଷଣ ପତି ଇତ୍ୟାଦି (ଫୁଲର ଫଗୁଣ-ପୃ.୪୯)

ISSN NO.
2582-208X

ହିନ୍ଦୀ ଶବ୍ଦର ପ୍ରୟୋଗ:

ରୂପୟା, ଜୱାନ୍, ଜିଗର, ଜାନ୍‌ୱର, କଜଲ, ସାଦି, ଜାହିର, ତାଗିଦ୍ ଇତ୍ୟାଦି

ଇଂରାଜୀ ଶବ୍ଦର ପ୍ରୟୋଗ:

ରେଡିଓ, ଟ୍ରାଜିଷ୍ଟର, ଟ୍ରେନ୍, ପ୍ଲିଜ୍, କମ୍ପାନୀ, ରୁମ, ପ୍ଲାଟଫର୍ମ ଇତ୍ୟାଦି ।

ଉପସଂହାର

ବାସ୍ତବିକ ସାମ୍ପ୍ରତିକ କାଳରେ ବଧୂହତ୍ୟା, ଭ୍ରୃଣହତ୍ୟା, ଯୌତୁକପ୍ରଥା, ଧର୍ଷଣ, ପାସବିକ ହିଂସା, କର୍ମ କ୍ଷେତ୍ରରେ ଶୋଷଣ ପ୍ରଭୃତି ଯାବତୀୟ ନାରୀ ନିଯ୍ୟାତନାର ସାମାଜିକ କଳଙ୍କ ରୂପେ ଭାରତୀୟ ନାରୀର ଆଭିଜାତୀୟ ସ୍ଥିତିକୁ ସଙ୍କଟ କରି ବସିଛି । ଏ ସବୁର ମାର୍ମିକ ଅଭିବ୍ୟକ୍ତି ଅଧିକାଂଶ ଉପନ୍ୟାସରେ ଦେଖିବାକୁ ମିଳେ । ଅପରପକ୍ଷରେ ନାରୀ ଭାଗ୍ୟ ବାଦୀ ସଭ୍ୟତା ଦ୍ୱାରାପ୍ରଭାବିତ ହୋଇ ନାରୀ ଶକ୍ତିର ଅପଚୟ ଘଟାଉଛି । ଜୀବନ ଓ ସମୟ ସହିତ ଅହରହ ସଂଗ୍ରାମ କରୁଥିବା ନାରୀ ମାନଙ୍କର ବେଦନା ବିଧୂରକିଏ କହି ପାରିବ । ପ୍ରେମ ଓ କରୁଣାର ଶାକାର ବିଗ୍ରହ ନାରୀ ନିର୍ମୋହ ମୃତ୍ୟୁର ପାଥିବ ଭଙ୍ଗୁରତାକୁ ଅସ୍ୱୀକାର କରି ଶାସ୍ୱତ ସ୍ରୋତରେ ପ୍ରଭାହିତ । ଯାହା ଔପନ୍ୟାସିକ ରତ୍ନାକର ଚଇନିଙ୍କ ମୁଖ୍ୟ ଉପଜୀବ୍ୟ ବସ୍ତୁ । ସମାଜର ବାସ୍ତବ ଘଟଣାକୁ ଆଧାର କରି ତାଙ୍କର ଉପନ୍ୟାସ ଗୁଡିକ ଗତିଶୀଳ । ନାରୀର ସାମାଜିକ ସମସ୍ୟାକୁ ଆଖି ଆଗରେ ରଖି ସେ ତାଙ୍କର ସ୍ୱତନ୍ତ୍ର ରଚନା ଶୈଳୀ ସୃଷ୍ଟି କରିଛନ୍ତ ।

ଅଧାପକ ଓଡିଆ ଭାଷା - ସାହିତ୍ୟ ବିଭାଗ
ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ
ନାଉଗାଁହାଟ, ଜଗତସିଂହପୁର-୭୫୪୧୧୩
ଫୋନ ନଂ -୯୭୭୮୨୨୪୮୯୧

ISSN NO.
2582-208X

# ଲୁହ ଖୁବ୍ ଆପଣାର



ସିନ୍ଧୁ ନନ୍ଦିନୀ

ଲୁହ ସତେ ତୁମେ
କେତେ ଆପଣାର
ସୁଖରେ ଦୁଃଖରେ
ପାଖେ ଥାଅ ମୋର

ଲୁହ ଅନ୍ତର ମନର
ଅବ୍ୟକ୍ତ କାହାଣୀ
ବୋହି ଯାଇଥାଏ ବାଧା
ବନ୍ଧନ ନମାନ

ଲୁହ ପୁଣି କେତେବେଳେ
ଆନନ୍ଦ ଅଶ୍ରୁର
ହୃଦୟରୁ ଝରିଯାଏ
ଖୁସିର ଜୁଆର

ISSN NO.
2582-208X

ଦୁଃଖର ସୁଖର
ସହନ ଶୀଳତାରେ
ଜାକ ହୋଇ ରହେ
ଆଖିର କୋଣରେ

ବେଳ ଅବେଳରେ
ମନଇଚ୍ଛା ଗଡ଼ିଯାଏ
ନମିଷକେ କୋହ
ସବୁ ଦୁରେଇ ଯାଏ

ଆଖିଠାରୁ ଓଠ
ପିଉଥାଏ ଲୁହ
କେହି ବୁଝିପାରନ୍ତୁନ
ଅନ୍ତରର କୋହ

ଅଜାଣତେ ଓଠ ଭିଜେ
ଉତ୍ତପ୍ତ ଲୁହରେ
ଯନ୍ତ୍ରଣାରୁ ମୁକ୍ତମିଳେ
ଅସ୍ପଷ୍ଟ ଭାଷାରେ

ଲୁହ ଖୁବ୍ ଆପଣାର
ଅତି ଅନ୍ତରଙ୍ଗ
ହୃଦୟରେ ନୀରବେ
କରିହୁଏ ଅନୁଭବ

ଭୁବନେଶ୍ୱର

ISSN NO.
2582-208X

# କେଉଁଠି ତ ବାତ୍ୟା କେଉଁଠି ତ ବନ୍ୟା



ରାଜକିଶୋର ସ୍ୱାଇଁ

କେଉଁଠି ତ ବାତ୍ୟା କେଉଁଠି ତ ବନ୍ୟା
କେଉଁଠି ଅସହ୍ୟ ତାତି,
ପ୍ରକୃତିର ଏହି ବିଲକ୍ଷଣ ସବୁ
ମନରେ ଜଗାଏ ଭୀତି ।
ଖେଳିବାରୁ ପରିବେଶ ପ୍ରକୃତିର
ସୁରକ୍ଷା ସହିତ ଖେଳ,
ସମଗ୍ର ମାନବ ସମାଜ ପାଇଁ ଏ
ପାଲଟିଛି ଏବେ କାଳ ।
ଜଳବାୟୁ ପରିବର୍ତ୍ତନ ହୁଅଇ
ବଢ଼ିବାରୁ ପରା ତାତି,
ବେପରୁଆ କାମ କରିବାରୁ ଆମେ
ଏ ତାହାର ପରିଣତି ।
ବାୟୁମଣ୍ଡଳରେ ବଢ଼ିଯିବା ହେତୁ
ଅଙ୍ଗାରକାମ୍ଳର ମାତ୍ରା,
ଉତ୍ତାପକୁ ପୃଥିବୀର ବାହାରକୁ
ଯିବାକୁ ଦିଏନି ରାସ୍ତା ।୪।
ସେଥିପାଇଁ ତାପମାତ୍ରା ବଢ଼ିଯାଉ
ଅଛି ଏ ସାରା ବିଶ୍ୱରେ,
ଅନାବୃଷ୍ଟି ଉତ୍ପାଦନ ହ୍ରାସ ଦେଖା
ଦିଅଇ ତା ପ୍ରଭାବରେ ।୫।

ISSN NO.
2582-208X

ନିମ୍ନଗାମୀ ହୁଏ ଭୂତଳର ଜଳ
କ୍ଷୟ ହେଉଅଛି ମାଟି,
ଜଳର ଅଭାବ ଜନଜୀବନକୁ
ଅତିଷ୍ଠ କରଇ ଅତି ।
ଶିଳ୍ପର ପ୍ରତିଷ୍ଠା ସଡକ ନିର୍ମାଣ
ନୂଆ ବସତି ସ୍ଥାପନ,
ଏଥିପାଇଁ ଏବେ କରା ଯାଉଅଛି
ଅବାଧ ବୃକ୍ଷ ଛେଦନ ।୭।
ବାୟୁମଣ୍ଡଳରୁ କମେ ଅମ୍ଳଜାନ
ବନାନୀର କ୍ଷୟ ପାଇଁ,
କଳ କାରଖାନା ଗାଡି ଧୂଆଁ ଦିଏ
ପ୍ରଦୂଷଣକୁ ବଢାଉ ।୮ ।
ଜୀବାଶ୍ମ ଇନ୍ଧନ କରିବାରୁ ଆମେ
ମାତ୍ରାଧିକ ବ୍ୟବହାର,
ବାୟୁ ପ୍ରଦୂଷଣ ଭୟଙ୍କର ଚିତ୍ର
ସାମ୍ନାକୁ ଆସଇ ନିତି,
ଏହି ସମସ୍ୟାର ପ୍ରତିକାର ପାଇଁ
ବୃକ୍ଷ ଏକା ଆମ ସାଥୀ ।୧୦ ।
ନିଜ ଖାଦ୍ୟ ପାଇଁ ଅଙ୍ଗାରକାମ୍ଳକୁ
ବୃକ୍ଷ କରଇ ଶୋଷଣ,
ବାୟୁ ମଣ୍ଡଳକୁ ଅମ୍ଳଜାନ ଛାଡି
ଦୂର କରେ ପ୍ରଦୂଷଣ ।୧୧ ।
ହ୍ରାସ କରିବାକୁ ତାପମାତ୍ରା ଆଉ
ଜଳଚକ୍ର ନିୟନ୍ତ୍ରଣ,
ଅମ୍ଳଜାନ ହାର ବୃଦ୍ଧି ପାଇଁ ଲୋଡା
କେବଳ ବନୀକରଣ ।୧୨ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ବିନ୍ଧ୍ୟଗିରିର ଗର୍ବଚୂର୍ଣ୍ଣ



କାଳପ୍ରସାଦ ମହାପାତ୍ର

ବହୁ ପୁରାତନ ଏକ କଥା ଏହି
ଦିନେ ବିନ୍ଧ୍ୟଗିରି ମନେ ଗର୍ବ ବହି ।
ମେରୁଗିରିଠାରୁ ଉଚ୍ଚ ହେବାପାଇଁ
କାୟାକୁ ବଢାଏ ଉର୍ଦ୍ଧକୁ ଅନାଇ ।
ଦିନୁଦିନ କାୟା ବଢେ ଉର୍ଦ୍ଧତର
ଦାକ୍ଷିଣାତ୍ୟ ନଦେଖଇ ଦିବାକର ।
ଏହା ଜାଣି ଦିନନାଥ ବଡ ଡର
ଗୁହାରୀ କରନ୍ତି ଯାଇ ଦେବ ହର ।
ଦେବତାଏ ବସି କରନ୍ତି ବିଚାର
କିପରି ଭାଙ୍ଗିବେ ଗରବ ତାଙ୍କର ।
ଶ୍ରୀ ବିଷ୍ଣୁ ଅଗ୍ରରେ କରନ୍ତି ଜଣାଣ
ଶିଘ୍ର ଅଗସ୍ତି ମୁନିଙ୍କୁ ଡାକି ଆଣ ।
ଡକାପାଇ ବିପ୍ର ତୁରନ୍ତ ଆସିଲେ
ଦେବବର ତାଙ୍କୁ ବୁଝାଇ କହିଲେ ।
ନାରାୟଣ ଧ୍ୟାୟୀ ଅଗସ୍ତି ଚଳିଲେ
ବିନ୍ଧ୍ୟଗିରି ପାଶେ ପ୍ରବେଶ ହୋଇଲେ ।

ISSN NO.
2582-208X

ଗିରିବର ଦେଖି ଗୁରୁଙ୍କୁ ତାଙ୍କର
ଚକିତ ହୋଇଣ ଅନାଇ ସତ୍ୱର ।
ପ୍ରଣାମ କରଇ ଗୁରୁଙ୍କ ପୟର
ଦେଖି ଗୁରୁ ତୋଷ ଭକତି ତାଙ୍କର ।
ଗିରିବର କହେ ଦକ୍ଷିଣା କି ଦେବି
ମାଗ ଗୁରୁ ତୋଷ ତୁମକୁ କରିବି ।
କହନ୍ତି ମୁନିବର ତାଙ୍କୁ ତ ଅନାଇ
ଦକ୍ଷିଣକୁ ଯାଇ ଭ୍ରମଣ କରଇ ।
ମୁଁ ଫେରିବାଯାଏଁ ଏପରିଟି ଥିବ
ଗୁରୁ ବାକ୍ୟ ତୁମେ ରକ୍ଷାଟି କରିବ ।
ଜନକଲ୍ୟାଣରେ ଅଗସ୍ତି ଲାଗିଲେ
ଦାକ୍ଷିଣାତ୍ୟରୁ ଘରକୁ ନ ଫେରିଲେ ।
ଗୁରୁଙ୍କ ଫେରିବା ପଥକୁ ଅନାଇ
ସେଦିନୁ ରହିଲେ ମସ୍ତକ ନୁଆଁଇ ।
ଏହିପରି ବିନ୍ଧ୍ୟଗର୍ବର ବିନାଶ
ହୋଇଥିଲା ପାଇ ମୁନିଙ୍କ ଆଶିଷ ।
ତପନ ଦେବତା ହୋଇଲେ ଆନନ୍ଦ
ଆତଯାତ ହେଲେ ଜଗତ ଆନନ୍ଦ ।
ଏହି ପୁରାତନ କଥା ହୋଇଲାକ ଶେଷ ।
ଭୁଲଥିଲେ କେବେ ନ ଧରିବ ଦୋଷ ।

ଶିକ୍ଷକ,
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ସ୍ମୃତି ଏକ ରୂପା ଜହ୍ନ



ସୁନନ୍ଦା ମିଶ୍ର

ଟାଙ୍ଗରା ପାହାଡ଼ ଉହାଡ଼ ରେ ସବୁଜ ଧାନ କ୍ଷେତ ସେପାରି ରେ ଅବସ୍ଥିତ ଥିଲା ଏକ ଛୋଟ ସହର । ଆଉ ସେଇ ଛୋଟ ସହରରେ ରହୁଥିଲେ ଅରୁଣ ଛୋଟରାୟ ତାଙ୍କ ସହଧର୍ମିଣୀ ଆଶା ଙ୍କ ସହିତ । ଆଶାଙ୍କୁ ଏଇ ଅଳପ ଦିନ ପୂର୍ବରୁ 50 ପୁରିଲା । ଖୁବ ଧୁମଧାମ ରେ ପାଳନ କରାହେଲି ଥିଲା ଆଶା ଙ୍କ 50 ତମ ଗୋଲଡେନ ଜୁବଲୀ । ଆଶା ଦାଣ୍ଡ ପିଣ୍ଡା ରେ ପଡିଥିବା ଆରାମ ଚ଼ିୟାର ଉପରେ ବସିଥିଲେ । ମନେ ପଡିଯାଉଥିଲା ଅରୁଣଙ୍କର ସେଇ ମିଠା ମିଠା କଥାଗୁଡ଼ିକ । ସେ ନିଜ ଘରର ଝରକା ପାଖରେ ବସି ସୂର୍ଯ୍ୟ ଅସ୍ତ ହେବାର ଦେଖିଲେ । ସନ୍ଧ୍ୟା ର ଆକାଶ ରେ ପୁନେଇ ଜହ୍ନ ର ରୁପେଲି ରଙ୍ଗ ତାଙ୍କ ହୃଦୟ କୁ ଯେମିତି ଆତ୍ମହରା କରିଦେଉଥିଲା । ମନର ଅକୁହା କୋଣ ରୁ ଉଙ୍କି ମାରୁଥିଲା ଜୀବନର ବିଭିନ୍ନ ସୋପାନ ଅନୁଭୂତି ସବୁ - ପ୍ରତ୍ୟେକ ମୁହୂର୍ତ୍ତ...

ଆନନ୍ଦ, ଯନ୍ତ୍ରଣା ଏବଂ ଅବିସ୍ମରଣୀୟ ସ୍ୱପ୍ନରେ ବୁଣା ଯାଇଥିଲା ସେ ଖଟା ମିଠା ସଂସାର । ମନ ତାଙ୍କର ଫେରି ଗଲା ସେଇ ସ୍କୁଲ ଦିନକୁ, ସେ ସମୟକୁ ... ଯେତେବେଳେ ଜୀବନ ବହୁତ ସଦା ସିଧା ଓ ସରଳ ଥିଲା ଏବଂ କଥା କଥା ରେ ମୁଁହ ରେ ତାଙ୍କର ହୃଦୟ ଖୋଲା ହସ ଉକୁଟି ଉଠୁଥିଲା । ସେ ସାଙ୍ଗମାନଙ୍କ ସହିତ ନିଜ ଛୋଟିଆ ସହରର ସଂକୀର୍ଣ୍ଣ ଗଳି ଦେଇ ଦୌଡିବା କଥା ମନେ ପକାଇଲେ, ଧୂଳିଧୂସର ପ୍ରାଙ୍ଗଣରେ ଖପରା ଡିଆଁ ଖେଳିବାବେଳେ ତାଙ୍କ ଲମ୍ବା ଛୁଟି ଝୁଲି ଝୁଲି ଯେମିତି ଜଣାଇ ଦଉଥିଲା ଆଶାଙ୍କର ନିଷ୍କପ ମନର ଗୁମୁରି ଉଠୁଥିବା ସପନ ର କଥା । ସେତେବେଳର ଚିନ୍ତା ଓ ଭାବନା କଥା ମନେ

ISSN NO.
2582-208X

ପଡିଲେ ହସ ମାଡ଼େ ଆଶା ଙ୍କୁ । ତାଙ୍କର ସବୁଠାରୁ ବଡ ଚିନ୍ତା ଥିଲା ଯେ ଆଜି ତାଙ୍କ ୟୁନିଫର୍ମ ସଫା ଅଛି କି ନାହିଁ, କିଏ କଟି ତ ପକାଇଦେବେନି ? ଆଜି ତାଙ୍କ ବେଷ୍ଟ ଫ୍ରେଣ୍ଡ ସାଗରିକା ଆସିଥିବ ତ ? ବିଦ୍ୟାଳୟ ଶିକ୍ଷାର ସ୍ଥାନ ଥିଲା, କିନ୍ତୁ ଆଶାଙ୍କ ପାଇଁ ଏହା ଥିଲା ବନ୍ଧୁତା ଏବଂ ନିରୀହ ସ୍ୱପ୍ନଗୁଡିକର ଆଶ୍ରୟସ୍ଥଳୀ। ପିଲା ଦିନୁ ସେ ଜଣେ ମେଧାବୀ ଛାତ୍ରୀ ଥିଲେ, ସର୍ବଦା ନିଜ ଛୋଟ ସହରଠାରୁ ଅଧିକ ଦୁନିଆ ବିଷୟରେ ଜାଣିବାକୁ ଆଗ୍ରହୀ ଥିଲେ। ତାଙ୍କ ଛୋଟ ସହରରେ ଥିବା ସ୍କୁଲଟି ଛୋଟ ଆଶା ଙ୍କ ପାଇଁ ଏକ ଆନନ୍ଦ ଏବଂ ଆବିଷ୍କାର ଜଗତ ଥିଲା । ପ୍ରତିଦିନ ସେ ଉତ୍ସାହର ସହିତ ବିଦ୍ୟାଳୟକୁ ଚାଲିଆସୁଥିଲେ । ତାଙ୍କ ହୃଦୟ କିଛି ନୂଆ ଜିନିଷ ଶିଖିବା ଏବଂ ସାଙ୍ଗମାନଙ୍କ ସମୟ କୁ ଉପଭୋଗ କରିବାର ଉତ୍ସାହରେ ପରିପୂର୍ଣ୍ଣ ଥିଲା । ଶ୍ରେଣୀଗୃହ, ଏହାର ରଙ୍ଗୀନ ଚାର୍ଟ ଏବଂ ଶିକ୍ଷକଙ୍କ ଉତ୍ସାହ ବର୍ଦ୍ଧକ ହସ ସହିତ ତାଙ୍କର ଏକ ନିବିଡ଼ ସମ୍ପର୍କ ଗଢି ଉଠିଥିଲା । ସେ ଶାନ୍ତ ସରଳ ମୂହୁର୍ତ୍ତଗୁଡିକୁ ବହୁତ ଭଲ ପାଉଥିଲେ - ବର ଗଛ ତଳେ ମଧ୍ୟାହ୍ନ ଭୋଜନ ବାଣ୍ଟିବା, ଖେଳ ପଡିଆରେ ଦୌଡ଼ି-ଡିଆଁ ଖେଳିବା ଏବଂ ଉଚ୍ଚ ସ୍ୱରରେ କବିତା ପାଠ କରିବା ଟା ତାଙ୍କୁ ସବୁବେଳେ ରୋମାଞ୍ଚିତ କରୁଥିଲା । ଯେତେବେଳେ ସେ ନିଜ ପାଠ୍ୟପୁସ୍ତକର ପ୍ରତ୍ୟକ ପୃଷ୍ଠାଗୁଡ଼ିକରେ ସୁନେଲି ସ୍ୱପ୍ନ ଦେଖିବାକୁ ଲାଗିଲେ,ସେତେବେଳେ ତାଙ୍କୁ ତାଙ୍କ ଛୋଟ ସହର ଟି ଭି ବଡ଼ ଏବଂ ସମ୍ଭାବନାରେ ପରିପୂର୍ଣ୍ଣ ଅନୁଭବ ହେଉଥିଲା ।

ବୟସ ବଢିବା ସଂଗେ ସଂଗେ ଆଶା ସଂସାର ର ସେ କୁଟିଳତା ମଧ୍ୟରେ କେତେବେଳେ ଯେ ଅଜାଣତରେ ପ୍ରବେଶ କରିବାକୁ ଲାଗିଥିଲେ ...ସେ ନିଜେ ଭି ଜାଣିପାରିଲେନାହିଁ । ଏମିତି ଏକ ଦୁନିଆରେ ପ୍ରବେଶ କଲେ ଯେଉଁଠି ପାଦେ ପାଦେ ତାଙ୍କୁ ସାବଧାନ ରହିବାକୁ ପଡିବ, ଯେଉଁଠାରେ ସ୍ୱାଧୀନତା ସତେ ଯେମିତି ଏକ ଏକ ନୂତନ ଉପଲବ୍ଧି । ସେହି ଦିନ ଗୁଡିକରେ, ଯୌବନ ର ଉନ୍ମାଦନା ଯେମିତି ପାଦ ଚିପି ଚିପି ତାଙ୍କ ମନ ଆକାଶ କୁ ଆଲୋଡିତ କରୁଥିଲା । ସେ ଅଧିକ ଜୋରରେ ହସିବାକୁ ଲାଗିଥିଲେ , ନୂତନ ବନ୍ଧୁତ୍ୱ ର ବଳୟ ସୃଷ୍ଟି କରିଥିଲେ ଏବଂ ଅନେକ ଦୁଃସାହାସିକ କାର୍ଯ୍ୟରେ ଲିପ୍ତ ହେବାକୁ ଆଗ୍ରହ ପ୍ରକାଶ କରିଥିଲେ। ସନ୍ଧ୍ୟାବେଳ ଟା ତାଙ୍କର କଲେଜ ସାଥୀଙ୍କ ସହ ଚୁଲି ରୁ ଚାନ୍ଦ ଯାଏ ଲମ୍ବା ଚାଟ୍ ରେ ପରିପୂର୍ଣ୍ଣ ହେଇଯାଉଥିଲା, ଚଳଚ୍ଚିତ୍ର ଠାରୁ ଆରମ୍ଭ କରି ସର୍ବଶେଷରେ କିଛି

ISSN NO.
2582-208X

ଅଲଡୁଫାଲତୁ କଥାରେ ମଧ୍ୟ ହସର ଲାହିରୀ ଛୁଟୁ ଥିଲା । ଏହି ଦିନଗୁଡ଼ିକରେ ସେ ନିଜ ବିଷୟ ରେ ଅନେକ ସ୍ୱପ୍ନ ଦେଖିଥିଲେ - ବୋଧହୁଏ ଜଣେ ଶିକ୍ଷୟତ୍ରୀ, ଲିଖିକା , କିମ୍ବା ଭ୍ରମଣକାରୀ ହେବାର ସ୍ୱପ୍ନ ... । କିନ୍ତୁ ସେ ଭାବିପାରିନଥିଲେ ଯେ ସମାଜର ଆଦର୍ଶବାଦିକ ନିୟମ କାନୁନ ଚାଲିବା ପାଇଁ ତାଙ୍କର ପଥ ପ୍ରସ୍ତୁତ ହୋଇ ସାରିଛି - ଅଧ୍ୟୟନ ଶେଷ କରିବା, ବିବାହ କରିବା ଏବଂ ଘର ସଂସାର କରିବା...। ତାଙ୍କ ହୃଦୟ, ଦୁନିଆକୁ ଅନୁସନ୍ଧାନ କରିବାକୁ ଇଚ୍ଛା କରୁଥିଲା, କିନ୍ତୁ ତାଙ୍କର ଛୋଟିଆ ହୃଦୟ ହୀନ ସମାଜ ଟି ଚାହୁଁ ଥିଲା ବୋଧହୁଏ ଅନ୍ୟ କିଛି । ତେଣୁ ତାଙ୍କ ସ୍ୱପ୍ନ ପାହାନ୍ତି ସ୍ୱପ୍ନ ହୋଇ ରହିଗଲା ।

ତା'ପରେ ଆସିଥିଲା ତାଙ୍କର ବୈବାହିକ ଜୀବନର ଘୂର୍ଣ୍ଣିବାତ୍ୟା, ଯେତେବେଳେ ସେ ଅରୁଣଙ୍କୁ ଭେଟିଥିଲେ, ଘର ସଂସାର କରିବା କଥା ସେତେବେଳେ ସେ ସ୍ୱପ୍ନରେ ଭି ଭାବୁ ନ ଥିଲେ । କିନ୍ତୁ ଅରୁଣ ଙ୍କ ଚାହାଣି ରେ ଭରିରହିଥିବା ନିବିଡ଼ ଭଲ ପାଇବା, ତାଙ୍କର ସରଳ ବ୍ୟବହାର ଆଶାଙ୍କର ମନରେ ଅସୀମ ଆନନ୍ଦ ଭାରି ଦେଇଥିଲା । ସେମାନଙ୍କର ପ୍ରେମ ସମ୍ପର୍କ ଖୁବ ମଧୁର ଥିଲା, ସ୍ନେହ-ପ୍ରୀତି ର ସେ ଚୋରା-ଚୋରି ମୂହୁର୍ତ୍ତର ପରିପୂର୍ଣ୍ଣତା,ପାରସ୍ପରିକ ସମ୍ମାନ ଏବଂ ବିଶ୍ୱାସର ନିବିଡ଼ତା ଯେମିତି ଜୀବନରେ ଅପୂର୍ବ ପୁଲକ ଭାରି ଦେଉଥିଲା । ଆଶାଙ୍କର ମନରେ ବିଶ୍ୱାସ ଗଢ଼ି ଉଠିଥିଲା ସତରେ କଣ ସେ ପ୍ରକୃତ ଜୀବନ ସାଥିଟିଏ ପାଇଛନ୍ତି ଯିଏ ତାଙ୍କୁ ଆପଣାର କରିନେବେ ସବୁଦିନ ପାଇଁ ... । କଲେଜ ରୁ ସଦ୍ୟ ବାହାରି ଥିବା ଝିଅ ଟି ଆଶା...ଏକ ନୂତନ ଜୀବନ କୁ ଆପଣେଇବାକୁ ଆଗେଇଚାଲିଲେ । ଶାଶୁ ଘରେ ପାଦ ଦେଲେ ମନରେ ନେଇ ଅସୁମାରୀ ସପନ ।

ବିବାହର ପ୍ରାରମ୍ଭିକ ବର୍ଷଗୁଡ଼ିକ ଆନନ୍ଦ ଏବଂ ସଂଘର୍ଷର ଖଟା -ମିଠା ଅନୁଭୂତି ଆଣିଥିଲା । କିଛି ମାସ ପରେ ଆଶା ମା ହବାର ସୌଭାଗ୍ୟ ଅର୍ଜନ କରିଥିଲେ ଏବଂ ଏହା ସହିତ ସେ ପୁରାତନ ମଞ୍ଚରେ ତାଙ୍କ ନୂତନ ରୋଲ କୁ ଆଦରି ନେଲେ । ଘର-ଦ୍ୱାର ପିଲା- ସଂସାର ଚଳାଇବାର ଅସୀମ ଦାୟିତ୍ୱ ନବାପାଇଁ ପ୍ରସ୍ତୁତ ହେଉଥିଲେ । ଘର ର ନିତ୍ୟଦିନ କାମ... ରାନ୍ଧିବା, ଘର-ଦ୍ୱାର ସଫା କରିବା, ପିଲାମାନଙ୍କର ଯତ୍ନ ନେବା ଏବଂ ଶାଶୁ ଶଶୁର ଙ୍କ ଆବଶ୍ୟକତା ପୂରଣ କରିବାରେ ତାଙ୍କ ଦିନଗୁଡ଼ିକ

ISSN NO.
2582-208X

ଅତିବାହିତ ହେବାକୁ ଲାଗିଥିଲା । ଜୀବନର ଏଇ ସୋପାନରେ ଏମିତି କିଛି ସମୟ ଆସିଥିଲା ଯେତେବେଳେ ସେ ଚିତ୍କାର କରି କାନ୍ଦିବାକୁ ଚାହୁଁଥିଲେ, କିନ୍ତୁ ସେହି ଭାବନାକୁ ତାଙ୍କ କର୍ତ୍ତବ୍ୟ ର ଭାର ତଳେ ପୋତିଦେଇଥିଲେ । ବେଳେ ବେଳେ ଅଣନିଶ୍ୱାସୀ ହେଇ ପଡୁଥିଲେ ନିଜ କର୍ତବ୍ୟ କୁ କେବେ ଅବହେଳନା କରିନାହାନ୍ତି ସିଏ । ଅରୁଣ ଜଣେ ଭଲ ସ୍ୱାମୀ ଥିଲେ, କିନ୍ତୁ ତାଙ୍କ ସମୟର ଅନେକ ପୁରୁଷଙ୍କ ପରି ସେ କେବେ ମଧ୍ୟ ଆଶାଙ୍କ ମନ ଭିତରେ ଗଢିଉଠୁଥିବା ଝଡ଼ କୁ ଅନୁଭବ କରି ନଥିଲେ । ସବୁକିଛି ସୁରୁଖୁରୁରେ ଚଳାଇବା ପାଇଁ ସେ ନିଜକୁ ଦକ୍ଷ ମନେକରୁଥିଲେ ଭି ଅରୁଣ ତାଙ୍କୁ କେବେ ଠିକ ଭାବରେ ବୁଝିପାରିଲେ ନାହିଁ ବୋଧେ..., ଭାବିବାକୁ ଚାହିଁଲେ ନାହିଁ କି ଆଶା କଣ ଚାହାଁନ୍ତି, କ'ଣ ଆବଶ୍ୟକ କରନ୍ତି ?

ବର୍ଷ ପରେ ବର୍ଷ ବିତି ଚାଲିଲା, ଏବଂ ଅବାଞ୍ଛିତ ଭାବନା ର ଭାର ରେ ହୃଦୟ ତାଙ୍କ ଭାରାକ୍ରାନ୍ତ ହେଇ ଚାଲୁଥିଲା । ଆଶା ଙ୍କ ପିଲା ଦିନର ସେ ସୁନେଲି ସ୍ୱପ୍ନ ଜୀବନର ଅସୁମାରୀ କର୍ତବ୍ୟ ଲହଡି ମଧ୍ୟ ରେ କେତେବେଳେ ହଜିଗଲା ବୋଧେ । ସେ ତାଙ୍କ ଇଚ୍ଛାକୁ ଦମନ କରିବାକୁ ଶିଖିଯାଇ ଥିଲେ, ଏହି ଅଭିଳାଷ ରେ ଯେ ଦିନେ କେହି ଜଣେ ତାଙ୍କୁ ଦେଖିବେ - କେବଳ ପତ୍ନୀ କିମ୍ବା ମା ଭାବରେ ନୁହେଁ, ବରଂ ଏକ ସର୍ବବଂଗସହା ନାରୀ ଭାବରେ । ସେ ଚାଉଁଥିଲେ ସ୍ୱାମୀ, ପିଲାମାନଙ୍କର କିଛି ଭଲ ପାଇବା, କିଛି ପ୍ରଶଂସା, ଆଉ ନିଜର ଆତ୍ମ ସମ୍ମାନ, କିନ୍ତୁ ସେହି ମୁହୂର୍ତ୍ତଗୁଡ଼ିକ କେବେ ଆସିଲା ନାହିଁ । ପିଲା ମାନେ ବଡ ହେଇ ଯେ ଯାହାର ସଂସାର ରେ ବ୍ୟସ୍ତ ହେଇଗଲେଣି । ମନ ହେଲେ ଅଥବା 'ଫ୍ରି' ସମୟ ମିଳିଲେ ଫୋନ ରେ କଥା ହୁଅନ୍ତି... ସେ ପୁଣି ବାବାଙ୍କ ସାଙ୍ଗରେ । କେତେବେଳେ ମନ ହେଲେ ମାଙ୍କ କଥା ପଚାରି ଦିଅନ୍ତି ...ଅଥବା ଅରୁଣ ଆଶା ଙ୍କୁ ଫୋନ ଧରେଇ ଦେଲେ ପିଲା ମାନେ ପଚାରିଦିଅନ୍ତି "ମା ଭଲ ଅଛ"? ସେତିକିରେ ମନଟା କୁଣ୍ଢେମୋଟ ହେଇ ଯାଏ ତାଙ୍କର । କିନ୍ତୁ ମା ମନ ତ... ଅକୁଳୀ ହେଉଥାଏ ସବୁବେଳେ । ଯେହେତୁ ତାଙ୍କ ପିଲାମାନେ ବଡ ହୋଇ ନିଜ ଜୀବନ ଆରମ୍ଭ କରିଥିଲେ, ସେ ନିଜକୁ ଘରେ ଖୁବ ଏକାକୀ ଅନୁଭବ କରୁଥିଲେ , କେବଳ ତାଙ୍କ ସହିତ ଥିଲା ତାଙ୍କ ହୃଦୟ ର କେତେ ଯେ ଅକୁହା କଥା ଗୁଡିକ । ଘରେ କେବଳ ଦୁଇ ଜଣ ଥିବାରୁ ଲୋକବାକ

ISSN NO.
2582-208X

ରଖିବାର ଆବଶ୍ୟକତା ମନେ କରି ନାହାନ୍ତି ସିଏ କେତେବେଳେ । ଶାଶୁ ଘରେ ପାଦ ଦେଲା ଦିନରୁ ଏଇ କାମ ତ କରିଆସିଛନ୍ତି ଜୀବନ ଯାକ । କଲି ଭଳି ମନେ ହଉଚି, ଯେତେବେଳେ ସେ ପ୍ରଥମେ ଏ ଘରେ ପାଦ ଦେଇଥିଲେ, ଚାହା ପିଇପିଇ ଶାଶୁ କହିଥିଲେ, "ଆଶା ! ବିବାହର ଏକ ସପ୍ତାହ ବିତିଗଲାଣି, ତୁ ସବୁକିଛିର ଯତ୍ନ ନେବାକୁ ଚେଷ୍ଟା କରିବା କଥା । ଏବେ ଆମେ ତା ସବୁଦିନ ପାଇଁ ବଞ୍ଚିକି ରହିଁବୁନି... ତୋତେ ହିଁ ସବୁକିଛି ଦେଖିବାକୁ ପଡିବ । ବର୍ତ୍ତମାନ ତୁ ବୋହୂ ଭାବରେ ଆମ ପରିବାରର ଏକ ଅଂଶ, ନୂଆ ଜୀବନ ସାଥି ସହିତ ଏ ଘର ର ଦାଇତ୍ୱ ଭି ନବାକୁ ପଡିବ ତୋତେ । ତୋତେ ଏଇ ପରିବାର ର ପିଲା ଠାରୁ ବଡ ପର୍ଯ୍ୟନ୍ତ ସମସ୍ତ ଙ୍କ ଯତ୍ନ ନବାକୁ ହବ । ପରିବାର ର ଆବଶ୍ୟକତାକୁ ବୁଝିବାକୁ ପଡିବ ଏବଂ ତୋତେ ଏହି ଭୂମିକାରେ ସୁନ୍ଦର ଭାବରେ ଗଢି ତୋଳିବାକୁ ପଡିବ 'ମୋ ପରିବାର' କୁ । ଆଶା ଏହା ଶୁଣି ଚମକି ପଡିଥଲେ ... ବାପ ଘରେ ଥିଲା ବେଳେ ଶୁଣିଥିଲେ ସେଟା ବାପ ଘର ବୋଲି ଆଉ ଏବେ ଶାଶୁ କହୁଛନ୍ତି ଯୋଉଠିକୁ ସେ ବାହା ହେଇ ନିଜ ଘର-ଦ୍ୱାର ଚଡି ଆସିଛି ସେଇଟା ଭି ତାର ନୁହଁ, ସେଟା ଶାଶୁ ଘର ... ମନରେ ତାଙ୍କର ପ୍ରଶ୍ନ ଉଠିଥିଲା ତେବେ ତା ଘର କୋଉଟା ? ସେହି ଦିନ ଠାରୁ ଆଶା କେବେ ପଛକୁ ଫେରି ଚାହିଁନାହାନ୍ତି I ନିଜକୁ, ନିଜ ସ୍ୱପ୍ନକୁ ଭୁଲି ଏହି ପରିବାର ପାଇଁ ଢାଳିଦେଇଛନ୍ତି ନିଜ ମନ -ପ୍ରାଣକୁ । ପିଲା ଦିନର ବାଲିଘର ଖେଳ, ଯୌବନର ଉଲ୍ଲାଦ ସବୁ କିଛି ଯେମିତି ହଜି ଯାଇଛି ସ୍ୱାମୀଙ୍କ ଦିନଚର୍ଯ୍ୟା ଦେଖି, ପିଲାମାନଙ୍କ ଅଝଟ ଅରଦଳି ମଧ୍ୟ ରେ ।

ଆଜି ଲୁହ ଭିଜା ଆଖି ତାଙ୍କର ଭାରି ଭାରି ଲାଗୁଥିଲା । ସ୍ମୃତି ର ଗନ୍ତାଘରୁ ଖୋଜି ଚାଲିଥିଲେ ନିଜରନ୍‌ଅସ୍ତିତ୍ୱ । ଘଣ୍ଟା ର କଣ୍ଟା ଭଳି ସମୟର ପାବନ୍ଦୀ ଭିତରେ ସ୍ୱାମୀ ଙ୍କ ପାଇଁ ଠିକ ସମୟ ରେ ଖାଇବାକୁ ଦେବା ତାଙ୍କର ଯେମିତି ଦୈନନ୍ଦିନ ଅଭ୍ୟାସ ହେଇଗଲା I କିନ୍ତୁ କାହିଁ କେତେବେଳେ ଅରୁଣ ପଚାରି ତ ଦେଇନାହାନ୍ତି "ତୁମେ ଖାଇଲାଣି କି" ? ନିଜର ଗୋଲାପୀ ରଙ୍ଗ ର ଶାଢ଼ୀ କାନି ରେ ଲୁହ ପୋଛୁ ପୋଛୁ ମାନେ ଗଲା ଶାଢ଼ୀଟା ପୋରିହାଁ ହୋଇ ଗଲାଣି । ମୁହଁରେ ଖେଳିଗଲା ଏକ ସ୍ମିତା ହସ । ମନେ ପଡିଗଲା କିଛି ବର୍ଷ ତଳେ ଗଣେଶ ପୂଜା ରେ ଝିଅ ପାଇଁ ଯୋଉ ଡ୍ରେସ ଆଣିଥିଲା ତାର ରଙ୍ଗ ତା ପସନ୍ଦ

ISSN NO.
2582-208X

ଆସିଲାନି ତେଣୁ କାନ୍ଦି କାନ୍ଦି ଫୋପାଡ଼ି ଦେଇଥିଲା ଡ୍ରେସ ଟିକୁ । ଅରୁଣ ଝିଅ ସପକ୍ଷରେ ଥାଇ ବହୁତ ପାଟି କରିଥିଲେ ଆଶା ଙ୍କୁ । ସଂଗେ ସଂଗେ ଆଶା ଯାଇ ମାର୍କେଟ ରୁ ଆଉ ଏକ ଫ୍ରକ କିଣିକି ଆଣିଥିଲେ । ନିଜ ଶାଢ଼ୀ କାନି ଦେଖି ମନରେ ଆସିଲା "ନା ପିଲା ମାନେ, ନା ସ୍ୱାମୀ କେଉଁ ଦିନ ପଚାରି ଦେଇନାହାନ୍ତି ତାଙ୍କ ଲୁଗାପଟା ବିଷୟରେ...

ବର୍ତ୍ତମାନ, ତାଙ୍କ ଜୀବନର ଅର୍ଧ ସୋପାନ ରେ ପହଞ୍ଚିଲାଣି... କଣ ଥକି ଯାଇଛନ୍ତି ଆଶା? ଏକ ଦୀର୍ଘ ନିଶ୍ୱାସ ପକାଇଲେ ସିଏ । ଝରକା ବାହାର କୁ ଚାହିଁଲେ । ତାଙ୍କ ଜୀବନର ସମସ୍ତ ଅଧ୍ୟାୟ, ଆନନ୍ଦ, ବଳିଦାନ, ରୋଷେଇ ଘର କିମ୍ବା ଶୋଇବା ଘରର କେଉଁ ଏକ ଗୁପ୍ତ କୋଣରେ ବୋହି ଯାଇଥିବା ଲୁହ ଦି ବୁନ୍ଦା କଥା ମାନେ ପଡିଗଲା ତାଙ୍କର । ଏମିତି ନୁହ କି ସେ ଘରେ ସିଏ ସୁଖରେ ନ ଥିଲେ... କିନ୍ତୁ 'ସୁଖ ଆଉ ଖୁସି' ର ସେ ସୂକ୍ଷ୍ମ ତଫାତ ଟା ତାଙ୍କ ମନକୁ ବିଚଳିତ କରୁଥିଲା । ସେ ସମସ୍ତଙ୍କୁ ଗଭୀର ଭାବରେ ଭଲ ପାଉଥିଲେ, ସ୍ୱଚ୍ଛଳତାରେ ବଞ୍ଚିଥିଲେ, ତଥାପି, ତାଙ୍କର ହୃଦୟ ର ଏକ ଅନ୍ଧାରୁଆ ଅଂଶ ଥିଲା ଯାହାକି ଚାହୁଁଥିଲା ସମସ୍ତଙ୍କ ଭଲପାଇବା, ପଦେ ମନ କୁ ବୁଝିଲା ଭଳି ବ୍ୟବହାର । ଆଶା ଆକାଶ କୁ ଚାହିଁଲେ । ପୂର୍ଣମୀ ର ଜହ୍ନ ତାର ରୂପେଲି କିରଣ ରେ ଯେମିତି ଧୋଇ ଦେଉଥିଲା ଆଶା ଙ୍କ ମନର ସେ ଅନ୍ଧାରୁଆ କୋଣଟିକୁ । ତାଙ୍କ ଭିତରେ କିଛି ବଦଳି ଯାଇଥିଲା । ଅନ୍ୟମାନଙ୍କଠାରୁ ସାବାସୀ ପାଇବା ର ଅଭିଳାଷା କ୍ଷୀଣ ହୋଇଯାଇଥିଲା ଏବଂ ଏହାର ସ୍ଥାନରେ ଏକ ଅଦ୍ଭୁତ ଶାନ୍ତି ର ଅନୁଭବ କରୁଥିଲେ ସିଏ । ଆଶା ବୁଝିଗଲେ ଯେ ସେ ଏତେ ବର୍ଷ ଧରି ଅପେକ୍ଷା କରିଥିବା ବାହ୍ୟ ପ୍ରଶଂସା ର ମୂଲ୍ୟ କିଛି ନୁହେଁ । ସେ ନିଜକୁ ସାବାସୀ ଦେବା ର ଆବଶ୍ୟକତା ଥିଲା । ଜୀବନର ସଂଘର୍ଷ ମଧ୍ୟରେ ସେ ଏକ ପରିବାର ପ୍ରତିପୋଷଣ କରିଥିଲେ, ସ୍ୱାମୀଙ୍କ ପାଦରେ ପାଦ ମିଳାଇ ଚାଲିଥିଲେ ଏବଂ ପରିବାର ର ଧ୍ୟାନ ରଖିଥିଲେ ତାଙ୍କ ନିଜ ସ୍ୱପ୍ନକୁ ପଛକୁ ଠେଲି ଦେଇ ।

ଏକ ଦୀର୍ଘ ନିଶ୍ୱାସଛାଡି ଆଶା ନିଜ ଚେୟାରରୁ ଠିଆ ହେଲେ, ତାଙ୍କ ଭାରାକ୍ରାନ୍ତ ଛାତି ଟା ଆଗ ଅପେକ୍ଷା ହାଲୁକା ଲାଗୁଥିଲା । ବାଇଗଣୀ ଏବଂ କମଳା ରଙ୍ଗର ଛାଇଛାଇକିଆ ଆକାଶ ଛାଡି ସୂର୍ଯ୍ୟ କେତେବେଳୁ ପାହାଡ ତଳେ ବୁଡ଼ି ଆସିଲେଣି । ସେ ରୋଷେଇ ଘରକୁ

ISSN NO.
2582-208X

ଚାଲିଲେ, କିନ୍ତୁ ଏଥର ସାଧାରଣ ରାତ୍ରୀ ଭୋଜନ ପ୍ରସ୍ତୁତ କରିବା ପରିବର୍ତ୍ତେ ସେ ଡ୍ରୟାରରେ ରଖାଯାଇଥିବା ଏକ ନୋଟବୁକ୍ ପାଖରେ ପହଞ୍ଚିଲେ। ଲେଖା ଲେଖି ଛାଡିବାର ଅନେକ ବର୍ଷ ହେଲାଣି, କିନ୍ତୁ ଆଜି ପୁଣି ଆରମ୍ଭ କରିବାର ଉପଯୁକ୍ତ ସମୟଆସିଲା ପରି ଅନୁଭବ କଲେ ଆଶା । କାଗଜରେ ପ୍ରଥମ ଶବ୍ଦଝାପ୍ସା ଝାପ୍ସା ହେଇ ଦେଖାଯାଉଥିଲା । ଆଖିରେ ଆଜି ଭାରି ରହିଥିଲା ଖୁସି ର ଅଶ୍ରୁ ଧାରା । ସେ ଆଉ ଅପେକ୍ଷା କରିନଥିଲେ । ଏଥର ସେ ନିଜ କାହାଣୀ ଲେଖୁଥିଲେ।

ଫ୍ଲାଟ ନଂ - B 2, 705
ଲେଜ୍ର ପାର୍କ, ଗ୍ରେଟର ନୋଇଡା
ଉତ୍ତର ପ୍ରଦେଶ

ISSN NO.
2582-208X

# ଭାରି ନିରୀହ ଦୁଇଟି ଅକ୍ଷର "ବୋଉ"



ସନ୍ଧ୍ୟାରାଣୀ ମଲ୍ଲିକ

ବୋଉ ଲୋ ତତେ ତୁ କହିଲେ
ନ ରାଗି କାହିଁକି ଉତ୍ତର ଦେଉ ।
ବୋଉ ଲୋ ତୁ ବାପାଙ୍କ ରାଗରେ
ଚୁପ୍ ହୋଇ କାହିଁକି ଶୁଣୁଥାଉ ।
ବୋଉ ଲୋ ତୁ ଏତେ ମାଡ, ଗାଳି ଦେଇ
ପରେ କାହିଁକି କୋଳେଇ ନେଉ ।
ବୋଉଲୋ ତୁ ମାଡ ମାରି
ସବୁବେଳେ ସ୍କୁଲକୁ କାହିଁକି ପଠେଇ ଦେଉ ।
ବୋଉଲୋ ମୋ ପାଇଁ କାହା ସହ ଝଗଡା ଲାଗିଲେ
ମତେ ମାରି ମାରି କାହିଁକି ଘରକୁ ନେଇଯାଉ ।
ବୋଉ ଲୋ ତୁ ମତେ ମାଡ ମାରି
ଲୁଚି ଲୁଚି କାହିଁକି କାନ୍ଦୁଥାଉ ।
ବୋଉ ଲୋ ତୁ ସମସ୍ତଙ୍କୁ ଖାଇବାକୁ ଦେଇ
ଶେଷରେ କାହିଁକି ଖାଇବାକୁ ଯାଉ ।
ବୋଉଲୋ ତୁ ନିଜେ ନ ଖାଇ
ଲୁଚେଇ ମୋ ପାଇଁ କାହିଁକି ରଖିଥାଉ ।
ବୋଉ ଲୋ କେହି ଖାଇବାକୁ ମାଗିଲେ
ନିଜ ଖାଇବାକୁ ଦେଇ ତୁ କାହିଁକି ଉପାସ ରହୁ ।

ISSN NO.
2582-208X

ବୋଉ ଲୋ ସମସ୍ତଙ୍କ କଟୁ କଥା
କାହିଁକି ଚୁପ୍ ହୋଇ ଶୁଣୁଥାଉ ।
ବୋଉ ଲୋ ଘରଟା ଯାକର କାମ କରି
କାହିଁକି ଥକି ପଡୁ ବୋଲି କହୁ ନାହୁଁ ।
ବୋଉ ଲୋ ସମସ୍ତଙ୍କ ସବୁ କାମ କରି
ଶେଷରେ ତୁ କଣ ପାଉ ।
ବୋଉ ଲୋ ତୁ ଏତେ ନିରୀହ ବୋଲି
ଆମକୁ ଜାଣିବାକୁ ଦେଇ ନାହୁଁ ।
ବୋଉ ଲୋ ତୁ ହେଉଛୁ ସେଇ ଦେବୀ
ଯିଏ ତା ଛୁଆ ପାଇଁ ଦଶଭୁଜା ରୂପ ସାଜିଥାଉ ।
ବୋଉ ଲୋ ତୁ ହେଉଛୁ ସ୍ନେହମୟୀ
ତୋ ମମତାରେ ସମସ୍ତଙ୍କୁ ଆଦରି ନେଇଥାଉ ।

ସ୍ନାତୋକୋତ୍ତର ଦ୍ୱିତୀୟ ବର୍ଷ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ISSN NO.
2582-208X

# କର୍ମଯୋଗ



ଅମୃତନାରାୟଣ ଶତପଥୀ

କଥା କମ୍ ଯେବେ କାମ ବେଶି ହୁଏ ତାହା ଅଟେ କର୍ମଯୋଗ,
କର୍ମ କୋଢିଆ କର୍ମଯୋଗ ପ୍ରତି ହୁଏ ସର୍ବଦା ବିରାଗ ।(୧)
କର୍ମଯୋଗ ନୁହେଁ ସମୟ ନଷ୍ଟ କରି ପୁଣି ବନ୍ଧୁ ଖଟି,
ସେପରି କଲେ ମିଳେନି ସୁଫଳ ଜୀବନ ହୁଏ ମାଟି ।(୨)
କର୍ମଯୋଗ ଅଟେ ମାନବ ଧର୍ମ ବ୍ୟକ୍ତିତ୍ୱ କର୍ମଯୋଗୀର,
ସମର୍ପିତ ପ୍ରାଣ କର୍ତ୍ତବ୍ୟରେ ଜାଣ କାର୍ଯ୍ୟ ପୁଣି ନିରନ୍ତର ।(୩)
କର୍ତ୍ତବ୍ୟ ପାଳନ ତା କାର୍ଯ୍ୟାନ୍ୱୟନରେ କରେ ନାହିଁ ଅବହେଳା,
ନିଜ ପରିସ୍ଥିତି ଜ୍ଞାତ କରି ପାରେ ରଖି ସ୍ଥିରତା ସହ ଶୃଙ୍ଖଳା ।(୪)
କିନ୍ତୁ କର୍ମଯୋଗ ବୁଝିବା ପାଇଁକି ମନୁଷ୍ୟ ଏବେ ବ୍ୟସ୍ତ,
କାରଣ ଅନେକ ଅଯଥା କାର୍ଯ୍ୟରେ ବିଚାର ଥାଏ ନ୍ୟସ୍ତ ।(୫)
ପରନିନ୍ଦା ପରଚର୍ଚ୍ଚା ସହ ଚୁଗୁଲି ପ୍ରକୃତି ରଖି,
ନିଜେ ନିଜର ଚରିତ୍ର ସଂହାର ପାରେ ନାହିଁ ଯେ ପରଖି ।(୬)
ନିଜକୁ ଉତ୍ତମ ସଂସାର ଅଧମ ମନେ ଭାବେ ଯେଉଁ ବ୍ୟକ୍ତି,
ମହାଭାରତର ଦୁର୍ଯ୍ୟୋଧନ ସମ ପାଏ ନାହିଁ ସିଏ ମୁକ୍ତି ।(୭)

ISSN NO.
2582-208X

ଲୋକଦେଖାଣିଆ ଭାବେ ଅବା ଜାଣେ ଧରିଛି ଅନ୍ୟର ତ୍ରୁଟି,
କିନ୍ତୁ ନିଜ ତ୍ରୁଟି କାଟି ଦେଇଥାନ୍ତି ବିଶ୍ୱସ୍ତ ବ୍ୟକ୍ତି ଦରୋଟି ।(୮)
ଯୁଧିଷ୍ଠିର ସମ ମନ୍ଦ ଭିତରୁ ସଂଗ୍ରହ କରେ ଯେ ଭଲ,
ସେ ହିଁ କେବଳ ପ୍ରକୃତ କର୍ମଯୋଗୀ ବଢାଏ ଜୀବନ ମୂଲ ।(୯)
ସଂସାରରେ ସଭିଙ୍କର ଭିତରେ ଅଳ୍ପ ବହୁତେ କର୍ମକୋଢି କର୍ମଯୋଗୀ ଗୁଣ,
କୋଢିଆ ଗୁଣକୁ ଛାଡି ସମୁଚିତ କର୍ମେ କର୍ମଯୋଗ କର ତୀକ୍ଷ୍ଣ ।(୧୦)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# କୃତ୍ରିମ ବୁଦ୍ଧିମତ୍ତା: ଭବିଷ୍ୟତ ପିଢ଼ୀ ପାଇଁ ଆହ୍ୱାନ

କ୍ୟାପଟେନ ଅକ୍ଷୟ କୁମାର ଦାଶ

କୃତ୍ରିମ ବୁଦ୍ଧିମତ୍ତା ହେଉଛି ମନୁଷ୍ୟକୃତ ମେସିନ୍ ଦ୍ୱାରା ଧାରଣ କରିଥିବା ବୁଦ୍ଧି ଯିଏ ମାନବ ସାହାଯ୍ୟରେ ବିଭିନ୍ନ କାର୍ଯ୍ୟ କରିଥାଏ । କୃତ୍ରିମ ବୁଦ୍ଧିମତା ହେଉଛି କମ୍ପ୍ୟୁଟରର ସିଦ୍ଧାନ୍ତ ଏବଂ ବିକାଶ, ଯାହା ମାନବୀୟ ବୁଦ୍ଧି ଏବଂ ଇନ୍ଦ୍ରିୟଗୁଡିକୁ ଅନୁକରଣ କରିଥାଏ, ଯେପରିକି ଭିଜୁଆଲ୍ ଧାରଣା, ବକ୍ତବ୍ୟ ଚିହ୍ନିବା, ନିଷ୍ପତ୍ତି ନେବା ଏବଂ ଭାଷା ମଧ୍ୟରେ ଅନୁବାଦ କରିବା ଇତ୍ୟାଦି । କୃତ୍ରିମ ବୁଦ୍ଧିମତା, ପ୍ରଯୁକ୍ତିବିଦ୍ୟା ଜଗତରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି ଯାହାର ସର୍ବାଧିକ ଲାଭ ପାଇବା ପାଇଁ, ଏହାକୁ ବୁଦ୍ଧିମାନ ଭାବରେ ବ୍ୟବହାର କରିବା ଓ ନୂତନତ୍ୱ ର ଉନ୍ନତି ଦିଗରେ ନିର୍ଦ୍ଦେଶିତ ହେବା ଆବଶ୍ୟକ । ମାନବ ମସ୍ତିଷ୍କର ଜଟିଳ ଓ ଗତିଶୀଳ କାର୍ଯ୍ୟରେ ମାନବ ବୁଦ୍ଧିର ଚିନ୍ତା କରିବା ଓ ସମସ୍ୟା ସମାଧାନର ଭାଷା ଓ ନିଷ୍ପତ୍ତି ନେବାର କ୍ଷମତା କୃତ୍ରିମ ବୁଦ୍ଧିଠାରୁ ସମ୍ପୂର୍ଣ୍ଣ ଭିନ୍ନ, ଯାହା ଚେତନା, ଆତ୍ମ ସଚେତନତା, ଭାବନା ଓ ବିବିଧ ଜ୍ଞାନର କ୍ଷମତା ସୃଷ୍ଟି କରିପାରେ। ଅନ୍ୟପକ୍ଷରେ କୃତ୍ରିମ ବୁଦ୍ଧିମତା ହେଉଛି ମାନବ- ପରିକଳ୍ପନା, ଯେଉଁଥିରେ ଆଲଗୋରିଦମ୍ ଦ୍ୱାରା ତଥ୍ୟ ପ୍ରକ୍ରିୟାକରଣ ଓ ପ୍ରୋଗ୍ରାମ ହୋଇଥିବା ତର୍କସବୁ କିପରି ମାନବୀୟ ବୁଦ୍ଧିମତ୍ତାକୁ ଅନୁକରଣ କରିବ ଓ କାର୍ଯ୍ୟକାରୀ କରିପାରିବ, ସେ ଦିଗଗୁଡ଼ିକୁ ଧ୍ୟାନ ଦିଆଯାଏ। ମନୁଷ୍ୟର ମସ୍ତିଷ୍କ ଓ କମ୍ପ୍ୟୁଟର ମଧ୍ୟରେ ସମାନ୍ତରତା ଲକ୍ଷ୍ୟ କରି ପ୍ରଯୁକ୍ତି ବୈଜ୍ଞାନିକମାନେ କୃତ୍ରିମ ବୁଦ୍ଧିମତ୍ତାର ପରିକଳ୍ପନା କରିଛନ୍ତି।

ISSN NO.
2582-208X

କୃତ୍ରିମ ନ୍ୟୁରାଲ ନେଟୱାର୍କ ସହିତ ମେସିନ୍ ଲର୍ଣ୍ଣିଂକୁ ସକ୍ଷମ କରୁଥିବା ମୌଳିକ ଆବିଷ୍କାର ପାଇଁ ରୟାଲ ସ୍ୱିଡିସ ଏକାଡେମୀ ଅଫ୍ ସାଇନ୍ସ ,ଚଳିତ ବର୍ଷ ଆମେରିକୀୟ ବୈଜ୍ଞାନିକ ଜନ୍ ହୋପ୍‌ଫିଲ୍ଡ ଓ ବ୍ରିଟେନ-କାନାଡା ବୈଜ୍ଞାନିକ ଜେଫ୍ରି ହିଣ୍ଟନଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ମିଳିବ ବୋଲି ଘୋଷଣା କରିଛି। ବୈଜ୍ଞିନିକ ଜେଫ୍ରି ହିଣ୍ଟନ୍ ଏକ ପଦ୍ଧତି ଆବିଷ୍କାର କରିଛନ୍ତି ଯାହା ସ୍ୱୟଂଚାଳିତ ଭାବରେ ଡାଟାରେ ଗୁଣ ଖୋଜିପାରିବ ସହ ଫଟୋରେ ନିର୍ଦ୍ଦିଷ୍ଟ ଉପାଦାନଗୁଡିକ ଚିହ୍ନଟ କରିବା ଭଳି କାର୍ଯ୍ୟ ସମ୍ପାଦନ କରିପାରିବ। ସେହିପରି ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟର ୯୧ ବର୍ଷୀୟ ପ୍ରଫେସର ହୋପଫିଲ୍ଡ ଏକ ସହଯୋଗୀ ମେମୋରୀ ସୃଷ୍ଟି କରିଛନ୍ତି ଯାହା ଚିତ୍ର ଏବଂ ଅନ୍ୟାନ୍ୟ ପ୍ରକାରର ଢାଞ୍ଚାଗୁଡ଼ିକୁ ତଥ୍ୟରେ ସଂରକ୍ଷଣ ଏବଂ ପୁନଃନିର୍ମାଣ କରିପାରିବ ।

ସ୍ୱୟଞ୍ଚାଳିତ ଗାଡ଼ିରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ମନୋରଞ୍ଜନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ପ୍ରମୁଖ ଭୂମିକା ଗ୍ରହଣ କରିଛି। ଚାଟ୍ ଜିପିଟ୍, ମେସିନ୍ ଲର୍ଣ୍ଣିଂ, ଡିପ୍ ଲର୍ଣ୍ଣିଂ ଶିକ୍ଷା, ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ ଓ ରୋବୋଟିକ୍ସ ମାଧ୍ୟମରେ ମଣିଷର ଅନେକ କାର୍ଯ୍ୟକୁ ସହଜରେ ଓ ଶୀଘ୍ର କରିବାରେ ସକ୍ଷମ ହୋଇପାରୁଛି। ଏହାର ବହୁଳ ବ୍ୟବହାର ଓ ସରଳ ପ୍ରୟୋଗ ଯୋଗୁଁ କୃତ୍ରିମ ବୁଦ୍ଧି ଧୀରେ ଧୀରେ ମାନବୀୟ ବୁଦ୍ଧିଠାରୁ ଅଧିକ ସକ୍ରିୟ ଭୂମିକା ଗ୍ରହଣ କଲାଣି ଏହା ସତ ଯେ ଭବିଷ୍ୟତରେ ମଣିଷ କୃତ୍ରିମ ବୁଦ୍ଧିର ବଶବର୍ତ୍ତୀ ହୋଇଯିବ।ଏହିସବୁ ଅତ୍ୟାଧୁନିକ ଓ ବିସ୍ମୟକାରୀ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଔଦ୍ୟୋଗିକ ପୁଞ୍ଜିବାଦ କ୍ଷେତ୍ରରେ ନୂଆ ସଫଳତା ହାସଲ କରିବାକୁ ବିକଶିତ ରାଷ୍ଟ୍ରସମୂହ ବ୍ୟଗ୍ର ହୋଇପଡିଛନ୍ତି। ଭାରତ ମଧ୍ୟ ୨୦୪୭ ମସିହା ସୁଦ୍ଧା ବିଶ୍ୱର ଅନ୍ୟତମ ବିକଶିତ ରାଷ୍ଟ୍ରରେ ପରିଣତ ହେବାର ଲକ୍ଷ୍ୟ ରଖି ଏହି ବିକାଶ ଦୌଡ଼ରେ ସାମିଲ ହୋଇଛି। ଗ୍ରାମାଞ୍ଚଳର ଲୋକଙ୍କୁ ସ୍ୱାସ୍ଥ୍ୟସେବା ବିସ୍ତାର ତଥା ପ୍ରସାର କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା ଉପଯୋଗୀ ହୋଇପାରିବ । ଭାରତରେ, ଶିକ୍ଷକ-ଛାତ୍ର ଅନୁପାତ ଅତ୍ୟନ୍ତ ଖରାପ, ଯେଉଁଥିପାଇଁ ଅନେକ ଶିକ୍ଷକଙ୍କ ଉପରେ ଅନେକ ପ୍ରଶାସନିକ କାର୍ଯ୍ୟ ଏବଂ ସାଂପ୍ରତିକ କାର୍ଯ୍ୟ ନ୍ୟସ୍ତ ହେବାଦ୍ୱାରା ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଛି କିନ୍ତୁ ସ୍ୱଂୟଚାଳିତ କୃତ୍ରିମ ବୁଦ୍ଧିମତ୍ତା ଏହି ସାଂପ୍ରତିକ କାର୍ଯ୍ୟଗୁଡ଼ିକୁ ଏକ ସ୍ୱଳ୍ପ ସମୟ ମଧ୍ୟରେ ଅଧିକ ଦକ୍ଷତାର

ISSN NO.
2582-208X

ସହିତ ସଂପୂର୍ଣ୍ଣ କରିବା ପାଇଁ କାର୍ଯ୍ୟ କରିବ ଯାହାକି ଶିକ୍ଷା ଦାନ ସୁଚାରୁ ରୁପେ ସମ୍ପାଦାନ ହୋଇପାରିବ ।ସଡକ ସୁରକ୍ଷା ବୃଦ୍ଧି ପାଇଁ କୃତ୍ରିମ ବୁଦ୍ଧିମତ୍ତା  ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ତେବେ କୃତ୍ରିମ ବୁଦ୍ଧିମତ୍ତା ଆଣିଥିବା ସୁବିଧା ସୁଯୋଗର ଲାଭ ଉଠାଇବା ପୂର୍ବରୁ ଆମକୁ ପ୍ରଥମେ ଏହାସହିତ ସଂଶ୍ଲିଷ୍ଟ ସମ୍ଭାବ୍ୟ ବିପଦକୁ ଏଡ଼ାଇବାକୁ ପଡ଼ିବ। ଏହା ବୈଜ୍ଞାନିକ ନବସୃଜନ ଏବଂ ଜଳବାୟୁ ନିରୀକ୍ଷଣ କାର୍ଯ୍ୟ ଚଳାଇବା ଠାରୁ ଜଟିଳ ସମସ୍ୟାର ସମାଧାନ କରିବାର କ୍ଷମତା ରଖିଛି । କୃଷି କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଫସଲ ମନିଟରିଂ, ମୃତ୍ତିକା ବିଶ୍ଳେଷଣ ଏବଂ ପାଣିପାଗ ପୂର୍ବାନୁମାନ, କୃଷକମାନଙ୍କୁ ତଥ୍ୟ ଚାଳିତ ନିଷ୍ପତ୍ତି ନେବାରେ, ଫସଲ ଅମଳର ଉନ୍ନତି ଏବଂ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ କରିବାରେ ସାହାଯ୍ୟ କରେ । ଆନ୍ତର୍ଜାତୀୟ ସହଭାଗୀମାନଙ୍କ ସହ ସହଯୋଗ ଏବଂ ଅନୁସନ୍ଧାନ ଭିତ୍ତିଭୂମିରେ ବିନିଯୋଗ କୃତ୍ରିମ ବୁଦ୍ଧିମତ୍ତା ନବସୃଜନ କ୍ଷେତ୍ରରେ ଭାରତର ସ୍ଥିତିକୁ ଆହୁରି ସୁଦୃଢ଼ କରିବ । ତଥାପି ଅତ୍ୟାବଶ୍ୟକ ତଥ୍ୟର ଗୋପନୀୟତା, ଆର୍ଥିକ ନିରାପତ୍ତା, ମାନବଜାତିର ସୁରକ୍ଷା ପାଇଁ ଏହାର ମନମୁଖୀ ବ୍ୟବହାର ବିପଦ ସୃଷ୍ଟି କରିବ । ଜେଫ୍ରି ହିଣ୍ଟନଙ୍କୁ କୃତ୍ରିମ ବୁଦ୍ଧିମତାର ଜନକ ବୋଲି ବିବେଚନା କରାଯାଏ। କୃତ୍ରିମ ବୁଦ୍ଧିମତା (ଏଆଇ) ସମାଜ ଉପରେ କିପରି ଏହାର ନକାରାତ୍ମକ ପ୍ରଭାବ ପକାଇବ ସେ ପୂର୍ବରୁ ଆଭାସ ଦେଇସାରିଛନ୍ତି। ହିଣ୍ଟନଙ୍କ କହିବାନୁସାରେ କୃତ୍ରିମ ବୁଦ୍ଧିମତ୍ତା ଜନିତ ଅନେକ ସମ୍ଭାବ୍ୟ ଖରାପ ପରିଣାମ ବିଷୟରେ ଆମକୁ ସତର୍କ ରହିବାକୁ ହେବ ଓ ଏଦିଗରେ ଏବେଠାରୁ ଚିନ୍ତା କରିବାକୁ ପଡ଼ିବ । ଏହାର ପ୍ରୟୋଗ ଓ ବ୍ୟବହାର ପାଇଁ, ସ୍ୱତନ୍ତ୍ର ନୀତି ଓ ନିୟମାବଳୀ ସହିତ ନୂତନତା ଏବଂ ପ୍ରତିଯୋଗିତାକୁ ସୁନିଶ୍ଚିତ କରିବା ପାଇଁ ଉଦ୍ୟମ ହେବା ଦରକାର ।

ମାନସିକ ସହଯୋଗ, ସହାୟତା, ପରାମର୍ଶ, କୋଚିଂ ଓ ଥେରାପି ଭଳି ସମ୍ବେଦନଶୀଳ କ୍ଷେତ୍ରରେ ଭାବପ୍ରବଣର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି କ୍ଷେତ୍ରରେ ଏଆଇରେ ମଧ୍ୟ ସୁଯୋଗ ସୃଷ୍ଟି କରାଯାଇପାରିବ। ଆଜିର ବୈଷୟିକ ଜ୍ଞାନକୌଶଳ ଓ ବୈଜ୍ଞାନିକ ଉପଲବ୍ଧି ଏହି ସମସ୍ୟାର ସମାଧାନରେ ସଫଳ ହେବ ବୋଲି ଆଶା କରାଯାଉଛି । ଭାରତର ସାମାଜିକ-ଅର୍ଥନୈତିକ ବିକାଶରେ କୃତ୍ରିମ ବୁଦ୍ଧିମତାର ପୂର୍ଣ୍ଣ ସମ୍ଭାବନାକୁ ହୃଦୟଙ୍ଗମ

ISSN NO.
2582-208X

କରିବା ପାଇଁ ନବସୃଜନ ଏବଂ ଦାୟିତ୍ୱପୂର୍ଣ୍ଣ ନିୟୋଜନ ମଧ୍ୟରେ ସନ୍ତୁଳନ ଗୁରୁତ୍ୱପୂର୍ଣ୍ଣ ହେବ। ମାନବୀୟ ବୁଦ୍ଧିକୁ ଅତିକ୍ରମ କରିବାର ସମସ୍ତ ସାମର୍ଥ୍ୟ କୃତ୍ରିମ ବୁଦ୍ଧିମତ୍ତାର ଅଛି ଏବଂ ଯେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ବହୁ ସଠିକ୍ ଏବଂ ଦକ୍ଷତାର ସହିତ ସଂପାଦନ କରିପାରିବ ଏଥିରେ କୌଣସି ସନ୍ଦେହ ନାହିଁ ତଥାପି, ଅତ୍ୟଧିକ ମାତ୍ରାରେ ଗୋଟିଏ କୃତ୍ରିମ ଯନ୍ତ୍ରକୁ ନିର୍ଭର କରିବା ଭୁଲ ସାବ୍ୟସ୍ତ ହୋଇପାରେ କାରଣ ଅତ୍ୟଧିକ ନିର୍ଭରଶୀଳତା ବର୍ତ୍ତମାନର ମାନବଜାତି ଏବଂ ପରବର୍ତ୍ତୀ ପିଢୀ ପାଇଁ ଏକ ବିପଦ୍ଜନକ ପରିବେଶ ସୃଷ୍ଟି କରିପାରେ-------।

କୃତ୍ରିମ ବୁଦ୍ଧିମତ୍ତା ର ବିକାଶ ପାଇଁ ଭାରତର ଆଭିମୁଖ୍ୟ, ଅର୍ଥନୈତିକ ସମୃଦ୍ଧତା ଏବଂ ସାମାଜିକ ପ୍ରଗତି ପାଇଁ ଏକ ଗମ୍ଭୀର ଏବଂ ରଣନୀତିକ ପ୍ରତିବଦ୍ଧତାକୁ ସୂଚିତ କରେ ।

ଅଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ,
ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟ
କଟକ, ମୋ -୭୦୦୮୨୪୧୫୮୮

ISSN NO.
2582-208X

# ଆମ କବିତା



ଝିଲିମିଲି ସାହୁ

ତୁମ ନିସ୍ୱତାରେ
ମୁଁ ଦେଖିପାରେ
ଭିନ୍ନ ଏକ କଳ୍ପନାର କାୟା
ସେହି ବିଶ୍ୱ ଚିନ୍ତନରେ
ଗଢି ଦିଏ ଶବ୍ଦର କୋଣାର୍କ
ମୋତି ସମ ଗୁନ୍ଥା ହୁଏ
ଅସଂଖ୍ୟ କବିତା ମାଳା
ଶବ୍ଦ ଶିକୁଳିରେ ଛନ୍ଦି ହୋଇଯାଏ
ମନର ଭାବନା ହୃଦୟ ବ୍ୟଥା
ନୁହଁଇ ମୁଁ ଶବ୍ଦ ପ୍ରହେଳିକା
ଏତ ଭାବ ଭାବନାର କଥା
କିଛି ତୁମର କିଛି ମୋର
ବ୍ୟଥା ବେଦନାର ମାର୍ମିକ ଭାଷା
ତୁମେ ରାଧା ଲେଖିଲେ
ମୁଁ ଲେଖିଦିଏ କୃଷ୍ଣ
ଦୁହେଁ ମିଶିଗଲେ
ଆରମ୍ଭ ହୁଏ କବିତା
ହଁ ମୁଁ ତୁମ ସାଥେ ପୂର୍ଣ୍ଣ ଏକମତ
ରୂପ ଦେବାକୁ ଲୋଡା ଯାହା
ଚିମୁଟାଏ ନିରୋଳା ମୁହୂର୍ତ୍ତ ।

ସହ. ଶିକ୍ଷୟିତ୍ରୀ
ନୟାଗଡ଼

ISSN NO.
2582-208X

# ଚେଇଁ ଶୋଇଥାଏ ଯିଏ......?



ଜୟ କୁମାର ମିଶ୍ର

ଶୋଇ ଚେଇଁଥାଏ, ସବୁ ଜାଣୁଥାଏ
ଜଣାରେ ଅଜଣା ହୁଏ,
ଯେତେ ଉଠାଇଲେ, ହଲାହଲି କଲେ
ମଉନ ବ୍ରତଟି ନିଏ ॥
ଚୁପ ସଇତନୀ, ବଡ଼ ବେହିମାନି
ସରୁ ସୂତା ଶଂଖୀକାଟେ
ଅମାୟିକ ଭାବ, ଛଳନା ସ୍ୱଭାବ
ସୁବିଧାବାଦୀଟି ଗୋଟେ ॥
ଆପଣା ସ୍ୱାର୍ଥରେ, ମନଘର ଧରେ
ପରସ୍ୱାର୍ଥେ ଉଦାସୀନ,
ଚତୁର ବହୁତ, ଧରି ନିଜପଥ
ସବୁନାଟ ଗୋବର୍ଦ୍ଧନ ॥
ମନମାନି ଭାରୀ, କରି ବେଖାତିରି
ନିଜର ଫାଇଦା ଚାହେଁ,
ଦାୟିତ୍ୱ କର୍ତ୍ତବ୍ୟ, ଜାଣି ଭୁଲିଥିବ
ଏଣୁତେଣୁ ଗପୁଥାଏ ॥
ଯିଏ ଯେତେ ମାଠ, ଦରପୋଡା କାଠ
ଲଜ୍ଜା, ସଂକୋଚକୁ ତେଜି,
କିଏ କେତେ କହୁ, ଭର୍ତ୍ସନା କେ ଦେଉ

ISSN NO.
2582-208X

ଦେହସୁହା ମନେ ମଣ୍ଡି ॥
ହୀତ ଉପଦେଶ, ଭଲ ପରାମର୍ଶ
ସବୁ ବୃଥା ଅକାରଣ,
ସବୁ ଚସୁକୁଟା, ସୁଫଳରେ ଭଟ୍ଟା
ପରିବର୍ତ୍ତନ ଆଶା କ୍ଷୀଣ ॥
କାନ ଶୁଣୁଥାଏ, ବିବେକ ନଥାଏ
ଚେତନା ବିହୀନ ଚିତ୍ତ,
ଗରବ ଗାରିମା, ଡେଉଁଥାଏ ସୀମା
ଅବଜ୍ଞାରେ ମଦମତ୍ତ ॥
ପରକୁ କହିବା, ଭୁଲ ବାଛିଦେବା
ଅତି ସହଜିଆ କଥା,
ନିଜେ କଲାବେଳେ, ସବୁକଥା ଭୁଲେ
ନକରି ଟିକିଏ ଚିନ୍ତା ॥
କଥାରେ ଗଢ଼ିବ, ଭୁସ୍ୱର୍ଗ ପାହାଡ଼
କେତେ  ବା ଅମରାବତୀ,
କାମବେଳେ ଶୁନ, କଦର୍ଯ୍ୟ ନିଊନ
ବିବେକ ଶୂନ୍ୟଟି ଅତି ॥
ବିକାଶ, ବିନାଶ, ନିଷ୍ଫଳଟି ଆଶ
ଚେଇଁ ଶୋଇଥାଏ ଯିଏ,
ଉଠାଇବା ଶ୍ରମ, ପ୍ରୟାସଟି ଭ୍ରମ
ହେଜତେଜ ନିଦ୍ରା ନିଏ ॥

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ମୁଁ ମୋ ଭାଷାରେ ବର୍ଣ୍ଣବୋଧ ଲେଖୁଛି

ସମାପିକା ଦାସ

ମୁଁ ମୋ ଭାଷାରେ ବର୍ଣ୍ଣବୋଧ ଲେଖୁଛି....
"ଅ" ରୁ ଅନ୍ନ ଆଉ ଅମୃତ ଲେଖିବାକୁ ଚାହୁଁଛି,
କିନ୍ତୁ ଲେଖୁଛି "ଅ" ରୁ ଅନର୍ଥ ଆଉ ଅତ୍ୟାଚାର
ଚେଷ୍ଟା କରୁଛି "କ" ରୁ କଲମ ଆଉ କରୁଣା ଲେଖିବି
ହେଲେ କାଳିରୁ କ୍ରୁରତା ଆଉ କୁଟିଳତା ଝରୁଛି
ମୁଁ ମୋ ଭାଷାରେ ବର୍ଣ୍ଣବୋଧ ଲେଖୁଛି .....
ଏ ପର୍ଯ୍ୟନ୍ତ "ଖ" ରୁ ଖେଳନା ଲେଖୁଥିଲି,
ଆଜି "ଖ" ରୁ ଖରାପ ସମୟ ର ଚିତ୍କାର ଶୁଭୁଛି
ମୁଁ ମୋ ଭାଷାରେ ବର୍ଣ୍ଣବୋଧ ଲେଖୁଛି...
ଭାବୁଛି "ଫ" ରୁ ଫୁଲ ଲେଖିବି
କିଛି ନହେଲେ ତାଙ୍କୁ ଈଶ୍ୱର ଙ୍କୁ ସମର୍ପଣ କରିବି,
କିନ୍ତୁ ସେ ଫୁଲ ଆଜି ବିଭତ୍ସ ଲୋକଙ୍କ ଗଳାମାଳ ହୋଇଛି
ମୁଁ ମୋ ଭାଷାରେ ବର୍ଣ୍ଣବୋଧ ଲେଖୁଛି...
କେହିଜଣେ ମୋ ହାତ ଧରି "ଭ" ରୁ ଭୟ "ଦ" ରୁ ଦମନ ଲେଖିବାକୁ କହୁଛି
ପୁଣି "ମ"ରୁ ମରଣ "ବ" ରୁ ବଳାତ୍କାର ଲେଖିବାକୁ ବାଧ୍ୟ ଅରୁଛି
ମୁଁ ମୋ ଭାଷାରେ ବର୍ଣ୍ଣବୋଧ ଲେଖୁଛି...
ଆତତାୟୀ ଆଜି ମୋ ବର୍ଣ୍ଣମାଳାକୁ ଚୋରି କରିଛି
ମନର ଭାଷା ଆଜି ସମାଜର ହିଂସା ପାଲଟିଛି
ମୁଁ ମୋ ଭାଷାରେ ବର୍ଣ୍ଣବୋଧ ଲେଖୁଛି...
"ହ" ରୁ ହରିଣ ଆଜି ହତ୍ୟା ହେଉଛି,
ମୁଁ ମୋ ଭାଷାରେ ବର୍ଣ୍ଣବୋଧ ଲେଖୁଛି...

+୩ ଛାତ୍ରୀ, ଓଡିଆ ବିଭାଗ
ଢେଙ୍କାନାଳ ମହିଳା ମହାବିଦ୍ୟାଳୟ

ISSN NO.
2582-208X

# ଏମର୍ଜେନ୍ସି ଓଡ଼ିଆ ଗଳ୍ପ



ସୁଚସ୍ମିତା ନାୟକ

ଗଣତାନ୍ତ୍ରିକ ସ୍ୱାଧୀନ ରାଷ୍ଟ୍ରରେ ଜରୁରୀକାଳୀନ ସ୍ଥିତି (Emergency) ଏକ କାଳିମାମୟ ଅଧ୍ୟାୟ । ଭାରତୀୟ ଗଣତନ୍ତ୍ରର ଇତିହାସ ପୃଷ୍ଠାରେ ଏ ଅନ୍ଧକାର ପରିସ୍ଥିତିର କ୍ଷତ ଆଜି ମଧ୍ୟ ଲିଭି ନାହିଁ । ଭାରତରେ ଜରୁରୀକାଳୀନ ଅବସ୍ଥା ର ସମୟସୀମା ଥିଲା ପ୍ରାୟ ୨୧ ମାସ । ୨୫ ଜୁନ ୧୯୭୫ ମସିହା ଠାରୁ ୨୧ ମାର୍ଚ ୧୯୭୭ ମସିହା ପର୍ଯ୍ୟନ୍ତ ଏହା ଲାଗୁ ହୋଇଥିଲା । ତତ୍ କାଳୀନ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ସମ୍ବିଧାନର ଧାରା ୩୫୨ ଅନୁଯାୟୀ 'ଆନ୍ତରୀଣ ଅଶାନ୍ତି' (internal disturbance) କୁ ଆଧାର କରି ଏମର୍ଜେନ୍ସି ଘୋଷଣା କରିଥିଲେ । ସରକାରୀ ସ୍ତରରେ ତତ୍ କାଳର ଭାରତର ରାଷ୍ଟ୍ରପତି ଫୁକ୍ରୁଦ୍ଧିନ ଅଲ୍ଲୀ ଅହମ୍ମଦ ଏହାକୁ ଲାଗୁ କରାଇଥିଲେ । ପ୍ରଧାନମନ୍ତ୍ରୀଙ୍କ ହସ୍ତମୁଠାରେ ରହିଲା ସମଗ୍ର ଦେଶ । ପରିମାଣ ସ୍ୱରୂପ ନିର୍ବାଚନକୁ ବନ୍ଦ ରଖିବା ସହିତ ବିବିଧ ସାମାଜିକ ସ୍ୱାଧୀନତାକୁ ଛିନ୍ନ କରିଥିଲେ । ବିରୋଧୀ ଗୋଷ୍ଠୀ ବା ଅନେକ ନୀତିବାଦୀ ରାଜନୈତିକ କର୍ମୀ ଗିରଫ ହୋଇ ଜେଲ ଯାଇଥିଲେ । ସରକାର ବିରୋଧୀ ତଥା ମୁକ୍ତ ଭାବନା ରଖୁଥିବା ପ୍ରେସ୍ କୁ ବନ୍ଦ କରଯାଇଥିଲା । ଗଣତନ୍ତ୍ର ସମାଜରେ ଜନସାଧାରଣଙ୍କ ମାନବ ଅଧିକାର (human rights) ହୋଇଥିଲା ବିପର୍ଯ୍ୟସ୍ତ ।

ଏମର୍ଜେନ୍ସି ଥିଲା ଭାରତ ଇତିହାସର ଏକ ଅନ୍ଧକାର ଯୁଗ । ଭାରତୀୟ ସମ୍ବିଧାନରେ ରାଷ୍ଟ୍ରପତିଙ୍କ ଅଧୀନରେ ତିନି ପ୍ରକାର ଜରୁରୀ ଘୋଷଣାର ପ୍ରବିଧି ରହିଛି । ତାହା ହେଉଛି National Emergency Article- 352, state emergency (presidential rule)-Aride-536 ଏବଂ financial emergency-Article-360 । ଭାରତରେ ୩ ଥର Emergency ଲାଗିଛି। ୨୬

ISSN NO.
2582-208X

ଅକ୍ଟୋବର ୧୯୬୨ ମସିହାରେ ଭାରତ-ଚୀନ ଯୁଦ୍ଧ ବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ପ୍ରଥମ ଏମର୍ଜେନ୍ସି ଲାଗୁ କରିଥିଲେ । ଏହା ୧୯୬୫ ମସିହା ପର୍ଯ୍ୟନ୍ତ ପ୍ରଲମ୍ବିତ ହୋଇ ରହିଥିଲା । ସେହିଭଳି ଡିସେମ୍ବର ୧୯୭୧ ମସିହାରେ ଯେତେବେଳେ ବାଂଲାଦେଶ ମୁକ୍ତିଯୁଦ୍ଧ ଆରମ୍ଭ ହେଲା ସେତେବେଳେ ତତ୍ କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏମର୍ଜେନ୍ସି ଲାଗୁ କରିଥିଲେ । ଏହା ମଧ୍ୟ ୧୭ ଡିସେମ୍ବର ୧୯୭୧ ମସିହା ଯାଏଁ ପ୍ରଲମ୍ବିତ ହୋଇ ରହିଥିଲା । ଭାରତର ତୃତୀୟ ଜାତୀୟ ଏମର୍ଜେନ୍ସି ୨୫ ଜୁନ୍ ୧୯୭୫ ରେ ଲାଗୁ ହୋଇଥିଲା ଯାହା ୧୯୭୭ ମସିହା ପର୍ଯ୍ୟନ୍ତ ପ୍ରଲମ୍ବିତ ହୋଇ ରହିଥିଲା ।

ତତ୍ କାଳୀନ ପ୍ରଧାନମନ୍ତ୍ରୀ ଦେଶର ସମଗ୍ର ଶାସନକଳକୁ ନିଜ ପକ୍ଷରେ ରଖିବାର ପ୍ରଚେଷ୍ଟା କରିଥିଲେ । ସମାଜନୀତି-ରାଜନୀତି-ଅର୍ଥନୀତି-ଗଣମାଧ୍ୟମ ସବୁକୁ ଜରୁରୀ ପରିସ୍ଥିତିର ଅଧୀନରେ ରଖାଯାଇଥିଲା । ଏମର୍ଜେନ୍ସି ସମୟରେ ତତ୍ କାଳୀନ ସରକାର ତଥା ପ୍ରଧାନମନ୍ତ୍ରୀ 'ପ୍ରେସ୍ ସେନସରସିପ୍', ପ୍ରି-ସେନସରସିପ୍', କୋର୍ଟ ର ବିବିଧ ପ୍ରକ୍ରିୟାକୁ ସ୍ଥଗିତ ରଖିବା ତଥା ନାଗରିକ ଅଧିକାରକୁ ଖଣ୍ଡିତ କରିବା ସହିତ ଜନସାଧାରଣକର ସ୍ୱରକୁ ଦମନ କରିଥିଲା ।

ଏମର୍ଜେନ୍ସି କୁ ଆଧାର କରି ଅନେକ ପୁସ୍ତକ ବିଭିନ୍ନ ଭାଷାରେ ପ୍ରକାଶ ପାଇଛି । ସେହିଭଳି କେତେକ ପୁସ୍ତକ ମଧ୍ୟରେ ଇଂରାଜୀରେ Pranaba Mukherjee ଙ୍କ The Dramatic Decade; the Indira gandi years (2014) ହିନ୍ଦୀରେ ନରେନ୍ଦ୍ର ମୋଦୀ ଙ୍କ 'ଆପାତ କାଲ ମେ ଗୁଜୁରାଟ'(2019), ମନୋହର ପୁରୀଙ୍କ 'ଆପାତ ନାମା' (2016), Christophe Jaffrelot Pratinav Anil ଙ୍କ India first and dictatorship the emergency 1975-1877(2020) ଭଳି ଅସଂଖ୍ୟ ପୁସ୍ତକରୁ ଏମଜେନ୍ସି ର ପ୍ରଭାବ ଆମେ ସ୍ପଷ୍ଟ ବାରିପାରିବା ।

ଓଡିଆ ସାହିତ୍ୟ ମଧ୍ୟ ଏହି ଧାରାରୁ ବାଦ୍ ପଡିନାହିଁ। ବେଶ୍ କିଛି କବିତା, ଗଳ୍ପ, ଉପନ୍ୟାସ, ଆତ୍ମଜୀବନୀ, ପ୍ରବନ୍ଧରେ ଏହାର ତୀବ୍ରତା କୁ ଅନୁଭବ କରିହେବ । ଅନିଭବି ହିଁ ଅନୁଭବର କଥା କହିଥାଏ । ୧୯୭୫ ମସିହାରେ ସେହି ଅନ୍ଧାର ଦିନର ପରିସ୍ଥିତି କୁ ଯିଏ ଅଙ୍ଗେ ନିଭାଇଛି ତାଙ୍କ ଅଙ୍ଗାନିଭା କଥାରୁ ଏ ଲେଖାର ଉତ୍ପତ୍ତି । ଦେଶର ପ୍ରତ୍ୟେକ ନାଗରିକଙ୍କ ଜୀବନରେ ଏ ଘଟଣା ଆସିଥିଲେ ମଧ୍ୟ ଗୋଟେ ଶିଳ୍ପୀ ତାର ମାନସ ପଟରେ

ISSN NO.
2582-208X

ଏହାର ପ୍ରତିଛବି କୁ ନିଖୁଣ ଭାବରେ ଆଙ୍କିପାରେ ନିଜ ଶବ୍ଦ ସାହାଯ୍ୟରେ । ୧୯୭୫ ମସିହାରେ ଲେଖନୀ ଚାଳନ କରୁଥିବା ବା ପରେ ଏହି ବିଷୟକୁ ଗୁରୁତ୍ୱ ଦେଇଥିବା କିଛି ଗାଳ୍ପିକମାନଙ୍କ ଗଳ୍ପକୁ ନେଇ ଏ ଆଲୋଚକର କିଛି ଜିଜ୍ଞାସାକୁ ଉପସ୍ଥାପନା କରିବାର ପ୍ରୟାସ କରିଛି । ସେଗୁଡିକ ମଧ୍ୟରେ – ହରେକୃଷ୍ଣ ମହତାବଙ୍କର 'ଧର୍ମଶାଳା', 'ଏମର୍ଜେନ୍ସି', 'ସ୍ୱର୍ଗରେ ଏମର୍ଜେନ୍ସି', ରାଜକିଶୋର ରାୟଙ୍କର 'କୁଳାଙ୍ଗାରର କାରାଗାର', ସେରେନ୍ଦ୍ର ମହାନ୍ତିଙ୍କର, ଅଚ୍ୟୁତାନନ୍ଦ ପତିଙ୍କର 'କଣ୍ଢେଇ ରାଜ୍ୟ', ଦଶରଥ ସମାଲଙ୍କ 'ବନ୍ଦୀର ଆତ୍ମକଥା', ଚୌଧୁରୀ ହେମକାନ୍ତ ମିଶ୍ରଙ୍କର 'ସିଂହ ଓ ଠେକୁଆର ଆଧୁନିକ ସଂସ୍କରଣ' ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କର 'ବାଘୁଣୀ ହତ୍ୟାକାଣ୍ଡ' ଗୁରୁପ୍ରସାଦ ମହାନ୍ତିଙ୍କର 'ବାଘମାତିଛି', ପଦ୍ମଜ ପାଳଙ୍କ 'ସର୍କସ ଚାଲିଛି', ରାଧାବିନୋଦ ନାୟକଙ୍କ ' ନିଖୋଜ ଆସାମୀ' ଆଦି ଗଳ୍ପକୁ ଏହାର ପରିସର ଭୁକ୍ତ କରାଯାଇଛି।

ହରେକୃଷ୍ଣ ମହତାବଙ୍କ 'ଧର୍ମଶାଳା' ଗଳ୍ପ ଭାରତୀୟ ରାଜନୀତି ଓ ତତ୍ କାଳୀନ ରାଜନୈତିକ ବ୍ୟାଖ୍ୟାର ଏକ ଉଲ୍ଲେଖ ଯୋଗ୍ୟ ସୃଷ୍ଟି ଭାବେ ସର୍ବଦା ଆଲୋଚିତ । ଏହି ଗଳ୍ପରେ ବିପ୍ଳବୀ ଚେତନାରେ ବନ୍ଧା ହୋଇଥିବା ୪ ଜଣ କଲେଜ ସାଙ୍ଗ ଏବଂ ସେମାନଙ୍କର କଲେଜ ବା ଧର୍ମଶାଳା ସରିବା ପରେ ବିଚ୍ଛିନ୍ନତା ଚିନ୍ତାଧାରାକୁ ନେଇ କଥାବସ୍ତୁ ଗଠିତ । ବିପ୍ଳବୀ ଚିନ୍ତାଧାରା ନେଇ ରାଧାମୋହନ ଆଜୀବନ ସଂଗ୍ରାମ ପଥ ଛାଡିନାହାନ୍ତି ସେଥିପାଇଁ ତାଙ୍କୁ ଜେଲ ଦଣ୍ଡ ଭୋଗିବାକୁ ପଡିଛି । ଅପରପକ୍ଷରେ ଦୋଷଶୂନ୍ୟ ଚିନ୍ତାମଣି କାନାଡା, ଦିଲ୍ଲୀ, କୋରାପୁଟ ବୁଲି ଗବେଷଣା କରିବା ଘଟଣାକୁ ଅପରାଧ କରି ତାଙ୍କୁ ଗିରଫ କରାଯାଇଛି । ଏବଂ ଅନ୍ୟ ଦୁଇଜଣ ଶରତ ଓ ଜଗଦୀଶ ଉପରିସ୍ଥ ସରକାରୀ ପୋଲିସ ବିଭାଗରେ ଥାଇ ଅନ୍ଧ କ୍ଷମତା ର ବଶବର୍ତ୍ତୀ ହୋଇଛନ୍ତି। ଏମର୍ଜେନ୍ସି ନିୟମ ଅନୁଯାୟୀ ରାଧାମୋହନଙ୍କ ପରି ଚିନ୍ତାମଣିକୁ ଗିରଫ କରଯାଇଥିଲା ଏବଂ କୁହାଯାଇଥିଲା – "ଦୋଷୀକୁ କେଉଁ ଅପରାଧରେ ଗିରଫ କରାଯିବ ତାହା ତାକୁ ଜଣାଇ ଦିଆଯିବ ନାହିଁ" । (ଗଳ୍ପ ଧର୍ମଶାଳା – ଝଙ୍କାର ଜୁନ୍ ୧୯୭୭) । ୧୯୭୫ ର ଏମର୍ଜେନ୍ସି ରେ ଦେଶର ଗାଣତାନ୍ତ୍ରିକ ବିପନ୍ନତା ଯୋଗୁଁ ସରକାରଙ୍କର ମନରେଗା ଶାସନ, ନିରପରାଧୀ ବ୍ୟକ୍ତି ବିଶେଷଙ୍କ ଜେଲଦଣ୍ଡ ଏବଂ ସର୍ବୋଚ ନ୍ୟାୟଳୟ ଅନ୍ଧ କ୍ଷମତାର ତୋଷାମଦକାରୀ ଭୂମିକାରେ ଅବତୀର୍ଣ୍ଣ ହେଲେ । 'ଧର୍ମଶାଳା' ଗଳ୍ପ ଏମର୍ଜେନ୍ସି ପ୍ରଭାବର ଛବିକୁ ବେଶ୍ ସୂକ୍ଷ୍ମତା ଓ ସଙ୍କେତ ଭିତରେ ଧରି ରଖିବାରେ ହୋଇଛି ସକ୍ଷମ ।

ISSN NO.
2582-208X

ସେହିପରି ମହତାବଙ୍କ 'ଏମରଜେନ୍ସି' ଗଳ୍ପରେ ଜରୁରୀ ପରିସ୍ଥିତି ମଧ୍ୟରେ ଦଳିଚକଟି ହେଉଥିବା ନିମ୍ନ ମଧ୍ୟବିତ୍ତ ପରିବାରର ପ୍ରାଇଭେଟ କିରାଣୀର ଦୟନୀୟ ଅବସ୍ଥା ଦେଖାଯାଇଛି । ରମାନାଥ ତାଙ୍କ ସ୍ତ୍ରୀ ଙ୍କୁ କହିଛନ୍ତି ପର୍ମାନେଟ୍ ହୋଇନଥିବାରୁ ଲୋକଙ୍କୁ ଚାକିରିରୁ ବାହାର କରାଯିବ ଏମେର୍ଜେନ୍ସି କାରଣରୁ । ରମାନାଥ ମୁହଁ ରେ ଗାଳ୍ପିକ କୁହାଇଛନ୍ତି –"ସେଇ ତ ଏମର୍ଜେନ୍ସି, ଯାହା ମନକୁ ଆସିଲା ତାହା କରିଯିବା ପାଇଁ ଅଧିକାର ଅଛି, ନ୍ୟାୟ ଅନ୍ୟାୟ କିଏ ବୁଝୁଛି" ।(ଗଳ୍ପ ଏମର୍ଜେନିସ –୧୯୭୭) ରମାନାଥ ପରି ନିମ୍ନ ମଧ୍ୟବିତ୍ତ ପରିବାରର ଆର୍ଥିକ ଅସହାୟତା ସମୟରେ ଏକଛତ୍ରବାଦୀ ଶାସନର ପ୍ରଭାବ ବୋଝ ଉପରେ ନଳିତା ବିଡା ସଦୃଶ ପ୍ରତୀୟମାନ ।

ପୁନଶ୍ଚ ମହତାବଙ୍କ 'ସ୍ୱର୍ଗରେ ଏମର୍ଜେନ୍ସି' ଗଳ୍ପରେ ଭାରତୀୟ ଗାଣତାନ୍ତ୍ରିକ ରାଷ୍ଟ୍ରର ଜରୁରୀ ପରିସ୍ଥିତି କୁ ଏକ ଭିନ୍ନ ରୋମାଞ୍ଚକର ପ୍ରେକ୍ଷାରେ ବିଚାର କରିଛନ୍ତି । ସ୍ୱର୍ଗଲୋକର ପୃଷ୍ଠଭୂମି ଏବଂ ଦେବଗଣ ହେଉଛନ୍ତି ଜନସାଧାରଣ ଓ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ହେଉଛନ୍ତି ଶାସକ ବା ସରକାର । ସେଠାକାର ଘଟଣା ଠିକ୍ ଏହିପରି ଯେ ମର୍ତ୍ତ୍ୟଲୋକରେ ମନୁଷ୍ୟ ଦେବଗଣଙ୍କ ଠାରୁ ଅଧିକ ସୁଖ ସ୍ୱାଚ୍ଛନ୍ଦ୍ୟ ରେ କାଳତିପାତ କରୁଛନ୍ତି । ସେହି ଅଭିଯୋଗ କୁ ନେଇ ଦେବଲୋକଗଣ ସରକାରଙ୍କ ଆଗରେ ନ୍ୟାୟ ମାଗିଛନ୍ତି । ବିଷ୍ଣୁ ଏହାର ସମାଧାନରେ ସମସ୍ତ ଦେବଗଣଙ୍କୁ ସ୍ୱର୍ଗଲୋକ ଛାଡି ମର୍ତ୍ତ୍ୟଲୋକକୁ ଯାଇ ଅବସ୍ଥାନ କରିବାକୁ କହିଛନ୍ତି ସେଥିରେ ସମସ୍ତେ ସହମତି ନହୋଇବାରୁ ଗଣ୍ଡଗୋଳ ପରିସ୍ଥିତି ଉପୁଜିଛି ଏବଂ ସ୍ୱର ଉଠିଛି –"ବୋଲ ଭାଇ ବ୍ରହ୍ମା ବିଷ୍ଣୁ ମୁର୍ଦାବାଦ, ଦେବସଭା ଜିନ୍ଦବାଦ"। ଏହାକୁ ଦେଖି ବିଷ୍ଣୁ ଏମର୍ଜେନ୍ସି ଘୋଷଣା କରିଛନ୍ତି ଏବଂ ଅନେକ ନୀତି ନିୟମ କରି ଅନିର୍ଦ୍ଧିଷ୍ଟ କାଳ ପାଇଁ ଦେବତମାନଙ୍କୁ ପଦଚ୍ୟୁତି କରିଛନ୍ତି । ଦେବତମାନଙ୍କ ଆଚରଣ ନ ବଦଳିବା ପର୍ଯ୍ୟନ୍ତ ଏ ଏମର୍ଜେନ୍ସି ଜରିରହିଲା ବୋଲି ଘୋଷଣା କରିଛନ୍ତି ।

ଏହି ଧାରାରେ ରାଜକିଶୋର ରାଯଙ୍କ 'କୁଳାଙ୍ଗାରଙ୍କ କାରାଗାର' ଗଳ୍ପରେ ଚରିତ୍ର ବାସୁଦେବ କାରାଗାରରେ ନିଜଛାୟା ସହ କଥାବାର୍ତ୍ତା ମଧ୍ୟରେ ରାଜନୀତିର ଅନ୍ଧକାର ଯୁଗର ବର୍ଣ୍ଣନା ରହିଛି । ଆଦ୍ୟ ଚିନ୍ତନରେ ରାଜନୀତି କ୍ଷେତ୍ରକୁ ପ୍ରବେଶ କରି ଦେଶସେବା କରିବାର ଉତ୍କଣ୍ଠା ରାଜନୀତି ମଧ୍ୟରେ ପଶିଲେ କାଚଗ୍ଲାସ ଭାଙ୍ଗିବା ପରି ଭାଙ୍ଗିଯାଏ । ଶାସନ ଗାଦିରେ ବସିଥିବା ଶାସକର ମନୋମୁଖୀ ଶାସନ ଯୋଗୁଁ କେତେ ଯେ ଶୁଭଚିନ୍ତକ ଦେଶପ୍ରେମୀ ବଳିପଡନ୍ତି ତାହା ସହଜରେ ଅନୁମେୟ । Emergency ର ପ୍ରଭାବ ଜଣେ

ISSN NO.
2582-208X

ସଚୋଟ ଦେଶପ୍ରେମୀକୁ କିପରି କାରାରୁଦ୍ଧ କରିଦିଏ ତାହାର ନିଛକ ଚିତ୍ର ରହିଛି ଉକ୍ତ ଗଳ୍ପରେ । ଗାଦିରେ ବସିଥିବା ଶାସକର ହାତର କଣ୍ଢେଇ ସାଜିଛି ବାସୁଦେବ । ରାଜଧାନୀରେ ଘଟୁଥିବା ମାନରେଗ ଶାସନର ବ୍ୟଙ୍ଗଚିତ୍ର ରହିଛି । ପ୍ରବୀଣ ବୁଦ୍ଧିଜୀବୀ ରାଜନୀତିଜ୍ଞ ବାସୁଦେବ ପାଖରେ ଏ ଅର୍ବାଚୀନ ରାଜନୀତିର ଅର୍ଥ କିଛି ନାହିଁ । ବାସୁଦେବ ଯୁଗର ଗୋଟିଏ ନିର୍ଦ୍ଦିଷ୍ଟ ସନ୍ଧିକ୍ଷଣର ଐତିହାସିକ ଅନୁଶାସନରେ ବନ୍ଦୀ ।

ସୁରେନ୍ଦ୍ର ମହାନ୍ତିଙ୍କ 'ପ୍ରତିଧ୍ୱନି' ଗଳ୍ପରେ ଜରୁରୀ ସମୟରେ ଧଳାପୋଷାକ ରାଜନୀତିଜ୍ଞ ମାନେ ଶାସନର ଦ୍ୱାହି ଦେଇ ସାଧାରଣ ଲୋକଙ୍କର ସ୍ୱାଧୀନତା ଛଡାଇନେବାର କ୍ରୁରତା ଦେଖାଯାଇଛି । ମୁକ୍ତି ଚିନ୍ତାଧାରା ସାମ୍ବାଦିକ ନିଜ ଖବର, ସମବାଦକୁ ପ୍ରଚାର ପ୍ରସାର କରିପାରୁନାହାନ୍ତି । ଗଳ୍ପରେ ରାଜେଶ ନାମ୍ନୀ ଏକ ସାମ୍ବାଦିକ ଭଙ୍ଗ ସାଇକ୍ଲୋଷ୍ଟାଇଲ ମେସିନ ଧରି ଦେଶସେବା ପାଇଁ ବହୁତ ଆତ୍ମଗୋପନ କରିଛି କିନ୍ତୁ ସେ ନିୟମ ଭଙ୍ଗ କରିବା ଅପରାଧରେ ଗିରଫ ହୋଇଛି । ଦେଶପ୍ରେମୀର ଆଖ୍ୟା ବଦଳରେ ଦେଶଦ୍ରୋହୀର ଚିହ୍ନ ଲାଗିଛି ତା ଦେହରେ । ସବୁବେଳେ ଗୋଟେ ଅଜଣା ଭୟ ମାଡିବସିଛି ପାଟି ଖୋଲୁଥିବା ସ୍ୱାଧୀନ ମଣିଷ ପାଖରେ । ଭୟ କେବଳ ବନ୍ଧନ ଓ ନୀରବତା ପ୍ରତି ।

ଅଚ୍ୟୁତାନନ୍ଦ ପତିଙ୍କ 'କଣ୍ଢେଇ ରାଜ୍ୟ' ଗଳ୍ପରେ ଏକ ରାଜକାହାଣୀ ପରିପ୍ରେକ୍ଷୀରେ ପଙ୍କିଳ ଶାସନ ବ୍ୟବସ୍ଥାର ବ୍ୟଙ୍ଗ କରାଯାଇଛି । ରାଜା ରାଜଗାଦିରେ ବସିଲେ ମଧ୍ୟ ମହମନ୍ତ୍ରୀଙ୍କ କଥା ଅନୁସାରେ  ରାଜ୍ୟଶାସନ ହେବାର ବହୁତ ଖବର ରହିଛି । ମହମନ୍ତ୍ରୀ ହାତରେ ସ୍ୱୟଂ ରାଜା ଓ ରାଜ୍ୟ କଣ୍ଢେଇ । ରାଜ୍ୟର ଜନସାଧାରଣ ମଧ୍ୟ ନିଜ ସ୍ୱାଧିକାରରୁ ବଞ୍ଚିତ ଏହି କଣ୍ଢେଇ ରାଜ୍ୟରେ ।  ୧୯୭୫ ମସିହାର ସେ ଅନ୍ଧାରି ମୂଳକ ପରେ ଶାସନର ବିପନ୍ନତା ଯୋଗୁଁ କୁଜିନେତାମାନଙ୍କର ତୋଷାମୋଦ ଗୁଣ ପ୍ରସ୍ଫୁଟିତ ହୋଇଛି ।  ଗଣତନ୍ତ୍ର ଏଠାରେ ମନ୍ତ୍ରୀତନ୍ତ୍ର ପାଲଟିଛି ।

ଦଶରଥ ସାମଲଙ୍କ 'ବନ୍ଦୀର ଆତ୍ମକଥା' ଗଳ୍ପ Emergency ର ନିଛକ ଚିତ୍ରାକୁ ପ୍ରତିପାଦିତ କରୁଥିବା ଗଳ୍ପଟିଏ । ଗଳ୍ପର ନାୟକ ବା ମୁଖ୍ୟ ଚରିତ୍ର ରୂପେ ଶୁଭକାନ୍ତ ଏକ ବାମପନ୍ଥୀ ନେତା । ସ୍ୱଚ୍ଛ ଗଣତନ୍ତ୍ରକୁ ପୁନଃ ପ୍ରତିଷ୍ଠା ଆଶାରେ ଏକଛତ୍ରବାଦୀ ଶାସନ ବିରୁଦ୍ଧରେ ସ୍ୱର ଉଠାଇବାରୁ ସେ ଆଜି ଜଣେ ରାଜନୈତିକ ବନ୍ଦୀ । ନାଗରିକ ସ୍ୱାଧୀନତା ଯେଉଁଠାରେ ବିପନ୍ନ, ସେ ଦେଶରେ ଗଣତନ୍ତ୍ର ଅଛି ବୋଲି ଚିତ୍କାର କରିବା ଏକ ବୃଥା ଆସ୍ଫାଳନ ।

ISSN NO.
2582-208X

Emergency ଭିତରେ ଭୟ ଓ ଆତଙ୍କ ପ୍ରଦର୍ଶନ କରି ଯେଉଁ ଶାସକ ଗୋଷ୍ଠୀ ଦେଶରେ ଶାନ୍ତିଶୃଙ୍ଖଳା ଫେରିଆସସିଛି ବୋଲି ଦାବି କରିବସନ୍ତି, ସେମାନେ ଗଣତନ୍ତ୍ରର ପୂଜାରୀ ନୁହଁନ୍ତି, ସେମାନେ ହେଇଛନ୍ତି ବ୍ୟକ୍ତିତନ୍ତ୍ର ଶାସନର ନିଷ୍ଠାପର ସ୍ତାବକ ।

ଚୌଧୁରୀ ହେମକାନ୍ତ ମିଶ୍ରଙ୍କ 'ସିଂହ ଓ ଠେକୁଆ କଥାର ଆଧୁନିକ ସଂସ୍କରଣ' ଗଳ୍ପରେ ଜରୁରୀ ସ୍ଥିତିର ପରୋକ୍ଷ ପ୍ରଭାବକୁ ଦେଖାଇଛନ୍ତି । ଶାସନ ଗାଦି ଉପରେ ବସିଥିବାର ଗର୍ବରୁ ଏକଛତ୍ରବାଦର ସମୃଦ୍ଧି ସମ୍ଭବ ହୋଇଛି । ଜନସାଧାରଣଙ୍କ ବଞ୍ଚିବାର ଅଧିକାରକୁ କାଗଜପତ୍ରରେ ରଖି ଏକଛତ୍ରବାଦୀ ଶାସକ ମାନେ ଚାଲାଖ ପଣରେତାଙ୍କ ଅଧିକାରକୁ ଛିନ୍ନ କରୁଛନ୍ତି । ଗଣତନ୍ତ୍ର ଶାସନ ହେଉଛି ଲୋକମାନଙ୍କର ଶାସନ ତାହା ଶାସକମାନକର ଶାସନ ହୋଇଯାଇଛି । ବିପ୍ଳବୀ ମାନଙ୍କର ବିରୋଧ, ଆବେଦନକୁ କାଗଜପତ୍ର ମଧ୍ୟରେ ଚାପି ଦିଆଯାଉଛି । ବିଷ୍ଣୁ ଶର୍ମାଙ୍କ ଗଳ୍ପରେ ବିପ୍ଳବୀ ଠେକୁଆ ନିଜ ଚଲାକ ପଣରେ ସିଂହକୁ ମରିପାରିଥିଲା କିନ୍ତୁ ଆଧୁନିକ ସିଂହକୁ ଏବେର ଠେକୁଆ ମରିପାରି ନାହିଁ ବରମ ନିଜେ ଶିକାର ହୋଇଯାଇଛି । ସରକାରୀ ଯୋଜନା, ସାହାଯ୍ୟ ଉନ୍ନତି ନାମରେ ନିଜର ସ୍ୱାର୍ଥକୁ ରଖୁଛି । ଗଣତନ୍ତ୍ର ଜରୁରୀ ପରିସ୍ଥିତି ସମୟରେ ବ୍ୟକ୍ତିତନ୍ତ୍ର ରୂପେ ଦଣ୍ଡାୟମାନ ହୋଇଛି ।

୧୯୭୬ ରେ ରଚିତ ହୋଇଥିବା ପଦ୍ମଜ ପାଳଙ୍କ 'ସର୍କସ ଚାଲିଛି' ଗଳ୍ପ Emergency ର ସତେଜ ଘଟଣାକୁ କେନ୍ଦ୍ର କରି ଗଢିଉଠିଛି । ଗୋଟିଏ ଗରିବ ପରିବାରର ବୃଦ୍ଧମହିଳା ଜଣେ ଘରେ ତେଲ ନଥିବାରୁ ବଜାରକୁ ଯାଇଛି ତେଲ ଆଣିବାକୁ କିନ୍ତୁ ବଜାର ଘାଟ ସବୁ ବନ୍ଦ ହୋଇଛି ଜରୁରୀ ପରିସ୍ଥିତି ଘୋଷଣା ହୋଇଥିବାରୁ । ସରକାରଙ୍କ ନିୟମକୁ ପାଥେୟ କରି ଲାଞ୍ଚୁଆ ପୋଲିସ ମାନଙ୍କର ଗରିବଙ୍କୁ ଶୋଷଣର ପାଦୁର୍ଭାବ ବଢିଚାଲିଛି । ଯିଏ ଆବଶ୍ୟକତା ପାଇଁ ଟିକେ ଦୋକାନ ଖୋଲୁଚି ପୋଲିସ ତାକୁ ପିଟୁଛି ଏବଂ ଗିରଫ କରୁଛି । ମାର୍କେଟରେ ନିୟମ ଭଙ୍ଗ କୁ ନେଇ ପୋଲିସ ଓ ଜନସାଧାରଣ ଗହଳିକୁ ଦେଖି ବୃଦ୍ଧାଜଣଙ୍କ ପଚାରିବାରୁ ଗୋଟେ ଯୁବକ କହିଛି- ସର୍କସ ଚାଲିଛି, ଇଏ ମନୋରଞ୍ଜନ ସର୍କସ ନୁହେଁ, ଇଏ ରାଜନୀତିର ସର୍କସ ।

ଗାଳ୍ପିକ ବୃଦ୍ଧା ମୁହଁରେ କୁହାଇଛନ୍ତି – "ଇନ୍ଦିରା ଗାନ୍ଧୀ କିଏ, କଣ ଗୋଟିଏ କହୁଛନ୍ତି ଏମର୍ଜେନ୍ସି କରିଛି, ଦର ବଢିବ ନାହିଁ"। ଗରିବ ନିରକ୍ଷର ଲୋକ Emergencyର ପ୍ରକୃତ

ISSN NO.
2582-208X

ରହସ୍ୟ ନ ବୁଝିଲେ ମଧ୍ୟ ସେଥିରେ କିଭଳି ଦଳିଚକଟି ହେଉଛନ୍ତି ତାହା ଏଠାରେ ପ୍ରତ୍ୟୟମାନ ।

ଏହି ପରିପ୍ରେକ୍ଷୀରେ ରତ୍ନାକର ଚଇନିଙ୍କ 'କ୍ରୋଧୀ ରାଜା ଓ ଧୂର୍ତ୍ତ ନାପିତ ଉପାଖ୍ୟାନ' ଗଳ୍ପରେ ଏକ ବ୍ୟଙ୍ଗାର୍ଥ ପୃଷ୍ଠଭୂମିକୁ କେନ୍ଦ୍ର କରି Emergency ର ସ୍ୱରୂପକୁ ତୋଳିଧରିଛନ୍ତି ଫଳପିକ। ଏକ ରାଜ ପରିବାର, ରାଜମାତା ତାଙ୍କ ପୁତ୍ରକୁ ସମସ୍ତ ସମ୍ପତ୍ତି ଦେଇ ରାଜା କରିବାକୁ ଚାହୁଁଥିଲେ, କିନ୍ତୁ ରାଜକୁମାରଙ୍କର ସାମ୍ନା ବାଳ ଚନ୍ଦାହେବାରୁ ତାଙ୍କୁ ଶୋଭା ଦେଖାଗଲା ନାହିଁ । ତେଣୁ ସେ ପୁତ୍ରର ଭବିଷ୍ୟତ ମଙ୍ଗଳାର୍ଥେ ଜରୁରୀ ହୁକୁମନାମା ବା ଏମର୍ଜେନ୍ସି ଜାରି କରିଥିଲେ । ରାଜା କେଶହୀନ ହେଉଥିବା ସମସ୍ୟାର ଆଶୁ ସାମାଧାନ ପାଇଁ ସେ ବିହିତ ପଦକ୍ଷେପ ନେଇଥିଲେ । ଏହି କଥାକୁ ଯେ ଉପହାସ କରିବା ବା ପାଳନ ନ କରିବା ସେ ଦଣ୍ଡିତ ହେବାର ବ୍ୟବସ୍ଥା କରିଥିଲେ ।ଏହି ଗଳ୍ପରେ ରାଜମାତାଙ୍କ ଆଦେଶ ରେ ଥିଲା ବ୍ୟକ୍ତି ସ୍ୱାର୍ଥ ଯାହା ଗଣତନ୍ତ୍ର ର ଭଙ୍ଗାରୁଜା ଅବସ୍ଥାକୁ ସୂଚିତ କରୁଛି ।

ସମାନ୍ତରାଳ ଭାବରେ ଗୁରୁପ୍ରସାଦ ମହାନ୍ତି ଙ୍କ 'ବାଘମାତିଛି' ଗଳ୍ପରେ ବାଘ ପ୍ରତୀକିତ କରୁଛି ଜରୁରୀ କାଳୀନ ପରିସ୍ଥିତିର ଶାସକ ଗୋଷ୍ଠୀକୁ । ବାଘ ଜଙ୍ଗଲରେ ଲୋକମାନଙ୍କୁ ଶିକାର କରୁଛି ସେଥିପାଇଁ ସମସ୍ତେ ଘରେ ବନ୍ଦ ହୋଇ ରହିଛନ୍ତି । ଏଠାରେ ବାଘ ହେଉଛି ଏକଛତ୍ରବାଦୀ ଶାସକ । ଶାସକ ଇଚ୍ଛା ଅନୁସାରେ ଗଣତନ୍ତ୍ର ଦୁର୍ବଳ ହେଉଛି । ସେହିପରି ନନ୍ଦ କିଶୋର ମିଶ୍ରଙ୍କର 'ପାଗଳ ହାତୀର ମୃତ୍ୟୁ' ଗଳ୍ପରେ ପାଗଳ ହାତୀ ହେଉଛି ଜରୁରୀ ପରିସ୍ଥିତିର ଶାସକର ପ୍ରତିଛବି । ପାଗଳ ହାତୀ ଯେପରି ସୁ ଶ୍ୟାମଳା ପରିବେଶକୁ ଧ୍ୱଂସ ବିଧ୍ୱଂସ କରିଦିଏ ଠିକ ସେହିପରି ସ୍ୱଚ୍ଛ ଗଣତନ୍ତ୍ରର ପରିବେଶକୁ ଏକଛତ୍ରବାଦୀ ଶାସକ ଦୂଷିତ କରିଦିଏ । ପାଗଳ ହାତୀର ମୃତ୍ୟୁ ହେଲାପରେ ଜନତା ମୁହଁରେ ଗାଳ୍ପିକ କୁହାଇଛନ୍ତି- "ସ୍ୱାଧିନତାର ମୁକ୍ତବାୟୁ ସେବନ କରିବାର ସୁଯୋଗ ପାଇଲୁ" ।

ସପ୍ରସଙ୍ଗ ଏମର୍ଜେନ୍ସି ର ପ୍ରଭାବରୁ କେହି ବର୍ତ୍ତିନଥିଲେ । ଗାଣତାନ୍ତ୍ରିକ ଭାରତ ପାଇଁ ଏମର୍ଜେନ୍ସି ଥିଲା ଏକ ନକରାତ୍ମକ ରାଜନୈତିକ ପଦକ୍ଷେପ; ଯାହା ଭିତରେ ବ୍ୟକ୍ତି ସ୍ୱାର୍ଥ ଥିଲା କେନ୍ଦ୍ରବିନ୍ଦୁ ।ଏ ହି ସମୟକୁ ଅନ୍ଧକାର ଯୁଗ ନାମରେ ନାମିତ କରାଯାଏ ।

ISSN NO.
2582-208X

ଆଲୋଚିତ ଗଳ୍ପ ଗୁଡିକର ସଚେତନ ବାର୍ତ୍ତା ସମାଜ ପାଇଁ ବହୁତ ଜରୁରୀ ଯାହା ଗୋଟେ ସ୍ରଷ୍ଟା ର ଲେଖନୀରେ ଜୀବନ୍ତ । ଲେଖକ ସର୍ବଦା ଇଚ୍ଛା କରେ ଏକ ସୁସ୍ଥ ପୃଥିବୀ ଯାହା ସେ ନିଜ ଗଳ୍ପ ମାଧ୍ୟମରେ ପ୍ରକାଶ କରେ । Emergency ଭଳି ବ୍ୟକ୍ତିତାନ୍ତ୍ରିକ ସାମାଜରେ ସ୍ୱାଧୀନ ମଣିଷ ବ୍ୟସ୍ତବିବ୍ରତ ହୋଇଛି ନିଜ ଅଧିକାର ପାଇଁ, ଭୟଭୀତ ହୋଇଛି ଆଗାମୀ ଭବିଷ୍ୟତ ପାଇଁ। ଏହି ପ୍ରଲମ୍ବିତ ସମୟର ଶାସନ ଧ୍ୱସ୍ତ କରିଥିଲା ଗଣତନ୍ତ୍ରର ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ-ଐତିହାସିକ ଓ ରାଜନୈତିକ ଐଶ୍ୱର୍ଯ୍ୟକୁ । ଯାହାର ଆରମ୍ଭର ପ୍ରୟୋଜନୀୟତା ଓ ପରିଣତିର ସ୍ୱଷ୍ଟତା ଆଜି ପର୍ଯ୍ୟନ୍ତ ଅସ୍ୱଷ୍ଟ ।

ନୟାଗଡ
E mail – suchismitanayak008@gmail.com
MOB – 7853033897

ISSN NO.
2582-208X

# ତିନି ମାଙ୍କଡ



ଆକୁଳାନନ୍ଦ ପୃଷ୍ଟି

ଖରାପ ଦୃଶ୍ୟଟି ଆଖିରେ ପଡ଼ିଲେ
ମନ ରହିଯାଏ ଲାଖି
ଯେତେ ଦେଖୁଥିଲେ ସେତେ ଇଚ୍ଛା ହୁଏ
ଫେରାଇ ହୁଏନି ଆଖି ।

ଖରାପ ଶବ୍ଦଟି କାନରେ ପଡ଼ିଲେ
ଟାଣି ହୋଇଯାଏ ମନ
ଯେତେ ଚେଷ୍ଟା କଲେ ପାସୋରି ହୁଏନି
ସତୀ ମତି ହୁଏ ଭ୍ରମ ।

କୁବଚନ ପଦେ ତୁଣ୍ଡରୁ ଖସିଲେ
ଜଳ ଉଠିଥାଏ ଜଳି
ବିନା ଆଘାତରେ ଲହୁ ଲୁହ ଝରେ
ମଣିଷ ପଡନ୍ତି ବଳି ।

ISSN NO.
2582-208X

ଯାହା ଦେଖୁ ଶୁଣୁ ମନେ ମନେ ଗୁଣୁ
କରୁ ତାହା ଉଚ୍ଚାରଣ
ମନ୍ଦ ଦେଖୁ ଶୁଣି ମନ୍ଦ ର ପ୍ରଭାବେ
ମନ୍ଦ ହୁଏ ଆଚରଣ ।

ଖରାପ ଦେଖନି ଖରାପ ଶୁଣନି
କୁହନି ଖରାପ କଥା
ଦର୍ଶନ ଶ୍ରବଣ ବାକ୍ୟ ଉଚ୍ଚାରଣ
ରଖ ସଦା ସଂଜମତା ।

ସାଧୁ ହେବା ପାଇଁ ସାଧୁ ସଙ୍ଗ କର
ପିଅ ସାଧୁ ସୁଧା ରସ
ଆଉ ଯାହା ସବୁ ଅମୃତ ଭାବୁଛ
ସବୁ ମିଛ ସବୁ ବିଷ ।

ଏହା ତ ଗାନ୍ଧୀ ଦର୍ଶନ
ତିନି ମାଙ୍କଡଙ୍କ ଛବି ବଖାଣୁଛି
ସାଧୁ ହୁଅ ସାବଧାନ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ

ISSN NO.
2582-208X



# ବାପା ଏକ ଅନୁଭବ

ହାସ୍ୟମୟୀ ରାଜ୍

ବାପାଙ୍କ ହୃଦୟ କେବେ
ଦେଖି ହୁଏନି
ବାପାଙ୍କ ମନକୁ
କିଏ ପଢନ୍ତି କି ନାହିଁ
ଜଣାନାହିଁ
ହେଲେ ସେ ଯେମିତି
ଠିକା ନେଇଥାନ୍ତି
ସଭିଙ୍କ ହୃଦୟ ଆଉ
ମନ ପଢି ପଢି
ସବୁକୁ ଭରିବାକୁ ...

ବାପା ଆମ
ମୁଣ୍ଡ ଉପରେ ଛାତ
ଆମ ଘରର ଛାତଠୁ ବି
ଆହୁରି ସଶକ୍ତ
ଖୁବ୍ ସୁରକ୍ଷିତ
ବାପା ଥିବାବେଳେ
ବାପା ନଥିବାର
ଦିନ କଥା
ଥରେ ଭାବିଛ କି
ତା ପରେ ସିନା

ISSN NO.
2582-208X

ଜାଣିପାରିବ
କେତେ ଫରକ ...

ବାପାଙ୍କ ହୃଦୟକୁ
ତମେ ଯେତିକି ଭାବ
ସେ ସେତିକି ନୁହେଁ
ସେଠିକୁ ତମ ଭାବନା
ଆଦୌ ଛୁଇଁ ପାରିବନି...

ବାପା ତ ଆକାଶ
ଆକାଶର ସୀମା ସରହଦ
କ'ଣ ଅଛି !!
ବାପାଙ୍କ ପାଇଁ
ତମେ ଅନେକ ଶବ୍ଦର
ଭେଟି ଦେଇପାର
ହେଲେ
ତମେ ତାଂକୁ
କେବେ କ'ଣ
ବର୍ଣ୍ଣନା କରିପାରିବ !!...

ହୃଦୟ କହିବ
ବାପା ସତରେ
ଏକ ଅସରା କାହାଣୀ
ଯାହା ପାଇଁ ବର୍ଣ୍ଣମାଳା ନିଅଣ୍ଟ
ହେଲେ
ଦୁଃଖ କ'ଣ ଜାଣ
ତୁମେ ବାପା ହେଲା ପରେ ବି
ବାପାଙ୍କୁ
ଜରାଶ୍ରମରେ ଛାଡି
ନିଶ୍ଚିନ୍ତ ହୁଅ...

ଓଗ୍ଳ, ହାଟଡିହି, କେନ୍ଦୁଝର

ISSN NO.
2582-208X

# ସତ ହେବ ଦିନେ ସ୍ୱପ୍ନ



ନୀଳମଣି ଗୁନ୍ଦ

ନୀଳ ନଭ କୋଳେ ଜହ୍ନକୁ ଦେଖି
ମାଗିଲି ଆଞ୍ଜୁଳେ ଜ୍ୟୋତ୍ସ୍ନା
ସୁମନର ପାଶେ ଅଳି କଲି ଯାଇ
ଦେଏରେ ମୁଠାଏ ବାସ୍ନା।

ସିନ୍ଧୁକୁ ମାଗିଲି ଦେଇପାରିବୁକି
କିଛି ତୁ ମୁକୁତା ଆଣି
କଳା ବାଦଲକୁ ମାଗିଲି ଦେଏରେ
ମୋତେ ଆଞ୍ଜୁଳାଏ ପାଣି ।

ଜହ୍ନ ହସିଦେଲା ସୁମନ ହସିଲା
ବାଦଲ ବି ଦେଲା ହସି
ଜ୍ୟୋତ୍ସ୍ନା,ବାସ୍ନା,ସବୁ ଅରପି ଦେବୁରେ
ନିରିଜନେ ଥାଅ ବସି।

ସିନ୍ଧୁ କହିଲା' ହୃଦୟ ଯାହାର
ଗଭୀରଟି ମୋ'ର ପରି

ISSN NO.
2582-208X

ସେ ଭାଗ୍ୟବାନକୁ ମୁକୁତାଟି ଦେବି
ନେଉ ସିଏ ମନ ଭରି।'

ନିଦ ଭାଜିଗଲା ଚାହିଁ ମୁଁ ଦେଖିଲି
ନ ଥିଲେ ସୁମନ, ଜହ୍ନ
ଲାଗୁଥିଲା ସିନ୍ଧୁ କହୁଛି ଯେମିତି
'ସତ ହେବ ଦିନେ ସ୍ୱପ୍ନ।'

୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯,ମୋ:୯୫୮୩୨୦୨୩୫୭

ISSN NO.
2582-208X

# ମା ଦୁର୍ଗା

ଶ୍ରାବଣୀ ଜେନା

ମା ତୋ ଅପେକ୍ଷାରେ ଆଜି କାଶତଣ୍ଡୀ ଆସିଛି
ଶରତ ଋତୁରେ ପ୍ରକୃତି ଆଜି ସଜେଇ ହୋଇଛି।
ଶରତଋତୁରେ ଆଗମନ ତୋର ପାର୍ବଣଋତୁ ଯେ ତୋର ।
ଶୁଭେ ତୋ ପୂଜାରେ ଆଜି ଘଣ୍ଟା ଘଣ୍ଟା ଶବ୍ଦ କୋଳାହଳ ।
ଆଜିବି ବଢ଼ି ଚାଲିଛି ସମାଜରେ ନାରୀ ଉପରେ ଅନେକ
ଅତ୍ୟାଚାର ନାରୀ ଏଠି ନର୍ଯାତିତ, ଧର୍ଷିତା, ଶୋଷିତ ।
ଯେବେ ଧରାବକ୍ଷରେ ବଢ଼ି ଚାଲେ ପାପ,
ଧର୍ମ ଉପରେ ଅଧର୍ମର ଜୟ ସରଳ,
ନରୀହ ଉପରେ ସବଳର ଅତ୍ୟାଚାର
ତେବେ ଧରାକୁ ଧାଇଁ ଆସେ ମା ବିନାଶିନୀ ଦୁର୍ଗା
ମହିଷାସୁର କୁ ବିନାଶ କରି ସାଜିଲୁତୁ ମା ମହିଷାମର୍ଦ୍ଦିନୀ ।
ମା ଧରାପୃଷ୍ଠେ ଜାତ ହୋଇ କର ପାପୀ ର ବିନାଶ
ନାରୀ କୁ କୁହାଯାଏ ଏଠି ଅବଳା, ଦୁର୍ବଳା
ମା ଦଶଭୂଜା ତୁହିଁ ମହିଷାମର୍ଦ୍ଦିନୀ, ଶତ୍ରୁସଂହାରିଣୀ, ଦୁର୍ଗତିନାଶିନୀ ମା ଦୁର୍ଗା ।
ଯୁଗେ ଯୁଗେ ମୀ ତୁ କର ଶତୃ ସଂହାର, ପାପୀର ବିନାଶ ।

କେନ୍ଦ୍ରାପଡ଼ା
ବବକରପୁର

ISSN NO.
2582-208X

# ପ୍ରବାସିନୀ ମାହାଙ୍କୁଡ ଙ୍କ କବିତାରେ ନାରୀ ର ଅନ୍ତଃସ୍ୱର ଏକ ଦୃଷ୍ଟିପାତ



ସୁଲତା ସାହୁ

ଓଡ଼ିଆ ସାହିତ୍ୟ ର ଚିନ୍ତନ ଶିଳ ତଥା ପରୀକ୍ଷା ନିରୀକ୍ଷା ଧର୍ମୀ ଯୁଗରେ ଲେଖନୀ ଚାଳନା କରି ଆସୁଥିବା ବିଶିଷ୍ଟ ଲେଖିକା ମାନଙ୍କ ମଧ୍ୟରେ କବି ପ୍ରବାସିନୀ ମାହାଙ୍କୁଡ ନାମ ସର୍ବାଗ୍ରେ ପରିଚିତ । ଜଣେ ଆଧୁନିକ ବାମାବାଦୀ କବି ଭାବେରେ ସେ ପାଠକ ଗହଣରେ ବେଶ୍ ଜଣାଶୁଣା । କବିତା ଜଗତରେ ନିଜର ଅଦ୍ୱିତୀୟ ପରିଚୟ ସୃଷ୍ଟି କରିଥିବା ଏହି ମହିୟସୀ କବି ପ୍ରତିଭା ଙ୍କର ଜନ୍ମ ହୁଏ ୧୯୫୭ ମସିହା ନଭେମ୍ବର ମାସରେ କଳାହାଣ୍ଡି ଜିଲ୍ଲାରେ । ଏହି ବିସ୍ମୟୀ ନାରୀ ପ୍ରତିଭା ଙ୍କ କବିତା ଗୁଡିକରେ ଆମେ ଦେଖିବାକୁ ପାଇବା ତାଙ୍କ ଜୀବନର କିଛି ଅଭୁଲା ସ୍ମୃତି, ଅନୁଭୂତି, ବିଷାଦ ନୈରାଶ୍ୟ, ନିଃସଙ୍ଗତା, କିଛି ଭାବନା, ସମ୍ଭାବନା ଓ ସମ୍ବେଦନଶୀଳତା । ତାଙ୍କର ରୋମାଣ୍ଟିକ କାବ୍ୟିକ ଉଚ୍ଚାରଣ ତଥା ନାରୀ ମାନସତତ୍ତ୍ୱ କୁ ଉନ୍ମୋଚନ କରିବାରେ ସେ ଥିଲେ ସିଦ୍ଧହସ୍ତା । ଏହି ପ୍ରତିଭା ଦୀପ୍ତ କବିଙ୍କ ଅମର ଲେଖନୀ ମୁନରୁ ନିଃସୃତ ଅମୂଲ୍ୟ ସୃଷ୍ଟି ଗୁଡ଼ିକ ହେଲା: ମୁହୂର୍ତ୍ତ ମୁହୂର୍ତ୍ତ ଓ ଆଧାରସିଳା, ଧାଡିଏ ସିମୁଳି ଫୁଲ ଓ ଅନନ୍ୟ କବିତା, ଝିପ୍ସୀ ଝିଅ, ନଭେମ୍ବର ମାସରେ ମୋର ଜନ୍ମ, କେହି ଜଣେ ଶୁଭଙ୍ଗୀ, ଅପରାଜିତା ରେ ଦିନରାତି, କାଚନାରୀ ଆକାଶଟିଏ ଦୀପ ପରି (ଅନୁବାଦ ହିନ୍ଦୀ ଭାଷାରୁ) ତାରିଖରେ ଅଟକି ଯାଇଥିବା ସମୟ, ଜ୍ଞାନେଶ୍ୱର ମୁହେଁ ଋତୁ ଉଇଁ ଆସୁଛି (ଅନୁବାଦ) କଥା ଯାତ୍ରା (ଗଳ୍ପ-ଅନୁଦିତ ହିନ୍ଦୀ ଭାଷା ରୁ) ପ୍ରତିଥର ଶୋଷ, ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଉପନ୍ୟାସ କଲି -କଥା ଭାୟା ବାଇପାସ (ଅନୁବାଦ) ଧାଡିଏ ଶିମିଳିଫୁଲ ଓ ଅନାନ୍ୟ କବିତା ପାଇଁ ସେ ୨୦୦୯ର ଶ୍ରେଷ୍ଠ କବି ଭାବେ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ।

ISSN NO.
2582-208X

କବି ପ୍ରବାସିନୀ ମାହାଙ୍କୁଡ ଥିଲେ ଆଧୁନିକ ଯୁଗର ନାରୀ କବିଙ୍କ ମଧ୍ୟରେ ଜଣେ ସଫଳ ପ୍ରତିଭା । ବହୁ ଅଭିଜ୍ଞତା ସମ୍ପର୍ଣ୍ଣ ଏହି ନାରୀ କବି ଙ୍କ କବିତାର ଭାଷା ଅତ୍ୟନ୍ତ ସରଳ ଓ ମର୍ମସ୍ପର୍ଶି । ନାନା ରୂପକ ଚିତ୍ରକଳ୍ପ ଓ ପ୍ରତୀକ ର ସମାହାର ରେ ତାଙ୍କ କବିତାବଳି ଏକାନ୍ତ ଜୀବନ୍ତ ଓ ବେଶ୍ ମନୋଜ୍ଞ । ନାରୀଟିଏ ହୋଇଥିବାରୁ ନାରୀର ମାନସତ୍ତ୍ୱକୁ ଅତି ନିଖୁଣ ଭାବରେ ଫୁଟାଇ ପାରିଛନ୍ତି ତାଙ୍କ କବିତା ଗୁଡିକରେ । ଓଡ଼ିଆ ସାହିତ୍ୟ କୁ ଖ୍ୟାତି ସମ୍ପର୍ଣ୍ଣ କରିଥିବା ମହିୟସୀ ନାରୀ କବିଙ୍କ ମଧ୍ୟରେ ପ୍ରବାସିନୀ ମାହାଙ୍କୁଡ ହେଉଛନ୍ତି ପ୍ରତିଭା ଶତପଥି, ବ୍ରହ୍ମୋତ୍ରୀ ମହାନ୍ତି, ଓ କବି ମନୋରମା ମହାପାତ୍ର ଙ୍କ ସହ ତୁଳନୀୟା । ତାଙ୍କ ଦ୍ୱାରା ରଚିତ କେହି ଜଣେ ଶୁଭଙ୍ଗୀ କବିତା ସଂକଳନ ରେ ସମୁଦାୟ ୭୨ ଗୋଟି କବିତା ସଂକଳିତ ।

କେହି ଜଣେ ଶୁଭଙ୍ଗୀ କବିତା ସଂକଳନ ର ପ୍ରଥମ କବିତା ଅହଂ । ଏହି କବିତା ମାଧ୍ୟମରେ କବି ନାରୀ ର ମହତ୍ତ୍ୱକୁ ପ୍ରତିପାଦନ କରିଛନ୍ତି । ଯାହାର କୌଣସି ଅରି ନଥାଏ ସେ ନାରୀ ଭାବରେ ବିବେଚିତ । ତେଣୁ କବି ଏହି କବିତା ମାଧ୍ୟମ ରେ କହିବାକୁ ଚାହିଁଛନ୍ତି – ନାରୀ କୁ ନାରୀ ବୋଲି କହିବାର ସାହସ ରଖ, ତାକୁ ବୁଝିବାକୁ ଚେଷ୍ଟା କର ତା ଭଲ ପାଇବାକୁ ଚାହଁ ଓ ତା'ର ଇଚ୍ଛା କୁ ସମ୍ମାନ ଦିଅ ବୋଲି କବି ଏହି ପୁରୁଷ ସମାଜକୁ ବାର୍ତ୍ତା ଦେଇଛନ୍ତି । କିନ୍ତୁ ପୁରୁଷ ସମାଜ କଣ ସତରେ ଏହା କେବେ କରିବ? ଆଉ ଯଦି ବି କରେ ତାହା କେବଳ ଅହଂକାର ଆଉ ସ୍ୱାର୍ଥର । ଯାହା କବିଙ୍କ ଭାଷାରେ – ଜାଣେ କେହି ଜଣେ ପୁରୁଷ ଏ କାମ କରିବା ପାଇଁ ସାହସ କରିବନି, ଯଦି କରେ ତେବେ ତାହା ଅହଂ ର ଛଳନା ର। ସେହିପରି "ବ୍ୟତିବ୍ୟସ୍ତ କଲମ" କବିତାରେ ସେ କହିବାକୁ ଚାହିଁଛନ୍ତି ନାରୀଟିଏ ତାର ମନର ବେଦନା, ମନର କଥାକୁ କାହାରି ଆଗରେ ପ୍ରକାଶ କରିପାରେ ନାହିଁ । କେବଳ ଖଣ୍ଡିଏ କାଗଜ ଡ଼ାଏରୀ ର ଗୋଟିଏ ପୃଷ୍ଠା ହିଁ ସମର୍ଥ ହୁଅନ୍ତି ତାର ଅନ୍ତର ଆତ୍ମା କୁ ବ୍ୟକ୍ତ କରିବାକୁ । ଯାହାରି ଉପରେ ତାର ସମ୍ପୂର୍ଣ୍ଣ ଅଧିକାର ଯେଉଁ କାଗଜ ର ଫର୍ଦ ରେ ତାର ହୃଦୟ, ଦେହ, ମନ, ଆତ୍ମା ଓ ସମୁଦାୟ ଶରୀର ଏକାନ୍ତ ହୋଇଯାଏ । ଏବଂ କଲମ ବି ବ୍ୟସ୍ତ ହୋଇଉଠେ ତାର ସେହି ଅକୁହା ବେଦନା କୁ ବ୍ୟକ୍ତ

ISSN NO.
2582-208X

କରିବାକୁ ଏବଂ ସେହି ବ୍ୟସ୍ତତା ମଧ୍ୟରେ କଲମ ଟିଏ ବି ଅସହାୟ ହୋଇଉଠେ । ଯାହା କବିଙ୍କ କବିତାର ଛତ୍ରେ ଛତ୍ରେ ଫୁଟି ଉଠିଛି:

–

ତା ଉପରେ ନାରୀଟି ର ସବୁତକ ଅଧିକାର
କାଗଜ ସହ ଏକାନ୍ତ ହୋଇଯାଏ
ତା ଆତ୍ମା, ତା ଦେହ, ମନ
ଏମିତିକି ସମୁଦାୟ ଶରୀର
ସେତେବେଳେ ସିଏ ଦେଖିଛି
କଲମ ବି କେମିତି ବ୍ୟସ୍ତ ହୋଇପଡେ
ଚଳଚଞ୍ଚଳ ହୋଇଉଠେ
କଲମ ର ଦେହ
ଗୋଟେ ବ୍ୟସ୍ତତା ଭିତରୁ
କଲମ ର ଅସହାୟତା ବାରି ହୋଇ ଯାଏ ।

ଅତ୍ୟନ୍ତ ସରଳ ସାବଲୀଳ ଓ ରୋମାଞ୍ଚକର ଶବ୍ଦ ମଧ୍ୟରେ କବି କହିଯାଇଛନ୍ତି ଅନେକ କିଛି କଥା । ଗୋଟିଏ ନାରୀର ମନସ୍ତତ୍ୱ କୁ ଖୁବ୍ ସୁନ୍ଦର ଭାବରେ ସେ ବିଶ୍ଳେଷଣ କରିଛନ୍ତି । ତାଙ୍କର ଏହି ସଂକଳନ ରେ ସ୍ଥାନିତ ହୋଇଥିବା ନାରୀର ସ୍ୱର ବହନ କରୁଥିବା କବିତା ଗୁଡିକ ହେଉଛି -ନାରୀ ଟିଏ ଜାଣିଥାଏ, ଥରେ ଥରେ, ଷୋହଳ ବର୍ଷାରେ, ଥରେ ଥରେ ଶବ୍ଦ ମାନେ, ମୁକ୍ତିର ଖୁସିରେ, ଯଦି କୌଣସି ନାରୀ କୁ ଭେଟିବ, ପୂର୍ବ ପରି, ସିଏ ଯଦି, ପୃଥିବୀ ର କେଉଁ ନାରୀ, ସିଏ ନଥିଲା ବେଳେ ବି, କେବେ ବି ଚାହିଁ ନଥିଲା, ଯେଉଁ ନାରୀ, ଏବଂ ନାରୀ ଧର୍ମୀ ସ୍ୱତନ୍ତ୍ର କବିତା ଶୀର୍ଷକ -ନାରୀ ।

"ନାରୀ ଟିଏ ଜାଣିଥାଏ" କବିତା ରେ କବି ନାରୀ କୁ ଭଲ ପାଇବାର ଅର୍ଥ କଣ ହୋଇପାରେ ତାହା ବ୍ୟାଖ୍ୟା କରିବାକୁ ଚାହିଁଛନ୍ତି । ସାଧାରଣତଃ ଜଣେ ପୁରୁଷ ପକ୍ଷରେ ନାରୀକୁ ଭଲ ପାଇବାର ଅର୍ଥ ସେ ବୁଝିଥାଏ ତାର ଶରୀର ଉପରେ କେବଳ ଅଭ୍ୟାସ

ISSN NO.
2582-208X

ସାବ୍ୟସ୍ତ କରିବା ନାରୀର ଶରୀର କୁ ଉପଭୋଗ କରିବା ଓ ନିଜର ଦୈହିକ କାମନା କୁ ପୂର୍ଣ୍ଣ କରିବା ଯାହା କେବଳ ଏକ ସ୍ୱାର୍ଥନ୍ୱେସୀ ପ୍ରବୃତି ଅଟେ । ଅଥଚ କେବଳ ନାରୀ ଟିଏ ହିଁ ଜାଣିଥାଏ ଭଲ ପାଇବାର ପ୍ରକୃତ ଅର୍ଥ କଣ ହୋଇପାରେ । ସେ ସ୍ୱାତିଲଗ୍ନ ଟିଏ ଗଢିବା ପାଇଁ ଶାମୁକା ଗର୍ଭରୁ ମୁକ୍ତାଟିଏ ଜନ୍ମଦେବା ପାଇଁ କେବଳ ରାତି ରାତି ଉଜାଗର ରହେ । କବି ଏଠାରେ ଏକ ନିଷ୍ପାପ ପବିତ୍ର ମାତୃତ୍ୱ ର କଥା କହିବା ପାଇଁ ଚାହିଁଛନ୍ତି ଯାହା କବିଙ୍କ ଲେଖନୀ ରେ ଦେଖିବାକୁ ମିଳେ –

ନାରୀକୁ ଭଲ ପାଇବାର ଅର୍ଥ
ତା ଦେହ ଉପରେ ଥାଏ
ତୁମର ଆଦିମ ଅଧିକାର
ଅଥଚ ନାରୀଟି ଜାଣେ
ନାରୀ କୁ ଭଲ ପାଇବାର ଅର୍ଥ
ତା ଭିତରୁ ମୁକ୍ତା କୁ
ଶାମୁକା ଦେହରୁ କାଢ଼ିବା
ସ୍ୱାତି ଲଗ୍ନ ପାଇଁ ସିଏ
ସାରା ରାତି ଅନିଦ୍ରା ରହୁ

ନିଃସଙ୍ଗତା, ଏକଲାପଣ ଅତ୍ୟନ୍ତ ଯନ୍ତ୍ରଣା ଦାୟକ । ଯେଉଁ ନିଃସଙ୍ଗତା ନିର୍ଜନତା କୁ କେହି ଦୂର କରି ପାରିବେ ନାହିଁ । ଯାହାକୁ ମନ୍ଦିରରେ ଥିବା ଦୀପ ଚର୍ଚ୍ଚରେ ଜଳୁଥିବା ମହମବତୀ ର ଆଲୁଅ ମଧ୍ୟ ସେ ଏକଲାପଣ ର ଭୟକୁ ଦୂର କରିପାରିବାକୁ ସମର୍ଥ ହେବ ନାହିଁ । ଏହି ନିର୍ଜନତା ର ଭୟକୁ କିଏ ଦୂର କରିପାରିବ ସେହି ପ୍ରଶ୍ନ ନାରୀଟିଏ ତା ଅନ୍ତରାତ୍ମା କୁ ଲକ୍ଷେଥର ପଚାରେ । ସେ ନିଜକୁ ସମ୍ପୂର୍ଣ୍ଣ ଏକା ଭାବି ଉଦାସ ଅନୁଭବ କରୁଥିବା ସମୟରେ ହଠାତ୍ ସେ ଏକ ବଂଶୀ ଧ୍ୱନି ର ଶବ୍ଦରେ ଏକ ନୂଆଁ ବିଶ୍ୱାସରେ ବଞ୍ଚିବାକୁ ଚେଷ୍ଟା କରେ । ବଂଶୀ କୁ ଏଠାରେ କବି ନିର୍ଜନତା ମଧ୍ୟରେ ଶାନ୍ତିର ପ୍ରତୀକ ଭାବରେ

ISSN NO.
2582-208X

ପ୍ରୟୋଗ କରିଛନ୍ତି । ସେହି ବଂଶୀ ଧ୍ୱନି ପାଇଁ ତାଙ୍କୁ ବଞ୍ଚିବାକୁ ହେବ ଥରେ ଥରେ କବିତା ରେ କବିଙ୍କ ପ୍ରତିକ୍ରିୟା ଏହି ପରି ଯେ-

ଥରେ ଥରେ ସେ ନିଜର
ଏକାକୀପଣ କୁ ଭୟ କରେ
ମନ୍ଦିରରେ ଦୀପ ଆଉ ଚର୍ଚ୍ଚ ରେ
କିଛି ମହମବତୀ ଜଳୁଛି
ଧର୍ମ ସ୍ଥାନର ଆଲୋକରେ
ଆତ୍ମା ଶାନ୍ତି ପାଏ କି....?

କବିତା ଲେଖିଲେ କବିତାଟିରେ କବି ନିଜର ଅତ୍ୟନ୍ତ ସରଳ ଭାବଉଦ୍ଦିପକ ଶବ୍ଦ ଚାତୁରୀ ମାଧ୍ୟମରେ ପାଠକ ହୃଦୟର ଆନ୍ତରତମ ପ୍ରଦେଶ କୁ ପହଞ୍ଚିପାରିଛନ୍ତି । ଏହି କବିତାଟିରେ କବି କହିବା ପାଇଁ ଚାହିଁଛନ୍ତି -ଜଣେ ଲେଖିକା ଯେତେବେଳେ ନୂଆଁ କରି କବିତା ଲେଖିବାକୁ ଆରମ୍ଭ କରେ ସେତେବେଳେ ତାକୁ ଅନେକ କିଛି ସହ୍ୟ କରିବାକୁ ପଡିଥାଏ । ପ୍ରଥମେ ନିଜ ଲୋକଙ୍କର ସମାଲୋଚନା ଓ ପ୍ରତିବାଦ, ତା ପରେ ପରେ ସେହି ସବୁ କଥା ତାର ଏକାନ୍ତ ଦେହସୁହା ହୋଇଯାଏ । ତା ପରେ ସେହି ସବୁ କବିତା ଡାଏରୀ ପୃଷ୍ଠା ରୁ ମୁକ୍ତି ପାଇ ଆକାଶ ର ପକ୍ଷୀ ଟିଏ ଭଳି ଉଡ଼ିଯାଏ ମ୍ୟାଗାଜିନ ପୃଷ୍ଠା କୁ ଏହା ପରେ ଗୋଟିଏ ଆତ୍ମ ସନ୍ତୋଷ ମିଳେ । ସେ ଶାନ୍ତି ରେ ନିଶ୍ୱାସ ନିଏ । ସେହି କବିତା କେବେ ମେଘ ହୋଇ ଆଶା ର ଆକାଶ ରୁ ଝରିପଡ଼େ । ଆଉ ସମାଲୋଚନା କୁ ତାର ଭୟ ନଥାଏ । ସେହି କବିତା ମଧ୍ୟରେ ରହିଥାଏ ତାର ସାରା ଜୀବନର ଅନୁଭବ ଯାହା ତାକୁ ସବୁବେଳେ ଜଳାଇଥାଏ ଏବଂ ସେଇ ଆନନ୍ଦ ଥାଏ । କବିତା ରେ ଜାଳିବା ଯେମିତି ତା ର ନିୟତି । ବାସ୍ତବିକ ଜାଣେ କବି ଏଠାରେ ଜାଣେ ଲେଖିକା ର ମାନସ୍ତବତା କୁ ଅତି ନିକଟ ରୁ ଆତ୍ମିୟତା ର ସହ ଫୁଟାଇ ଅଛନ୍ତି ଯାହା ତାଙ୍କ କବିତାରେ –

ISSN NO.
2582-208X

କବିତା କେବେ ମେଘ ହୋଏ ଝରି ପଡେ
ତୁମ ଆଖି ର ଆକାଶ ରୁ
କବିତା କେବେ କାକର ଟୋପା ହୋଇ
ତୁମ ବଗିଚା ରେ ଖସି ପଡେ
କବିତା କେବେ ସାରା ଜୀବନ ର
ଅନୁଭବ ହୋଇ ଜଳାଏ ।

ଏହି ସଂକଳନ ଟିରେ ଅନେକ ଚମତ୍କାର କବିତା ସବୁ ରହିଛି ତା ମଧ୍ୟ ରୁ "ଷୋହଳ ବର୍ଷା" ରେ କବିତା ଟି ଅନ୍ୟତମ । ଏହି କବିତା ଟି ରେ କବୟିତ୍ରୀ ନାରୀଟିର ବିବାହ ବୟସ ର କଥା କହିଛନ୍ତି ।ବର୍ତମାନ ସମାଜରେ ତ ବିବାହ କରିବା ନିମନ୍ତେ ଝିଅ ମାନଙ୍କର ବୟସ ସୀମା ମାପଦଣ୍ଡ ବହୁତ ବଦଳି ଗଲାଣି । ଝିଅଟିଏ ୨୧ ବର୍ଷ ରୁ ୨୫ ବର୍ଷ ମଧ୍ୟରେ ନିର୍ଦ୍ୱନ୍ଦ୍ୱ ରେ ବିବାହ କରି ପାରୁଛି । କିନ୍ତୁ କବିଙ୍କ ସମାକାଳୀନ ଅବସ୍ଥାରେ ଝିଅ ମାନଙ୍କ ବିବାହର ବୟସ ଅତି କମ୍ ଥିଲା ତେଣୁ ପ୍ରାୟତଃ ଝିଅମାନେ ୧୪ ରୁ ୧୬ ବର୍ଷ ମଧ୍ୟରେ ବିବାହ କରି ଝିଅ ଟିଏ ଯାଉଥିଲା ଶାଶୁ ଘରକୁ ଯେଉଁ ବୟସ କି ତାର ଏକାନ୍ତ ପିଲାଳିଆମୀ ବୟସ । ତଥାପି ସେ ବିବାହ ବେଦିରେ ଅଗ୍ନିକୁ ସାକ୍ଷୀ ରଖି ହାତ ଧରେ ଏକ ପୁରୁଷର । ଏବଂ ସାରା ଜୀବନ ପୁରୁଷ ଟିର ସୁଖ ଦୁଃଖରେ ସମଭାଗୀ ହୋଇ ରହିବ ବୋଲି ଶପଥ ନେଇଥିଲା । ସଭିଙ୍କର ସେ ମଙ୍ଗଳ ତଥା ଦୀର୍ଘାୟୁ କାମନା କରେ । କେତେ ଦିଅଁ କେତେ ଦେବତା କେତେ ଓଷା ବ୍ରତ କରେ ସେ ସ୍ୱାର୍ଥପର ଭାବରେ ପରକୁ ଆପଣାର କରି ସ୍ନେହ, ପ୍ରେମ, ପ୍ରୀତି, ଭଲପାଇବା ବାଣ୍ଟିଚାଲେ । ତାର ସମସ୍ତ ବାଲ୍ୟ ଚପଳତା ପିଲାଳିଆମୀ ଢଙ୍ଗ ସବୁକିଛି ଯେମିତି କୁଆଡେ ହଜି ଯାଏ । ତାର ବହି ବସ୍ତା ତେନ୍ତୁଳି ଗଛକୁ ପଥର ମାରିବା ଆମ୍ବ ଝଡା ଯିବା ଏ ସବୁକିଛି ଯେମିତି ତା ପାଇଁ ସବୁ ସ୍ୱପ୍ନ ପାଲଟି ଯାଏ । ବର୍ତମାନ ସେ ହୁଏ ଗର୍ଭବତୀ ଗର୍ଭ ଯନ୍ତ୍ରଣା କୁ ଭୋଗ କରେ ପ୍ରସୂତୀ ଗୃହ ମଧ୍ୟରେ କାନ୍ଦି ଉଠେ ଏକ ନାରୀସତ୍ତା । କାଲି ଯେ ନିଜେ ଜଣେ ଛୁଆ ଥିଲା ଆଜି ସେ ହୁଏ ଏକ ସନ୍ତାନର ଜନନୀ ହୁଏ । ଷୋହଳ ବର୍ଷ ର ଝିଅଟିକୁ ସହ୍ୟ କରିବାକୁ ହୁଏ ଅନେକ କିଛି । ଯାହା କବିଙ୍କ ଲେଖନୀରେ –

ISSN NO.
2582-208X

ସିଏ ଭୁଲିବାକୁ ଲାଗିଲା
କଞ୍ଚା ଆମ୍ବର ସ୍ୱାଦ
ତେନ୍ତୁଳି ଗଛ କୁ ପଥର ମାରିବା
ପୋଖରୀ ରେ ବୁଡିବା

ଏହି ସଂକଳନ ର ଅନ୍ୟ ଏକ ଚିତାକର୍ଷକ କବିତା ହେଉଛି ଥରେ ଥରେ "ଶବ୍ଦମାନେ"ଏହି କବିତାରେ କବି କହିବାକୁ ଚାହାଁନ୍ତି କି ନାରୀଟିଏ କିପରି ଶବ୍ଦ ଓ ଅର୍ଥର ଜାଲ ମଧ୍ୟରେ ଆବଦ୍ଧ ହୋଇଯାଏ । କେତେବେଳେ ସେ ଶବ୍ଦକୁ ଖୋଜିପାରେ ନାହିଁ ତ ପୁଣି କେତେବେଳେ ଅର୍ଥକୁ ଖୋଜୁ ଖୋଜୁ ସେ ନିଜେ ଅର୍ଥ ପାଲଟିଯାଏ ଶବ୍ଦ ଓ ଅର୍ଥର ଭୁଲା ଭୁଲି ଭିତରେ ନାରୀଟିଏ ନିଜେ ହରାଇବସେ ଆପଣାର ମଣିଷ ମାନଙ୍କୁ ।

"ମୁକ୍ତିର ଖୁସିରେ" କବିତାଟି ଏହି ସଂକଳନ ର ଏକ କ୍ଷୁଦ୍ର କବିତା ତଥାପି ବାମବାଦୀ କବି ଏଥିରେ କ୍ଷୁଦ୍ର ମଧ୍ୟରୁ ବୃହତ୍ତର ସନ୍ଧାନ କରିଛନ୍ତି । ମୁକ୍ତି କାହାକୁ ଅନାବଶ୍ୟକ ଈଶ୍ୱରଙ୍କ ସୃଷ୍ଟିରେ ପ୍ରତ୍ୟେକ ଜୀବ ଚାହାଁନ୍ତି ମୁକ୍ତି । ମୁକ୍ତି ରେ କି ଖୁସି କି ଆନନ୍ଦ! ମୁକ୍ତି ର ଖୁସି କୁ ଶବ୍ଦ ରେ ବର୍ଣ୍ଣନା କରାଯାଇ ପାରିବ ନାହିଁ । ସ୍ୱାଧୀନତା ର ସେହି ଖୁସିରେ ବିଭୋର ହୋଇ ପକ୍ଷୀଟିଏ ଡେଣା ଝାଡ଼ି ଝାଡ଼ି ଉଡି ବୁଲେ ନୀଳ ଗଗନ ବୁକୁରେ । କବିତା ମାନେ ମଧ୍ୟ ଡାଏରୀ ର ପୃଷ୍ଠା ରୁ ମୁକ୍ତିଲାଭ କରନ୍ତି । ସେହିପରି ନାରୀ ଜୀବନରୁ ମଧ୍ୟ ମୁକ୍ତ ହୋଇ ଚାଲିଯାଏ ଏହିପରି କିଛି । କେହି ଜଣେ ଶୁଭଙ୍ଗୀ କବିତା ସଂକଳନ ର ଏକ ବସ୍ତାବବାଦୀ କବିତା ହେଉଛି "ଯଦି କୌଣସି ନାରୀକୁ ଭେଟିବ" ଏହା କବିଙ୍କର ଏକ ଭିନ୍ନ ସ୍ୱାଦର କବିତା । ନାରୀ ହେଉଛି ସହିଷ୍ଣୁତା ର ଏକ ଜୀବନ୍ତ ପ୍ରତୀକ ଟିଏ ଜୀବନର ପ୍ରତ୍ୟକଟି ଝଡ ଝଞ୍ଜା ହସ ଖୁସି ସବୁକୁ ସିଏ ସାହିଯାଏ । ତେଣୁ କବି କହିବାକୁ ଚାହିଁଛନ୍ତି ଯେ ନାରୀଟିଏ ସବୁଠାରୁ ଊର୍ଦ୍ଧ୍ୱରେ । ଯେତେ ସବୁ ମାନ ଅପମାନ ଲୁହ ଠାରୁ ସେ ଅନେକ ଊର୍ଦ୍ଧ୍ୱରେ । ପୃଥିବୀ ମଧ୍ୟରେ ରହିଥିବା ପ୍ରତ୍ୟେକ ନାରୀ ଯେଉଁମାନେ କି ଫ୍ଲାଟ ଘର ଠାରୁ ଆରମ୍ଭ କରି ଚାଳ ଘର ମଧ୍ୟରେ ମଧ୍ୟ ବାସ କରନ୍ତି! । କବି କହିବାକୁ ଚାହିଁଛନ୍ତି ନାରୀଟିଏ ଚଲାଘର ହେଉ ବା ଗଛମୂଳ ତାହାକୁ ସେ ମହଲ ତୁଲ୍ୟ ମନେକରି ସେହିଠାରେ

ISSN NO.
2582-208X

ମଧ୍ୟ ସେ ଖୁସିରେ ଚାଲିଯାଏ । ଜୀବନର ସମସ୍ତ କ୍ଲାନ୍ତି ଅବସାଦ ସେ ସାହିଯାଏ । ଯେମିତିକି ଦୁନିଆଁର ସମସ୍ତ କଷ୍ଟକୁ ଭୋଗ କରିବା ପାଇଁ ଈଶ୍ୱର କେବଳ ନାରୀକୁ ହିଁ ସୃଷ୍ଟି କରିଛନ୍ତି ନାରୀ ର ଭାଗରେ ଗର୍ଭ ଯନ୍ତ୍ରଣା, ଦୁନିଆଁର ଯେତେସବୁ ଚାପ ସେ ସର୍ବଂସହା ଧରିତ୍ରୀ ଟିଏ ଯେ ଅତି ଯତ୍ନ ସହିତ ସ୍ୱେଦସିକ୍ତ ପୃଥିବୀର ଦେହକୁ ପୋଛିଦେଇ ପାରେ କେବଳ ନିଜକୁ ସେ ଜାଣିପାରେ ନାହିଁ କିମ୍ବା ନିଜ ଅସ୍ତିତ୍ୱକୁ ଖୋଜିପାଏ ନାହିଁ ।

ତା ଭାଗରେ ଘରର ଯାବତୀୟ କାମ
ତା ଭାଗରେ ଗର୍ଭ ଯନ୍ତ୍ରଣା
ତା ଭାଗରେ ଦୁନିଆ ଯାକର ଚାପ
ତା ଭାଗରେ ସହିଷ୍ଣୁତା ର ସମସ୍ତ ପରିଭାଷା
ଯେ ରହି ଆସିଛନ୍ତି

"ପୂର୍ବପରି" କବିତାଟି ହେଉଛି କବିଙ୍କ ସୃଷ୍ଟି ରେ ଏକ ଚମତ୍କାର କବିତା ସତରେ ନାରୀ ର ମନକୁ କେବଳ ନାରୀଟିଏ ପଢ଼ିପାରେ । କବି ଅତି ଚମତ୍କାର ଢଙ୍ଗରେ ଅତି ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ଅତି ନିକଟରୁ ସେ ପଢି ପାରନ୍ତି ନାରୀର ହୃଦୟକୁ । ଏହି କବିତାଟିରେ କବି ଜଣେ ନାରୀର ଅତୀତ ଜୀବନର ସ୍ମୃତିଚାରଣା କରିଛନ୍ତି । ନାରୀଟିଏ ଆଉ ଆଗଭଳି ପ୍ରେମ କବିତା ଲେଖିପାରେନାହିଁ କାରଣ ସେ ପ୍ରେମରେ ନଥାଏ । ସେ ବଞ୍ଚିବା ନିମନ୍ତେ ପୃଥିବୀ ଠାରୁ ମାଗି ନେଇଥିଲା କିଛି ସବୁଜିମା କିଛି ଦୟା, କ୍ଷମା ଓ କରୁଣା ଟିକେ ବଞ୍ଚିବାର ଇଚ୍ଛା ହିଁ ତା ଜୀବନର ନିମ୍ନତମ ଚାହିଦା । ଗୋଟିଏ ଦୀପଶିଖା ନିକଟରେ ସେ କୃତଜ୍ଞ ସବୁବେଳେ କାରଣ ଦୀପଶିଖା ର ଆଲୋକକୁ ସେ ସ୍ପର୍ଶ କରିଥିଲା ନାରିହେବାର ଉତ୍ତପ୍ତ ଅନୁଭବ କୁ ଠାକୁର ଘରେ ଜଳିଥିବା ପବିତ୍ର ଦୀପ ଶିଖା ର ଉର୍ଦ୍ଧ ଗତିରୁ ସେ ଶିଖିଥିଲା ବୋଧହୁଏ ବାସ୍ତବରେ ବିଚିତ୍ର ତାର ଜୀବନ ସତେ!ନାରୀଟିର ସ୍ୱତନ୍ତ୍ର ପରିଚୟ ବୋଲି କିଛି ନଥାଏ, ଅନ୍ୟ କାହା ପରିଚୟ ହିଁ ତା ପରିଚୟ ଅନ୍ୟ କାହା ଇଚ୍ଛା ହିଁ ତା ଇଚ୍ଛା ଅନ୍ୟ କାହା ଖୁସି ହିଁ ତା ଖୁସି, ଅନ୍ୟ କାହା ଆଦେଶ ହିଁ ସିରୋଧାର୍ଯ୍ୟ ତାର । ତେଣୁ କବି ବାରମ୍ବାର ପ୍ରଶ୍ନ କରିଛନ୍ତି ଏ କେମିତି ଗୋଟାଏ ପରିଚୟ ସତେ ନାରୀର ।

ISSN NO.
2582-208X

ଗୋଟେ ଦୀପରେ ସେ ଜଳିଥିଲା
ଦୀପଶିଖା ପାଖେ ସିଏ କୃତଜ୍ଞ
ଶିଖାର ଆଲୋକରେ ସେ ସ୍ପର୍ଶ କରିଥିଲା
ନାରୀ ହେବାର ଉତ୍ତପ୍ତ ଅନୁଭବ

"ସିଏ ଯଦି" ଶୀର୍ଷକ କବିତାରେ ନାରୀ କବି ନାରୀଟି ର ଅନ୍ତଃ ଚିତ୍ରଣ କରିଛନ୍ତି ଅତି ମାର୍ମିକ ଢଙ୍ଗରେ । ସତରେ ନାରୀଟିର ଜୀବନରେ ରହିଥାଏ ଅନେକ କିଛି ଆଶା, ଆକାଂକ୍ଷା, ଅନେକ ସ୍ୱପ୍ନ ସେ ଅହରହ ଚାହିଁରହିଥାଏ ତା ଜୀବନ କାଳ ମଧ୍ୟରେ ସେ ଏଭଳି କିଛି କାର୍ଯ୍ୟ କରି ତାର ଆତ୍ମ ପରିଚୟ ଟିଏ ସୃଷ୍ଟି କରିପାରିବ ସମାଜରେ ।ସେ ପରିଚୟ କିଛି ନହେଲେ ବି ଯଦି ଖାଲି ମାଟି ପିଣ୍ଡୁଳା ଟିଏ ହବାରେ ମଧ୍ୟ ସେ ଆନନ୍ଦ ପାଏ । ସେ ଭାବେ ସେ କିଛି ନହେଲେ ବି ଖାଲି ମାଟି ପିଣ୍ଡୁଳା ଟିଏ ହୋଇପାରନ୍ତା ତାହେଲେ କୁମ୍ଭାର ଚକରେ ଫୁଲଦାନୀ ଟିଏ ହୋଇ ସଜେଇ ହୋଇ ପାରନ୍ତା ଓ ସେ କେଉଁଠି ମଧ୍ୟ ଫୁଲ ସହ ଜଡିତ ହୋଇ ରହି ପାରନ୍ତା । ଯଦି ସେ ସେହି ନଗଣ୍ୟ ମାଟି ଟିକିଏ ବି ହୋଇପାରନ୍ତା ସେ କୁମ୍ଭାର ଚକ ରେ ସୁରେଇ ଟିଏ ହୋଇଥାନ୍ତା ଏବଂ ଥଣ୍ଡା ପାଣିକୁ ଧରି ରଖନ୍ତା କିନ୍ତୁ ନାରୀର ଜୀବନ ତାହା ଠାରୁ ମଧ୍ୟ ଆହୁରି ନଗଣ୍ୟ । କାରଣ ଏ ସମାଜରେ ସେ ମାଟି ମଧ୍ୟ ନୁହେଁ ସେ ତା ପୂର୍ବ ପୁରୁଷ ଜେଜେମା ଆଉ ଆଇ ମା ଙ୍କ ଠାରୁ ଶୁଣି ଆସିଛି ଯେ ସେ ମାଟି ନୁହେଁ,ସେ ମାଟି ହାଣ୍ଡି ଟିଏ ଯିଏ ପୁରୁଷର ସ୍ପର୍ଶ ମାତ୍ରେ ହୋଇଯାଏ ଅସ୍ପୃଶ୍ୟ ଆଉ ଅପବିତ୍ର । ସତରେ କି ବିଚିତ୍ର ଏ ନାରୀର ଜନ୍ମ । ଡେକଚି ମଧ୍ୟରେ ଭାତ ଫୁଟିଲା ପରି ନିଜ ଭିତରର ଏହି ସତ୍ୟ ଫୁଟି ଉଠିବାକୁ କେତେ ବା ସମୟ ଲାଗେ । ଯାହା କବିଙ୍କ ଭାଷାରେ :-

ଯଦି ସେ ପିଣ୍ଡୁଳାଏ ମାଟି ହୋଇଥାନ୍ତା
କୁମ୍ଭାର ଚକରେ
ଗୋଟେ ସୁରେଇ ହୋଇଥାନ୍ତା

ISSN NO.
2582-208X

ଥଣ୍ଡା ପାଣିକୁ ଧରି ରଖନ୍ତା
ଅଥଚ ଜାଣିଚି ସେ ମାଟି ନୁହେଁ
ଆଇ ମା ଆଉ ଜେଜେମା ଙ୍କ ଠୁ ଶୁଣିଚି
ନାରୀ ସବୁବେଳେ ମାଟି ହାଣ୍ଡି
ସ୍ପର୍ଶ କଲେ ଅସ୍ପୃଶ୍ୟ ହୋଇଯାଏ

"ପୃଥିବୀ ର କେଉଁ ନାରୀ" କବିତା ଟି କବିଙ୍କର ଏକ ଭିନ୍ନ ଧାରଣ ର କବିତା ଏହି କବିତା ଟି ରେ କବି କହିବାକୁ ଚାହାଁନ୍ତି ନାରୀ ହେବାଟା ହେଉଛି ସବୁଠାରୁ ବଡ଼ ଅଭିଶାପ । ନାରୀଠାରୁ ବେଶୀ ଦୁଃଖ ଆଉ ଅପମାନ ବୋଧହୁଏ ଆଉ କେହି ସହ୍ୟ କରିପାରିବେ ନାହିଁ ପୃଥିବୀ ର କେଉଁ ନାରୀ ପାଇଁ ତାର ଅନ୍ତରରୁ ଝଙ୍କୁରିତ ହେଉଥିବା ସେହି କରୁଣ ଶୋକ ଭରା ଗୀତ କେଉଁ କେଉଁ ଠାରେ ବାଜି ଉଠିଛି- ସେ ରେଡ଼ିଓ ହେଉ ବା ଏଫ୍.ଏମ୍ କିମ୍ବା ମୋବାଇଲ ରିଙ୍ଗ ଟୋନ୍ ରେ ତା ପାଇଁ କେବେ କେଉଁଠି କୌଣସି ସୁଖର ଶ୍ୱେତ ଗୋଲାପ ଟିଏ ମଧ୍ୟ ଫୁଟିନାହିଁ । ପୃଥିବୀ ର ଗୋଟିଏ ନିଭୃତ କୋଣ ମଧ୍ୟରେ ନାରୀଟିଏ ରହେ ଚରମ ଅବହେଳା ରେ ।

"ସିଏ ନଥିଲା ବେଳେ ବି" କବିତା ରେ କବି ଦର୍ଶାଇଛନ୍ତି ଯେ କାହାର ଅଭାବ ରେ ଏହି ପୃଥିବୀରେ କିଛି ପରିବର୍ତ୍ତନ ଆସେନି । ଆମେ କାଲି ଥିବା ବେଳେ ପୃଥିବୀ ଯେମିତି ଚାଲୁଥିଲା ଆମେ ନଥିବା ଅବସ୍ଥାରେ ମଧ୍ୟ ଠିକ ସେହିପରି ହିଁ ଚାଲିବ । ମଣିଷ ଥିବା ସମୟରେ ସୂର୍ଯ୍ୟ ରହିଥିଲା ମଣିଷ ନଥିବାବେଳେ ବି ଏହି ସୂର୍ଯ୍ୟ ସେମିତି ରହିଥିବ ।ଏ ସବୁ କିଛି ତ ଠିକ୍ କିନ୍ତୁ ସେତେବେଳେ ମଣିଷ ର ଅସ୍ତିତ୍ୱ ଏବଂ ମଣିଷ ଭିତରେ ଜଣେ ନାରୀ ର ଅସ୍ତିତ୍ୱ କେଉଁଠାରେ ରହିଥିଲା କ୍ଷିତି, ଅପ୍, ତେଜ, ବ୍ୟୋମ, ନା ମରୁତ ରେ? ମାଆ ର ରକ୍ତ ରେ ନା ପିଲାଙ୍କ ପୌରୁଷ ମଧ୍ୟରେ । କବି ପ୍ରଶ୍ନ ପରେ ପ୍ରଶ୍ନ କରିଛନ୍ତି । ନାରୀଟିଏ ତା'ର ଅସ୍ତିତ୍ୱ କୁ ଖୋଜି ବୁଲେ, ପାହାଡ଼ ଝରଣା ଓ ନଦୀ ବକ୍ଷରେ ସେତେବେଳେ ତାର ଭୋକ ଶୋଷ କଣ ରହିଥିବ? ଅସ୍ଥିରତା ମଧ୍ୟ୍ୟରେ ସ୍ଥିର ପାଦ ଚିହ୍ନ କୁ ଖୋଜିଛନ୍ତି ସେ। ଏହି ଦିନ ରାତି ସମସ୍ତଙ୍କୁ ସେ ପ୍ରଶ୍ନ କରିଛନ୍ତି ବାସ୍ତବିକ ଏହା

ISSN NO.
2582-208X

ବୋଧହୁଏ ସବୁ ନାରୀଙ୍କର ପ୍ରଶ୍ନ । ନାରୀଟିଏ ତାର ଅସ୍ତିତ୍ୱ ଓ ପରିଚୟ ଏହିପରି ଖୋଜି ବୁଲେ ଆଶ୍ଚର୍ଯ୍ୟ ଭାବରେ ଶେଷରେ ସେ ଡାଏରୀର ପୃଷ୍ଠା ଚାହିଁ କବିତା ସହ ଛଟ୍ ପଟ୍ ହୁଏ ଭାରି ଉଦବିଗ୍ନ ଭାବରେ ନିଜର ଅସ୍ତିତ୍ୱକୁ ପାଇବା ପାଇଁ । ଯାହାକୁ କବି ଉଲ୍ଲେଖ କରିଛନ୍ତି:-

ସିଏ ନଥିଲା ବେଳେ ବି
ଏ ପୃଥିବୀ ଥିଲା
ସିଏ ଥିଲା ବେଳେ ବି
ଏ ପୃଥିବୀ ଅଛି
ସିଏ ନଥିଲା ବେଳେ ବି
ଏ ପୃଥିବୀ ରହିବ
ସିଏ ଥିଲା ବେଳେ ସୂର୍ଯ୍ୟ ଥିଲା
ସିଏ ନଥିବା ବେଳେ ବି ସୂର୍ଯ୍ୟ ଥିବ...?
କିନ୍ତୁ ସିଏ ଥିଲା କୋଉଁଠି...?

ଆକାଶରେ, ମାଟିରେ, ଜଳରେ...

"କେବେ ବି ଚାହିଁ ନଥିଲା"କବିତାଟି ହୋଉଛି କବିଙ୍କ ଦ୍ୱାର ରଚିତ ଏକ ପ୍ରେମ କବିତା ଜଣେ ନାରୀ ତା ଭଲ ପାଇବାକୁ ଅମର ରଖିବାକୁ କେବେ ଚାହିଁନଥାଏ । ସିଏ ଚାହେଁନି ଯେ ତା ପ୍ରେମର କୌଣସି ଚିହ୍ନ, ସଂକେତ, ଓ ସ୍ମାରକୀ କିମ୍ବା କେହି ସାକ୍ଷୀ ରୁହନ୍ତୁ । କାହିଁକିନା-ପ୍ରେମକୁ ଅମର କରିବାର ଇଚ୍ଛା ରଖି ନାରୀଟିଏ କାହାରିକୁ ବଳି ଦେବାକୁ ଚାହେଁ ନାହିଁ । ସେ ସୂର୍ଯ୍ୟ ହେଉ ଅବା ଚନ୍ଦ୍ର ସେ ତାରା ହୋଉ ଅବା ନକ୍ଷତ୍ର । ତା ମାନେ ନୁହେଁ ଯେ ନାରୀଟିଏ କେବେ ପ୍ରେମ କରିନଥିଲା ତା ଆଖିର ଲୁହରେ ବତୁରି ଯାଇଥିଲା ରାତ୍ରୀ ର ଦେହ । ସେହି ପ୍ରେମକୁ ଅମର କରିବା ପାଇଁ ସେ କେବେ ଚାହିଁନଥିଲା ଦେବଦୁତ ଙ୍କ ଆଗମନ କିନ୍ତୁ ପ୍ରେମର ସେହି ଜ୍ୱଳନ୍ତ ଦୀପଶିଖା ଚର୍ଚ୍ଚ ର ମହାମବତୀ ଠାରୁ ମଧ୍ୟ ଆହୁରି

ISSN NO.
2582-208X

ପବିତ୍ର ଥିଲା ତାର ପ୍ରେମ । କବୟିତ୍ରୀ ଏହି ଉକ୍ତି ଟିକୁ ଉପସ୍ଥାପନ କରିଛନ୍ତି ଏକ ଚମତ୍କାର ଢଙ୍ଗରେ -

ସିଏ କେବେବି ଚାହିଁ ନଥିଲା
ତା ଭଲ ପାଇବା ଅମର ରହୁ
କେଉଁଠି ନା କେଉଁଠି ରହି ଯାଉ
ତା ଭଲ ପାଇବାର କିଛି ନା କିଛି ଚିହ୍ନ

କେହି ଜଣେ ଶୁଭଙ୍ଗୀ କବିତା ସଂକଳନ ରେ ରହିଥିବା କବିତା ଗୁଡ଼ିକ ମଧ୍ୟରେ "ଯେଉଁ ନାରୀ" କବିତା ଟି ନାରୀବାଦୀ କବିତା ର ଏକ ସ୍ପଷ୍ଟ ଉଦାହରଣ । ଏହି କବିତାରେ ନାରୀବାଦୀ କବି କହିବାକୁ ଚାହିଁଛନ୍ତି ପ୍ରତ୍ୟେକ ଜୀବନରେ କେହି ନା କେହି ଜଣେ ପୁରୁଷ ରହିଥାନ୍ତି, କିନ୍ତୁ ପୁରୁଷ ଜଣକ ଏଭଳି ହେବା ଉଚିତ ଯାହା ପାଇଁ ଜଣେ ନାରୀ ର ମନ, ପ୍ରାଣ, ଦେହ, ଆତ୍ମା ଉକ୍ତ ପୁରୁଷ ର ଅଭାବ ରେ ବା ତାଂପାଇଁ ପ୍ରତୀକ୍ଷା ର ଶିଖା ରେ ଶିହରିତ ହେଉଥିବ । ଜଳିଯାଉଥିବ ତାର ମନ ପ୍ରାଣ । ସେହି ପ୍ରିୟତମ ପୁରୁଷ ଜଣକ ଈଶ୍ୱର ମଧ୍ୟ ହୋଇ ପାରନ୍ତି ।ସେ ହିଁ ହୋଇପାରନ୍ତି ତା ଜୀବନର ପ୍ରଥମ ଓ ଶେଷ ପୁରୁଷ। ତାଙ୍କୁ ମାନିନେବା ରେ କିମ୍ବା ସ୍ୱୀକାର କରିବାରେ କୌଣସି ଦ୍ୱିରୁକ୍ତି କିମ୍ବା ଦ୍ୱନ୍ଦ ନଥାଏ ଏ ସବୁ ସତ୍ୱେ ସେ ଯଦି ତାର କାମ୍ୟ ପୁରୁଷ ଙ୍କୁ ମାନିନେବାରେ ଦ୍ୱିଧା ବୋଧ କରେ ତା ହେଲେ ତା ଜୀବନ ନିରର୍ଥକ ତା ଜନ୍ମ ବ୍ୟର୍ଥ । ବାସ୍ତବିକ୍ ନାରୀ କୁ ଭଲ ପାଉଥିବା ନାରୀର ଆତ୍ମା କୁ ପଢି ପାରୁଥିବା ଏବଂ ତାହାକୁ ଜୀବନ୍ତ ରୂପ ପ୍ରଦାନ କରିପାରୁଥିବା କବିଙ୍କ ମଧ୍ୟରେ କବି ପ୍ରବାସିନୀ ମାହାଙ୍କୁଡ ଜଣେ ଯଶସ୍ୱୀ ସ୍ରଷ୍ଟା । ତାଙ୍କ କବିତାର ପ୍ରତ୍ୟେକ ଟି ପଂକ୍ତି ରେ ନାରୀର, ବେଦନା ନାରୀର ଚେତନା ନାରୀ ଜାଗରଣ ନାରୀର ମର୍ମବାଣୀ ଝଙ୍କୃରିତ। ସେହିପରି ତାଙ୍କର ଅନ୍ୟ ଏକ କବିତା ଶୀର୍ଷକ "ନାରୀ"।

କେହି ଜଣେ ଶୁଭଙ୍ଗୀ କବିତା ସଂକଳନ ର ନାରୀ ଚେତନା ଧର୍ମୀ ଶେଷ କବିତା । ଏହି କବିତାରେ କବି ଅତୀତ ର ସ୍ମୃତି ଚାରଣା କରିଛନ୍ତି । କବିତା ପୃଷ୍ଠା ରେ କବି ଦେଖିଛନ୍ତି

ISSN NO.
2582-208X

ଅତୀତ ର ସେହି ସବୁ ମୁହୂର୍ତ୍ତ ରୁ ଯାହା ଜଣାପଡୁଛି ଏବେ ବି ସତେଜ ତଥାପି ସେହି କବିତାର ପୃଷ୍ଠା ମଧ୍ୟରେ ଅନେକ କିଛି କଥା ତା ଜନ୍ମ ମୃତ୍ୟୁ ର ରହସ୍ୟ ମଧ୍ୟ ସେଥିରେ । କାରଣ ନାରୀଟିଏ କବିତା ରେ ବଞ୍ଚେ ଓ କବିତା ରେ ମରେ । କାବୟିତ୍ରୀ କହିବାକୁ ଚାହିଁଛନ୍ତି - କବିତା ପୃଷ୍ଠା ରେ ନାରୀର ଠିକଣା ରହିଥାଏ ସତ! କିନ୍ତୁ ସେହି ଠିକଣା ରେ ଗଲେ ଆମେ ସେହି ନାରୀ କୁ ଆଦୌ ପାଇ ପରିବା ନାହିଁ । କାରଣ ନାରୀର ସ୍ୱତନ୍ତ୍ର ପରିଚୟ ବୋଲି ହିଁ କିଛି ନାହିଁ । ସେ କେବଳ ବଞ୍ଚେ ଅନ୍ୟର ପରିଚୟ ନେଇ । ତାର ପ୍ରତ୍ୟକଟି ଲୁହ କଣିକା, ଅନ୍ୱେଷା, ଅସ୍ତିତ୍ୱ ଆବେଗ ସବୁକିଛି ତାକୁ ପ୍ରତି ମୁହୂର୍ତ୍ତ ରେ ଚେତେଇ ଦିଅନ୍ତି ଯେ ସେ ନାରୀ । ଯେମିତିକି ନାରୀ ହେବା ଏକ ପାପ ତା ପାଇଁ, ଏକ ନର୍କ, ଓ ନାରୀ ହେବା ମାନେ ଖ ଶ୍ରେଣୀର ନାଗରିକ । ଯେତେବେଳେ ନାରୀଟି କିଛି ନୂଆଁ ସୃଷ୍ଟି କରିବସେ ସେଥିରେ ଲକ୍ଷେ ଲୋକଙ୍କର ପ୍ରଶ୍ନବାଚୀ । ଲକ୍ଷେ ଲୋକଙ୍କର କୌତୁହଳ ଭରା ଚାହାଣୀ । ସତେକି ନାରୀଟିଏ ନାରୀଭାବେ ଜନ୍ମ ହୋଇଛି ନାରୀ ଯୋନିରେ ଜନ୍ମ ହୋଇଛି ପୂର୍ବ ଜନ୍ମ ର ପାପକୁ ଏ ଜନ୍ମରେ ଭୋଗ କରିବା ପାଇଁ । ସବୁକିଛି ବାଦ ଅପବାଦ ନିନ୍ଦା ଆଦିକୁ ସେ ସହିବା ପାଇଁ ବାଧ୍ୟ । ଏଥିରୁ ତାହାର ନିସ୍ତାର ନାହିଁ । ପ୍ରବାସିନୀ ମହାକୁଡ଼ଙ୍କ କେହିଜଣେ ଶୁଭଙ୍ଗୀ କବିତା ସଂକଳନ ର ୬୨ ଗୋଟି କବିତା କୁ ପଢିବା ପରେ ସେଥିମଧ୍ୟରୁ ମାତ୍ର ୧୩ ଗୋଟି ନାରୀବାଦୀ ବା ନାରୀର ଭାବ କୁ ବ୍ୟକ୍ତ କରୁଥିବା କବିତା କୁ ଚୟନ କରି ଆଲୋଚନା ର ପରିସରକୁ ଆଣିଅଛି । ଜଣେ ପାଠକ ହିସାବରେ କବି ପ୍ରବାସିନୀ ମାହାକୁଡ ଜଣେ ବାସ୍ତବବାଦୀ କବିଭଳି ମନେ ହୁଅନ୍ତି । ଯିଏ ନାରୀ ର ଅଙ୍ଗେ ଲିଭା ଅତି ନିଚ୍ଛକ ଓ ବାସ୍ତବ କଥା ଗୁଡିକୁ ଅତି ସୁନ୍ଦର ଶାଣିତ ଓ ରସାଣିତ କରି ଲେଖିପାରନ୍ତି ।

ଅତିଥି ଅଧାପିକା,
ଓଡିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ

ISSN NO.
2582-208X

# ସମ୍ପର୍କ



ସ୍ୱାଗତିକା ସାହୁ

ସୂତା ଖିଅଟିଏ
ବାନ୍ଧିଦିଏ ନାନା ରଙ୍ଗବେରଙ୍ଗର ଫୁଲ
ନିଜ ବାଡ଼ିବଗିଚାର ହେଉକି
ଅନ୍ୟ ବାଡ଼ିର..
ଯେବେ ଯୋଡି ହୋଇଯାଏ ସେଇ ସୂତାଖିଅରେ
ବନିଯାଏ ଫୁଲ ହାରଟିଏ
ପୂର୍ଣ୍ଣତା ପାଇଯାଏ ଜୀବନର
ଯୋଗ୍ୟ ହୋଇଯାଏ ଈଶ୍ୱରଙ୍କ ପାଦତଳେ ଲାଗିବାର..
ସାର୍ଥକତା ପାଏ ନିଜ ଜନ୍ମର.. ।।

ଫୁଲହାର ପରି
ସମ୍ପର୍କର ହାର ସେଇ ବଗିଚାର ରଙ୍ଗବେରଙ୍ଗ ଫୁଲ
ଯାହା ବାପା ଦାଦା ମାଆ ଭାଇ ଭଉଣୀ ଜେଜେ ଜେଜେମାଆଙ୍କୁ ନେଇ ଗୁନ୍ଥା..
ଯେଉଁଠି ସୁଗନ୍ଧ ଆସେ ସ୍ନେହ ପ୍ରେମର
ରଙ୍ଗ ଆସେ ଶ୍ରଦ୍ଧା ଭାବନାର
ସୌନ୍ଦର୍ଯ୍ୟତା ଆଣେ ବଗିଚାରୂପୀ ପରିବାରରେ ଆପଣା ପଣର..

ISSN NO.
2582-208X

ସେଇତ ଜୀବନ
ଯେଉଁଠି ଏକ ଥାଏ ସଭିଙ୍କ ମନ
ବିଶ୍ୱାସରେ ବନ୍ଧାଥାଏ ସପନ
ଆଶ୍ୱାସନାରେ ଶ୍ରଦ୍ଧାପଣ
ସେଇଠି ଛୁଇଁପାରେନି ମ୍ରିୟମାଣ
ସିଏ ସମ୍ପର୍କର ବନ୍ଧନ.. ।।

ଅଧ୍ୟାପିକା
କନ୍ଧମାଳ

ISSN NO.
2582-208X



# ଝିଅ ପାଇଁ ଗୋଟିଏ କବିତା.......



ଡ଼କ୍ଟର ସଂଯୁକ୍ତା ଦାସ

ଭୟ ଆଉ ପାପ ମିଶି ଏ ସମୟ ଅଭିଶପ୍ତ
ହିଂସା ଦ୍ୱେଷ ଲାଂଛନା ମିଥ୍ୟାରେ
ନିଜ ଦୋଷ ଅନ୍ୟମୁଣ୍ଡେ ଥାପି ସମାଜ ହୁଏ ଉଲ୍ଲସିତ
ଗୋଧୂଳିର ଧୂସର ବାଲିରେ ।
କି ଗୀତ ଗାଇବି ଝିଅ ମୋର ସୁନାଝିଅ
କିପରି ବୁଝିବୁ ତୁହି ଭଲମନ୍ଦ ସଂସାର ନିୟମ
ତୋର ଟିକି ହୃଦୟରେ ।
ପାଦ ଥାପିଥାପି ଚାଲୁଥିବୁ ପଥ, ଝିଅ
ପ୍ରତିପାଦରେ ଏଠି ବିଛାର ଲହୁଡ଼
ଖସଡ଼ା ଶିଉଳି ତୁଠର,
ପ୍ରତି ଛକରେ ଉଭା ଏଠି କୃଷ୍ଣ -ଛଦ୍ମକୃଷ୍ଣ
ହାତରେ ମୁରଲୀ, ଓଠରେ ସୁମଧୁର ସ୍ୱର
ଆଖିରେ ରାତ୍ରୀର ଇସାରା
ଫମ୍ପା ମାଠିଆ ଶବ୍ଦରେ ବେଳେବେଳେ ଲୁଚିଯାଏ
ନାନାବାଦ୍ୟ ସଂଗୀତ ପସରା ।

ISSN NO.
2582-208X

ମାୟା ମିରିଗ ଦେଖି ଭଳିଯିବୁନାହିଁ ଝିଅ..
ସ୍କୁଲ କଲେଜ ପାର୍ଟି ପାଲିଟିକ୍ସ ଓ ରୌଁସ୍ତାରା,
ସବୁଠି ସୁନା ହରିଣର ନାଚ,
ନାଚ ଅନ୍ତରାଳେ ରାବଣର ଛଦ୍ମବେଶି ରୂପ
ଲୁହାର ପହୁଡ଼ ମାଡିଆସେ, ସବୁଯାଏ ସରି ନିମିଷ ମଧ୍ୟରେ
ଫୁଲଟିଏ ଫୁଟିବା ପୂର୍ବରୁ, ଝରିପଡ଼େ
କେବେକେବେ ଖିଆଲି ନଖରେ, କଂସର ବନ୍ଦୀଶାଳେ
ଅବା, କେଉଁ ରାଣୀ ହଂସପୁର ପୋଡା ସଳିତା ବାସ୍ନାରେ ।
ରକ୍ତବୀର୍ଯ୍ୟର ରକ୍ତ ଛିଟିକାରେ ଏଠିପରା ଶତଶତ ଅସୁରଙ୍କ ଭିଡ଼..
ସଦା ମନେ ରଖିଥିବୁ ଝିଅ ତିନିଗାର
ଡେଇଁ ଯିବୁନାହିଁ କେଭେ ଅନ୍ୟମନସ୍କରେ,
ଭ୍ରାନ୍ତହୋଇ- ଲକ୍ଷ୍ମଣ ରେଖାକୁ ।
ଲୁହ ଢାଳନାରେ ଝିଅ...
ସତୀ, ସୀତା, ଦ୍ରୌପଦୀ, ପଦ୍ମିନୀ, ଛବି, ବେବି, ଇତିର ଆଖିରେ ଭରା ଯମୁନାର ଜଳ ।
ବହୁଅଛି ନିରନ୍ତର, ଚିତ୍ରକୂଟ ଆଶ୍ରମରୁ ପଶାପାଲି, ବାରୁଣାବନ୍ତ, ନୂଆଖାଲି, ରାଜରାସ୍ତା....
ମହାନଦୀ ପଠାଦେଇ କନ୍ଧମାଳ ବିସ୍ତିର୍ଣ୍ଣ ପ୍ରାନ୍ତରେ ।
କଣ ବା ମୂଲ୍ୟ ତାର ?
କାନ୍ଦିବାଟା ଆଜି ଭୀରୁର ଲକ୍ଷଣ
ପ୍ରଥମ ପରାଜୟ ଜୀବନ ଯୁଦ୍ଧର, ବରଂ ଭଲଏଠି
ଦୁଇଠୋପା ଲୁହାଠାରୁ, ଏକ ଠୋପା ପରିଚ୍ଛନ୍ନ ଝାଳ ।
କି ଆଶିଷ ଦେବି ତୋତେରେ ଝିଅ...
ହୋଇଯାତୁ ମହିୟସୀ
ଦେବୀଦୁର୍ଗା, ରାଣୀଲକ୍ଷ୍ମୀ, କଳ୍ପନା, ଟେରେସା, ତୁଳସୀ
ଗଙ୍ଗାର ପବିତ୍ର ଧାରା ଆଜିତ ଯାଇନାହିଁ ଶୁଖି

ISSN NO.
2582-208X

ଜାଳିଦେ ତୋ ଛୋଟ ମସ୍ତିକରେ ଅଲିଭା ପ୍ରଦୀପ
ଆଲୋକିତ କରିବାକୁ ତୁହି ଆର୍ଯ୍ୟାବ୍ରତ
ଭରିଦେ ତୋ ଟିକି ହୃଦୟରେ ମନ୍ଦାକିନୀ ଜଳ
ଛିଞ୍ଚିବାକୁ ଅଭିଶପ୍ତ ଏ ମଥୁରା ନଗର
ଅବା, ଉଠା ତୁ ଗାଣ୍ଡିବ
ଶକ୍ତି ସୋରୂପିଣୀ ମା...
ଯୁଦ୍ଧ ଶେଷେ, କୁରୁକ୍ଷେତ୍ରେ ରଚିବାକୁ
ଶାନ୍ତି ମୈତ୍ରୀରେ ଗଢ଼ା ଭାରତବର୍ଷର
ନୂଆ ଇତିହାସ ।

ଅଧ୍ୟାପିକା, (ଓଡ଼ିଆ ବିଭାଗ)
ରଘୁନାଥ ସମବାୟ ମହାବିଦ୍ୟାଳୟ (ଓଡଗାଁ)
ନୟାଗଡ

ISSN NO.
2582-208X

# ଏଇ ପାଟିରେ ଅମୃତ ଏଇ ପାଟିରେ ବିଷ



ବାସନ୍ତୀ ଲତା ଜେନା

ସରଳ ମଣିଷ କୋମଳ ହୃଦୟ
କହେ ମଧୁର ବଚନ
ମଧୁର ବଚନେ ଅମୃତର ସୁଧା
ତୋଷ ହୁଏ ପ୍ରାଣୀ ମନ ।୧।

ସ୍ୱାର୍ଥନ୍ୱେଷି ବ୍ୟକ୍ତି କପଟି ମଣିଷ
ଅହଂକାରେ ଅନ୍ଧ ଥାଏ
ରସନା ସଂଯତ ତାର ତ ନ ଥାଏ
କଟୁ କଥା କହି ଥାଏ ।୨।

କଟୁ କଥା ହୁଏ ଗରଳ ସଦୃଶ୍ୟ
ଦିଏ ମନ ପ୍ରାଣେ ବ୍ୟଥା
ହୃଦୟରେ ଗାର ସ୍ମୃତି ହୋଇ ରହେ
ମନରେ ଘାରଇ ଚିନ୍ତା ।୩।

ISSN NO.
2582-208X

ମିଠା କଥା ପଦେ କା' ଠାରୁ ଶୁଣିଲେ
ଓଠରେ ହସ ଫୁଟଇ
ମନ ଖୁସି ହୁଏ ଚଞ୍ଚଳତା ଆସେ
ଦୁଃଖ ଯାଏ ଦୂର ହୋଇ ।୪।

ହିଂସା ଇର୍ଷା ଦ୍ୱେଷ ରାଗ କ୍ରୋଧ ଘୃଣା
ବିଷ ତୁଲ୍ୟ ଯେ ଅଟଇ
ମନକୁ ବିଷାକ୍ତ ଏମାନେ କରନ୍ତି
ସନ୍ତୋଷ ଯାଏ ଦୂରେଇ ।୫।

ଏ ପାଟିରେ ଅଛି ଅମୃତ ଭଣ୍ଡାର
ଏ ପାଟିରେ ଅଛି ବିଷ
ସଂଯମତା ଗୁଣେ ମନ ସ୍ଥିର କଲେ
ସର୍ବେ ହୋଇବେ ହରସ ।୬।

ଅଳିକ ସଂସାରେ କ୍ଷଣିକ ଜୀବନ
କଷ୍ଟ କାରେ ଦେବା ନାହିଁ
ଅତ୍ମୀୟତା ଗୁଣେ ସଦ୍ଭାବନା ରଖି
ସଂସାରେ ଚଳିବା ଭାଇ ।୭।

ଅସହାୟକୁ ଯେ ସାହାଯ୍ୟ କରିଲେ
ସାନ୍ତ୍ୱନାର ବାଣୀ ଦେଇ
ସ୍ୱୟଂ ନାରାୟଣ ସନ୍ତୁଷ୍ଟ ହୁଅନ୍ତି
ସାହା ହୋନ୍ତି ଭାବଗ୍ରାହୀ ।୮।

ଶିକ୍ଷୟିତ୍ରୀ, ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ଥିଲେ ଚିରାକନା ହଜିଲେ ମଠା



ରଘୁନାଥ ତ୍ରିପାଠୀ

ପଦାର୍ଥ ହେଉ କି ମଣିଷର ମୂଲ୍ୟ
ବୁଝିହୁଏ ସିନା ଦୁର୍ଲ୍ଲଭ ଥିଲେ
ଜଣାପଡେ ନାହିଁ ସୁଲଭ ହୋଇଲେ
ଜ୍ଞାତ ହୋଇଥାଏ ଅଭାବ ହେଲେ ।
ନିଜ ପରିବାର ବରିଷ୍ଠ ଜନଟି
ଝାଳବୁହା ଶ୍ରମ ନକରେ କେବେ
ଖୋଜା ଲୋଡ଼ା ହୁଏ ତାର ଉପସ୍ଥିତି
ଭବରୁ ବିଦାୟ ନିଏ ସେ ଯେବେ ।
କିଛି ନକଲେ ବି ବସିଥିଲେ ଦ୍ୱାରେ
ଶ୍ୱାନ କି ମାର୍ଜାର ନ ପଶେ ଘରେ
ଛୋଟା କଣା କୁଜା ହେଲେ ବି ବୃଦ୍ଧଟି
ତା ବିବେକ ଜ୍ଞାନ ସଦା ଉର୍ଦ୍ଧ୍ୱରେ ।
କିଛି ରହିଥିବା ଉଚ୍ଚତର ଗଣା
କିଛି ନ ରହିବା ଅପେକ୍ଷା ପରା
ଜଣେ କେହି ଥିଲେ ଘର ରୂପେ ଗଣା

ISSN NO.
2582-208X

ହୁଏ ନାହିଁ ଗଣା ନଥିଲେ ସାରା ।
ପାଶେ ରହିଥିବା ଚିରା କନାଟିର
ମହତ୍ୱ ନଥାଏ କାହାରି ଘରେ
ହଜିଗଲେ ଥରେ ହୋଇଯାଏ ମଠା
ତା ମୂଲ୍ୟ ଉଚ୍ଚକୁ ଉଠଇ ଖରେ ।
ଦୁରୁବଳ ଅବା ମୂରୁଖ ହେଲେ ବି
ଭାଇଟିର ହାତ ଭଉଣୀ ପାଇଁ
ଗହ୍ଣା ପୁନେଇଁରେ ହୁଏ ମୂଲ୍ୟବାନ
ଖୋଜେ ସେ ବାନ୍ଧିବ ରାକ୍ଷୀଟେ ନେଇ ।
ପତି ପତ୍ନୀ ଅବା ପ୍ରେମୀ ଯୁଗଳଙ୍କ
ଅଭିମାନ ଦିଏ ପରାଣ ଜାଳି
ଅବର୍ତ୍ତମାନରେ ଝୁରୁଥାଏ ସଦା
ଆନ ଅନୁରାଗ ନ ହୁଏ କଳି ।

ବାଲିସାହି, ମଧୁପାଟଣା,
କଟକ/8763343263

ISSN NO.
2582-208X

# ମୋହ



କୁଞ୍ଜ ବିହାରୀ ସାହୁ

ମୋ ଗାଁ ନଇପଠାରେ ପାଦ ଥାପିଲାବେଳକୁ କାଶତଣ୍ଡୀ ପାଖେଇ ଗଲା । ଏକ ଭିନ୍ନ ଆବେଗ ଓ ଆନ୍ତରିକତାରେ କହିଦେଲା- ତୁମେ ଆସିଛ ପ୍ରକୃତି, ଭଲ ହେଲା । ମୁଁ ଏଠି ଅନିଶା କରିଥିଲି ଗୋଟିଏ ବର୍ଷରୁ ।

ପ୍ରକୃତି ନିଆରା ଖୁସିରେ ଖୁସି ହେଇଗଲା କାଶତଣ୍ଡୀର ଅନୁଭବ ପୂର୍ଣ୍ଣ କଥନିକାରେ । ଆଖି ନଚାଇଲା କ୍ଷଣିକ । କହିଦେଲା – ହଁ ହଁ... ମୋ ଆଗମନୀରେ ନଇପଠା ହସୁଛି, ବିଲ-ପାଟ, ଗୋହିରୀ ମସଗୁଲରେ ନାଚୁଚି । ଆକାଶଟା ସଫା ଦିଶୁଛି ଫେନିଳ ବାଦଲ ଖଣ୍ଡରେ । ଗେଣ୍ଡାଳିଆ ପର ଝାଡ଼ିଝାଡ଼ି ଉଡ଼ିଯାଉଛି ଖୋଲା ହୃଦୟରେ । ସତେ ଯେମିତି ଏ ନୀଳ ଆକାଶଟା ଗୋଟାପଣେ ତାହାର ! ଧାନ ବିଲରେ ଥଣ୍ଟ ଲମ୍ବେଇ ଜିଦଖୋର କାଣ୍ଠିଆ ବଗଟା ବସିଛି । ଶୁଖିଲା ଧାନ ବିଲରେ ତା ମନ ପସନ୍ଦର ଖାଦ୍ୟ ମିଳିଗଲେ ଟାଉକିନା ଗିଳିପକେଇବ ।

ମୁଁ ସତରେ ଆତ୍ମହରା ହେଇଯାଉଛି ଧୋବ ଫରଫର ଚଅଁର ଦେଖି । ଏଇ ଦେଖୁନ କାଶତଣ୍ଡୀ, ପାଖ ଦେବୀ ମନ୍ଦିର ବେଢ଼ାରେ ଭକ୍ତଙ୍କ ଗହଳି ଶୁଭୁଛି । ଘଣ୍ଟ ଘଣ୍ଟା ନାଦରେ ଚହଟିଯାଉଛି ମନ୍ଦିର ଅଗଣା । ମା ଦେବୀ ଦୁର୍ଗାଙ୍କ ଏ ଅପରୂପ ଶୋଭାରେ ଶରତ ବି ନାଚିଯାଉଛି । ଆଶ୍ୱିନ ବି ମସଗୁଲ ହେଇଯାଉଛି । ସବୁଠି ଖୁସି ଆଉ ଖୁସି ।

ISSN NO.
2582-208X

କାଶତଣ୍ଡୀ ମୁଣ୍ଡ ଟୁଙ୍ଗାରିଲା । ମଥା ଚଅଁରକୁ ସୁଲୁସୁଲିଆ ପବନରେ ଝୁଲେଇ କହିଦେଲା - ଦେବୀ ମାଙ୍କ ଆଗମନୀ ଖବର ମୁଁ ହିଁ ଆଣିଛି ।

ତୁମେ ମୋତେ ସତରେ ଭଲପାଅ ପ୍ରକୃତି ?

ହଁ କହିଦେଲା ଏକ ନିବିଡ଼ ଆତ୍ମୀୟତାରେ । ପ୍ରକୃତି ଆଖି ଠାରିଦେଲା । ଆଖିଠାରରେ ଥିଲା ଭଲପାଇବାର ଅନାବିଳ ମୁହୂର୍ତ୍ତ ।

ଦୁହେଁ ଦୁହିଁଙ୍କୁ କିଛି ସମୟ ଚାହିଁରହିଲେ ।

ସଞ୍ଜ ନଇଁଆସୁଥିଲା ସୂର୍ଯ୍ୟ ବୁଡ଼ିଯିବାରେ । ରକ୍ତିମ ଆଭା ଖେଳି ଯାଉଥିଲା ପଶ୍ଚିମ ଲଲାଟରେ । ନଈ ବି ଆନ୍ଦୋଳିତ ହେଉଥିଲା ପ୍ରକୃତିକୁ ଦେଖି । ପଶୁପକ୍ଷୀଙ୍କର ମିଠା ସ୍ୱର ବାରି ହୋଇପଡୁଥିଲା ।

ପ୍ରକୃତି ରହିଗଲା କାଶତଣ୍ଡୀର ମୋହରେ ମତୁଆଲା ହୋଇ ।

ପାତ୍ରପଡା, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ଖରା

ସ୍ୱାଗତିକା ନାଏକ

ମୁଠେ ଦାନା ଲାଗି
ପ୍ରକୃତିର ନିର୍ଦ୍ଦାଘ ରୂପକୁ ଆପଣାଇ
ଅଭାବୀ ମଣିଷଟିଏ
ଅଂଶୁଘାତ, ଝାଞ୍ଜି ପବନକୁ ଖାତିରି ନକରି
ପଛଘୁଞ୍ଚା ଦିଏନାହିଁ
ନିଜର କୁଟୁମ୍ବ ପୋଷିବା ପାଇଁ ।
ହାତ ବନ୍ଦ ତ ଭାତ ବନ୍ଦ ଜାଣି
ପ୍ରଚଣ୍ଡ ରୌଦ୍ରକୁ ଭ୍ରୂକ୍ଷେପ ନକରି
ଆଗେଇ ଚାଲେ ନିଜର
ଅଭାବ ମେଣ୍ଟାଇବା ପାଇଁ ।
ଅଭାବୀ ମଣିଷ ଲାଗି କି ଖରା
କି ତାତି ତାତିର ଜ୍ୱାଳାଠୁ ବେଶି ଭୟଙ୍କର
ଦାରିଦ୍ର୍ୟର ଜ୍ୱାଳା ତା ପାଇଁ ।

ଟୁଟୁସିଙ୍ଗା, ବୌଦ୍ଧ

ISSN NO.
2582-208X

# ଗୋଲାପ ମୋର ନାଆଁ



ଜୟନ୍ତ କୁମାର ମଲ୍ଲିକ୍

ଦେହଟି ମୋହର ଅତୀବ ସୁନ୍ଦର
ଗୋଲାପ ଅଟେ ମୋ ନାଆଁ
କରିଥାନ୍ତି ମୋତେ ସଭିଏଁ ଆଦର
ପ୍ରେମ ନଗରୀ ମୋ ଗାଆଁ
ଆକର୍ଷଣର ମୁଁ ଅଟେ କେନ୍ଦ୍ର ବିନ୍ଦୁ
ଭଲପାଇବାର ଫୁଲ
ପ୍ରେମୀ ଯୁଗଳଙ୍କ ଆବେଗିତ ମନ
ବୁଝିଥାଏ ମୋର ମୂଲ ।
ଗଛଟି ମୋହର ଅଟେ ଦୀର୍ଘଜୀବୀ
ବହୁ ବର୍ଷ ବଞ୍ଚି ପାରେ
ଖୁସି ବାଣ୍ଟିବାରେ ହେଳା କରିନାହିଁ
ଜୀବନରେ ମୁଁ ତ କାରେ ।
ମୋ ରକ୍ଷା କବଚ ଅଟଇ ତ କଣ୍ଟା
ବିପଦରୁ ରଖିଥାଏ
ଗଛଟି ମୋହର ଅତି ବେଶିରେ ତ
ସାତଫୁଟ ବଢ଼ିଥାଏ ।

କେତେବେଳେ ହୁଏ ମୁଁ ତ ଜାମ୍, ଜେଲି
କେତେବେଳେ ଚାଆ ହୁଏ
ସୁରଭିରେ ଭରା ମୋ ଗୋଲାପ ଜଳ
ଆଖି ଭିତରକୁ ଧୁଏ ।
ସବୁଠାରୁ ଭଲ ଉପହାର ତିଜ
ଭାବରେ ଅଟେ ମୁଁ ଗଣା
ମୋହର ସୌନ୍ଦର୍ଯ୍ୟ ମୋହର ସୌରଭ
ସଭିଙ୍କୁ ଅଛି ତ ଜଣା ।

ଶୂରଡିହ, ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ;~୯୪୩୭୮୬୫୭୨୭

ISSN NO.
2582-208X

# ବୋଉ ଲୋ...

ସିମ୍ରନ ସାହୁ

ବୋଉ ଲୋ...
ତୁ ହେଉଛୁ ମୋ ଆଖିର ଆଶା
ତୁ ହେଉଛୁ ମୋ ପାଟିର ଭାଷା
ତୁ ନ ବାଢିଲେ ପଖାଳ କଂସା
ମନେ ମୋର ରହିଯାଏ ତ ଆଶା
ଖାଇବାକୁ ତୋର ହାତ ପରଷା
କରେ ମୁଁ ଯେ କେତେ ରାଗ ରୁଷା
ତୋର ସେଇ ହାତ ରନ୍ଧା ସରୁ ସରୁ ଆଳୁ ଭଜା
ଖାଇବି ଲାଗେ ଆହା କ ମଜା ।

ବୋଉ ଲୋ...
ତୁ ହେଉଛୁ ମୋ ସକାଳ ଧୂପ
ତୁ ହେଉଛୁ ମୋ ସଞ୍ଜର ଦୀପ
ନ ଗପିଲେ ଟିକେ ତୋ ସାଥିରେ
ଦିନଟା କଟେ ମୋ ଭରି ଦୁଃଖରେ
ଅସମ୍ପୂର୍ଣ୍ଣ ତୋ ନାମର ବର୍ଣ୍ଣନା
ସମ୍ପୂର୍ଣ୍ଣ କରିବି କେଉଠୁ
ତୋ ଋଣ କଏ ସୁଝିଛି ନା ସୁଝିବ
ମୁଁ ବି ପାରିବି କେଉଁଠୁ ।

ISSN NO.
2582-208X


ବୋଉ ଲୋ...
ବୟସର ଏରୁଣ୍ଡିବନ୍ଧ ଅତିକ୍ରମ କରି
ନିଜକୁ ଜଳାଞ୍ଜଳି ଦେଇଛୁ
ନିଜେ ଭୋକ ଉପାସରେ ରହି
ମୋ ପେଟ ପୂରା ରଖିଛୁ
ମୁଁ ହସିଲେ ତୁ ହସୁ
ମୁଁ କାନ୍ଦିଲେ ତୁ କାନ୍ଦୁ
ନିଜ ପାଇଁ କେବେ ଚିନ୍ତା ନକରି
ଅନ୍ୟ ପାଇଁ ବସି ରାନ୍ଧୁ ।

ବୋଉ ଲୋ...
ତୁ ହେଉଛୁ ମୋ ଦିଅଁ ଦେବତା
କେମିତି ମୁଁ ତତେ କରିବି ଏକା
ତୋ କୋଳରେ ଟିକେ ମୁଣ୍ଡ ରଖିଦେଲେ
ଲାଗେ ସରଗରେ ମୁଁ ଶୋଇଛି
ତୋ ପରି ବୋଉଟେ ମୋତେ ଜନ୍ମେ ଜନ୍ମେ ମିଳୁ
ଏତିକି ପ୍ରାର୍ଥନା କରୁଛି
କେହି ଜାଣନ୍ତୁ କି ନାହିଁ ବୋଉ ଶବ୍ଦର ପ୍ରକୃତ ଅର୍ଥ
କିନ୍ତୁ ମୁଁ ଜାଣିଛି ମୋବୋଉ ହିଁ
ମୋ ପାଇଁ ଯଥାର୍ଥ
ଯେଉଁ ପ୍ରତୀକ୍ଷା ତୁ ଦଶ ମାସ କରିଥିଲୁ
ତାର ପ୍ରତିବଦଳରେ ମୁଁ ବା କଣ ଦେଇ ପାରିବି
ବାସ୍ ତୋ ଚରଣେ ସର୍ବଦା ମୁଁ
ଚିରଋଣୀ ହୋଇ ରହିବି ॥

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଓଡିଆ ଭାଷା ସାହିତ୍ୟ ବିଭାଗ
ସ୍ନାତକ ତୃତୀୟ ବର୍ଷ ଛାତ୍ରୀ

ISSN NO.
2582-208X

# ମୁକ୍ତ ସାମ୍ବାଦିକତା ଓ ଏବେର ଆହ୍ୱାନ



ତେଜସ୍ୱିନୀ ସାମଲ

ଜୀବନ ଘଟଣା ପ୍ରବାହର ଅବିଛନ୍ନ ଗୁନ୍ଥାମାଳ ହୋଇଥିବାରୁ ସମ୍ବାଦ ଏହା ସହ ଘନିଷ୍ଠ ଜଡ଼ିତ। ଗଣତନ୍ତ୍ର ଶାସନର ଏହା ଚତୁର୍ଥ ସ୍ତମ୍ଭ । ବୋଧ ହୁଏ ମହାଭାରତର ସଞ୍ଜୟଙ୍କୁ ସାମ୍ବାଦିକତା ଭାବରେ ଧରାଯିବ କାରଣ ମହାଭାରତର ସମସ୍ତ ସମ୍ବାଦ ସେ କହୁଥିଲେ ମହାରାଜା ଧୃତରାଷ୍ଟ୍ରଙ୍କୁ। ଭାରତୀୟ ପୁରାଣ ମାନଙ୍କରେ ନାରଦ ଚରିତ୍ରକୁ ସାମ୍ବାଦିକତା ଭାବରେ ଗ୍ରହଣ କରାଯାଏ। ସ୍ୱର୍ଗ, ମର୍ତ୍ତ୍ୟ, ପାତାଳର ଖବର ସେ ସଂଗ୍ରହ କରି ଆଣୁଥିଲେ, ସେଇ ଖବର ହିଁ ସମ୍ବାଦ। ଯାହା ଘଟଣା ଘଟେ ତାହା ସମ୍ବାଦରେ ପରିଣତ ହୁଏ; ମାତ୍ର ସବୁ ଘଟଣା ସମ୍ବାଦ ହୋଇନପାରେ। ପ୍ରତିକ୍ଷଣରେ ଘଟୁଥିବା ଘଟଣାକ୍ରମ ସେହି ସମୟ ପାଇଁ ସମ୍ବାଦରେ ପରିଣତ ହୁଏ ଏବଂ ଏହି ସମ୍ବାଦ ଲୋକମାନଙ୍କ ପାଖରେ ପହଞ୍ଚାଇଲା ବେଳକୁ ନିତ୍ୟ ନୂତନ ଘଟଣା ଘଟିଥାଏ ଯାହା ନାନା ପ୍ରକାର ଖବର ସମ୍ବାଦର ରୂପ ଗ୍ରହଣ କରେ । ଲେଖକ ନିଜ ପାଇଁ ଲେଖେ ନାହିଁ, ବଂର ସମଗ୍ର ପାଠକ ପାଇଁ ଲେଖନ୍ତି ।

ସମ୍ବାଦ ନିର୍ଦ୍ଦିଷ୍ଟ ପରିସୀମା ମଧ୍ୟରେ ସୀମାବଦ୍ଧ ନଥାଏ । ଯେକୌଣସି ସମୟରେ, ଯେକୌଣସି ଲୋକଙ୍କ ଦ୍ୱାରା, ଯେକୌଣସି ସ୍ଥାନରେ, ଯେକୌଣସି କାରଣ ଯୋଗୁ ସୃଷ୍ଟି ହୋଇପାରେ। ଦଶଦିଗ, ସପ୍ତଲୋକ, ତିନିକାଳର କଥା କହିବାକୁ ସମ୍ଭବପର ହୁଏ। ଏହାର ବ୍ୟାପ୍ତି କେବଳ ପୃଥିବୀର କୋଣ ଅନୁକୋଣ ନୁହେଁ, ବରଂ ଭୂତଳର ଅତଳ ଗର୍ଭଠାରୁ ଅନନ୍ତ ମହାକାଶର ଆକାଶଗଙ୍ଗା ପର୍ଯ୍ୟନ୍ତ ଅଚିରେ ମୁକ୍ତ ଭାବେ ପରିବ୍ୟାପ୍ତ। ସହସ୍ର ସହସ୍ର କିଲୋମିଟର ଉଚ୍ଚତାରେ ଉଡି ଅନ୍ତରୀକ୍ଷର ଜାଗତିକ ରହସ୍ୟ ଭେଦ କରେ, ଜନମାନସକୁ ନୂତନ ଦିଗଦର୍ଶନ ପ୍ରଦାନ କରିପାରୁଛି ତେଣୁ ଇଂରାଜୀରେ ଏହାକୁ ନିୟୁଜ୍(News ) କୁହାଯାଏ।ଯଥା–

ISSN NO.
2582-208X

N- NORTH (ଉତ୍ତର)

E- EAST( ପୂର୍ବ)

W- WEST (ପଶ୍ଚିମ)

S- SOUTH (ଦକ୍ଷିଣ)

N-NEWNESS

E-EMPATHY

W-WHAT, WHERE,WHEN,WHO,WHY

S- SPRED

ଅତୀତରେ ମୁକ୍ତ ପ୍ରକୃତି କୋଳରେ ଅବାଧରେ ବିଚରଣ କରୁଥିବା ଆଦିମ ମାନବ ଶିକ୍ଷା ଓ ସଂସ୍କାର ବଳରେ ନିଜର ସଭ୍ୟତା ଗଢି ଅତ୍ୟାଧୁନିକ ମାନବରେ ପରିଣତ ହେଲା। ମାନବର ସେଇ ଦୀର୍ଘକାଳର ଜୟଯାତ୍ରାର କାହାଣୀ ଅତିବ ଲମ୍ବା। ଏହି କାହାଣୀରେ ରହିଛି ମଣିଷର ନିତ୍ୟ ନିୟତ କୌତୁହଳ, କିଛି ନୂଆ କରି ଦେଖାଇବାର ପ୍ରବଳ ଆଗ୍ରହ, ଉତ୍କଣ୍ଠା, ପ୍ରୟାସ।ତେଣୁ ମାନବର ଶିକ୍ଷା, କୃଷି, ଶିଳ୍ପ, ବିଜ୍ଞାନ, ବାଣିଜ୍ୟ, କଳା କାରିଗରୀ, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସଙ୍ଗୀତ, ସାହିତ୍ୟ ସର୍ବୋପରି ଜୀବନ -ଜୀବିକା- ଜୀଜ୍ଞାସାର ପ୍ରତିଟି ଫର୍ଦ୍ଦ ସମ୍ବାଦ ସହ ଯୋଡି ରହିବା ଆଶ୍ଚର୍ଯ୍ୟଜନକ ନୁହେଁ, ବଂର ଏହା ସମୟର ଆହ୍ୱାନ ବୋଲି କୁହାଯାଇପାରିବ ।

ମାନବ ସମାଜର ପରମ ହିତାକାଂକ୍ଷୀ ତଥା ବଳିଷ୍ଠ ଭୂମିକା ଗ୍ରହଣ କରେ ଉଭୟ ସମ୍ବାଦ। ବେଳେବେଳେ ଏହା ବିଶ୍ୱସ୍ତ ବନ୍ଧୁର ଭୂମିକା ଗ୍ରହଣ କରେ। ସଭାସମ୍ମିଳନୀ ଭାଷଣ, ଧର୍ମଭିତ୍ତିକ ସାଂସ୍କୃତିକ ଅନୁଷ୍ଠାନ, ପାଣିପାଗର ବିବରଣୀ, କୋର୍ଟ କଚେରୀ ମାମଲା, ଅପରାଧ ମୂଳକ ସମ୍ବାଦ, ଦୁର୍ଘଟଣା, ସାକ୍ଷାତକାର, ଜ୍ଞାନ ବୃଦ୍ଧିରେ ସହାୟକ ହେବା ସହ ଅଶିକ୍ଷାକୁ ଦୂର କରିବାକୁ ପ୍ରୟାସ କରେ। ଲୋକସଭା, ରାଜ୍ୟସଭା, ବିଧାନସଭା, ଜିଲ୍ଲା ପରିଷଦ, ବିଧାନ ପରିଷଦ, ଏରିଆ କାଉନସିଲ୍, ମ୍ୟୁନିସିପାଲିଟି, ପଞ୍ଚାୟତ ସମିତି, ସଭା ସମ୍ମିଳନୀ ବୈଠକ ଆଦିରେ ଘଟୁଥିବା ବିଭିନ୍ନ ଘଟଣା ସମ୍ବାଦ ସହ ଯୋଡ଼ି ହୋଇ ରହିବା ଆଶ୍ଚର୍ଯ୍ୟକର ନୁହେଁ, ବଂର ଏହା ଏକ ଏକ ଆହ୍ୱାନ ବୋଲି ସହଜରେ କୁହାଯାଇପାରିବ । ନାରୀ ସମ୍ମିଳନୀ ହେଉ ଅବା ଯୁବ ସମ୍ମିଳନୀ, ଚିକିତ୍ସକ ସମ୍ମିଳନୀ, କୃଷକ ସମ୍ମିଳନୀ,

ISSN NO.
2582-208X

ବ୍ୟବସାୟି ସମ୍ମିଳନୀ, ଶ୍ରମିକ ସମ୍ମିଳନୀ, ଶିକ୍ଷା, ସଂସ୍କାର, ପରିବାର ନିୟନ୍ତ୍ରଣ ଯୋଜନା ଇତ୍ୟାଦି ପ୍ରତ୍ୟେକଟିରେ ସମ୍ବାଦ ପରିବ୍ୟାପ୍ତ ।

କୃଷକ, ମତ୍ସ୍ୟଜୀବୀ, ଗୃହସ୍ଥଙ୍କ ନିମନ୍ତେ ପାଣିପାଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଡାର ସାହାର୍ଯ୍ୟରେ ସମସ୍ତ ସୂଚନା ପୂର୍ବରୁ ଜଣାଯାଇପାରୁଛି କେବଳ ସମ୍ବାଦ ଦ୍ୱାରା। ବର୍ଷା, ବନ୍ୟା, ମରୁଡ଼ି, ଝଡ଼ ତୋଫାନ ପ୍ରାକୃତିକ ବିପର୍ଯ୍ୟୟ, ଦୁର୍ବିପାକ ଖବର ପୂର୍ବରୁ ସୂଚିତ ହୋଇଯାଉଥିବାରୁ ମାନବ ସମାଜ ଏଥିପ୍ରତି ସତର୍କ ହୋଇଯାଉଛି। ଆଞ୍ଚଳିକ କିମ୍ବା ସ୍ଥାନୀୟ ଖବର ହେଉ ଅବା ଜାତୀୟ, ଆନ୍ତର୍ଜାତିୟ, ରାଜ୍ୟ ବା ପ୍ରାଦେଶିକ ସ୍ତରରେ ହେଉ ସମସ୍ତ ଲୋମହର୍ଷଣକାରୀ ଖବର, ଟ୍ରେନ, ଟ୍ରକ, ବସ୍, ଅନ୍ୟାନ୍ୟ ଗାଡ଼ି ଦୁର୍ଘଟଣା, ଅଗ୍ନିକାଣ୍ଡ, ଜଳ ସମାଧି, ବ୍ୟାଙ୍କ ଲୁଟ, କଳକାରଖାନା ଦୁର୍ଘଟଣା, ଅପମୃତ୍ୟୁ ହତ୍ୟା, ଲୁଣ୍ଠନ, ନରବଳି, ଚୋରି, ଡକାୟତି ପକେଟମାର, ଦୁଷ୍କର୍ମ, ଗଣଦୁଷ୍କର୍ମ, ବଧୂ ନିର୍ଯ୍ୟାତନା, ଯୌତୁକ ଦାବି ଇତ୍ୟାଦି ବିଭିନ୍ନ ଘଟଣା ଜାଣିବା ପାଇଁ ଲୋକଙ୍କ ବିଶେଷ ଆଗ୍ରହ ଥାଏ। ଅପରାଧ ଘଟିବା ଠାରୁ ତା'ର ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଘଟଣା ଶୁଣିବାକୁ ଲୋକେ ଇଛୁକ ଥାନ୍ତି ଏସବୁ କାର୍ଯ୍ୟଧାରା ସମ୍ବାଦ ଭାବେ ପରିବେଷିତ ହୋଇ ଜନମାନସକୁ ନୂତନ ଦିଗଦର୍ଶନ ପ୍ରଦାନ କରୁଅଛି ।

ଶିକ୍ଷା, ସଭ୍ୟତା, ସଂସ୍କୃତି ଏବଂ ମନୋରଞ୍ଜନ କ୍ଷେତ୍ରରେ ଉଭୟ ସମ୍ବାଦ ଯେତିକି ଅଗ୍ରସର କୁସଂସ୍କାର, ଅନ୍ଧବିଶ୍ୱାସ ଦୂରୀକରଣରେ ସେତିକି ପ୍ରୟାସ ଜାରି ରଖେ। ବିଶ୍ୱବ୍ରହ୍ମାଣ୍ଡର ଜଣାଅଜଣା ତଥ୍ୟ ସହ ସଚେତନତା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ। କେବଳ ଦେଶ,ଜାତି ତଥା ବିଦେଶର ସମସ୍ୟା ଓ ଘଟଣା ନୁହେଁ ସ୍ଥାନୀୟ ସମସ୍ୟା, ସାମୂହିକ ସମସ୍ୟା, ଗୋଷ୍ଠୀଗତ ସମସ୍ୟା, ସାମ୍ପ୍ରଦାୟିକ ସମସ୍ୟା ନିମନ୍ତେ ଏହା ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଥାଏ। ବ୍ୟଙ୍ଗଚିତ୍ର, କୌତୁକଥା, ନୀତି ଉପଦେଶ, ନିଯୁକ୍ତି ବିଜ୍ଞପ୍ତି ସ୍ଥାନ ପାଇବା ସହ ସରକାରୀ ବେସରକାରି ଖବର ପ୍ରକାଶିତ ହୁଏ। ଜନସଚେତନା ସୃଷ୍ଟି କରି ରସମୟତା ସୃଷ୍ଟି କରେ ।

ବିଶେଷତଃ ସମ୍ବାଦ ସ୍ତମ୍ଭର ଭାଷା, ସମ୍ପାଦକୀୟ ଭାଷା, ଅଗ୍ରଲେଖର ଭାଷା, ସମୀକ୍ଷାର ଭାଷା, ସାକ୍ଷାତକାରର ଭାଷା ବ୍ୟବହାର ହୋଇ ସ୍ୱାତନ୍ତ୍ର୍ୟ ବଜାୟ ରଖେ। ଏହା ଅନେକ ଲେଖକଙ୍କ ମିଳିତ ସୃଷ୍ଟି।ସର୍ବୋପରି କହିବାକୁ ଗଲେ -

ISSN NO.
2582-208X

ସମ୍ବାଦ ସର୍ବଦା ସାଧାରଣ ପାଠକ ପାଇଁ ଅଭିପ୍ରେତ ହେବାହୋଇଥାଏ।
ବାକ୍ୟକୁ ଦୀର୍ଘ ନକରି, କ୍ଷୁଦ୍ର ସରଳ କରାଯାଇଥାଏ।
ପ୍ରତ୍ୟକ୍ଷ ବାକ୍ୟ ଉପରେ ନିତ୍ୟାନ୍ତ ଗୁରୁତ୍ୱ ଦିଆଯାଇଥାଏ।
ଆବଶ୍ୟକ ସ୍ଥଳେ ପରୋକ୍ଷ ବାକ୍ୟ ବ୍ୟବହାର ହୋଇଥାଏ।
ଅଯଥା ଓ ଅପ୍ରାସଙ୍ଗିକ ବାକ୍ୟ ବ୍ୟବହାର ହୋଇ ନଥାଏ ।
ସମ୍ବାଦରେ ଅସ୍ତିସୂଚକ ବାକ୍ୟର ପ୍ରୟୋଗ ହୋଇଥାଏ।
ବ୍ୟକ୍ତବ୍ୟର ଦୃଢତା ମଧ୍ୟ ରହିଥାଏ। ଯଦ୍ୱାରା ସମ୍ବାଦ ଜୀବନଧାରା ସହ ସମୀଭୂତ ହେବାର ଯୋଗ୍ୟତା ରଖିଥାଏ ।

ସମ୍ବାଦ ସଦ୍ୟତମ ଗୁଣ ଦ୍ୱାରା ସତ୍ୟ ଓ ତଥ୍ୟର, ସହଜ ଓ ସରଳ ଭାଷା ସହ ଚତୁର୍ଦ୍ଦିଗ ପରିକ୍ରମା କରି ସଭିଙ୍କର ପଠନ ସ୍ପୃହା ବର୍ଦ୍ଧନ କରି ପାଲଟିଯାଇଛି ଜ୍ଞାନର ଅସରନ୍ତି ଗନ୍ତାଘର। ତଥ୍ୟତ୍ମକତାକୁ ପ୍ରାଧାନ୍ୟ ବର୍ଗର ମଣିଷଙ୍କ ପାଇଁ ଦରକାରି ସମ୍ପଦ ରୂପେ ବିବେଚିତ ହୁଏ। ସମ୍ବାଦ ଯାହା ପାଠ କରିବା ମାତ୍ରେ ଗ୍ରହୀତା ଆଶାବାଦୀ ହୋଇ ସଚେତନ ହୋଇ ସ୍ୱାଧିନ ମତପୋଷଣ କରେ । ବିସ୍ତୃତ ମନ୍ତବ୍ୟ ନ ଦେଇ ସମୂହ ଚେତନାକୁ ପ୍ରଭାବିତ କରି ବିସ୍ତୃତ ରୂପ ଧାରଣ କରି ଆହ୍ୱାନ ଦେବାରେ ସକ୍ଷମ ହୁଏ। ପିଲାଠାରୁ ଆବାଳ ବୃଦ୍ଧ ବନିତା ପର୍ଯ୍ୟନ୍ତ ସବୁଠି ପ୍ରଶଂସାର ଯୋଗ୍ୟ ହେବା ସଭିଙ୍କ ନିକଟରେ ଆପଣାର ହୋଇପାରିଛି।

ଅଧ୍ୟାପିକା
ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡା

ISSN NO.
2582-208X

# ଜ୍ଞାନର ପ୍ରଦୀପ
# ଗୁରୁ



ସୌମ୍ୟଶ୍ରୀ ବ୍ରହ୍ମା

କୋଟି ସୂର୍ଯ୍ୟର
ଅଖଣ୍ଡ ଶିଖାରେ
ଜ୍ଞାନ ଦିପ୍ତି ରେ ସେ ଭରା ।

ଘନ ତମସାର
ଅମା ତିଥିରେ ମୁଁ
ଅଜ୍ଞାନ ପଥିକ ପରା ।।

ତୁମେ ମହାମନ୍ତ୍ର
ଏଇ ଧରାବକ୍ଷେ
ମୁକ୍ତିତୀର୍ଥ ସଞ୍ଜିବନୀ ।

ବୃଥା ଅହମିକା
କଳୁଷିତ ମନେ
ହେଉଥାଏ ପଥ ଭ୍ରମି ।।

ତୁମେ ଆଶିଷର
ସ୍ୱସ୍ତିରେଖା ଆଉ
ମଙ୍ଗଳ ର ଜୟ ଧ୍ୱନି ।

ମୁଁ ଯେ ଜିଜ୍ଞାସାର
ବିନ୍ଦୁଏ ସଂକଳ୍ପ
ଅଭିପ୍ସା ର ସୁରଧୂନୀ ।।

ସ୍ୱର୍ଗଭୂମି ପରେ
ତୁମରି ପିୟୁଷ
କରୁଣା ବରଷା ଧାରା ।

କାହିଁ କେତେ ଦୂରେ
ଚାତକ ପକ୍ଷୀ ମୁଁ
ଅଜ୍ଞାନ ପିଆସୀ ପରା ।।

ISSN NO.
2582-208X

ଜ୍ଞାନର ପ୍ରଦୀପ
ସ୍ୱର୍ଣ୍ଣାଭ ଆଭାରେ
ସ୍ତୁତି ର ସ୍ତବକ ତୁମେ ।

ଜୀବନ ଧାରାର
ପ୍ରତିଟି ସ୍ପନ୍ଦନ
ତୁମ ଶ୍ରୀ ଚରଣେ ନମେ ।।

ହେ ପରମ ଗୁରୁ
ହୃଦୟବେଦୀରେ
ପାଦ ଥାପି ଆସଥରେ ।

ଜ୍ଞାନର ପ୍ରଲେପ
ଆଙ୍କି ଦେଇଯାଅ
ମନ, ପ୍ରାଣ, ଶରୀରରେ।।

ଦଣ୍ଡାବାଡି,କୋରାପୁଟ
ଫୋନ୍ - ୮୪୮୦୫୫୮୦୨୮

ISSN NO.
2582-208X

# ମନ



ସୁଧୀର ମେହେର

ହଜାରେ ଥର ମନକୁ ବୁଝେଇଛି
ଯାହାକୁ ପାଇବା ଅସମ୍ଭବ
ତା'କୁ ଖୋଜନା...ଖୋଜନା.....
ଦୁଃଖ ପାଇବୁ, କଷ୍ଟ ପାଇବୁ
ଅଯଥାରେ ଛଟପଟ ହେବୁ.....
ବରଂ ତା'କୁ ଭୁଲି ଯା'.......।।

ହେଲେ,
ମନ କ'ଣ ମାନୁଚି !
ଓଲଟି ମୋତେ କହୁଚି-ପାଇବା କ'ଣ ପ୍ରେମର
ଶେଷ ପରିଣତି ?
କୋଉ ପାଇବା ନ ପାଇବା କଥା କହୁଚ ତମେ ?
ନ ପାଇ କ'ଣ ପାଇ ହୁଏନା କିଛି ??

ISSN NO.
2582-208X

ପାଇବା ଯଦି ଶେଷ ପରିଣତି
ତେବେ ସେଠି ପ୍ରେମ କାହିଁ ?
ସେଠି ତ ପ୍ରେମ ନାଁ ରେ
ମୁଠାଏ ଥପ୍ ଥପ୍ ଲାଳସା ଭର୍ତ୍ତି ।।

ଥରେ କାହାକୁ
ନିଃସ୍ୱାର୍ଥପର ଭାବେ ଭଲପାଇ ଦେଖ ,
ବୁଝିବ ପ୍ରେମ କ'ଣ !
ପ୍ରେମ ପାଲଟିଯିବ ବାରମାସୀ ଫୁଲ ,
ଭୁରୁଭୁରୁ ବାସ୍ନା ହୋଇ
ମହକୁ ଥିବ ସାରା ରାତି ।।

ଚର୍ଚ୍ଚିଗୁଡା, ଜୁନାଗଡ଼ ,
କଳାହାଣ୍ଡି,ପିନ୍-୭୬୬୦୧୪
ସଂପର୍କ-୯୫୮୩୫୮୮୮୭

ISSN NO.
2582-208X

# କାଶତଣ୍ଡି ହସେ କିରି କିରି



ଦୀନବନ୍ଧୁ ବେଜ

କାଶତଣ୍ଡି ଫୁଲ ମୁକୁତା ଝରି,
ଟପ ଟପ ପାଣି ମାଣିକ ପରି ।
ପବନେ ପବନେ ସ୍ୱର ମେଳାଇ,
ସଙ୍ଗୀତ ମୂର୍ଚ୍ଛନା ତୋଳୁଛି ଗାଇ ॥

ଫୁଲରେ ଫୁଲରେ ପ୍ରତୟ୍ଯ ଭରି,
କାଶତଣ୍ଡି ହସେ କିରି କିରି ।
କେତେ କବିବର ବିମୁଗ୍ଧ ହୋଇ,
କବିତା କୋଣାର୍କ ଦ୍ୟନ୍ତି ଭିଆଇ ॥

ଧିର ସମୀରଣେ ତାହାର ନୃତ୍ୟ,
ପ୍ରଫୁଲ୍ଲିତ ହୁଏ ଯେ ଭାରାକ୍ରାନ୍ତ ।
ହାତଠରା ଡ଼ାକ ତା ଆକର୍ଷିତ
କରିବ କି ଯୋଗ ବିଭୁ ସହିତ ।।

ISSN NO.
2582-208X

ହା ହତାଶ ର ଏହି ସଂସାର,
ଘରେ ଘରେ ଶୁଭେ ଅଶାନ୍ତ ସ୍ୱର ।
କାଣିଚାଏ ଶାନ୍ତି ପାଇବା ପାଇଁ,
କାଶତଣ୍ଡି ସାଥେ ମିତ୍ର ବସଇ ।।

ଶାନ୍ତି ବିରାଜିତ ସଂସାରେ ହୁଏ
ମାଁ ପାଦ ଦେବେ ମର୍ତ୍ତ୍ୟ ଭୂଇଁରେ
ବନ ଉପବନ ଶୋଭା ଅନନ୍ୟ
କାଶତଣ୍ଡି କରେ ଖୁସି ବର୍ଷଣ ।

ମାଲାକାନଗିରି, ଓଡ଼ିଶା

ISSN NO.
2582-208X

# ଦିଲ୍ଲୀ



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

---------- -------(ଡୋହା)------------

ଦିଲ୍ଲୀ ଥିଲା ଏକ ସ୍ୱପ୍ନର ସହର ଯମୁନେତ୍ରୀ କୂଳେ କୂଳେ
ଇନ୍ଦ୍ରପ୍ରସ୍ଥ ପ୍ରାୟ ଶୋଭା ପାଉଥିଲା ଏ ନଗରୀ ଅତୀତରେ
ଅନେକ ଶାସକ ଦିଲ୍ଲୀ ସିଂହାସନେ ହୋଇଛନ୍ତି ଅଭିଷିକ୍ତ
ଦିଲ୍ଲୀର କଥା କହେ ଇତିହାସ ଭୌଗୋଳିକ ରେଖା ଚିତ୍ର ।।

(ଗୀତ)

ଏ ଦିଲ୍ଲୀ ଏ ନଗରୀ ସ୍ୱପ୍ନ ପୁରୀ, କେହି ତ ନୁହଇ ତାର ସରି
ସୌଭାଗ୍ୟର ଦୀପ ଜାଳେ ପରୀ, ଇନ୍ଦ୍ର ଭୁବନରୁ ଅଟଇ ବଳି,
ଏ ଦିଲ୍ଲୀ.....।।
ଇତିହାସ କହେ ଏହା କଥା, ରହିଅଛି ଭୌଗୋଳିକ ରେଖା
ଭାରତ ମାତାର ଭାଗ୍ୟ ଡୋରି, ଏ ଦିଲ୍ଲୀ ଏ ନଗରୀ ସ୍ୱପ୍ନ ପୁରୀ ।।

(ଡୋହା)

ଯୁଗଯୁଗ ଧରି ଦିଲ୍ଲୀ ମହାନତା ଅବର୍ଣ୍ଣନୀୟ ତା ଯଶ
ସମୁଜ୍ଜ୍ୱଳିତ ତା ସୁନ୍ଦରୀ ରୂପ ସୌଭାଗ୍ୟ ବତୀର ବେଶ
ଆକର୍ଷଣେ ଦେବ, ଗନ୍ଧର୍ବ ଅପ୍ସରା ହୋଇଥାନ୍ତି ଆକର୍ଷିତ
ରାଜା, ମହା ରାଜା, ରାଜ-ଚକ୍ରବର୍ତ୍ତୀ ହୋଇଥାଆନ୍ତି ଅଭିଷିକ୍ତ ।।

ISSN NO.
2582-208X

(ଗୀତ)

ଶୋଭା ସମ୍ପଦ ସୌଭାଗ୍ୟ ଶାଳିନୀ, ସୌଭାଗ୍ୟ ବତୀ ରୂପବତୀ ରାଣୀ
ଆକର୍ଷେ ଦେବ ,ଗନ୍ଧର୍ବ ଅପ୍ସରୀ, ଏ ଦିଲ୍ଲୀ ଏ ନଗରୀ ସ୍ୱପ୍ନ ପୁରୀ ।।
ରାଜ ଚକ୍ରବର୍ତ୍ତୀ ଯା ସିଂହାସନ, କୋଳେ ଧରିଅଛି ଏହି ସଦନ
ଭୂଭାଗେ କେହି ନୁହେଁ ତାହା ପରି, ଏ ଦିଲ୍ଲୀ ଏ ନଗରୀ ସ୍ୱପ୍ନ ପୁରୀ ।।

(ଡୋହା)

ଦିଲ୍ଲୀ ଆକାଶରେ ଜହ୍ନ ଉଇଁଲେ ହସେ କୁତବ୍ ମିନାର
ହସଇ ଲୋଟସ୍ ଶୂନ୍ୟ ମନ୍ଦିର ହସଇ ଦିଲ୍ଲୀ ସହର
ରାଜଘାଟ ହସେ ହସେ ଦରବାର ମୋଗଲ ଗାର୍ଡେନ ହସେ
ଯମୁନା କୂଳରେ ମଧୁ ବଂଶୀ ସ୍ୱନେ କଦମ୍ବ ଫୁଲ ବି ବାସେ ।।

(ଗୀତ)

ଦିଲ୍ଲୀ ଆକାରରେ ଜହ୍ନ ଜୋଛନା, ପବନରେ ଝରେ ଫୁଲ ବାସନା
ଯମୁନା ର ନୀଳ ଜଳ ଲହରୀ, ଏ ଦିଲ୍ଲୀ ଏ ନଗରୀ ସ୍ୱପ୍ନ ପୁରୀ ।।
କୁସୁମେ ଶୋଭିତ ରାଜ ଭବନ, ରାଜଘାଟ ରାଷ୍ଟ୍ରପତି ସଦନ
ସୌନ୍ଦର୍ଯ୍ୟେ ମୋହିତ କରେ ସୁନ୍ଦରୀ, ଏ ଦିଲ୍ଲୀ ଏ ନଗରୀ ସ୍ୱପ୍ନ ପୁରୀ ।।

(ଡୋହା)

ଆଜିସେହି ସ୍ୱପ୍ନପୁରୀ ରୁ କିଏସେ ହଜାଇ ନେଲା ସେ ହସ
ବିଷ ବଳୟର ଘେରରେ ବନ୍ଦିନୀ କଲା ସେ କେଉଁ ରାକ୍ଷସ
ନୀଳ ଜଳରାଶି ଯମୁନା ଜହର ପାଲଟିଗଲା ସହସା
ବଇଁଶୀ ର ସ୍ୱର ମଧୁର ତାନରେ ନାହିଁ କିଆଁ ନୀଳ ନିଶା ।।

କାହିଁ ସେ କଦମ୍ବ କାହିଁ ସେ ଜହ୍ନ ମଳୟ ମୟୂର ନୃତ୍ୟ
ରାଜ ଚକ୍ରବର୍ତ୍ତୀ ସିଂହାସନ ତଳେ କାରୁକାର୍ଯ୍ୟର ସେ ଚିତ୍ର

ISSN NO.
2582-208X

ଜଳରେ ଜହର ପବନ ଜହର ମନ ତଳେ ହଳାହଳ
ବନ୍ଦିନୀ କରିଛି ସ୍ୱପ୍ନ ନଗରୀକୁ ଅବା କେଉଁ ମହାକାଳ ।।
(ଗୀତ)
ହଜିଅଛି ଜହ୍ନ ବଂଶୀ ର ସ୍ୱନ, ନୀଳ ଜଳରାଶି କଦମ୍ବ ବନ
ବିଷରେ ଯମୁନା ପଡେ ଉଛୁଳି, ଏ ଦିଲ୍ଲୀ ଏ ନଗରୀ ସ୍ୱପ୍ନ ପୁରୀ ।।
ଖଳ ତାନ୍ତ୍ରିକ ର କଳା ତନ୍ତ୍ରରେ, ଜଳି ପୋଡିଯାଏ ନଷ୍ଟ ମନ୍ତ୍ର ରେ
ବନ୍ଧା ପଡ଼ିଛି ସପନ ନଗରୀ, ଏ ଦିଲ୍ଲୀ ଏ ନଗରୀ ସ୍ୱପ୍ନ ପୁରୀ ।।
(ଡୋହା)
ଜହ୍ନ ଉଇଁଲେ ବି ଝରୁନି ଜୋଛନା ଅଦୃଶ୍ୟ ତାରକା ପନ୍ତି
ମଳୟ ପବନେ ହଳାହଳ ବିଷ ନାହିଁ ଆଉ ଗତି ମୁକ୍ତି
ଆବର୍ଜନା ଭରା ନୀଳ ଜଳରାଶି ପର୍ବତ ସମାନ ଫେଣ
ତା ଗରଭେ ଆଉ ଖେଳୁ ବି ନାହାଁନ୍ତି ପହଁରୁ ନାହାଁନ୍ତି ମୀନ ।।
(ଗୀତ)
ଧୂଳି ଧୂଆଁ ଭରା ଶୂନ୍ୟ ଆକାଶୁ, ଲୁଚିଯାଉଅଛି ଶୁଭ୍ର ସୁଧାଂଶୁ
ହଜିଗଲେ ଅବା ତାରକା ପଂକ୍ତି, ଏ ଦିଲ୍ଲୀ ଏ ନଗରୀ ସ୍ୱପ୍ନ ପୁରୀ ।।
ପୂତି ଗନ୍ଧରେ ମଣିଷ ଜୀବନ, ଏଠି ସତେଆହା କେତେ ହିନୀମାନ
ପ୍ରକୃତି ବଦଳେ ରୂପ ତାହାରି, ଏ ଦିଲ୍ଲୀ ଏ ସହର ସ୍ୱପ୍ନ ପୁରୀ ।।
କାଳର କରାଳ ଗରଭେ ଅବା, ମିଶିଯିବ ଏହି ନଗରୀ କିବା
ବିପର୍ଯ୍ୟୟ ସତେ ଆସେ କି ଘେରି, ଏ ଦିଲ୍ଲୀ ଏ ନଗରୀ ସ୍ୱପ୍ନ ପୁରୀ ।।

ମଙ୍ଗଳାଯୋଡି, ଖୋର୍ଦ୍ଧା

ISSN NO.
2582-208X

# ଶକ୍ତି ପୂଜାରେ ଷୋଡଶ ବାଦ୍ୟର ପ୍ରକାର ଭେଦ



ଡ଼ଃ ପ୍ରଦୀପ କୁମାର ପଣ୍ଡା

ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଧର୍ମାଚାର ମଧ୍ୟରେ ତନ୍ତ୍ର ଭିତ୍ତିକ ପୂଜା ପାର୍ବଣ ଓ ଅଭିଚାର ତନ୍ତ୍ର ଆଦି ଅନୁଷ୍ଠାନ ସମୟରେ ମଣିଷ ଦେହରେ ଦେବାଭିଷ୍ଟ କରି ବରୁଆ/ଭରୁଆ ନୃତ୍ୟ କରାଯାଇଥାଏ । ବିଶେଷଭାବେ ନାଗବାଚା, ଝାମୁଯାତ୍ରା, ବଏଲ ଯାତ୍ରା ସମୟରେ ଏହା ଦେଖିବାକୁ ମିଳେ । ଏହି ନୃତ୍ୟ ବିଶେଷ ଭାବରେ ଧର୍ମାଚାର ବିଧି ବିଧାନରେ ଶାକ୍ତ ପ୍ରମୋଦ ରୀତିରେ ଅନୁଷ୍ଠିତ ହୋଇଥାଏ । ପଶ୍ଚିମ ଓଡ଼ିଶାର ଚୈତ୍ର ଏବଂ ଦଶହରା ଦେବୀ ପୂଜା ସମୟରେ ବରୁଆ ବା ଭରୁଆମାନେ ଶାକ୍ତ ପରିବେଶର ଭାବ ଗମ୍ଭୀର ପରିବେଶରେ ମଧ୍ୟରେ ଶାକ୍ତ ପ୍ରମୋଦ ରୀତିରେ ଶାକ୍ତ ବାଦ୍ୟ (ଢୋଲ, ନିସାନ ଆଦି ) ର ତାଳେତାଳେ ଅପୂର୍ବ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଏହି ସବୁ ନୃତ୍ୟ ତତ୍ତ୍ୱାଶ୍ରୟୀ ଓ ଯୋଗାଚାର ପଣ୍ଡିତ ଶାକ୍ତ-ତନ୍ତ୍ର ବୈଶିଷ୍ଟ୍ୟ ପ୍ରକାଶକ ଅଟନ୍ତି । ପଶ୍ଚିମ ଓଡ଼ିଶାର ପ୍ରାୟ ସମସ୍ତ ଶାକ୍ତ ତନ୍ତ୍ର ନୃତ୍ୟ ଶାକ୍ତ ବାଦ୍ୟ ଢୋଲ ଓ ନିସାନ ସାହାଯ୍ୟରେ ଅନୁଷ୍ଠିତ ହୋଇଥାଏ । ଷୋହଳ ଭରନି/ସୁଲ୍‌ହ ଭରନି ବାଦ୍ୟ ନ ବାଜିଲେ ବରୂଆ ଆସେ ନାହିଁ । ଏହି ଢୋଲ ନିସାନ ଶାକ୍ତ ବାଦ୍ୟର ପରିକଳ୍ପନା ଏକ ଗୁଢତାତ୍ତ୍ୱିକ ପୃଷ୍ଠଭୂମି ଉପରେ ପର୍ଯ୍ୟବେସିତ ହୋଇଥିବା ଜଣାପଡେ । ନିମ୍ନରେ ଏହି ଶାକ୍ତ ତନ୍ତ୍ରରେ ବ୍ୟବହୃତ ହେଉଥିବା ଷୋହଲ/ସୁଲ୍‌ହ ପ୍ରକାର ଶାକ୍ତ ବାଦ୍ୟର ତାତ୍ତ୍ୱିକ ବ୍ୟାଖ୍ୟାର ଅବତାରଣା କରାଗଲା ।

ପଶ୍ଚିମ ଓଡିଶାରେ ଏହି ଷୋହଳ ଭରନି ବାଦ୍ୟକୁ ସୁଲ୍‌ହ ଭର୍‌ନି ବଜା କହନ୍ତି । ସେଗୁଡିକ ହେଲା ଭର୍‌ନି, ରାସ୍‌ନୀ, ମଞ୍ଜମରା, ଭେଲ୍‌କି, ଆବାହିନୀ, ବେଜିଭରା, ଅଙ୍ଗଖେଲା, ଉର୍ଦ୍ଦଣ୍ଡ , ଚୂଳବନ୍ଧା, ଅଭିଷେକ, ରସାବେଶ, ଦେବ୍‌ଚଢା, ଉଭା, ଚକର୍‌ମରା, ଉର୍‌ଘେନ,

ISSN NO.
2582-208X

ଦେବ୍‌ଛାଡେନ୍ ନାମରେ ଜଣା ଯାଉଥିବା ଏହି ଶାକ୍ତ ବାଦ୍ୟର ସଂସ୍କୃତ ପରିଭାଷାରେ ଏହା ଭରଣି, ରଞ୍ଜନୀ, ମଞ୍ଜନୀ, ସମ୍ମୋହନୀ, ଶକ୍ତି ଆକର୍ଷଣୀ, ଅନୁପ୍ରବେଶିକା, ଉଦାତ୍ତଧାରିଣ, ପ୍ରଚଣ୍ଡା, ଶିର୍ଷାବସ୍ଥିତି, ବିଳାସା, ଅନୁରଞ୍ଜନୀ, ଶକ୍ତ୍ୟାବେଶ, ଆବିର୍ଭାବ, ଚକ୍ରମଞ୍ଜରୀ, ବିମଳା ଓ ଶାନ୍ତିକରା ।

ଭରଣି : - ଭରନି ବାଦ୍ୟରୁ ଏହି ଷୋହଲ ଭରନି ଅନୁକୂଳ ହେଉଥିବାରୁ ଏହାକୁ "ଷୋହଲପାର ଭରନି" କୁହାଯାଏ । ଏହା ଷଡଜ, ଗାନ୍ଧାର ଓ ଧୈବତ ଧ୍ୱନିର ସମନ୍ୱୟରେ ଏହି ବାଦ୍ୟ ବଜାଯାଇଥାଏ ବୋଲି ପ୍ରାଚୀନ ତାଳପତ୍ର ପୋଥି ଓ ବାଦ୍ୟ ବିଶେଷଜ୍ଞ ବଜନିଆଁମାନଙ୍କ ନିକଟରୁ ଜଣାପଡ଼େ । ଏହାର ପ୍ରାଭାବରେ ବରୁଆର ଅଙ୍ଗ ପ୍ରତ୍ୟଙ୍ଗରେ ଭାବ ସ୍ପନ୍ଦନ ସୃଷ୍ଟି ହୋଇଥାଏ । ଏହା ସହିତ ବରୁଆର ଚେତନା ଅନ୍ତର୍ମୁଖୀ ହେବା ସଙ୍ଗେ ସଙ୍ଗେ ସର୍ବାଙ୍ଗର ଶୀରା ପ୍ରଶିରା ସତେଜ ହୋଇଉଠେ ।

ରଞ୍ଜନୀ : - ଏହା ଷୋହଲ ଭରନିର ଦ୍ୱିତୀୟ ପର୍ଯ୍ୟାୟ ବାଦ୍ୟ । ପ୍ରଥମ ଖାଦ୍ୟରେ ବରୁଆର ଶରୀରରେ ସୃଷ୍ଟି ହୋଇଥିବା ସ୍ପନ୍ଦନ ଏହି ବାଦ୍ୟ ଦ୍ୱାରା ସମସ୍ତ ନାଡିରେ ପ୍ରତିଧ୍ୱନିତ ହୁଏ । ଏହି ବାଦ୍ୟର ପ୍ରଭାବରେ ବରୁଆର ସର୍ବାଙ୍ଗ ଏପରିକି ତା'ର ମସ୍ତକର କେଶରାଶି ମଧ୍ୟ ହଲିବା ଆରମ୍ଭ କରେ । ଏହି ବାଦ୍ୟର ଧ୍ୱନି ଆରୋହ ଓ ଅବରୋହ କ୍ରମରେ ଷଡଜ, ପଞ୍ଚମ ଓ ନିଷାଦ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ।

ମଞ୍ଜନୀ :- ଷୋହଲ ଭରନିର ଏହା ତୃତୀୟ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଏହାକୁ ମଞ୍ଜମରା କହନ୍ତି । ମଞ୍ଜ ଅର୍ଥ ସାରବତ୍ତା ଅଟେ । ଧ୍ୱନିର ସାରବତ୍ତା ସମସ୍ତ କୋଷାୟିତ ଚକ୍ରକୁ ପ୍ରତିଧ୍ୱନୀତ କରି ଦୈବୀ ସତ୍ତାକୁ ସାରବତ୍ତା ଭାବରେ ଅନ୍ତଃଜାଗରଣ ପାଇଁ ସୁଯୋଗ ଏହି ବାଦ୍ୟରେ ସୃଷ୍ଟି ହେଉଥିବାରୁ ଏହାକୁ "ମଞ୍ଜମରା" କୁହାଯାଏ । ଏଥିରେ ଷଡଜ ,ଗାନ୍ଧାର ସହିତ ଆଉ କେତେକ ସୂକ୍ଷ୍ମ ସ୍ୱର ଦ୍ୱାରା ବାଦ୍ୟ ପରିଚାଳିତ ହେଇଥାଏ ।

ସମ୍ମୋହନୀ :- ଷୋହଲ ଭରନିର ଏହା ଚତୁର୍ଥ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ପଶ୍ଚିମ ଓଡ଼ିଶାର ଲୋକମୁଖରେ ଏହା ଭେଲକି/ଭେଲକିମରା ନାମରେ କଥିତ । ଏହି ବାଦ୍ୟର ସ୍ୱରବିନ୍ୟାସ ଯୋଗୁଁ ବରୁଆ ବାହ୍ୟ ଜଗତରୁ ବିଛିନ୍ନ ସୋଇ ଦୈବୀ ବିଳାସ ପର୍ଯ୍ୟାୟକୁ ଉନ୍ନିତ ହୋଇଥାଏ । ଏହି ବାଦ୍ୟ ବାଦନ ସମୟରେ ସପ୍ତ ସ୍ୱରର ପ୍ରୟୋଗ କରାଯାଇଥାଏ ।

ISSN NO.
2582-208X

ଶକ୍ତି ଆକର୍ଷଣୀ :-ଷୋହଲ ଭରନିର ଏହା ପଞ୍ଚମ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଶକ୍ତି ଆକର୍ଷଣୀରେ ଦୈବୀ ଶକ୍ତିଙ୍କୁ ଦେହ ମଧ୍ୟକୁ ଆବାହନ/ଆକର୍ଷଣ କରାଯାଇଥାଏ । ଶକ୍ତି ଆକର୍ଷଣୀ/ଆବାହନ ବାଦ୍ୟ ନାଦର ପ୍ରଭାବରେ ବରୁଆ ଉଚ୍ଚାଟିତ ହୋଇ ଡେଇଁବାକୁ ଆରମ୍ଭ କରେ । ଏହି ବାଦ୍ୟର ପ୍ରୟୋଗ ଦ୍ୱାରା ବରୁଆ ଦେହରେ ବିଭିନ୍ନ ଅଲୌକିକ ଶକ୍ତି ଓ କ୍ରିୟାର ପ୍ରସ୍ଫୁରଣ ସୃଷ୍ଟି ହେଉଥିବାରୁ ଏହାକୁ ଆକର୍ଷଣୀ ନାମରେ ନାମିତ କରାଯାଇଛି । ଏଥିରେ ବାଦ୍ୟର ସପ୍ତକ (ସପ୍ତସ୍ୱରୀ) ଧ୍ୱନି ବ୍ୟଞ୍ଜକ ହୋଇଥାଏ ।

ଅନୁପ୍ରବେଶିକା :-ଷୋହଲ ଭରନିର ଏହା ଷଷ୍ଠ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଆଞ୍ଚଳିକ ଭାଷାରେ ଏହାକୁ ବେଜିମରା କହନ୍ତି । ନିଷାଦ, ଗାନ୍ଧାର ଓ ପଞ୍ଚମ କ୍ରମରେ ଅନୁଷ୍ଠାନ ନିମନ୍ତେ ଆବଶ୍ୟକ ସଂଖ୍ୟକ ସମସ୍ତ ରାଗରେ ସମନ୍ୱୟରେ ଏହି ବାଦ୍ୟର ସ୍ୱର ବିନ୍ୟାସ କରାଯାଇଥା । ଏହି ବାଦ୍ୟର ନାଦରେ ବରୁଆର ସମସ୍ତ କୋଷାୟିତ ଚକ୍ରରେ ଏକ ପ୍ରଚଣ୍ଡ ସ୍ପନ୍ଦନ ଅନୁଭୂତ ହୋଇଥାଏ । ଏଥିରେ ବରୁଆ ଆତ୍ମ ଚେତନା ହରାଇ ବିଭିନ୍ନ ଅଙ୍ଗଭଙ୍ଗୀ ସଞ୍ଚାଳନ କରି ନୃତ୍ୟ ଆରମ୍ଭ କରିଥାଏ । ଏହାକୁ ପଶ୍ଚିମ ଓଡ଼ିଶାରେ ଅଙ୍ଗ ଖେଲା କହନ୍ତି ।

ଉଦାତ୍ତଧାରିଣୀ :-ଷୋହଲ ଭରନିର ଏହା ସପ୍ତମ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଏହି ବାଦ୍ୟ ବାଦନରେ ଅନୁପ୍ରବେଶିକା ସ୍ତରରେ ବିକଶିତ ହୋଇଥିବା ଦୈବୀ ଶକ୍ତିର ଉଦାତ୍ତ ପ୍ରସ୍ଫୁରଣ ଘଟି ସର୍ବାଙ୍ଗରେ ବିସ୍ତାରିତ ହୋଇଯାଏ । ଏହି ସ୍ତରରେ ବରୁଆ କାୟିକ, ବାଚିକ ଓ ମାନସିକ ସ୍ଥରରେ ବିଚିତ୍ର ବ୍ୟବହାରମାନ ପ୍ରଦର୍ଶନ କରେ । ଏହାର ପ୍ରାଭାବରେ ବରୁଆ ନିଜର ସାଧାରଣ ଶକ୍ତିକୁ ଅତିକ୍ରମ କରି ଅସାଧାରଣ ଭାବରେ ଅଙ୍ଗ ଚାଳନା ସହିତ ରୌଦ୍ର ରସ ବ୍ୟଞ୍ଜକ ଲମ୍ଫ ଓ ନୃତ୍ୟ ପ୍ରଦର୍ଶନ କରିଥାଏ । ଏହି ବାଦ୍ୟ ଉଦାତ୍ତ ବାଦ୍ୟ ହୋଇଥିବାରୁ ଏଥିରେ ଋଷଭ, ଗାନ୍ଧାର, ଧୈବତ ଓ ଧୈବତର ଶୀର୍ଷ ଆରୋହ ବାଦ୍ୟ ଯଥା ଉଗ୍ର ଧୈବତ ଓ ଚରମ ପ୍ରକମ୍ପନ ବାଦ୍ୟ ଭାବରେ ଧ୍ୱନିତ ହୋଇଥାଏ । ଏଥିରେ ବରୁଆ ମୁକ୍ତ ଭାବରେ ଅଙ୍ଗ ଚାଳନା କରୁଥିବାରୁ ପଶ୍ଚିମ ଓଡ଼ିଶାର ପରିଭାଷାରେ ଏହାକୁ ଅଙ୍ଗ ଖେଲା ବୋଲି କହନ୍ତି ।

ISSN NO.
2582-208X

ପ୍ରଚଣ୍ଡା :-ଷୋହଲ ଭରନିର ଏହା ଅଷ୍ଟମ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଏହା ଏକ ଉଦଣ୍ଡ ବାଦ୍ୟ ହୋଇଥିବାରୁ ଆଞ୍ଚଳିକ ପରିଭାଷାରେ ଏହାକୁ ଉଦଣ୍ଡ ନାମରେ ନାମିତ କରାଯାଇଛି। ଏହି ବାଦ୍ୟର ସ୍ୱର ବିନ୍ୟାସରେ ଷଡ଼ଜ, ମଧ୍ୟ-ପଞ୍ଚମ, ଉଗ୍ରଧୈବତ ଓ ପ୍ରଚଣ୍ଡ ଋଷଭର ବ୍ୟବହାର ଦେଖାଯାଏ । ପ୍ରଚଣ୍ଡା ବାଦ୍ୟର ପ୍ରଭାବରେ ବରୁଆ ପ୍ରଚଣ୍ଡ ବେଗରେ ଧାଇଁବା, ଡେଇଁବା, କୁହାଟ ମାରିବା ଏପରିକି ବଜନିଆ ମାନଙ୍କୁ ପ୍ରହାର କରିବା ନିମନ୍ତେ ଉଦ୍ୟତ ହୋଇଥାଏ । ଏହି ପ୍ରଚଣ୍ଡା ସମୟ ସମୟରେ ଅସମ୍ଭାଳ ପରିସ୍ଥିତି ମଧ୍ୟ ସୃଷ୍ଟି କରିଥାଏ ।

ଶିର୍ଷାବସ୍ଥିତି :-ଷୋହଲ ଭରନିର ଏହା ନବମ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଏହି ବାଦ୍ୟର ଆଞ୍ଚଳିକ ପରିଭାଷା ହେଉଛି ଚୂଳବନ୍ଧା । ବରୁଆ ଦେହରେ ଦେବୀଙ୍କର ପ୍ରଚଣ୍ଡା ଶକ୍ତିର ଆବିର୍ଭାବ ପରେ ଅସମ୍ଭାଳ ପରିସ୍ଥିତିର ନିୟନ୍ତ୍ରଣ ପାଇଁ ଚୂଳବନ୍ଧା ବା ଶୀର୍ଷାବସ୍ଥିତି କ୍ରିୟା ଓ ବାଦ୍ୟ ର ଆବଶ୍ୟକତା ହୋଇଥାଏ । ଚୂଳବନ୍ଧା ପରେ ଶିଖା ବନ୍ଧନ ପରେ ବରୁଆର ପ୍ରଚଣ୍ଡ ସ୍ୱଭାବ ପ୍ରସମିତ ହୋଇଥାଏ ।

ବିଳାସା :-ଷୋହଲ ଭରନିର ଏହା ଦଶମ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ବରୁଆର ଚୁଳବନ୍ଧା ପରେ ଏହି ବାଦ୍ୟର ପ୍ରଭାବରେ ତା'ମଧ୍ୟରେ ଦୈବୀ ଶକ୍ତି ପ୍ରଶାନ୍ତ ଭାବରେ ଶରୀର ମଧ୍ୟସ୍ଥ କୋଷାୟିତ ଚକ୍ର ଗୁଡିକରେ ବିଳାସ କରିଥାଏ । ଆଞ୍ଚଳିକ ପରିଭାଷାରେ ଏହାକୁ ରିଝେନ ବୋଲି କହିଥାନ୍ତି । ଏହି ସମୟରେ ବରୁଆ ମନ୍ଥର ନୃତ୍ୟ ଛନ୍ଦ କରି ଶାନ୍ତ, ପ୍ରଶାନ୍ତ ଓ ଆଶିର୍ବାଦ ବାଣୀରେ କଥାବାର୍ତ୍ତା କରିଥାଏ । ଏହି ସମୟର ବାଦ୍ୟ ମୃଦୁ -ମଧୁର-ମନ୍ଦ୍ର ଓ ବେଳେ ବେଳେ ବିଳମ୍ବିତ ତାଳରେ କ୍ଷୀଣ ସ୍ୱରରେ ବାଜିଥାଏ ।

ଅନୁରଞ୍ଜନୀ :-ଷୋହଲ ଭରନିର ଏହା ଏକାଦଶ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଏହାକୁ ଆଞ୍ଚଳିକ ପରିଭାଷାରେ ରସାବେଶ ବୋଲି କହନ୍ତି । ଏହି ସମୟରେ ବରୁଆ ଦେହରେ ଦୈବୀ ଶକ୍ତିର ଭାବ ରସାଣିତ ହୋଇଥାଏ । ବରୁଆ ସାରା ସୃଷ୍ଟିକୁ ଦୈବୀ ଶକ୍ତିର ବିଳାସ ଭାବରେ ଗ୍ରହଣ କରିଥାଏ । ଏହି ପର୍ଯ୍ୟାୟରେ ବରୁଆ ପ୍ରସନ୍ନ ଭାବ ପ୍ରକାଶ କରିଥାଏ । ଏହି ସମୟରେ ସପ୍ତସ୍ୱରୀ ବ୍ୟଞ୍ଜିତ ବାଦ୍ୟ ବାଜିଥାଏ ।

ISSN NO.
2582-208X

ଶକ୍ତ୍ୟାବେଶ :-ଷୋହଲ ଭରନିର ଏହା ଦ୍ୱାଦଶ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ବରୁଆର ଚୂଳବନ୍ଧା ପରେ ଦୈବୀ ଶକ୍ତି କ୍ଷୀଣରୁ କ୍ଷୀଣତର ହେବାକୁ ଲାଗେ । ଆବଶ୍ୟକତା କ୍ରମେ ପୁଣି ବରୁଆ ଶରୀରରେ ଦୈବୀ ଶକ୍ତିର ଆବାହନ କରିବାକୁ ପଡ଼ିଥାଏ । ଆଞ୍ଚଳିକ ପରିଭାଷା ରେ ଏହାକୁ ଦେବ୍ତାଚଢା ବା ଚକର୍ଚଢା କୁହାଯାଏ । ଏହି ସମୟରେ ବାଦ୍ୟରେ ଉଗ୍ର ଧୈବତ (ଦୁଲ୍ଦୁଲି ବଜା) ର ଧ୍ୱନି ବିନ୍ୟାସ ହୋଇଥାଏ ।

ଆବିର୍ଭାବ :-ଷୋହଲ ଭରନିର ଏହା ତ୍ରୟୋଦଶ ପର୍ଯ୍ୟାୟର ବାଦ୍ୟ ରୂପେ ପରିଗଣିତ । ଆଞ୍ଚଳିକ ପରିଭାଷାରେ ଏହାକୁ ଉଭା କହନ୍ତି । ଏହି ସମୟରେ ବରୁଆ ପ୍ରସନ୍ନ ଚିତ୍ତରେ ଚିରାଚରିତ ବାତ୍ସଲ୍ୟ ଭାବର ପ୍ରକାଶ କରନ୍ତି । କୌଣସି କାରଣରୁ ବରୁଆ କ୍ଷୁବ୍ଧ ହୋଇଥିଲେ ତାଙ୍କୁ ତୁଷ୍ଟ କରିବା ପାଇଁ ପ୍ରଶାନ୍ତ ଶଙ୍କରୀ ମନ୍ତ୍ର ଓ ଆବିର୍ଭାବ ବାଦ୍ୟର ବ୍ୟବହାର କରାଯାଏ । ଏହି ବାଦ୍ୟରେ ଷଡଜ, ପଞ୍ଚମ, ସୁସ୍ୱର ଓ ମୃଦୁଧୈବତ ଧ୍ୱନିର ବିନ୍ୟାସ କରାଯାଏ ।

ଚକ୍ରମଞ୍ଜରୀ :-ଷୋହଲ ଭରନିର ଏହା ଚତୁର୍ଦଶ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଆଞ୍ଚଳିକ ପରିଭାଷାରେ ଏହାକୁ ଚକର୍ମରା କହନ୍ତି । ଏହି ବାଦଉନ୍ମୁକ୍ତ କାଳଚକ୍ର ଧ୍ୱନିରେ ସ୍ୱର ବିନ୍ୟାସ କରାଯାଇଥାଏ । ଏହି ବାଦ୍ୟ ଷଡଜରୁ ଧୈବତ ପର୍ଯ୍ୟନ୍ତ ଏବଂ ଧୈବତରୁ ଷଡଜ ପର୍ଯ୍ୟନ୍ତ ଏବଂ ପ୍ରତ୍ୟେକ ଦୁଇସ୍ୱର ଛାଡି ଦୁଇ ସ୍ୱର ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଏହି ବାଦ୍ୟ ସମୟରେ ବରୁଆ ପ୍ରସନ୍ନ ଚିତ୍ତରେ ଚକ୍ରାକାରରେ ନିଜ ମସ୍ତକକୁ ଘୁରାଇବା ସହିତ ବେଳେ ବେଳେ ନିଜେ ମଧ୍ୟ ଘୁରି ଥାନ୍ତି । ବରୁଆ ବେଳେ ବେଳେ ଉଗ୍ର, ବେଳେ ବେଳେ ଶାନ୍ତ ଓ ମଧ୍ୟମ ଭାବରେ ଦୈବୀ ଶକ୍ତିର ପ୍ରସ୍ଫୁରଣ କରାଇଥାଏ ।

ବିମଳା :-ଷୋହଲ ଭରନିର ଏହା ପଞ୍ଚଦଶ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଆଞ୍ଚଳିକ ପରିଭାଷାରେ ଏହାକୁ ଉର୍ଘେନ କହନ୍ତି । ଏହି ସମୟରେ ଦେବୀଙ୍କ ବିଦାୟ ବେଳା ଆରମ୍ଭ ହେଉଥିବାରୁ ବରୁଆ ଶରୀରରୁ ଦୈବୀ ଶକ୍ତିର ତେଜ କ୍ଷୀଣ ହୋଇଥାଏ । ବରୁଆ ସାରଲ୍ୟ ଗୁଣକୁ ଅନୁସରଣ କରି ଭକ୍ତମାନଙ୍କୁ ଉପଦେଶ ଓ ଆଶିର୍ବାଦ ଦେଇ ଥାନ୍ତି । ଏହି ସମୟରେ ମୃଦୁ ବାଦ୍ୟ ଷଡ଼ଜ, ଗାନ୍ଧାର, ଋଷଭ, ନିଷାଦ ଓ ପଞ୍ଚମ ସ୍ୱର ବିନ୍ୟାସରେ ମନ୍ଦ୍ରତାଳରେ ବାଜିଥାଏ ।

ISSN NO.
2582-208X

ଶାନ୍ତିକରା :-ଷୋହଲ ଭରନିର ଏହା ଷୋଡ଼ଶ ତଥା ଅନ୍ତିମ ପର୍ଯ୍ୟାୟର ବାଦ୍ୟ ରୂପେ ପରିଗଣିତ । ଏହି ସ୍ତରରେ ଗୁଞ୍ଜର୍, ଗାନ୍ଧାର ଧ୍ୱନି ବାଜିଥାଏ । ଏହି ସମୟରେ ପୂଜାର ବିସର୍ଜ୍ଜନୀ ମନ୍ତ୍ର ସହିତ ଗୁଞ୍ଜର୍ ଗାନ୍ଧାରରେ ମିଶ୍ର ପଞ୍ଚମ, ମିଶ୍ର ଷଡଜ, ମିଶ୍ର ଗାନ୍ଧାର ଓ ଶୁଦ୍ଧ ପଞ୍ଚମ ର ଆବଶ୍ୟକତା ପଡ଼ିଥାଏ । ଏହି ପର୍ଯ୍ୟାୟରେ ବରୁଆ ଦେହରୁ ଦୈବୀଶକ୍ତି ଅନ୍ତର୍ହିତ ହେବା ସହିତ ବରୁଆ ଚିତ ହୋଇ ମୂର୍ଚ୍ଛିତ ଅବସ୍ଥାରେ ପଡିଯାଏ । ଆଞ୍ଚଳିକ ପରିଭାଷାରେ ଏହାକୁ ଛଡେନ/ପାଟଗଲା ବୋଲି କହନ୍ତି ।

ସୌଜନ୍ୟ :- ଶାକ୍ତ ପ୍ରମୋଦ ବାଦ୍ୟ ଡ଼ଃ ଦୋଳଗୋବିନ୍ଦ ବିଶୀ , ଟିଟିଲାଗଡ଼

ନୂଆଁ ବରଙ୍ଗାମାଲ, ସମ୍ବଲପୁର

ISSN NO.
2582-208X

# ପ୍ରେମ



ଯସ୍ମିତା ପ୍ରଧାନ

କହିକି ପାରିବ ମୋତେ କେହି ଜଣେ
ବେଶି କଠିନ ପ୍ରଶ୍ନ ନୁହେଁ ତ
ଅତି ସହଜ ଆଉ ଅତି ସରଳ
ସମସ୍ତେ କୁହନ୍ତି ସେ କ'ଣ ତ ପ୍ରେମ
ହଁ ସେଇ ପ୍ରେମର ସଂଜ୍ଞା କ'ଣ
ଜାଣେନା କାହିଁକି ଏ ପ୍ରଶ୍ନ
ବାରମ୍ବାର ଆସୁଛି ମନକୁ
ଉତ୍ତର ଜଣାଥିଲେ ଦେବ ଜଣାଇ
ସମସ୍ତେ କୁହନ୍ତି ତ ପ୍ରେମ
ଆହୁରି ଅଛି ତା'ର ଅନେକ ପ୍ରତିଶବ୍ଦ
ଟିକେ ରୁହ ମନେ ପକେଇ କହୁଛି
ହଁ ଭଲପାଇବା, ଜୀବନ ଓ ସ୍ୱାର୍ଥ
ଦେଖ କ'ଣ କହିଦେଲି
ଭଲପାଇବା ରେ ପୁଣି ସ୍ୱାର୍ଥ
କ୍ଷମା କର ପ୍ରେମ ତ କରିନି କେବେ
ସେଥିରେ ପୁଣି ଯୋଡ଼ିଦେଲି ଭୁଲ୍ ଅର୍ଥ

ISSN NO.
2582-208X

ଭାବନି ସତରେ କରିନି ପ୍ରେମ
ହଁ କରିଛି ଶୁଣିବ ଯଦି କହିବି
ମୁଁ ଭଲପାଏ ସେଇ ପୁରୁଷ କୁ
ଯାହାକୁ ମୁଁ ଦେଖେ ମୋ ଆତ୍ମାରେ
ଜାଣିନି ସେ କିଏ ତଥାପି କରେ ପ୍ରେମ
ଭଲପାଇବା କହୁ କହୁ କାହିଁ ସ୍ୱାର୍ଥ କହିଲି
ଜାଣିବାକୁ ଚାହଁ ତ ହଉ ଶୁଣ
ମୁଁ ଟିକେ ସ୍ୱାର୍ଥୀ ମୋ ପ୍ରେମକୁ ନେଇ
ସେ ଶୂନ୍ୟ ପୁରୁଷ ମୋ ହୃଦୟର
ଟିକେ ଅଧିକ ଭଲ ପାଆନ୍ତୁ ମୁଁ ଚାହେଁ
କାହିଁକି ଜାଣିଛ ତାଙ୍କର ଅସଂଖ୍ୟ ପ୍ରେମିକା
ଏବେ କୁହତ ମୁଁ ସ୍ୱାର୍ଥୀ ହେବି କି ନାହିଁ
ହଁ ଜାଣିଛି ଅବଶ୍ୟ ସେ ମୋତେ
ଖୁବ୍ ଭଲପାଆନ୍ତି ପ୍ରିୟ ପ୍ରେମିକା ପରି
ମୁଁ ଚାହେଁ ସେ ଏମିତି ଭଲପାଆନ୍ତୁ
ଆଉ ଟିକେ ଅଧିକା ହେଲେ ବି ଚଳିବ
କିନ୍ତୁ କମ୍ ଯେମିତି ଆଦୌ ନହୁଏ ।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର,
ସ୍ନାତକୋତ୍ତର
ଫୋନ୍ ନମ୍ବର – 7326837101

ISSN NO.
2582-208X

# କନିଆଁର ବ୍ୟବହାର



ରଶ୍ମିତା ନାୟକ

## ଭାଉଜଙ୍କୁ ଧରି କାନ୍ଦଣା

ଊଁ... ଊଁ.... ଭାଉଜ...
ନୁହେଁକି ତୁମର ମୁଁ ଆପଣାର... ଲୋ ଭାଉଜ ମୋର
ପର ପରି କରୁଛ ବ୍ୟବହାର....ଲୋ....
ଏପରି କପଟ କାହିଁକି କର.....ଲୋ...
ବୟସ ହୋଇନି ମୋତେ ଅଠର.. ଲୋ...
ଆଇନି କରିଛନ୍ତି ସରକାର........ ଲୋ...
ନାବାଳିକା ବିବାହ ତ୍ୟାଗ କର.....ଲୋ...
ଅପରାଧି ହେବେ ବାପା ମୋହର...ଲୋ.....
ଖାଇଦେଲି କିବା ବାଣ୍ଟ ତୁମର...ଲୋ...
ବିବାହ ଦେବା ପାଇଁ ତରବର..... ଲୋ
ନାହିଁ କର ତୁମେ ଭାଇଙ୍କୁ ମୋର..ଲୋ
ଏବେଠୁ ଯିବିନି ମୁଁ ଶାଶୁଘର....ଲୋ
ପାଠ ପଢିବାକୁ ମନମୋହର..ଲୋ
ନେହୁରା ହୋଇ ଧରୁଛି ପୟର ...ଲୋ
ନିଜ ଝିଅ ହୋଇଥାନ୍ତି ତୁମର....ଲୋ

ISSN NO.
2582-208X

ରଖି ନଥାନ୍ତ କି ଅଳି ମୋହର...ଲୋ

## ଆଈକୁ ଧରି କାନ୍ଦଣା...

ଉଁ....ଉଁ.... ହେ ମୋ ଆଈ....
ବାପାଙ୍କୁ ମୋହର କହ ବୁଝାଇ...ଲୋ ଆଈ
ମୁହିଁ ପରା ତାଙ୍କ ଦେହର ଛାଇ...ଲୋ..
ସାତପର ମୋତେ କରନ୍ତି କାହିଁ...
ଋଷିଙ୍କ ମୁଣ୍ଡରେ ଲମ୍ବିଛି ଜଟ...
କିଏ ଆଉ ଜାଗି ବସିବ ବାଟ...
ହାଟ ଦିନ କିଏ ବସିବ ଚାହିଁ...
କାହାପାଇଁ ସେ ଆଣିବେ ମିଠେଇ...
ଖାଉଥିଲି ବୋଲି ପୁରା ଫିଟେଇ..
ମୁଣ୍ଡରୁ ମୋ ବୋଝ ଦେଲେ ଓହ୍ଲାଇ...
କାହାକୁ ଡାକିବୁ ରାଣୀ କଣ୍ଢେଇ...
ଛୋଟ ପିଲା ବୋଲି ଦେଲୁ ଭଣ୍ଡେଇ...
କିଏ ତୋତେ ଭାଙ୍ଗି ଦେବ ଟି ପାନ...
ଜ୍ୱାଇଁ ଦେଖିଦେଲ ଠେକୁଆ କାନ...
ଗୋଲାପ ଫୁଲଟା ଫୁଟିଛି ନୂଆ...
ଜ୍ୱାଇଁ ଟା କରୁଛ ମାଙ୍କଡ଼ ମୁହାଁ...
ଚଇତ୍ରରେ ବହେ ଦକ୍ଷିଣା ବାଆ..
ଜ୍ୱାଇଁ କରିଛ ନିପଟ କାଳିଆ...
କିଏ ଆଣିଦେବ ତୋ ପାଣି ଲୋଟା ....
ଜ୍ୱାଇଁତ କରିଛ ଥନ୍ତଲ ପେଟା...

ISSN NO.
2582-208X

ଜଗନ୍ନାଥଙ୍କର ହାତ ଖଣ୍ଡିଆ...
ବାଛି ଦେଲ ଜ୍ୱାଇଁ ଚନ୍ଦା ମୁଣ୍ଡିଆ...
ଶ୍ରୀ ମନ୍ଦିରେ ଦେଖ ଉଡୁଛି ବାନା
କିପରି ଦେଖିଲ ଜ୍ୱଇଁତ ଖନା...
ଏଯାଏ ଆସେନି ଶାଗ ଖରଡ଼ା...
ଜ୍ୱାଇଁ କରିଛ ସାଇକଲ ଚଢା...
ଗାଡି ଚଢା ଯଦି ସେ ଶିଖିଥାନ୍ତେ..
ସିନେମା ଦେଖେଇ ମୋତେ ନିଅନ୍ତେ..
ଶାଶୁଘର ନୁହେଁ ସେ ଯମ ପୁରଲୋ....
ବୋହୂବୋଲି କରିବେ ନାରଖାର....
ଖାଇଲେ କହିବେ ବେଶି ଖାଇଲା..
ଶୋଇଲେ କହିବେ କାମ ନହେଲା..
କେମିତି କାଟିବି ଦିନ ମୋହର...
କିପରି କରିବି ମୁଁ ବ୍ୟବହାର...
ପର ଝିଅ କହିବେ ଶାଶୁ ଘର..
ବାପ ଘର କହିବେ ଯା ତୋ ଘର..
କିଏମୋର ପର କିଏ ନିଜର....
କାହାକୁ କରିବି ମୁଁ ଆପଣାର....
ପାଣିରେ ମାଡିଛି ସୁନୁସୁନିଆ...
ଝିଅ ଜନମଟା ହୀନିମାନିଆ...ଲୋ ଆଇ ॥

## ନାତୁଣୀଙ୍କୁ ଧରି କାନ୍ଦଣା

ତୁହିତ କଲିଜା ମୋର ଛାତିର ..ଲୋ ନାତୁଣୀ ମୋର
ଅଭିମାନେ ଭରା ତୋ ବ୍ୟବହାର..

ISSN NO.
2582-208X

ଝିଅର କର୍ମ ସ୍ଥଳୀ ପରଘର ..
ଏମିତି କହନା ଜ୍ୱାଇଁଙ୍କୁ ମୋର..
ଇହକାଳ ଦେବତା ସ୍ୱାମୀ ତୋର..
ମନ ଚିତ୍ତ ବୁଝୁ ଥିବୁ ତାଙ୍କର.....
ହେବୁନାହିଁ ତାଙ୍କ ପାଶେ ନିଷ୍ଠୁର...
ରତିରସେ ମେନକା ସମ ହୋଇ...
ସେନେହ କରିବୁ ଭଉଣୀ ହୋଇ..
ଭୋଜନସମୟେ ଜନନୀ ପରି...
ରାନ୍ଧି ଭୁଞ୍ଜାଇବୁ ତୁ କ୍ଷୀରି, ପୁରି...
ଅନ୍ୟାୟରେ ଦୁର୍ଗା ପରି ହୋଇବୁ...
ସ୍ନେହ, ମମତା ହୃଦୟେ ରଖିଥିବୁ..
ସାନଙ୍କୁ ଢାଳିବୁ ଶରଧା ତୋର..
ସୁନା ବୋହୂ ହେବୁ ନାତୁଣୀ ମୋର..
ଭୁଞ୍ଜାଇବୁ ସଭିଙ୍କ ମନ ଜାଣି...
ସେଘରେ ହୋଇବୁ ତୁ ପାଟରାଣୀ...
ଗୁରୁଜନେ ସଦା କରିବୁ ଭକ୍ତି...
କରିବୁନି ଗୁରୁ ଜନରେ ଯୁକ୍ତି....
ଶାଶୁ, ଶ୍ୱଶୁରଯେ ଦେବତା ତୁଲ୍ୟ..
ବ୍ୟବହାର ତାଙ୍କୁ କରିବୁ ଭଲ...
ପିତା ମାତା ପରି ସେବା କରିବୁ...
ତେବେ ଯାଇ ଦୁହିତା ବୋଲଇବୁ...

ଜଗତସିଂହପୁର

ISSN NO.
2582-208X

# ଆହୁତି



ଡାଃ. ଅନତା ପଣ୍ଡା

-- ୧ --

ଅରୁନ୍ଧତୀ ଆଉ ଆମ ଗହଣରେ ନାହିଁ ଭାଉଜ ।

ମୋ ଆଗରେ ସେ ପିଲାଟା । ସମ୍ବାଦ ପତ୍ରରୁ ପଢ଼ିଥିଲି । ସତରେ ସିନୁ ମୁଁ କହିବି ସେ ମରିଗଲା ତ ତରିଗଲା ବିଚାରୀ । ଏଇ ଜୀଇଁବାକୁ କଣ ଜୀଇଁବା କୁହାଯାଏ ! ସାରା ଜୀବନ ଗୋଟାଏ ଅଗ୍ନି କୁଣ୍ଡରେ ଜଳୁଥିଲା ମାତ୍ର । ଏବେ ସିନା ଜନ୍ମକଲା ପୁଅଟା ତାକୁ ଜୀବନ ଦେଇ ଦେଉଥିଲା । କାଳ ବଦଳୁଛି । କିଏ ଜାଣେ କାଲି ଘରକୁ ବୋହୂ ଆସିଲେ ସେ କେମିତି ରହିଥାନ୍ତା ! ଆଜିକାଲି ଏଇଟା ପରା ଘର ଘରର କାହାଣୀ । ବୁଢା ମାତା ପିତାଙ୍କୁ ପୁଅ ବୋହୂଙ୍କର ହିନସ୍ତା । ଏକା ଶାଶୁ ବଂଚିଥିଲେ ତ କଥା ସରିଲା । ବୋହୂପାଇଁ ଗୋଟିଏ ବିନା ବେତନହାରୀ ଚାକରାଣୀ । ତାକୁ ବସ କହିଲେ ବସିବ, ଉଠ କହିଲେ ଛିଡ଼ା ହୋଇ ରହିବ । ମନ କଲେ ଗଣ୍ଡେ ଖାଇବାକୁ ଖଣ୍ଡେ ପିନ୍ଧିବାକୁ ଦେବ, ମନ ନ କଲେ ନାହିଁ । ଯେତେ ବଡ଼ ଥିଲାବାଲା ହେଲେ ବି ପୁଅ ମୋହରେ ମା' ମାନେ ବୋହୂମାନଙ୍କ ହାତରେ ଗୋଟିଏ ଗୋଟିଏ କ୍ରୀଡ଼ନକ ।

ଠିକ୍ କହୁଛ ଭାଉଜ । ହେଲେ ମୋ ମତରେ ଜଣେ ଯଦି ନିୟତ ପଥରେ ଥାଏ, ସଦା ସର୍ବଦା ସତ୍ୟର ସନ୍ଧାନ କରୁଥାଏ, ଚିନ୍ତା, ବିଜ୍ଞାନ, କର୍ମ ବା ଦର୍ଶନ ମାଧ୍ୟମରେ ପ୍ରକୃତି ନିହିତ ରହସ୍ୟର ଉନ୍ମୋଚନ ଦିଗରେ ବ୍ରତୀ ଥାଏ, ନିଜର ସମସ୍ତ ଅଜ୍ଞାନର ଉତ୍ସ ନିଜ ଅହଂର ଏକଛତ୍ରବାଦ ବିରୋଧରେ ନିଜ ଚେତନା ଭିତରେ ସଂଗ୍ରାମ କରୁଥାଏ, ତେବେ ସେ

ISSN NO.
2582-208X

ଆଧ୍ୟାତ୍ମିକ ସାଧନାରେ ବ୍ରତୀ ବୋଲି ଗଣାଯାଏ । ସେଇ ସବୁ ଦୃଷ୍ଟିରୁ ମୁଁ କହିବି, 'ଅରୁନ୍ଧତୀ' ଥିଲା ଜଣେ ପ୍ରକୃତ ସାଧନାର ବ୍ରତୀ, ଈଶ୍ୱର ସୃଷ୍ଟିର ଏକ ବାସ୍ତବ ମଣିଷ ।

ହେଲେ ସେ କଥା କିଏ ଜାଣିଲା ! ତୁମେ ଆଉ ମୁଁ ! ! ଭିତିରି କଥା ଜାଣିବା ପାଇଁ ନା କାହା ପାଖରେ ସମୟ ଥିଲା ନା ସେ ପ୍ରତିଟି ପଦକ୍ଷେପରେ ଭୟ କରି କାହା ଆଗରେ ସତ୍ୟ ପ୍ରକାଶ କରି ପାରିଲା ! ! ! ଗୋଟାଏ କଥା କହିବି ସିନୁ ! ତୁମେ ଏକ ସାହିତ୍ୟ ବିଷାରଦା। ଚାହିଁବ ହେଲେ ତୁମ ଲେଖନୀ ମାଧ୍ୟମରେ ଏ ସବୁକୁ ତୁମେ ସୁରୁଖୁରିରେ ସମାଜ ସାମ୍ନାକୁ ଆଣିପାରିବ । ଅରୁନ୍ଧତୀର ଦୁଃଖଭରା ଜୀବନକୁ ମନେ ପକାଇଲେ, ମୋ ପ୍ରାଣ କାନ୍ଦି ଉଠୁଛି ।

ଜାଣେ ଭାଉଜ, ସେଇଥିପାଇଁ କୁହାଯାଇଥାଏ ଗୋଟିଏ ଲେଖନୀର ଶକ୍ତି ଶହେ ଗୋଟି ଖଣ୍ଡାଠାରୁ ଅଧିକ । ସେଇ ମୋର ଲେଖନୀ ସମାଜକୁ ସୂଚାଇବ 'ଅରୁନ୍ଧତୀ'ର ହାତଗଢା ଅଭିଶପ୍ତ ଜୀବନ ।

ଭୁଲ୍ କହୁଛ ସିନୁ । ସବୁ କିଛି କେବଳ ତାର ହାତଗଢା ନୁହେଁ । ସେଥିପାଇଁ ସମାଜ ବହୁ ପରିମାଣରେ ଦାୟୀ ଅର୍ଥାତ ସତରେ କ'ଣ ସେ ସମସ୍ତ ପରିସ୍ଥିତିକୁ ଆହ୍ୱାନ କରୁଥିଲା ! କେବଳ ବଦନାମ, ଅପବାଦକୁ ଭୟ କରି ସବୁକିଛି ସହି ଯାଉଥିଲା ସିନା । ତଥାପି ମଧ୍ୟ ବିନା ଦୋଷରେ ତାକୁ ବହୁକିଛି ସହ୍ୟ କରିବାକୁ ହେଉଥିଲା । ଏ ସବୁ ତା'ର ମନ୍ଦଭାଗ୍ୟ ।

ଠିକ୍ ଅଛି ଭାଉଜ । ମୁଁ ମୋ ଲେଖନୀରେ 'ଅରୁନ୍ଧତୀ'ର ସବୁକିଛି ଭିତିରି କଥା ସମାଜର ଦୃଷ୍ଟି ଗୋଚରକୁ ଆଣିବି । ସମାଜ ଜାଣୁ, ପ୍ରକୃତ ବିଷୟଟି ବିଷୟରେ ଅବଗତ ନ ହୋଇ ଜଣକ ଉପରେ ଆଙ୍ଗୁଳି ଉଠାଇବା କେଡ଼େ ଦୋଷାବହ । ତାହା ବ୍ୟତୀତ ଭବିଷ୍ୟତରେ ଅନ୍ୟ କେହି ଏହାର ପୁନରାବୃତ୍ତି ନ କରନ୍ତୁ ଏହା ମଧ୍ୟ ଅନ୍ୟ ଏକ ଉଦ୍ଦେଶ୍ୟ ।

ଏଇଠି ଆଉ ଗୋଟିଏ କଥା ତୁମକୁ ସୂଚାଇ ଦେବାକୁ ଚାହୁଁଛି ସିନୁ । ତୁମେ ଜାଣିଛ ମୁଁ ତୁମ ପୁସ୍ତକ ମାନଙ୍କର ସର୍ବ ପ୍ରଥମ ପାଠକ । ମୁଁ ମଧ୍ୟ ସେଇ କଥାଟି ଅନୁଭବ କରେ ଯାହା ତୁମର ସୁଧୀ ପାଠକ ମାନଙ୍କର ମତାମତ ।

ISSN NO.
2582-208X

କୋଉ କଥା ଭାଉଜ ! ଥରେ ହେଲେ ବି ତ ତୁମେ ସେମିତି କିଛି ମତାମତ ଦେଇନ !

କିଛି ଖରାପ କଥା ନୁହେଁ ସିନୁ । ତୁମକୁ ବ୍ୟକ୍ତିଗତ ରୂପେ ଜାଣିଥିବା ପାଠକ ମାନେ କହିଥାନ୍ତି, ସ୍ୱାମୀର ପ୍ରକୃତ ରୂପ ସୀମନ୍ତିନୀଙ୍କୁ ଅଜଣା ବୋଲି ସେ ସବୁ ଲେଖାରେ ସ୍ୱାମୀମାନଙ୍କୁ ଏକ ଆଦର୍ଶ ପତିର ରୂପ ଦେଇଥାନ୍ତି ।

ବାହା ସିନା ହୋଇନଥିଲି ଭାଉଜ, ବରଯାତ୍ରୀ ତ ଯାଇଥିଲି । ତା ଛଡ଼ା ତ ଏବେ ସଂପୂର୍ଣ୍ଣ ଗୃହିଣୀ । ପୁସ୍ତକର ବର୍ଣ୍ଣନା ମାନ ଥାଏ କାଳ୍ପନିକ । ମାତ୍ର ବର୍ତ୍ତମାନର ଲେଖାଟିରେ ମୁଁ ପ୍ରକାଶ କରିବି ଏକ ବାସ୍ତବ ଏବଂ ନିରୁତା ସତ୍ୟ ।

"ହଁ ସିନୁ, ସେ କଂସେଇ ଟାକୁ ଉଦାର କରି ଛିଡ଼ା କରିଦେବନି । ଯେଉଁ ସବୁ କାରଣରୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ 'ଅରୁନ୍ଧତୀ' କଷ୍ଟ ପାଇଛି, ସବୁର ମୂଳରେ ରହିଛି ସେଇ ଦୁର୍ବୃତ୍ତ, ଅସଚ୍ଚରିତ୍ର, ଅସଦାଚରଣ, ନୃଶଂସଟିର ଉପସ୍ଥିତି । ସେଇଟାକୁ ପତି କହିବ ! ସେଇଟାଗୋଟାଏ ଯକ୍ଷ ରୂପୀ । ନିଜ ବିବାହିତା ପତ୍ନୀର ସୁନା ସଂସାରକୁ ସେଇ ଲୋଭୀ ଶୃଗାଳଟା ଉଜାଡ଼ି ଦେଇଛି," ବିରକ୍ତିର ଚରମ ସୀମାରେ ପହଞ୍ଚି ଖୁବ୍ ଉତ୍ୟକ୍ତ ହୋଇ ଉଠିଲେ ରାନୁ, ସୀମନ୍ତିନୀଙ୍କର ଭାଉଜ ।

ଥଣ୍ଡା ହୋଇଯା ଭାଉଜ । ଏହାଦ୍ୱାରା ସେ ରାକ୍ଷସର କିଛି କ୍ଷତି ହେବନି, ତୁମ ରକ୍ତଚାପ ବଢ଼ିବ ।

ହଁ, ଠିକ୍ କହୁଛ ସିନୁ । ଆରେ ହଁ, ମୁଁ ଗୋଟାଏ କଥା ତୁମକୁ ପଚାରିବା ପାଇଁ ଭୁଲି ଯାଇଛି । ଦେବୁର ପୁଅ (ମୋ ନାତି) କାଲି ମତେ ଗୋଟାଏ ପ୍ରଶ୍ନ ପଚାରି ପଚାରି ସାରା ରାତି ଶୁଆଇ ଦେଇନି । ସତ କହିବାକୁ ଗଲେ ଏମିତିକା ପ୍ରଶ୍ନଟିଏ ଥାଇପାରେ ବୋଲି ମୋ ମନ ଭିତରକୁ କେବେ ଢୁକି ନ ଥିଲା । ପ୍ରଶ୍ନଟି ହେଲା, ଗତକାଲି କ୍ଲାସରେ ତା'ର ଶିକ୍ଷକ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ପଚାରିଥିଲେ, କୁହ ପିଲାଏ, ଛାତ୍ର ଛାତ୍ରୀମାନଙ୍କୁ ପରିସର, ପ୍ରକୃତି, ନଦୀ, ଆକାଶ, ପର୍ବତ ବସ୍ତୁ, ପିତା, ମାତା, ବନ୍ଧୁ, ଭାଇ ଭଉଣୀ ଏପରିକି ସୁଗୃହିଣୀ ନାରୀଟିଏ ଉପରେ ନିବନ୍ଧ ଲେଖିବାକୁ କୁହାଯାଇଥାଏ । ବାଗ୍ମୀମାନେ ବହୁମୁଖୀ

ISSN NO.
2582-208X

ଭାଷଣ ମାନ ମଧ୍ୟ ସେ ସବୁ ବିଷୟରେ ଦେଇଥାନ୍ତି, ତେବେ 'ପତି' ଙ୍କ ଉପରେ ନିବନ୍ଧ କିମ୍ବା ଭାଷଣ ର କାହିଁକି ଯୋଜନା କରାଯାଇ ନ ଥାଏ !

ପ୍ରଶ୍ନଟି ଭାଉଜଙ୍କ ଠାରୁ ଶୁଣି ପ୍ରଥମତଃ ସୀମନ୍ତିନୀଙ୍କର ମୁଣ୍ଡ ଚକର ଖାଇଗଲା । ସତେ ତ! ପୁଣି ମନ ଦୃଢ଼ କରି କିଛି ଚିନ୍ତା କରି କହିଲେ, 'ସ୍ୱାମୀ' ର ପ୍ରକୃତ ଅର୍ଥ ନା ଶିକ୍ଷକଙ୍କୁ ଜଣା ନା ଛାତ୍ରଛାତ୍ରୀଙ୍କୁ ! ଭାଷଣ ଦେବାପାଇଁ ମଧ୍ୟ ଯଥାର୍ଥ ଅର୍ଥଟିର ପ୍ରୟୋଜନ ହୋଇଥାଏ, ବ୍ୟବହାରିକ ଅର୍ଥ ନୁହେଁ । ନିବନ୍ଧ ତଥା ଭାଷଣ ମାଧ୍ୟମରେ ସମାଜକୁ କିଛି ବାର୍ତ୍ତା ଦିଆଯାଇଥାଏ । ଯଦି ସେ ବିଷୟଟି ସମ୍ବନ୍ଧରେ ଜଣେ ନିଜେ ସ୍ପଷ୍ଟ ନୁହେଁ ତେବେ ସେ କିପରି ବାର୍ତ୍ତାଦେବା ପାଇଁ ସକ୍ଷମ ହେବ ।

ବୁଝିଲି । ଆରେ ହଁ ସିନୁ, ନିମୀ କହୁଥିଲା ତୁମେ ଗୋଟାଏ ସାତ ଶହ ପୃଷ୍ଠାର ପୁସ୍ତକ 'ନିଆଁରୁ ନିର୍ଝର' ଲେଖିଛ । ତା' ଉପରେ ବହୁ ଚର୍ଚ୍ଚା ଚାଲିଛି । ମତେ ସବୁବେଳେ ପ୍ରଥମ କପିଟି ଦେଇଥାଅ, ଏ ଯାକେ କାହିଁକି ଦେଇନ ! ନାଁ ମନକୁ ଆସିଲା ଭାଉଜଟା କ'ଣ ଗୋଟାଏ ମଣିଷରେ ଗଣା ଯାଏ ! ଏତେ ମୋଟା ବହିଟା ପଢ଼ିବାକୁ ତାର ଧୈର୍ଯ୍ୟ ରହିବ ନା ପଢ଼ିଲେ ମଧ୍ୟ କିଛି ତା' ମୁଣ୍ଡ ଭିତରକୁ ପଶିବ !

ସତରେ ମୁଁ ଦୁଃଖିତ ଭାଉଜ । ମାତ୍ର ସତ କହିବି ଯଦି ତୁମକୁ ବିଶ୍ୱାସ ଯୋଗ୍ୟ ନ ହୋଇପାରେ । ମତେ ନିଜକୁ ମଧ୍ୟ ଖଣ୍ଡିଏ କପି ମିଳିନି । ପ୍ରକାଶକଙ୍କ ଉପରେ କେଶ୍ ତ କରିବିନି !

ସେ ଅସୁବିଧା କଥା ମତେ ଅଳ୍ପ ବହୁତେ ଜଣା ଅଛି ସିନୁ । ହଁ ଶୁଣ, ଆମେ ସେଇ ନଳିନୀ ମିଶ୍ରକୁ ପ୍ରକାଶକଙ୍କ ପଛରେ ଲଗେଇ ଦେବା । ଥଣ୍ଡା କରିଦେବ । ଟିକିଏ ମଜା କରିବା ଢଙ୍ଗରେ କହିଲେ ରାନୁ ଭାଉଜ ।

ନା ବାବା ନା, ସେମାନଙ୍କୁ ଥଣ୍ଡା କରିବାର ବାହାନା ଦେଖାଇ 'ଅରୁନ୍ଧତୀ'କୁ ଜାଳିଲା ଭଳି ଆମକୁ ମଧ୍ୟ ତା'ର ବନ୍ଧୁ ବୋଲି ଜଳାଇ ନ ଦେଉ । ହଁ, ଆଉ ଗୋଟାଏ କଥା ଆଜିକାଲି ଦୁନିଆରେ ଗୋଟିଏ ନଳିନୀ ନାହାନ୍ତି ଭାଉଜ । ସମସ୍ତେ ସ୍ୱାର୍ଥୀ ।

ISSN NO.
2582-208X

ଠିକ୍ କହୁଛ, ଏ ଧନଲୋଭୀ ମାନଙ୍କୁ ଭରସା ନାହିଁ । ଆରେ ସିନୁ, ମୁଁ ବର୍ଷା ଠାରୁ ତୁମର 'ପାପ ବର୍ଷା' ବହିଟି ଆଣି ପଢ଼ିଲି । ବହୁତ ଭଲ ଲାଗିଲା । ନାମଟି ମଧ୍ୟ ଅଦ୍ଭୁତ ସଂଗେ ସଂଗେ ଉତ୍କୃଷ୍ଟ । ବହିଟି ପଢ଼ିଲେ ସମାଜରେ ପ୍ରଚଳିତ ଅନ୍ଧବିଶ୍ବାସ ମାନଙ୍କ ଉପରେ ଘୃଣା ଜାତ ହୁଏ । ସେଇ ଗମ୍ଭୀର ବିଷୟ ମାନଙ୍କର ଆଲୋଚନା କରିବା ସମୟରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଆଲୋଚିତ ବିଷୟଟି ପାଠକଲେ କେହି ବି ପାଠକ ଅନ୍ୟ ଏକ ଦୁନିଆରେ ପହଞ୍ଚିଯିବ ।

ସେଥିପାଇଁ ମୋର କିଛି ଶ୍ରେୟ ନାହିଁ ଭାଉଜ । ତାହା ସଂପୂର୍ଣ୍ଣ ରୂପେ 'ଅରୁନ୍ଧତୀ'ର ଅନୁଭୂତି ।

ଅର୍ଥାତ୍ ???

ଦିନ, ତାରିଖ, ମାସ ବର୍ଷ କିଛି ମୋର ମନେ ନାହିଁ । ଏପରିକି ପ୍ରବଚନ ଶୁଣାଉ ଥିବା ଯୋଗୀ ଜଣଙ୍କ ନାମ 'ଅରୁନ୍ଧତୀ' କ'ଣ କହିଥିଲା ତାହା ମଧ୍ୟ ଭୁଲିଯାଇଛି । ସେ ଯାଇଥିଲା ହଜଖଜ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର । ମନ୍ଦିର ପ୍ରାଙ୍ଗଣର ତଳ ଭାଗରେ ବହୁ ଜନ ସମାଗମ ଥିଲା । ପାହାଚରେ ଓହ୍ଲାଇ ବସିବା ପାଇଁ ସ୍ଥାନଟିଏ ଖୋଜୁଥିଲା ସେ । କାନରେ ପଡ଼ିଲା, ସ୍ଵାମୀଜୀଙ୍କର ଶ୍ରୋତାମାନଙ୍କ ପାଇଁ ଗୋଟିଏ ଛୋଟ ପ୍ରଶ୍ନ । "ଜଗତରେ ଏମିତି କେହି ପ୍ରାଣୀ ଅଛି ଯାହାର କିଛି ସମସ୍ୟା ନାହିଁ । ଯେଉଁଥିପାଇଁ ମଣିଷଟି ସଦା ସର୍ବଦା ଖୁସି !" କେହି ଗୋଟିଏ ମଧ୍ୟ ଶ୍ରୋତା ହାତ ଉପରକୁ କରି ନ ଥିଲେ । ସେଇମିତି ପାହାଚ ନିକଟରେ ଛିଡ଼ା ହୋଇ ସେ ଦୁଇହାତ ଉପରକୁ କରିଥିଲା । ସ୍ଵାମୀଜୀଙ୍କର ଆଦେଶ କ୍ରମେ ନରହରି ବାବୁ ଆସି ତାକୁ ସାମ୍ନାକୁ ଆହ୍ଵାନ କରି ନେଇଥିଲେ । କହିବା ବାହୁଲ୍ୟ, ସେ ଅରୁନ୍ଧତୀର ସମ୍ୟକ ପରିଚୟ ମଧ୍ୟ ସ୍ଵାମୀଜୀଙ୍କୁ ପ୍ରଦାନ କରି ସାରିଥିଲେ । ଅରୁନ୍ଧତୀକୁ ତାଙ୍କ ନିକଟରେ ଦେଖୁ ଦେଖୁ ସ୍ଵାମୀଜୀଙ୍କର ପ୍ରଶ୍ନ ଥିଲା, "ସତରେ ଆପଣ ଜୀବନରେ ଅହରହ ଖୁସି ! ତାହା କେମିତି !!"

ଖୁସି ରହିବାର ଫଣ୍ଡା(ଫନ୍ଦ) ବ୍ୟକ୍ତ କରିବାକୁ ଯାଇ ଅରୁନ୍ଧତୀ କହିଥିଲା, ଖୁସି ରହିବା ନିଜ ଉପରେ ନିର୍ଭର କରେ ସ୍ଵାମୀଜୀ । ଖୁସି ବୋଲି କୌଣସି ଏକ ନିର୍ଦ୍ଦିଷ୍ଟ ବସ୍ତୁ ନାହିଁ ।

ISSN NO.
2582-208X

ବାପା କହିଥାନ୍ତି ଯଦି ତୁମର ମନେହୁଏ କୌଣସି ଅପ୍ରୀତିକର ପରସ୍ଥିତି ଉପୁଜୁଛି ଆଉ ତାହା ଦ୍ୱାରା ତୁମେ ତୁମର ସମସ୍ତ ସୁଖ ଶାନ୍ତିକୁ ହରାଇ ବସିବ ସେତେବେଳେ ତୁମେ ଥରକ ନିମନ୍ତେ ତୁମର ତଳ ସ୍ତରକୁ ଦୃଷ୍ଟି ନିକ୍ଷେପ କରିବ । ଯଦି ଏହି ଅପ୍ରୀତିକର ପରିସ୍ଥିତିଟି ସେଇ ଦୁଃସ୍ଥ ପାଇଁ ଆସିଥାନ୍ତା, ତେବେ? ସେ ଦୃଷ୍ଟିରୁ ଦେଖିବାକୁ ଗଲେ ତା ନିଜର ସ୍ଥାନ ବହୁତ ଊର୍ଦ୍ଧ୍ୱର । ଏମିତି ନୁହେଁ କି ତା ଜୀବନରେ କିଛି ଅସ୍ୱସ୍ତିକର ପରିସ୍ଥିତି ଆସିନି । ମାତ୍ର ଏଇ ମହାମନ୍ତ୍ରଟିକୁ ଜପ କରି ସେ ଜୀବନର ପ୍ରତିଟି ପର୍ଯ୍ୟାୟରେ ସମସ୍ତ କ୍ଷେତ୍ରରେ ଖୁସି । ଅର୍ଥାତ୍ ପ୍ରକୃତ ଖୁସି ବାହାରୁ ଲାଭ ହୋଇ ନ ଥାଏ, ତାହା ନିଜ ଭିତରୁ ।

ସତରେ ସିନୁ, ତୁମଠାରୁ ଅରୁନ୍ଧତୀ ବିଷୟରେ ଶୁଣି ଶୁଣି ମୋର ମନେ ହୁଏ, ଦିନରାତି ଆମେ ଅଗଣିତ ମହୀୟସୀ ମାନଙ୍କର ନାମ ନେଇଥାଉ । ମୋ ହାତରେ ଯଦି ଏହା ନିର୍ଣ୍ଣୟ କରିବାର ଶକ୍ତି ଥାଆନ୍ତା, ତେବେ ମୁଁ ଏଇ ବହୁମୁଖୀ ପ୍ରତିଭାଟିର ନାମ ପ୍ରଥମରେ ରଖନ୍ତି ।

ମୁଁ ତୁମ କଥାରେ ସଂପୂର୍ଣ୍ଣ ଏକମତ ଭାଉଜ । ମାତ୍ର ବର୍ତ୍ତମାନ ପରିସ୍ଥିତିରେ କେବଳ ଅରୁନ୍ଧତୀ ଆତ୍ମାର ସଦ୍‌ଗତି କାମନା କରିବା ବ୍ୟତୀତ ଆମେ ଅନ୍ୟ କିଛି କରି ପାରିବାନି ।

ମୁଁ ଏବେ ଫୋନ୍ ରଖୁଛି ସିନୁ । ତୁମ ଭାଇଙ୍କର ଔଷଧ ଖାଇବା ସମୟ ହେଲାଣି । ଏଇ ଅସୁସ୍ଥତାଟି ତାଙ୍କୁ ପିଲାଟିଏର ସ୍ତରକୁ ନେଇ ଯାଇଛି । ପିଲାଙ୍କ ଭଳି ଅର୍ଦଳି, ଅବୁଝା, ଅମାନିଆ ବିଶେଷ କରି ଆଗ୍ରହାତିଶଯ୍ୟ ।

ବୁଝୁଛି ଭାଉଜ । ତୁମ ସାହସ ଏବଂ ଧୈର୍ଯ୍ୟର ଯେତେ ପ୍ରଶଂସା କଲେ ବି ନିଅଣ୍ଟ ପଡ଼ିବ ।

ଭାଉଜଙ୍କର ଫୋନ୍ ରଖିବାର ବହୁ ସମୟ ବିତି ଯାଇଥିଲେ ମଧ୍ୟ ସୀମନ୍ତିନୀ ମନକୁ ମନ କହି ହେଉଥିଲେ ଭାରତର ଜନସଂଖ୍ୟା ଉପରେ ଦୃଷ୍ଟି ନିବିଦ୍ଧ କଲେ ଆମେ ଦେଖିଥାଉ ପୁରୁଷ ଓ ନାରୀମାନଙ୍କର ସଂଖ୍ୟା ପ୍ରାୟତଃ ସମାନ । ତେବେ କ'ଣ ପାଇଁ ଏହି ତାରତମ୍ୟ। କାହିଁକି ଆଜି ମଧ୍ୟ ଆମ ଦେଶରେ ନାରୀକୁ ସମସ୍ତ ପ୍ରକାର ତାଡ଼ନା ସହ୍ୟ କରିବାକୁ ପଡ଼ିଥାଏ । ଶରୀରରେ ଛୁଞ୍ଚିଟିଏ ଫୋଡ଼ି ହୋଇଗଲେ ପୁରୁଷକୁ ଯେତିକି କଷ୍ଟ ହୋଇଥାଏ ସେତିକି ନାରୀକୁ ମଧ୍ୟ । ହୋଇପାରେ ନାରୀ ପ୍ରକାଶ କରି ନ ଥାଏ । ମାତ୍ର

ISSN NO.
2582-208X

ଈଶ୍ୱରଙ୍କ ସୃଷ୍ଟିରେ ତ ଦୁଇଟି ଯାକ ପ୍ରାଣୀ ସମାନ । ଜାଣେ ଅଜାଣତେ ଶରୀରର କୌଣସି ସ୍ଥାନରେ ଗରମ ତେଲ ଟିକିଏ ପଡ଼ିଗଲେ ଦୁହିଁଙ୍କୁ ସମାନ ଧରଣର କଷ୍ଟ ହୋଇଥାଏ । ମାତ୍ର ସାମାଜିକ ସ୍ତରରେ ପତିର ମୃତ୍ୟୁ ବାଦ ପତ୍ନୀକୁ ପତିର ଜ୍ୱଳନ୍ତ ଜୁଇରେ ଜଳିଯିବା ପାଇଁ ଦିଆଯାଇଥାଏ । ଏଇଟା କେଉଁ ଧରଣର ନ୍ୟାୟ ! ଜେଜେମା ସ୍ତରୀୟମାନଙ୍କଠାରୁ ବାରମ୍ବାର ସେଇ କଥାମାନ ଶୁଣି ଶୁଣି ସୀମନ୍ତିନୀଙ୍କ ମନରେ ଭୟ ଜମି ଯାଇଥିଲା । ଯାହା ତାଙ୍କୁ ସାରା ଜୀବନ ଅବିବାହିତା ରହିବା ପାଇଁ ପଣ କରାଇଥିଲା।

ନାରୀ...... ସେ ଏକ ପୋଷ୍ୟ ପଶୁ । ସମସ୍ତ ପରିବାରରେ ସେଇ ପଶୁଟି ଅନିବାର୍ଯ୍ୟ ରୂପେ ଦେଖା ଯାଇଥାଏ । ସେଇ ପଶୁ ଟିକୁ ପାଳିବାର ସମ୍ପୂର୍ଣ୍ଣ ଅଧିକାର ପତି ରୂପୀ ଖାଉନ୍ଦଟି ଉପରେ । ପତ୍ନୀ ନାମ୍ନୀ ପ୍ରାଣୀଟିର ଦୁଇଟି ଆଖି ଥାଏ । ମାତ୍ର ମୂକ ରହି ତାହା ଦ୍ୱାରା ତାଙ୍କୁ ସବୁ କିଛି ଦେଖିବା ପାଇଁ ହୋଇଥାଏ । ତା'ର ଦୁଇଟି କାନ ଥାଏ । ଯାହା ସ୍ୱାମୀର ସମସ୍ତ ପ୍ରକାର ଆରୋପକୁ ବିନା ଦ୍ୱିଧାରେ ସହ୍ୟ କରି ଯାଇଥାଏ । ସେଇ ପ୍ରାଣୀଟିର ଗୋଟିଏ ମୁଖ ମଧ୍ୟ ଥାଏ । ଯେ ପର୍ଯ୍ୟନ୍ତ ମୂକ ରହି ସବୁ କିଛିକୁ ଆବୋରି ନେଇଥାଏ ସେ ଯାବତ୍ ସବୁ ଠିକ୍ । ଭୁଲ ଭଟକରେ କେବେ ଯଦି ଖୋଲିଗଲା ସବୁକିଛି ଅସମ୍ଭାଳ । ଭାଉଜଙ୍କ ଜୀବନରେ ତ ସେଇଆ ଘଟିଥିଲା । ଉଚ୍ଚ ଶିକ୍ଷିତା ଭାଉଜଙ୍କୁ ଏକ ଗ୍ରାମୀଣ ଅବଗୁଣ୍ଠନ ବତୀ ରୂପେ ଜୀବନ ଯାପନ କରିବାକୁ ପଡ଼ିଥିଲା । ନାରୀ ହେଉଛି ଗୋଟିଏ ମେସିନ । ଘୁରି ଘୁରି ସବୁ କାମ କରି ଚାଲିଥିବା ସଙ୍ଗେ ସଙ୍ଗେ ପିଲା ଜନ୍ମ କରୁଥିବ । ଭାଉଜଙ୍କ ପାଇଁ ସବୁ ପ୍ରଯୁଜ୍ୟ ଥିଲା । ନୀରୁ ଭାଇଙ୍କ ପ୍ରଦତ୍ତ ସମସ୍ତ ଯାତନାକୁ ମୂକ ରହି ସହ୍ୟ କରିଯାଉଥିଲେ ଭାଉଜ । ଯେଉଁଦିନ ତାଙ୍କର ପିଲାମାନେ ବାପର ଅସାମାଜିକ ଗୁଣଟିକୁ ଶତ ପ୍ରତିଶତ ଗ୍ରହଣ କରିବାକୁ ଶ୍ରେୟ ମନେ କଲେ ରାନୁ ଭାଉଜ ମୁହଁ ଖୋଲିଥିଲେ । ସେଇ ଥିଲା ପତିଙ୍କ ସହ ତାଙ୍କର ଶେଷ ଦିନ । ବହୁବର୍ଷ ବିତି ଯାଇଥିଲା । ପିଲାମାନେ ବଡ଼ ହୋଇ ନିଜ ନିଜର ସଂସାର ବସାଇଥିଲେ । ନୀରୁ ଭାଇଙ୍କୁ ଏକ ସାଙ୍ଘାତିକ ରୋଗ ମାଡ଼ି ବସିଥିଲା । ପ୍ରେୟସୀ ମାନେ ଯେଝା ଯେଝା ବାଟ ଧରିଥିଲେ । ଅସହାୟ ଅବସ୍ଥାରେ ହସ୍ପିଟାଲରେ ପଡ଼ି ରହିଥିବା ସ୍ଥାନରୁ ଯାଇ ତାଙ୍କୁ ଉଠାଇ ଆଣିଥିଲେ ରାନୁ ଭାଉଜ । ଏଇତ ନାରୀ ।

ISSN NO.
2582-208X

ବିଜୁଳୀ ଚମକିଲେ ଆକାଶ ବଦଳି ଯାଇଥାଏ, ତୋଫାନ ଆସିଲେ ଦିନ ରାତି ବଦଳି ଯାଇଥାଏ, ନାରୀ ଶକ୍ତି ଗର୍ଜି ଉଠିଲେ ଇତିହାସ ବଦଳି ଯାଇଥାଏ । ଯାହା ଆମେ ପିଲାଟି ଦିନୁ ଶୁଣି ଆସିଥାଉ ତାହା ହେଲା, ଦେବ ସ୍ତରରେ ମା' କାଳୀ ଯିଏ ହିନ୍ଦୁ ଧର୍ମର ଏକ ପ୍ରମୁଖ ଦେବୀ । ସୁନ୍ଦରୀ ରୂପଧାରୀ ଆଦିଶକ୍ତି ଦୁର୍ଗା ମାତାଙ୍କର ସୁନ୍ଦର ରୂପ ଏକ ବିକରାଳ ତଥା ଭୟପ୍ରଦ ରୂପରେ ପରିବର୍ତ୍ତନ ହେବାର ଲକ୍ଷ୍ୟ ଥିଲା ଅସୁର ମାନଙ୍କୁ ସଂହାର କରିବା। ଅର୍ଥାତ୍ ମନ୍ଦ କର୍ମକୁ ନିଜର ଗ୍ରାସ ରୂପେ ଗ୍ରହଣ କରିବା । ମହାକାଳୀ କେବଳ ଦାନବୀୟ ପ୍ରକୃତି ମାନଙ୍କୁ ନାଶ କରିଥାନ୍ତି । ଅର୍ଥାତ୍ ଦୟାଭାବ ବିହୀନ ମଣିଷ ମାନଙ୍କ ପାଇଁସେ କାଳ । ଅନ୍ୟଥା ସରଳ ମତି ମାନବ ମାନଙ୍କର ଶୁଭେଚ୍ଛୁ ।

ଯଦି ଆମେ ମାନବସ୍ତରର କ୍ରୋଧିତ ନାରୀମାନଙ୍କ ଉପରେ ଦୃଷ୍ଟି ଫେରାଇ ଥାଉ ପ୍ରଥମତଃ ସାମ୍ନାକୁ ଆସିଥାନ୍ତି ବେଗମ ହଜରତ ଏବଂ ମରାଠା ଶାସିତ ଝାନ୍ସି ରାଜ୍ୟର ବୀରାଙ୍ଗନା ଲକ୍ଷ୍ମୀବାଇ । ମାତ୍ର ଅଣତ୍ରିଶ ବର୍ଷୀୟା ମହିଳା ଦେଶ ପାଇଁ ଇଂରେଜ ସେନା ମାନଙ୍କ ଉପରେ ଲମ୍ଫ ପ୍ରଦାନ କରିବାର ସାହସ ସଂଚୟ କରିଥିଲେ ।

କ୍ରୋଧିତ ନାରୀ ମାନଙ୍କୁ ବାଦ ଦେଇ ଆମେ ଯଦି କରୁଣାମୟୀ ମାନଙ୍କ ଉପରେ ଦୃଷ୍ଟି ନିବିଦ୍ଧ କରୁ ଇତିହାସ କାହିଁକି ଆମେ ଆମରି ଦୁଇ ଆଖିରେ ସ୍ପଷ୍ଟ ଦେଖିଛୁ ଏଇ ଦୁଇ ନାରୀଙ୍କୁ । ରାନୁ ଭାଉଜ ଏବଂ ଅରୁନ୍ଧତୀ । ଯେଉଁ ଦୁଇଜଣ ଙ୍କର ଦୁଃଖ ମୟ ଜୀବନ ହିଁ ସୀମନ୍ତିନୀଙ୍କୁ ସାରା ଜୀବନ ଅବିବାହିତା ରହିବା ପାଇଁ ଦୃଢ କରିଥିଲା । ହେଲେ ସେ ଜୀବନରେ ବି କ'ଣ ଶାନ୍ତି ଅଛି । ଇଶ୍ୱର ତାଙ୍କ ସୃଷ୍ଟିରେ ଗଢ଼ିଛନ୍ତି ଦୁଇଟି ଲିଙ୍ଗ । ଏକ ଅନ୍ୟର ପରିପୂରକ । ଇଶ୍ୱରଙ୍କ ଆଜ୍ଞାର ଅବଜ୍ଞା କରି ସେ କ'ଣ ସତରେ ନିଜକୁ ପ୍ରତିଷ୍ଠିତ କରି ପାରିଥିଲେ ! ବାହାରକୁ ପ୍ରକାଶ ନ କରିଥିଲେ ମଧ୍ୟ ତାହା ଏକ ନିରୁତା ସତ୍ୟ । ପିଲାଟି ଦିନରୁ ସୀମନ୍ତିନୀ ଥିଲେ ବହୁମୁଖୀ ପ୍ରତିଭା ଧାରୀ । ବାପା ଥିଲେ ଜଣେ ରୁଢ଼ିବାଦୀ ଉଚ୍ଚ ପଦସ୍ଥ ଅଫିସର । ପ୍ରତ୍ୟକ୍ଷରେ ସେ ସୀମନ୍ତିନୀଙ୍କ ପାଇଁ ଭୁଲ ବଶତଃ ଅନୁସଂଶା ନ କରିଥିଲେ ମଧ୍ୟ ତାଙ୍କ ନାମର ଉପସ୍ଥିତି ସୀମନ୍ତିନୀଙ୍କୁ ନିଜର ପ୍ରାପ୍ୟ ହାସଲ କରିବାରେ ସାହାଯ୍ୟ କରିଥିଲା । ମାତ୍ର ବାପାଙ୍କ ଅନ୍ତେ ସେ ଭାଂଗି ପଡ଼ିଥିଲେ । କିଏ ତାଙ୍କୁ ସାରା ଜୀବନ ସହାୟତା କରିବ । ରାନୁ ଭାଉଜଙ୍କୁ ମନେ ପକାଇଥିଲେ ବିବାହିତ ଜୀବନର

ISSN NO.
2582-208X

ପ୍ରଥମ ପର୍ଯ୍ୟାୟରେ ରାନୁ ଭାଉଜ ଥିଲେ ଏକ ଗୃହକର୍ତ୍ତ୍ରୀ ରୂପେ ପରିଚିତା ଥିଲେ । ସୀମନ୍ତିନୀ ଲକ୍ଷ୍ୟ କରିଥିଲେ, ନୀରୁ ଭାଇଙ୍କର ଉପସ୍ଥିତି ସମୟରେ ତାଙ୍କୁ ବାହାର କାମ କାର୍ଯ୍ୟ କରିବାରେ କୌଣସି ପ୍ରତିବନ୍ଧକ ଆସୁ ନ ଥିଲା । ନୀରୁ ଭାଇ ଘର ଛାଡ଼ି ଚାଲିଯିବା ପରେ ରାନୁ ଭାଉଜଙ୍କୁସେଇ ସରଳ କାମ ଗୁଡିକ ପାଇଁ ମଧ୍ୟ ରୀତିମତ ସଂଗ୍ରାମ କରିବାକୁ ପଡୁଥିଲା । ପୁଣି ଆସିଥିଲା ତାଙ୍କର ପେଷା ଜନିତ ଜୀବନ । ଅନ୍ୟ ମାନଙ୍କ ତୁଳନାରେ ପ୍ରତିଦ୍ୱନ୍ଦିତାରେ ଶ୍ରେଷ୍ଠ ହୋଇଥିଲେ ମଧ୍ୟ ତାଙ୍କୁ ବାରମ୍ବାର ସଂଗ୍ରାମ କରିବାକୁ ପଡୁଥିଲା, ସେଥିପାଇଁ ସେ ଥରେ ମାତ୍ର ମଧ୍ୟ ସ୍ୱର ଉତ୍ତୋଳନ କରି ନ ଥିଲେ । ସେ ଜାଣିଥିଲେ ଏହା ହେଉଛି ପୁରୁଷ ପ୍ରଧାନ ଦେଶ । ନାଁ ସେ ପୁରୁଷ ଗୋଷ୍ଠୀର ନାଁ ତାଙ୍କ ନିକଟରେ ପୁରୁଷ ସହାୟତା ଅଛି । ଏଇମିତି ଦୁଃଖ ସୁଖର ଫେଣ୍ଟା ଫେଣ୍ଟି ଜୀବନର ଚିନ୍ତାଧାରା ନେଇ କେବେ ଯେ ସୀମନ୍ତିନୀ ନିଜ ଚଲାପଥରେ ପରିବର୍ତ୍ତନ ଆଣିଦେଇଥିଲେ ତାହାସେ ନିଜେ ମଧ୍ୟ ଭୁଲି ଯାଇଥିଲେ । ସମୟ କ୍ରମେ ଡାକ୍ତର ବିକାଶ ହିଁ ହୋଇଥିଲେ ତାଙ୍କର ସଦା ସର୍ବଦା ସହାୟକ । ଝରକା ବାହାରୁ ଦୃଷ୍ଟିଫେରାଇ ବାହାର ରୁମ୍ ଆଡ଼କୁ ଦୃଷ୍ଟି ଫେରାଇଲେ ସୀମନ୍ତିନୀ । ପରଦା ଉହାଡ଼ରୁ କାନ୍ଥ ଉପରେ ଦୋଳାୟିତ ଫଟୋଟିରୁ ଶ୍ରୀ ଜଗନ୍ନାଥଙ୍କର ଚକାଡ଼ୋଳା ଦୁଇଟି ସ୍ପଷ୍ଟୀଭୂତ ହେଉଛି । ପୁଣି ମନକୁ ମନ କହି ଚାଲିଲେ; ନାରୀର ତପସ୍ୟା, ତ୍ୟାଗରୁ ତୁ କେଉଁ ପର୍ଯ୍ୟନ୍ତ ମୁହଁ ଫେରାଇ ରହିବୁ କାଳିଆ ? ନାରୀର ଅପମାନ କେଉଁ ଯାବତ ତୁ ମୁଖ ବନ୍ଦ କରି ଏଇ ବଡ଼ ବଡ଼ ଚକା ନୟନରେ ଦେଖି ଯାଉଥିବୁ ?? ଦାନବୀୟ ପ୍ରକୃତି ମାନବ ମାନଙ୍କ କଣ୍ଠରେ ପ୍ରବେଶ କରି କେବେ ସମାନ ଅଧିକାରର ଘୋଷଣା କରିବୁ ??? ଏ ସଂଘର୍ଷର କ'ଣ ଅନ୍ତଃ ନାହିଁ ???? ଏଇ ନିରୀହା ମାନଙ୍କର ଦୟନୀୟ ଅବସ୍ଥାରେ ତୁ ଖୁସି ତ ! ସେତିକି ମୋର ତୋ ପାଇଁ ପ୍ରଶ୍ନ ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ସମ୍ପର୍କ



ସରସ୍ୱତୀ ମିଶ୍ର

ସଂପର୍କର କାଠଗଡାରେ
ଛିଡା ହୋଇ
କିଛି କହିବି କହିବି ବୋଲି
ଡୁବି ମାରିଯାଏ ମୁଁ
ଯେତେବେଳେ ଦେଖେ
ସମ୍ପର୍କକୁ ବଞ୍ଚାଇବାକୁ
ଚେଷ୍ଟାକରି,
ଝୁକି ଝୁକି
ମୁଁ ହଜାଇ ବସିଛି
ମୋର ସ୍ୱାଭିମାନ
ମୋର ଆତ୍ମ ସମ୍ମାନ ଆଉ
ଇଜ୍ଜତ୍ ॥

ସମ୍ପର୍କ
ଅଧୁନିକ ଯୁଗର
କେବେ ହସାଏ
ତ କେବେ,
ସ୍ୱପ୍ନିଳ ନୟନ ଦ୍ୱୟେ

ISSN NO.
2582-208X

ଭରିଦିଏ ଲୋତକର ବନ୍ୟା
କେବେ ଦୁଃଖର ଘନଘୋର
ତମସାରେ
ସାଥୀଟିଏ ହୋଇ
କ୍ଷତରେ ନିଉସ୍ପ୍ରିନ୍
-ମଲମ ଲଗାଇ ଯାଏ
ତ କେତେବେଳେ
ନିଜେ ଦେଇଯାଏ
ସମସ୍ତ ସହସ୍ର କ୍ଷତ ॥

ଯେତେବେଳେ
ବିଶ୍ୱାସ ଧରି ଆସେ
ପ୍ରଗାଢ ରଙ୍ଗର ରଙ୍ଗିମାକୁ
ସେତେବେଳେ
ହଠାତ୍ କିଏ,
ବିଶ୍ୱାସରେ ବିଷ ଦେଇଯାଏ
ଯେଉଁଠାରେ
ଅନ୍ତରରୁ ଫିଟିପଡେ
ସ୍ନେହର ମୁକୁଳା,
-ନିର୍ଝରିଣୀ ଟିଏ
ସେଇଠାରୁ ପଡେ
ଏକ ଶକ୍ତ ଧକ୍କା
ଅଜବ ଏ ମଣିଷ
ଭଲକୁ ଭୁଲିବାକୁ
ଏକ ସେକେଣ୍ଡ ବି
ଲାଗେନାହିଁ
ମନ୍ଦକୁ ସାଙ୍ଗେ ସାଙ୍ଗେ

ISSN NO.
2582-208X

ଲୁଗାକାନିରେ
ଗଣ୍ଠିପାରି ରଖିଥାଏ ।

ସମ୍ପର୍କ
ଆଜି ଓ କାଲିର
ଭାରି ଅଦ୍ଭୁତ
ଭାରି ବିଚିତ୍ର
କେଉଁଠାରେ ନଇଁଦେଲେ
ଟିକେ ଗାଢ ହୋଇଯାଏ
ତ କେଉଁଠାରେ
ଆହୁରି ଆହୁରି
ନଇଁଯାଉ ବୋଲି
ଜଣେ
ଭରପୁର ଫାୟଦା
ଉଠାଏ ॥

ତଥାପି
ଏ ସମ୍ପର୍କ
ଜୀବନରୁ କାଟିହୁଏ ନାହିଁ
ସୁଖେ-ଦୁଃଖେ
ସବୁଠି ଦରକାର ହୁଏ
ସମ୍ପର୍କଟିଏ, ସାଥୀଟିଏ
ନହେଲେ ଆସେନାହିଁ
ଦୁଃଖ-ଲୁହ,
କଷ୍ଟ-ସୁଖର
ନିଟୋଳ ପୂର୍ଣ୍ଣିମା ରାତ୍ରୀର

ISSN NO.
2582-208X

ଜୋଛନାରେ
ଗାଧୋଇବାର ମଜା ॥

ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ
ଲମ୍ବିଯାଇଥାଏ
ଯେଉଁ ଅଙ୍କାବଙ୍କା ପଥ
ସେଥିରେ ଯୁଟିଯାନ୍ତି
ଅନେକ ସାଥୀ ବାଟୋଇ
ସେଥିରୁ ଜନ୍ମନିଏ
ଅନେକ ସମ୍ପର୍କ
କେଉଁଟା ଜୀବନର ଶେଷ
ପର୍ଯ୍ୟନ୍ତ
କେଉଁଟିବା,
ଅଳ୍ପବର୍ଷ,
ଅଳ୍ପଦିନ ପର୍ଯ୍ୟନ୍ତ
କିନ୍ତୁ ଏଇ ଜୀବନର
ରଙ୍ଗିନ ଚଳଚ୍ଚିତ୍ର
ବନିପାରେନାହିଁ
ପାଞ୍ଚଟା ସମ୍ପର୍କର ବିନା
ବିନା ସମ୍ପର୍କରେ
ଏ ମଣିଷ
ଜିଇଁବା ତ ଜିଇଁବା
ତିଷ୍ଠିବା ବି ଅସମ୍ଭବ ॥

ସବୁ ଜାଣିବି,
ଏ ମଣିଷ ହେଉଥାଏ
ଦିଗହରା

ISSN NO.
2582-208X

କେଉଁଠି ନିଜ ସୁଖ-ଦୁଃଖର
ସହଭାଗିନୀ ପତ୍ନୀକୁ
ଜାଳିଦିଏ
ଯୌତୁକର ଜ୍ୱଳିତ
ଅଗ୍ନିଶିଖାରେ
ତ କେଉଁଠି
ନିଜ ଦେବତୁଲ୍ୟ ବାପା ମାଙ୍କୁ
ଅଣଦେଖା କରି
ସ୍ୱାର୍ଥପର ହୋଇ ଦିଏ
ଅସଂଖ୍ୟ ବେଦନା ॥

ତଥାପି କଦାଚ,
ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ
ଭିନ୍ନ ଭିନ୍ନ ସମ୍ପର୍କର
ଡୋରିରେ ବନ୍ଧାଏ ମନୁଷ୍ୟ
କେଉଁଠି,
ଏ ସମ୍ପର୍କ ପାଇଁ
ମଣିଷ ମନର ନିଶୂନ୍
ରାତ୍ରୀରେ
ଅଭିସାର ରଚେ
ତ କେଉଁଠାରେ
ଏ ସମ୍ପର୍କ ହିଁ ହୁଏ
ତା ମୃତ୍ୟୁର ଏକମାତ୍ର
ଅନିବାର୍ଯ୍ୟ କାରଣ ॥

ଫୋନ - ୮୮୯୫୫୫୮୯୭୬

ISSN NO.
2582-208X

# ଶବର କୋଣାର୍କ

ପ୍ରକାଶ କୁମାର ପାଣିଗ୍ରାହୀ

ଛାତି ପଥରରେ ପାଦ ଅଳତାରେ
ଆଙ୍କି ଥିଲୁ ଯେଉଁ ଗାର
ପ୍ରତିଟି ଗାରରେ ଅଙ୍କା ହୋଇଥିଲା
ଅଢେଇ ଅକ୍ଷର ଠାର,
ଜହ୍ନ ଆଲୁଅରେ ପଢ଼ିଥିଲି ବୋଲି
ପ୍ରତିଟି ଅକ୍ଷର ଭାବ
ଜୀବ ଥାଉ ଥାଉ ଶରୀରଟା ହେଲା
ଅଭିଶପ୍ତ ଏକ ଶବ,
ଶବର କୋଣାର୍କେ ଯଦି କିଏ ଆଙ୍କେ
ପ୍ରତି ଅତୀତକୁ ମୋର
କିଛି ପଢି ମୋତେ ଆଦର୍ଶ ମାନିବେ
କିଛି କରିବେ ଆଦର,
ବଳକାରୁ କିଛି ନିଶ୍ଚିତ କରିବେ
ମୋ ଶବକୁ ତିରସ୍କାର....
ଛାତି ପଥରରେ ପାଦ ଅଳତାରେ
ଆଙ୍କି ଥିଲୁ ଯେଉଁ ଗାର ।।

ଚକାପଦା(ଖୋର୍ଦ୍ଧା)
୯୧୭୮୪୭୫୪୩୭

ISSN NO.
2582-208X

# ରାତିଆସି ଫେରିଯାଏ



ପ୍ରଶାନ୍ତ କୁମାର ଦାଶ

ଅନ୍ଧାରରେ ଏକାଏକା
ରହିଥାଏ ତୁମ ବାଟଚାହିଁ
ଜହ୍ନଆସି ଦିଏ ହସି
ଶେଷରେ ପାଲଟେ ଛାଇ ।।

ସତେକି ଆକାଶ ଦେହେ
ବାଦଲଟା ପାଲଟଇ ଗଛ
ଭାବୁଥାଏ ତୁମକଥା
ନିଜକଥା କରି ସବୁ ପଛ ।।

ଜହ୍ନର ଦେହରୁ ଖସି
ଯୋଛନାତ ଆଲୁଅଟି ପରି
ହସାଏ ସହର ଗାଆଁ
ରାତିତ ଯାଏନି ସରି ।।

ନଈର ପାଣିରେ ପଡ଼ି
ଆକାଶର ସବୁ ତାରା ଫୁଲ
ସତେକି ପାଣିକୁ ହସି
କରୁଥାନ୍ତି ଆଦରରେ ଗେଲ ।।

ISSN NO.
2582-208X

ଜୋଛନାର ବରଷାରେ
ଭିଜୁଥାଏ ରାତିର ଦୁନିଆ
ମୋ ଛାତିରେ ଜଳୁଥାଏ
ପ୍ରିୟା ତୁମ ବିରହର ନିଆଁ ।।

ଲାଗଇ ସପନପରି
ତମେ ବୋହୂ ବେଶଧରି
ଆସିଛ ଘରକୁ ମୋର
ମୋ ପ୍ରାଣସଙ୍ଗିନୀ ସରି ।।

ମିଠା ମିଠା ଗୀତଗାଇ
ନିରବେ ପଡ଼ଇ ଶୋଇ
ତମେ କିନ୍ତୁ ଥାଅ ଦୂରେ
ଡାକିଲେବି ଆସନାହିଁ ।।

ରାତି ଆସି ଫେରିଯାଏ
ଆଖି ନିଦ ଭାଙ୍ଗିଯାଏ
ଦେଖେ ମୋର ଦୁଇଆଖି
ଲୁହ ଖାଲି ଢାଳୁଥାଏ ।।

କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
Mobile -9668822190

ISSN NO.
2582-208X

# ଏଲିଏନ୍ କଅଣ ସତରେ ଅଛନ୍ତି



ଡକ୍ଟର କମଳାକାନ୍ତ ଜେନା

ଆମେ ରହୁ ପୃଥିବୀ ଗ୍ରହରେ । ପୃଥିବୀ ଭଳି ଆହୁରି ୭ଟା ଗ୍ରହ ଓ ଅନେକ ପିଣ୍ଡକୁ ନେଇ ଆମ ସୌରଜଗତ ଗଠିତ । ବିଶ୍ୱ ବ୍ରହ୍ମାଣ୍ଡରେ କେବଳ ଆମ ସୌରଜଗତ ନୁହେଁ, ବରଂ ଲକ୍ଷ ଲକ୍ଷ ସୌରଜଗତ ରହିଛି । ସବୁ ସୌରଜଗତର ମୁଖିଆ ଅଛନ୍ତି । ସୌରଜଗତର ମୁଖିଆମାନେ ଗୋଟିଏ ଗୋଟିଏ ବିରାଟ ତାରା, ଯେମିତି ସୂର୍ଯ୍ୟ ହେଉଛି ଆମ ସୌର ଜଗତର ମୁଖିଆ ।

ପୃଥିବୀ ଯେପରି ଆମ ସୌରଜଗତରେ ସୂର୍ଯ୍ୟକୁ ପରିକ୍ରମା କରୁଛି, ଅନ୍ୟ ସବୁ ସୌର ଜଗତର ପିଣ୍ଡଗୁଡିକ ନିଜ ନିଜର ସୂର୍ଯ୍ୟ (ମୁଖିଆ) ଚାରିପଟେ ବୁଲୁଛନ୍ତି । ଆମ ସୌରଜଗତ ବାହାରେ ରହିଥିବା ପିଣ୍ଡଗୁଡିକ ଆମେ "ବାହ୍ୟଗ୍ରହ" (ଏକ୍ଜୋପ୍ଲାନେଟ୍) ବୋଲି କହୁ । ଆଜି ଆଧୁନିକ ଦୂରବୀକ୍ଷଣଯନ୍ତ୍ର ସହାୟତାରେ ଶହ ଶହ ବାହ୍ୟଗ୍ରହର ସନ୍ଧାନ ମିଳିଛି । ୨୦୨୪ ମସିହା ଅକ୍ଟୋବର ୪ ତାରିଖ ସୁଦ୍ଧା ଆମ ସୌରଜଗତ ବାହାରେ ୪୩୦୪ ସଂଖ୍ୟକ ସୌରଜଗତର ସନ୍ଧାନ ମିଳିଛି ଏବଂ ୯୬୫ ସଂଖ୍ୟକ ସୌରଜଗତର ଏକରୁ ଅଧିକ ବାହ୍ୟଗ୍ରହ ରହିଛି । ଏହିପରି ବାହାରେ ଥିବା ସେସବୁ ସୌରଜଗତରେ ନିଜ ନିଜର ମୁଖିଆ ସୂର୍ଯ୍ୟକୁ ପରିକ୍ରମା କରୁଥିବା ୫୭୬୫ ସଂଖ୍ୟକ ବାହ୍ୟଗ୍ରହକୁ ଚିହ୍ନଟ କରାଯାଇଛି । କିନ୍ତୁ ସତ କଥା ହେଉଛି, ଚିହ୍ନଟ ହୋଇଥିବା ବାହ୍ୟଗ୍ରହକୁ ଛାଡି ଆହୁରି କୋଟି କୋଟି ବାହ୍ୟଗ୍ରହ ଆମ ସୌରଜଗତ ବାହାରେ ଅଛନ୍ତି । ସେଗୁଡିକ ଉପରେ ଗବେଷଣା ଜାରି ରହିଛି । ସୌରଜଗତ ବାହାରେ କେବଳ ବାହ୍ୟଗ୍ରହ ଚିହ୍ନଟ କରିବା ଆମର ମୂଳ ଉଦ୍ଦେଶ୍ୟ ନୁହେଁ । ଅସଲ ଲକ୍ଷ୍ୟ ହେଉଛି ଆମ ସୌରଜଗତ ବାହାରେ

ISSN NO.
2582-208X

ପୃଥିବୀ ଭଳି ଜୀବଜଗତ ରହିଥିବା ଗ୍ରହର ସନ୍ଧାନ କରିବା । ସେସବୁ ଜୀବଜଗତ ସହିତ ସଂପର୍କ ସ୍ଥାପନ କରିବା । କିନ୍ତୁ ଦୁଃଖର କଥା, ଆମକୁ ଅନେକ ବାହ୍ୟଗ୍ରହ ମିଳିଥିଲେ ବି କୌଣସି ବାହ୍ୟଗ୍ରହରେ ଜୀବଜଗତ ଥିବାର ଠୋସ୍ ପ୍ରମାଣ ମିଳି ନାହିଁ । କିନ୍ତୁ ବାହାର ଗ୍ରହରେ ଜୀବଜଗତ ନାହିଁ ବୋଲି ଆମେ କହିପାରିବା ନାହିଁ ।

ଆଜିକୁ ୪୫୦ କୋଟି ବର୍ଷ ତଳେ ଯେତେବେଳେ ପୃଥିବୀ ଜନ୍ମ ହେଲା, ସେତେବେଳେ ତ ଜୀବଜନ୍ତୁ ନଥିଲେ କି ମଣିଷ ନଥିଲା । ତାହା ଉତପ୍ତ ବାଷ୍ପର ବିରାଟ ପିଣ୍ଡଟିଏ ଥିଲା । ଧୀରେ ଧୀରେ ଥଣ୍ଡା ହେଲା । ଏହାର ପୃଷ୍ଠତଳ ଟାଣ ହେଲା । ପୃଥିବୀପୃଷ୍ଠରେ ସମୁଦ୍ର ସୃଷ୍ଟି ହେଲା । ବିନା ଜୀବରେ ବିତିଗଲା ୧୦୦ କୋଟି ବର୍ଷ । ତା'ପରେ ଜଳ ଭିତରେ ଏକକୋଷୀ ଜୀବନର ଆରମ୍ଭ ହେଲା । ଏକକୋଷୀରୁ ବହୁକୋଷୀ ଜୀବନ ସମ୍ଭବ ହେଲା। ନାନା ଜାତିର ପ୍ରାଣୀ ସୃଷ୍ଟି ହେଲେ । ଯାହା ପ୍ରମାଣ ମିଳିଛି, ପୃଥିବୀ ପୃଷ୍ଠରେ ମଣିଷର ଆବିର୍ଭାବ ହେଲା ଏଇ ମାତ୍ର ୫୫ ଲକ୍ଷ ବର୍ଷ ତଳେ । ଅର୍ଥାତ୍ ପୃଥିବୀର ବୟସ ୧ ଦିନ ହେଲେ ମଣିଷର ଜନ୍ମ ମାତ୍ର ୨ ମିନିଟ ତଳେ ହୋଇଛି ।

ଆମ ସୌରଜଗତରେ ୮ଟି ଗ୍ରହ ଓ ଶତାଧିକ ଚନ୍ଦ୍ର ଅଛନ୍ତି । କିନ୍ତୁ ପୃଥିବୀକୁ ଛାଡି ଅନ୍ୟ କୌଣସି ପିଣ୍ଡରେ ଜୀବନର ସତ୍ତା ମିଳିନାହିଁ । କାରଣ, ଯେତିକି ଦୂରରେ ରହି ପୃଥିବୀ ନିଜର ମୁଖିଆ ସୂର୍ଯ୍ୟକୁ ପରିକ୍ରମା କରୁଛି, ସେହି ଅଂଚଳକୁ 'ଗୋଲଡିଲକ୍ସ ଅଂଚଳ' କୁହାଯାଏ । ଏହି ଅଂଚଳରେ ରହିଲେ ଗ୍ରହରେ ତରଳ ଜଳ ସାଙ୍ଗକୁ କଠିନ ବରଫ ଓ ଗ୍ୟାସୀୟ ଜଳୀୟବାଷ୍ପ ମିଳିପାରିବ । ପୁଣି ପୃଥିବୀର ପୃଷ୍ଠତଳ କଠିନ । ଜଳ ଭାଗ ଓ ସ୍ଥଳ ଭାଗ ମିଶି ରହିଛି । ତେଣୁ ଏଠାରେ ଗଛଲତାବଂଚିପାରିବ । ଆମ ସୌରଜଗତ ବାହାରେ ପୃଥିବୀ ଭଳି ଅନେକ ଗ୍ରହ 'ଗୋଲଡିଲକ୍ସ ଅଂଚଳ'ରେ ରହି ନିଜ ନିଜର ନକ୍ଷତ୍ର ଚାରିପଟେ ପରିକ୍ରମା କରୁଛନ୍ତି । ପୃଥିବୀରେ ଯଦି ଜୀବଜଗତର ସୃଷ୍ଟି ସମ୍ଭବ ହୋଇପାରିଛି, ତେବେ ଅନ୍ୟ ଗ୍ରହରେ ଜୀବନର ଉପସ୍ଥିତିକୁ ଅସ୍ୱୀକାର କରିହେବ ନାହିଁ । ଏଥିପାଇଁ ଗ୍ରହଟି ଅତି କମ୍‌ରେ ୧୦୦ କୋଟି ବର୍ଷ 'ଗୋଲଡିଲକ୍ସ ଅଂଚଳ'ରେ ରହିବା ଦରକାର । ଏହାର ନକ୍ଷତ୍ର (ସୂର୍ଯ୍ୟ) ମଧ୍ୟ ଏହି ଗ୍ରହକୁ ଶକ୍ତି ପ୍ରଦାନ ପୂର୍ବକ ବଂଚି ରହିବା ଜରୁରୀ । ସେତେବେଳେ ଗ୍ରହପୃଷ୍ଠରେ ଜୀବନର ଉତ୍ପତ୍ତିକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ଏଠାରେ ଡ୍ରେକ୍ ଓ ଟାର୍ଟରଙ୍କର ଗବେଷଣା ଆମର ଯୁକ୍ତିକୁ ଆହୁରି ବଳିଷ୍ଠ କରିବ ।

ISSN NO.
2582-208X

୧୯୬୧ ମସିହାରେ ଡକ୍ଟର ଫ୍ରାଙ୍କ୍ ଡ୍ରେକ୍ ବିଶ୍ୱବ୍ରହ୍ମାଣ୍ଡରେ ଜୀବଜଗତର ଉପସ୍ଥିତି ସଂପର୍କିତ ଏକ ସମୀକରଣ ଲେଖିଥିଲେ । ସେହି ସମୀକରଣ ଅନୁଯାୟୀ ଆମ ଛାୟାପଥ 'ଆକାଶଗଙ୍ଗା' ରେ ଅତି କମ୍‌ରେ ୨୦୦୦ଟି ଖଗୋଳୀୟ ପିଣ୍ଡରେ ଜୀବଜଗତ ରହିଛି । ୨୦୦୯ ମସିହାରେ ଜିଲ୍ ଟାର୍ଟର ଦେଇଥିବା ସୂଚନା ଅନୁଯାୟୀ ଆମ ଛାୟାପଥରେ ପ୍ରାୟ ୫ କୋଟି ସଭ୍ୟତା ରହିଛି । ଦିନ ଆସିବ, ସେମାନଙ୍କ ସହିତ ଆମେ ସଂପର୍କ ସ୍ଥାପନ କରିପାରିବା । ବିଶ୍ୱବ୍ରହ୍ମାଣ୍ଡରେ ଆମ 'ଆକାଶଗଙ୍ଗା' ପରି ୧୨,୫୦୦ କୋଟି ଛାୟାପଥ ରହିଛି । ଏଥିରୁ ସ୍ୱଷ୍ଟ ଅନୁମେୟ, ବିଶ୍ୱବ୍ରହ୍ମାଣ୍ଡରେ ଲକ୍ଷ ଲକ୍ଷ ଜୀବନ୍ତ ପିଣ୍ଡ ରହିଛି, ଯଦିଓ ଆମକୁ ଗୋଟିଏବି ମିଳିନାହିଁ ।

ପୃଥିବୀ ବ୍ୟତୀତ ଆମକୁ ଅନ୍ୟ କୌଣସି ଗ୍ରହରେ ମଣିଷର ସନ୍ଧାନ ମିଳିନାହିଁ । ହୁଏତ ଆମେ ଚିହ୍ନଟ କରି ନଥିବା କୋଉ ଅଜଣା ଗ୍ରହରେ ସେମାନେ ରହୁଥିବେ । ସେମାନେ ଆମ ସୌରଜଗତ ବାହାରେ ଅଜଣା ରାଇଜର ବନ୍ଧୁ । ଅନ୍ୟ ଗ୍ରହର ମଣିଷମାନେ ଦେଖିବାକୁ କିପରି, ସେ ବିଷୟରେ ଆମେ ନିଶ୍ଚିତ ନୁହଁ । ଗେଡା ନା ଡେଙ୍ଗା । ଚନ୍ଦା ନା ଲୋମଶ । ମୁଣ୍ଡବାଳ ପରି ପତଳା ନା ଡାଇନୋସର ପରି ଲମ୍ବା । ସେମାନେ ଦେଖିବାକୁ ଆମ ପରି ନା ଅନ୍ୟ କୌଣସି ଜୀବ ପରି । ଏସବୁର ଉତର ଦେବା ଏବେ କଷ୍ଟକର ବ୍ୟାପାର । ତଥାପି, ମୋ ମତରେ ବିବର୍ତନ ଲାଗିରହିଛି । ତେଣୁ ଗ୍ରହର ବୟସ ଉପରେ ସେଠାକାର ଜୀବମାନଙ୍କର ରୂପ ନିର୍ଭରଶୀଳ । ଯଦି ସେହି ଗ୍ରହର ବୟସ ପୃଥିବୀର ବୟସ ସହିତ ସମାନ ବା ପାଖାପାଖି ହୁଏ, ତେବେ ସେଠାରେ ରହୁଥିବା ମଣିଷମାନେ ଆମ ପରି ଦିଶୁଥିବେ । ଯଦି ଗ୍ରହର ବୟସ ପୃଥିବୀର ବୟସଠାରୁ ଢେର କମ୍ ହୁଏ, ତେବେ ସେଠାରେ ହୁଏତ ମଣିଷ ନଥିବେ, କିନ୍ତୁ ଅନ୍ୟ ଜୀବଜନ୍ତୁ ଥିବେ । ଗ୍ରହର ବୟସ ପୃଥିବୀର ବୟସଠାରୁ ଢେର ଅଧିକ ହୋଇଥିଲେ, ସେଠାରେ ମଣିଷ ଥିବେ, କିନ୍ତୁ ସାଧାରଣ ମଣିଷ ପରି ହୋଇ ନଥିବେ ।

? ? ?

ପ୍ରାଧ୍ୟାପକ (ଫିଜିକ୍ସ୍),
ଭଦ୍ରକ ଅଟୋନମସ୍ କଲେଜ,
ଫୋନ୍-୯୪୩୯୫୦୧୬୫୧

ISSN NO.
2582-208X

# ସହଯୋଗ



ଯଜ୍ଞଦତ୍ତ ସାମନ୍ତରାୟ

ସମୟ
ପଦବୀ
ସଂପତ୍ତି
ଆଉ
ଶରୀର
ସହଯୋଗ କରୁ
ବା ନ କରୁ
ଉତ୍ତମ ସ୍ୱଭାବ
ବୁଝିବା ଶକ୍ତି
ଆଉ
ସତ୍ ସଂପର୍କ
ସବୁବେଳେ ମଣିଷକୁ
ସହଯୋଗ କରିଥାଏ ।

ସଂପାଦକ: ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ-୭୬୧୧୦୪
ମୋ.୯୩୩୭୪୪୯୨

ISSN NO.
2582-208X

# ସୁଗନ୍ଧି ଶରତ



ପ୍ରତିଭା ଦାସ

ନିର୍ମଳ ଶରତ ଆକାଶ
ନିର୍ମଳ ଭୂମି ତଳ
ନାନା ବର୍ନୀ ଫୁଲର ସୁଗନ୍ଧରେ ମହକି ଉଠୁଛି ଗାଁ-ସହର,
ଥିରି ଥିରି ପାଦେ ଆସୁଛି
ସୁଗନ୍ଧି ଶରତ
ନେଇ ଆଶାର ଅନେକ ସମ୍ଭାର

ନଈ ଚାରିପଟେ ଫୁଟିଛି
ଶୁଭ୍ର କାଶୀତୁଣ୍ଡ ଫୁଲ
ନୀଳ ଆକାଶରେ ଲାଗିଛି
ଶାରଦୀୟ ମେଳ
ଶଙ୍ଖ ଘଣ୍ଟା ହୁଳହୁଳି ଶବ୍ଦରେ
ଉଚ୍ଛୁଳି ଉଠୁଛି ଗାଁ-ସହର

ଟୁଙ୍ଗି ଘର ଗୁଡ଼ିକରେ
ଜଳୁଛି ଆଶାର କିରଣ
ଶସ୍ୟ ଶ୍ୟାମଳ ସୁନ୍ଦର
ଶରତର ଏହି ସନ୍ଧ୍ୟା ଲଗ୍ନ
ପ୍ରଫୁଲ୍ଲିତ ଆଜି ମନ-ପ୍ରାଣ...

ବିଶ୍ୱନାଥ ଗୁରିଆଲି, ଆସାମ

ISSN NO.
2582-208X

# ଅବୁଝା ଏ ମନ



ନରଞ୍ଜନ ସାହୁ

କେତେ ଆଶା ଥାଏ ମନ ମାନସରେ
କେତେ ନୂଆ ସ୍ୱପ୍ନ ଆସେ
କେତେ ଆଶାଫୁଲ ମଉଳି ଯାଆଇ
କେତେ ସ୍ୱପ୍ନ ପୁଣି ବାସେ ।

କେତେ ଧରାଦିଏ କେତେ ଦୂରେଯାଏ
କେତେ ମନ ମାନେନାହିଁ
କେତେକ କାମନା କେତେକ ଆକାଂକ୍ଷା
ପୂରଣ ହୁଅନ୍ତି କାହିଁ
ଅନେକ ବାସନା କରି ଆନମନା
ଆଖି ଆଗେ ନିତି ଭାସେ ।

ମଣିଷର ମନ ଭାରି ଅମାନିଆ
ବେଗ ପୁଣି କ୍ଷିପ୍ରତର
ମନ ବୁଝିବାଟା ସହଜ ନୁହଁଇ
ହୁଅ ଯେତେ ତତପର

ISSN NO.
2582-208X

ମନସ୍ତତ୍ୱ ପାଠ କାମଦିଏ ନାହିଁ
କେ' ପହଞ୍ଚେ ମନ ପାଶେ ?

ସ୍ୱପ୍ନ ପୂର୍ଣ୍ଣ ହେଲେ ମନ ଖୁସି ରହେ
ପ୍ରସନ୍ନ ଭାବଟି ଥାଏ
ସ୍ୱପ୍ନ ଭାଙ୍ଗିଗଲେ ମନ ମରିଯାଏ
ଆତ୍ମା ଭାରି କଷ୍ଟପାଏ
ଭାଗ୍ୟ ଅନୁକୂଳେ ଶୁଭଫଳ ମିଳେ
ବିପରୀତେ ସୁଖ ନାଶେ ।

ନିହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ବୟସ ର ଧୂଳି



ଶଶିରେଖା ଜେନା

ଓଦା ଓଦା ଫସର ଫାଟ ମନ
ଆକାଂକ୍ଷାର ଚିର ସ୍ରୋତ ସମୁଦ୍ର
ଅପେକ୍ଷା ପ୍ରାୟ ଶୂନ୍ୟତା ଭରା
ଚାହାଣୀରେ ଲୁଚିରହିଛି ଅନେକ ପ୍ରଶ୍ନଚିହ୍ନ ।

ବୟସର ଧୂଳି ଦେହରେ ସ୍ପଷ୍ଟ
ନିରବତାର ସ୍ତବ୍ଧ ଧ୍ୱନି
ଚିତ୍କାର କରେ ଯନ୍ତ୍ରଣାଭରା କୋହ ।

ବୟସର ଚାପରେ ମନର ପ୍ରଗଳଭ
ବ୍ୟାକୁଳିତ ବ୍ୟଥିତ ନେତ୍ରରେ
ସାନିଧ୍ୟର କଷ୍ଟଲବ୍ଧ ଚାହାଣି
ଅର୍ଥ ପୂର୍ଣ୍ଣ ପ୍ରତିଶ୍ରୁତିରେ ବନ୍ଧା।।

ଉଦଣ୍ଡ ମନଟାକୁ ବାନ୍ଧି ରଖିବାର ପ୍ରୟାସ
ଅପରିହାର୍ଯ୍ୟ ହେବ କି ?
ସୋନ୍ଦର୍ଯ୍ୟ ର ବନ୍ଧନରେ ବାନ୍ଧିହୋଇ ରହିଥିବା ମଣିଷଟି
ଆଜି ବୟସ ର ଧୂଳିରେ ମଳିନ ।

ସ୍ନାତକୋତ୍ତର, ଓଡ଼ିଆ ଭ୍ଷା - ସାହିତ୍ୟ ବିଭ୍ଗ
ରମାଦେବୀ ମହିଳା ବଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ଜୁଆର ଭଟ୍ଟା



ବିରଞ୍ଚି ନାରାୟଣ ମିଶ୍ର

ଶିଲା ଏ ବର୍ଷ କଲେଜ ଇଲେକ୍ସନରେ ପ୍ରେସିଡେଣ୍ଟ ପାର୍ଥି ହୋଇଛି । ପ୍ରଚାର ଜୋରରେ ଚାଲିଛି । ଅନେକ ଝିଅ ଓ ପୁଅ ବନ୍ଧୁ ତା ପାଇଁ ପ୍ରଚାର କରୁଛନ୍ତି । ଶୁଶାନ୍ତ ତାପାଇଁ ଦିନ ରାତି ଏକା କରିଦେଇଛି । ଶିଲା ଜିତିଗଲା । ତା ଜିତିବାରେ ଶୁଶାନ୍ତ ସବୁଠୁ ବେଶୀ ଖୁସି ହେଲା । ଆସନ୍ତା ରବିବାର ଦିନ ପୁରୀ ଯିବାକୁ ଶିଲାକୁ କହିଲା । ସେ ରାଜି ହୋଇଗଲା । ରବିବାର ଦିନ ଦୁହେଁ ପୁରୀ ଗଲେ । ଜଗନ୍ନାଥଙ୍କ ଦର୍ଶନ ସାରି, ସମୁଦ୍ର କୂଳକୁ ଗଲେ । ଖୁସିରେ ବୁଲିଲେ । ଢେଉ ସହ ଖେଳି ଦୁହେଁ ଓଦା ହେଲେ । ସମୁଦ୍ର ବାଲିରେ ଘର ତିଆରି କଲା ଶିଲା । କେତେ ଗଢୁ ଥାଏ କେତେ ଭାଙ୍ଗୁଥାଏ । ଟିକେ ଅନ୍ୟମନସ୍କ ହୋଇଗଲା ଶିଲା ।

ଶୁଶାନ୍ତ ପଚାରି ଦେଲା କାହା କଥା ଭାବୁଛ । ଶିଲା ଟିକେ ହସିଦେଇ କହିଲା ଭାବିବି କାହାକଥା କାହିଁକି ମ । ଶୁଶାନ୍ତ କହିଲା ମୁଁ ଜାଣିଛି ତୁମେ କାହାକଥା ଭାବୁଛ । ଆହା ମୋର ଜ୍ୟୋତିଷ ବାବୁ କହିଲ କାହା କଥା ଭାବୁଚି । ଶୁଶାନ୍ତ କହିଲା ମୋ କଥା ।

ମୁଁ ତୁମ ବିଷୟରେ ସବୁ ଜାଣିଚି ।

ଆଉ କଣ କଣ ମୋ ବିଷୟରେ ଜାଣିଛ କହିଲ ।

କହିବି ରାଗିବନି ତ ।

ISSN NO.
2582-208X

ରାଗିବି କାହିଁକି କହୁନ ।

ହଉ ଶୁଣ । ତୁମ ନାଁ ଶିଲା ମିଶ୍ର, ଡାକ ନାଁ ଶିଲା ବୟସ 19 । ଉଚତା 5'1" । ଓଜନ 45 kg । ଚପଲ ସାଇଜ 5 ନମ୍ବର । ବ୍ଲଡ଼ ଗ୍ରୁପ ଓ (o) । ନାକ ଅଗରେ ରାଗ ।

ମୋ ବିଷୟରେ ଏତିକି ଜାଣିଚ ।

ଆଉ ଯାହା ଜାଣିଛି ତୁମ କାନରେ କହିବି, ରାଗିବନି ।

କାନଟାକୁ ଶୁଶାନ୍ତ ମୁହଁ ପାଖକୁ ନେଇ ଶିଲା କହିଲା କହ ।

ଶୁଶାନ୍ତ ତା କାନରେ କହିଲା....

ରାଗ ତମ ତମ ହୋଇ ଠେଲି ଦେଲା ଶୁଶାନ୍ତକୁ । କହିଲା ଆରେ ମୁଁ ଭାବିଥିଲି ତୁମେ ଶାନ୍ତଶିଷ୍ଟ ପିଲାଟିଏ ବୋଲି । ଏଡ଼େ ଛତରା କେଉଁଦିନ ହେଲ ।

ଛତରା କାହିଁକି ହେବି ମୁଁ ।

ତୁମ ନାଁ ଓ ବୟସ ମାଟ୍ରିକ ସାର୍ଟିଫିକେଟ ରୁ ଦେଖିଲି । ସାଙ୍ଗ ମାନେ ତୁମକୁ ଶିଲା ଡାକନ୍ତି । ଇଲେକ୍ସନ ବେଳେ କାନ୍ଥରେ ପୋଷ୍ଟର ମାରିଲା ବେଳେ ତୁମକୁ କେତେ ଟେକିଛି, ସେତେବେଳେ ତୁମ ଉଚତା ଓ ଓଜନ ଜାଣିଛି । ଚପଲ ଉପରେ ଲେଖା ନମ୍ବର ସାଇଜ ଦେଖିଚି । କଲେଜ ହେଲଥ କ୍ୟାମ୍ପରେ ସାଙ୍ଗ ହୋଇ ଆମେ ବ୍ଲଡ଼ ଗ୍ରୁପ କରିଥିଲେ । ନାକ ଆଗରେ ତୁମ ରାଗ କଥା କଲେଜର ସବୁ ପିଲାମାନେ ଜାଣନ୍ତି ।

ଆଉ ରହିଲା ସେଇ କଥାଟି...

ହଉ ଶୁଣ, ଦିନେ ତୁମର କଲେଜ ଯିବା ଡେରି ହୋଇଗଲା । ଫୋନ କରି ମୋତେ କହିଲ ସଙ୍ଗରେ ନେଇଯିବା ପାଇଁ । ତୁମ ଘରକୁ ଗଲି, ତୁମେ ହାତ ଧୋଉଥିଲ । ବର୍ଷା ହେଲା । ତରତରରେ ଅଗଣାରେ ଶୁଖୁଥିବା ଲୁଗା ଆଣିଲାବେଳେ ସେଇଟି ତୁମ ମୁଣ୍ଡବାଳରେ

ISSN NO.
2582-208X

ଲାଖିଗଲା । ତୁମେ ଚେଷ୍ଟା କଲ ବାହାର କରିବା ପାଇଁ କିନ୍ତୁ ପାରିଲନି । କଲେଜ ଟାଇମ ଡେରି ହୋଇଯିବ ଭାବି ମୋତେ କାଢ଼ିଦେବା ପାଇଁ କହିଲ । ମୁଁ ବାହାର କଲାବେଳେ ଗୋଟିଏ ଛୋଟ କନାରେ ଲେଖାଥିଲା 32. ମୁଁ କେମିତି ଛତରା ହୋଇଗଲି । ଶିଳା ହସିଦେଲା । ସେଦିନ ଫେରିଆସିଲୁ ପୁରୀରୁ ।

+ + + + + + + +

ଶିଳା ବାହା ହୋଇଗଲା ଆଦିତ୍ୟକୁ । ଧନୀ ଘର ପିଲା, ଆମେରିକାରରେ ଇଞ୍ଜିନିୟର ଚାକିରୀ କରିଛି । ସଙ୍ଗରେ ନେଇଗଲା ଶିଳାକୁ । ବର୍ଷକ ପରେ ଶିଳା ଓଡିଶା ଆସିଛି । ଦେଖା ହୋଇଗଲା ଶୁଶାନ୍ତ ସହ । ବହୁତ ଖୁସି ହେଲା । ଦୁହେଁ କଥାବାର୍ତ୍ତା ହେଲେ । ଶୁଶାନ୍ତ କହିଲା ତୁମେ ବହୁତ ଭଲରେ ଥିବ । ଇଞ୍ଜିନିୟର ବର ପୁଣି ଆମେରିକାରେ । ଶିଳା କହିଲା ହଁ ଏମିତି ଭଲ ଅଛି । ଇୟେ ସବୁଦିନ ସକାଳ ୫ ଟାରେ ଅଫିସ ଯାଇ ରାତି 10 କୁ ଫେରନ୍ତି । ଏତିକି ସମୟ ମୁଁ ଏକା ରୁହେ । ଗୋଟେ ସ୍ତ୍ରୀର ଶରୀର, ମନ, ମାନ, ରାଗ, ରୋଶ ଓ ଦ୍ୱେଷ ଅଛି କେତେଜଣ ସ୍ୱାମୀ ଏକଥା ଜାଣନ୍ତି ନା ବୁଝନ୍ତି ।

ବୁଝିଲ ଶୁଶାନ୍ତ, ସବୁ ସ୍ୱାମୀ ସହଜରେ ବନ୍ଧୁ ହୋଇ ପାରନ୍ତିନି । ଫଳରେ ସବୁ ସ୍ତ୍ରୀ ପ୍ରେମିକା ହୋଇ ପାରନ୍ତିନି । ସ୍ତ୍ରୀର ପରିଚୟରେ ସବୁଦିନ ରହିଯାନ୍ତି ।

ଭୁବନେଶ୍ୱର
9439011063

ISSN NO.
2582-208X

# ବାଇ ଚଢେଇ



ପ୍ରଶାନ୍ତ ବ୍ରହ୍ମା

ବାଇ ଚଢେଇରେ ବାଇ ଚଢେଇ
ମିଛେ କାହିଁ ହେଉ ବାୟା
ବସା ବାନ୍ଧି ଦିନେ ରଖିଲୁ ଯାହାକୁ
ବୁଝିଲା ନାହିଁ ତୋ ମାୟା।

ଏ ଘର ମାଉସୀ ସେ ଘର ପିଉସୀ
ଦିନ ଯାଉଥିଲା ତୋର
ଆଖି ଫିଟିଗଲା ଯେବେ ତୋ ଛୁଆର
କଲା ତୋତେ ସାତ ପର

କୁଟା କାଠି ଆଣି ବାନ୍ଧି ଥିଲୁ ବସା
ମନେ ଭରା ହସ ଖୁସି
କେବେ ଯିବ ଅବା ତୋ ବସା ଦୋହଲି
ଜାବୁଡ଼ି ଧରିଥା ବସି।

ବାଇ ଚଢେଇରେ ବାଇ ଚଢେଇ
କେତେ ବାନ୍ଧୁ କରି ବସା
କେହି ରହିନାହିଁ କି ରହିବେ ନାହିଁ
ଏ ତୋର ଶେଷ ଅବସ୍ଥା।

ପଳାଶପୁର, ଖୋର୍ଦ୍ଧା

ISSN NO.
2582-208X

# ବାକି ଖିଆ



ବିନୟ କୁମାର ମିଶ୍ର

କାଳି ବାସିଖିଆ ଜଗତେ ଅନେକ
ନାନା ମଧୁ ବାଣୀ କହି,
ଦୋକାନୀକୁ ଦାରୀ ଭାବି କଷ୍ଟ ଦେଇ
ଆଉ ସେ ସୁଝନ୍ତି ନାହିଁ
କାଲି ଦେଇଦେବି କହି,
ଦେଖା ଦେବା ତାଙ୍କ ଦୁର୍ଲ୍ଲଭ ହୁଅଇ
ଯାନ୍ତି ବାଟ ଭାଙ୍ଗି ଦେଇ।

ଯେତେ ପ୍ରଲୋଭନ ଦେଖାଇଲେ ଆଉ
ଦୁଆର ମାଡ଼ିବେ ନାହିଁ,
ପୁଣି ଆଉ ଏକ ଦୋକାନ ଖୋଜିବେ
ବାକିରେ ଖାଇବା ପାଇଁ,
ମିଠା ମିଠେଇ ଖୁଆଇ,
ଘରକୁ ଡାକିକି ଅନ୍ଧାଦୁନି ଦେଲେ
ଲଙ୍କା ଧୂଆଁ କିଛି ଦେଇ।
ଆଉ କେବେ ନେବେ ନାହିଁ,
ସାହସ ହେବନି ମୁଁହ ଦେଖେଇବେ
ଆଉ କେଉଁଠାରେ ଯାଇ।

ନିଆଳ ଖୋର୍ଦ୍ଧା

ISSN NO.
2582-208X

# ଶିଖିବାର ଇଚ୍ଛା ଅଛି



ନରେନ୍ଦ୍ର ପ୍ରସାଦ ବେହେରା

ସାହିତ୍ୟ ସାଧନା ନୁହଁଇ ଅନ୍ୟଥା
ବାର୍ତ୍ତା ରହିଥିଲେ ଭରି
ପରିଚୟ ବୃଦ୍ଧି କରେ ଯଦି ସୃଷ୍ଟି
ସମସ୍ତେ ନେବେ ଆଦରି ।୧।

ମିଳିଲେ ଠିକଣା ସାହିତ୍ୟ ସଭାର
ମନହୁଏ ଛନଛନ
କେମିତି ଯାଇ ମୁଁ ପଢିବି କବିତା
ଶୋଏ ନାହିଁ ରାତିଦିନ ।୨।

ପଢିଲେ କବିତା ସାହିତ୍ୟ ମଞ୍ଚରେ
ଆନନ୍ଦିତ ହୁଏ ମନ
ଛୋଟ ଅବା ବଡ଼ କବିଙ୍କୁ ଦେଖିଲେ
ପବିତ୍ର ହୁଏ ନୟନ ।୩।

ISSN NO.
2582-208X

ସମସ୍ତଙ୍କ ଠାରୁ ଶିଖିବାର କିଛି
ରହିଛି ମନ ମଧ୍ୟରେ
ସେଥିପାଇଁ ଧାଇଁ ଆସିଛି ଏଠାକୁ
ନରଖି ଦ୍ୱନ୍ଦ ମନରେ ।୪।

ଭାବୁନି ନିଜକୁ ମହାନ ସାଧକ
କରୁନାହିଁ ଅହଂକାର
ଆଜି ଏ ସଭାରୁ କିଛି ମୁଁ ଶିଖିବି
ଦୃଢ଼ ବିଶ୍ୱାସ ମୋହର ।୫।

ଶିଖିବାର ଇଚ୍ଛା ଥାଏ ଯେଉଁଠାରେ
ଜ୍ଞାନର ସମୁଦ୍ର ସତେ
ନ ଧରିବେ ଦୋଷ ଆହେ ବନ୍ଧୁଗଣ
ଭୁଲିଯିବେ ନାହିଁ ମୋତେ ।୬।

ଆଳଦା, ଖଇରା , ବାଲେଶ୍ୱର

ISSN NO.
2582-208X

# ଜନେ କହିବେ



ଡ. ଅର୍ଜୁନ ଚରଣ ବାରିକ୍

କରହାଟ ଶିଖେ ମଧୁପ ଛତ୍ର
ବ୍ୟାଧ ହରିତହୁଁ ବିକେ ଜଗତ୍ର
କରଣରେ ଚୌର୍ଯ୍ୟ ବୃତ୍ତି ଆବୋରି
ପଟୁ ପଣେ ଭାଷେ କୀର୍ତ୍ତି ଆମ୍ଭରି
ଜନେ କହିବେ, ଉଟ ବ୍ୟାଧ କାହୁଁ ମଧୁପ ହେବେ ?

ଅଷ୍ଟାପଦ କଣ୍ଠେ ମଣି ଶୋଭନ
ଯେସନ ଅରିଷ୍ଟ ପଞ୍ଚମ ତାନ
ତେସନ ଅଧରେ ପଦ କମ୍ପନ
କିଲାଳକୁ କିବା ହେବ ଭାଜନ
କାହୁଁ ହୋଇବ, ଚନ୍ଦ୍ରବାଳ କେହ୍ନେ ବଦଳି ଯିବ ?

ତନୁ ଦୃଢ଼ ହୁଏ ପୁଷ୍ଟି ଭୋଜନେ
ଯେମନ୍ତ ବର୍ଦ୍ଧଇ ବିଦ୍ୟା ଅଧ୍ୟନେ
ରସନା ଛେଦିଲେ ସେ ଦ୍ୱିଜ ଗଣେ
ସୁଢ଼ଳ ହେବେକି ସେ କ୍ଷୀଣ ଜନେ
ପଦ୍ୟ ମାଧୁରୀ, ପଣ୍ଡିତ ହେବେ କି ହରଣ କରି ?

ISSN NO.
2582-208X

ଭାରତୀ ଯା ଦେଲେ ଜନମ କାଳୁ
ଅଭିମନ୍ୟୁ ଭଣେ ସେ ହେତୁ ବେଳୁ
ପିଅର ପୟରେ ଥାଉ ମୋ ମତି
ବେନି ଶ୍ରୀ ଆବୋରି ହେଉ ମୋ ଗତି
ଜ୍ଞାନ ବିତରି, ଅଜ୍ଞାନୀ ମୁଁ ସୂର୍ଯ୍ୟ ଭଞ୍ଜ ଆଦରୀ ।।

ଗ୍ରାମ ମହୁ, ଡାକ ମହୁ,
ଭାୟା ନମୌଜା, କେନ୍ଦ୍ରାପଡ଼ା /ମୋ: ୯୯୩୭୯୯୦୫୯୯

ISSN NO.
2582-208X

# କେବେ କେରଳ ତ
# କେବେ ଅରୁଣାଚଳ



ପ୍ରିୟବ୍ରତ ପାତ୍ର

## ପଥଚାରୀର କେରଳ ଡାଏରୀ

ଭ୍ରମଣ କାହାଣୀ ଭ୍ରମଣ ସରିବାର ଢେର ଦିନ ପରେ ଘରେ ବସି ଲେଖାଯାଏ । ହୁଏତ ତା ଭିତରେ ଗୋଟିଏ ଦଶନ୍ଧି ବିତିଯାଇପାରେ । ସମୟ ଯେତେ ବଢିଚାଲେ, ଲେଖକଙ୍କ ବ୍ୟକ୍ତିଗତ ଅନୁଭୂତି ଅନେକାଂଶରେ ବିସ୍ମୃତ ହୋଇସାରିଥାଏ । ତା ଜାଗାରେ ପଶିଆସେ ଅନେକ ଐତିହାସିକ ଖବର, ଭବିଷ୍ୟତର ଆତଙ୍କ, ବହୁଜନ ଆଦୃତ ଘଟଣା ସବୁର ଐନ୍ଦ୍ରଜାଲିକ ପ୍ରଭାବ । ସେସବୁରେ କିଛି କାଳ୍ପନିକତାର ରଙ୍ଗ ଲାଗି, ପାଠକ ପାଇଁ ହୋଇଯାଏ ଭ୍ରମଣ କାହାଣୀ । ଏପରି ଏକ କାହାଣୀ ଯାହାକି ଭ୍ରମଣକାରୀର ନିଜସ୍ୱ ଅନୁଭବ, ସଂଶୟ, ପ୍ରଶ୍ନ ତଥା ଅନୁମାନ ବୋଲି ପ୍ରତ୍ୟୟ ଦେଇଥାଏ । କିନ୍ତୁ ସତ୍ୟ ହେଉଛି ସେସବୁର ଉପସ୍ଥିତି, ଭ୍ରମଣକାରୀର ବ୍ୟକ୍ତିଗତ ଉଷ୍ମ ଅନୁଭୂତିକୁ ଘୋଡାଇ ପକାଏ । ସତ୍ୟ ପ୍ରସ୍ତୁତ ଭ୍ରମଣକାହାଣୀ ହେଲା ଚଳଚ୍ଚିତ୍ରର ଦୃଶ୍ୟମାନ କାହାଣୀ ପରି । ଅନେକ ଅସଂଲଗ୍ନ ଘଟଣା, ଚରିତ୍ର, ଅନେକ ସ୍ଥିର ଫଟୋ ମାଧ୍ୟମରେ ଚଳମାନ ରୂପରେ ପ୍ରକାଶ ପାଇଥାଏ । ଭ୍ରମଣକାହାଣୀ ଅନେକାଂଶରେ ସେଭଳି ହିଁ ତିଆରି ହୋଇଥାଏ । ତେଣୁକରି ତ ତାହା କାହାଣୀ ପଦବାଚ୍ୟ ।

ଜଣେ ଯାହା ଦେଖିଲା, ତାହା ଯଦି କେବଳ ଲେଖିବ, ସେଥିରେ ଅନେକ ବହୁ ଆଡମ୍ବର ଓ ଚମତ୍କାରିତା ନଥାଉ ପଛକେ, ସେଥିରେ ଭରି ରହିଥାଏ ନିଚ୍ଛକପଣ । ଯଦି ନଗଦ ଅନୁଭୂତିକୁ ସେହିଦିନ ହିଁ ଲିପିବଦ୍ଧ ନକରାଯାଏ, ତେବେ ତା ଭିତରକୁ ଅନ୍ୟ ବାହାରିଆ

ISSN NO.
2582-208X

ଖବର, ତଥ୍ୟ ବର୍ଣ୍ଣନା ବା ପରୋକ୍ଷ ଅନୁଭବ ସବୁ ପଶିଆସେ । ନଗଦ ଲେଖାରେ ସେ ପ୍ରମାଦ ନାହିଁ ।

ବହୁବର୍ଷ ତଳେ ଏ ଲେଖକ କେରଳ ବୁଲୁଥିବାବେଳେ ଏକ ନିଷ୍ପତ୍ତି ନେଇଥିଲା ଯେ ଯାହା ଦିନରେ ଦେଖାଜିବ, ଶୁଣାଯିବ ବା ଅନୁଭବ କରାଯିବ, ସେସବୁକୁ ଶୋଇବା ପୂର୍ବରୁ ଲେଖିଦିଆଯିବ । ଏହା ହିଁ ତ ଡାଏରୀଧର୍ମୀ ଭ୍ରମଣ କାହାଣୀ । ରମ୍ୟ ରଚନାଧର୍ମୀ ଲେଖଭଳି ଏଥିରେ ନଥାଏ ଭାଷା, ଲାଳିତ୍ୟ, ଚିତ୍ରକଳ୍ପ ଓ ଚମତ୍କାର ଘଟଣାରାଜିର ଅପୂର୍ବ ସହାବସ୍ଥାନ । କିନ୍ତୁ ଏଥିରେ ଥାଏ ନିଛକପଣ, ସତ୍ୟତା, ସରଳତାର ଏକ ଅପୂର୍ବ ସୌନ୍ଦର୍ଯ୍ୟ । କେରଳ ବୁଲା ସରିବା ପରେ ଅନେକ ବର୍ଷ ବିତିଗଲା, ମୁଁ ସବୁକିଛି ଭୁଲି ସାରିଥିଲି ।

ଦିନେ ଅନାବଶ୍ୟକ କାଗଜପତ୍ର ସବୁକୁ ସଂଗ୍ରହ କରି ଫୋପାଡିଦେବା ବେଳକୁ ଏଭଳି କିଛି ନିଜସ୍ୱ ଲେଖା ଦେଖି ମୁଁ ନିଜେ ହିଁ ଆଶ୍ଚର୍ଯ୍ୟ ହେଲି । ଏହା ଯେ କେରଳ ବୁଲାର କିଛି ଲେଖା, ମୁଁ କେବେଠୁ ପାସୋରି ଯାଇଥିଲି । ସେଥିରେ ଥିବା ଅନେକ ଛୋଟ ଛୋଟ ଅନୁଭବର ପୁଲକ ପୁଣିଥରେ ମୋତେ ଉଚ୍ଚାଟିତ କଲା । ସତେକି ମୁଁ ଗଲାକାଲି ହିଁ ବୁଲିଛି । ମୁଁ ଆଉ ଏକ ବିସ୍ମୃତ "ମୁଁ" ର ସନ୍ଧାନ ପାଇ ଚକିତ ବି ହୋଇଥିଲି । କୌଣସି ଏକ ନିଷ୍ପାପ, ସୁକୁମାର ଶିଶୁର ରଦୋଟି ଭାଷା ପରି ସେସବୁ ମତେ ମଧୁର ଲାଗିଲା । ଭାବିଲି ସେସବୁକୁ ଅବିମିଶ୍ରିତ ଭାବରେ ସେମିତି ହିଁ ଉଦ୍ଧାର କରିନେବି । ତାହା ହିଁ କଲି ।

ଡିସେମ୍ବର-୧ ୮, ଗୁରୁବାୟୁର, କେରଳ:

ହୋଟେଲ୍ ର ସ୍ୱାଗତକକ୍ଷରେ ଆଖି ବୁଲାଇଲାବେଳକୁ ସୁନ୍ଦର ଛବିଟିଏ ଦେଖିଲି । ଆକାଶମାର୍ଗରୁ ନିଆଯାଇଥିବା ଗୋଟିଏ ବିସ୍ତୀର୍ଣ୍ଣ ନଡିଆ ବଗିଚାର ଆଲୋକଚିତ୍ର । ଉପରେ ଲେଖାଯାଇଛି-ଅନେକ ବର୍ଷ ଧରି ନିଖୋଜପ୍ରାୟ ଆକାଶର ଅନେକ ନିରୁଦ୍ଦିଷ୍ଟ ତାରା, କେରଳରେ ନଡିଆ ଗଛ ହୋଇ ଲୁଚିଯାଇଛନ୍ତି ।

ISSN NO.
2582-208X

ସତ କଥା, କେରଳରେ ଏତେ ନଡିଆଗଛ ଦେଖି ଆଶ୍ଚର୍ଯ୍ୟ ଲାଗେ । କିଏ କେବେ ଏସବୁ ଲଗେଇବା ଆରମ୍ଭ କରିଥିଲା ? ମାଇଲ୍ ମାଇଲ୍ ବ୍ୟାପୀ କଦଳୀ ବାଡ, ନଡିଆ ବଗିଚା । ଏଠାରେ କଣ ଝଡ କି ଘୂର୍ଣ୍ଣିବାତ୍ୟା ହୁଏନି ? ଓଡିଶା ଭଳି ଯଦି ପ୍ରତିବର୍ଷ ବାତ୍ୟା ହେଉଥାନ୍ତା, ତେବେ ଏସବୁ କଣ ଏପରି ତିଷ୍ଠି ପାରନ୍ତା ? ଚାରିପଟେ ବଡ ବଡ ଗଛ ଥାଇ ମଝିରେ ଲୋକଙ୍କ ଟାଇଲ୍ ଛପର ଘର । ସେଇ ଘରେ ପୁଣି କୋଉ ସାହାସରେ ଲୋକେ ବେଧଡକ ନିଦ ଯାଆନ୍ତି ।

କେରଳରେ ଦୁଇ ଦୁଇଟା ମୌସୁମୀ ଯୋଗୁଁ ପ୍ରଚୁର ବର୍ଷା ହୋଇଥାଏ, ତେଣୁ ଚାଷବାସ ବି ଭଲ ହୁଏ । କିନ୍ତୁ ଏକଥା ବି ଶୁଣାଯାଏ ଯେ ତାମିଲନାଡୁର ଚାଷୀଙ୍କ ତୁଳନାରେ କେରଳୀ ଚାଷୀ କମ୍ ପରିଶ୍ରମୀ, କମ୍ ଉଦ୍ୟୋଗୀ । କଦଳୀ ଆଉ ନଡିଆ ଛଡା ବାକିସବୁ ପନିପରିବା, ଫଳମୂଳ ତାମିଲନାଡୁରୁ ହିଁ ଆସିଥାଏ । କିଛି ବର୍ଷ ଭିତରେ ନଡିଆ ଗଛ ବୁଢା ହୋଇଯିବ ଏବଂ ନଡିଆ ତୋଳିବାକୁ ଲୋକ ମିଳିବେ ନାହିଁ । ଫଳରେ ଦୋକାନରେ ପହଞ୍ଚିଲାବେଳକୁ ତାର ଦାମ ଏତେ ଅଧିକ ହୋଇଯାଇଥିବ ଯେ ସେଇ ତାମିଲନାଡୁର ଚାଷୀ ହିଁ କେରଳର ବଜାର ଅଚିରେ ଦଖଲ କରିନେବେ ।

ସାରା କେରଳ ଯୁଆଡେ ଦେଖ ଚିର ସବୁଜିମାର ପଟୁଆର । ଜମି ମଝିରେ ସିଆର ସିଆର ହୋଇ ପାଣି ଚାଲିଥିବ, କିଛି କିଛି ଦୂରତାରେ କେନାଲ ଆଲିଥିବ, କୋଉଠି ପୁଣି ବେକ୍ ୱାଟର । ଧାଇଁଥିବେ ବା ଦୋହଲୁଥିବେ ନୌକାମାନେ । ଜଳସ୍ରୋତ, ନାଉରୀ ଓ ନାଉରୀର ଗୀତ – ଏହା ହିଁ କେରଳର ଚିରନ୍ତନ ରୂପ ମାଧୁର୍ଯ୍ୟ ।

ତାମିଲନାଡୁ ଓ କେରଳ ଭିତରେ ଠିଆ ହୋଇଛି ଗୋଟିଏ ଉଚ୍ଚା ପର୍ବତ, ଉତ୍ତରରୁ ଦକ୍ଷିଣ ଯାଏ ଲମ୍ବିଯାଇଛି । ଏହି ପର୍ବତ ଦେହରେ ପିଟିହୋଇ, ଆରବ ସାଗରରୁ ଆସୁଥିବା ଆର୍ଦ୍ର ପବନ କେରଳରେ ହିଁ ବର୍ଷିଯାଏ । ତେଣୁ ତାମିଲନାଡୁ ପଟଟି ଶୁଷ୍କ ନୀରସ । ସେପଟେ କେରଳର ଲୋକ ଗୋରା, ଡେଙ୍ଗା । ତାମିଲନାଡୁର ଲୋକେ କଳା ଆଉ ସାମାନ୍ୟ ଗେଡା । କେରଳୀମାନେ ନିଜକୁ ଦ୍ରାବିଡ ବୋଲି କହିବାରେ ଗର୍ବ ଅନୁଭବ କରନ୍ତି । ଧଳା ରଙ୍ଗର ଧୋତିକୁ ପୁରୁଷମାନେ ପିନ୍ଧନ୍ତି, ସେହିପରି ଇଷତ୍ ଘିଅ ରଙ୍ଗର ଶାଢୀ ମହିଳାମାନଙ୍କର ପ୍ରିୟ ପୋଷାକ । କିନ୍ତୁ ଉଭୟରେ ଥାଏ ଉଜ୍ଜ୍ୱଳ ସୁନେଲୀ ରଙ୍ଗର ଧଡି ବା ପନ୍ଥ ।

ISSN NO.
2582-208X

ଅନ୍ୟ ତୀର୍ଥସ୍ଥାନ ପରେ, ଗୁରୁବାୟୁର ସହରରେ ମଧ୍ୟ ଲୋକଙ୍କ ବ୍ୟବସାୟିକ ବୁଦ୍ଧି ଖୁବ୍ ମାରାତ୍ମକ । ଆମେ ରହୁଥିବା ଲଜ୍ ରେ ପିଇବା ପାଣିର ବ୍ୟବସ୍ଥା ନଥିଲା । ପିଇବା ପାଣି ଆମକୁ ଲଜ୍ କାଉଣ୍ଟରରୁ କିଣିବାକୁ ପଡୁଥିଲା । କହିବା ବାହୁଲ୍ୟ ଖାଇବାରେ ଆମର ଯେତେ ଖର୍ଚ୍ଚ ହେଉନଥିଲା, ତା ଠୁ ଅଧିକ ହେଉଥିଲା ଏହି ବଟଲ୍-ପାଣି କିଣାରେ । ଖାଇବା ହୋଟେଲ୍ ସବୁରେ ଫିଟିକରି ମିଶା ଉଷୁମ୍ ପାଣି ହିଁ ପିଇବାକୁ ଦିଆଯାଏ । ସାରା କେରଳରେ ସେଇ ଏକା ଚଳଣି । ତାହା ଦେଖିବାକୁ ରୋଜ୍-ୱାଟର ପରି ସାମାନ୍ୟ ଗୋଲାପୀ ରଙ୍ଗର । ଶୁଣିଲି ତାହା କୁଆଡେ ଦେହକୁ ଭଲ । ମନ୍ଦିର ଟ୍ରଷ୍ଟ ତରଫରୁ ନିଃଶୁଳ୍କ ଅନ୍ନପ୍ରସାଦ୍ର ବ୍ୟବସ୍ଥା ରହିଛି, କିନ୍ତୁ ଧାଡିବାନ୍ଧି ଅପେକ୍ଷା କରିବାକୁ ହୁଏ ।

ଯୋଉ ହୋଟେଲ୍ କୁ ଖାଇବା ପାଇଁ ଯାଅ, ସେଇ ଏକାଦୃଶ୍ୟ । କଦଳୀ ପତ୍ର ଉପରେ ନଡିଆ ତେଲରେ ରନ୍ଧା ଖାଦ୍ୟ । ସେମାନଙ୍କ ବହୁ ପ୍ରଚଳିତ ତଥା ଚାଲୁ ଲୋକପ୍ରିୟ ଖାଦ୍ୟ ଦେଖି ଲାଗିଲା ସେମାନେ ଆମ ଓଡିଆଙ୍କ ପରି ଡାଲି ତଥା ପରିବାପତ୍ରର ତରକାରୀ ଖାଆନ୍ତି ନାହିଁ । ବଦଳରେ ସବୁ ଖାଦ୍ୟରେ ପ୍ରଚୁର ହିଙ୍ଗୁ ଓ ଲଙ୍କା ଖାଆନ୍ତି ।

ସାରା ସହରରେ, ଏପରିକି ମନ୍ଦିର ଆଗରେ ଭିକାରୀ ଦେଖାଯାଆନ୍ତି ନାହିଁ । ଶୁଣୁଥିଲି ଭିକାରୀକୁ ଦେଖିବା ମାତ୍ରେ ସ୍ୱତନ୍ତ୍ର ପୋଲିସ ଆଇ ତାକୁ ଉଠେଇ ନେଇ କୌଣସି ଜନମଙ୍ଗଳ ଥଇଥାନ ସଂସ୍ଥାରେ ଦାଖଲ କରିଦିଅନ୍ତି । ରାସ୍ତାଘାଟରେ ଷଣ୍ଢ କି ବୁଲା କୁକୁରମାନଙ୍କ ଦୌରାତ୍ମ୍ୟ ନାହିଁ । ସ୍ୱତନ୍ତ୍ର ସ୍କ୍ୱାର୍ଡ ଆସି ସେମାନଙ୍କୁ ବି ଉଠେଇ ନେଇ ଚାଲିଯାଏ । ସାପ ଦେଖିଲେ ସାପକେଳା ଯେମିତି ଚଟାପଟ୍ ତାକୁ ମୁଣାରେ ପକେଇ ଚାଲିଯାଏ । ତେବେ ଭିକାରୀ ନଥିବାରୁ ଆମ ଭଳି ଓଡିଆମାନେ, ବିଶେଷକରି ମନ୍ଦିର ପାଖରେ ବଡ ହଇରାଣ ହେଉ । ଏକରକମ ହତାଶ ହେଉ । କାରଣ ଦାନ-ଖଇରାତ ନେବାକୁ କେହି ନଥାନ୍ତି । ଠାକୁର ବିଗ୍ରହ ସହିତ ଭିକାରୀ ଦର୍ଶନ ନହେଲେ ଆମକୁ ସବୁକିଛି ସଂପୂର୍ଣ୍ଣ ଲାଗେ ।

ବହୁ ଦୂରରୁ ହିଁ ଗୁରୁବାୟୁର ମନ୍ଦିରଟି ଦେଖାଯାଏ । ପାଗୋଡା ଆକୃତିର ଏହି ବହୁ ପ୍ରାଚୀନ ମନ୍ଦିରଟି, ଏକଦା ଲାଲ ରଙ୍ଗର ଟାଇଲ୍ ରେ ଆଚ୍ଛାଦିତ ଥିଲା । ଆଜିକାଲି ଟାଇଲ୍ ପରି ଦିଶୁଥିବା ସେଇ ଲାଲ ରଙ୍ଗର ଜି.ଆଇ. ଟିଣ ଚଦର ସବୁ ସେ ସ୍ଥାନ ଆବୋରି ନେଲାଣି ।

ISSN NO.
2582-208X

ଲୋକଙ୍କ ହାଉଯାଉ, ତଥା ସେମାନଙ୍କ ଓଠ ଫାଙ୍କରୁ ଛିଟିକି ପଡୁଥିବା ଅବୋଧ୍ୟ ସଂସ୍କୃତ ବା ମାଲାୟଲୀ ଭାଷାର ଭଜନ ବା ମନ୍ତ୍ର ହିଁ ସୂଚାଇ ଦେଉଥିଲା, ମନ୍ଦିର ପରିବେଶ ନିକଟେଇଗଲା। ସାବେରୀମଲାଇ ଦିଗେ ଆସୁଥିବା ସାରା ଭାରତର ଆୟାପ୍ପା ସ୍ୱାମୀ ଭକ୍ତମାନେ ନିଜ ନିଜର ଘନକଳା ରଙ୍ଗର ବସ୍ତ୍ର ପାଇଁ ଭିଡ ଭିତରେ ବାରି ହେଇପଡନ୍ତି। ସେଇ ପୁଙ୍ଗୁଳା ପାଦ ଓ ଛାତିରେ ବୁଲୁଥିବା ତୀର୍ଥଯାତ୍ରୀମାନେ ବେକରେ ଗେଣ୍ଡୁଫୁଲର ମାଳ ପିନ୍ଧିଥାନ୍ତି, ଅଣ୍ଟାରେ କଳା ରଙ୍ଗର ଲୁଙ୍ଗି, ତା ସାଙ୍ଗକୁ ମୁହଁରେ ଓ ଦେହରେ ହଳଦୀ ମଖା। ବାହ୍ୟ ରୂପଟି ଦେଖିବାକୁ କିଛି ମାତ୍ରାରେ ଅପରିଷ୍କାର ଦିଶୁଥିଲେ ସୁଦ୍ଧା କିଛି କିଛି ସ୍ୱପ୍ରଣିତ ନିଷ୍ଠା, ସଂକଳ୍ପ ଓ ପବିତ୍ରତାରେ ସେମାନେ ଉଜ୍ଜ୍ୱଳ ଦିଶୁଥାନ୍ତି। ମୁଣ୍ଡ ଉପରେ ଠେକା ବା ଓହଳିଥିବା ବ୍ୟାଗ୍ ଭିତରେ ନିଶ୍ଚୟ କୋଉଠି ମନ୍ତ୍ରିତ ଆକ୍ଷାମାଳା। ସେହି ଭେକ ହିଁ ସେମାନଙ୍କୁ ଉଚ୍ଚତର ଧାର୍ମିକର ମାନ୍ୟତା ଦେଇଥାଏ। ସବୁ କ୍ଷେତ୍ରରେ ଲୋକେ ସେମାନଙ୍କୁ ସହଯୋଗ ବି କରିଥାନ୍ତି। ବେଳେ ବେଳେ ତାଙ୍କ ପାଇଁ ସ୍ୱତନ୍ତ୍ର ଧାଡିର ବି ବ୍ୟବସ୍ଥା ହୁଏ। ଗୁରୁବାୟୁର ହେଉଛି କୃଷ୍ଣ ମନ୍ଦିର, ପୂରା କେରଳରେ ତିରୁଅନନ୍ତପୁରମ୍ ର ବିଷ୍ଣୁ ମନ୍ଦିର ପରେ ଏହା ହେଉଛି ଦ୍ୱିତୀୟ ବଡ ତଥା ଜନସମାଗମର ମନ୍ଦିର। ତାମିଲନାଡୁର ମନ୍ଦିର ସବୁରେ ମୁଖଶାଳାଗୁଡିକ ସବୁ ବିଶାଳ, କାରୁକାର୍ଯ୍ୟ ମଧ୍ୟ ଚମତ୍କାର। କିନ୍ତୁ କେରଳରେ ସେମିତି ନାହିଁ। ବରଂ ଅନେକ ବିଖ୍ୟାତ ମନ୍ଦିର ଖୁବ୍ ସାଧାସିଧା। ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ପାଞ୍ଚ ହଜାର ବର୍ଷ ତଳର। ଦେବକୀ ଓ ବସୁଦେବ କାରାଗାରରେ ଥିବାବେଳେ ସ୍ୱୟଂ ବିଷ୍ଣୁ ଶଙ୍ଖ-ଚକ୍ର-ଗଦା-ପଦ୍ମ ଧରି ଯେଉଁ ରୂପରେ ଦେଖା ଦେଇଥିଲେ, ସେଇ ରୂପରେ ହିଁ ଏଇଠି ଶ୍ରୀକୃଷ୍ଣ ପୂଜା ପାଇଥାନ୍ତି। ତେଣୁକରି କୃଷ୍ଣରୂପୀ ବିଷ୍ଣୁଙ୍କ ଗଳାରେ ତୁଳସୀ ମାଳ, ହାତରେ ପାଞ୍ଚଜନ୍ୟ ଶଙ୍ଖ, ସୁଦର୍ଶନ ଚକ୍ର, ଗଦା ଓ ପଦ୍ମ ଶୋଭା ପାଇଥାଏ। ଆଦି ଶଙ୍କରାଚାର୍ଯ୍ୟ ନିର୍ଦ୍ଦେଶ କରିଥିବା ପୂଜାବିଧି ଏଯାବତ୍ ଚାଲିଛି। ନମ୍ବୁଦ୍ରି ବ୍ରାହ୍ମଣମାନେ ପୁରୁଷାନୁକ୍ରମିକ ଭାବେ ଏହି ମନ୍ଦିରର ପୂଜକ। ଏହା ହିଁ ଦକ୍ଷିଣ ଭାରତର ଦ୍ୱାରକା ଭାବେ ପରିଚିତ।

କେରଳରେ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ହେଲେ ପୁରୁଷମାନଙ୍କୁ ଧଳା ଧୋତି ଏବଂ ମହିଳାମାନଙ୍କୁ ଧଳା ଶାଢୀ ପିନ୍ଧିବାକୁ ପଡିଥାଏ। ଏପରି ବାଧ୍ୟବାଧକତା ଦେଖି ପ୍ରଥମେ ପ୍ରଥମେ ଉତ୍ୟକ୍ତ ହେଉଥିଲି। କିନ୍ତୁ ଯେତେବେଳେ ଜାଣିଲି ଯେ ହଜାର ହଜାର ଲୋକ ଏହି ଧଳାବସ୍ତ୍ର ନିର୍ମାଣରେ ଲାଗିଛନ୍ତି, ତାହାଦ୍ୱାରା ଏକ ବିରାଟ କର୍ମସଂସ୍ଥା ବଞ୍ଚି ରହିପାରିଛି, ତା ପରେ ଯାଇ ଖୁସି ହେଇଥିଲି। ଏହି କୁଟୀର ଶିଳ୍ପ, ବୟନ ଶିଳ୍ପ ଯେ କେତେ ଲୋକଙ୍କୁ

ISSN NO.
2582-208X

ସମ୍ମାନ ଦେଉଛି, ରୋଜଗାର ଦେଉଛି – ଏହା କଣ କମ୍ କଥା କି? ଗାନ୍ଧୀଙ୍କ ହାତବୁଣା ଲୁଗାର ସ୍ୱପ୍ନ ସତ ହେଲା ପରି ଲାଗୁଥିଲା । ମୁଁ ମଧ୍ୟ କିଛି ଲୁଗା କିଣି କୁଟୀର ଶିଳ୍ପକୁ ସହଯୋଗ କରିବା ସାଥେ ସାଥେ ପରମ୍ପରାକୁ ସମ୍ମାନ ଜଣାଇ ଆନନ୍ଦ ପାଇଲି ।

ନିଜ ନିଜର ସହଣିକ ଅନୁସାରେ ଅନେକ ଲୋକ ବଡ ବଡ ପିତ୍ତଳ ରୁଖାରେ ଦୀପ ଲଗେଇ ମନ୍ଦିରକୁ ଦାନ କରୁଥିଲେ । ଏତେ ସଂଖ୍ୟାରେ ଦୈନିକ ପିତ୍ତଳ ରୁଖା ଆସି ପହଞ୍ଚିଯାଏ ଯେ ସେସବୁକୁ ମନ୍ଦିର ଟ୍ରଷ୍ଟି ତରଫରୁ ନିଲାମରେ ବିକ୍ରୀ କରାଯାଇଥାଏ । ଆଶାତୀତ ଶସ୍ତାରେ ରୁଖା ମିଳିଯାଏ । ନିଲାମରେ ବୋଲି ଲଗାଇବା ପାଇଁ ଭିଡ ହୁଏ । ଆଶ୍ଚର୍ଯ୍ୟ, ଏତେ ବଡ ତୀର୍ଥକ୍ଷେତ୍ର ହୋଇ ସୁଦ୍ଧା ଲୋକେ କେରଳୀ ଛଡା ଆଉ କିଛି ବୁଝନ୍ତି ନାହିଁ ।

ଗୁରୁବାୟୁର ମନ୍ଦିରର ନାଟ୍ୟ ମଣ୍ଡପଟି ଖୁବ୍ ପ୍ରସିଦ୍ଧ । କାରଣ ଏଇଠି ବର୍ଷ ସାରା ବିଭିନ୍ନ ନୃତ୍ୟଗୀତ, ନାଟକ, ଡ୍ରାମା ଆଦି ପରିବେଷଣ ହୋଇଥାଏ । କଣ୍ଠଶିଳ୍ପୀମାନେ ଆସି ଏଠାରେ ନିଜ ନିଜ ସାଧନାର ଝଲକ ଦେଖାନ୍ତି, କିଏ କିଏ ତାହାକୁ ଶ୍ରୀକୃଷ୍ଣଙ୍କୁ ଉତ୍ସର୍ଗ କରିଥାନ୍ତି । ସବୁ ଧର୍ମର କଳାକାରମାନେ ନିଜର ଉତ୍କର୍ଷକୁ ଏଇଠି ପ୍ରଦର୍ଶନ କରିବାକୁ ଇଚ୍ଛା କରିଥାନ୍ତି । ଆମେ ପହଞ୍ଚିବାର କିଛିଦିନ ପୂର୍ବରୁ ବିଖ୍ୟାତ ଗାୟକ ୟେସୁ ଦାସ ଏଠାରେ କିଛି ଶାସ୍ତ୍ରୀୟ ସଂଗୀତ ପରିବେଷଣ କରିଥିଲେ । ଆମେ ବସିଥିବାବେଳେ ଜଣେ କେରଳୀ ନୃତ୍ୟଙ୍ଗନା ଚମତ୍କାର ଓଡିଶୀ ନୃତ୍ୟ ପରିବେଷଣ କରି ଦେଖଣାହାରୀଙ୍କୁ ସ୍ତବ୍ଧ ଅରିଦେଲେ । ଓଡିଆ ଭାବେ ନିଜକୁ ଗର୍ବ ଲାଗୁଥିଲା । କଳାକାର ଜଣକ ନୃତ୍ୟ ମଣ୍ଡପରୁ ଓହ୍ଲେଇବା ପରେ, ଅନେକେ ତାଙ୍କୁ ଘେରି ପକେଇଲେ । ଆମେ ମଧ୍ୟ ତାଙ୍କୁ ପ୍ରଶଂସା କଲୁ ଏବଂ ଆମେ ଓଡିଶାର ବୋଲି ପରିଚୟ ଦେଲୁ । ସେ ବହୁତ ଖୁସି ହେଲେ, ଏବଂ ଦୀର୍ଘଦିନ ଧରି ଭୁବନେଶ୍ୱରରେ ରହି ନୃତ୍ୟଶିକ୍ଷା କରିଥିବା ଦିନ ସବୁକୁ ମନେ ପକେଇଲେ । ଅଙ୍ଗୁଳୀମାନଙ୍କରେ ନାଲି ଅଳତା ଲଗା ହୋଇନଥିବା କଥାଟିକୁ ଭିଡ ଭିତରେ ଆମେ କେବଳ ଜାଣିଥିଲୁ । ନୃତ୍ୟଙ୍ଗନା ସଲଜ୍ଜ ହସି ଅଳତା ଶିଶିଟିକୁ ଆଣିବାକୁ ଭୁଲି ଯାଇଥିବା କଥାଟି କହିଲେ । ସତେକି ଓଡିଶା ଭୂମିର ବରପୁତ୍ରମାନଙ୍କଠୁ କ୍ଷମା ମାଗି ନେଉଥିଲେ ।

ISSN NO.
2582-208X

ଗୁରୁବାୟୁର ମନ୍ଦିର ପରିସର ଭିତରେ କୁଙ୍କୁମ, ସିନ୍ଦୁର ଓ ଅନ୍ୟାନ୍ୟ ରଙ୍ଗରେ ଚିତ୍ରିତ ପାଟ ପିନ୍ଧା ହାତୀମାନଙ୍କୁ ନେଇ ମାହୁନ୍ତମାନେ ଆଗରେ ଚାଲୁଥିଲେ । ସତେକି ବାମନ ବର ପଛରେ ସଦ୍ୟ ବିବାହିତ ପୃଥୁଳକାୟା କନ୍ୟାଟି ବଧୂ ବେଶରେ ଧୀରେ ଧୀରେ ପାଦ ଗଣିଗଣି ଚାଲିଛନ୍ତି । ଶୁଣିଥିଲି କୁଆଡେ ମନ୍ଦିରରେ ରହିଛନ୍ତି ପଚାଶ ଖଣ୍ଡେ ହାତୀ, ସେମାନଙ୍କ ପାଇଁ ଉଦ୍ଦିଷ୍ଟ ହାତୀ ଖୁଆଡରେ । ମତେ ଅଚାନକ ପୂରା ଦୃଶ୍ୟଟି ହାତୀମୟ କେରଳର ଏକ କ୍ଷୁଦ୍ର ସଂସ୍କରଣ ପରି ଲାଗିଲା ।

ବୁଲିଲାବେଳେ ମୁଁ ବହୁତ ଖୁସିଥିଲି । କାରଣ କୋଏମ୍ବାଟୁର୍ ଷ୍ଟେସନ୍ ରେ ଓହ୍ଲେଇଲାବେଳେ ଗୁରୁବାୟୁରକୁ ନେଇ ମୁଁ ଯାହା କଳ୍ପନା ଜଳ୍ପନା କରିଥିଲି, ଅସଲରେ ତାଠୁ ଢେର ସୁନ୍ଦର ଥିଲା ମୋର ଅନୁଭୂତି ।

ଆନନ୍ଦ ଓ ଯନ୍ତ୍ରଣାର ମିଶ୍ରିତ ରୂପ, ତଳେ ଗଡି ଗଡି ଯାଉଥିବା ଭକ୍ତମାନଙ୍କ ମୁହଁରେ ଦିଶି ଯାଉଥିଲା । ଖୋଲା ପିଠିରେ, ପୁରୁଷ ନାରୀ ନିର୍ବିଶେଷରେ ମନ୍ଦିର ବେଢା ଭିତରେ ଥିବା କଠିନ ଶିଳାର ପିଠି ଉପରେ ଗଡି ଗଡି ପୂରା ମନ୍ଦିରକୁ ପରିକ୍ରମଣ କରିବା - ଏଠାକାର ଏକ ପରମ୍ପରା । କିଛି ଲୋକ ଗଡି ଗଡି ଦିଗହରା ହେଉଥିଲେ, କିନ୍ତୁ ତାଙ୍କ ପାଖରେ ଥିବା ସମ୍ପର୍କୀୟମାନେ ଉଚିତ ଦିଗକୁ ଦେଖେଇ ପ୍ରଦକ୍ଷିଣକୁ ସମାପ୍ତ କରାଉଥିଲେ । ଏହା ଏକ ଅତୀବ ମହାନ୍ କାମ ବୋଲି ଧରାଯାଏ ।

ସନ୍ଧ୍ୟାବେଳେ ମନ୍ଦିର ଖୁବ୍ ଅଲଗା ଅଲଗା ଲାଗେ । ମନ୍ଦିର ଗାତ୍ରରେ ଜଳିଉଠେ ହଜାର ହଜାର ଦୀପାଳି । ଆଗରେ ଚାଲିଥିଲେ ବର ପରି ସଜା ହେଇଥିବା ହାତୀ, ତା ପଛକୁ ଭେରୀତୁରୀ ଓ ଛତ୍ରୀ ଧରି ମନ୍ଦିରର ସେବାୟତମାନେ, ତାଙ୍କ ପଛରେ ଅଣ୍ଟା ହଲେଇ ନାଚୁଥିବା ନର୍ତ୍ତକ ଓ ନର୍ତ୍ତକୀମାନେ । ଏ ସମସ୍ତେ ମିଶି ମନ୍ଦିର ପରିକ୍ରମଣକୁ ଋଦ୍ଧିମନ୍ତ କରିଥାନ୍ତି । ଅନେକ ଜାଗାରେ ମାଲାୟଲୀ ଅକ୍ଷରରେ “ନାରାୟଣ ନାରାୟଣ” ବୋଲି ଲେଖା ଯାଇଥାଏ । ହାତୀ ମଥାଠୁ ଆରମ୍ଭ କରି, କାନ୍ଥବାଡ, ଘରର ପ୍ରବେଶପଥ, ଏପରିକି ଗଛମାନଙ୍କର ଗଣ୍ଡିରେ ଏହି ଶବ୍ଦଟି ଦେଖିବାକୁ ମିଳେ । ମନ୍ଦିରର ଅଧିକାଂଶ ବିଭାଗର ଛାତଟି ଏବେ ବି ମାଙ୍ଗାଲୋର୍ ରୁ ଆନୀତ ମାଟିର ଟାଇଲ୍ ଦ୍ୱାରା ଆଚ୍ଛାଦିତ । ଏହା ହିଁ କେରଳୀ ଷ୍ଟାଇଲ୍ ।

ISSN NO.
2582-208X

ନାରଦ ପୁରାଣ କହେ, ଶ୍ରୀକୃଷ୍ଣଙ୍କ ଦ୍ୱାରା ଦ୍ୱାରକା ନଗରୀରେ ଏକ ନାରାୟଣ ମୂର୍ତ୍ତି ସ୍ଥାପିତ ହୋଇଥିଲା। ପ୍ରବଳ ଝଡତୋଫାନ ଯୋଗୁଁ ସମୁଦ୍ରରେ ଢେଉ ଆସିଲା ଏବଂ ଦ୍ୱାରକା ବୁଡିଗଲା। ପାତାଳ-ଅଞ୍ଜନା ନାମକ ଶିଳାରେ ତିଆରି ହୋଇଥିବା ଯୋଗୁଁ ସେଇ ଚତୁର୍ଭୁଜ ନାରାୟଣ ମୂର୍ତ୍ତି ପାଣିରେ ଭାସି ଚାଲିଲା। ଗୁରୁ ବୃହସ୍ପତି ଓ ତାଙ୍କ ଶିଷ୍ୟ ବାୟୁ ଉଭୟେ ମିଶି ଧରାବକ୍ଷରେ ଏକ ପବିତ୍ରତମ ସ୍ଥାନର ସନ୍ଧାନରେ ଥିଲେ, ଯେଉଁଠାରେ କି ସେଇ ଉର୍ତ୍ତିର ପୁନଃସ୍ଥାପନା ହେବ। କେରଳର ଏହି ଜାଗାରେ ଏକ ପଦ୍ମପୋଖରୀ କୂଳ ଉଭୟଙ୍କୁ ସର୍ବୋତ୍କୃଷ୍ଟ ମନେହେଲା। ସେବେଠୁ ହିଁ ଜାଗାର ନାମ ଗୁରୁବାୟୁର ହୋଇଗଲା। ସେଇ ନାରାୟଣ ମୂର୍ତ୍ତି କୃଷ୍ଣ ରୂପରେ ଏବେ ବି ପୂଜିତ।

ପରିକ୍ରମା ପାଇଁ ମୂଳ ବିଗ୍ରହ କେବେ ମଧ୍ୟ ସ୍ଥାନଚ୍ୟୁତ ହୁଅନ୍ତି ନାହିଁ। ବରଂ ତାଙ୍କ ପ୍ରତିନିଧି ଭାବେ ଅନ୍ୟ ଏକ ବ୍ରୋଞ୍ଜ ମୂର୍ତ୍ତି ପଟୁଆରରେ ବାହାରେ। ମୂର୍ତ୍ତିକୁ ଚନ୍ଦନ ଲେପ କରାଯାଇ, କେଶର ଓ କର୍ପୂରରେ ଆଚ୍ଛାଦିତ କରାଯାଇ ଅଳଙ୍କାରରେ ଆଭୂଷିତ କରାଯାଏ। ହାତୀ ପିଠିରେ, ବିମାନରେ ବସି ବିଗ୍ରହ ସନ୍ଧ୍ୟାବେଳେ ମନ୍ଦିର ପରିକ୍ରମା କରନ୍ତି। ହାତୀ ପିଠିରେ ବସି ପୁରୋହିତ ଜଳ, ଫୁଲ ଓ ଚାଉଳ ତଳକୁ ନିକ୍ଷେପ କରନ୍ତି। ଏହି ହାତୀ ହେଉଛି କେରଳର ନିଜସ୍ୱ ପରିଚୟ। କେବେକେବେ, ହାତୀ ମନ ଜାଣିଲା ପରି କାହା କାହାର ମଥା ଛୁଇଁଦିଏ। ପିଲାଏ ଏତେବଡ ଜନ୍ତୁଟିକୁ ଦେଖି ମା ଛାତିରେ ମୁହଁ ଲୁଚାନ୍ତି। ପୁଣି ଡରି ଡରି ଅନାନ୍ତି। କିଏ କିଏ ନିଜ ନିଜର କଦଳୀ ବାଡ ବା ନଡିଆ ପଗିଚାରୁ ସେ ବର୍ଷର ପ୍ରଥମ ଫଳକୁ ଆଣି ବିଗ୍ରହକୁ ପ୍ରଣାମି ଦିଅନ୍ତି। ମନ୍ଦିର ତରଫରୁ ସେସବୁକୁ ତତକ୍ଷଣାତ୍ ନିଲାମ କରି ଦିଆଯାଇ, ଆଗ୍ରହୀ ଲୋକଙ୍କ ଭିତରେ ବାଣ୍ଟି ଦିଆଯାଏ। ଏ ସମସ୍ତ ଦୃଶ୍ୟକୁ ନେଇ ସନ୍ଧ୍ୟା ପରିବେଶ, ମନ୍ଦିର ବେଢାକୁ ସ୍ମରଣୀୟ କରିଦିଏ।

କ୍ରମଶଃ......

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ମୃତ୍ୟୁ ର ବିଭିଷିକା



ପୂଜା ସାହୁ

ମଣିଷ ଜୀବନ ଅଟଇ ଜଞ୍ଜାଳ
ମୃତ୍ୟୁ ଆସଇ ବୁଡିଲେ କାଳ ।
ମରଣ ଦେଖେନା ବେଳ ଅବେଳ
ନେଇଯାଏ ସାଥେ ସାଉଁଟି ସକଳ ।।

ଦିନ ଦିପହର, ସଞ୍ଜ ସକାଳ
ମଣିଷ ଖଟେ ବୁହାଇ ଝାଳ ।
ପ୍ରାଣ ଗଲାବେଳେ ଶରୀର ଅଚଳ
ପାଲଟି ଯାଏ ସେ ମସାଣି ଜାଳ ।।

ମରଣ ର ମଧ୍ୟ ଉପାୟ ହଜାର
ଆତ୍ମହତ୍ୟା, ମାର୍ଗର ପୁଣି କ୍ୟାନ୍ସର ।
ଦୁର୍ଘଟଣାରେ ଆହତ ରକ୍ତାକ୍ତ ଶରୀର
ଜଳେ ବୁଡି ପୁଣି କିଏ କରେ ଚିତ୍କାର ।।
ମୃତ୍ୟୁ ର ବିଭିଷିକା ବଡ଼ ଭୟଙ୍କର..
ମୃତ୍ୟୁ ର ବିଭିଷିକା ବଡ଼ ଭୟଙ୍କର.......

ISSN NO.
2582-208X

ଆସିଥାଏ ମୃତ୍ୟୁ ସାଜି ଶିକାରୀ
ମାନେନାହିଁ ସେ ଧନୀ କି ଭିକାରୀ ।
ଏତେ ସବୁ ଉପାୟ ଯାଏ ପୁଣି ହାରି
ଯେବେ ବଳାତ୍କାର କରେ ବଳାତ୍କାରୀ । ।

ଅନେକ ହତ୍ୟାକାରୀ ଜେଲ ଯାଆନ୍ତି ହସି
ଭୟ ନଥାଏ ଦେଖି ମଧ୍ୟ ଫାସି ।
ଜାଣନ୍ତି ସେମାନେ ସରକାର ଏଠି ଦେଶି
ଆଜିର ଖବର ଦୁଇ ଦିନ ପରେ ବାସି । ।

ଷାଠିଏ ବର୍ଷର ତପସ୍ୟା ମୁହୂର୍ତ୍ତରେ ହୁଏ ଅସାର
ଡାକରା ଆସିଯାଏ ଯମ ଦୂତର ।
କିଏ କରେ ଏଠି ଅପେକ୍ଷା ମୃତ୍ୟୁର
ପୁଣି କିଏ ଜନ୍ମେ କ୍ଷୀଣ ଆୟୁଷର ।।
ସବୁଠି କେବଳ ମୃତ୍ୟୁ ର ହାହାକାର...
ମୃତ୍ୟୁ ର ବିଭିଷିକା ବଡ଼ ଭୟଙ୍କର...
ମୃତ୍ୟୁ ର ବିଭିଷିକା ବଡ଼ ଭୟଙ୍କର.........

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗ,
ଭୁବନେଶ୍ୱର (ଦ୍ୱିତୀୟ ବର୍ଷ)
ଫୋନ୍ ନଂ -୯୩୩୭୧୨୦୪୭୩

ISSN NO.
2582-208X

# ସ୍ୱପ୍ନ ଓ ବାସ୍ତବ



ଗାୟତ୍ରୀ ବେହେରା

ଯାହା ପାଇଁ ଆଜି ଏତେ ମିଠା ସ୍ୱପ୍ନ
ସେ କିବା ସ୍ୱପ୍ନର ମହତ ବୁଝେ,
ଜଣା ଅଜଣା ର ଆସର ଭିତରେ
ପ୍ରେମର ଟିକିଏ ସାନିଧ୍ୟ ଖୋଜେ .......

ହଜିଲା ପ୍ରେମର ସ୍ୱପ୍ନ ତ ଅନ୍ଧାର
ଅନ୍ଧାରୀ ସ୍ୱପ୍ନର ମହତ କିବା,
ଆଶା ବାନ୍ଧି ଯଦି ପାଇବା ନ ହୁଏ
ମନ ତ ମଉଳେ ସ୍ୱପ୍ନ କି ଅବା......

ପ୍ରେମକୁ ଖୋଜିଲେ ପ୍ରେମ ମିଳେନାହିଁ
ମିଳେ ଖାଲି ଦୁଃଖ ଯାତନା,
ସ୍ୱପ୍ନ ତ ବସଇ ଅଭିମାନୀ ସାଜି
ପ୍ରୀତି ତ ନୁହଁଇ ଆପଣା........

ଭଲପାଇବା ର ଆନନ୍ଦ ଭିତରେ
ପ୍ରତାରଣାର ଅଜଣା ଭୟ,
କୁହୁଳି ଉଠଇ ଦେହ, ମନ, ପ୍ରାଣ
ବହିଯାଏ ମନେ ଲୁହର ସୁଅ........

ଆଖି ଲୋଡ଼େ ତାକୁ ଦେଖିବା ପାଇଁକି
ସମୟ ତ ପାରେନା ସହି,

ISSN NO.
2582-208X

ମନ ଭାବୁଥାଏ କହି କି ଦିଅନ୍ତି
ତୁମ ବିନା ପାରେନା ମୁଁ ରହି.......

ଆଖି ଓଠ ମଧ୍ୟେ ସଂଘର୍ଷ ଭିତରେ
କେହି ତ ଜିତି ପାରେନା,
ଜିତିଯାଏ ଏଠି ସମୟର ଗତି
ହୃଦୟ ସହି ପାରେନା.......

ଆଖି ଦେଖୁଥାଏ କେତେ ମିଠା ସ୍ୱପ୍ନ
ପ୍ରେମର ବାହୁରେ ଝୁଲି,
ରାତି ପାହିଗଲେ ସ୍ୱପ୍ନ ଭାଙ୍ଗିଯାଏ
ବାସ୍ତବତା ରହିଯାଏ ଖାଲି ........

ବାସ୍ତବ ପାଖରେ ହାର ମାନିବା ହିଁ
ପ୍ରେମର ଏକମାତ୍ର ଗତି,
ସତେ ଅବା ପ୍ରେମ ଚାହିଁ କି ନଥାଏ
ସ୍ୱପ୍ନ ସତ ହେଉ ବୋଲି .......

ସ୍ୱପ୍ନ ବାସ୍ତବତା ମଧ୍ୟରେ ଦୂରତା
ଦେଉଥାଏ ଯାତନା ମନକୁ,
ସ୍ୱପ୍ନ ହୋଇଯାଏ ଆକାଶର ଜହ୍ନ
ବାସ୍ତବତା ଧରିନିଏ କାନିକୁ........

ଜହ୍ନ ଆଉ କଇଁ ମିଶି ନ ପାରନ୍ତି
ଯେତେ ପ୍ରେମ ଥିଲେ ମଧ୍ୟ,
ସ୍ୱପ୍ନ ଓ ବାସ୍ତବ କିପରି ମିଶିବେ
ସମୟ ତ କଷ୍ଟସାଧ୍ୟ........

ଆଖିର କଥାକୁ କିଏ ବା ବୁଝିବ
ସ୍ୱପ୍ନ ତ ତାର ନିୟତି,

ISSN NO.
2582-208X

ସ୍ୱପ୍ନ ଓ ବାସ୍ତବ ଲଢେଇ ମଝିରେ
ସେ ପେଶି ହେଉଥାଏ ନିତି........

ଅବୁଝା ମନର ଅକୁହା କଥାକୁ
ପ୍ରେମ ତ ବୁଝି ପାରେନା,
ଆଖି ଯେତେ ଲୁହ ଗଡ଼ାଇଲେ ଅବା
ସ୍ୱପ୍ନ ତ ବାସ୍ତବ ହୁଏନା........

ସ୍ୱପ୍ନର ସୁଅରେ ଭାସି ଭାସି ଆଜି
ପ୍ରେମ, ବାସ୍ତବ କୂଳରେ ଲାଗେ,
ପ୍ରେମ ଖୋଜେ ସେଠି ଅବୁଝା ଆଖିକୁ
ଆଖି ତ ଲୁହରେ ଭିଜେ........

ମଲାଜହ୍ନ ପରି ମରିଯାଏ ସ୍ୱପ୍ନ
ବାସ୍ତବ ର ଦହଗଞ୍ଜ ଭିତରେ,
ମରିଥିବା ସ୍ୱପ୍ନକୁ କିଏ ବା ପଚାରେ
ବାସ୍ତବ ତ ଏଠି ଜିତେରେ.......

ବାସ୍ତବ ଆଗରେ ସ୍ୱପ୍ନ ହାରିଯାଏ
ଆଖି ଯାଏ ମଉଳି,
ସ୍ୱପ୍ନର ଅକୁହା କାହାଣୀ ଆଗରେ
ମନ ଉଠୁଥାଏ କୁହୁଳି........

ଟିକାତାଳ, ଖୋର୍ଦ୍ଧା
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ସ୍ନାତକୋତ୍ତର, ଦ୍ୱିତୀୟ ବର୍ଷ

ISSN NO.
2582-208X

# ମାୟା



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ପୁଅ ବୋହୂ ଅବା
ଝିଅ ଜୋଇଁ କେବେ
ପାଖରେ ରହିବେ ନାହିଁ
ଦରକାର ବେଳେ
ଦୂରରେ ଥିବେ ସେ
କାମରେ ଆସିବେ ନାହିଁ।

ପୁଅ ଝିଅ ପାଇଁ
ସବୁ ତ କରିଲ
କା'ପାଇଁ କରିନ କିଛି
ଦୁନିଆଁ ଯାକର
ସବୁ ସେବା ଦେଲ
ପୁତ୍ର କନ୍ୟାଙ୍କୁ ହିଁ ବାଛି।

ପୁଅ ଝିଅ ଯଦି
ସେବା ଦେଲେ ନାହିଁ
କିଏ କାହିଁ ଅବା ଦେବ ?
ମାଇପଟା ସିନା
କାଉଁ କାଉଁ ହୋଇ
ସେବା ତୁମ କରୁଥିବ।
ପରିବାର ଏବେ
ଛୋଟ ହୋଇଲାଣି
ବାପ ମାଆ ପୁଅ ଝିଅ

ISSN NO.
2582-208X

ପୁଅ ଯଦି ତୁମ
ବାପା ହୋଇଯିବ
ତୁମର ସେ ଆଉ ନୁହଁ।

ତାହା ପରିବାର
ଅଲଗା ହୋଇବ
ତହିଁରୁ କଟିବ ତୁମେ
ବୁଢ଼ା ବୟସରେ
ଅଲଗା ହୋଇଲେ
ଆସିବେନି ସିଏ କାମେ ।

ଯୁବା ବୟସରେ
ସନ୍ତାନ ସେବାରେ
ଦିନ ଗୁଡା କଟାଇଲ
ଗରିବ ଭାବରେ
ଦିନ ଗୁଡା କାଟି
ପୁଅ କଥା ଭାବୁଥିଲ ।

ଯେତେ ରଖିଥିଲ
ବୃଦ୍ଧ ବୟସକୁ
ଧନୀ ହିଁ ପାଲଟି ଗଲ
ଯିଏ ପଚାରୁନି
ବୃଦ୍ଧ ବୟସରେ
ତାକୁ ହସ୍ତାନ୍ତର କଲ।

ଇଛା ନଥିଲେ ବି
ପୁଅକୁ ଦେବାକୁ
ମାୟା ବାଧ୍ୟ କରିଥାଏ
ସେହି ପୁଅ ପୁଣି
ବୃଦ୍ଧ ବୟସରେ

ମୋ:9937462507

ISSN NO.
2582-208X

# ଏବଂ ଶେଷରେ.. ।



ସୀମାଞ୍ଚଳ ରଣା

ସବୁ ଚାଲିଗଲା ପରେ
ଏବେ ଆଉ ଇଚ୍ଛା ନାହିଁ
ମୁଠେ ସ୍ୱପ୍ନ ଆଉ ଚେନାଏ ହସ,
ଏ ଓଠ ସେମିତି କଳା ପଡୁ,
ଦେହଟା ନୁଖୁରା ଥାଉ/
କେହି ଜଣେ କହୁଥାଉ
ଗଜା ନିଶ ଦାଢ଼ି ବଙ୍କେଇବା କଥା।

ମୋତେ ପଚାରନା ଅଭିଯୋଗ କଥା
ମୋ ଦଫା ଖୁବ ସଙ୍ଗିନ ଓ ଭିତ୍ତିହୀନ,
ତମେ ହସ, ସେ ହସୁ
ଆଉ ଅବଶିଷ୍ଟ ଯାଯାବର ମାନେ/
ମୁଁ କେବଳ ଦେଖୁଥିବି ,
ମୋ ଦେହରୁ ପ୍ରାଣ ଗଲାବେଳେ।

ISSN NO.
2582-208X

ସେ ନଇ ହସୁ ନୀଳ ଅବା ସ୍ୱେଦର
ସେ କଇଁ ହସୁ ମୋର ଅବା ଜହ୍ନର,
ମୁଁ ତ ହସି ସାରିଛି ଜୀବନରେ ଗୁଡାଏ ଥର,
ଏ ପୃଥିବୀ କେବଳ ହସୁ ବାରମ୍ବାର ।

ଦିନେ ଖୁବ ବୋଝ ଲାଗିଲା
ଜୀବନର ଅଙ୍କାବଙ୍କା ରାସ୍ତାରେ,
ମୋ ଚପଳାମିର ଅସ୍ତବ୍ୟସ୍ତତା,
ହସୁ ହସୁ ଲୁହ ଯୋଖିଲି ଆଖିରେ
କୋହ ଯୋଡିଲି ଛାତିରେ/
ପଚାରନା ସେ ଓଜନ ସବୁ ସେଦିନର-
ମୁଁ ବି ଥକି ପଡ଼ିଥିଲି ଥରେ ।

ଏଇ ଏବେ ଏବେ
ବଂଚିବା କୁ ଖୁବ ଭଲ ଲାଗୁଛି,
ତମ ସହ ଅଳ୍ପ ବାଟ ଗଲାପରେ,
ପୁଣି ବି ଛାଡି ଥରେ ଆଉଥରେ/
ଆଉ କିଛି ଦୁଃଖ ବି ଥାଇ ପାରେ ।

ବାଙ୍ଗାଲୋର, କର୍ଣ୍ଣାଟକ

ISSN NO.
2582-208X

# ଭଏସ୍ କ୍ଲୋନିଂ



ଅସିତ ମହାନ୍ତ

ଭଏସ୍ କ୍ଲୋନିଂ ହେଉଛି ଜଣେ ବ୍ୟକ୍ତିର ସ୍ୱରର କୃତ୍ରିମ ଅନୁକରଣର ସୃଷ୍ଟି । ଆଜିର AI ସଫ୍ଟୱେର୍ ପଦ୍ଧତିଗୁଡିକ ସିନ୍ଥେଟିକ୍ ବକ୍ତବ୍ୟ ସୃଷ୍ଟି କରିବାରେ ସକ୍ଷମ, ଯାହା ଏକ ଲକ୍ଷ୍ୟସ୍ଥଳ ମାନବ ସ୍ୱର ସହିତ ଅତି ନିକଟତର । କେତେକ କ୍ଷେତ୍ରରେ, ପ୍ରକୃତ ଏବଂ ନକଲି ସ୍ୱର ମଧ୍ୟରେ ପାର୍ଥକ୍ୟ ସାଧାରଣ ଲୋକଙ୍କ ପାଇଁ ଅସମ୍ଭବ ଅଟେ । ଭଏସ୍ କ୍ଲୋନିଂରେ ବିଭିନ୍ନ ପ୍ରୟୋଗ ରହିଛି, ଯେପରିକି ମନୋରଞ୍ଜନ, ଆକ୍ସେସିବିଲିଟି, ଡିଜେନେରେଟିଭ୍ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଭଏସ୍ ବ୍ୟାଙ୍କିଙ୍ଗ୍ ଏବଂ ଅଧିକ ସୁରକ୍ଷିତ ପ୍ରାମାଣିକରଣ ପ୍ରଣାଳୀ ସୃଷ୍ଟି କରିବାକୁ ସାଇବର ନିରାପତ୍ତାରେ ମଧ୍ୟ ପ୍ରୟୋଗ କରାଯାଏ । ପ୍ରଥମ ଭଏସ୍ କ୍ଲୋନିଂ ଟେକ୍ନୋଲୋଜି ୧୯୯୮ ରେ ବର୍କଲେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନକାରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା ।

ବ୍ୟକ୍ତିବିଶେଷଙ୍କ ଉପରେ ଭଏସ୍ କ୍ଲୋନିଂର ପ୍ରଭାବ ବହୁମୁଖୀ । ଗୋଟିଏ ପଟେ, ଏହା ଯୋଗାଯୋଗ ଇଣ୍ଟରଫେସର କଷ୍ଟମାଇଜେସନ୍ ଏବଂ ବ୍ୟକ୍ତିଗତକରଣ ପାଇଁ ଅନନ୍ୟ ସୁଯୋଗ ପ୍ରଦାନ କରିପାରିବ, ଯାହା ବିଭିନ୍ନ ପ୍ରସଙ୍ଗରେ ଅଧିକ ପ୍ରାକୃତିକ ଏବଂ ଜଡିତ ପାରସ୍ପରିକ କାର୍ଯ୍ୟକଳାପ ପାଇଁ ଅନୁମତି ଦେବ । ଉଦାହରଣ ସ୍ୱରୂପ, ବକ୍ତବ୍ୟରେ ଅସୁବିଧା ଥିବା ବ୍ୟକ୍ତିମାନେ ଏକ ସିନ୍ଥେସାଇଜଡ୍ ସ୍ୱର ପାଇ ଉପକୃତ ହୋଇପାରନ୍ତି ଯାହାକି ନିଜ ଭଳି ଅଧିକ ଶୁଣାଯାଏ । ଅଧିକନ୍ତୁ, ଭଏସ୍ କ୍ଲୋନିଂ ପ୍ରିୟଜନ କିମ୍ବା ଐତିହାସିକ ବ୍ୟକ୍ତିବିଶେଷଙ୍କ ସ୍ୱରକୁ ସଂରକ୍ଷଣ କରିପାରେ, କାହାଣୀ କହିବା ଏବଂ ଶିକ୍ଷା ପାଇଁ ନୂତନ ସମ୍ଭାବନା ସୃଷ୍ଟି କରେ ।

ISSN NO.
2582-208X

ତଥାପି, ଭଏସ୍ କ୍ଲୋନିଂ ମଧ୍ୟ ଗୋପନୀୟତା, ସୁରକ୍ଷା ଏବଂ ନୈତିକ ପ୍ରଭାବ ବିଷୟରେ ଚିନ୍ତା ବଢ଼ିଥାଏ । କାହାର ସ୍ୱରର ବାସ୍ତବିକ ଅନୁକରଣ ସୃଷ୍ଟି କରିବାର କ୍ଷମତା ସହିତ, ଦୁର୍ଦ୍ଧାନ୍ତ ଅଭିନେତାମାନଙ୍କର ଛଦ୍ମନାମ, ଠକେଇ କିମ୍ବା ଭୁଲ ତଥ୍ୟ ବିସ୍ତାର ପାଇଁ ଏହି ଟେକ୍ନୋଲୋଜିକୁ ବ୍ୟବହାର କରିବାର ଆଶଙ୍କା ଅଛି । ଅଧିକନ୍ତୁ, ସମ୍ମତି, ଭଏସ୍ ତଥ୍ୟର ମାଲିକାନା, ଏବଂ ଗଭୀର ଫେକ୍ ଭିଡିଓଗୁଡିକରେ ସିନ୍ଥାଇଜଡ୍ ସ୍ୱରର ସମ୍ଭାବ୍ୟ ଅପବ୍ୟବହାର ବିଷୟରେ ପ୍ରଶ୍ନଗୁଡିକ ଯତ୍ନର ସହ ବିଚାର କରାଯିବା ଆବଶ୍ୟକ । ବର୍ତ୍ତମାନ ଏହି କୌଶଳକୁ ବ୍ୟବହାର କରି କିଛି ଅସାମାଜିକ ତତ୍ୱ କୌଣସି ବ୍ୟକ୍ତିଙ୍କର ପ୍ରିୟଜନ ହୋଇ କଥା ବାର୍ତ୍ତା କରି, ସେମାନଙ୍କୁ ବିଭିନ୍ନ ଉପାୟରେ ଠକୁଛନ୍ତି ।

ପରିଶେଷରେ, ଭଏସ୍ କ୍ଲୋନିଂ ହେଉଛି ଏକ ଶକ୍ତିଶାଳୀ ପ୍ରଯୁକ୍ତିବିଦ୍ୟା ଯେଉଁଥିରେ ଆମେ ଅଡିଓ ବିଷୟବସ୍ତୁ ସହିତ ଯୋଗାଯୋଗ କରିବାର ପଦ୍ଧତିରେ ବୈପ୍ଳବିକ ପରିବର୍ତ୍ତନ କରିବାର କ୍ଷମତା ରଖିଛି । ଯେତେବେଳେ ଏହା ନବସୃଜନ ପାଇଁ ରୋମାଞ୍ଚକର ସୁଯୋଗ ପ୍ରଦାନ କରେ, ଆମେ ମଧ୍ୟ ଏହି ଟେକ୍ନୋଲୋଜିର ଦାୟିତ୍ୱପୂର୍ଣ୍ଣ ଏବଂ ଲାଭଦାୟକ ବ୍ୟବହାର ନିଶ୍ଚିତ କରିବାକୁ ନୈତିକତା, ସୁରକ୍ଷା ଏବଂ ଗୋପନୀୟତା ଦୃଷ୍ଟିରୁ ସମ୍ମୁଖୀନ ହେଉଥିବା ଆହ୍ୱାନ ଗୁଡିକୁ ମଧ୍ୟ ସମାଧାନ କରିବାକୁ ପଡିବ ।

ଆପଣଙ୍କର  ସ୍ୱର କ୍ଲୋନ ହୋଇଛି କି ନାହିଁ ତାହା ଚିହ୍ନିବା ଏକ ଆହ୍ୱାନପୂର୍ଣ୍ଣ କାର୍ଯ୍ୟ ହୋଇପାରେ, କାରଣ ଆଧୁନିକ ଭଏସ୍ କ୍ଲୋନିଂ ଟେକ୍ନୋଲୋଜି ଅଧିକ ଅତ୍ୟାଧୁନିକ ଏବଂ ଅତ୍ୟନ୍ତ ବାସ୍ତବବାଦୀ ଅନୁକରଣ ସୃଷ୍ଟି କରିବାରେ ସକ୍ଷମ ହୋଇଛି । ତଥାପି, ସେଠାରେ କିଛି କୌଶଳ ଅଛି ଯାହା ଆପଣଙ୍କୁ ସମ୍ଭାବ୍ୟ ଭଏସ୍ କ୍ଲୋନିଂ ପ୍ରୟାସଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରିପାରିବ: ୧ – ବକ୍ତବ୍ୟ ପାଟର୍ନରେ ଅସନ୍ତୁଷ୍ଟତା: ତୁମର ସ୍ୱର ବ୍ୟବହାର କରାଯାଉଥିବା ପଦ୍ଧତିରେ କିମ୍ବା ସନ୍ଦେଶର ବିଷୟବସ୍ତୁରେ କୌଣସି  ଅସଙ୍ଗତି କିମ୍ବା ଅନିୟମିତତା ପ୍ରତି ଧ୍ୟାନ ଦିଅନ୍ତୁ । ଏକ କ୍ଲୋନଡ୍ ସ୍ୱରରେ ଇଣ୍ଟୋନେସନ୍, ରିଦିମ୍, କିମ୍ବା ଉଚ୍ଚାରଣରେ ସୂକ୍ଷ୍ମ ପାର୍ଥକ୍ୟ ଥାଇପାରେ ଯାହା ଏହାର ସିନ୍ଥେଟିକ୍ ପ୍ରକୃତି ଦେଇପାରେ । ୨ – ଅଜଣା ସ୍ୱର ର ସନ୍ଦେହ  : ଭଏସ୍ ମେସେଜ୍ ବିତରଣ କରୁଥିବା ପ୍ରସଙ୍ଗକୁ ବିଚାର କରନ୍ତୁ  । ଯଦି ଆପଣ ଏକ ଉତ୍ସରୁ ଏକ ବାର୍ତ୍ତା ଗ୍ରହଣ କରନ୍ତି ଯାହା ଚରିତ୍ର ବା ସନ୍ଦେହଜନକ ମନେହୁଏ, ଏହା ସ୍ୱରର ସତ୍ୟତା ବିଷୟରେ ପରଦା ହଟାଇ ପାରେ । ୩ –  ଭେରିଫିକେସନ୍ ସିଷ୍ଟମ୍: ମଲ୍ଟି ଫ୍ୟାକ୍ଟର୍ ପ୍ରାମାଣିକିକରଣ ପ୍ରଣାଳୀ

ISSN NO.
2582-208X

କାର୍ଯ୍ୟକାରୀ କରନ୍ତୁ ଯାହା କେବଳ ଭଏସ୍ ସ୍ୱୀକୃତି ବାହାରେ, ଯେପରିକି ପାସୱାର୍ଡ କିମ୍ବା ବାୟୋମେଟ୍ରିକ୍ ଡାଟା ପରି ଅତିରିକ୍ତ ଯାଞ୍ଚର ଆବଶ୍ୟକତା ।

ଭଏସ୍ କ୍ଲୋନିଂ ପ୍ରୟାସରୁ ନିଜକୁ ରକ୍ଷା କରିବା ପାଇଁ, ଆପଣ ନିମ୍ନଲିଖିତ ସତର୍କତା ଅବଲମ୍ବନ କରିପାରିବେ: ୧ - ଆପଣଙ୍କର ଭଏସ୍ ଡାଟା ସୁରକ୍ଷିତ କରନ୍ତୁ: ସର୍ବସାଧାରଣ କିମ୍ବା ଅନ୍ ଲାଇନ୍ ପ୍ଲାଟଫର୍ମରେ ଆପଣଙ୍କ ସ୍ୱରର ରେକର୍ଡିଂ ବାଣ୍ଟିବାରେ ସତର୍କ ରୁହନ୍ତୁ, କାରଣ ଏହା ଆପଣଙ୍କ ସ୍ୱରର କ୍ଲୋନଡ୍ ସଂସ୍କରଣ ସୃଷ୍ଟି କରିବାରେ ବ୍ୟବହୃତ ହୋଇପାରେ । ୨ - ଏନକ୍ରିପସନ୍ ବ୍ୟବହାର କରନ୍ତୁ: ଆପଣଙ୍କ ଭଏସ୍ ଡାଟା କିମ୍ବା ସନ୍ଦେଶକୁ ଅନଧିକୃତ ପ୍ରବେଶକୁ ରୋକିବା ପାଇଁ ଏନକ୍ରିପ୍ଟ (ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପସନ୍ ହେଉଛି ଏକ ସୁରକ୍ଷା ପଦ୍ଧତି ଯାହା ଆପଣଙ୍କର ଯୋଗାଯୋଗକୁ ସୁରକ୍ଷିତ ରଖେ । (ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପସନ୍ ସହିତ, ଗୁଗୁଲ୍ ଏବଂ ତୃତୀୟ ପକ୍ଷ ସମେତ କେହି ବାର୍ତ୍ତା ପଢ଼ିପାରିବେ ନାହିଁ) ହୋଇଥିବା ଯୋଗାଯୋଗ ଚ୍ୟାନେଲଗୁଡ଼ିକୁ ବ୍ୟବହାର କରନ୍ତୁ । ୩ - ସୂଚନାଯୋଗ୍ୟ ରୁହନ୍ତୁ: ସମ୍ଭାବ୍ୟ ବିପଦରୁ ନିଜକୁ ଭଲ ଭାବରେ ରକ୍ଷା କରିବା ପାଇଁ ଭଏସ୍ କ୍ଲୋନିଂ ଟେକ୍ନୋଲୋଜି ଏବଂ ସୁରକ୍ଷା ପଦକ୍ଷେପଗୁଡ଼ିକର ଅତ୍ୟାଧୁନିକ ଅଗ୍ରଗତି ଉପରେ ଅଦ୍ୟତନ ରୁହନ୍ତୁ । ସଜାଗ ରହିବା, ବିପଦ ବିଷୟରେ ସଚେତନ ହେବା ଏବଂ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦ୍ୱାରା ଆପଣ ଭଏସ୍ କ୍ଲୋନିଂ ଆକ୍ରମଣର ଶିକାର ହେବାର ସମ୍ଭାବନାକୁ ହ୍ରାସ କରିପାରିବେ ଏବଂ ଆପଣଙ୍କର ବ୍ୟକ୍ତିଗତ ଭଏସ୍ ତଥ୍ୟକୁ ସୁରକ୍ଷିତ କରିପାରିବେ ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# ...ଅଲୋଡ଼ା...



ଜନ୍ମଜୟ ନାୟକ

ସ୍ୱାର୍ଥ ସରିଗଲେ କିଏ ବା କାହାର,
ମିଛ ମୋହ ମାୟାର ଏହି ସଂସାର ।
ଝରଇ ଝରାଫୁଲ ଅଲୋଡ଼ା ହୋଇ,
ଝରାଫୁଲ ବିଭୁ ଶିରେ ନ ଶୋଭଇ ।୧।

ଅଲୋଡ଼ା ଜନ୍ମରୁ ଶ୍ମଶାନ ତୁଳସୀ,
ବେଦନା ଲୁଚାଇ ଦେଉଥାଏ ହସି ।
ସଂପର୍କ ମିଛ ସ୍ନେହ ଶରଧା ମିଛ,
ଫଳ ସରିଗଲେ ପର ହୁଅଇ ଗଛ ।୨।

ହସ ବୁଣିଦିଏ ଓଠ କିଆରିରେ,
ଦୁଃଖ ଲୁଚାଏ ତା' ଚିରା ପଣତରେ ।
ନିଜେ ଉପାସେ ରହି ସିଏ ଖୁଆଏ,
ସେ ସନ୍ତାନ ବଡ଼ ହୋଇ ଭୁଲିଯାଏ ।୩।

ISSN NO.
2582-208X

ସେ ମା'ର ପଣତ ଅଲୋଡ଼ା ହୁଅଇ,
ବିଳାସ ବ୍ୟସନେ ସନ୍ତାନ ରହଇ ।
ବିଲାତି କୁକୁର କୋଳରେ ଶୁଅଇ,
ଜନ୍ମଦାତ୍ରୀ ମାଆ କୁଟୀରେ କାନ୍ଦଇ ।୪।

କଂସାରି ହାତେ ବୁଢ଼ୀ ଗାଇକୁ ବିକି,
କି ଲାଭ ମନ୍ଦିରରେ ଧର୍ମ କରିକି ?
ଅଲୋଡ଼ା ଭାବି ବୃଦ୍ଧା ବାପାମାଆଙ୍କୁ,
ସ୍ୱର୍ଣ୍ଣ ଦାନ କାହିଁ କର ଭିକ୍ଷୁକକୁ ?।୫।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ତମେ କହିଥିଲ



ଚତରଞ୍ଜନ ବେହେରା

ତମେ କହିଥିଲ
ମଧୁର ସଙ୍ଗୀତ, ମୃଦୁ ମୃଦୁ ଭାସ
ମିଠା ପ୍ରେମ ଗୀତ ଗାଇଲେ.....
ତମେ କହିଥିଲ
ପାଖକୁ ଆସିବ
ରବି ପଶ୍ଚିମରେ ବୁଡ଼ିଲେ.....
ହେଲେ ତମେ ଆସିଲନି.....!!

ତମେ କହିଥିଲ
ମୁରୁକି ହସିଲେ ,ତେରେଛା ଚାହିଁଲେ
ପ୍ରେମ ନଜରରେ ଦେଖିଲେ....
ତମେ କହିଥିଲ
ନିତି ଚାହୁଁଥିବି
ଜହ୍ନ ଆକାଶରେ ଉଇଁଲେ....
ହେଲେ ତମେ ଚାହିଁଲନି......!!

ତମେ କହିଥିଲ
ବରଷା ଆସିଲେ, ମୋ ହାତ ଧରି
ବର୍ଷା ରେ ଭିଜି ବୁଲିଲେ.......
ତମେ କହିଥିଲ
ସାଥୀ ହେବି ବୋଲି
ତମ ସେ ଗୋଲାପି ଓଠରେ......
ହେଲେ ତମେ ଆସିଲନି....!!

ବୌଦ୍ଧ
ମୋ - 9438710387

ISSN NO.
2582-208X

# କାଶତଣ୍ଡୀ



ଅର୍ପିତା ମହାପାତ୍ର



ଶରତ ଲଗନେ ହେଲୁ ପ୍ରସ୍ଫୁଟିତ
ହସେ ଆଜି ବସୁନ୍ଧରା ।
ସଭିଙ୍କର କାନେ ଆସି ତୁ କହିଲୁ
ପାର୍ବଣ ଆସୁଛି ପରା ॥
ଦୋଳି ଖେଳୁ ତୁହି ସମୀର ପରଶେ
ଦିଶୁ କେତେ ମନୋହର ।
ତୋତେ ଦେଖି କବି ଲେଖଇ କବିତା
ଅନନ୍ଦେ ହୋଇ ବିଭୋର ॥
ମହୀ ସୁସଜ୍ଜିତ ଧବଳ ବେଶରେ
ଆସିବେ ମାଆ ଅବତରି ।
ଦୁଃଖିଙ୍କ ଆରତ ହେବ ପ୍ରଶମିତ
ଦୁଃଖ ଯିବ ଅପସରି ॥
କିଏ ସେ ଗଢିଛି ଏ ସୁନ୍ଦର ରୂପ ?
କି ବର୍ଣ୍ଣିବି ଶୋଭା ତୋର ।
ଭାବୁକର ତୁହି ମାନସ ମୋହିନୀ
ନାହିଁ ତୋର ପଟାନ୍ତର ॥

ଶ୍ରୀରାମପୁର, ରାମଗଡ, ବୌଦ୍ଧ

ISSN NO.
2582-208X

# ଭକ୍ତି ପୂତ ଶ୍ରଦ୍ଧାଞ୍ଜଳି



ପ୍ରଶାନ୍ତ କୁମାର ନାଥ

ପ୍ରବଚନ ଯାର ଅମୃତର ଧାର
ହୃଦୟକୁ ଯାଏ ଛୁଇଁ
ମନ ଗହନର ବନ୍ଧୁର ପଥକୁ
ଯାଇଥାଏ ପରା ଡେଇଁ ।

ଗୀତା ଭାଗବତ ଉପନିଷଦ କୁ
ବଖାଣିଲେ ଶ୍ରୋତା ଆଗେ
ଶୁଣୁଥିଲେ ତୁମ କଥା ଅମୃତକୁ
ସତେ କି ମଧୁର ଲାଗେ ।

ଆମ ସଂସ୍କୃତିର ପ୍ରଚାରକ ହୋଇ
ରଖିଛ କାଳିଆ ଟେକ
ସନାତନ ଧର୍ମ ଧ୍ୱଜା ଉଡୁଥିବ
ଦେଖୁଥିବେ ବିଶ୍ୱ ଲୋକ ।

ଶ୍ରୋତାଙ୍କ ମନକୁ ବାନ୍ଧି ରଖିବାରେ
ଥିଲ ତୁମେ ଧୁରନ୍ଧର
ଉଦଘୋଷକ ଭାବେ ନନ୍ଦିଘୋଷ ବେଳେ
ଭସାଅ ସୁନ୍ଦର ସ୍ୱର ।

ISSN NO.
2582-208X

ମନ ମରୁଭୂଇଁ ଉଠୁଥାଏ ଚେଇଁ
ଶୁଣୁଥିଲେ ତୁମ କଥା
ପ୍ରବଚନ ତୁମ ଶୁଣିଲେ କର୍ଣ୍ଣରେ
ହରି ନିଏ ମନ ବ୍ୟଥା।

କି ଯାଦୁ ଥିଲା କି ତୁମ ସେ କଥାରେ
ଭକ୍ତି ଭାବ ଉଠେ ଜାଗି
ମୟା ମୋହ ତେଜି ସଂସାର ମଧ୍ୟରେ
ହୋଇ ଯିବା ପାଇଁ ଯୋଗୀ।

ଜଗତ କଲ୍ୟାଣେ ପ୍ରବଚକ ହୋଇ
ସାଜିଥିଲ ଶ୍ରେଷ୍ଠ ଭକ୍ତ
ଶ୍ରୀଜଗନ୍ନାଥଙ୍କ ଚରଣ କମଳେ
ହେବା ପାଇଁ ତୁମେ ଯୁକ୍ତ।

ଭୁଲି ପାରିବନି ଉତ୍କଳର ମାଟି
ତୁମକୁ ଚାରଣ ଦାସ
ଯୁଗେ ଯୁଗେ ତୁମେ ଅମର ରହିବ
ଥିବ ତୁମ ନାମ ଯଶ।

ଅମର ଆତ୍ମାର ହେଉ ସଦ୍ ଗତି
ପ୍ରଭୁଙ୍କ ପାଦରେ ଅଳି
ଶ୍ରାଦ୍ଧ ଦିବସରେ ଶ୍ରଦ୍ଧା ସୁମନରେ
ଦେଉଅଛୁ ଶ୍ରଦ୍ଧାଞ୍ଜଳି।।

(ଜୁଣଗଡି)
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ଅଦୃଷ୍ଟ କାରିଗର

ହରିଶ୍ଚନ୍ଦ୍ର ବେହେରା

ସତରେ ଭାଗ୍ୟ ବୋଲି କିଛି ଅଛି ନା
କେଉଁ ଅଦୃଷ୍ଟ କାରିଗର ର ମିଛ ଭୋଜ ବାଜି
ଯାହା ଭୋଗିବାର ଅଛି ଭୋଗିବାକୁ ହେବ
କେଉଁ ଅଭେଦ୍ୟ କବଚ କୁଣ୍ଡଳ
ଆଶା କରିନି କାହାଠାରୁ

କେଉଁଠି ହଜିଗଲା ପିଲାଦିନର ସେଇ
ରୂପସୀ ପୃଥିବୀଟା
କିଏ ଭାଙ୍ଗି ଦେଇଛି ତା'ର ସବୁତକ ସୋହାଗ
ପୋଛି ଦେଇଛି ମଥାରୁ ସିନ୍ଦୂର

ଏବେ ଖୁବ୍ ଅଶାନ୍ତ ସମୁଦ୍ରଟିଏ ମୋ ଭିତରେ
ମୋର ଇହ ଆଉ ପରକାଳକୁ ଆବୋରି
ମୋତେ ଜଣା ନାହିଁ ତାକୁ ଶାନ୍ତ କରିବାର ମନ୍ତ୍ର

ସ୍ୱପ୍ନ ଖଚିତ ଏ ସଂସାର
ଖାଲି ଆଖିକୁ ଲୁହ ଦିଏ

ନିଶବ୍ଦ ଛାଇରେ ଶବ୍ଦ ଗୁଂଥୁଛି ଯେଉଁ ମାଳି
ମୁଁ ତାକୁ ଚିହ୍ନେ
ନଦୀରେ ଯାଉଛି ଯେଉଁ ଡଙ୍ଗା

ISSN NO.
2582-208X

ମୁଁ ତା' କୁ ଜାଣେ
ବଡ଼ି ଭୋର ରୁ ପୃଥିବୀକୁ ଯିଏ ନିଦରୁ ଉଠେଇ ଦିଏ
ମୁଁ ତା'ର ଖୁବ୍ ପରିଚିତ

ମୁଁ କାହିଁକି କାନ ଡେରିଥାଏ
ଏକୁଟିଆ ପକ୍ଷୀର ଡାକକୁ
ସମୟ ଦେହରେ ଆଉଜି ମୁଁ ଶୁଣେ
ତା'ର କୋମଳ ଗାନ୍ଧାର
ସେଥିରେ କେତେ ଲୁହ ଅଛି
ମୁଁ ହିଁ କେବଳ ଜାଣେ
ମୋ ଦୁଃଖ ତକ ଗୋଳି ଦିଏ ତା' ରାଗ ସହ

ବର୍ଷାରେ ବତୁରି ଯିବାକୁ ଖୁବ୍ ଭଲ ଲାଗେ
ଦୁଃଖ ତକ ତା' ସୁଅରେ ଭସେଇ ଦେବାକୁ
କାନ ଡେରିବାକୁ ତା' ଆ ଆ ଡାକକୁ
ଦୂର ଅତୀତର ମନ ଉଲୁସା ସ୍ୱପ୍ନ ଭିତରେ ହଜି ଯିବାକୁ

ଆମେ କ'ଣ ଫେରିପାରିବା ନାହିଁ
ସେ ପିଲାଦିନ ଭିତରକୁ
ଭଙ୍ଗା କାଁଥିରେ ଖେଳୁଥିବା ଖରା
ଉଲ୍ଲେହି ଗଲାଣି ତଳକୁ
ମନରେ ରଙ୍ଗ ଲଗେଇବାକୁ କେହି ନାହିଁ
ଖାଲି ଜୁଆରଭଟା ର କେଇପଦ ଗୀତ ଯାହା

ଦୂର ପବନ ରେ ମିଳେଇ ଯାଇଛି
ପୂର୍ବ ରାଗିଣୀ ସବୁ

ISSN NO.
2582-208X

ଛାତି ତଳେ ଫାଙ୍କା ଜାଗାଟିଏ ଖାଲି ଖାଁ ଖାଁ
ନିଛାଟିଆ

ଦିନେ ଡାକିନେବ ଅମଡ଼ା ବାଟ
କେହି ସାଥିରେ ଯିବାକୁ ନ ଥିବେ
ଅଥଯ୍ୟ କରୁନଥିବ ପୁରୁଣା ମୁହାଁଶ
ଖାଲି ଯାହା ଅବସୋସ ରେ ଘାରି ହେବା
ଏଇଥିପାଇଁ ଯେ
ମୁଁ ଯାଉଛି ବୋଲି କହିପାରିଲିନି
ଖେଳାଲୋଳା ଖଞ୍ଜନାକ୍ଷୀ କୁ ମୋର

ହେଇ ଶୁଭିଲାଣି ଆମ୍ବୁଲେନ୍ସ ର ସାଇରନ
ଆଗେ ତାକୁ ବାଟ ଛାଡ଼
ତାପରେ ମୋତେ ନେବ ମଶାଣିକୁ
କଥା ମାନ ମୋର ପ୍ରିୟ ମାଲଭାଇ ମାନେ
ସୁଖ ତକ ନେବତ
ଟିକେ ଉଛର ହେଲେ କେଉଁ ଗଳି ପଡୁଛି
ତୁମ ପାପୁଲିରୁ --!!

କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮

ISSN NO.
2582-208X

# ରହସ୍ୟବାଦ ଓ କବି ଲକ୍ଷ୍ମୀକାନ୍ତ ମହାପାତ୍ର



ଡକ୍ଟର ହିନାଥ ମଲ୍ଲିକ୍

କାନ୍ତକବି ଲକ୍ଷ୍ମିକାନ୍ତ ମହାପାତ୍ର(୧୮୮୮-୧୯୫୩) ଓଡ଼ିଆ ଭାଷା ଓ ସାହିତ୍ୟର ଜଣେ କାଳଜୟୀ ସ୍ରଷ୍ଟା ଭାବରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ୧୮୮୮ ମସିହା ଡିସେମ୍ବର ୯ ତାରିଖ ମାଣବସା ଗୁରୁବାର ଦିନ ଭଦ୍ରକ ଜିଲ୍ଲାର ତାଳପଦା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ପିତା ଶ୍ରୀ ଭାଗବତ ପ୍ରସାଦ ସାମନ୍ତରାୟ ଓ ରାଧାମଣୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ସେହି କାନ୍ତ-ଶାନ୍ତ-ସରଳ ସାହିତ୍ୟାନୁରାଗୀଙ୍କ ଲେଖନୀ ଏ ଜାତିର ବାଣୀ ଭଣ୍ଡାରକୁ ରସଭରା ଓ ରତ୍ନଗର୍ଭା କରିପାରିଛି ବୋଲି କହିବାକୁ ପଡିବ । ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ଅତୁଳନୀୟ । କାନ୍ତକବିଙ୍କ ରଚନାଗୁଡିକ ମଧ୍ୟରେ 'କଣାମାମୁ'(ଉପନ୍ୟାସ), 'ବୁଢାଶଙ୍ଖାରି'(ଗଳ୍ପ), 'ଜୀବନ ସଙ୍ଗୀତ', 'ଅସହଯୋଗୀର ଆତ୍ମକଥା', 'ଚେନାଚୁରର ପ୍ରେମ', 'ଦେହି ପଦପଲ୍ଲବ ମୁଦାରମ୍' (ଗଳ୍ପ ସଙ୍କଳନ), 'ଚଟକ ଚନ୍ଦ୍ରହାସ ଚମ୍ପୂ' ଆଦି ଅନ୍ୟତମ । ତାଙ୍କର ସମସ୍ତ ରଚନା ଗୁଡିକ କାନ୍ତସାହିତ୍ୟମାଳା ଖଣ୍ଡ-୧ ଓ ୨ ରେ ସ୍ଥାନିତ ହୋଇଛି । ୧୯୩୭ ସେ ଡଗର ପତ୍ରିକାର ପ୍ରତିଷ୍ଠା ଓ ସମ୍ପାଦନ କରିଥିଲେ । କାନ୍ତକବିଙ୍କ 'ବନ୍ଦେଉତ୍କଳ ଜନନୀ' ଲେଖାଟି ଆମ ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଛି । କବିଙ୍କର ସାହିତ୍ୟକୃତି ଗୁଡିକରେ ହାସ୍ୟ, ବ୍ୟଙ୍ଗ, ଜାତୀୟତା, ବିଭୁପ୍ରେମ ଓ ରହସ୍ୟବାଦର ପ୍ରତିଫଳନ ଓଡ଼ିଆ ପାଠକ ପ୍ରାଣକୁ ବିମୁଗ୍ଧ କରିଛି ।

ISSN NO.
2582-208X

'ରହସ୍ୟବାଦ' ଶବ୍ଦଟି ସମାଲୋଚଙ୍କ ଦ୍ୱାରା ଭିନ୍ନ ଭିନ୍ନ ଭାବରେ ବ୍ୟାଖ୍ୟା କରାଯାଇଛି । ଜୀବ ଓ ପରମର ମହାମିଳର ଅନୁଭୂତି ଯେଉଁ ଠାରେ ସମ୍ଭବ ହୁଏ ସେଠାରେ ଆମେ କହିଥାଉ ମିଷ୍ଟିକ୍ ଚେତନାର ପ୍ରତିଫଳନ । ଓଡ଼ିଆରେ ଏହାକୁ ଅବଶ୍ୟ ରହସ୍ୟବାଦ, ମରମବାଦ, ଅତିନ୍ଦ୍ରୀୟ ବାଦ ପ୍ରଭୃତି ନାମରେ ନାମିତ କରାଯାଇଛି । ମିଷ୍ଟିକ୍ ବା ରହସ୍ୟବାଦ ଅନୁଭୂତି ହେଉଛି ଗଭୀର ଅନ୍ତର୍ଦୃଷ୍ଟିର ଭାବନା । ଏହି ସ୍ଥାନରେ ଭାବୁକ ରୂପ ସହିତ ଅରୂପର, ଶାନ୍ତ ସହିତ ଅନନ୍ତର, ଦୃଶ୍ୟ ସହିତ ଅଦୃଶ୍ୟ ରାଜ୍ୟର ସମ୍ପର୍କ ସ୍ଥାପନ କରିଥାଏ । ଭୌତିକ ବନ୍ଧନଯୁକ୍ତ ମଣିଷ ରହସ୍ୟବାଦ ଚିନ୍ତାରେ ନିବିଡ ଆଧ୍ୟାତ୍ମିକ ଆନନ୍ଦ ଲାଭ କରିଥାଏ । ପରମାତ୍ମଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ଯୋଡିବାର ବ୍ୟାକୁଳତା ଏଠାରେ ପ୍ରକାଶ ପାଇଥାଏ । ପରମ ଆରାଧ୍ୟ ପରମ ସତାଙ୍କୁ ଯେଉଁ ଜ୍ଞାନ ଦ୍ୱାରା ଅନୁଭବ କରାଯାଏ ତାହା ହେଉଛି ରହସ୍ୟବାଦ । ରହସ୍ୟବାଦୀ କବି ଯେତେବେଳେ ନିଜକୁ ପ୍ରକାଶ କରେ, ସେ କୌଣସି ପ୍ରତୀକର ଆଶ୍ରୟ ଗ୍ରହଣ କରିଥାଏ । ସେ ବହୁ ମଧ୍ୟରେ ଏକର, ବିଭିନ୍ନ ମଧ୍ୟରେ ଅଭିନ୍ନର ରୂପାଲୋକ ସନ୍ଦର୍ଶନ କରେ ।

କାନ୍ତକବି ଲକ୍ଷ୍ମୀକାନ୍ତଙ୍କର 'ଜୀବନ ସଙ୍ଗୀତ' କବିତାରେ ଏହି ଭାବନାର ମାର୍ମିକ ପ୍ରତିଧ୍ୱନୀ ଶୁଣିବାକୁ ମିଳେ –

"କିଏ ସେ ଡାକୁଛି ନଇସେପାରିରେ
ରହିରହି କେଡେ ବାଗରେ
ଦୋଦୋଚିହ୍ନା ସ୍ୱର ଶୁଣିଥିଲି ପରା
କେତେ ଯୁଗ ଯୁଗ ଆଗରେ ।
କେଉଁ ଉହାଡରେ ଥାଇ ସେ ଡାକୁଛି
ଖଣ୍ଡି ସ୍ୱର ତାର ନହେଉଛି ବୁଝି
କେଉଁ ଗୁହା ଭେଦି ପହଁରି ଆସିଛି
କେଉଁ ନିଛାଟିଆ ସାଗରେ" । (୧)

ISSN NO.
2582-208X

ସୃଷ୍ଟି ମାଧ୍ୟମରେ ଆତ୍ମପ୍ରକାଶ କରିବା ସ୍ରଷ୍ଟାର ସହଜାତ ପ୍ରବୃତି ତାଛଡା ଅନ୍ୟ କିଛି ନୁହେଁ ସେଥିପାଇଁ ବିଭିନ୍ନ ସ୍ରଷ୍ଟାଙ୍କ ପ୍ରବୃତି ଭିନ୍ନ ଭିନ୍ନ ବି ହୋଇଥାଏ । ଆନନ୍ଦରେ ମଣିଷ ଅନ୍ତର ଖୋଲା ହସ ହସେ, ଦୁଃଖ ରେ ପୁଣି ସେହି ମଣିଷ ଭାଙ୍ଗିପଡି କ୍ରନ୍ଦନ କରେ । ବେଳେବେଳେ ପୁଣି ତାର ଭାବପ୍ରାବଲ୍ୟ ଆସିଲେ ଆତ୍ମାନୁଭବ ଜାଗ୍ରତ ହୁଏ । ଏଥିରୁ ପ୍ରସ୍ଫୁଟିତ ହୁଏ ତାର ନିଜସ୍ୱ ରଚନାବଳୀ । କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ହୃଦୟରେ ଠିକ୍ ଏହି ଭାବ ଅନୁଭୂତ ହୋଇଥିଲା ସେତିକିବେଳେ, ଯେତେବେଳେ ସେ ମାନବ ଜୀବନର ପ୍ରତ୍ୟେକ ତନ୍ତ୍ରୀର ଚିନ୍ତା ଚେତନାକୁ ଗଭୀର ଅନ୍ତର୍ଦୃଷ୍ଟିର ସହିତ ନିରୀକ୍ଷଣ କରିଥିଲେ । ଫଳତଃ ତାଙ୍କ ଦୃଷ୍ଟିର ସୀମା ବହୁ ଦୂର ଯାଏଁ ପରିବ୍ୟାପ୍ତ ହୋଇଥିଲା । ସେ ଆଉ ନିଜ ପାଦକୁ ସ୍ଥିର ରଖି ନଥିଲେ, ଭଲମନ୍ଦ ବିଚାର କରି ନଥିଲେ । ନିଜ ସୃଷ୍ଟି ମଧ୍ୟରେ ଆତ୍ମହରା ହୋଇପଡି ନିଜକୁ ଆତ୍ମପ୍ରକାଶ କରିବା ଲାଗି ଆଗକୁ ଆଗକୁ ପାଦ ପକାଇ ଚାଲି ନିଜ ରଚନାର ଛତ୍ରେଛତ୍ରେ ସମାଜରେ ଅମୃତ ବୃଷ୍ଟି କରିଥିଲେ । (୨)

ଏକଥା ସ୍ୱୀକାର କରିବାକୁ ହେବ ଯେ, ଗଭୀର ଦୁଃଖ, ଯନ୍ତ୍ରଣା ଓ ମର୍ମବେଦନା କବିଙ୍କର ଧୈର୍ଯ୍ୟ ଓ ସହନଶକ୍ତିକୁ କ୍ରମେ ଦୁର୍ବଳ କରିଦେଇଛି । 'ସୁତରାଂ କବି ଏହି ସମୟରେ ଈଶ୍ୱରଙ୍କ ସଂଗୀତ ଗାନ କରିବାକୁ ପାଗଳ ପ୍ରାୟ ଘୂରି ବୁଲୁଥିଲେ । ପାଗଳାମୀର ଛଳନାରେ ସେ ରଙ୍ଗରସ ଛାୟାତଳେ ଆତ୍ମଗୋପନ କରି ଦୁଃସହ ଦୁଃଖକୁ ଏଡି ଦେବାର ପ୍ରଚେଷ୍ଟା କଲେ । ନିରୁପାୟ, ନିରାଶ୍ରୟ, ବିଷାଦ, ଓ ବିଦୀର୍ଣ୍ଣ ଚିତକୁ ସେ କ୍ଷଣିକ ଆଶ୍ୱସ୍ତି ଦେବା ନିମିତ ସଙ୍ଗୀତ ସୃଷ୍ଟି ଓ ସଙ୍ଗୀତଗାନ ଭଗବାନଙ୍କ ପ୍ରଦତ ଉପାୟ ବୋଲି ସ୍ଥିର କରିନେଲେ ।'(୩) ବହୁ ରୋଗ ଓ ଶୋକ ମଧ୍ୟରେ କାନ୍ତକବିଙ୍କ ସାହିତ୍ୟ ସୃଷ୍ଟିର ସ୍ରୋତ କ୍ରମେ ପ୍ରଖର ହେଲା । ମୋଟ ଉପରେ କହିବାକୁ ଗଲେ ଏହି ସାଧନା ତାଙ୍କ ଜୀବନରେ ଏକାନ୍ତ ଭାବେ ଅଙ୍ଗୀଭୂତ ହୋଇଯାଇଥିଲା ।

ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ଯେତେବେଳେ କୁଷ୍ଠବ୍ୟାଧି ତାଙ୍କ ଅଙ୍ଗକୁ ଅଧିକ ଜର୍ଜର କରିବାକୁ ଲାଗିଲା, କବିଙ୍କର ଚଳିତ ପାଦ ଦୁଇଟି ଯେତେବେଳେ ଚଳତ ଶକ୍ତି ରହିତ

ISSN NO.
2582-208X

ହୋଇଗଲା, ଶରୀର କ୍ଷୀଣ ହୋଇଗଲା, ସୁନ୍ଦର ମୁଖଶ୍ରୀ ବିକୃତ ହୋଇଗଲା ଏବଂ ପାରିବାରିକ ପରିସ୍ଥିତି ଜଟିଳ ହୋଇଗଲା, କବି ଲକ୍ଷ୍ମୀକାନ୍ତ ସେତେବେଳେ ଅର୍କ୍ଷିତ ଭଳି ଇଶ୍ୱରଙ୍କୁ ପ୍ରାର୍ଥନା କରି ଗାଇଉଠିଛନ୍ତି-

"ସବୁଥିରୁ ବଂଚିତ କରି କେଉଁ ଯଶବାନା ଉଡାଇବହେ
ଯାହା ଦେଇଥିଲ ସବୁତ ନେଲଣି
ଆଉ ଏବେ କିସ ଛଡାଇବ ହେ ।
ସଂସାରେ ଯେ କରଇ ଆଶ, ଧାଏଁ ସିନା ସେ ତୁମ୍ଭ ପାଶ
ସକଳ ଭରସା ଯାର ତୁଟିଲାଣି
କିସ ବୋଲି ତାକୁ ଡରାଇବ ହେ ।
ଠକି ଠକି ଥରକୁ ଥର, ବୁଝିଲିଣି ତୁମ୍ଭ ଚାତର,
ମନେ ପାଂଚିଛକି ହାଟ ମଝିଟାରେ
ଠିଆକରି ବାଟ ହୁଡାଇବ ହେ ।" (୪)

ଗଭୀର ଇଶ୍ୱର ବିଶ୍ୱାସ ଆସିଗଲା, ଭଗବାନଙ୍କ ନିକଟରେ ସଂପୂର୍ଣ୍ଣ ସମର୍ପିତ ହୋଇଗଲେ, ପ୍ରଭୁଙ୍କୁ ନିଜ ଜୀବନର ସକଳ ଗତିମୁକ୍ତି ଦାତା ମନେ କରିଗଲାପରେ ଭକ୍ତଟି ତା ପ୍ରଭୁଙ୍କୁ ସକଳ ମର୍ମବେଦନା ଜଣାଇଦିଏ । ସେଠାରେ ଆଉ ଦୂରତ୍ୱ କିଛି ରହେ ନାହିଁ ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ । ତେଣୁ ସେ ତାର ସକଳ କଷ୍ଟକୁ ଅକୁଣ୍ଠରେ ଭଗବାନଙ୍କୁ ଜଣାଇ ଦିଏ ଶିଶୁଟିଏ ଭଳି । ଶିଶୁଟିଏ ଯେମିତି ତାର ସକଳ ଅଭିଯୋଗକୁ ମା' ଆଗରେ ପ୍ରକାଶ କରିନିଏ, କବିଙ୍କର ଭାବନା ଠିକ୍ ସେହିପରି । ପୁଣି ଏହା ଅଭିମାନୀ ଭକ୍ତର ଆତ୍ମାଭିବ୍ୟକ୍ତି ବି ହୋଇପାରେ । ଭକ୍ତ ଇଶ୍ୱରଙ୍କୁ ତାଙ୍କର ପ୍ରାଣପ୍ରିୟ ବୋଲି ମନେକଲା ପରେ ଏପରି ଅଭିମାନ କରିବା ବି ସ୍ୱାଭାବିକ । ଓଡିଆ ଭକ୍ତି ସାହିତ୍ୟରେ ଏହିଭଳି ଭକ୍ତକବିମାନଙ୍କର ରାଶି ରାଶି ଦୃଷ୍ଟାନ୍ତ ରହିଛି, ଯେଉଁମାନେ ତାଙ୍କ ଆରାଧ୍ୟ ଇଶ୍ୱରଙ୍କୁ ଅଭିମାନ ମିଶ୍ରିତ ଭର୍ତ୍ସନା କରିଛନ୍ତି । କିନ୍ତୁ ଏହି ଅଭିମାନ ମିଶା ଭର୍ତ୍ସନା ଭିତରେ ବି ଭକ୍ତ କବିଟିଏ ଆଶା

ISSN NO.
2582-208X

ରଖିଥାଏ ତା ପ୍ରଭୁଙ୍କ ଦର୍ଶନ ପାଇବା ପାଇଁ । ସେ ଜାଣେ ତା ପରମାରାଧ୍ୟ କେବେ ତାକୁ ନିରାଶ କରିବେ ନାହିଁ । ତେଣୁ ସେ ଭକ୍ତିପୂତ ହୋଇ ଗାଇଉଠେ –

"ମୁକୁଳାଇ ମୋର ହୃଦୟ ଦୁଆର
                    ଚାହିଁ ରହିଛି ମୁଁ ତାହାରି ଲାଗି ।
ଏହି ପରା ସେହି ଆସୁଅଛି ବୋଲି
ବସିଛି ଦିବସ ରଜନୀଜାଗି ।
ମୃଦୁ ପଦଧ୍ୱନି ଶୁଣି ଥରେ ଥରେ
ଚମକି ଚମକି ଉଠେ ଚକିତରେ
ବସି ବସି ବୃଥା ଆକୁଳ ଅନ୍ତରେ
ହେଉଥାଏ ଚିର ବେଦନାଭାଗୀ
(କିନ୍ତୁ) ସେ ବେଦନା ଦେହେ ରହିଅଛି ପୂରି
କେତେ ଆନନ୍ଦ, ଆଶ୍ୱାସନା ।
ସେହି ଆକୁଳତା ଆଣି ଦିଏ ପ୍ରାଣେ
କେତେ ବିରହର ବାସନା ।
ସେହି ମୋହ ମୋର ଚିର ଆକାଂକ୍ଷିତ
ସେହି ଆଶା ମୋର ଚରମ ବାଂଚିତ,
ସେହି ଧ୍ୟାନେ ସଦା ରହିଥିବି ବ୍ରତୀ
ସଂସାର କରମ ଧରମ ତ୍ୟାଗୀ ।" (୫)

ବାସ୍ତବରେ କବି ମଣିଷର ହୃଦୟରେ ଭକ୍ତି ଭାବନା ନ ଆସିଲେ ଲେଖନୀରୁ ଏପରି ରହସ୍ୟବାଦୀ କବିତା ଉତୁରେ ନାହିଁ । ପୁଣି କାନ୍ତକବିଙ୍କର ଏ କବିତାରେ ସଂଗୀତର ଗାନଧର୍ମିତା ବି ପରିଦୃଶ୍ୟ । ସୁତରାଂ ସେହି କାରଣ ପାଇଁ କାନ୍ତକବିଙ୍କ ବହୁ କବିତା ଓଡିଶାର ପ୍ରତି ପାଠକଙ୍କର ପ୍ରିୟ ହୋଇପାରିଛି । ପୁଣି 'ଜୀବନ ସଂଗୀତ' ର ପ୍ରତି

ISSN NO.
2582-208X

କବିତାରେ କବି ହୃଦୟର ଗଭୀର ଆତ୍ମବେଦନା ହିଁ ପ୍ରତିଫଳିତ ହୋଇଛି । କବି ସ୍ୱୀକାର କରି କୁହନ୍ତି – "ମୋର ବିଶ୍ୱାସ ଭଗବାନ ବା ନିୟନ୍ତା କେହି ଅଛି, ଯେ ପ୍ରତି ମୁହୂର୍ତ୍ତରେ ସବୁ ଦେଖୁଛି, କରୁଛି ଓ ଚଳାଉଛି । ତାର ନିର୍ଦ୍ଦେଶ ବିନା ଆମେ କିଛି କରୁନା, କାଷ୍ଠପିତୁଳିବତ୍, ତାର ମଙ୍ଗଳମୟତା ଉପରେ ମୋର ବିଶ୍ୱାସ । କିନ୍ତୁ ବେଳେବେଳେ ହତାଶ ହୋଇପଡେ । ମନେହୁଏ ଗୋଟାଏ ଗୋଟାଏ ଜୀବନକୁ ଜଳାଇ ପୋଡାଇ ମଜା ଦେଖିବା ତାଙ୍କର ଗୋଟାଏ ବିଳାସ । କିନ୍ତୁ ତାଙ୍କର ଏ କାମରେ ମୋର ଗୋଟିଏ ସାନ୍ତ୍ୱନା ଆସେ ଯେ, ମୋତେ ନିଷ୍ପୀଡିତ କରି କରି ମୋ ଚିତଟାକୁ ମୋଲାୟମ ଓ ରସାଳ କରିଦେବା ତାଙ୍କର ଉଦ୍ଦେଶ୍ୟ ।"(୬)

ସୁତରାଂ ଲକ୍ଷ୍ମୀକାନ୍ତଙ୍କ ଜୀବନରେ ଆଧ୍ୟାତ୍ମିକତା ଅତ୍ୟନ୍ତ ଅସ୍ୱାଭାବିକ ବା ଅନାହତ ନୁହେଁ। ତାଙ୍କ ପରିବାରରେ ବା ବଂଶ ପରମ୍ପରାରେ ଯେଉଁ ଗୌଡୀୟ ବୈଷ୍ଣବ ଧାରା ପ୍ରବାହିତ ହୋଇ ଆସୁଥିଲା ଏବଂ ଯେଉଁ ବିଶ୍ୱାସରେ ସେ ତାଙ୍କର ଇଷ୍ଟ ଦେବତା ଗୋପୀନାଥ ଜୀଉଙ୍କୁ ପୂଜାର୍ଚ୍ଚନା କରୁଥିଲେ, ସେହି କାରଣରୁ ସକଳ ରୋଗଯନ୍ତ୍ରଣା ସତ୍ତ୍ୱେ ସେ ଭଗବାନଙ୍କ ଉପରେ ବିଶ୍ୱାସ ହରାଇନାହାନ୍ତି । ସେ କୃତଜ୍ଞ ଭକ୍ତଟିଏ ଭଳି ଗାଇଉଠିଛନ୍ତି –

"ଯେବେ ଡାକେ ମୁହିଁ ଦୟାନିଧି ବୋଲି
ପାଶେ ଆସି ଛିଡା ହୋଇଛ ହେ
ଦୀନବନ୍ଧୁ ବୋଲି ଯେବେ ମୁଁ ଡାକିଛି
ଆପେ ଆସି ଦେଖା ହୋଇଛ ହେ ।" (୭)

କବି ପୁଣି ଆନନ୍ଦ ସ୍ୱରୂପ ସଚ୍ଚିଦାନନ୍ଦଙ୍କୁ ନିଜ ମଧ୍ୟକୁ ଆହ୍ୱାନ କରି ଗାଇଛନ୍ତି –

"ଶୂନ୍ୟଘର ପୂର୍ଣ୍ଣକରି ଆସ ହେ ଆସ
ମୋର ବିଫଳ ଜନ୍ମ ଧନ୍ୟ କରି ଆସ ହେ ଆସ

ISSN NO.
2582-208X

ଭଙ୍ଗା ଆହୁଲାଟି ଧରି
ବାହୁଛି ଏ ଜୀର୍ଣ୍ଣତରୀ
ସକଳ ଦୈନ୍ୟ ଚୂର୍ଣ୍ଣ କରି ଆସ ହେ ଆସ ।"

ଏଠାରେ ସ୍ମରଣ କରାଯାଇପାରେ ଯେ ମଧ୍ୟଯୁଗୀୟ ବୈଷ୍ଣବ କବିମାନେ ଈଶ୍ୱରଙ୍କ ନିକଟରେ ନିଜକୁ କାୟମନୋବାକ୍ୟରେ ସମର୍ପଣ କରି କବିତାମାନ ରଚନା କରିଯାଇଛନ୍ତି। ଠିକ୍ ସେମିତି କବି ଲକ୍ଷ୍ମୀକାନ୍ତ ନିଜର ସମସ୍ତ ସ୍ୱତନ୍ତ୍ର ସତା ହଜାଇ ଦେଇ ନିଜର ଅସ୍ତିତ୍ୱ ଭୁଲିଯାଇଛନ୍ତି । ମୋଟଉପରେ ଯେତେବେଳେ ଭକ୍ତ ଭଗବାନଙ୍କ ଚରଣକମଳରେ ସଂପୂର୍ଣ୍ଣ ଆତ୍ମସମର୍ପଣ କରିଦିଏ, ସେତେବେଳେ କାୟମନୋବାକ୍ୟରେ ଯେଉଁ ପ୍ରଗଲ୍‌ଭତା ସୃଷ୍ଟି ହୁଏ, ତାହା ପ୍ରାୟ ସବୁ ବୈଷ୍ଣବ କବିମାନଙ୍କଠାରେ ଦେଖାଯାଇଥାଏ । ସେଇ ଭାବାବେଶରେ ବୁଡି ଲକ୍ଷ୍ମୀକାନ୍ତ ମଧ୍ୟ ପ୍ରଭୁଙ୍କୁ ଅନୁରୋଧ କରି ଗାଇଉଠିଛନ୍ତି –

"ଦେ ମୋତେ ବାଇଆ କରି ଆରେ ମୋର ବାଇଆ ରଜା
ନାଚିବି ମୁଁ ଲଙ୍ଗଳା ହୋଇ (ତୁ) ତାଳିମାରି ଦେଖିବୁ ମଜା
ତାଳ ମାନ ନ ମାନି କିଛି ମନଇଚ୍ଛା ଯିବି ମୁଁ ନାଚି
ଉହାଡରେ ରହି ତୁ ଲୁଚି ଡିବି ଡିବି ଡମ୍ବରୁ ବଜା ॥" (୮)

କବି ପୁନଶ୍ଚ ଭକ୍ତି ଗଦ୍‌ଗଦ୍ କଣ୍ଠରେ ଗାଇଉଠନ୍ତି –

ଯେତିକି ଯେତିକି ଦୁଃଖ ଦେଉଥିବ ସେତିକି କୁଣ୍ଢାଇ ଧରିବି ହେ
ଯେତିକି ଦୂରକୁ ଘୁଂଚିଯାଉଥିବ ପଛେ ପଛେ ଅନୁସରିବି ହେ ॥"

ବାସ୍ତବରେ ଦେଖିବାକୁ ଗଲେ ବ୍ୟାଧି ଜନିତ ଶାରୀରିକ କଷ୍ଟରେ କବି ଲକ୍ଷ୍ମୀକାନ୍ତ ଯେତେବେଳେ ଆତୁର, ସାଂସାରିକ ଜଞ୍ଜାଳରେ ନିଷ୍ପ୍ରଭ, ସେତେବେଳେ ବଡ ସନ୍ତର୍ପଣ

ISSN NO.
2582-208X

ଚିତରେ ସେ ଭଗବାନଙ୍କୁ ଡାକିଛନ୍ତି । ମଣିଷ ଯେତେବେଳେସୁଖରେ ଥାଏ, ପ୍ରାଚୁର୍ଯ୍ୟ ମଧ୍ୟରେ ବୁଡି ରହିଥାଏ, ଉଦ୍ଦାମ ଯୌବନରେ ମତୁଆଲା ଥାଏ, ସେତେବେଳେ ସେ ଈଶ୍ୱରଙ୍କୁ ଖୋଜେ ନାହିଁ । ଅଥଚ ଦୁଃଖ ଆସିଲେ ସେଇ ମଣିଷ ଅନୁତାପ ଦଗ୍ଧ ପ୍ରାଣରେ ଈଶ୍ୱରଙ୍କୁ ଆର୍ତ ହୋଇ ଡାକେ ।

"ଭେଳା ମୋର ଯାଉଛି ବୁଡି ରଖ ହେ ଜଗତ ସାଇଁ
ଆହୁଲା ଦେଲାଣି ଛାଡି ଭରସା ତ ଦିଶୁ ନାହିଁ ।
ସପନରେ ଦିନେ ହେଲେ ଡାକି ନାହିଁ ପ୍ରାଣ ଖୋଲି
ଡାକୁଛି ତୁମକୁ ଆଜି ବିପଦେ ପଡିଛି ବୋଲି ।"

କାନ୍ତକବିଙ୍କ ରଚନାବଳୀରେ ଆଉ ଏକ କଥା ଲକ୍ଷ୍ୟ କରାଯାଇପାରେ ଯେ, କବିଙ୍କ କବିତାବଳୀରେ ବୈଷ୍ଣବ ଜନସୁଲଭ ବୈରାଗ୍ୟଭାବ ପ୍ରକଟିତ ହେଉଥିଲେ ମଧ୍ୟ ସେ ପଳାୟନବାଦୀ ନୁହଁନ୍ତି । ଅର୍ଥାତ୍ ତାଙ୍କର ସଂସାର ବୈରାଗ୍ୟରେ ଭାରତୀୟ ଆଧ୍ୟାତ୍ମିକ ଚେତନାର ପରିପ୍ରକାଶ ଘଟିଛି । ଯଥା –

"କେତେ ଯତନରେ ସଜାଡିଥିଲି ମୁଁ
ଘର ମୋର ଭାଙ୍ଗି ଗଲାଣି
ମୋର ମୋର ବୋଲି ଯାକୁ ବୋଲୁଥିଲି
ଯା ହେବାର ତାହା ହେଲାଣି ॥"

କେବଳ ବୈଷ୍ଣବ ସୁଲଭ ଭକ୍ତି ଚେତନା ନୁହେଁ, କବି ଲକ୍ଷ୍ମୀକାନ୍ତ ବି ଥିଲେ ଗଭୀର ଦେଶଭକ୍ତ । ପରାଧିନ ଭାରତବର୍ଷ ପାଇଁ ବି ତାଙ୍କ ହୃଦୟ କାନ୍ଦି ଉଠୁଥିଲା । ଜନ୍ମ ମାଟିକୁ ଭଲ ନ ପାଇଲେ, ମାତୃଭୂମି ପ୍ରତି ସରାଗ, ଅନୁରାଗ କିମ୍ବା ଭକ୍ତି ଆସେନା । ସେ ଉତ୍କଳ

ISSN NO.
2582-208X

ଜନନୀକୁ ଭଲ ପାଉଥିଲେ ପ୍ରାଣଭରି । ଉତ୍କଳ ଜନନୀଙ୍କର ବନ୍ଦନା ଗାନକରି ଲେଖିଥିଲେ -

"ବନ୍ଦେ ଉତ୍କଳ ଜନନୀ
ଚାରୁ ହାସ୍ୟମୟୀ ଚାରୁ ଭାଷ୍ୟମୟୀ
ଜନନୀ, ଜନନୀ, ଜନନୀ ।
x x x
ଉତ୍କଳ ସୁରକର ଦର୍ପିତ ଗେହା,
ଅରିକୁଳ ଶୋଣିତ ଚର୍ଚ୍ଚିତ ଦେହା,
ବିଶ୍ୱ ଭୂମଣ୍ଡଳ କୃତବର ସ୍ନେହା
ଜନନୀ, ଜନନୀ, ଜନନୀ ।" (୯)

ଦେଶଭକ୍ତ ଲକ୍ଷ୍ମୀକାନ୍ତ ପୁଣି ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ଲକ୍ଷ୍ୟରେ ସକଳ ରୋଗ ଯନ୍ତ୍ରଣାର କଷ୍ଟ ସହି ଯେଉଁ ଅମୂଲ୍ୟ ଗ୍ରନ୍ଥ ରଚନା କରିଯାଇଛନ୍ତି, ତାହା ନିଶ୍ଚିତ ଏ ଜାତି ଓ ଭାଷା ସାହିତ୍ୟ ପାଇଁ ଗୌରବଦୀପ୍ତ ହୋଇରହିବ । ଏତେ ଦୁଃଖ ଜଞ୍ଜାଳ ଭିତରେ ମଧ୍ୟ ସେ ନିଜର ସ୍ୱାଭାବ ସୁଲଭ ସ୍ନିଗ୍ଧତା, ପରିହାସ ପ୍ରିୟତା, ହୃଦୟର ସ୍ନେହପ୍ରବଣତା ଓ କର୍ତ୍ତବ୍ୟବୋଧ ତ୍ୟାଗ କରିନାହାନ୍ତି । ତାରି ଭିତରେ ସେ ନିଜ ପ୍ରଚେଷ୍ଟାରେ ମୁଦ୍ରାଯନ୍ତ୍ର ବସାଇ ଡଗର ପତ୍ରିକାର ପ୍ରାଣ ପ୍ରତିଷ୍ଠା କରିଛନ୍ତି । ଓଡ଼ିଆ ସଂଗୀତର ଉନ୍ନତି କଳ୍ପେ ସଂଗୀତ ଅନୁଷ୍ଠାନ ଗଢି ତା' ମଧ୍ୟରେ ନିଜ ରଚିତ ସଂଗୀତ ଓ ନାଟକର ଅଭିନୟ କରାଇଛନ୍ତି । ଓଡ଼ିଆଙ୍କର ରାଜନୀତିକ ବିଚାରବୋଧକୁ ଶାଣିତ କରିବା ପାଇଁ ସେ ସାମାଜିକ ବ୍ୟଙ୍ଗ ବିଦ୍ରୂପରେ ମଧ୍ୟ ମନୋନିବେଶ କରିଛନ୍ତି । ଫଳରେ ତାଙ୍କ ସାହିତ୍ୟରେ ସମାଜ ମନସ୍କତା ମଧ୍ୟ ପ୍ରତିଫଳିତ ହୋଇଛି ।

ISSN NO.
2582-208X

ଜୀବନ ମଧ୍ୟାହ୍ନରେ ବିଷାଦ ଓ ବ୍ୟର୍ଥତାର ତୀବ୍ର ଅଭିଜ୍ଞତା କାନ୍ତକବିଙ୍କ ହୃଦୟରେ ଅଶ୍ରୁର ଯମୁନା ପ୍ରବାହିତବ କରିଥିଲା ମାତ୍ର ନିଜ ପ୍ରତି ପ୍ରକୃତି ଓ ପ୍ରାକୃତିକ ପରିବେଶର ଏହି କ୍ରୁର ଅଟ୍ଟହାସ୍ୟକୁ ତାଙ୍କର ତିଳେ ହେଲେ ଖାତିର ନ ଥିଲା । ତେଣୁ ସେ ସମକାଳୀନ ସମାଜର ନିଚ୍ଛକ ଓ ବାସ୍ତବ ପ୍ରତିଛବିକୁ ନେଇ ରଚନା କରିଥିଲେ ରାଶି ରାଶି କବିତା । ନିଜ ଜୀବନରେ ସେ ସବୁ ବେଦନାକୁ ଆହରଣ କରି ବିଶ୍ୱବାସୀଙ୍କ ହୃଦୟ ମଧ୍ୟରେ ଦେଖିଥିଲେ ନିଜର ପ୍ରତିବିମ୍ବ । ପୁଣି ବିଶ୍ୱବେଦନାକୁ ଅନୁଭବ କରିଥିଲେ ଆପଣାର ଅନ୍ତର ମଧ୍ୟରେ । ଏହାର ତୀବ୍ର ମଧୁର ଆସ୍ୱାଦନରେ ସେ ବିଭୋର ହୋଇଉଠିଥିଲେ ।(୧୦) ତେଣୁ ତାଙ୍କ କବିତାରେ ଗଭୀର ଜୀବନବୋଧ ପରିଲକ୍ଷିତ ହୋଇଥାଏ ।

ମଣିଷର ହୃଦୟରେ ଥରେ ଈଶ୍ୱର ବିଶ୍ୱାସ ଆସିଗଲେ, ସ୍ୱତଃ ସେହି ଅଦୃଶ୍ୟ ସତା ନିକଟରେ ତା'ର ଶିର ନଇଁଯାଏ, ଭକ୍ତି ଆସିଯାଏ, ଆପଣା ଛାଏଁ ସମର୍ପି ହୋଇଯାଏ । ପୁଣି ସେହି ମଣିଷଟି ଯଦି କବି- ମଣିଷ ହୋଇଥାଏ, ତେବେ ତା ହୃଦୟର ଅଭିବ୍ୟକ୍ତ ଆହୁରି ଭାବପୂର୍ଣ୍ଣ ଓ ମାର୍ମିକ ହୁଏ । କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଜୀବନରେ ଯେତେବେଳେ ଘୋର ଦୁଃଖଯନ୍ତ୍ରଣା ଉପନୀତ, ଯେତେବେଳେ ତାଙ୍କର ପାରିବାରିକ ଜୀବନ ଯନ୍ତ୍ରଣାଦାୟକ, ଶରୀର ରୋଗଗ୍ରସ୍ତ ସେତେବେଳେ ସେ ପ୍ରଭୁଙ୍କୁ ଦୁଃଖ କାମନା କରିବା ନିହାତି ଭକ୍ତି ହୃଦୟର ପରିଚାୟକ । ଜନ୍ମ ଓ ମୃତ୍ୟର ରହସ୍ୟ ଭିତରେ କବି ପ୍ରାଣଟି ଖୋଜି ବସେ ତା'ର ପ୍ରାଣନାଥ ପରମେଶ୍ୱରଙ୍କୁ –

"ଦୁଃଖ ଦିଅ, ଦୁଃଖ ଦିଅ ମୋତେ
ପ୍ରଭୁ ମୋର, ପ୍ରିୟମୋର, ହେ ଜୀବନ ସ୍ୱାମୀ!
ଚାହେଁନା ମୁଁ ଐଶ୍ୱର୍ଯ୍ୟର, ଆନନ୍ଦର ସ୍ରୋତେ
ଭାସିବାକୁ ସଦା ଚଢି ପୂର୍ଣ୍ଣତାର ପୋତେ
ହରାଇ ତୁମ୍ଭଙ୍କୁ ନାଥ, ହେ ଅନ୍ତରଯାମୀ!
ସେ ରୂପ ରଖିବି ମୁଁ ନୟନେ ନୟନେ

ISSN NO.
2582-208X

ବିଭୋରେ ଦେଖିବି ମୁଁ ଜାଗ୍ରତେ ଶୟନେ
ପୂର୍ଣ୍ଣ ହେବ ହୃଦୟ ମୋର ନନ୍ଦନର ସଂଗୀତେ,
ତୃପ୍ତ ହେବ ଅଭିଶପ୍ତ ଆତ୍ମା ତବ ଇଙ୍ଗିତେ ।" (୧୧)

ସେହିଭଳି କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ରଚିତ ଶିଶୁ ସାହିତ୍ୟଗୁଡିକରେ ମଧ୍ୟ ରହସ୍ୟବାଦୀ ଚେତନା ପ୍ରତିଫଳିତ ହୋଇଛି । କବି ତାଙ୍କର ଅଧିକାଂଶ ଶିଶୁ କବିତାରେ ଶିଶୁମାନଙ୍କୁ ନାନା ଉପଦେଶାତ୍ମକ କଥା କହିଛନ୍ତି, ଯାହା ମଧ୍ୟରେ ଭକ୍ତି ହେଉଛି ଶ୍ରେଷ୍ଠ । ଗୁରୁଙ୍କ ପ୍ରତି, ଈଶ୍ୱରଙ୍କ ପ୍ରତି ଭକ୍ତି ଭାବନା ନ ଆସିଲେ ଶିଶୁଟିଏ ଭଲ ପାଠ ପଢିପାରିବ କିମ୍ବା ଭଲ ମଣିଷଟିଏ ହୋଇପାରିବନି ଭବିଷ୍ୟତକୁ, ତେଣୁ ଲକ୍ଷ୍ମୀକାନ୍ତ ତାଙ୍କ ବହୁ କବିତାରେ ଶିଶୁଙ୍କୁ ଏହି ଉପଦେଶ ଦେଇଛନ୍ତି । କବିଙ୍କର କବିତା ଗୁଡିକରେ ଜନନୀ ଜନ୍ମଭୂମି, ଗୁରୁ, ଈଶ୍ୱର ପ୍ରଭୃତିଙ୍କର ବନ୍ଦନାଗାନ କରାଯାଇଛି । କାନ୍ତକବିଙ୍କ 'ଧର୍ମ ସଂଗୀତ'ରେ ସ୍ଥାନିତ 'ତୁମେ ପ୍ରେମମୟ', 'ତୁମେ ଆପଣାର', 'ତୁମେ ମଙ୍ଗଳମୟ', 'ସବୁ ଦେଇଛ' ପ୍ରଭୃତି ଧର୍ମମୂଳକ କବିତା ରେ ରହସ୍ୟବାଦର ପ୍ରମାଣ ଦେଖିବାକୁ ମିଳେ ।

'ସବୁ ଦେଇଛ' କବିତାରେ କବି ମାନବକୁ, ପୃଥିବୀର ସର୍ବଶ୍ରେଷ୍ଠ ଜୀବଭାବେ ପରିଗ୍ରହଣ କରିଛନ୍ତି । 'ତୁମେ ପ୍ରେମମୟ' କବିତାରେ କବି ପ୍ରାଣରେ ପ୍ରାଣ ମିଳାଇ ଶିଶୁ ହୃଦୟରୁ ସବୁ ଅପକର୍ମ ଅବସରି ନେବା ନାଇଁ ଭଗବାନଙ୍କ ନିକଟରେ ଆକୁଳ ପ୍ରାର୍ଥନା ଏହିପରି –

"ଭଲ କରିଦିଅ ମୋତେ ଭଲ କରିଦିଅ ହେ,
ସତପଥେ ନିଅ ମୋତେ ଚଳାଇ,
ସଫା କରିଦିଅ ମୋତେ ସଫା କରିଦିଅ ହେ
ପାପବୁଦ୍ଧି ଛାଡି ଯାଉ ପଳାଇ ।"

x x x

ISSN NO.
2582-208X

"ଶକ୍ତି ଆଣିଦିଅ ମୋତେ ଶକ୍ତି ଆଣିଦିଅ ହେ,
କର୍ତ୍ତବ୍ୟ କରମ ଦିଅ ବଢାଇ,
କୋଳେ ଟାଣି ନିଅ ମୋତେ କୋଳେ ଟାଣି ନିଅ ହେ
ତୁମ୍ଭ ପ୍ରେମେ ପ୍ରାଣ ଦିଅ ମତାଇ ।" (୧୨)

ଏ ଜଗତର ସୃଷ୍ଟିଚକ୍ରରେ ଜନ୍ମ ଲଭିଥିବା ଜୀବକୁ ବିଭିନ୍ନ ସୋପାନ ଦେଇ ଗତି କରିବାକୁ ହୁଏ । କ୍ରମରେ ଜୀବନରେ ଆସେ ଯୌବନ-ବାର୍ଦ୍ଧକ୍ୟ ଓ ଶେଷରେ ମୃତ୍ୟୁ । ମୃତ୍ୟୁ ଚିର ସତ୍ୟ ଏଇ ଜୀବନରେ । ଯିଏ ବାର୍ଦ୍ଧକ୍ୟରେ ଉପନୀତ, ମୃତ୍ୟୁ ଯାହାର ଆସନ୍ନ; ରୋଗ ଯନ୍ତ୍ରଣା ଯାହାର ଚିର ସହଚର; ସେ ଆଉ ଶେଷ ସମୟରେ କ'ଣ ବା କାମନା କରିବ? କେବଳ ମୃତ୍ୟୁ ହିଁ ତାର କାମ୍ୟ । ଏ ମାୟାମୟ ଯନ୍ତ୍ରଣାକ୍ଲିଷ୍ଟ ସଂସାରରୁ ମୁକ୍ତି ପାଇବା ହିଁ ତାର ଲକ୍ଷ୍ୟ । ତାର ଆଉ କିଛି ଦରକାର ନାହିଁ ଏତଦ୍‌ବ୍ୟତୀତ । ତା'ର ଅପେକ୍ଷା କେବଳ ପ୍ରଭୁଙ୍କର କରୁଣା ଟିକିଏ । ତାଙ୍କ କରୁଣା ବିନା ସବୁ ଯେମିତି ଅସମ୍ଭବ ଏ ଦୁନିଆରେ । କ'ଣ ଘଟିଯାଇଛି ଜୀବନରେ ତା' ପାଇଁ ଅବସୋସ କି ଅଭିମାନ ନାହିଁ କବି ପ୍ରାଣରେ । ସେ ମୁକ୍ତ କଣ୍ଠରେ ମୁକ୍ତି ପ୍ରାର୍ଥନା କରିଛନ୍ତି ଏହିପରି-

"ସମର୍ପି ତୋହିରିଠାରେ ମୋର ଯାହା କିଛି
ସର୍ବହରା ନାମ ଆପେ ବାଛି ମୁଁ ନେଇଛି,
ପ୍ରଭୁହେ, ସେହି ଆଂଟ ଧରି
ସକଳ ସନ୍ତପଯାକ ଦେଇଛି ପାସୋରି ।
ହେବାର ହେଲେ ଯା ହେଉ ନୋହିଲେ ନ ହେଉ
ହାନି ଲାଭ ଲାଗି ମୋର ଦକା ନାହିଁ ଆଉ,
ପ୍ରଭୁ ହେ, ହାଲ ଦେଇଛାଡି
ହାତ ଟେକି ଗଲି ବସି ଚକାସନ ମାଡି ।
କ୍ଷତି ନାହିଁ ଗଲାଣିତ ଯାଉ ଏବେ ଜୀବ,

ISSN NO.
2582-208X

କ୍ଷୋଭ କରିବାକୁ ଆଉ କିଏ କାହୁଁ ଥିବ,
ପ୍ରଭୁ ହେ, କ୍ଷଣେ ନିଅ ହରି
କ୍ଷମି ଏ କାନ୍ତର ଦିଅ ସବୁ ଅନ୍ତ କରି ।" (୧୩)

ମୃତ୍ୟୁ ହିଁ ଚିର ସତ୍ୟ । ସେ କେବେ, କେମିତି, କିପରି ଓ କାହିଁକି ସମସ୍ତଙ୍କ ନିକଟରେ ଆସି ପହଁଚିଯାଏ ତାହା ଆଜି ବି ଅଗଚୋର । ଏନ୍ତୁଡିଶାଳ ଓ ଯୁଇ ନିଆଁ ମଧ୍ୟରେ ସୀମିତ ଏ ଜୀବନ । ତାହାରି ଭିତରେ ମଣିଷର ଲିଳା ଖେଳା । ସଂସାରର ମୋହ ମାୟାରେ ପଡି ସେହି ଚରମ ସତ୍ୟକୁ ମଣିଷ ଭୁଲି ଯାଏ । ମାତ୍ର ମୃତ୍ୟୁ କେବେ କାହାକୁ ଛାଡେନା । ମୃତ୍ୟୁ ଆସେ ଲୁକାୟତରେ, ରହସ୍ୟରେ ଓ ଅତିସନ୍ତର୍ପଣରେ । ସାହିତ୍ୟ ସ୍ରଷ୍ଟାକାର ସେହି ଚେତନା କୁ ତୋଳି ଧରନ୍ତି ନିଜ ସାହିତ୍ୟ କୃତିରେ । କାନ୍ତକବି ସେହି ମୃତ୍ୟୁ ଚେତନାର ରହସ୍ୟକୁ ନିଜର ପରମ ଶ୍ରେୟ ଭାବି ମୁକ୍ତ କଣ୍ଠରେ ଗାଇଉଠିଛନ୍ତି -

"ଆସ ପ୍ରିୟତମ ମରଣ ମୋହର
ମୋହ ବନ୍ଧନ ତୁଟାଇ
ଆସ ଆସ ମୋର ଅନ୍ଧ ନୟନେ
ନୂତନ ଜଗତ ଫୁଟାଇ ॥"

ବିଶ୍ୱକବି ରବିନ୍ଦ୍ରନାଥଙ୍କ 'ଗୀତାଞ୍ଜଳି' ପରି କାନ୍ତକବିଙ୍କ 'ଜୀବନ ସଂଗୀତ' ରେ କବି ଦୁଃଖାନୁଭୂତି ମଧ୍ୟରେ ଆଧ୍ୟାତ୍ମିକତାର ସତାକୁ ଖୋଜିପାରିଛନ୍ତି । ପୁଣି ସେହି ଆଧ୍ୟାତ୍ମିକତାର ଭାବନାରେ ପୁଲକିତ ହୋଇ ସେ ଅନନ୍ତ ପଥର ଯାତ୍ରୀ ହୋଇଛନ୍ତି । ଏଠାରେ ନିଶ୍ଚୟ କବି ହୃଦୟରେ ଏକ ଅବିନାଶୀ ଆତ୍ମା କାର୍ଯ୍ୟ କରିଛି, ସବୁ କାର୍ଯ୍ୟର ତାହାହିଁ କାରଣ ହୋଇଛି, ଶେଷରେ କବିଙ୍କ ଜୀବନପଥକୁ ତାହା ପରିଷ୍କାର କରିଛି । ଫଳତଃ ମୃତ୍ୟୁ ଅମୃତ ଆଡକୁ କବିଙ୍କର ମହାନ ଆତ୍ମା ପ୍ରବାହମାନ ହୋଇ ଶେଷରେ ପରମାତ୍ମାଙ୍କ ସହିତ ବିଲୀନ ହୋଇଛି ।

ISSN NO.
2582-208X

କାନ୍ତକବି ନିଜ ସୃଷ୍ଟି ସଂପଦ ସଂପର୍କରେ ସୂଚନା ଦେଇ କହନ୍ତି – "ମୁଁ ଲେଖେ ନିଜେ ଜୀଇଁ ରହିବା ପାଇଁ । ଏହି ଲେଖିବାର ମୋହ ମୋତେ ଏଯାଏ ବଂଚାଇ ରଖିଛି ବୋଲି ମୋର ବିଶ୍ୱାସ । ଭଗବାନ ଏତିକି ମାତ୍ରାରୁ ଅଭାଗାକୁ ବଂଚିତ କରିନାହାନ୍ତି । ଏତକ ମୋ ଦୁର୍ବିସହ ଜୀବନର ଏକ ମାତ୍ର ଆଶ୍ୱାସନା, ଏକ ମାତ୍ର ସମ୍ବଳ । ଏହି ଅବଲମ୍ବନଟି ଯେଉଁ ଦିନ ଛାଡିଯିବ, ସେହିଦିନ ମୋର ଏକା ଶେଷଦିନ ।" (୧୪)

୧୯୫୩ ମସିହା ଫେବୃଆରୀ ୨୪ ତାରିଖ ଦିନ କାନ୍ତକବି ହରିନାମ ଶୁଣୁଶୁଣୁ ମହାନିଦ୍ରାରେ ଅଭିଭୁତ ହୋଇଗଲେ । ପରିଶେଷରେ ଏତିକି କୁହାଯାଇପାରେ ଯେ, କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସାହିତ୍ୟରେ ରହସ୍ୟବାଦୀ ଚେତନାର ସ୍ୱରସୁସ୍ପଷ୍ଟ । ଯଦିଓ ତାଙ୍କ ସୃଷ୍ଟିରେ ଜୀବନବାଦୀ ଦୃଷ୍ଟିଭଙ୍ଗୀ, ଦେଶପ୍ରିତୀ, ସମାଜ ମନସ୍କତା, ଆଧ୍ୟାତ୍ମିକତା, ହାସ୍ୟ ଓ ବ୍ୟଙ୍ଗର ସୁସଂହତ ଧାରା ପ୍ରବାହିତ । ବାସ୍ତବରେ ସେ ହିଁ ଥିଲେ ଜଣେ ଭକ୍ତକବି, କାନ୍ତକବି- କବିଙ୍କ କବିତା ପଠନ ପରେ ଏହା କେହି ଅସ୍ୱୀକାର କରିବେ ନାହିଁ ।

## ସହାୟକ ଗ୍ରନ୍ଥସୂଚୀ


୧. ସାହିତ୍ୟ ଓ ସମାଲୋଚନା, ପଠାଣି ପଟ୍ଟନାୟକ, ପୃ-୧୪୮
୨. ମୁଁ କାହିଁକି ଲେଖେ, ସଂ- ଶ୍ରୀ ବିଜୟାନନ୍ଦ ସିଂହ, ପୃ- ୧୨
୩. ତତ୍ରୈବ, ପୃ- ୧୩
୪. ଆଧୁନିକ ଓଡ଼ିଆ କବିତା ସମ୍ଭାର, ଯତୀନ୍ଦ୍ର ମୋହନ ମହାନ୍ତି, ପୃ- ୧୫୬
୫. ତତ୍ରୈବ, ପୃ- ୧୫୬
୬. ଡଗର, (କାନ୍ତକବି ବିଶେଷାଙ୍କ), ୧୯୫୩, ପୃ- ୧୨
୭. ଓଡ଼ିଶାର ଭକ୍ତକବି (୨ୟ ସ୍ତବକ), ବ୍ରଜ ମୋହନ ମହାନ୍ତି, ପୃ- ୩୭୬
୮. ତତ୍ରୈବ, ପୃ- ୩୭୭

ISSN NO.
2582-208X

୯.  ଆଧୁନିକ ଓଡ଼ିଆ କବିତା ସମ୍ଭାର, ଯତୀନ୍ଦ୍ର ମୋହନ ମହାନ୍ତି, ପୃ- ୧୬୩

୧୦.  କାନ୍ତକବିତାର ଦୃଷ୍ଟିଦିଗନ୍ତ, ଡ. ପ୍ରସନ୍ନ କୁମାର ସ୍ୱାଇଁ, ପୃ- ୭୭

୧୧.  କାନ୍ତ ସାହିତ୍ୟ ମାଳା-୧ମ ଖଣ୍ଡ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ୧୯୭୪, ପୃ- ୭୧୫

୧୨. ତତ୍ରୈବ, ପୃ- ୮୧୪

୧୩. ତତ୍ରୈବ, ପୃ- ୧୧୫୩

୧୪. ମୁଁ କାହିଁକି ଲେଖେ, ସଂ- ଶ୍ରୀ ବିଜୟାନନ୍ଦ ସିଂହ, ପୃ- ୧୪

ସହକାରୀ ପ୍ରଫେସର
ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ବାରିପଦା
ମୋ.- ୯୦୯୦୨୧୨୪୦୫

ISSN NO.
2582-208X

# ଅପେକ୍ଷା



ମଧୁସ୍ମିତା ରାଉତ

ବସିଥାଏ ଏକ ନିର୍ଜନ ବେଳାରେ
ସମୟ ସରି ଅରି ଆସୁଥାଏ
ମୁଁ କୁହେ ଯାଅନା ତୁମେ
ରହିଯାଅ ଆଉ ଟିକିଏ ।

କିନ୍ତୁ ସେ ପୁରା ଚୁପ୍ ଥାଏ
ତାର ସେଇ ଚୁପ୍ ରହିବାଟା
ମୋତେ ଭାରି ଭଲ ଲାଗେ
ଚୁପ୍ ହେଲେ ବି ସେ ସବୁ ଶୁଣୁଥାଏ ।

ଆଜି ପରି କେଜାଣି କେତେଦିନ ଯେ
ତା ସହ ଏମିତି ବସି ବିତେଇ ଦେଇଛି
ତାର ହିସାବ ନାହିଁ ମୋ ପାଖରେ ।

ମୋ ମନର କେତେ ଯନ୍ତ୍ରଣାର
ଉପଷମର କାରଣ ହୋଇଛି ଯେ ସେ
ତାର ମଧ୍ୟ ହିସାବ ନାହିଁ ମୋ ପାଖରେ ।
ମୁଁ ଅନାବନା ବହୁତ କଥା କୁହେ
ଆଉ ପ୍ରଶ୍ନ ବି ପଚାରେ ତାକୁ

ISSN NO.
2582-208X

ହେଲେ ସେ ସବୁ ପରି ଶୁଣେ
ଆଉ ଚୁପ୍ ରୁହେ ।

ହେଲେ ତାର ସେଇ
ଚୁପ୍ ରହିବାର ନିରବତାକୁ
ମୁଁ ବୋଧେ ବୁଝିପାରେ ।

ଯେମିତି ସେ ମୋତେ କୁହେ
ଚୁପ୍ ହୋଇଯାଅ ମୋ ପରି
ଚୁପ୍ ହୋଇଯାଅ
ବାସ୍ ଶବ୍ଦକୁ ଶୁଣ , ଆଉ ମନେ ରଖ ।

ମୁଁ ଯେମିତି ସୂର୍ଯ୍ୟାସ୍ତକୁ ଚାହିଁ ବସେ
ତୁ ସେମିତି ସୂର୍ଯ୍ୟୋଦୟକୁ ଚାହିଁ ବସ
ସବୁ କିଛି ଭୁଲି
ନିଜକୁ ବାସ୍ ଶୀତଳ କରିଦେ ।

ସବୁ କହିଦେଇ ଚାଲିଯାଏ
ମୋ ଠାରୁ ବହୁ ଦୂରକୁ
ଆଉ ମୁଁ...
ପୁଣି ଅପେକ୍ଷା କରେ ସୂର୍ଯ୍ୟାସ୍ତକୁ
ପୁଣି ତା ସହ ଭେଟ ହେବାକୁ ॥

ଓଡିଆ ବିଭାଗ
ଢେଙ୍କାନାଳ ମହିଳା ମହାବିଦ୍ୟାଳୟ
ଢେଙ୍କାନାଳ

ISSN NO.
2582-208X

# ସମୟ



ଦୀପା ମୁଦୁଲି

ସମୟର ଗତି ଚାଲେ ଧୀରେ ଧୀରେ
ଅପେକ୍ଷା ନକରି କାହାକୁ,
ସମୟ ଏମିତି ଶୂନ୍ୟ ପଦାର୍ଥଟେ
ଧରି ହୁଏନାହିଁ ତାକୁ ।
ସମୟର ସ୍ରୋତ ବହି ଚାଲିଥାଏ
ନଥାଏ କେହି ତାକୁ ରୋକିବାକୁ,
ଜନ୍ମିଲେ ମରଣ ବିଧିରେ ବିଧାନ
କେ କରିପାରେ ତାକୁ ଆନ ?
ଏ ସଂସାରରେ କେହି ନୁହଁ କାହାର
ବନ୍ଧା ହୋଇଥାଏ କେବଳ ମୋହମାୟାର ଡୋର,
ସମୟ ଏମିତି ବିସ୍ମୟ ତୂଳୀଟେ
ଆଙ୍କି ଦେଇଯାଏ କେତେ ଅଭୁଲା ସ୍ମୃତି ।
ଘଟିଯାଏ ଯାହା ସମୟ ଚକ୍ରରେ
ରହିଯାଏ ତାହା କାଳ କାଳକୁ,
ଫେରି ଆସେ ନାହିଁ ସେ ପୁନର୍ବାର
ହେଲେ ଏ ମନ ଭାଳି ହେଉଥାଏ ତାକୁ ବାରମ୍ବାର ।

ISSN NO.
2582-208X

କାଳର କରାଳେ ହେବା ସବୁ ଲୀନ
ଲୋଭ କରିବା କାହିଁକି ଏ ଧନ ସମ୍ପଦ,
ଭାଇ, ବନ୍ଧୁ, ଭଗାରୀ ଏଠି କେହି କାହାର ନୁହେଁ
ସବୁ ମିଛ ମାୟାରେ ଚାଲୁଥାଏ ।
ଆସିଥିଲୁ ଏକା ଚାଲିଯିବୁ ଏକା
ସାଥିରେ ନଯିବେ କେହି,
ବନ୍ଧା ପଡିଅଛୁ ମିଛ ମାୟାରେ
ଦିନେ ଖାଇଯିବୁ ଧୋକା ।
କର୍ମ ଅନୁସାରେ ପ୍ରାଣୀ ଫଳ ଭୋଗ କରେ
ଏ ମିଛ ମାୟା ସଂସାରେ,
ସମୟ ଯେ ତାକୁ ଶିଖାଇ ଦିଏ
ଅପକର୍ମର ଉଚିତ ବେଭାର ।
ସମୟ କାହାକୁ ଅପେକ୍ଷା କରେନା
ଅପେକ୍ଷା କରିବା ଆମେ,
ଅପେକ୍ଷା ନକଲେ ପଥ ହୁଡିଯିବା
ପହଞ୍ଚି ନପାରିବା ଲକ୍ଷ୍ୟ ସ୍ଥଳରେ ।
ସମୟ ତ ଏଠି ବଡ ବଳବାନ !
କେହି କରନାହିଁ ତାର ଉପହାସ
ଭାଙ୍ଗିବାକୁ ତାକୁ କେହି କରନା ସାହସ ।

ସ୍ନାତକୋତ୍ତର, ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ଭୁବନେଶ୍ୱର

ISSN NO.
2582-208X

# ମୋ ପୁନେଇଁ ଜହ୍ନ



ନଳନୀ ଦାଶ

କୁଞ୍ଜବନ ତୋର ସଜେଇ ନାହିଁ କହ୍ନେଇ
ବାନ୍ଧିନାହିଁ ଆଜି ଝୁଲଣ ଫୁଲ ଲଗେଇ
କରେ ମୁଁ ବଇଁଶୀ ଦେଇନି ରେ ଗଳାମାଳି
ଭୁଞ୍ଜେଇନି ମୁଖେ ଲବଣୀ କି ସରପୁଳି ।
ତୋ ଅଙ୍ଗେ ପୀତବସନ ଦେଇନି ପିନ୍ଧେଇ
ମନ ବୃନ୍ଦାବନେ ଝୁଲୁଥା ରେ କଳା କହ୍ନେଇ
ମଥାରେ ମୟୁର ଚନ୍ଦ୍ରିକା ଦେବିରେ ଖୋସି
ରଙ୍ଗ ଅଧରରେ ମୋ କାହ୍ନୁ ଦେବୁରେ ହସି ।
ବାଙ୍କ ଚାହାଁଣୀରେ ମନ ନେଉଅଛୁ କିଣି
ବଇଁଶୀ ବଜାଇ ଚାଲୁଥାଉ ବେଣୁପାଣୀ
କି ସୁନ୍ଦର ଦିଶୁଅଛି ଢ଼ଳିଢ଼ଳି ଚାଲି
ତ୍ରିଭଙ୍ଗୀ ଚାଲିକୁ କିଏ ପାରିବରେ ଭୁଲି ।
ଶ୍ୟାମଳ ତନୁ ଆହା କି ସୁନ୍ଦର ଆଭା
ତୋର ସ୍ମିତହସ ଦିଶୁଅଛି କେଡ଼େ ଶୋଭା

ISSN NO.
2582-208X

ଗୋପାଳ ବାଳକ ସାଥେ ଯାଇଥାଉ ବଣ
ସବୁଦିନ ନେଇଯାଉ ସାଥେ ଧେନୁଗଣ ।
ନଦେଖିଲେ ଦଣ୍ଡେ ତତେ ବୁଝୁନାହିଁ ମନ
ତୁ ପରା ମୋ ହୃଦସଙ୍ଖାଳି ଜୀବଜିବନ
ତୁ ମୋ ଆଖିର ତାରା ମୋ ପୁନେଇଁ ଜହ୍ନ
ତୋ ବିନା ଅସାର ଲାଗେ ମୋର ଏ ଜୀବନ ।

ଭିକାରିପଡା, ଶରଣକୁଳ,ନୟାଗଡ଼
ମୋ----୯୨୩୮୯୯୬୬୪୯

ISSN NO.
2582-208X

# ଆହେ ଚକାନୟନ



ନମିତା ପ୍ରଧାନ

ଆହେ ଚକାନୟନ ଆହେ ଚକାନୟନ ..
ତୋର ଅଧା ହାତ ଆଉ ମୋର ଅଧା ହାତ,
ତୋ ପାଖେ ଅଭଡ଼ା ନାହିଁ ମୋ ଥାଳିରେ ଭାତ,,
ତୋ ଓଠ ରେ ହସ
ମୋ ଆଖିରେ ଲୁହ,
ସବୁ ଦେଖି କାଇଁ ପ୍ରଭୁ ତୁମେ ଚୁପ୍ ରୁହ,,
ତୁ ଚୁପ୍ ବୋଲି ଆଜି ଦୁଃଖେ ଅଛି ମୁଁ,
ଏତେ କଷ୍ଟ ଦେନି ରେ ସେତିକି ଥାଉ,,
କଷ୍ଟ କମେଇବା ପାଇଁ କରେ ତତେ ନମନ,
ଆହେ ବଂଶୀବାଦନ ....
ତୋ ବଡ ଦେଉଳ ଚିକ୍କଣ ସୁନ୍ଦର,
ମୋ ଭଙ୍ଗା କୁଡିଆ ଚାଳ ରେ ଛପର,,
ବଡ଼ଦେଉଳ ରେ ତୋର ଭକତ ଗହଳି,
ଭଙ୍ଗା କୁଡିଆ ରେ ମୋର ପାଣି ପଡେ ଝରି,,
ଦୀନବନ୍ଧୁ ବୋଲି ତତେ କହେ ଜଗତ,
କୋଉ ଦୁଃଖ ଶୁଣୁଚୁ ରେ କଥା ତ ମିଛ,,
କହି କହି ଥକି ଗଲି ହେଲି ମଉନ,

ISSN NO.
2582-208X

ଆହେ ହୃଦୟସ୍ପନ୍ଦନ ....
ଭଲ କରି ଜନ୍ମ ହେଲି ଥିଲି ସୁନ୍ଦର,
ହାତ କୁ ମୋ ନେଇ କଲୁ ମତେ କବିର,,
ଜଗତ କହୁଛି ଆଜି ମୁଁ ଗୋଟେ ପାପି,
କି ପାପ କରିଛି କହ ? ତୁ ବା ମୋ ସାଖି,,
ସବୁଠି ତାସ୍ଵଲ୍ୟ ଆଜି ସବୁଠି ମୁଁ ଘୃଣ୍ୟ,
କାନ୍ଦି କାନ୍ଦି ଆଖି ଲୁହ ସୁଖୁନି ରେ ଧନ,,
ମରିବି କି ବଞ୍ଚିବି ରେ ଭାବେ ସବୁଦିନ,
ତୋ ପାଖରୁ ଆରମ୍ଭ ମୁଁ!
ହେବି ତୋ ପାଖରେ ଶୁନ୍ୟ
ତୁମୋ ଜୀବନ ଧନ....

ISSN NO.
2582-208X

# କିଛି କଥା



ପୂଜାରାଣୀ ପାଣିଗ୍ରାହୀ

କିଛି କଥା ଏଇ ମନ ତୁମକୁ ଜଣାଇ ଥିଲା
କିନ୍ତୁ ବହୁତ କଥା ମନର ଅନ୍ଧାର କୋଠରୀ ମଧ୍ୟରେ,
ଲୁଚି ରହି ଯାଇଥିଲା।......
କିଛି କଥାରେ ତୁମେ ତୁମର ପ୍ରୀତି ବନ୍ଧନରେ ବାନ୍ଧି ଦେଇ ଥିଲ
କିନ୍ତୁ କିଛି କଥାରେ ତୁମେ ଅଭିମାନ କରି,
ମୁହଁ ଫୁଲେଇ ବସି ଯାଇଥିଲ।.....
କିଛି କଥା ତୁମକୁ ମୋ ପାଖକୁ ଟାଣି ଆଣିଥିଲା
କିନ୍ତୁ କିଛି କଥାରେ ତୁମେ ସ୍ୱଳ୍ପ ସମୟ ପାଇଁ,
ମୋଠରୁ ଦୂର ମଧ୍ୟ ହୋଇ ଯାଇଥିଲ ।.....
କିଛି କଥା ତୁମକୁ, ମୋତେ ଭଲପାଇବା ପାଇଁ ବାଧ୍ୟ କରିଥିଲା
କିନ୍ତୁ କିଛି କଥାରେ ତୁମେ,
ଅଳ୍ପ ଆଘାତ ମଧ୍ୟ ହୋଇଥିଲ ।....
ଏଇ କିଛି କଥାକୁ ନେଇ ମୁଁ ତୁମ ସହ ବନ୍ଧୁତା ବନ୍ଧିଥିଲି,
ଏଇ କିଛି କଥା ପାଇଁ ତୁମେ ମୋର ଜୀବନ ପାଲଟି ଗଲ ।....
ଚାଲ ଏଇ କିଛି କଥାକୁ ନେଇ,
ଆମର ସୁନ୍ଦର୍ ପୃଥିବୀ ଟିଏ ଗଢ଼ିବା,
ତୁମେ ମୋ ପାଇଁ, ମୁଁ ତୁମ ପାଇଁ ;
ଆମେ କେବଳ ଆମ ପାଇଁ ବଞ୍ଚିବା।....

।। ଇତି ।। :- ତୁମର ନାୟିକା

ISSN NO.
2582-208X

# ଅସମୟର ଦୁଃଖ



ଶ୍ରୀମତୀ ମନୀଷା ରାୟ

ଦିଗନ୍ତବିସ୍ତାରୀ ପଶ୍ଚିମକାଶକୁ ନିର୍ବିକାର ଭାବରେ ସରୋଜ ଚାହିଁ ରହିଛି । ଖୁଣ୍ଟଟା ଭଳି ସତେ ଯେପରି ସେ ସ୍ଥାଣୁ ପାଲଟିଯାଇଛି । ଅସ୍ତାଚଳଗାମୀ ସୂର୍ଯ୍ୟଙ୍କ ଭକ୍ତିମ ଆଭାରେ ଦୀପ୍ତମନ୍ତ ଦିଗ୍‌ବଳୟର ହୃଦୟସ୍ପର୍ଶୀ ଶୋଭାରେ ତା'ର ଯୁବ ସୁଲଭ ପ୍ରାଣ ଆଜି ଭାବବିହ୍ୱଳ ଶୂନ୍ୟ । ଧିରେ ଧିରେ ଅସ୍ତଗାମୀ ସୂର୍ଯ୍ୟଙ୍କର ଚିତାକର୍ଷକ ଦୃଶ୍ୟ ଅପସରିଯାଉଛି । ଗୋଧୂଳି ଲଗ୍ନରେ ଅସାନ୍ନ ସନ୍ଧ୍ୟା ଆସିବାର ଉପକ୍ରମ । ସୁଦୂର ପ୍ରସାରୀ ଅନ୍ଧକାର ତା'ର କାୟା ବିସ୍ତାର କରିଚାଲିଛି । ତାକୁ ଲାଗୁଥିଲା ଅଭାବନୀୟ ଯନ୍ତ୍ରଣାରେ କରାଳ ଛାୟା ଅନ୍ଧକାର ରୂପ ନେଇ ଖଡେଇ ହୋଇ କହୁଛି, ରହ ରହ ମୋର କରାଳ ଅନ୍ଧାର ତୋତେ ସଂପୂର୍ଣ୍ଣ ଗ୍ରାସ କରିଦେବ । ଗୋଟାପରେ ତୋର ସମଗ୍ର ଶରୀରକୁ । ଭୟ ଶିହରୀ ଉଠୁଥିଲା ୩୨ ବର୍ଷୀୟ ସୁସ୍ଥ ସବଳ କର୍ମଠ ଯୁବକ ସରୋଜ । କେତେ ଦୁଃସାହସିକ କାର୍ଯ୍ୟ କରି ଆସିଛି ସେ ? କେବେ ଭୟଭୀତ ହେବାର ବା ନର୍ଭସ ହେବାର ଅବ୍ୟକ୍ତ କଷ୍ଟକୁ ଅନୁଭବ କରିନି ସେ କି ଅନ୍ୟମାନେ ତାକୁ ଡରକୂଳା କହି ତାନା ମାରିବାର ସେ କେବେ କାନରେ ଶୁଣି ନାହିଁ ବାଲ୍ୟରୁ ଭେଣ୍ଡିଆ ହେବା ଯାଏ ।

ତଥାପି କାହିଁକି କେଜାଣି ତା ନିରୋଳା ହୃଦୟରେ ଭୟର ନୀରବ ସ୍ଖଳନା ଖାଇଗଲା ପରି ଲାଗୁଛି ଏଇ ଅଚିହ୍ନା ଜାଗା । ବିଶାଳ ସଂଗରୋଧ ଗୃହଟାରେ ଏତେ ପ୍ରବାସୀ ଥାଇ ସୁଦ୍ଧା । ସରୋଜକୁ କାହିଁକି ଏତେ ଭୟ ଲାଗୁଛି ସେ ନିଜେ ବି ଜାଣିପାରୁନି । ସନ୍ଧ୍ୟା ଯାଇ ରାତି

ISSN NO.
2582-208X

ଘନେଇ ଆସୁଛି । ବହଳତ୍ତର ସନ୍ଧ୍ୟାକୁ ଦେଖିବା ପୂର୍ବରୁ ସଂଗରୋଧ ଗୃହକୁ ଫେରି ଆସିଲା ସେ । କୋଠରୀ କାନ୍ଥରେ ଝୁଲୁଥିବା ଆଇନା ସମ୍ମୁଖରେ ଛିଡ଼ା ହେଲା ସେ । ନିଜ ସୁଢ଼ଳ ଶରୀରକୁ ତନ୍ନ ତନ୍ନ କରି ଦେଖିଲା ସରୋଜ । ଏଇ ଦେହରେ ତାର ସହସ୍ର ହାତୀର ବଳ। ଜଳନ୍ତା ନିଆଁକୁ ଡେଇଁଥିବା ଯୁବକ ସେ । ପର ପାଇଁ ନିଜ ଜୀବନକୁ ବାଜି ଲଗାଇବାରେ ସେ ଥିଲା ଓସ୍ତାଦ୍ । ଚଳନ୍ତା ଗାଡ଼ିକୁ ରୋକିବାର ଦୁଃସାହାସ ସହରରେ କେବଳ ତାର ଥିଲା । ତେଣୁ ସାଙ୍ଗ ସାଥି, ସାହି ପଡ଼ିଶା କାହାର କ'ଣ ହେଲେ ଆଗେ ଖୋଜା ପଡେ ସରୋଜ ଭାଇ । ଏପରିକି ଅନେକ ତାକୁ ସାହି ଦାଦା ବୋଲି ମଧ୍ୟ ସମ୍ବୋଧନ କରୁଥିଲେ । କିନ୍ତୁ ବର୍ତ୍ତମାନ ପରିସ୍ଥିତି ଭିନ୍ନ ପ୍ରକାର । ସମୟ ସ୍ରୋତରେ ସଂପୂର୍ଣ୍ଣ ବିପରୀତମୁଖୀ ।

ଚାହୁଁ ଚାହୁଁ ସଂଗରେ ଧିରେ ଆଠଦିନ ବିତିଗଲାଣି । ଆହୁରି ଦୁଇ ତିନି ଦିନ ରହିବାକୁ ଅଛି। ରକ୍ତ ନମୂନା ରିପୋର୍ଟ ଏପର୍ଯ୍ୟନ୍ତ ଆସିନି । ଏଠି ସମସ୍ତେ ଅଚିହ୍ନା ଅଜଣା । ସଂଗରୋଧରେ ଖାଇବା, ପିଇବା, ଶୋଇବା, କୌଣସିଥିରେ କିଛି ଅଭାବ ନଥିଲା । ଭଳିକି ଭଳି ସୁସ୍ୱାଦୁ ଖାଦ୍ୟ ମଧ୍ୟ ମିଳୁଥିଲା । ଏତେ ସବୁ ଥିଲା ସତ୍ୱେ ଅଶାନ୍ତିର ବଳୟ ତାକୁ ଚତୁର୍ଦ୍ଦିକରୁ ଘେରି ରହିଥିଲା ପରି ସେ ଅନୁମେୟ କରୁଥିଲା । ପ୍ରତି ମୁହୂର୍ତ୍ତରେ ଗୋଟାଏ ଆଶ୍ୱସ୍ତି ବୋଧ ଅନୁଭବ କରୁଥିଲା ସେ । ଅନବରତ ତା ମନ ଭାବନା ରାଜ୍ୟରେ ଉଡ଼ିବୁଲୁଥିଲା । ମନ ଚାହୁଁଥିଲା ଖୋଲା ଝରକା ଡେଇଁ ନିଜ ଆତ୍ମୀୟ ସ୍ୱଜନଙ୍କ ପାଖକୁ ପଳାଇ ଯିବାକୁ । କିନ୍ତୁ କରୋନା କାଳଖଣ୍ଡ ତାର ମନୋବଳକୁ ଭାଙ୍ଗି ଚୁର୍‌ମାର୍ କରିଦେଇଛି । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଡ଼ମ୍ବନା ଏତିକିଯେ ବର୍ତ୍ତମାନ ଏକ ହଟାକଟା ଯୁବକ କ୍ରୁରସମୟ ସରଣୀ ନିକଟରେ ସମ୍ପୂର୍ଣ୍ଣ ଅସହାୟ ଓ ନିର୍ବଳ ।

ରାତି ବହୁତ ହେଲାଣି । ପ୍ରବାସୀ ବନ୍ଧୁମାନେ ଖାଇପିଇ ଶୋଇଗଲେଣି । ନିଘୋଡ଼ ନିଦରେ ଶୋଇଥିବା ପ୍ରବାସୀମାନଙ୍କୁ ଦେଖି ସରୋଜ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଥିଲା। କୌଣସି ସହି ଉତ୍ତରରେ ପହଞ୍ଚି ପାରୁନଥିଲା ସେ । କେବଳ ନିଜକଥା ଭାବୁଥିଲା । ଏହି

ISSN NO.
2582-208X

ଆଠଦିନ ଭିତରେ ସେ ଆଠ ଘଡ଼ିକି ଶାନ୍ତିରେ ଶୋଇପାରିନି । ସଙ୍ଗରେ ଆଣିଥିବା ପୁସ୍ତକର ଗୋଟିଏ ବି ପୃଷ୍ଠା ଯ୍ଯା ଭିତରେ ସେ ଓଲଟାଇବାକୁ ସାହସ କରିନି । କାରଣ ସଙ୍ଗରୋଧରେ ସେ ତା'ର ଅଧିକାର ହରାଇ ବସିଛି । କାଳେ ଅନ୍ୟମାନଙ୍କର ନିଦ୍ରାରେ ବ୍ୟାଘାତ ସୃଷ୍ଟି ହେବ ତେଣୁ କୋଠରୀ ଆଲୋକ ଜାଳିବାକୁ ଦୃଢ଼ ଭାବରେ ନିଷେଧ କରାଯାଇଛି ।

ମନକୁ ମନ ହସିଉଠିଲା ସରୋଜ । ଆଜିଯାଏଁ ସେ ଭାବୁଥିଲା ଅଧିକାର ତା'ର ସବୁଠାରୁ ପ୍ରିୟ ସମ୍ବଳ । କିନ୍ତୁ ଏହା ତା'ର ଭ୍ରମ ଥିଲା ବୋଲି ବର୍ତ୍ତମାନ ସେ ହୃଦୟଙ୍ଗମ କରୁଛି । ଧୀରେ ଧୀରେ ସେ କୋଠରୀରୁ ବାରଣ୍ଡାକୁ ଚାଲିଆସିଲା । ସଙ୍ଗରୋଧ ଗୃହର ବାହାରେ ଘନ ଅନ୍ଧକାର ରାତ୍ରୀ ବିରାଜମାନ । ବାରଣ୍ଡାରେ ପଡ଼ିଥିବା ବେଞ୍ଚ୍ ଉପରେ ରାତ୍ରୀ ଘନ ଅନ୍ଧକାରରେ ବସିପଡ଼ିଲା ସେ । ବିଶାଳ ଅନ୍ଧକାରମୟ ଖୋଲା ଆକାଶକୁ ଚାହିଁ ଅନନ୍ତ ମହାକାଶରେ ମିଞ୍ଜି ମିଞ୍ଜି କରୁଥିବା ଅଗଣିତ ତାରାମାନଙ୍କୁ ନିର୍ଲିପ୍ତ ଓ ନିର୍ବିକାରରେ ଚାହିଁ ରହିଥିଲା ସେ । ଚତୁର୍ଦ୍ଦିଗରୁ ବହି ଚାଲିଥିଲା ମୃଦୁ ମଳୟ । ତା'ର କୋମଳ ସ୍ପର୍ଶ ବିମୋହିତ କରୁଥିଲା ସରୋଜ ମନ ମସ୍ତିଷ୍କ । ଦିପ୍ତୀମୟ ଅସଂଖ୍ୟ ତାରାକୁ ନିରୀକ୍ଷଣ କରୁ କରୁ ଏକ ଅଭୁଲା ଆତ୍ମିୟତାର ସ୍ପର୍ଶରେ ଶିହିରି ଉଠୁଥିଲା ସରୋଜ । ତାକୁ ଲାଗୁଥିଲା ସତରେଯେପରି ଯୁଗଯୁଗର ଯନ୍ତ୍ରଣା ତା'ର ଅପସରିଯାଉଛି ।

ସେଦିନ କଥା ତା'ର ମନେ ପଡୁଛି । ବେକାର ହୋଇ ଘରେ ବସିଥିବା ସରୋଜ ଜୀବିକା ଉଦ୍ଦେଶ୍ୟରେ ଘର ଛାଡ଼ି ସୁଦୂର ସୁରାଟ ଚାଲିଆସିଥିଲା । ସଙ୍ଗରେ ଆହୁରି ଅନେକ ସାଙ୍ଗ ସାଥି ଆସିଥିଲେ । ଘରେ ଛାଡ଼ି ଆସିଥିଲା ବାପା ବୋଉ ସାନ ଭଉଣୀ ଏବଂ ନବ ବିବାହିତା ପତ୍ନୀ । କିନ୍ତୁ ସୁରାଟରେ ବେଶୀଦିନ ରହିପାରିନଥିଲା ସେ । ମାସ କେଇଟା ପରେ ସାରା ବିଶ୍ୱରେ ଖେଳିଗଲା କରୋନାର ଆତଙ୍କ । ମହାମାରୀ କରୋନାର କରାଳ ଆତଙ୍କରେ ସାରା ବିଶ୍ୱ ତ ଥରୁଥିଲା । ଏବେ ତା ସହିତ ପାଳି ପଡ଼ିଛି ଭାରତର । ଏହି ଭୂତାଣୁର ପ୍ରାଦୁର୍ଭାବ ଭାରତର ମେରୁଦଣ୍ଡକୁ ଦୋହଲାଇ ଦେଇଛି । ଅନେକ ବିପର୍ଯ୍ୟୟ ସେ ଦେଖିଛି । ଏଭଳିକି ଝାଡ଼ାବାନ୍ତି, ମ୍ୟାଲେରିଆ, ସ୍ୱାଇନ୍ ଫ୍ଲୁ, ପ୍ଲେଗ୍ ଆଦି ବିପର୍ଯ୍ୟୟରେ

ISSN NO.
2582-208X

ଅନେକ ମରି ହଜି ଯାଇଥିବା ସେ ପାଠ ବହିରେ ପଢ଼ିଛି । କିନ୍ତୁ ଏ ଭୂତାଣୁ ନେଇ ବିପର୍ଯ୍ୟୟ ସାଂଘାତିକ ରୂପ ନେଇଛି । ଏଥିରେ ଥିବା ଗୁଜବ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଛି ।

ହଠାତ୍ ସରକାର ଜନତା ଜନାର୍ଦ୍ଧନଙ୍କୁ ସୁରକ୍ଷା ଦେବା ପାଇଁ ସାରା ଦେଶରେ ଜନତା କର୍ଫ୍ୟୁ ପ୍ରଚଳନ କଲେ । ବସ୍, ଟ୍ରେନ୍, ଉଡ଼ାଜାହାଜ ବନ୍ଦ କରିଦେଲେ । କଳ କାରଖାନା ବନ୍ଦ । ଅନିର୍ଦ୍ଧିଷ୍ଟ କାଳ ପାଇଁ ଲକ୍‌ଡ଼ାଉନ୍ ଓ ସଟ୍‌ଡ଼ାଉନ୍ । ଯିଏ ଯେଉଁଠି ଥିଲେସେଇଠି ଠପ୍ । ପୁରପଲ୍ଲୀଠୁ ଆରମ୍ଭ କରି ସହର ବଜାର କେହିବି ଏଇ ପାବନ୍ଦିଠୁ ମୁକ୍ତ ନଥିଲେ । ସରୋଜକୁ ଲାଗୁଥିଲା ଭାରତ ଭଳି ଏକ ବିଶାଳ ଦେଶ ଏହି ଲକ୍‌ଡ଼ାଉନ୍ ଓ ସଟ୍‌ଡ଼ାଉନ୍ ରେ ସ୍ୱାଧୀନତା ହରାଇ କରୋନା ବଳୟରେ କରାୟତ୍ତ । ତା ଜୀବଦଶାରେ ଏଭଳି ଅପ୍ରୀତିକର ପରିସ୍ଥିତିର ସାମନା ସେ କେବେ ବି କରିନଥିଲା । ବର୍ତ୍ତମାନ ସେ ଜୀବନ ଓ ଜୀବିକା ମଧ୍ୟରେ ଅସମ୍ଭବ ଭାବେ ଜୁଝି ଚାଲିଛି ଭୟଙ୍କର ଦ୍ୱନ୍ଦ୍ୱ ଯୁଦ୍ଧ କ'ଣ କରିବ? ଏଇ ପ୍ରଶ୍ନବାଚୀ ଅହରହ ତା ଆନ୍ଦୋଳିତ ମନ ଭିତରେ ସରୋଜକୁ ଅତିଶୟ ଦୁର୍ବଳ କରିଦେଉଛି। ଅନନ୍ୟୋପାୟ ହୋଇ ଘରକୁ ଫେରିବାକୁ ନିଷ୍ପତ୍ତି ନେଇଛି ସେ, ଯେଉଁ ଘରୁ ଦିନେ ଅଭିମାନରେ ରୋଜଗାର କରିବାର ବାହାନା କରି ଚାଲିଆସିଥିଲା ଦୀର୍ଘ ଆଠମାସ ତଳେ ।

ଏତେ ଗୁଡ଼ାଏ ରାସ୍ତା ସେ ଯିବ କିପରି ? କେତେ କିଲୋମିଟର ଦୂରରେ ତା ସହର ତାହାବି ସରୋଜକୁ ଜଣାନାହିଁ । ପ୍ରଥମେ ତ ଚାଲିଚାଲି ଯିବାକୁ ହେବ । ତେଣୁ ବସାରେ ତାଲା ଦେଇ ଚାଲିବା ଆରମ୍ଭ କଲା ସେ । ଦଶ ଦିନ ଯାତ୍ରାର ଅନ୍ତ ଘଟିଲା । ଯେତେବେଳେ ସରୋଜ ନିଜ ପ୍ରିୟ ସହରରେ ପାଦ ଥାପିଲା । ତା ନିଜ ସହର ବି ଗୃହବନ୍ଦୀ । ସହରବାସୀ ନିଜ ନିଜ ଘରେ ସଙ୍ଗରୋଧରେ ଏକାନ୍ତବାସ । ସହରର ନିର୍ଜନତା ତାକୁ ମାଡ଼ିପଡୁଥିଲେ ସୁଦ୍ଧା ଖୁସିରେ ସେ ଫାଟି ପଡୁଥିଲା । ନିଜର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଯେଉଁ ପ୍ରିୟ ସହରକୁ ସେ ଛାଡ଼ି ଚାଲିଯାଇଥିଲା, ଆଜି ପୁନର୍ବାର ସେଇ ସହରରେ ସେ

ISSN NO.
2582-208X

ଠିଆ ହୋଇଛି । ଦୀର୍ଘ ଦଶଦିନର କରୁଣ ଯାତ୍ରାକୁ ଭୁଲିଗଲା ସରୋଜ । ପଥପ୍ରାନ୍ତରେ ଦେଖି ଦେଖି ଆସୁଥିବା ଅସହାୟ ଜନସମୁଦ୍ରଙ୍କ ଭୋକିଲା ମୁହଁ, କରୁଣ ଚାହାଣୀ, ଆର୍ତ୍ତ ଚିତ୍କାର ସବୁକିଛି ସେ କ୍ଷଣିକ ପାଇଁ ଭୁଲିଗଲା । ନିଃସଙ୍ଗତାରେ ଥରି ଉଠୁଥିବା ନିଜ ପ୍ରିୟ ସହର ରାଜପଥ ଦେଇ ସାହି ମୁହାଁ ଧାଇଁଲା ସରୋଜ । ତା ସାହି ନନ୍ଦି ସାହି । ଏହି ସାହିରେ କେତେ ମଜାମଜଲିସ୍ ରେ ତା ବାଲ୍ୟ ଜୀବନ କଟିଛି । ସାଙ୍ଗସାଥିମାନେ ଗୋଟିଏ ମୁହୂର୍ତ୍ତବି କରଛଡ଼ା ଦିଅନ୍ତି ନାହିଁ । ଭଲରେ ମନ୍ଦରେ ପ୍ରଥମେ ଖୋଜାପଡ଼େ ସରୋଜ । ତା ବିନା ଯେମିତି ସାହିଟା ଅଧୁରା । ବିବାହ ବ୍ରତଠୁ ଆରମ୍ଭ କରି କଳି ଝଗଡ଼ାରେ ସବୁବେଳେ ସରୋଜନର ହସ୍ତକ୍ଷେପ ଜରୁରୀ ଥିଲା ଭଳି ସାହିଲୋକ ଅନୁଭବ କରୁଥିଲେ ।

ସକାଳୁ ସକାଳୁ ଆସି ପହଞ୍ଚିଗଲା ସାହି ମୁଣ୍ଡରେ । ସାହି ଭିତରକୁ ଯିବାକୁ ରାସ୍ତା ଅବରୋଧ ଥିଲା । ବାଉଁଶ ଗଣ୍ଡି ଟେକି ସାହି ଭିତରେ ପ୍ରବେଶ କଲା । ସରୋଜକୁ ଦେଖି ଘରେ ଖୁସିର ଲହରୀ ଖେଳିଗଲା । ବାବା, ମାଆଙ୍କର ଆନନ୍ଦ କହିଲେ ନସରେ । ଆଉ ସବିତା କଥା ନକହିଲେ ଭଲ । ତାକୁ ଦେଖିଲେ ଲାଗୁଛି ସତେ ଯେପରି ଆକାଶର ଜହ୍ନଟା ତା' ହାତରେ ଖସିପଡ଼ିଛି । କିନ୍ତୁ ଏ ସୁଖଦ ମୁହୂର୍ତ୍ତ ବେଶି ସମୟ ତିଷ୍ଠି ପାରିନଥିଲା । ସରୋଜ କେବେ କଳ୍ପନା ବି କରିନଥିଲା ଏଭଳି ଆନନ୍ଦମୁଖର ଲହରୀରେ ଏତେ ଶୀଘ୍ର ଭଙ୍ଗା ପଡ଼ିଯିବ ବୋଲି । ସରୋଜ ସୁରାଟରୁ ଫେରି ଆସିଛି ବୋଲି ସାହିସାରା ପ୍ରଘଟ ହୋଇଗଲା । ସେଥିରେ ପୁଣି ତାକୁ ଭୀଷଣ ଥଣ୍ଡା । ସରୋଜ ଘରର ପାଖ ମାଡ଼ିଲେନି ସାହିପଡ଼ିଶା । ସାଙ୍ଗସାଥିମାନଙ୍କର ମଧ୍ୟ ଦେଖାନାହିଁ । ସାହିସାରା କେବଳ ଟୁପୁରୁଟାପର। ଏନେଇ ସାହି ତରଫରୁ ଅଭିଯୋଗ ହେଲା । ଏହି ଖବର ପ୍ରଶାସନ ପାଖକୁ ଗଲା । ଫଳରେ ପୋଲିସର ହସ୍ତକ୍ଷେପ ସରୋଜକୁ ବାଧ୍ୟ କଲା ସଙ୍ଗରୋଧ ଗୃହରେ ରହିବା ପାଇଁ । ହସ ରୋଳରେ ଫାଟିପଡୁଥିବା ପରିବାରରେ ଘୋଟିଗଲା ଅଦିନିଆ ମେଘ । ସମସ୍ତେ ନୀରବ । କାହାରି ପାଟିରୁ ବଚନଟିଏ ମଧ୍ୟ ବାହାରୁନାହିଁ । ଏଭଳି ଦୟନୀୟ ପରିସ୍ଥିତିରେ ସାହିସାରା ଲୋକ ତା ହାତ ଧରିବା ପରିବର୍ତ୍ତେ କରଛଡ଼ା ଦେଲେ ।

ISSN NO.
2582-208X

ଯେଉଁମାନଙ୍କ ପାଇଁ ଦରକାର ପଡ଼ିଲେ ସେ ନିଆଁକୁ ମଧ୍ୟ ଭ୍ରୁକ୍ଷେପ କରୁନଥିଲା, ମୁଁ ତ ସେଇ ସରୋଜ ଭାଇ । ମାସ କେଇଟାରେ କ'ଣ ମୋର ଜାତି ଚାଲିଗଲା ।

ପୋଲିସ ନିକଟରେ ଛିଡ଼ା ହୋଇଥିବା ସୁବାଷକୁ ସେ ଦେଖିଲା ଯିଏ ଛୋଟ ବେଳୁ ଛାଇ ପରି ତା ଆଖପାଖରେ ଘୁରିବୁଲୁଥିଲା । ସରୋଜ ଭାଇ, ସରୋଜ ଭାଇ ହେଉଥିଲା । ସୁଭାଷକୁ ଦେଖି ସରୋଜ ଛାତିରେ ଦମ୍ଭ ପଶିଲା । ସାହାସ କରି କହିଲା, ହଇରେ ସୁଭାଷ ଭାଇ, ମୋତେ କ'ଣ ଚିହ୍ନିପାରୁନୁ । ଦିନ କେଇଟାରେ ସବୁ କଥା ଭୁଲିଗଲୁ । ଆରେ ଏମାନଙ୍କୁ କହ, ମୋତେ ସାମାନ୍ୟ ଥଣ୍ଡା ଟିକେ ହୋଇଛି । ଅନ୍ୟ କିଛି ନୁହେଁ । ତମେ ଏପରି ଆଡ଼ ଆଡ଼ ହୋଇ କାହିଁକି ଠିଆ ହୋଇଛ । ଏଇ କରୋନା ଭୂତାଣୁ ପାଇଁ କ'ଣ ମୋ ଜାତି ଚାଲିଯାଇଛି । ସମ୍ପୂର୍ଣ୍ଣ ନିରୁତ୍ତର ଥିଲା ସୁଭାଷ । କାହା ପାଟିରୁ ସରୋଜ ପାଇଁ ଆହା ପଦଟିଏ ଥିଲା । ଧୀରେ ଧୀରେ ସମସ୍ତେ ଛତ୍ରଭଙ୍ଗ ଦେଲେ । ସମସ୍ତଙ୍କ ଯିବା ପଥକୁ ଜଳ ଜଳ କରି ଚାହିଁ ରହିଥିଲା ସରୋଜ ।

ଠିକ୍ ଏହି ମୁହୂର୍ତ୍ତରେ ଘର ସାମ୍ନାରେ ଆସି ଆମ୍ବୁଲାନ୍ସ ଠିଆ ହେଲା । ଅବାଧ୍ୟ ଶିଶୁ ଭଳି ଆମ୍ବୁଲାନ୍ସ ଭିତରକୁ ଚଢ଼ିଗଲା ସେ । କରୁଣ ଚାହାଣୀରେ ମେଲାଣି ଦେଲେ ପରିବାର ଲୋକ । ପ୍ରଥମେ କୋଭିଡ଼ ସେଣ୍ଟରକୁ ତାକୁ ନିଆଗଲା । ଏଠାରେ ଟ୍ରାକିଙ୍ଗ୍ କଲା ପରେ ଜଣାପଡ଼ିଲା ତାକୁ ପଜିଟିଭ୍ । ବାସ୍, ସେଇ ଦିନଠୁ ସଙ୍ଗରୋଧରେ ବିତିଗଲାଣି ଆଠଦିନ । ଆହୁରି ସପ୍ତାହ ଖଣ୍ଡେ ରହିବାକୁ ହେବ । ଠିକ୍ ଏଇ ସମୟରେ ମୋବାଇଲ୍‌ଟି ରିଂ କଲା । ନିଜ ଭାବନା ରାଜ୍ୟରୁ ଫେରି ଆସିଲା ସରୋଜ । ଘରୁ ସବିତାର ଫୋନ୍ । ଏକ ଅଜଣା ଆଶଙ୍କା ସରୋଜକୁ ଆନ୍ଦୋଳିତ କରୁଥିଲା । ଏ ଅସମୟରେ ସବିତା କାହିଁକି ଫୋନ୍ କରିଛି ? ଫୋନ୍‌ଟିକୁ ରିସିଭ୍ କରିବାକୁ ସାହାସ ହେଉନଥିଲା ତା'ର । ତଥାପି ସବିତାର ହ୍ୟାଲୋ, ହ୍ୟାଲୋର ଆହ୍ୱାନରେ ସ୍ୱତଃପ୍ରବୃତ୍ତ ଭାବେ ହାତଟି ଫୋନ୍ ପାଖକୁ ଚାଲିଗଲା । ସେପଟୁ ସବିତା କହୁଥିବାର ଶୁଣାଗଲା, ଜାଣିଲ ଯେବେଠୁ ତୁମର ପଜିଟିଭ୍ ଜଣାପଡ଼ିଲା ସେବେଠୁ ଆମକୁ ସାମାଜିକ ବାସନ୍ଦ କରିଦେଇଛନ୍ତି । ଏପରିକି ସାହିଲୋକ ନଳକୂପ

ISSN NO.
2582-208X

ନିକଟକୁ ପାଟି ଟିକେ ଆଣିବାକୁ ଛାଡୁନାହାନ୍ତି । ପାଣିବିନା ବଡ଼ କଷ୍ଟରେ ଚଳିବାକୁ ପଡୁଛି। ଖାଇବା ପିଇବା କଥା ତ ଛାଡ଼ । ନକହିଲେ ଭଲ ।

ଆଉ ଅଧିକ ଶୁଣିବାକୁ ସରୋଜର ଧୈର୍ଯ୍ୟ ନଥିଲା । ହାତ ତା'ର ଆପେ ଆପେ ଶିଥିଳ ହୋଇ ଆସୁଥିଲା । ଫୋନ୍‌ଟି କେତେବେଳେ ହାତରୁ ଖସିପଡ଼ିଛି ତାକୁ ଜଣାନାହିଁ । ହୃଦୟର ଅନ୍ଧାରୀ ଗୁମ୍ଫାରେ ନିସ୍ତେଜ ହୋଇ ରହିଥିବା ଅଗଣିତ ଦୁଃଖ ବର୍ତ୍ତମାନ ଏହି ସଙ୍ଗରୋଧ ଗୃହରେ ଓଜାଡ଼ି ହୋଇ ପଡ଼ିବ ବୋଲି ସରୋଜକୁ ଲାଗୁଥିଲା । ମୁଣ୍ଡଟା ତା'ର ଅସମ୍ଭବ ଭାବେ ଝାଇଁ ଝାଇଁ କରୁଥିଲା । ଚାରିଆଡ଼େ ତାକୁ ଅନ୍ଧକାର ଦିଶୁଥିଲା । ଅନ୍ୟର ଦୁଃଖକୁ ସହିପାରୁନଥିବା ସରୋଜ କାଳର ସୁଅରେ ଦୁଃଖର କରାଳ ଛାୟାକୁ ବର୍ତ୍ତମାନ ଅଙ୍ଗେ ନିଭଉଛି । ଆଖି ସାମ୍ନାରେ ଭାସିଉଠୁଥିଲା ତିନୋଟି ପ୍ରିୟ ମଣିଷର ଦୁଃଖଦ ଛଳଛଳ ମଳିନ ମୁଖମଣ୍ଡଳ । ଦୀର୍ଘଶ୍ୱାସ ଛାଡ଼ିଲା ସରୋଜ । ଗହନ ହୃଦକନ୍ଦରେ ଅପ୍ରମିତ ଦୁଃଖର ଝଡ଼କୁ ଅଳ୍ପ କିଛିଦିନ ପାଇଁ ପ୍ରଶମିତ କରିବା ପାଇଁ ଚେଷ୍ଟା କରୁଥିଲା ସେ।

ସେଦିନ ରାତିଟା ସେମିତି ସେମିତି ବାରଣ୍ଡାରେ କଟିଗଲା । କେତେବେଳୁ ରାତି ପାହିଲାଣି । ସଙ୍ଗରୋଧ ପଡ଼ିଆରେ ଅଳ୍ପ ଅଳ୍ପ ସୂର୍ଯ୍ୟକିରଣ ପଡ଼ି ଫରଚା ଦେଖାଗଲାଣି । ସେମିତି ଅର୍ଦ୍ଧ ପାଗଳ ପ୍ରାୟ ବସିରହିଛି ସରୋଜ । ଠିକ୍ ଏହି ସମୟରେ କାନରେ ପଡ଼ିଲା କିଛି ଲୋକଙ୍କ କଥାବାର୍ତ୍ତା । ମୁହଁବୁଲାଇ ସେଆଡ଼କୁ ସରୋଜ ଚାହିଁଲା । କୋଭିଡ୍ କେନ୍ଦ୍ରର ଜଣେ କର୍ମଚାରୀ ରକ୍ତ ପରୀକ୍ଷାର ନମୂନା ଆଣି ତାକୁ ଦେଲା । ସରୋଜ ରିପୋର୍ଟଟିକୁ ହାତରେ ଧରିଲା । ସଙ୍ଗରୋଧରେ ରହିବାର ନଅ ଦିନ ପରେ ରିପୋର୍ଟ ଭୁଲ୍ ବୋଲି ଜଣାପଡ଼ିଲା । ଟପ୍ ଟପ୍ ହୋଇ ଝରି ପଡ଼ିଲା କେତେ ବିନ୍ଦୁ ଲୁହ ଟୋପା ତା ଆଖିରୁ । ଲୁହଟୋପାରେ ଭିଜିଗଲା ରିପୋର୍ଟଟି । ତା' ଆଖିରୁ ଝରିପଡୁଥିବା ଅଶ୍ରୁବିନ୍ଦୁରେ ସେ ଦେଖିପାରୁଥିଲା, ସମାଜର ଅମାନବୀୟ ମନୁଷ୍ୟର ପରିଦୃଶ୍ୟ ।

ISSN NO.
2582-208X

କାଲି ରାତିର ଅମାବାସ୍ୟା ରାତିଟା ଆଜି ହଠାତ୍ ଏତେ ଫାରଚା ହୋଇଗଲା କିପରି ? ଆଶ୍ଚର୍ଯ୍ୟଚକିତ ସେ । ପ୍ରବାସୀମାନେ ତାକୁ ଘେରି ରହି ଏହା କିଭଳି ସମ୍ଭବ ହେଲା ବୋଲି ପ୍ରଶ୍ନ କରୁଛନ୍ତି । ସେମାନଙ୍କର ପ୍ରଶ୍ନର ଉତ୍ତର ଦେବାକୁ ତା'ର ବର୍ତ୍ତମାନ ସ୍ପୃହା ନାହିଁ । ନୀରବରେ ସେ ଫେରି ଆସିଲା ସଙ୍ଗରୋଧ କୋଠରୀକୁ । ନିଜର ବ୍ୟାଗ୍ ସଜାଡ଼ିବାକୁ ଲାଗିଲା ସେ । ତଥାପି ତାକୁ ଏ ଅସମୟର ଦୁଃଖକୁ ସାମ୍ନା କରିବାକୁ ହେବ । ସାମାନ୍ୟତମ ମାନବିକତା ହରାଇ ବସିଥିବା ସାହି ଲୋକଙ୍କର ଅସାମାଜିକ ମୁଖମଣ୍ଡଳ ତାକୁ ଜଳଜଳ ହୋଇ ଦେଖାଯାଉଥିଲା । ଛାଡ଼ସେ କଥା । ସାମାଜିକ ମୂଲ୍ୟବୋଧ ଓ ମାନବବାଦର ମୂଲ୍ୟବୋଧ ସବୁ ଘାଣ୍ଟି ଚକଟି ସଂଜ୍ଞା ଖୋଜିବାର ସମୟ ଏ ନୁହେଁ । ବଡ଼ ବିଚିତ୍ର ଏ ସମାଜ ଓ ତା'ର ବାସିନ୍ଦା । କେଜାଣି କେମିତି ଏ ଜୀବନଚକ୍ର ଏପରି ପରିବର୍ତ୍ତନଶୀଳ ? କେଉଁ ପଟକୁ କେତେବେଳେ କଡ଼ ଲୋଉଟାଇବ କହିହେବ ନାହିଁ ।

କେତେବେଳୁ ଚଟାଣରେ ପଡ଼ିଥିବା ଫୋନ୍‌ଟାକୁ ଉଠାଇ ଆଣିଲା ସରୋଜ । ଭାବୁଥିଲା, ବଞ୍ଚିବାର ସମସ୍ତ ରାହା ଛଡ଼ାଇ ନେଉଥିବା ଏହି ଖତରନାକ୍ କୋଭିଡ୍ ଭୂତାଣୁ ବିରୁଦ୍ଧରେ ତାକୁ ଚିରଦିନ ସଂଘର୍ଷ କରିବାକୁ ପଡ଼ିବ । ଜୀବନ ଜୀଇଁବାର ପ୍ରବଣତା ଭିତରେ ଅଙ୍ଗେ ନିଭାଇଥିବା ଦୁଃଖଦ ଅନୁଭୂତିକୁ ନିଜ ଅସ୍ଥିମଜ୍ଜାଗତ କରିବାକୁ ହେବ । ଜୀବନ ହିଁ ତ ଯନ୍ତ୍ରଣା । ଠିକ୍ ଏହି ସମୟରେ ଫୋନ୍ କଲ୍‌ଟିଏ ଆସିଲା- ସରୋଜ ଭାଇ, ନମସ୍କାର । ମୁଁ ସୁଭାଷ କହୁଛି । ସରୋଜ ଫୋନ୍ ସୁଇଚ୍ ଅଫ୍ କରିଦେଲା.... ।

ଶେଖ୍ ବଜାର (ନୀଉ କଲୋନୀ)
କଟକ-୮
ମୋ-୮୮୯୫୫୯୩୮୭୫

ISSN NO.
2582-208X

# ଜୟ ଶ୍ରୀରାମ



ଡ. ଅଭିମନ୍ୟୁ କାନୁନଗୋ

ନମଇଁ ରାମ ଭଗବାନ ।
ଲକ୍ଷ୍ମଣାଗ୍ରଜ ରଘୁ ନାନ ।
ରାମ ପଦେ କୋଟି ପ୍ରଣତି ।
ଶ୍ରୀରାମ ରାମ ସୀତା ପତି ।
ଜଗତ ଯାହାର ଭିଆଣ ।
ଧନ୍ୟ ଶ୍ରୀରାମ ଆର୍ତ୍ତ ତ୍ରାଣ ।
ମନୋରମେ ରାମ ଭଜନ ।
ତାରନ କରେ ପାପୀ ଜନ ।
ଲକ୍ଷ୍ମଣ ଯାହାର ଅନୁଜ ।
ସେ ସୀତା ଧବ ଦେବରାଜ ।
ରାମ ନାମ ଭଜ ସାଧବ ।
ତରି ଯିବାକୁ ଏହି ଭବ ।
ରାମ ନାମେ ରଖ ବିଶ୍ୱାସ ।
ଶ୍ରୀରାମ ଦଶରଥ ଶିଷ୍ୟ ।

ରାମ ରାଘବ ନିତି ସ୍ମର ।
ରାମ ଶ୍ରୀରାମ ଦେବେଶ୍ୱର ।
ହନୁ ରାମ ନାମ ଜପିଣ ।
ଅମର ଗଣେ ହେଲେ ଗଣ୍ୟ।
ଜୟ ଶ୍ରୀରାମ ରାବଣାରୀ ।
ରଖ ଶ୍ରୀ ପଦେ ଦଇତାରୀ ।

ଆକାଶବାଣୀ ପୁରୀ
ମୋବାଇଲ ୮୮୯୫୪୫୦୧୧୭

ISSN NO.
2582-208X

# ଗଜଲ୍

## ବାଧୁଛି ଅନେକ ବେଶି



ତାରାପ୍ରସାଦ ଜେନା

ଦେହ ନଗରୀରେ ଦାହ ଅନୁଭବ, ବାଧୁଛି ଅନେକ ବେଶି
ମନ ଘାଣ୍ଟିହୁଏ ଘୃଣା ଉପଦ୍ରବ
ବାଧୁଛି ଅନେକ ବେଶି । ୦ ।

ସ୍ନେହ ପାଇବାକୁ ମୋହ ସରିଯାଏ, ଭାବୁଛି ଅଳୀକ ଖୁସି
ଲୁହ ପିଆଲାକୁ ଓଠ ଗଉରବ,
ବାଧୁଛି ଅନେକ ବେଶି । ୧ ।

କୋହ ପଟୁଆର ନାହିଁ ଅଧିକାର, କିଏସେ କାହାକୁ ଦୋଷୀ
ଖୋଲା ଇଛାପତ୍ର ଖେଳେ ଜନରବ,
ବାଧୁଛି ଅନେକ ବେଶି । ୨ ।

ଶେଷ ଅଭିମାନେ ଅସ୍ତ ଚଇତନ, ପ୍ରଣୟେ ମିଳୁଛି ଫାଶୀ
ମାୟା ବଞ୍ଚିବାର କାଳେ ରଉରବ,
ବାଧୁଛି ଅନେକ ବେଶି । ୩ ।

'ତାରା' କ୍ଷୀଣହସ ମ୍ଳାନ ଅବସର, ଦୁନିଆ ବାରୁଛି ବସି
ପ୍ରୀତି କଳପଣା ମୂଗ୍ଧ ପରାଭବ,
ବାଧୁଛି ଅନେକ ବେଶି । ୪ ।

ରାଜ ରଣପୁର, ଜିଲ୍ଲା -ନୟାଗଡ଼,
ପିନ୍-୭୫୨୦୨୬/ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# କୃଷ୍ଣା



ଖଗେଶ୍ୱର ବାଗ

କୃଷ୍ଣା ଗୋ ତୁମେ ମହାବଳେଶ୍ୱର ପଶ୍ଚିମ ଘାଟେ ଜାତ
ପ୍ରତୀଚୀରୁ ପ୍ରାଚ୍ୟ ଅଭିମୁଖେ ତୁମ କଳକଳ ପ୍ରବାହିତ
ପଞ୍ଚଗଙ୍ଗା ଭୀମା ତୁଙ୍ଗଭଦ୍ରା ଘଟପ୍ରଭା ସହଚରୀ ସହ
ମଲ୍ଲିକା ଅର୍ଜୁନ ଦରଶନେ ତୁମେ ନାଗାର୍ଜୁନେ କ୍ଷଣେ ରୁହ।।

କୃଷ୍ଣା ଗୋ ତୁମେ ଯଜ୍ଞାନଳର ଦୀପ୍ତ ଜ୍ୱଳନ୍ତ ଶିଖା
ଦୀପ୍ତି ଧାରଣେ କେଉଁ ତପ ବଳେ ଦେଇଥିଲ ତୁମେ ଦେଖା
ନିରସ୍ତ୍ରେ ନିରଭିମାନୀ ଶତ ସିଂହ ପରାକ୍ରମ ତୁମ ତନେ
ଉଭା କି ଗୋ ତୁମ ଧର୍ମ ଧରାରେ ସ୍ଥାପନ ପାପ ହରଣେ।।

କୃଷ୍ଣା ଗୋ ତୁମେ ଶ୍ୟାମ ସଖା ବାମା ଶ୍ୟାମାଙ୍କର ଅଂଶ ଏକ
ଦ୍ୱୟ ଶରୀରର ଏକ ଆତ୍ମା ପୁଣି ଦୂରେ ଥାଇ ଲାଗ ପାଖ
ତୁମେ ଭିନ୍ନ ପୁଣି ଅଭିନ୍ନ ଜଗତେ ଏକ ଆରେକର ପାଇଁ
ତୁମେ ଗୋ ସରଳ ଜଟିଳ ତତ୍ତ୍ୱ କ୍ଷଣେ ବୁଝେ କ୍ଷଣେ ନାହିଁ।।

ISSN NO.
2582-208X

କୃଷ୍ଣା ଗୋ ତୁମେ ତ୍ୟାଗ ସମର୍ପଣ ବିରଳ ପ୍ରତିମା ଟିଏ
କେବେ କମନୀୟ ପଦ୍ମା ଭାରତୀ ଉଗ୍ର ଭଇରବୀ ସିଏ
ଚାହିଁଲେ ରଚନା କର ତୁମେ ପୁଣି ବିନାଶ ଇଚ୍ଛା ବଳେ
ପଲକ ନପଡେ ତୁମ ଦରଶନେ କିଏ ଅଛି ତୁମ ତୁଳେ। ।

କୃଷ୍ଣା ଗୋ ତୁମେ ମାନ ଅଭିମାନ ଠାରୁ ବହୁ ଉଚ୍ଚ ସ୍ଥାନେ
ଛୁଇଁ ନାହିଁ ଦ୍ୱେଷ ଅହଂକାର କ୍ଳେଶ ତୁମ ହୃଦୟ କି ମନେ
ତୁମେ ହିଁ ଗୋ ଶ୍ରେଷ୍ଠ ସ୍ରଷ୍ଟା ପୁଣି ସରଜନା କର କେତେ
ନନ୍ଦନବନର ପାରିଜାତ ତୁମେ ସଞ୍ଜୀବନୀ ତୁମ ହାତେ। ।

କୃଷ୍ଣା ଗୋ ତୁମେ ନିରୀହ ମନର ଅଳୀକ ସପନ ସିନା
ବିରହୀ ପ୍ରାଣର ଇପସିତ ଆଶା ପାଇବା ତୁମକୁ ମନା
ଦଗଧ ହୃଦର ସ୍ପନ୍ଦନ ତୁମେ ଜୀବନର ଏକ ଲକ୍ଷ୍ୟ
ତୁମରି ପରଶେ ମିଳିଯିବ ଚିର ବନ୍ଧନରୁ ସଦା ମୋକ୍ଷ। ।

ବୁଦ୍ଧିକୋମନା, ନୂଆପଡା

ISSN NO.
2582-208X

# ଚିଠି



ବାଙ୍କାବିହାରୀ ମହାକୁର

ସାଙ୍ଗସାଥୀ ଅବା ବନ୍ଧୁ ପରିଜନ
ମନେ ଭରେ ଉତ୍ସୁକତା
ହାତ ଲେଖା ଚିଠି ପାଇଲେ ଖଣ୍ଡିଏ
ବଖାଣି ଦିଏ ବାରତା ।

ଭଲମନ୍ଦ କଥା ଅଜଣା ବାରତା
ଦର୍ଶାଏ ଘଟଣାମାନ
ମାନସପଟରେ ଜୀବନ୍ତ କରିଣ
ମନରେ ସାଏତେ ଚିହ୍ନ ।

କୃଷ୍ଣଙ୍କର ଚିଠି ପାଇ ଗୋପନାରୀ
ଚିରି ଦେଲେ ମାଡହୋଇ
ଅସହ୍ୟ ଯନ୍ତ୍ରଣା ମନର ଭାବନା
ପ୍ରେମେ ବିରହିଣୀ ହୋଇ ।

ଦିନଥିଲା ଦୁହେଁ ପ୍ରେମିକ ପ୍ରେମିକା
ଲୁଚି ଲେଖୁଥିଲେ ଚିଠି

ISSN NO.
2582-208X

ମନର ଭାବକୁ  କାଗଜ ଫର୍ଦ୍ଦରେ
ରଖୁଥିଲେ କରି ସ୍ମୃତି ।

ଫଗୁନର ଚିଠି  ବସନ୍ତ ବାରତା
ବର୍ଣ୍ଣନା କରେ ପ୍ରକୃତି
ସହର ନଗର କାଳ ସ୍ଥାନ ପାତ୍ର
ଭୌଗୋଳିକ ଅବସ୍ଥିତି ।

ମୋବାଇଲ୍ ଆସିବା ଦିନରୁ ଚିଠି
ହୋଇଗଲା ଲୁପ୍ତକାୟ
ମେସେଜ୍ ମାଧ୍ୟମେ ପ୍ରେମ ବାର୍ତ୍ତାଳାପ
ଲୁଚାପ୍ରେମକୁ ସହାୟ ।

ବୁଢ଼ୀ ମାଆଁ ଆଉ ପ୍ରତୀକ୍ଷା କରୁନି
ପାଇବାକୁ ପୁଅ ଚିଠି
ଅପାଠୁଆ ବାପା ନେହୁରା ହେଉନି
ଶୁଣିବାକୁ ଏଠି ସେଠି ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ଶ୍ରାଦ୍ଧ



ସିଦ୍ଧେଶ୍ୱର ତ୍ରିପାଠୀ

ସବୁବର୍ଷ ପରି ଏବର୍ଷ ବି ମୁଁ ମହାଳୟା ଦିନ ସ୍ନାନ ଶୌଚ ସାରି ମଠା ପିନ୍ଧି ଚନ୍ଦନ ସିନ୍ଦୁର ଲଗେଇ ଟିକେ ଭୋଜନ କରିଦେଇ କୁଶ ପାତ୍ରୀ ସାଥିରେ ନେଇ ବାହାରି ପଡିଲି ଶ୍ରାଦ୍ଧ ପକେଇବାକୁ । ସକାଳ ସାତ ରୁ ଯାଇ ଭାଗବତ ଟୁଙ୍ଗି ବାରଣ୍ଡାରେ ବସି ପଡ଼ିଲି ସାଙ୍ଗରେ ସାନଭାଇ ଶିବାଜୀ । ଏତେ ଜଜମାନ ବଡ଼ ଭାଇନାଙ୍କ ତାଗିଦ ସମସ୍ତଙ୍କ ଘରେ ଶ୍ରାଦ୍ଧ ପକେଇ ଆସିବ । ଆଠ ସାଢ଼େ ଆଠ ଯାଏଁ କେହି ଡାକିଲେନି ମଟର ସାଇକେଲରେ ସବୁ ସାଇ ଟିକେ ଘାଇଁ ଘାଇଁ ହୋଇ ହର୍ଣ୍ଣ ବଜେଇ ବୁଲି ଆସିଲୁ । ଲୋକ ଯେମିତି ଜାଣିବେ ଭାଇନା ଆସିଲେ ବୋଲି ।

ଟିକିଏ ପରେ ଗୋଟିଏ ପରେ ଗୋଟିଏ ଲୋକ ଡାକି ନେଇଗଲେ ଭାଇନା ଇଆଡ଼େ ଆସନ୍ତୁ ଇଆଡ଼େ ଆସନ୍ତୁ । ଗାଡି ଦିଇଟା ବାରିକ ଘର ଦୁଆରେ ଥୋଇ ଦେଇ ଆମେ ଚାଲିଲୁ । ଶ୍ରାଦ୍ଧ ଶେଷକୁ କିଏ ଲେମ୍ବୁ ପାଣି ଦେଉଥାଏ କିଏ ଦହି ପାଣି । କିଏ ମେଞ୍ଚାଏ ଫଳ ମୂଳ ଆଣି ଦେଲାବେଳକୁ ଆମେ ସେଥିରୁ ଖଣ୍ଡେ ପାଟିରେ ଲଗେଇ ଦେଇ ପୁଣି ଆରପଟ ଘରେ ପହଞ୍ଚି ଯାଉ । ଦକ୍ଷିଣା ଏବେ ଦେଇଦିଅ ସଞ୍ଜକୁ ଆସିଲେ ଆମେ ସବୁ ଘରୁ ସଞ୍ଚା ନେବୁ ।

ଏମିତି ଯାଉ ଯାଉ ଜଣେ ଲୋକଙ୍କ ଫାଟକ ଡେଇଁ ମୁଁ ଅଗଣା ଭିତରକୁ ପହଞ୍ଚିଗଲି । ଆସ ଆସ ଶ୍ରାଦ୍ଧ ପଡିବ ଡାକିଲି । କେହି ଆଉ ବସିବା ଜାଗାରୁ ଉଠିଲେନି କି ମୋତେ ଗୋଡ଼ ଧୋଇବାକୁ କହିଲେନି କି ପ୍ରଣାମ କଲେନି । ମୋର ମନେ ପଡିଗଲା ବିଗତ ବର୍ଷ ପରି ଦିଚାରି ବର୍ଷ ତଳର କଥା । ସାହୁ ବାବୁ କେତେ ହସଖୁସିଆ ଲୋକ । ମୋତେ କୁହନ୍ତି ଟିକି ଭାଇନା ଆଜି ଯାହା ଆଣିବ ତମର ଅଧା ମୋର ଅଧା । କିନ୍ତୁ ଏବର୍ଷ ସମସ୍ତେ ନିରବ। ଆସ ଆସ ମୋର ଏଇ ପଦେ ଦିପଦ ଡାକ ଶୁଣିଲା ପରେ ସେଇ ଭଦ୍ର ବ୍ୟକ୍ତି

ISSN NO.
2582-208X

ତାଙ୍କ ସ୍ତ୍ରୀ ଆଉ ଦଶ ବର୍ଷର ନାତି ଟୋକା ସମସ୍ତଙ୍କ ଆଖିରେ ଲୁହ ଚାଲି ଆସିଲା । ସେତିକି ବେଳକୁ ଆରପଟ ଘରୁ ବାହାରି ଆସିଲେ ତାଙ୍କ ବୋହୁ ମଥାରେ ନାହିଁ ସିନ୍ଦୁର ହାତରେ ନାହିଁ ଶଙ୍ଖା ।

ଦି ଚାରି ପଦ କଥା ହଉ ହଉ ଯାହା ଜାଣିଲି ଯୋଉ ଗୋଟିଏ ବୋଲି ପୁଅ ତାଙ୍କର ଗତ ପାଞ୍ଚ ଦିନ ତଳେ ସଡକ ଦୁର୍ଘଟଣା ରେ ପ୍ରାଣ ହରେଇଛି । କ୍ରିୟା କର୍ମ ସରିନି । କଣ କରିବା ଭାଇନା ଭେଣ୍ଡା ପୁଅଟା ଚାଲିଗଲା । ଅଣ ସୁଧିଆ ଯାଇନି ଆଉ ଶ୍ରାଦ୍ଧ କ'ଣ ପଡିବ। ଆମେ ବୁଢ଼ାବୁଢ଼ୀ ଦିଇଟା ତା କାନ୍ଧରେ ଯାଇଥାନ୍ତୁ । ଦେଖ ସେ ଆମ ଆଗରେ ଚାଲିଗଲା । ସେ ଆମକୁ ଶ୍ରାଦ୍ଧ ଦେଇଥାନ୍ତା ହେଲେ ଆଉ ଦି ଚାରି ଦିନ ଗଲେ ଆମ ଆଖି ଆଗରେ ଆମ ପୁଅର ଶ୍ରାଦ୍ଧ ପଡିବ । ରାତିରେ ବ୍ୟବସାୟ ସାରି ଘରକୁ ଫେରୁଥିଲା ଦୂରରୁ ଆସୁଥିବା ଆନ୍ଦ୍ର ଟ୍ରକଟା ପିଟି ଦେଇ ଚାଲିଗଲା । ଆଉ ସେ କଥା କଣ କହିବି ଭାଇନା, ଏଇ କଥା କହୁ କହୁ ସାହୁ ବାବୁ ଜୋରରେ କାନ୍ଦିଲେ । ଇଚ୍ଛା ହେଉଥିଲା ତାଙ୍କ ପାଖକୁ ଯାଇ ତାଙ୍କ ପିଠିରେ ଟିକେ ହାତ ବୁଲେଇ ବୋଧ ଦେବାକୁ । ହେଲେ ମୁଁ ଗୋସେଇଁ ଘର ପୁଅ ଆଜି ପୁଣି ପୁରୋହିତ ସାଜି ଶ୍ରାଦ୍ଧ ପକେଇ ଆସିଛି । ସାହୁ ବାବୁଙ୍କ ପୁଅ ମରିଛି ତାଙ୍କର ଅଣ ସୁଧିଆ । ସାହୁ ବାବୁଙ୍କୁ ଛୁଇଁଲେ ଲୋକ କଣ କହିବେ । ତାଙ୍କ ପୁଅ ମରିଛି । ମୋ ମଣିଷ ପଣିଆଟା ସେଇଠି ମରିଗଲା । ସାହୁ ବାବୁଙ୍କ ପୁଅ ବୟସ କେତେ ଏଇ ପଇଁ ତିରିଶ କି ସଇଁ ତିରିଶ ହବ । ଭାଇନା ଆସନ୍ତୁ ଟିକିଏ ଭୋଜନ କରିକି ଯିବେ । ଫଳ ଟିକେ ପୋଡ଼ ଟିକେ ଆଣିଛି ସାହୁ ବାବୁଙ୍କ ପୁଅର କଥା । ଏମିତି ଭାବୁ ଭାବୁ ଶିବାଜୀ ଆସି ପହଁଚିଲା । ଭାଇନା ଭଲ ଲୋକ ତମେ ଏଠି ବସି ଗପୁଛ ଆସ ସିଆଡେ ଆଉ ଆଠ ଦଶ ଘର ବାକି ଅଛି ଶ୍ରାଦ୍ଧ ପଡିବ ।

ସେମାନଙ୍କ ପାଖରୁ ମୁଣ୍ଡ ହଲେଇ ମୁଁ ଫେରି ଆସିଲି । ସେ ଦିନ ଯାଇ କେତେଦିନ ବିତିଲାଣି ହେଲେ ସେ ଶ୍ରାଦ୍ଧ ର ସ୍ମୃତି ମୋ ମନରୁ ଏଯାଏଁ ଲିଭିନି ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
7008315040

ISSN NO.
2582-208X

# ଅବହେଳିତ ସଂସ୍କୃତି



ସୁହଂସ ଭୋଇ

ଉତ୍କଳ ସଂସ୍କୃତି ପୁରାତନ ଅତି
ରହିଛି ଜଗତେ ଖ୍ୟାତି
ଅତିଥି ସତ୍କାର ଆଚାର ବେଭାର
ପୂଜାପାଠ ବିଧିରୀତି

ଏ କାଳ ସେ କାଳ ଭିତରେ ଅନେକ
ବଦଲି ଗଲାଣି ନୀତି
ଜ୍ୟେଷ୍ଠକୁ ନ ମିଳେ ଶ୍ରେଷ୍ଠ ଅଧିକାର
କନିଷ୍ଠକୁ ସ୍ନେହ ପ୍ରୀତି
ପଶ୍ଚିମ ସଂସ୍କୃତି ର ଗତି ବଢୁଛି
କଳିଙ୍ଗର ଅଧୋଗତି

ଭାଗବତ ଟୁଙ୍ଗୀ ଉଜୁଡ଼ି ଯାଇଛି
ଲିଭି ତ ଗଲାଣି ବତୀ
ପ୍ରାତଃକାଳେ ଆଉ ଶୁଭୁନି ସଙ୍ଗୀତ
ଭଜନ ପ୍ରାର୍ଥନା ଗୀତି

ISSN NO.
2582-208X

ଓଷା ବ୍ରତ ଜାତ କେବଳ ନାମକୁ
ଚିତ୍ତେ ନାହିଁ ତିଳେ ଭକ୍ତି

ରେଶମୀ ବାସ ର ଆଦର ବଢ଼ିଛି
ପଛେ ଲୁଚିଲାଣି ଖଦି
ମାଆ କରୁ ନାହିଁ ପିଠା ପଣା ଘରେ
ଆରିଶା କାକରା ଆଦି
ସୁଆଦ ଭୋଜନେ ଉଦର ଭରୁଛି
ମନକୁ ମିଳୁନି ତୃପ୍ତି

ଚାଟଶାଳୀ ପାଠ ଅବଧାନ ବେତ
ନାହିଁ ଭାଷା ପ୍ରତି ରୁଚି
ବଞ୍ଚିବ କିପରି ଓଡିଆ ସଂସ୍କୃତି
ବୁଝା ପଡୁ ନାହିଁ କିଛି
କହିଲେଣି ସର୍ବେ ସହଜେ ଇଂରାଜୀ
ପାର୍ସୀ ହିନ୍ଦୀ ସରସ୍ୱତୀ

ପଦ୍ମଣ୍ଡି, ବରଗଡ଼

ନଭେମ୍ବର -୨୦୨୪
www.vedantimagazine.com
ISSN NO.
2582-208X

# ଥରକୁ ଥର ପଡି ତଳେ



ଦୁଷ୍ମନ୍ତ ବେହେରା

ମୁଁ ବିନ୍ଦୁ ର ମିଳନ ନିର୍ମଳ
ଦୁନିଆ ପାଇଁ ମୋ ମନେ
ପ୍ରେମ କମଳ ସ୍ୱର୍ଣ ..

ମୋ ବିଶ୍ୱାସ ଅଛି ମୁଁ ପଡିଲେ
ଉଠି ଚାଲିବି ଦୁନିଆ ଦୂଆରେ
ଜିତିବା ଅଭ୍ୟାସ ପାଇଁ ..

ଭୟ ଅଛି ମନେ ଘୃଣା କରେ
ନାହିଁ ଆଦର ଆଉଁସା ରେ
ମୁଁ ଧୀରେ ନରମି ଯାଏ ..

ମୁଁ ହସି ପାରେ ତୁମ କୋଳେ
ତଥାପି ତୁମ ଡରରେ
କାନ୍ଦୁ କୁ ଆଉଜି ପଡ଼େ..

ଖିଲି ଖିଲି ହସରେ ମୁଁ ବାନ୍ଧି
ରଖେ ତୁମ ମନ ମୋ ମିଠା କଥା
ରେ ଉଛୁଳେ ତୁମ ମନବନ..

ISSN NO.
2582-208X

ହସରେ ନାହିଁ ମୋ ଛଳନା
ତୁମ ମନରେ ଏତେ ଗାର
ଦାଗ ରଖିଛ କାହିଁ ଜନ..

ଏଇତ ସଂସାର ଏଇତ ଘର
ହସୁଥିବା ସାଥେ ସାଥେ
ଦେଖିବ ଜଗତ ଜନ..

ଆମ ପରିବାର ଆମ ଘର
ମା"ଆ ବାପା ଦିଅନ୍ତି କେତେ
ସାହସ ଦେହରେ ବଳ..

ଏ ତ ଜନମନ ବେଳ ବୁଡିଲେ
ଅନ୍ଧାର ଖେଳ ହଜେ ମୋ
ସ୍ୱପ୍ନ ର ଆଶା ଚିହ୍ନ..

ଆସରେ ଖେଳିବା ସାଥି ହୋଇ
ନାନା ଖେଳ ହଜିଯିବା ଝୁମି ଝୁମି
ଶରତ କୋଳେ କୋଳେ..

ସ୍ୱୋଳ (ମୁଣ୍ଡିଆପକ୍ଷି)
ଢେଙ୍କାନାଳ

ISSN NO.
2582-208X

# ମାୟା ମିରୀଗ ର ଦୌଡ



ବିଶ୍ୱନାଥ କର

ମୁଁ ଦୌଡୁଥିଲି ଆଖିବୁଜା
ଦୌଡୁଥିଲି ଖାଲ ଢିପ ଡେଇଁ
ବହଳ କୁହୁଡି ର ଗହଳି ଭିତରେ
କାକର ଭିଜା ସ୍ୱପ୍ନର ସାଲ ଖଣ୍ଡେ ଗୁଡେଇ ଦେହସାରା
ମୁଁ ଦୌଡୁଥିଲି
ରାତି ଦୌଡୁଥିଲା ମୋ ବିପରୀତ ଦିଗେ ରେଳ ଭଳି
ଦିଗବାରେଣି କମ୍ପାସରେ ବୃତ୍ତଟେ ତିଆରି ।

ମୋତେ ତ ଜଣା ନଥିଲା ଚନ୍ଦ୍ରର ଶୀତଳତାରେ ଏତେ ତାତି
ପୁନେଇଁ ଆକାଶରେ ମୁଠା ମୁଠା ଏତେ ପ୍ରଶ୍ନବାଚୀ
ଯୌବନ ର କ୍ଷଣ ଭଙ୍ଗୁର ହୃଦୟ
ନିର୍ଜନତା ରେ ଏତେ ଝୁରେ
ଇଚ୍ଛା ର ପଶାଖେଳେ ପ୍ରତି ମୁହୂର୍ତ୍ତ ରେ ମରେ ।

ମାୟା ମିରୀଗର ଦୌଡ ରେ
ସବୁ ସୀମା ସରହଦ ଡେଇଁ
ତୁ ବି ଦୌଡୁଛୁ ଆଖିରେ ବାନ୍ଧି ଗାନ୍ଧାରୀର ପଟି
ଯେବେଠୁ ତୁ ନଇ ପାଲଟିଛୁ
ପାନ୍ଥଶାଳା ର ଚାରିପଟେ
ଫୁଲର ବଗିଚାଟେ ତିଆରି କରିଛୁ
ଆକାଶ ଗଙ୍ଗା ର ଆଲୁଅ ରେ ବେଣୀ ପଖାଳୁଛୁ ।

ISSN NO.
2582-208X

ଦୌଡ ଭିତରେ କିଏ ବା କାହାକୁ ଚିହ୍ନୁଛି
କାହା ପାଇଁ ବି ପ୍ରତିଯୋଗିତା ଅଟକି ଯାଉଛି
ଅଳସ ଢଙ୍ଗରେ ଠିଆ ସେଇ ମାୟାବୀ ଦିଗନ୍ତ
କାହାପାଇଁ ଅବା ଘଣ୍ଟା କଣ୍ଟା ସମୟକୁ ପଛୁଆ ଗଣୁଛି ।

ମୁଁ ଦୌଡୁଥିଲି ଆଖିବୁଜା ଏବେ ବି ଦୌଡୁଛି
ତୁ ବି ଦୌଡୁଛୁ ଏ ଦୁନିଆଁ ଦୌଡୁଛି
ନିର୍ମମ ଚିରନ୍ତନ ଏ ପ୍ରତିଯୋଗିତା
ସଫଳତା ଏକ ଯାତ୍ରା ନୂତନ ସଂକଳ୍ପର
ଏକଲା ଚଲୋ ର ମନ୍ତ୍ରଧ୍ୱନି
ସୁର ଝଙ୍କାର ଗତିଶୀଳ ସମୟର ।

କେହି ଜିତନ୍ତିନି ଏ ପ୍ରତିଯୋଗିତା ରେ
କେହି ବି ହାରନ୍ତିନି
କେବଳ ନିଜ ଭିତରେ ନିଜର ଯୁଦ୍ଧ
କୋଳାହଳ ରେ କେବଳ ପ୍ରତିଧ୍ୱନୀତ ନିଜ ଶବ୍ଦ
ନିଜ ଆକାଶ ନିଜ ଛାଇ
କ୍ରୁଶବିଦ୍ଧ ର ଯନ୍ତ୍ରଣା ।

ମୁଁ ଦୌଡୁଥିବି ତମେ ଦୌଡୁଥିବ
ସମୟ ଦୌଡୁଥିବ
ଏ ଖେଳ ସରିବନି
ବିପରୀତ ଦିଗେ ଦୌଡୁଥିବ କିମ୍ବଦନ୍ତୀ
ଫେରୁଥିବ ପୁଣି ।
--

ସାଇ କଲୋନୀ, ଦେଉଳସାହି ,ତୁଳସୀ ପୁର,
କଟକ୭୫୩୦୦୮ ସମ୍ପର୍କ 9776332639
ମେଲ୍ biswanathkar1956@gmail.com

ISSN NO.
2582-208X

# ଓଡ଼ିଆ ନାଟକରେ ଶ୍ରୀଜଗନ୍ନାଥ

ଲିଜାରାଣୀ ପାଇଟାଳ

ରଙ୍ଗମଞ୍ଚ କୌଣସି ଜାତିର ସାଂସ୍କୃତିକ ଇତିହାସକୁ ଆକଳନ କରିବାର ଅନ୍ୟଏକ ମାଧ୍ୟମ । ରଙ୍ଗମଞ୍ଚର ଅଭିନୟ ମାଧ୍ୟମରେ ମଣିଷମାନଙ୍କର ସୁଖ-ଦୁଃଖର ନିରବଛିନ୍ନ ଅନୁଭୂତି ଓ ଆବେଗକୁ ରୁପାୟିତ କରାଯାଇପାରେ । ସାହିତ୍ୟର ଅନ୍ୟାନ୍ୟ ବିଭାଗଠାରୁ ନାଟକ ସର୍ବାଧିକ ପ୍ରଭାବଶାଳୀ କାରଣ ଏଥିରେ ଏକା ଧାରାରେ ଦୃଶ୍ୟକାବ୍ୟ, ଶ୍ରବ୍ୟକାବ୍ୟ, ସଙ୍ଗୀତକଳା, ବାଦ୍ୟ ମଞ୍ଚମାୟା, ସଂଳାପ ଓ ସାହିତ୍ୟିକ ରସ ପରିବେଷଣ ଇତ୍ୟାଦିରେ କଳାର ମିଶ୍ରଣ ଦେଖିବାକୁ ମିଳେ । ଉନବିଂଶ ଶତାବ୍ଦୀର ଶେଷ ଦଶକଦ୍ୱୟ ଓଡ଼ିଆ ନାଟକର ଉନ୍ମେଷ କାଳ ହେଲେମଧ୍ୟ ପୂର୍ବରୁ ଉତ୍କଳୀୟଗଣ ନାଟ୍ୟକଳା ସମ୍ପର୍କରେ ଅବହିତ ନଥିଲେ ବୋଲି କହିବା ଅନୁଚିତ୍ । ଅଢ଼େଇ ହଜାର ବର୍ଷପୂର୍ବେ ନାଟ୍ୟାଚାର୍ଯ୍ୟ ଭରତମୁନି ନାଟକ ସମ୍ପର୍କରେ ରଚନା କରିଥିଲେ "ନାଟ୍ୟଶାସ୍ତ୍ର" । ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ ମଧ୍ୟ ନାଟକ ସମ୍ପର୍କରେ ବିବରଣୀ ମିଳେ । ଏଠାରେ ସମ୍ରାଟ ନିଜକୁ "ଗନ୍ଧର୍ବବିଦ୍ୟା ପ୍ରବୀଣ" ଅର୍ଥାତ୍ ଗନ୍ଧର୍ବ ବିଦ୍ୟା ବିଶାରଦ ରୂପେ ପରିଚିତ କରିଛନ୍ତି । ମହାଭାରତରେ ମଧ୍ୟ ଆଦିକବି ସାରଳାଦାସ ଲେଖିଛନ୍ତି -

"ଆହେ ବିରାଟ ଯେ ଦେଶେ ରଙ୍ଗସଭା ନାହିଁ
ଯାତ୍ରା ଉତ୍ସବ ଯେବଣ ଦେଶେ ନହୁଅଇ
ଯେବଣ ଦେଶରେ ପୁଣି ନାହିଁ ଯାଗଯଜ୍ଞ
ଜାଣିବ ସେ ଦେଶେ ନିଷ୍ଟେ ଅସୁରଙ୍କ ଭୋଗ୍ୟ (ବିରାଟ ପର୍ବ)

ସୂର୍ଯ୍ୟ ବଂଶର ରାଜତ୍ୱ କାଳରେ ନାଟକ ଅଭିନୟ ଇତ୍ୟାଦି ଶାସକୀୟ ସମର୍ଥନ ଲାଭ କରିଥିଲା । ସ୍ୱୟଂ ଗଜପତି କପିଳେନ୍ଦ୍ର ଓ ପୁରୁଷୋତ୍ତମ ଦେବ ମଧ୍ୟ ନାଟ୍ୟକାର ଥିଲେ । କପିଳେନ୍ଦ୍ର ଦେବ "ପରଶୁରାମ ବିଯୋଗ" ନାମକ ଏକ ନାଟକ ଲେଖିଥଲେ । ତେଣୁ

ISSN NO.
2582-208X

ଓଡ଼ିଆ ଭାଷାର ପ୍ରଥମ ନାଟକ ଭାବରେ ବାବାଜୀ (ଜଗନ୍ମହନ ଲାଲ)ଙ୍କୁ ଗ୍ରହଣ କରାଯାଉଥିଲେ ହେଁ ତାଙ୍କ ପୂର୍ବରୁ ନାଟ୍ୟରୀତି ପ୍ରଚଳିତ ଥିବାର ଉପଯୁକ୍ତ ପ୍ରମାଣ ମିଳିଥାଏ । ସର୍ବଧର୍ମ ସମନ୍ୱୟର ପୀଠ ଓଡ଼ିଶାର ପରମାରାଧ୍ୟ ଦେବତା ହେଉଛନ୍ତି ଶ୍ରୀ ଜଗନ୍ନାଥ । ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଇଂରେଜ ଶାସନାଧୀନ ହେବପରେ ଖ୍ରୀଷ୍ଟିଆନ୍ ପାଦ୍ରୀମାନେ ଖ୍ରୀଷ୍ଟଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଆସି ଧର୍ମପ୍ରଚାର ଆରମ୍ଭରୁ ଓଡ଼ିଶାର ଗର୍ବ ଓ ଗୌରବର ଦେବତା ଶ୍ରୀ ଜଗନ୍ନାଥଙ୍କୁ ପ୍ରତିଦ୍ୱନ୍ଦୀ ରୂପେ ଗ୍ରହଣ କରି ତାଙ୍କ ବିରୋଧରେ ପ୍ରଚାର ଚଳେଇଲେ । ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଆ ଜାତିର ମେରୁଦଣ୍ଡ ଭାଙ୍ଗିପଡ଼ିଲା । ନୈରାଶ୍ୟ ଜର୍ଜରିତ ଓଡ଼ିଆ ଜାତିର ଭାଷାକୁ ଲୋପ କରିବାପାଇଁ କେତେଜଣ ବଙ୍ଗୀୟ ସରକାରୀ କର୍ମଚାରୀଙ୍କ ଅପଚେଷ୍ଟା ଅବ୍ୟାହତ ରହିଥିଲା । ସେମାନଙ୍କ ଆକ୍ରୋଶ ମୂଳକ ଓ ଆକ୍ରମଣାତ୍ମକ ମନୋଭାବ ଯୋଗୁଁ ସେମାନେ ଓଡ଼ିଶାର ଜଗନ୍ନାଥ ଭକ୍ତି, ବିଶ୍ୱାସ ଓ ପରମ୍ପରା ମୂଳରେ କୁଠାରାଘାତ କରିଥିଲେ । ଏହିଭଳି ସାଂସ୍କୃତିକ ସଙ୍କଟ ସମୟରେ ଓଡ଼ିଆ ନାଟ୍ୟ ସାହିତ୍ୟରେ ଶ୍ରୀ ରାମଶଙ୍କରଙ୍କର ଆବିର୍ଭାବ ହୋଇଥିଲା ଓ ସେ ଓଡ଼ିଆ ଜାତିର ସ୍ୱାର୍ଥ ରକ୍ଷାକୁ ନିଜର ଗୁରୁଦାଇତ୍ୱ ଭାବରେ ଗ୍ରହଣ କରିଥିଲେ । ୧୮୬୬ ମସିହାରେ ପ୍ରକାଶିତ "ଉତ୍କଳ ଦୀପିକା" ରେ ତାଙ୍କର ବଡଭାଇ ଗୌରୀଶଙ୍କର ରାୟ ଓଡ଼ିଆ ଜାତିର ଅତୀତ ଐତିହ୍ୟ, ବିଶେଷତ୍ୱ ଇତ୍ୟାଦି ପ୍ରଦର୍ଶନ କରିବା ସଂଗେ ସଂଗେ ଓଡ଼ିଆ ଜାତିର ଦାବିଗୁଡିକୁ ଉପସ୍ଥାପିତ କରିଆସୁଥିଲେ । ତାଙ୍କର ମନୋଭାବର ପ୍ରଭାବ ମଧ୍ୟ ରାମଶଙ୍କରଙ୍କ ଉପରେ ପଡିଥିଲା । ତାଙ୍କ ସମୟରେ ଓଡ଼ିଶାର ରାଜନୈତିକ କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରତି ଉଦାସୀନତା, ଅବହେଳା ଓ ୧୮୭୮ ମସିହାରେ ଦିବ୍ୟସିଂହ ଦେବଙ୍କୁ ମିଥ୍ୟା ଦୋଷରେ ବ୍ରିଟିଶ ସରକାରଙ୍କର ଅଭିଯୁକ୍ତ କରିବା ଇତ୍ୟାଦି ଦୁର୍ଘଟଣା ତାଙ୍କୁ ପ୍ରଭାବିତ କରିଥିଲା । ଏହିଭଳି ଅନେକ ଘଟଣାର ଉତ୍ସରୁ ପ୍ରେରଣା ପାଇ ସେ ଲେଖିଲେ "କଞ୍ଚିକାବେରୀ" ନାଟକ । ଅବଶ୍ୟ ପୂର୍ବରୁ କାଞ୍ଚିକାବେରୀ କାବ୍ୟରେ ପୁରୁଷୋତ୍ତମ ଦେବ ସର୍ବପ୍ରଥମେ କାଞ୍ଚି ଅଭିଯାନ କାହାଣୀଟିକୁ କଳାତ୍ମକ ରୂପଦେଇ ମଣିକୀ ଗଉଡୁଣୀ ଉପାଖ୍ୟାନଟିକୁ ରସଘନ ରୂପ ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ୧୮୭୯ ଖ୍ରୀଷ୍ଟାବ୍ଦରେ ରଙ୍ଗଲାଲ ବନ୍ଦୋପାଧ୍ୟାୟଙ୍କ "କାଞ୍ଚିକାବେରୀ" କାବ୍ୟ ପ୍ରକାଶ ପାଇଲା । କେବଳ ଏତିକି ନୁହେଁ ଷ୍ଟାର୍ଲିଂଙ୍କ ଓଡିଶା ଇତିହାସରୁ ମଧ୍ୟ ଅନେକ ଉପାଦାନ ସଂଗ୍ରହ କରି ରଚନା କରାଗଲା "କଞ୍ଚିକାବେରୀ" ନାଟକ । ଏଥିରେ

ISSN NO.
2582-208X

ସେ ଅନେକ ତଥ୍ୟ ସଂଗ୍ରହ କରିଥିଲେ ମଧ୍ୟ ଅନେକ ବର୍ଜନ ଓ ନୂତନ ସର୍ଜନ କରିଛନ୍ତି । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଓଡ଼ିଶାର ଶାସକ , ଅନୁଶାସକ ଭାବରେ ପ୍ରତିପାଦନ କରିଛନ୍ତି ।

ନାଟକରେ ଗଜପତି ପୁରୁଷୋତ୍ତମ ଦେବ ଏକ ଐତିହାସିକ ଚରିତ୍ର ହୋଇଥିଲେ ମଧ୍ୟ ନାଟକର ପ୍ରକୃତ ନାୟକ ନୁହନ୍ତି । ସେ ନିମିତ୍ତ ମାତ୍ର । ପ୍ରକୃତ ନାୟକ ହେଉଛନ୍ତି ଶ୍ରୀ ଜଗନ୍ନାଥ । ନାଟକୀୟ ଘଟଣା ଓ ବିଷୟ ବସ୍ତୁର ଗତିଶୀଳତା ପାଇଁ ମୁଖ୍ୟତଃ ସେ ହିଁ ଦାୟୀ ଅଟନ୍ତି । ନାଟକରେ ଜଗନ୍ନାଥଙ୍କୁ ଏକ ଚରିତ୍ର ଭାବରେ ଅବତୀର୍ଣ୍ଣ ନକରାଇ ମଧ୍ୟ ସମଗ୍ର ନାଟକଟିରେ ତାଙ୍କର ମାହାତ୍ମ୍ୟ ପ୍ରତିପାଦନ କରିଛନ୍ତି । ଗୋଦାବରୀଶ ମିଶ୍ର ୧୯୧୭ ରେ “ପୁରୁଷୋତ୍ତମ ଦେବ” ନାଟକ । ଏହାର ମୁଖ୍ୟ ନାୟକ ପୁରୁଷୋତ୍ତମ ଦେବ ହେଲେ ମଧ୍ୟ କାହାଣୀଟି ଜଗନ୍ନାଥ ଓ ବଳଭଦ୍ରଙ୍କ କାଞ୍ଚିଅଭିଯାନକୁ ନେଇ ରଚନା କରାଯାଇଛି । ପରବର୍ତ୍ତୀ ସମୟରେ ଅନେକ ନାଟ୍ୟକାରମାନେ ତାଙ୍କ ନାଟକରେ ଏହି କାହାଣୀକୁ ନିଜର ମୌଳିକତା ପ୍ରଦର୍ଶନ ପୂର୍ବକ କିଛିକିଛି ସଂଯୋଗ ବିଯୋଗ କରି ଅନେକ ନାଟକମାନ ରଚନା କଲେ । ୧୯୨୫ ରେ ପ୍ରକାଶ ପାଇଲା ଭିକାରୀ ଚରଣ ପଟ୍ଟନାୟକଙ୍କ ନାଟକ “ରାଜା ପୁରୁଷୋତ୍ତମ ଦେବ”। ଏହାର ବିଷୟବସ୍ତୁ କଞ୍ଚିକାବେରୀର ବିଷୟବସ୍ତୁଠାରୁ ଭିନ୍ନ ହେଲେ ମଧ୍ୟ ପୂର୍ବସୂରୀମାନଙ୍କ ଦ୍ୱାରା ବର୍ଣ୍ଣିତ ପରମ୍ପରାକୁ ସେ ଗ୍ରହଣ କରିଛନ୍ତି । ପରବର୍ତ୍ତୀ ସମୟରେ ଅଶ୍ୱିନୀକୁମାର ଘୋଷ ଜଗନ୍ନାଥ ଧର୍ମର ଆଧ୍ୟାତ୍ମିକତାର ଗୌରବ ଦର୍ଶାଇ ତାଙ୍କର ପରମ ଭକ୍ତ ସାଲବେଗଙ୍କ ଜୀବନୀ ସମ୍ବଳିତ “ସାଲବେଗ” ଶୀର୍ଷକ ନାଟକ ରଚନାକଲେ ଓ “ଭକ୍ତ ହରିଜନ” ନାମରେ ଏକ ଭକ୍ତିମୂଳକ ନାଟକ ୧୯୩୩/୩୪ ରେ ରଚନା କଲେ । ନାଟକର ବିଷୟବସ୍ତୁ ଓଡ଼ିଆ ପୁରାଣ “ଦାର୍ଢ୍ୟତା ଭକ୍ତି ରସାମୃତ” ରୁ ସଂଗ୍ରହ କରି ବିଭିନ୍ନ ସ୍ଥଳରେ ଭାଷା ଓ ସଂଳାପର ସଂଯୋଜନାରେ ଭାକ୍ତିକ ମାଦକତା ଭରିଦେଇଛନ୍ତି । କେବଳ ଏତିକି ନୁହେଁ, “ରଘୁ ଅରକ୍ଷିତ (୧୯୩୭), ବନ୍ଧୁମହାନ୍ତି (୧୯୪୪/୪୫), ଶ୍ରୀମନ୍ଦିର, ଚଣ୍ଡାଳୁଣୀ (୧୯୪୬) ଇତ୍ୟାଦି ପୌରାଣିକ ନାଟକ ଓ କଳାପାହାଡ଼ (୧୯୨୧) ଇତ୍ୟାଦି ଐତିହାସିକ ନାଟକ ମଧ୍ୟ ରଚନା କରିଥିଲେ ଓ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚନା “ଲକ୍ଷ୍ମୀ ଚଣ୍ଡାଳୁଣୀ (ପ୍ରଥମେ ଗ୍ରାମୋଫୋନ୍ ରେକର୍ଡ ପାଇଁ ଲେଖାଯାଇଥିଲା । ରେକର୍ଡ ହୋଇନପାରିବାରୁ ୧୯୪୩ରେ ନାଟ୍ୟରୂପ ପାଇଲା) । ବଳରାମ ଦାସଙ୍କ “ଲକ୍ଷ୍ମୀପୁରାଣ” ର ସମସ୍ତ ଘଟଣା ଏଥିରେ ବର୍ଣ୍ଣିତ ।

ISSN NO.
2582-208X

ଓଡ଼ିଆ ନାଟ୍ୟ ସାହିତ୍ୟର ସୂର୍ଯ୍ୟାଲୋକ କାଳିଚରଣ ପଟ୍ଟନାୟକ ମଧ୍ୟ ରଚନା କଲେ "ଅଭିଯାନ" ନାଟକ । ଜଗନ୍ନାଥ ଚରିତାମୃତରୁ ପ୍ରେରଣା ପାଇ ରଚନା କଲେ "ଅତିବଡୀ ଜଗନ୍ନାଥ ଦାସ" ଓ ଡ଼. ଶୈଳେଶ୍ୱର ନନ୍ଦଙ୍କ "ଦାରୁବ୍ରହ୍ମ", ଅମୂଲ୍ୟକୃଷ୍ଣ ମିଶ୍ରଙ୍କ "ସାଲବେଗ", ଏ. ଏଚ୍. କେ ନାଶାଦଙ୍କର "ସିନ୍ଧୁତୀରେ", ହରିହର ମିଶ୍ରଙ୍କ "ନିନ୍ଦିତ ଗଜପତି" ଓ "ଅଦୃଶ୍ୟ ନଟ" ଓ ଭଗବାନ ମିଶ୍ରଙ୍କ "ଚାଖିଖୁଣ୍ଟିଆ" ଇତ୍ୟାଦି ନାଟକମାନ ଜଗନ୍ନାଥଙ୍କୁ କେନ୍ଦ୍ରକରି ରଚନା କରାଗଲା ।

ରାମଶଙ୍କର ରାୟଙ୍କ ହୃଦୟକୁ ପ୍ରଭାବିତ କରିଥିବା ଘଟଣା ସବୁ ପରବର୍ତ୍ତୀ ସମୟରେ ଅନ୍ୟ ଓଡ଼ିଆମାନଙ୍କ ହୃଦୟରେ ମଧ୍ୟ ଗଭୀର ରେଖାପାତ କରିଥିଲା । ଓଡ଼ିଆ ଜାତିକୁ ଭାଷାକୁ ବଞ୍ଚାଇବାକୁ ପ୍ରଥମେ ପୁରାଣ ଚେତନାକୁ ଯାତ୍ରା ସାହିତ୍ୟରେ ମୁଖ୍ୟସ୍ଥାନ ଦିଆଯାଇଥିଲେ ମଧ୍ୟ କ୍ରମେ ଐତିହାସିକ, ସାମାଜିକ ନାଟକରେ ପୁରାଣଭିତ୍ତିକ ନୀତିବୋଧ ପରିବେଷିତ ହେଲା ଓ ପ୍ରତ୍ୟକ୍ଷ ପରୋକ୍ଷ ଭାବରେ ନାଟକ ଗୁଡିକରେ ଜଗନ୍ନାଥଙ୍କ ମହିମା ପ୍ରତିପାଦନ କରାଗଲା । ଏହିଭଳି ନାଟକ ଗୁଡିକ ମଧ୍ୟରୁ ଅଧିକାଂଶ ନାଟକର ପୃଷ୍ଠଭୂମି ଶ୍ରୀକ୍ଷେତ୍ର ଅଥବା ଶ୍ରୀମନ୍ଦିର ହୋଇଉଠିଲା । ଶ୍ରୀ ଜଗନ୍ନାଥ କ୍ଷେତ୍ରର ମହିମା ଓ ସଂସ୍କୃତିର ଆଦର୍ଶ ପରିବେଷଣରେ ଓଡ଼ିଆ ନାଟ୍ୟ ସାହିତ୍ୟ ଯଥେଷ୍ଟ ସଫଳତା ଅର୍ଜନ କରି ନିଜର ସକ୍ଷମତା ପ୍ରତିପାଦନ କରିପାରିଥିଲା ।

ସହାୟକ ଗ୍ରନ୍ଥସୂଚୀ :

ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ ଚେତନା - ପ୍ରଫେସର ବାସୁଦେବ ସାହୁ
ଓଡ଼ିଆ ନାଟକ ଓ ରଙ୍ଗମଞ୍ଚ - ଡ଼ . ହେମନ୍ତ କୁମାର ଦାସ

ଗବେଷିକା,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ISSN NO.
2582-208X

# ପ୍ରେମ ର ଉପଲବ୍ଧି



ଅଙ୍କିତା ପ୍ରିୟଦର୍ଶିନୀ ସାହୁ

ପ୍ରେମ କୁ କିଣାଯାଏନି
ଉପଲବ୍ଧ କରାଯାଏ
ପ୍ରେମ ର ଦାମ୍ ରେ ହଉ କି
ପ୍ରେମିକ ର ସ୍ମୃତି ରେ ହେଉ

ପ୍ରେମ କୁ କିଣାଯାଏନି
ଉପଲବ୍ଧ କରାଯାଏ
ଜୀବନ ର ପ୍ରତି ପୃଷ୍ଠା ର ସେ ଖାଲି ଧାଡ଼ି ର ପୂରଣ ର ଆଶା ରେ
ଅବା ଜୀବନ ର ପ୍ରତିଶବ୍ଦ ସନ୍ଧାନ ର ଆଶା ରେ

ପ୍ରେମ କୁ କିଣାଯାଏନି
ଉପଲବ୍ଧ କରାଯାଏ
ଆନନ୍ଦ ର ସେହି ଅନ୍ୱେଷଣ ର ଆଶାରେ
କିମ୍ବା ପ୍ରେମ ର ସେହି ପରିଚୟ ର ଆଶା ରେ

ISSN NO.
2582-208X

ପ୍ରେମ କୁ କିଣାଯାଏନି
ଉପଲବ୍ଧ କରାଯାଏ
ଯଦି କେବେ ଲେଖି ବସେ ମୁଁ ମୋ ପ୍ରେମ ବହି ଟିର ପଥ
ମୁଁ ମଧ୍ୟ ଜଣେ ନାହିଁ କଣ ହେବ ତାର ଅନ୍ତ

ତେଣୁ ମୁଁ ମୋର ହୃଦୟ କୁ ବାର ବାର କୁହେ
ପ୍ରେମ କୁ କିଣିହୁଏନି
ଉପଲବ୍ଧି କରି ହୁଏ ।

ସ୍ନାତକୋତ୍ତର
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ମୋ କୋରାପୁଟ



ବୈଶାଖୀ ଦୀପ

ସୁନେଲି ସକାଳେ ଦେଓମାଳି ହସେ
ସୁନେଲି କିରଣ କ୍ଷେତେ ତାର ପଡେ
ପବନ ବି ଏଠି ବୋହି ବୋହି କହେ
ଦେଖ ଆମ କୋରାପୁଟ l
ଶବର ଜାତିର ଇଷ୍ଟ ଅଟେ ସେତ
ବୋଲାଏ ଏଠି ଶାବର ଶ୍ରୀକ୍ଷେତ୍ର
ଇତିହାସର ଛୋଟ ସାକ୍ଷୀ ଅଛି ଏଠି
ପ୍ରମାଣ ଦିଏ ବାତ୍ରିଶି ସିଂହାସନ
ମେଘ ମାଳ ମାଳ ଘେରି ବୁଲେ ଏଠି
ଜଙ୍ଗଲ, ପାହାଡ଼, ବିଲ
ଦେଶିଆ ମାନଙ୍କ ସରଗପୁର ସେ
ଦେଖ ଆମ କୋରାପୁଟ l
କୁରେ ଫୁଲର ମହକ ଭରିଛି
ଏ ମାଟିରେ ଭରିଛି ତା ବାସ
ଦେଶିଆ ଆମେ ତ ଗରାବେ କହୁଛୁ
ଦେଖ ଆମ କୋରାପୁଟ

ISSN NO.
2582-208X

ଅଳସୀ ଏଠି ସାଜେ ପାଟରାଣୀ
ମାଣ୍ଡିଆ ସାଜେ ତା ବର
ବର ବଧୂ କୁ ଆଶୀର୍ବାଦ ଦିଏ
ସୁଆଁ, ଜନା ଆଉ ଶିମ୍ବ।
କୋରାପୁଟ ଖାଲି ଜିଲ୍ଲା ନାହିଁ ସେତ
ଆମ ପାଇଁ ସରଗ ପୁର
ଥରେ ବୁଲିଆସ ମୋ ଜନ୍ମ ଭୂମିକୁ
ଦେଖ ଆମ କୋରାପୁଟ ।

କୋରାପୁଟ
@baisakhideep 123

ISSN NO.
2582-208X

# ସହରୀ ପବନ



ବନତା ମହାରଣା (ରଣୀ)

ଚଉଁରା ମୂଳର ସଞ୍ଜବେଳ ଏବେ
ନିଛାଟିଆ କାହିଁଲାଗେ,
ଥିରିଥିରି ପାଦେ ଦୀପଟିଏ ଧରି
କେହି ଆସୁନାହିଁ ବେଗେ,
ଉଭେଇ ଗଲେଣି ଏବେ,
ଗାଁ ଝିଅ ବୋହୂ ସହରୀ ପବନେ
ବଦଳି ଗଲେ ଯେ କେବେ ??
ଗ୍ରାମ୍ୟଦେବୀ ଏବେ ଗାଁ ମୁଣ୍ଡେ ମୋର
ଏକା ଜଗିଅଛି ସତେ,
ଗାଁ ଲୋକ କିନ୍ତୁ ସହରୀ ମୁହାଁ ଯେ
ଫେରନ୍ତିନି ଆଉ ମୋତେ,
କେତେ ଆଧୁନିକ ସତେ,
ଗାଁ ମାଟି ଆଜି ପ୍ରଶ୍ନ କରୁଅଛି
କିମ୍ପା ଭୁଲିଗଲ ମୋତେ ।।

ଗୋଧୂଳି ସମୟ ଗ୍ରାମ୍ୟ ପରିବେଶ
ଟୁଙ୍ଗି ଭାଗବତ କଥା,
ଶୂନ୍ୟ ବାରଣ୍ଡା ଟା ଗୁମୁରି କାନ୍ଦୁଛି
ଲୁଚେଇ ଅନ୍ଧାରେ ମଥା,
ଲେଖୁଛି ହୃଦୟ ବ୍ୟଥା,
ପିଲାଠାରୁ ବୁଢ଼ା ଆଧୁନିକ ଏବେ
ଲାଗିଛି ସହରୀ ଛାପା ।।

କଳଙ୍ଗା, କନ୍ଧମାଳ

ISSN NO.
2582-208X

# କବିର କଲମରୁ



ପୂଜାରାଣୀ ସେଠୀ

ହଁ ସେ କବି
ସେ ଦେଖେ ବାସ୍ତବ ଦୁନିଆକୁ
ଆଉ ଉଡି ବୁଲେ କଳ୍ପନା ରାଜ୍ୟରେ
ସ୍ମୃତି ସବୁ ସାଉଁଟି ରଖେ ଆଖି ପଲକରେ ।

ସ୍ମୃତି ସବୁ ରୂପ ପାଏ ଭାବନାରେ
ଭାବନା ସବୁ ବୁଣି ହୋଇଯାଏ ଶବ୍ଦରେ
ଶବ୍ଦ ସବୁ ଫେରିଆସେ କଲମକୁ
ଆଉ ବଖାଣେ ସେ ଅଭୁଲା ସ୍ମୃତି କୁ ।

କେବେ ବିରହ - ମିଳନରେ,
ପ୍ରେମ ଆଉ ପ୍ରଣୟ ରେ
ଅନୁରାଗ -ବିରାଗରେ,
ବ୍ୟଥା - ଆନନ୍ଦ ଆଉ ସମର୍ପଣରେ
ସେ ଶବ୍ଦକୁ ସଜାଏ କବିତାର ମାଧୂର୍ଯ୍ୟରେ ।

ସମସ୍ତେ କୁହନ୍ତି ମୁଁ ତୋର ମୁଁ ତୋର
ଜୀବନର ଚଲା ବାଟକୁ ଚାଲି ଆସି

ISSN NO.
2582-208X

ସେ ଯେବେ ପଛକୁ ଚାହେଁ
ଦେଖେ ମୁଠାଏ ସ୍ମୃତି ଆଉ ଅଞ୍ଜୁଳେ ଲୁହ ସବୁ
ତାକୁ ଚାହିଁ ରହିଛନ୍ତି ସେ ଅଫେରା ଆଖିରେ।

ଯେବେ ଆଗକୁ ଯାଇ ଦେଖେ
ଛଖଣ୍ଡ କାଠରେ
ମଶାଣି ନିଆଁରେ ଉଦ୍ଭାସିତ ହେଉଥିବା ନିଜର ପ୍ରତିଛବି
ଆକାଶର ବୁକୁଚିରି ତାରକା ମେଳରେ ଜହ୍ନ ଉଇଁଲାଣି
ପକ୍ଷୀ ମାନେ ବସାକୁ ବାହୁଡ଼ି ଗଲେଣି ସତ

ହେଲେ ସେ ଆଜିବି ଚାହିଁ ରହିଛି..
ସତେ ଯେମିତି
ସ୍ମୃତି ସବୁ ତାକୁ ଡାକୁଛନ୍ତି ହାତଠାରି
ତୁ ଫେରିଆ, ତୁ ଫେରିଆ..।

ଗ୍ରାମ - ଆବୁଲ୍ଲପୁର୍
ଜିଲ୍ଲା - ଯାଜପୁର
ନମ୍ବର - 9348270938

ISSN NO.
2582-208X

# ବିଚାର ପ୍ରଦୂଷଣ

ସୀତାକାନ୍ତ ସରସ୍ୱତୀ

ବୋଧେ କଥାଟି ଏଇଠୁ ଆରମ୍ଭ କଲେ ଭଲ ହେବ । ସେଦିନ ନାତିଟି ଦେଖିଲା ଅଜା ବସି ଖବର କାଗଜ ପଢୁଛନ୍ତି, ପାଖରେ କିଛି ସମୟ ଚୁପ୍ ଚାପ୍ ଠିଆ ହେଲା । ତା ମନରେ କଣ ଆସିଲା କେଜାଣି, ଜେଜେଙ୍କୁ ପଚାରିଲା – ଆଚ୍ଛା ଜେଜେ! କହିଲ ଦେଖି ଏଇ ଯେଉଁ ବଡ ବଡ ଅକ୍ଷରରେ ଲେଖା ହୋଇଛି – ପରୀକ୍ଷାରେ ଫେଲ୍ ହେବାରୁ ଯୁବକର ଆତ୍ମହତ୍ୟା। ଆତ୍ମହତ୍ୟା କହିଲେ କଣ ?

ଜେଜେ କହିଲେ – ନିଜକୁ ନିଜେ ମାରିଦେବାକୁ ଆତ୍ମହତ୍ୟା କୁହାଯାଏ ।

ନାତି ପଚାରିଲା – ନିଜକୁ ନିଜେ ମାରିଦେବା ! ଜଣେ ନିଜେ ନିଜକୁ କାହିଁକି ମାରେ ଜେଜେ ?

ଜେଜେ କହିଲେ – କେବଳ ଆତ୍ମହତ୍ୟା ନୁହେଁ ଏହିପରି ଖବର କାଗଜରେ ପ୍ରତିଦିନ ହତ୍ୟାକାଣ୍ଡ , ଚୋରି, ଡକାୟତି, ବଳାତ୍କାର, ପରିବେଶ ପ୍ରଦୂଷଣ ପରି ଅନେକ ଅସାମାଜିକ କାର୍ଯ୍ୟକଳାପ ବିଷୟରେ ବାହାରିଥାଏ, ଆଉ ଏସବୁର ଏକମାତ୍ର କାରଣ ହେଉଛି ବିଚାର ପ୍ରଦୂଷଣ ।

ନାତି – ବିଚାର ପ୍ରଦୂଷଣ ମାନେ କଣ? ମୁଁ ତ ଆମ ବହିରେ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ମୃତିକା ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ ଇତ୍ୟାଦି ବିଷୟରେ ପଢିଛି କିନ୍ତୁ କାଇଁ ବିଚାର ପ୍ରଦୂଷଣ ବିଷୟରେ ତ କେବେ ପଢିନାହିଁ ।

ଜେଜେ – ଠିକ୍ କଥା ପଚାରିଲୁ, ବର୍ତ୍ତମାନ ଯେତେସବୁ ପ୍ରଦୂଷଣ ହେଉଛି ସେସବୁର କାରଣ ହେଲା ମନୁଷ୍ୟର ବିଚାର ପ୍ରଦୂଷଣ, ଯାହାକି ମୁଣ୍ଡବ୍ୟଥାର କାରଣ ହେଉଛି । ମାଟି, ପାଣି, ପବନ ଥରେ ପ୍ରଦୂଷିତ ହେଲେ ତାହା ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଦୂଷିତ କରିଥାଏ, କିନ୍ତୁ ମନୁଷ୍ୟର ବିଚାର ଶକ୍ତି ଯଦି ଥରେ ପ୍ରଦୂଷିତ ହୁଏ, ତେବେ ତାହା ତାର ସମଗ୍ର ଜୀବନକୁ

ISSN NO.
2582-208X

ନଷ୍ଟ କରିଦେବା ସହିତ କେତେଯେ ଲୋକଙ୍କୁ ସଂକ୍ରମିତ କରିଥାଏ ତାହା ଅକଳନୀୟ । ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିର ବିଚାର ପ୍ରଦୂଷିତ ହେଲେ ତାର ପରିବାରକୁ, ପରିବାରରୁ ତାର ପରିବେଶ, ପରିବେଶରୁ ରାଜ୍ୟ ଏହିପରି ଏହା ଜାତୀୟ ସ୍ତରକୁ ସଂକ୍ରମିତ କରିଥାଏ ।

ବର୍ତ୍ତମାନ ଭାଇ-ଭାଇ, ବାପା-ପୁଅ, ବନ୍ଧୁ-ବନ୍ଧୁ, ଗୁରୁ-ଶିଷ୍ୟ ଯେତେ ସମ୍ପର୍କ ଅଛି, ସେସବୁ ଭିତରେ ହିଂସା, ଶଠତା, ସ୍ୱାର୍ଥପରତା, ଇର୍ଷା, ପରଶ୍ରିକାତରତା ଇତ୍ୟାଦି ସାମାଜିକ ବ୍ୟାଧିର ମୂଳ କାରଣକୁ ଯଦି ଆମେ ଖୋଜିବା ତାହେଲେ ଶେଷରେ ମନୁଷ୍ୟର ବିଚାର ପ୍ରଦୂଷଣରେ ହିଁ ପହଂଚବା ।

ତାହେଲେ ଏ ବିଚାର ପ୍ରଦୂଷିତ ହୁଏ କପରି? ପରିବେଶ ପ୍ରଦୂଷଣକୁ ଆମେ ଦେଖି ପାରୁଥିବା ବେଳେ ବିଚାର ପ୍ରଦୂଷଣକୁ ଆମେ ଦେଖି ପାରୁନାହୁଁ । ତେବେ କହିଲ ଦେଖି ଏହା କେତେ ମାରାତ୍ମକ ହୋଇ ନଥିବ? ଏହାର କାରଣ ଖୋଜିବା ଯେତିକ କଷ୍ଟ, ତାହାର ନିରାକରଣ ମଧ୍ୟ ତାଠାରୁ ବଳ । ଆଉ ସବୁଠାରୁ ବଳ ଦୁଃଖର ବିଷୟ ହେଉଛି ଆମ ବିଚାର ଯେ ଦୂଷିତ ହୋଇସାରିଛି ଏହା ଅନୁଭବ ହେବା ତ ଦୂରର କଥା ଆମେ ମାନିବା ପାଇଁ ବି ଅରାଜି । ରୋଗକୁ ଚିହ୍ନଟ କଲେ ସିନା ଉପଯୁକ୍ତ ଔଷଧରେ ଆରୋଗ୍ୟ ଲାଭ ହେବ, କିନ୍ତୁ ଏହା ଏକ ଏପରି ଅସାଧ୍ୟ ରୋଗ ଯେ ଆମେ ତା ସାଙ୍ଗରେ ଯେତେ ମିଳାମିଶା କଲେ ମଧ୍ୟ ଶୀଘ୍ର ଚିହ୍ନଟ କରିପାରି ନଥାଉ; ଆଉ ଚିହ୍ନିଲା ବେଳକୁ ଏହା ତା ଠାରୁ ଆମକୁ ସଂକ୍ରମିତ ହୋଇ ସାରିଥାଏ । ଯେପରି ଇତିହାସକୁ ଯଦି ଦେଖିବା ତେବେ ବିରବଲଙ୍କ ସୁନ୍ଦର ବିଚାରଧାରାରେ ପ୍ରଭାବିତ ହୋଇ ଆକବର ଅନେକ ଜନ ମଙ୍ଗଳକାରୀ କାର୍ଯ୍ୟ କରି ପାରିଥିଲେ । ଆମ ପୁରାଣ ଉପରେ ଯଦି ଦୃଷ୍ଟିପାତ କରିବା ତେବେ ମନ୍ଥରାର କୁବିଚାରରେ ପଡି ରାଣୀ କୈକେୟୀ ଶ୍ରୀରାମଙ୍କୁ ବନକୁ ପଠାଇବାର କାରଣ ହୋଇଥିଲେ ।

ବିଚାରଶକ୍ତି ହେଉଛି ବିଭୁ ପ୍ରଦତ ସଂପତି, ଯାହାକ ମନୁଷ୍ୟକୁ ଇତର ପ୍ରାଣୀ ମାନଙ୍କଠାରୁ ଭିନ୍ନ କରିଥାଏ । ଯାହା ପାଇଁ ଆଜି ମନୁଷ୍ୟ ବିଶ୍ୱରେ ଶ୍ରେଷ୍ଠ ଜୀବ ହୋଇପାରିଛି । ଯାହା ଥରେ ନଷ୍ଟ ହୋଇଗଲେ ମନୁଷ୍ୟ ପୁଣି ସେ ପଶୁ ସହିତ ସମାନ ହୋଇ ପଶୁତୁଲ୍ୟ ଆଚରଣ କରିଥାଏ । ସମାଜରେ ଏତେ ସବୁ ହିଂସାତ୍ମକ କ୍ରିୟାକଳାପ ଏହାର ପରିଣାମ ନୁହେଁ ତ ଆଉ କଣ? ଏହାତ କେବଳ ଆରମ୍ଭ ମାତ୍ର, ଯଦି ଏହାର ଯଥାଶିଘ୍ର ନିରାକରଣ

ISSN NO.
2582-208X

କରାନଯାଏ, ତାହେଲେ ମନୁଷ୍ୟ ସୃଷ୍ଟିରେ ଦିନେ ତାଣ୍ଡବ ଲୀଳା ରଚାଇବ ଏଥିରେ କୌଣସି ସନ୍ଦେହ ନାହିଁ।

ପରିବେଶ ପ୍ରଦୂଷଣ କୁ ତ ରୋକିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେବା ସହିତ ଲୋକମାନେ ମଧ୍ୟ ଧିରେ ଧିରେ ସଚେତନ ହେଲେଣି କିନ୍ତୁ ବିଚାର ପ୍ରଦୂଷଣରୁ ମୁକ୍ତ ପାଇବା ପାଇଁକି ପଦକ୍ଷେପ ନିଆଯାଇ ପାରିବ? ଆଉ କେତେଜଣ ବ୍ୟକ୍ତି ଏଥିପ୍ରତି ସଚେତନ ଅଛନ୍ତି? କେବଳ ପ୍ରଦୂଷିତ ବିଚାର ସମ୍ପନ୍ନ ସମାଜରେ ଅଣନିଶ୍ୱାସୀ ହୋଇ ବଞ୍ଚିବା ହିଁ ସାର ହେବ।

ଏହି ସମସ୍ୟାର ଏକମାତ୍ର ସମାଧାନ ହେଲା ଆମ ବିଚାରକୁ ଶୁଦ୍ଧ କରିବାକୁ ହେବ। ଆଉ ବିଚାର ଯେହେତୁ ବୁଦ୍ଧିରୁ ଜାତ ହୋଇଥାଏ ତେଣୁ ବୁଦ୍ଧିର ଶୁଦ୍ଧତା ଉପରେ ବିଶେଷ ମହତ୍ୱ ଦେବା ଆବଶ୍ୟକ। ଏଥିପାଇଁ ପ୍ରଥମେ ମୂଳଦୁଆକୁ ସୁଦୃଢ କରିବାକୁ ହେବ। ଅର୍ଥାତ ଛୋଟ ଦିନରୁ ହିଁ ପିଲାମାନଙ୍କ ଭିତରେ ସୁସଂସ୍କାରର ବୀଜ ରୋପଣ କରିବା ଆବଶ୍ୟକ। ପିତା ମାତା ତଥା ଅଭିଭାବକମାନେ ଧନ ଉପାର୍ଜନ ଅପେକ୍ଷା ସନ୍ତାନ ମାନଙ୍କ ଚରିତ୍ର ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେବା ଉଚିତ। ପ୍ରତିଦିନ ଗୀତା-ରାମାୟଣ ଆଦି ସତଶାସ୍ତ୍ର ଅଧ୍ୟୟନ ଅଧ୍ୟାପନ, ମହାପୁରୁଷମାନଙ୍କ ଜୀବନୀ ଅନୁଶୀଳନ, ଯୋଗ ଶିକ୍ଷା, ନୈତିକ ଶିକ୍ଷା ଦି ପାଇଁ ଦିନଚର୍ଯ୍ୟା ଭିତରେ ଅତି କମରେ ଘଂଟାଏ ଲେଖାଏଁ ସମୟ ରଖିବା ଉଚିତ। ବିଦ୍ୟାର୍ଥି ମାନଙ୍କୁ ଜ୍ଞାନବନ୍ଧୁ ନହୋଇ ସର୍ବଦା ଜ୍ଞାନବାନ ହେବାର କୌଶଳ ଶିଖାଇବାକୁ ହେବ। କାରଣ ପ୍ରାପ୍ତ ଜ୍ଞାନ ଯଦି ଆଚରଣରେ ଫୁଟି ନଉଠେ ତେବେ ସେହି ଜ୍ଞାନର ବିଶେଷ ମହତ୍ୱ ନଥାଏ। ଏହା ଏକ ସାର୍ବଜନୀନ କର୍ତ୍ତବ୍ୟ ହେବା ଆବଶ୍ୟକ। ମିଳିଥିବା ଅମୂଲ୍ୟ ଜୀବନ ଓ ସମୟକୁ ବ୍ୟର୍ଥ ନଷ୍ଟ ହେବାକୁ ନଦେଇ ଏହାର ସଫଳ ରୂପାୟନ ପାଇଁ ଆମେ ସମସ୍ତେ ଶତ ଚେଷ୍ଟିତ ହେବା ଉଚିତ। ଏତଦ୍ୱାରା ନିଜର ବିଚାର ଧାରାକୁ ସୁନ୍ଦର କରିବା ସହିତ ଏକ ସୁନ୍ଦର ସମାଜ ଗଠନରେ ସହାୟକ ହୋଇପାରିବା।

ଶିକ୍ଷୟିତ୍ରୀ, ଚକଟୀ ପେଣ୍ଠ

ISSN NO.
2582-208X

# ପିଲାବେଳ



ସୋନତା ଦାସ

ଇଚ୍ଛା ହୁଏ ଚାଲିଯିବାକୁ...
ଅତୀତର ସେହି ପିଲା ଦିନକୁ

ଇଚ୍ଛା ହୁଏ ଚାଲିଯିବାକୁ...
ବୋଉର ପଣତ କାନି ଧରି ତା ପଛେ ପଛେ ଧାଇଁବାକୁ

ଇଚ୍ଛା ହୁଏ ଚାଲିଯିବାକୁ ସେହି ଦିନକୁ...
ଦିନର ସମସ୍ତ ଘଟାଣା ସନ୍ଧ୍ୟାରେ ବାପାଙ୍କୁ କହିବାକୁ

ଇଚ୍ଛା ହୁଏ ଚାଲିଯିବାକୁ ସେହି ଦିନକୁ...
ଭାଇ ସହ କଳି କରି ବାପାଙ୍କ ଠାରୁ ଗାଳି ଶୁଣିବାକୁ

ଇଚ୍ଛା ହୁଏ ଚାଲିଯିବାକୁ ସେହି ଦିନକୁ...
ବୁଢାବାପା ଓ ମାଆ ର ଅଲିଅଳି ନାତୁଣୀ ହୋଇ ରହିବାକୁ

ଇଚ୍ଛା ହୁଏ ନାହିଁ ଘରଠାରୁ ଦୂରେଇ ରହିବାକୁ
ଇଚ୍ଛା ହୁଏ ଆଜି ସମସ୍ତଙ୍କ ସହ ମିଶି ରହିବାକୁ ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ, ଓଡିଆ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ଅଫେରା ରାଇଜର ସାଥି ମୋରେ

ଭକ୍ତଲତା ବଳ

କଥା ଦେଇ କଥା ରଖିଲ ନାହିଁ
ତୁମ ବିରହ ଯନ୍ତ୍ରଣାରେ ଚଳୁଛି ମୁଁ !
ତୁମେ ଥିଲ ମୋର ହୃଦୟର ସ୍ପନ୍ଦନ
ତୁମକୁ ନେଇ ଥିଲା ମୋର ଅସୁମାରୀ ସ୍ୱପ୍ନ ।
ଲୁହର ସାଗରରେ ମୋତେ ଭିଜେଇଲ
ତୁମର ସ୍ମୃତିରେ ମୋତେ ହଜାଇଲ
ତୁମ ଫେରିବା ବାଟକୁ ରହିଲି ଚାହିଁ
ଆସିବି ଆସିବି କହି ଆସିଲ ନାହିଁ
ଏତେ ଯେ ଭଲ ପାଉଥିଲ ମୋତେ
ଶେଷଥର ପାଇଁ ଦେଖା ଦେଲନି ମୋତେ
ପୁଣି କେଉଁ ଜନ୍ମରେ ଦେଖା ହେବ ମୋର
ଭାବି ଭାବି ଆଖିରୁ ଝରୁଛି ମୋ ଲୁହ
ଆଜି ମୁଁ ବିରହ ଯନ୍ତ୍ରଣାରେ ଜଳୁଛି
ଶେଷଥର ପାଇଁ ଦେଖିଲି ନାହିଁ ବୋଲି
ଅନୁତାପ କରୁଛି
କାଳି, କଲମରେ ତୁମର ସ୍ମୃତିକୁ ରଖିଛି
ମନର କୋହ ସବୁ ଆଜି ମୁଁ ଲେଖୁଛି

ଆଇନଜୀବୀ

ISSN NO.
2582-208X

# ଝିଲ୍ଲି

ଅଜିତ କୁମାର ପାଢ଼ୀ

ଗହଳ ଚହଳ ଭିତରେ
ଝିଲ୍ଲି ତୁମ ସାଧନା
ନୁହେଁ ଫୁଲ ତୁମେ ଝିଲ୍ଲି
ତୁମେ ମହୁଲି ଫୁଲର ବାସ୍ନା ।
ସେଠି ଦୃଶ୍ୟ ନାହିଁ ଫୁଲ କେହି
ରାସ୍ତା କଡେ ମହ ମହ
ମହୁଲି ତୁମ ଅର୍ଦ୍ଧଚେତନା ।

କଳା ମଚ ମଚ "ଭାଟିହାଣ୍ଡି" ଦେଇ
ଗରମ ଉତ୍ତପ୍ତ ଫାମ୍ପ ନେଇ
ଥପ ଥପ, ବୁନ୍ଦା ବୁନ୍ଦା
ରସଶିକ୍ତ, ଭାବ ଯୁକ୍ତ
କେଉଁ ପଲିଥିନ ଝିଲି ର ବାସନା ।
ରାସ୍ତା କଡେ ତୁମେ ମହୁଲି ଅର୍ଦ୍ଧ ଚେତନା

ଅବିଶ୍ରାନ୍ତ ବାଟବଣା ବାଟୋଇ
କେଉଁ ଗ୍ଲାନି ଅବସାଦ ର ବୋଝ
କେଉଁ ପ୍ରେମ ଫାଟ କରେ ବାଟବଣା
ଚୋଷା ହୁଏ ତୁମକୁ ଝିଲି

ISSN NO.
2582-208X

ମେଣ୍ଟିଯାଏ ଶୋଷ,
ତୁମକୁ ଚୋଷି ଦେଲେ ମିଳେ
ଅମୂଲ୍ୟ ଚେତନା ।
ତୁମେ ଝିଲି ସେହି ଫୁଲ
ପଚାସଢା ତୁମେ ମହୁଲ
ରାସ୍ତା କଡେ ବସୁଥାଅ ମହମହ
ଅଦୃଶ୍ୟ ତୁମ ଚେତନା ।

କେଉଁ, ଅଭିବୃଦ୍ଧି ବିକାଶର ସ୍ରୋତେ
ନେତୃବୃନ୍ଦ ଡାକନ୍ତି ଜଗତେ
ମହୁଲି ତୁମ ଅମୂଲ୍ୟ ଚେତନା ।
ମହୁଲି ଫୁଲର ବାସନା ,,,,,

କୋମନା, ନୂଆପଡା
Mob 7077847949

ISSN NO.
2582-208X

# ନଷ୍ଟ ଲୋକର ଗତି



ଅଭୟ କୁଣ୍ଡ

ଅନେକ ବର୍ଷ ତଳର କଥା । ଉଜ୍ଜୟିନୀର ସମ୍ରାଟ ଥିଲେ ବିକ୍ରମାଦିତ୍ୟ । ଧନ, ମାନ, ମର୍ଯ୍ୟାଦା କେଉଁଥିରେ ଊଣା ନ ଥିଲେ ସେ । ପାତ୍ର ମନ୍ତ୍ରୀ ଅମାତ୍ୟ ଗଣଙ୍କ ସହ ନବରତ୍ନ ପଣ୍ଡିତମଣ୍ଡଳୀ ତାଙ୍କ ରାଜସଭା ମଣ୍ଡନ କରିଥିଲେ ।

ସୁଶାସକ ଭାବରେ ତାଙ୍କର ବହୁତ ଖ୍ୟାତି ଥିଲା । ରାଜ୍ୟ ଶାସନ ରାଜ୍ୟଜୟ ବାଦ୍ ଅନ୍ୟ ସମୟ ସାହିତ୍ୟ ଚର୍ଚ୍ଚାରେ ସେ ସମୟ କାଟୁଥିଲେ । ଏକଦା ରାଜସଭା ବସିଥାଏ ଓ ସାହିତ୍ୟ ଆଲୋଚନା ଚାଲିଥାଏ । ମୁଖ୍ୟ ଆକର୍ଷଣ ଥାନ୍ତି ମହାକବି କାଳିଦାସ । ହଠାତ୍ ଝଡ ପରି ଜଣେ ଆଗନ୍ତୁକ ସଭା ସ୍ଥଳରେ ଆବିର୍ଭାବ ହେଲେ ଓ ଉତ୍ତର ଦିଅ ଉତ୍ତର ଦିଅ ବୋଲି ଚିତ୍କାର କଲେ । ସମ୍ରାଟ ଆଗନ୍ତୁକଙ୍କୁ ପ୍ରଶ୍ନ ପଚାରିବାରୁ କହିଲେ ।ଆଗନ୍ତୁକ କହିଲେ 'ନଷ୍ଟ ଲୋକର ଗତି କେଉଁଆଡେ ?' କୋଳାହଳ ଥମିଗଲା । ସମ୍ରାଟ ନବରତ୍ନ ପଣ୍ଡିତମାନଙ୍କୁ ଉତ୍ତର ଦେବାକୁ କହିଲେ ।

ପଣ୍ଡିତମାନେ ପରସ୍ପର ମୁହଁକୁ ଚାହିଁ ଆଲୋଚନା କଲେ ମାତ୍ର ସଠିକ୍ ଉତ୍ତର ପାଇଲେ ନାହିଁ। ଆଗନ୍ତୁକ ପୁଣି ଚିତ୍କାର କରି ଉତ୍ତର ମାଗିଲେ । ସମ୍ରାଟ ମଧ୍ୟ ପଣ୍ଡିତମାନଙ୍କୁ ଠିକ୍ ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଲେ ମାତ୍ର ଉତ୍ତର ମିଳିଲା ନାହିଁ । ଆଗନ୍ତୁକ ମୁଖ ବିକୃତ କରି ତାଚ୍ଛଲ୍ୟ କଲା ଓ ପଣ୍ଡିତମାନଙ୍କ ପାଣ୍ଡିତ୍ୟକୁ ସନ୍ଦେହ କଲା । ଏଥର କାଳିଦାସ ଠିଆ ହେଲେ ଓ ଆଗନ୍ତୁକଙ୍କୁ ନମ୍ର ଭାବରେ ତିନି ଦିନ ପରେ ଆସ ଉତ୍ତର ପାଇବ କହିଲେ । ଆଗନ୍ତୁକ ଫେରିଗଲେ ଓ ସଭା ସାଙ୍ଗ ହେଲା । ତିନିଦିନ ପରେ ଯଥା ସମୟରେ ରାଜା ମନ୍ତ୍ରୀ ଓ ଅମାତ୍ୟଗଣ ସମସ୍ତେ ଉପସ୍ଥିତ ହେଲେ । କାଳିଦାସଙ୍କ ବ୍ୟତୀତ ଆଠଜଣ

ISSN NO.
2582-208X

ପଣ୍ଡିତ ମଧ୍ୟ ଉପସ୍ଥିତ ହେଲେ। କାଳିଦାସଙ୍କୁ ସମସ୍ତେ ଅପେକ୍ଷା କରିଥାନ୍ତି । ଆଗନ୍ତୁକ ମଧ୍ୟ ପହଞ୍ଚି ଏଣୁ ତେଣୁ କଥା କହୁଥାଏ । ବିରକ୍ତି ପ୍ରକାଶ କରୁଥାଏ । ହଠାତ୍ ଗୋଟିଏ ଛେଳିର ବୋବାଳି ଶୁଭିଲା । ସମସ୍ତେ ସେ ଆଡ଼କୁ ଚାହିଁଲେ । ଦେଖାଗଲା ଜଣେ ଛେଳିଟିଏ ପଘାରେ ବାନ୍ଧି ଟାଣି ଟାଣି ଆଣୁଛି । ନିକଟକୁ ଆସିବାକୁ ଜଣାଗଲା ସେ ଚନ୍ଦନ ଚର୍ଚ୍ଚିତ ଉପବିତଧାରୀ ବ୍ରାହ୍ମଣ ଲୋକ । କିନ୍ତୁ ତାର ଟଳମଳ ଅବସ୍ଥା ଦେଖି ଜଣାଗଲା ସେ ସୁରାସାର ପାନ କରିଛି ଓ ହାତରେ ଏକ ଛୁରୀ ମଧ୍ୟ ଧରିଛି । ଉପସ୍ଥିତ କେତେ ଜଣ ତାକୁ ଘେରି ଯାଇ ପଚାରିଲେ ବ୍ରାହ୍ମଣ ମହାଶୟ ଆପଣ ଏ ଘୃଣ୍ୟ କାର୍ଯ୍ୟ କରିଛନ୍ତି ? ବ୍ରାହ୍ମଣ କହିଲା ମାଂସ ଖାଇବାକୁ ଅନେକ ଦିନରୁ ଇଚ୍ଛା ଥିଲା ଆଉ ମଦ ନିଶା ତା ସାଙ୍ଗକୁ ଜମିବ। ଘୋର ଅନ୍ୟାୟ ଘୋର ଅନ୍ୟାୟ । ଏଥର ବ୍ରାହ୍ମଣ କହିଲା ମଦମାଂସ ଖାଇଲେ କଣ ଅନ୍ୟାୟ । ରାଜା କହିଲେ ଏ ଛେଳି କେଉଁଠୁ ଆଣିଲ ।

ବ୍ରାହ୍ମଣ କହିଲା ଗାଁ ମୁଣ୍ଡରେ ଥିବା ଘରୁ କିଛି ଟଙ୍କା ଓ ଏ ଛେଳି ଚୋରି କରିଛି । ଏ ଛୁରୀ କାହିଁକି ଧରିଛ ? ବ୍ରାହ୍ମଣ କହିଲା ଏ ଛୁରୀ ଦେଖାଇ ଅନ୍ୟକୁ ଭୟଭୀତ ଦେଖାଇବାକୁ ଓ ଏ ଛେଳିକୁ ମାରିବାକୁ ଏ ଛୁରୀ ଦରକାର । ଘୋର ଅନ୍ୟାୟ କଠିନ ଦଣ୍ଡ ମିଳୁ ବୋଲି ସମସ୍ତେ କହିଲେ । ଦୁଇ ଜଣ ସୈନ୍ୟ ତାଙ୍କୁ ଧରିନେଲେ । ବ୍ରାହ୍ମଣ କହିଲା ମତେ ମାର ନାହିଁ ମୋର ଶେଷ ଇଚ୍ଛା ମୁଁ ଆଜି ମଦ ମାଂସ ଖାଇବି ଓ କିଛି ଅର୍ଥ ଦେଇ ନଗରର ଶ୍ରେଷ୍ଠ ସୁନ୍ଦରୀ ବେଶ୍ୟାପୁରରେ ଆଜି ରାତି କଟାଇବି । ମତେ ଛାଡ଼ିଦିଅ । ଏହା ଶୁଣି ଲୋକମାନେ ହଟ୍ଟଗୋଳ କରି କହିଲେ ଏହାକୁ ଫାଶୀ ଦିଅନ୍ତୁ ମହାରାଜା ଏ ଲୋକ ନର୍କକୁ ଯାଉ । ହଠାତ୍ ବ୍ରାହ୍ମଣ ରୂପି କାଳିଦାସ ନିଜ ଛଦ୍ମବେଶ ଖୋଲିଦେଲେ । ସମସ୍ତେ ଆଶ୍ଚର୍ଯ୍ୟ ହେଲେ କହିଲେ ଆପଣ ଏ କଣ କରୁଥିଲେ ? କାଳିଦାସ କହିଲେ ମୁଁ ନଷ୍ଟ ହେବାକୁ ଯାଉଥିଲି ଅର୍ଥାତ୍ ବ୍ରାହ୍ମଣ ହୋଇ ଚୋରି କରିବ, ଜୀବ ହତ୍ୟା କରିବ, ସୁରା ପାନ କରିବ, ମାଂସ ଖାଇବ ଓ ବେଶ୍ୟା ସହ ରାତି କଟାଇବ । ଏପରି କାର୍ଯ୍ୟ ଯିଏ କରିବ ସେ ନଷ୍ଟ ହେବ ହିଁ ହେବ । ନର୍କକୁ ଯିବ ହିଁ ଯିବ । ସମସ୍ତେ ବୁଝିଗଲେ ନଷ୍ଟ ଲୋକର ଗତି କେଉଁଆଡ। ଧନ୍ୟ କାଳିଦାସ ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ତାଳଚେର ଅନୁଗୋଳ/ମୋ: ୯୫୫୬୯୮୯୭୨୩

ISSN NO.
2582-208X

# ତମେ ଥିଲ ବୋଲି



କୀର୍ତ୍ତନ ସାହୁ

ତମେ ଥିଲ ବୋଲି
ସକାଳ କଅଁଳ ଖରାରେ
ଆମେ ଖୋଜି ପାଉଥିଲେ
ଦାରିଦ୍ର୍ୟର ପଣତ କାନିରେ
ଲୁଚି ରହି ଥିବା
ମାନବିକତାର ମଧୁମୟତା
କଳାହାଣ୍ଡିଆ ମେଘ ଦେହରେ
ଭରି ରହି ଥିବା
ବୁନ୍ଦା ବୁନ୍ଦା ଶିତଳତାର
ଅମୃତସ୍ପର୍ଶ

ମୁଣ୍ଡ ଫଟା ଖରାରେ
ଗଛ ମୂଳ ଛାଇରେ
ଟିକେ ଆଶ୍ରା କରି ଥିବା
ପଥିକର ଆଶ୍ୱସ୍ତିରେ
ଆମେ ଅନୁଭବୁ ଥିଲେ
ଆଶ୍ୱାସନାର ମହନୀୟତା
ହଜି ଯାଇ ଥିବା ସ୍ୱପ୍ନକୁ
ଫେରି ପାଉଥିଲେ
ତମେ ଥିଲ ବୋଲି

ISSN NO.
2582-208X

ମଧୁମୟ ହେଇ ଉଠୁଥିଲା
ରୁକ୍ଷ ପାହାଡ ଶିଳାରେ
ପ୍ରୀତିର କମନୀୟତା
ଅସହାୟତାର ହାତରେ
ଆମେ ଆଙ୍କି ପାରୁଥିଲେ
ସୌନ୍ଦର୍ଯ୍ୟର ସୂକ୍ଷ୍ମତା

ସନ୍ଧ୍ୟାର କମନୀୟ
ତାରକସୀରେ ଆମେ
ଆଧ୍ୟାତ୍ମିକତାର ସମ୍ମୋହନରେ
ହଜି ଯାଉଥିଲେ
ଆଳତିର ତାଳେ ତାଳେ
ପ୍ରସ୍ତ ପ୍ରସ୍ତ କରି
ରଙ୍ଗ ମାଖୁଥିଲେ
ଆତ୍ମବିଶ୍ୱାସର ବିଶାଳତାରେ

ସେଠି ଥିଲା
ଘଞ୍ଚ ଅରଣ୍ୟରେ ପଶି ଯାଇଥିବା
ନୂଆ ନୂଆ ପଥଚାରୀଙ୍କର
ଆଖିରେ ପ୍ରଚଣ୍ଡ ଆତ୍ମବିଶ୍ୱାସ
ପଥ ପାଇ ମୁକୁଳି ଆସି
ତୋଳିବାକୁ ସଫଳତାର
ପବିତ୍ର ନଅର
ଆତ୍ମପ୍ରତ୍ୟୟର ଆତ୍ମତୃପ୍ତିର ।

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧

ISSN NO.
2582-208X

# ମୋର ମର୍ଡନ ବୋହୂ



ଜୟନ୍ତ ଦାସ ପ୍ରଫୁଲ୍ଲ

ଶୁକ ଅବା କାକ ରାବୁନି ସକାଳୁ
ରାବୁଛି ଯେ ଆଲାରମ,
ସୂର୍ଯ୍ୟୋଦୟେ ବୋହୂ ନ ତ୍ୟାଗେ ଶେଯ
ଶାଶୂ କରେ ଘର କାମ।(୧)

ଚାକିରିଆ ପୁଅ ନିଜ ପସନ୍ଦରେ
ଆଣିଲା ଘରକୁ ବୋହୂ,
ଆସୁ ଆସୁ ବୋହୂ 'ମମି ' ଡ଼ାକିଦେଲା
ଭାବିଲି ଡାକିବ ବଉ।(୨)

ଭାବିଥିଲି ଚାହା ପିଇ ବୋହୂ ହାତୁ
ଖାଇବି ପରଟା ସେକି,
ହେଲେ ବୋହୂ ମୋର ସେଜେ ଡାକଦେଲା
ମମି ଆଣ ଟିକେ କଫି।(୩)

ମୁଣ୍ଡରେ ଓଢଣା କେମିତି ସେ ଦବ
ପିନ୍ଧୁନାହିଁ ବହୂ ଶାଢ଼ୀ,
ଘର କାମ କଥା ଯଦି କହିଦିଏ
ବୋହୂ ଦିଏ ମୁହଁ ମୋଡ଼ି।(୪)

ISSN NO.
2582-208X

ବୋହୂ ନୁହେଁ ସିଏ ସତେ ହିରୋଇନ୍
ନାଚୁଛି ଯାଇକି ଛାତରେ,
ଗାଁଟା ଯାକର ଟୁପୁରୁ ଟାପର
ରିଲ୍ସ ବୁଲୁଅଛି ଘାଟରେ। (୫)

ନିରାମିଷ ଜମା ପାଟିରେ ଯାଉନି
ବୋହୂ ଖାଏ ନିତି ଆମିଷ,
ଦିନ ବାର ସିଏ କିଛି ମାନୁନାହିଁ
ବୋହୂ ନୁହେଁ ସେଟା ଖବିସ। (୬)

ଡବଲ ବେଡ୍ ପଲଙ୍କେ ସେ ଶୋଇ
କରୁଛି ନିଇତି ରେଷ୍ଟ,
ପୁଅ ଆଗରେ ମୁଁ ମିଛରେ କହୁଛି
ବୋହୂ ଖଣ୍ଡେ ମୋର ବେଷ୍ଟ। (୭)

ମୁଣ୍ଡିଆ ତ ଦୂର ନମସ୍କାର ଟିକେ
କରୁନି ଆସିଲେ କୁଣିଆ,
ବୁଢ଼ୀ ମଣିଷଟା ମୁଁ ରାନ୍ଧିଦେଲେ
କହୁଛି ବ୍ୟଞ୍ଜନ ଲୁଣିଆ। (୮)

ଭାବିଥିଲି ବୋହୂ ଆସିଲେ ଘରକୁ
କରିବ ମୋର ଯେ ସେବା,
ତା ଚାଲି ଚଳନ ତାର କଥାବାର୍ତ୍ତା
ଦେଖିକି ମୁଁ ପୂରା କାବା। (୯)

ଥାଲସଡା, ବାଲେଶ୍ୱର
ମୋ - ୮୪୫୫୮୭୭୨୭୬

ISSN NO.
2582-208X

# କବିତା ଆଞ୍ଜୁଳେ

ମଧୁସ୍ମିତା ସାହୁ

କଲମ ମୁନରୁ ଲେଖୁଛି ଆଜି ମୁଁ,
ଲୁହର ଧାରକୁ ଥୋଇ,
କବିତା ନୁହେଁତ ହୃଦୟ ଯନ୍ତ୍ରଣା,
ପ୍ରକାଶ ଗାଥାରେ ରହି ।।
ସ୍ନେହ କାଙ୍ଗାଳୁନୀ ହେଲିବୋଲି କହି,
ବହୁ ଧୋକାକୁ ପାଇଲି,
ଅପବାଦ ନିନ୍ଦା ପରଶ୍ରୀ କାତର,
ଚାରିଆଡେ ଦେଖିଦେଲି ।।
ମିଷ୍ଟି ଭାଷା ବଦଳେ କଟୁବଚନ,
ସଦା କର୍ଣ୍ଣେ ଶୁଣି ହେଲା,
ବିଶ୍ୱାସ ବଦଳେ ଅବିଶ୍ୱାସ ବୀଜ,
ଚତୁର୍ଦ୍ଦିଗ ବୁଣିହେଲା ।
ହସ ମୁଠାକ ଚାହିଁବା ବଦଳରେ,
ଲୁହର ସମୁଦ୍ର ବେଳା,
ସୁଖକୁ ପାଇବା ଇଚ୍ଛା ବଳାଇଲେ,
ପୁଞ୍ଜାଏ ଦୁଃଖ ବୁଜୁଳା ।।
ପ୍ରଶଂସା କରିବା ଦୂରରେ ରହିବ,
ଧିକ୍କାର ମିଳେ ବହୁତ,
ଏହିସବୁ ତିରସ୍କାର ଭିଡିଧରି,
ବଞ୍ଚିବା କଷ୍ଟ ହୁଏତ ।।

ISSN NO.
2582-208X

ପ୍ରେମସ୍ନେହ ମିଳେ ନାହିଁ ଜଗତରେ,
ମିଳିଲା ମାତ୍ର ଲାଞ୍ଛନା,
ଏମିତି ଜୀବନ ଶତ୍ରୁକୁ ନମିଳୁ,
ନରକ ଭରା ଯାତନା ।।
ଛିଞ୍ଚି ଦେଇ ପୁର ପଲ୍ଲକରେ ରହି,
ବୃନ୍ଦାଏ ଆଶା ଝଲକ,
କବିତା ଲେଖାରେ ଉନ୍ମାଦ ଭରିଛି,
ଆଞ୍ଜୁଳେ ସ୍ୱପ୍ନ ମହକ ।।

ବ୍ରହ୍ମା ନଗର ପ୍ରଥମ ଗଳି
ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା
ମୋ-୯୩୪୮୨୮୫୪୧୬

ISSN NO.
2582-208X

# ପ୍ରଥା ଓ ପରମ୍ପରାରେ ଶୋଷିତା ଭାରତୀୟ ନାରୀ



ମମତା ନାୟକ

ସମାଜ ଦ୍ୱାରା ସ୍ୱୀକୃତିପ୍ରାପ୍ତ କାର୍ଯ୍ୟ କରିବାର ପଦ୍ଧତିଗୁଡ଼ିକ ହେଉଛି ସମାଜର ପ୍ରଥା । ପରମ୍ପରାର ଅର୍ଥ ହେଲା ସବୁ ରୀତିନୀତି, ସଂସ୍କାର ଗୁଡିକୁ ଯାହାର ପ୍ରୟୋଜନ କେତେ ଜରୁରୀ ନ ଜାଣି କ୍ରମାଗତ ଭାବେ ମୌଖିକ ରୂପରେ ସମାଜର ଉତ୍ତରାଧିକାରୀଙ୍କ ଦ୍ୱାରା ଆଗକୁ ଆଗକୁ ବଢ଼େଇ ଦିଆ ଯାଇଥାଏ।

ଆମ ଭାରତର ପ୍ରତେକ ଧର୍ମ ଓ ସମ୍ପ୍ରଦାୟରେ ଅନେକ ପ୍ରକାର ଅବାସ୍ତବ ଓ ଅମାନବୀୟ ପ୍ରଥାକୁ ପରମ୍ପରା ନାମରେ ପାଳନ କରାଯାଉଛି। ଯୋଉଥିରେ ଅନେକ ପ୍ରଥା ଓ ପରମ୍ପରା ଗୁଡିକୁ ପାଳନ କରିବା ଗୁରୁ ଦାୟିତ୍ୱ ମହିଳାମାନଙ୍କ କାନ୍ଧ ଉପରେ ଥୋଇ ଦିଆହେଇଛି । ଏହି ପ୍ରଥା ଓ ପରମ୍ପରା ଆଳରେ ଯୁଗ ଯୁଗରୁ ଭାରତୀୟ ନାରୀଙ୍କୁ ମାନସିକ, ଶାରୀରିକ, ଭାବନାତ୍ମକ ଓ ଆର୍ଥିକ ସ୍ତରରେ ଅତି ନିର୍ମମ ଭାବରେ ଶୋଷଣ କରାଯାଉଛି, କିନ୍ତୁ ଦୁଃଖର ସହ କହିବାକୁ ପଡୁଛି ଯେ ନାରୀ ସବୁ ବୁଝି ସୁଦ୍ଧା ଏହି ଶୋଷିତ ପ୍ରଥାରୁ ନିଜକୁ ବଞ୍ଚେଇ ପାରୁନି । ଆଜି ଅଶିକ୍ଷିତା ନାରୀମାନଙ୍କ ଅପେକ୍ଷା ଶିକ୍ଷିତା ନାରୀମାନେ ବେଶୀ ପରିମାଣରେ ଏହି ପରମ୍ପରା ଗୁଡିକର ଜାଲରେ ଛନ୍ଦି ହେଇ ରହିଛନ୍ତି । ବୋଧେ ସେମାନେ କିଛି ଚମତ୍କାର ହେବାର ଆଶା କରି ଅନ୍ଧ ବିଶ୍ୱାସର ପଞ୍ଜୁରୀରୁ ବାହାରକୁ ଆସିବାକୁ ଚାହୁଁ ନାହାନ୍ତି ।

ISSN NO.
2582-208X

ଏହିପରି ଅନେକ କୁପ୍ରଥା ଅଛି, ଯାହା ଦ୍ୱାରା ମହିଳାଙ୍କୁ ଅପମାନିତ ଓ ଅତ୍ୟାଚାରିତ କରାଯାଇଛି । ଯଥା – ସତୀଦାହ ପ୍ରଥା, ଦେବଦାସୀ ପ୍ରଥା, ବାଲ୍ୟ ବିବାହ ପ୍ରଥା, ମାସିକ ଧର୍ମ ସମୟରେ ଅସ୍ପୃଶ୍ୟ ଓ ଅପବିତ୍ରତାର ଭାବ, ଯୌତୁକପ୍ରଥା, ଜାତିପ୍ରଥା, ଶିକ୍ଷାଗ୍ରହଣ କରିବାକୁ ପ୍ରୋତ୍ସାହନ ନଦେବା, ବିଧବା ବିବାହ କରିବା ପାଇଁ ନିଷେଧାଜ୍ଞା, କେତେକ ସ୍ଥାନରେ ଶାଶୁ ଶଶୁରଙ୍କ ପାଦଧୋଇ ପାଣି ପିଇବା ପ୍ରଥା, ପରଦା ବା ଓଢଣୀ ପ୍ରଥା ଇତ୍ୟାଦି । ଆହୁରି ଅନେକ କୁସଂସ୍କାରୀ ପ୍ରଥା ମଧ୍ୟ ବ୍ୟାପ୍ତ ଥିଲା ଓ ବର୍ତ୍ତମାନ ବି ଅଛି ସମାଜରେ । ସେଥିରୁ ଅନେକ ଅମାନବୀୟ ପ୍ରଥାକୁ ଆମର ଅନେକ ମହାପୁରୁଷ ଓ ସମାଜ ସୁଧାରକମାନଙ୍କ ପ୍ରଚେଷ୍ଟାରେ ଦୂର କରିବାରେ ସଫଳତା ମିଳିଛି । ସେଥିପାଇଁ କିଛି ଆଇନ ମଧ୍ୟ ତିଆରି କରାଯାଇଛି ।

ହିନ୍ଦୁ ଧର୍ମରେ ମନୁବାଦ ପ୍ରାଧାନ୍ୟ ବିସ୍ତାର କରିଥିଲା, ଯେଉଁଥିରେ ଏହା ମହିଳାମାନଙ୍କ ପାଇଁ ବର୍ଣ୍ଣନା କରାଯାଇଥିଲା ଯେ – "ପିତା ରକ୍ଷତି କୌମାରେ, ଭ୍ରାତା ରକ୍ଷତି ଯୌବନେ, ରକ୍ଷତି ସ୍ଥବିରେ ପୁତ୍ର, ନ ସ୍ତ୍ରୀ ସ୍ୱତନ୍ତ୍ର ମହତି.." ଅର୍ଥାତ – "ପିତା ବାଲ୍ୟକାଳରେ ନାରୀଙ୍କୁ ସୁରକ୍ଷା ଦିଅନ୍ତି, ଯୁବତୀ ବୟସରେ ସ୍ୱାମୀ ଏବଂ ବୃଦ୍ଧାବସ୍ଥାରେ ପୁଅ ସୁରକ୍ଷା କରନ୍ତି। ସ୍ତ୍ରୀ କଦାପି କେବେ ବି ସ୍ୱାଧୀନ ନୁହେଁ।" ଏହି ଧର୍ମ ଆଧାରିତ ସାମାଜିକ ବ୍ୟବସ୍ଥା ଯାହା ରୂଢିବାଦୀ ପରମ୍ପରାକୁ ଜନ୍ମ ଦେଇଛି ଓ ଏବେ ସୁଦ୍ଧା ଏହା ସମାଜରେ ବ୍ୟାପ୍ତ ଅଛି । ମହିଳାଙ୍କୁ ଦାସୀ ଏବଂ ପୁରୁଷଙ୍କୁ ଭଗବାନ ଶ୍ରେଣୀରେ ରଖିବା ସଂସ୍କାର ବାଲ୍ୟକାଳରୁ ହିଁ ଶିକ୍ଷା ଦିଆଯାଇଥାଏ । ଆସନ୍ତୁ ଦେଖିବା ଆମ ସମାଜର କିଛି କୁପ୍ରଥା ଯାହା ଦ୍ୱାରା ଭାରତୀୟ ନାରୀଙ୍କୁ ଅକଥନୀୟ ନିର୍ମମ ଯାତନା ଦିଆ ଯାଇଛି ଓ ଶୋଷଣ କରାଯାଇଛି – ଭାରତୀୟ ସମାଜରେ ବିଧବାଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ତାଙ୍କ ପାଇଁ ଏହି ଧର୍ମ ଯୋଗୁ ନାନା ପ୍ରକାର ଅବର୍ଣ୍ଣନୀୟ କଟକଣା ଓ କଷ୍ଟପୂର୍ଣ୍ଣ ନିୟମ, ରୀତିନୀତି ସବୁ ତିଆରି କରାଯାଇଛି ଯାହା ଅତି ଦୟନୀୟ । ସ୍ୱାମୀର ମୃତ୍ୟୁ ପରେ ଜଣେ ବିଧବାର ବଞ୍ଚିବାର ବି ଅଧିକାର ନାହିଁ। କିନ୍ତୁ ସ୍ତ୍ରୀର ମୃତ୍ୟୁ ପରେ ସ୍ୱାମୀ ସଙ୍ଗେ ସଙ୍ଗେ ଅନ୍ୟ ଏକ ସ୍ତ୍ରୀକୁ ବିବାହ ପାଇଁ ସ୍ୱତନ୍ତ୍ର ହେଇଯାଉଛି । ଆଉ ବିଧବା ସ୍ତ୍ରୀଟିକୁ ତା'ର ବାକି ଜୀବନ ମୃତ ସ୍ୱାମୀର ନାଁରେ ବଞ୍ଚିବାକୁ ପଡୁଛି । ଧର୍ମ ଯଦି କହୁଛି ସ୍ୱାମୀ ସହ ତା'ର ସାତ ଜନ୍ମର ବନ୍ଧନ ଅଛି, ସେଇଠି ଜଣେ ପୁରୁଷ ଉପରେ ଏହି ନିୟମ ଲାଗୁ ହେଉନି କାହିଁକି ? ବିଧବା ମହିଳାକୁ

ISSN NO.
2582-208X

କୌଣସି ଶୁଭ କାର୍ଯ୍ୟରେ ଯୋଗ ଦେବାକୁ ମନା କରାଯାଉଛି, କାରଣ ସ୍ୱାମୀ ମଲା ପରେ ସିଏ ଅଶୁଭ ହେଇଯାଉଛି ।

୧. ସତୀଦାହ ପ୍ରଥା – ବହୁ ବର୍ଷ ପୂର୍ବେ ହିନ୍ଦୁ ଇତିହାସରେ "ସତୀଦାହ ପ୍ରଥା" ର ଉଲ୍ଲେଖ ମିଳୁଛି । ଏହା ଏପରି ଏକ ନିଷ୍ଠୁର ପ୍ରଥା ଯାହା କୌଣସି ମହିଳା କଳ୍ପନା କରିବାକୁ ବି ଚାହିଁବେନାହିଁ । ସ୍ୱାମୀଙ୍କ ମୃତ୍ୟୁରେ ଶୋକ କରିବା ତାଙ୍କପାଇଁ ଯଥେଷ୍ଟ ନୁହେଁ, ସ୍ୱାମୀଙ୍କ ପରେ ତାଙ୍କର ନିଃସଙ୍ଗତା ସହିତ ଆହୁରି ଅନେକ କଠୋର ପାରିବାରିକ ଓ ସାମାଜିକ ରୀତିନୀତି ସହିତ ବାନ୍ଧିହୋଇ ପ୍ରତିକ୍ଷଣ ମରିବାକୁ ପଡିବ ତେଣୁ ସେହି ମହିଳା ଭାବନ୍ତି ଯେ ଯଦି ସେ ସ୍ୱାମୀଙ୍କ ସହିତ ସତୀ ହେଇଯିବି ତ ଏହି ଯନ୍ତ୍ରଣାରୁ ମୁକ୍ତି ପାଇଯିବି । ବୋଧହୁଏ ଏପରି କିଛି ମାନ୍ୟତା ଅଛି ଯାହା ଭାରତରେ ସତୀ ପ୍ରଥାକୁ ପ୍ରଶ୍ରୟ ଦେଇଥିଲା । କିନ୍ତୁ ଏକ ସମୟ ଆସିଲା ଯେତେବେଳେ ଏହି ପ୍ରଥାକୁ ଧିରେ ଧିରେ ସମାପ୍ତ କରାଗଲା । ୧୮୨୨ ଖ୍ରୀଷ୍ଟାବ୍ଦରେ ରାଜସ୍ଥାନର ବୁନ୍ଦିରେ ସତୀ ପ୍ରଥାକୁ ବେଆଇନ ଘୋଷିତ କରାଯାଇଥିଲା । ପରେ, ରାଜା ରାମମୋହନ ରାୟଙ୍କ ଉଦ୍ୟମରେ ଲର୍ଡ ୱିଲିୟମ୍ ବେଣ୍ଟିକ ୧୮୨୯ ଖ୍ରୀଷ୍ଟାବ୍ଦରେ ସରକାରୀ କାନୁନ ଅନୁସାରେ ଏହି ପ୍ରଥା ନିଷିଦ୍ଧ କରିଥିଲେ । ଜନ୍ମରୁ ମହିଳାମାନଙ୍କୁ ସଂସ୍କୃତି ଏବଂ ଧାର୍ମିକ ରୀତିନୀତିରେ ବାନ୍ଧି କେବଳ ତ୍ୟାଗ କରିବାକୁ ଶିକ୍ଷା ଦିଆଯାଇଥାଏ । ସ୍ୱାମୀଙ୍କ ମୃତ୍ୟୁ ପରେ ନିଜକୁ ବଞ୍ଚିବା ଶୈଳୀକୁ ପରିତ୍ୟାଗ କରିବା ମଧ୍ୟ ଏକ ସତ୍ୟ ଯାହା ମହିଳାମାନଙ୍କ ପାଇଁ ଅଭିଶାପ ପାଲଟିଛି ।

୨. ଯୌତୁକ ପ୍ରଥା – ଝିଅର ବିବାହ ସମୟରେ ମାତା-ପିତା ଝିଅର ନୂଆ ସଂସାର ପାଇଁ କିଛି ନିତି ଦିନିଆ ଚଳଣି ସାମଗ୍ରୀ ସରଞ୍ଜାମ ଓ ଆସବାବପତ୍ର ଉପହାର ସ୍ୱରୂପ ଦେଉଥିଲେ, ଯାହା କାଳକ୍ରମେ ଏହା ରାଜ-ରାଜୁଡା ଓ ସମ୍ଭ୍ରାନ୍ତ ପରିବାରରେ ଏକ ଆଡମ୍ବର ଏବଂ ପ୍ରତିସ୍ପର୍ଦ୍ଧା ରୂପରେ ପରିଣତ ହେଇଗଲା । ସମୟ ପରିବର୍ତ୍ତନ ସହିତ ଏହି ପ୍ରଥା ବର ପକ୍ଷରୁ ଦାବି ରୂପରେ ପରିଣତ ହେଇଯାଇଛି । ୧୯୬୧ ମସିହାରେ ଯୌତୁକ ନିବାରଣ କାନୁନ ମଧ୍ୟ ଭାରତ ସରକାରଙ୍କ ଦ୍ୱାରା ପାରିତହୋଇ କାର୍ଯ୍ୟକାରୀ ପାଇଁ ଲାଗୁ କରା ଯାଇଥିଲା, କିନ୍ତୁ ଏପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ହୋଇ ପାରିନାହିଁ ।

ISSN NO.
2582-208X

୩. ତ୍ୟାଗ ପ୍ରଥା – ରାଜସ୍ଥାନର କ୍ଷତ୍ରିୟ ଜାତିରେ ବିବାହ ଅବସରରେ ଭାଟମାନେ ଝିଅଘରୁ ଦାନ ଦକ୍ଷିଣା ଓ ଟଙ୍କା ମାଗୁଥିଲେ, ଯାହାକୁ ତ୍ୟାଗ ବୋଲି କୁହା ଯାଉଥିଲା । ତ୍ୟାଗ କରିବାର ଏହି ପ୍ରଥା ଯୋଗୁ ଝିଅଟିକୁ ଅନେକ ସମୟରେ ହତ୍ୟା କରା ଯାଉଥିଲା । ପ୍ରଥମେ ୧୮୪୧ ଖ୍ରୀଷ୍ଟାବ୍ଦରେ ଯୋଧପୁର ରାଜ୍ୟରେ ବ୍ରିଟିଶ ଅଧିକାରୀଙ୍କ ସାହାଯ୍ୟରେ ଏହି ତ୍ୟାଗ ପ୍ରଥାକୁ ବନ୍ଦ କରିବାକୁ ଚେଷ୍ଟା କରାଯାଇଥିଲା ।

୪. ବାଧ୍ୟତାମୂଳକ ଶ୍ରମ ପ୍ରଥା – ସାମନ୍ତ, ମହାଜନ ବା ଜାଗିରଦାର ଏବଂ ରାଜାମାନେ ଗରିବ ଲୋକ ଓ ମହିଳାଙ୍କୁ ବାଧ୍ୟତାମୂଳକ ଓ ବିନା ପାରିଶ୍ରମିକରେ ଖଟଉ ଥିଲେ। ବ୍ରାହ୍ମଣ ଏବଂ ରାଜପୁତଙ୍କ ବ୍ୟତୀତ ଅନ୍ୟ ସମସ୍ତ ଜାତିଙ୍କୁ ଶ୍ରମିକ ହେବାକୁ ବାଧ୍ୟତାମୂଳକ ଥିଲା । ରାଜସ୍ଥାନର ଏକକୀକରଣ ଏବଂ ଏହା ପରେ ଜାଗିରଦାରୀ ବ୍ୟବସ୍ଥାର ସମାପ୍ତି ପରେ ଏହି ପ୍ରଥାର ଅବସାନ ଘଟିଲା ।

୫. ବିଧବା ବିବାହ ପ୍ରଥା – ବିଧବା ମହିଳାମାନଙ୍କୁ ଦୁର୍ଦଶାରୁ ମୁକ୍ତ କରିବା ପାଇଁ ଲର୍ଡ଼ ଡାଲହୌଜି ୧୮୫୬ ମସିହାରେ ବିଧବା ପୁନଃବିବାହ ଆଇନ ପ୍ରଣୟନ କରିଥିଲେ। ଏହା ଶ୍ରୀ ଇଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଉଦ୍ୟମ ଯୋଗୁ ସଫଳ ହେଇଥିଲା ।

୬. ଡାହାଣୀ ପ୍ରଥା – ଦେଶର ଅନେକ ଜାତି ବିଶେଷ କରି ଦଳିତ ଓ ଅସ୍ପୃଶ୍ୟ ଜାତିରେ ମହିଳା ମାନଙ୍କୁ ଡାହାଣୀ ଅଭିଯୋଗର ହତ୍ୟା କରାଯାଉଥିଲା। ପ୍ରଥମେ ଏପ୍ରିଲ୍ ୧୮୫୩ ରେ, ମେଓ୍ୱାରରେ ମହାରଣା ସ୍ୱରୂପ ସିଂଙ୍କ ସମୟରେ, ମେଓ୍ୱାର ଭିଲ୍ କର୍ପସର ଜେ.ସି କମାଣ୍ଡାଣ୍ଟ ଉଦୟପୁରରେ ଏହି ପ୍ରଥାକୁ ବେଆଇନ ଘୋଷଣା କରିଥିଲେ।

୭. ପରଦା ବା ଓଢଣୀ ପ୍ରଥା – ପ୍ରାଚୀନ ଭାରତୀୟ ସଂସ୍କୃତିରେ ହିନ୍ଦୁ ସମାଜରେ ପରଦା ପ୍ରଥାର ପ୍ରଚଳନ ନଥିଲା, କିନ୍ତୁ ମଧ୍ୟଯୁଗରେ ବାହ୍ୟ ଆକ୍ରମଣକାରୀଙ୍କ କୁତ୍ସିତ ଓ ଲୋଲୁପ ଦୃଷ୍ଟିରୁ ମହିଳାମାନଙ୍କୁ ରକ୍ଷା କରିବାକୁ ଏହି ପ୍ରଥାର ପ୍ରଚଳନ ଆରମ୍ଭ ହେଇଥିଲା, ଯାହା ଧୀରେ ଧୀରେ ହିନ୍ଦୁ ସମାଜର ଏକ ନୈତିକ ପ୍ରଥାରେ ପରିଣତ ହେଇଗଲା ।

୮. ବାଲ୍ୟ ବିବାହ ପ୍ରଥା – ରାଜସ୍ଥାନର ଅକ୍ଷୟ ତୃତୀୟାରେ ପ୍ରତିବର୍ଷ ଶହ ଶହ ଛୋଟ ପିଲାଙ୍କୁ ବିବାହ ବନ୍ଧନରେ ବାନ୍ଧି ଦେଇଥାନ୍ତି। ଅଜମେରର ଶ୍ରୀ ହରବିଳାସ ଶାରଦା ୧୯୨୯

ISSN NO.
2582-208X

ମସିହାରେ ଶିଶୁ ବିବାହ ନିବାରଣ ଆଇନ ପ୍ରସ୍ତାବ ଦେଇଥିଲେ, ଯାହା ଶାରଦା ଅଧିନିୟମ ଭାବରେ ଜଣା ଯାଏ ।

୯. ଡୋରିଆ ପ୍ରଥା - ଏହି ପ୍ରଥାରେ ରାଜା-ମହାରାଜା ଏବଂ ଜାଗିରଦାରମାନେ ମଧ୍ୟ ସେମାନଙ୍କ ନିଜ କନ୍ୟା ବିବାହରେ କିଛି କୁମାରୀ ଝିଅଙ୍କୁ ଯୌତୁକ ସହିତ ଦେଉଥିଲେ, ଯାହାକୁ ଡୋରିଆ ପ୍ରଥା କୁହାଯାଉଥିଲା ।

୧୦. ଅନୁମରଣ ପ୍ରଥା - ଯେତେବେଳେ ଜଣେ ସ୍ତ୍ରୀର ସ୍ୱାମୀ ଅନ୍ୟ ସ୍ଥାନରେ ମରିଯାଏ ଏବଂ ସ୍ତ୍ରୀର ଅନୁପସ୍ଥିତିରେ ସେହି ସ୍ଥାନରେ ଶବଦାହ କରାଯାଏ ତେବେ ସ୍ୱାମୀର କୌଣସି ଚିହ୍ନ ସହିତ କିମ୍ବା ବିନା କିଛି ଚିହ୍ନ ରେ ମଧ୍ୟ ତାଙ୍କ ବିଧବାଙ୍କୁ ଚିତାରୋହଣ କରିବାକୁ ବାଧ୍ୟ କରା ଯାଉଥିଲା ।

୧୧. କନ୍ୟାବଧ ପ୍ରଥା - ରାଜସ୍ଥାନ, ହରିୟାଣା ଓ ଦେଶର ଅନେକ ରାଜ୍ୟରେ ବିଶେଷକରି ରାଜପୁତଙ୍କର ବଂଶରେ ଏହି କନ୍ୟା ବଧ ପ୍ରଥା ପ୍ରଚଳିତ ଥିଲା, ଏହି ପ୍ରଥା ଅନୁସାରେ ଝିଅଟିଏ ଜନ୍ମ ହେବା ମାତ୍ରେ ଅଫିମ ଖୁଆଇ କିମ୍ବା ଗଳା ଚିପି ହତ୍ୟା କରାଯାଉଥିଲା ।

୧୨. ଜୁଇହାର ପ୍ରଥା - ଇତିହାସରେ ଲେଖା ଅଛି ଜୁଇହର ପ୍ରଥା ଦ୍ୱାରା ଯେତେବେଳେ ଯୁଦ୍ଧରେ ବିଜୟ ପ୍ରାପ୍ତିର ଆଶା ସମାପ୍ତ ହେଲା ପରେ ବୀରାଙ୍ଗନା ମାନେ ଶତ୍ରୁମାନଙ୍କଠାରୁ ନିଜର ସତୀତ୍ୱ ରକ୍ଷା କରିବା ପାଇଁ ବହୁ ସଂଖ୍ୟାରେ ଦୁର୍ଗରେ ଅଗ୍ନିକୁଣ୍ଡ ପ୍ରଜ୍ୱଳିତ କରି ସାମୁହିକ ଆତ୍ମହତ୍ୟା କରିବା ପାଇଁ ଡେଇଁପଡୁଥିଲେ।

୧୩. ଦେବଦାସୀ ପ୍ରଥା - ଦକ୍ଷିଣ ଭାରତରେ ଅନେକ ସ୍ଥାନରେ ଧର୍ମ ନାମରେ ଦେବଦାସୀ ପ୍ରଥାର ମାନ୍ୟତା ଅଛି। ଦେବଙ୍କୁ ଦାନ କରାଯିବା ନାମରେ ନାବଳିକ ଝିଅ ମାନଙ୍କୁ ଭଗବାନ ସହିତ ବିବାହ କରା ଯାଉଛି, ତାପରେ ସେହି ମନ୍ଦିର ମାନଙ୍କର ପଣ୍ଡା ପୁଜାରୀ ମହନ୍ତ ମାନେ ସେହି ଦେବଦାସୀ ହେଇଥିବା ଝିଅ ମାନଙ୍କର ଶାରୀରିକ ଶୋଷଣ କରିଥାନ୍ତି, ଏହା ସର୍ବବିଦିତ। ଏହି ଦେବଦାସୀ ପ୍ରଥା ପ୍ରଚଳନର ବହୁତ ପୁରୁଣା ଇତିହାସ ଅଛି। ଏହି ପ୍ରଥା ପ୍ରଣାଳୀରେ ଗରିବ ଓ ଦଳିତ ବର୍ଗ ହିଁ ବେଶୀ ଜଡିତ ରହୁଥିବା

ISSN NO.
2582-208X

ଦେଖାଯାଏ, ନଜିର ଦାରିଦ୍ର୍ୟତା ଏବଂ ଦେବୀ ଦେବତାଙ୍କ ପ୍ରତି ଥିବା ଅନ୍ଧ ବିଶ୍ୱାସ ଯୋଗୁ ସେମାନେ ନିଜ ଝିଅକୁ ମନ୍ଦିରକୁ ଦାନ ବା ବିକ୍ରି କରିଥା'ନ୍ତି ।

ଏଭଳି ଅନେକ ସମସ୍ୟା ଅଛି ଯେଉଁଥିରେ ମହିଳାଙ୍କ ସଶକ୍ତିକରଣ ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ । ଭାରତରେ ମହିଳାମାନେ ବିଭିନ୍ନ କାରଣରୁ ଦୀର୍ଘ ଦିନ ଧରି ପୈତୃକ ସମ୍ପତ୍ତି ଅଧିକାରରୁ ବଞ୍ଚିତ ହୋଇଥିଲେ । ଏହାର ଗୋଟିଏ କାରଣ ହେଉଛି ଉତ୍ତରାଧିକାର ଆଇନରେ କୌଣସି ବାଧ୍ୟତାମୂଳକ ନିୟମ ନାହିଁ । ମହିଳାମାନଙ୍କ ମଧ୍ୟରେ ସଚେତନତା ଏବଂ ସାକ୍ଷରତାର ଅଭାବ ରହିଛି । ସେମାନେ ନିଜର ଅଧିକାର ବିଷୟରେ ସମ୍ପୂର୍ଣ୍ଣ ଭାବେ ଅବଗତ ନୁହଁନ୍ତି ଏବଂ କୋର୍ଟକଚେରୀକୁ ଯିବାକୁ ଭୟ କରୁଛନ୍ତି । ପିତୃପୁରୁଷ ପରମ୍ପରା ହେତୁ ମହିଳା ମାନଙ୍କଠାରେ ଭୟର କାରଣ ହେଉଛି ଯେ ସମ୍ପତ୍ତିରୁ ଭାଗ ମାଗିଲେ ବାପା ଭାଇଙ୍କ ଠାରୁ ଆଉ ସ୍ନେହ ମିଳିବ ନାହିଁ, ଏହି କାରଣ ଯୋଗୁ ସେ ତାଙ୍କର ଉତ୍ତରାଧିକାର ପାଇଁ ଲଢ଼ିବାକୁ ଚାହାଁନ୍ତି ନାହିଁ । ଦେଶର ଅନେକ ଉତ୍ତର ଏବଂ ପଶ୍ଚିମ ରାଜ୍ୟରେ ମହିଳାମାନେ ସ୍ୱେଛାକୃତ ଭାବରେ ଅଧିକାର ଛାଡିବାର ପ୍ରଥା ଯୋଗୁ ପୈତୃକ ସମ୍ପତ୍ତି ଉପରେ ସେମାନଙ୍କର ଦାବି ଛାଡିଥା'ନ୍ତି । ଏହାର ମାନ୍ୟତା ଯେ ସେମାନଙ୍କ ପିତା ବିବାହରେ ଯୌତୁକ ଦିଅନ୍ତି, ତେଣୁ ତାଙ୍କ ଭାଗ ସରିଗଲା ଓ ପୁଅମାନେ ସମ୍ପତ୍ତି ପାଇବା ଉଚିତ୍ । ୧୯୫୬ ମସିହାର ହିନ୍ଦୁ ଉତ୍ତରାଧିକାରୀ ଆଇନ ଦ୍ୱାରା ମହିଳାମାନଙ୍କୁ ସେମାନଙ୍କର ଅଧିକାର ଦେବା ସପକ୍ଷରେ ସ୍ପଷ୍ଟ କରା ଯାଇଥିଲା । ଆଜି ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ଏକ ବିଶ୍ୱ ବ୍ୟାପୀ ସମସ୍ୟା ଭାବରେ ଦେଖାଯାଉଛି ଯେଉଁଥିରେ ଭାରତ ସବୁଠୁ ଆଗରେ ରହିଛି । ଏଥିପାଇଁ ଅନେକ ଆଇନ ପ୍ରଣୟନ କରାଯାଇଛି କିନ୍ତୁ ଧର୍ମ ଭିତ୍ତିକ ସାମାଜିକ ବିଶ୍ୱାସ ପୂର୍ବ ପରି ହିଁ ରହିଛି । ସେଇଥିପାଇଁ ମନରେ ପ୍ରଶ୍ନ ଉଠୁଛି – ଆଇନରେ କିଛି ତ୍ରୁଟି ଅଛି କି ? ଅଥବା ସାମାଜିକ ଓ ଧାର୍ମିକ ବାଧା ଆସୁଛି କି ? ଚାଲନ୍ତୁ ଜାଣିବା–

ଯଦି ଆମ ଦେଶର କେବଳ ଦୁଇଟି ପ୍ରମୁଖ ଧର୍ମ – ହିନ୍ଦୁ ଏବଂ ମୁସଲମାନର ଧାର୍ମିକ ବ୍ୟବସ୍ଥାକୁ ଦେଖିବା, ତେବେ ଉଭୟ ଧର୍ମରେ ବ୍ୟାପ୍ତ ରୁଢ଼ିବାଦୀ ଆଇନ ଏବଂ ଧାର୍ମିକ ସଂରକ୍ଷଣ ବ୍ୟବସ୍ଥାରେ ମହିଳାଙ୍କ ପ୍ରତି କେବଳ ଅବମାନନା ଓ ତିରସ୍କାରପୂର୍ଣ୍ଣ ମନୋଭାବ ଦେଖା ଦେଉଛି । ହିନ୍ଦୁ ଧର୍ମରେ ମନୁବାଦ ପ୍ରାଧାନ୍ୟ ବିସ୍ତାର କରିଥିଲା, ମନୁସଂହିତାରେ

ISSN NO.
2582-208X

ମହିଳାମାନଙ୍କ ପାଇଁ ଉଲ୍ଲେଖ ଅଛି ଯେ, "ପିତା ରକ୍ଷତି କୌମାରେ, ଭର୍ତ୍ତା ରକ୍ଷତି ଯୌବନେ, ରକ୍ଷନ୍ତି ସ୍ଥାବିରେ ପୁତ୍ର, ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟମର୍ହତି" ଅର୍ଥାତ -"ପିତା ବାଲ୍ୟକାଳରେ ନାରୀଙ୍କୁ ସୁରକ୍ଷା ଦିଅନ୍ତି, ଯୁବତୀ ବୟସରେ ସ୍ୱାମୀ ଏବଂ ବୃଦ୍ଧାବସ୍ଥାରେ ପୁଅ ସୁରକ୍ଷା କରନ୍ତି । ସ୍ତ୍ରୀ କେବେ ବି ସ୍ୱାଧୀନ ନୁହେଁ । ଏହି ଧର୍ମ ଆଧାରିତ ସାମାଜିକ ବ୍ୟବସ୍ଥା ଯାହା ରୁଢ଼ିବାଦୀ ପରମ୍ପରାକୁ ଜନ୍ମ ଦେଇଛି ଓ ଏବେ ସୁଦ୍ଧା ଏହା ସମାଜରେ ବ୍ୟାପ୍ତ ଅଛି । ମହିଳାଙ୍କୁ ଦାସୀ ଏବଂ ପୁରୁଷଙ୍କୁ ଭଗବାନ ଶ୍ରେଣୀରେ ରଖିବା ସଂସ୍କାର ବାଲ୍ୟକାଳରୁ ହିଁ ଶିକ୍ଷା ଦିଆ ଯାଇଥାଏ । ଆଜି ଭାରତୀୟ ସମାଜରେ ମହିଳା ସଶକ୍ତିକରଣର ରାସ୍ତାରେ ସବୁଠାରୁ ବେଶୀ ଏହି ପାରମ୍ପରିକ ଧାର୍ମିକ ମାନ୍ୟତା ସବୁ ବାଧା ସୃଷ୍ଟି କରୁଛି ।

କୌଣସି ଧର୍ମ ମହିଳାମାନଙ୍କୁ ନିର୍ଯ୍ୟାତନ ଦେବାକୁ ଅନୁମତି ଦିଏ ନାହିଁ । କିନ୍ତୁ ଆମର ପିତୃସତ୍ତାତ୍ମକ ସମାଜ ଧର୍ମ ନାମରେ ସମାଜର ସ୍ୱରୂପ ବଦଳାଇ ଦେଇଛନ୍ତି । ଏହି କାରଣରୁ, ମହିଳାମାନେ ଧର୍ମର ଷଡଯନ୍ତ୍ର ତଥା ପତନଶୀଳ ସାମାଜିକ ପରମ୍ପରା ଦ୍ୱାରା ଅପମାନିତ ହେଇଆସୁଛନ୍ତି । ସତୀପ୍ରଥା ମଧ୍ୟ ହିନ୍ଦୁ ଶାସ୍ତ୍ର ଦ୍ୱାରା ନିର୍ମିତ ହେଇଥିଲା । ଦେବଦାସୀ ପ୍ରଥା ମଧ୍ୟ ଏହି ଧର୍ମର ଅବଦାନ, କନ୍ୟାଭ୍ରୁଣ ହତ୍ୟା ଓ ଗର୍ଭପାତ ମଧ୍ୟ ଏହି ଧାର୍ମିକ ସଂରକ୍ଷଣବାଦର ପ୍ରଭାବ, କାରଣ ପୁତ୍ର ବିନା ସ୍ୱର୍ଗ, ମୋକ୍ଷ ପ୍ରାପ୍ତି ନୁହେଁ ବୋଲି ଧର୍ମ ହିଁ ଶିକ୍ଷା ଦେଉଛି । ସେହିଭଳି ଧାର୍ମିକ ପରମ୍ପରା ନାମରେ ନାନା ପ୍ରକାର ପର୍ବ-ପର୍ବାଣି, ବ୍ରତ-ଉପବାସ, ପୂଜା-ପାଠ, କଥା-କୀର୍ତ୍ତନ, ଦାନ-ଦକ୍ଷିଣା ଆଦି ଧାର୍ମିକ କର୍ମକାଣ୍ଡ ପାଳନ କରିବାରେ କେବଳ ମହିଳାମାନଙ୍କ ବେଶୀ ରଚି ଓ ଶ୍ରଦ୍ଧା ଦେଖା ଯାଉଛି । ଧାର୍ମିକତା ଭାରତୀୟ ନାରୀଙ୍କର ଏକ ସର୍ବଶ୍ରେଷ୍ଠ ଗୁଣ ବୋଲି କୁହାଯାଏ । ସାଧୁ, ସନ୍ଥଙ୍କ ଶରଣରେ ମହିଳାମାନେ ହିଁ ବେଶୀ ଯାଆନ୍ତି ଏବଂ ଯୌନ ଶୋଷଣର ଶୀକାର ହୁଅନ୍ତି । ଏମିତି ଲାଗୁଛି, ସତେ ଯେମିତି ସମସ୍ତ ଦେବତା ଓ ସାଧୁ ମହାତ୍ମାମାନେ କେବଳ ନାରୀମାନଙ୍କ ଶ୍ରଦ୍ଧା ଉପରେ ହିଁ ଆଶ୍ରିତ ଅଟନ୍ତି । ପ୍ରକୃତରେ ଦେଖିବାକୁ ଗଲେ ଧାର୍ମିକ ଆଡମ୍ବର ଛଡା ନାରୀମାନଙ୍କର ଅନ୍ୟ କୌଣସି କ୍ଷେତ୍ରରେ ଏତେ ପ୍ରଧାନତା ଦେଖିବାକୁ ମିଳେନି । ଏମିତିକି ଶିକ୍ଷା କ୍ଷେତ୍ରରେ ମଧ୍ୟ ନାରୀ ପଛରେ ହିଁ ରହିଛି । ଧାର୍ମିକ ପରମ୍ପରା ନାରୀ ପାଇଁ ଏକ ବନ୍ଧନ ଅଟେ ଯାହା ଯୋଗୁ ଆଗକୁ ବଢ଼ିବାକୁ ଦେଉନି ଏବଂ ବୌଦ୍ଧିକ ଚେତନାର ଦ୍ୱାର ବନ୍ଦ କରି ଦେଉଛି । ଧର୍ମ ନାମରେ ନାରୀଙ୍କର କେବଳ ଶୋଷଣ ହିଁ

ISSN NO.
2582-208X

କରା ଯାଉଛି । ଧାର୍ମିକ କର୍ମକାଣ୍ଡ ଦ୍ୱାରା ମହିଳାମାନଙ୍କୁ ଏକ ପ୍ରକାର ଦମନ କରାଯାଇଛି । ଧର୍ମ ନାମରେ ମହିଳାଙ୍କର ଯେତିକି ଶୋଷଣ କରାଯାଇଛି, ଅନ୍ୟ କୌଣସି ନାମରେ ଏମିତି ହୋଇନାହିଁ । ଯେଉଁ ଧର୍ମ ମଣିଷକୁ ପାପ ପୁଣ୍ୟର ପଥ ଦେଖାଇବାକୁ ଦାବି କରେ, ତାହା ନାରୀର ସ୍ୱାଧୀନତା ପଥର କଣ୍ଟା ପାଲଟିଛି । ପରିବାର ଓ ସମାଜର ପ୍ରତିବନ୍ଧକ ଠାରୁ ଆରମ୍ଭ କରି କାର୍ଯ୍ୟକ୍ଷେତ୍ରରେ ମଧ୍ୟ ଲିଙ୍ଗଗତ ଭେଦଭାବ ମହିଳାମାନେ ଦୀର୍ଘ ଦିନ ପର୍ଯ୍ୟନ୍ତ ଅବହେଳାର ଶିକାର ହୋଇଥିଲେ । ମହିଳାମାନଙ୍କ ଅବସ୍ଥାରେ ଏବେ ବି ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ, କିନ୍ତୁ ପୂର୍ବ ତୁଳନାରେ ଆଜି ପରିସ୍ଥିତିରେ ଟିକିଏ ସୁଧାର ଆସିଛି । ସଚେତନତା ବୃଦ୍ଧି ହେଇଛି, ବିଶ୍ୱ ଫୋରମର ସକ୍ରିୟତା ଏବଂ ସୋସିଆଲ ମିଡିଆ ମାଧ୍ୟମରେ ସ୍ୱର ଉତ୍ତୋଳନ, ଆଇନରେ ସକରାତ୍ମକ ପରିବର୍ତ୍ତନ ଏବଂ ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ଭିନ୍ନତା ନଥିବା ଆଇନର କାର୍ଯ୍ୟକାରିତା ସହିତ ସ୍ଥିତିରେ ସୁଧାର ଆସିଛି ।

ଏହା ଏକ ଅକାଟ୍ୟ ସତ୍ୟ ଯେ ଯୋଉ ଧର୍ମ କେବଳ ଭୟଭୀତ ଭାବରେ ବଞ୍ଚିବାକୁ ଶିଖାଉଛି । ମୁଁ କେବଳ ଏତିକି କହିବାକୁ ଚାହୁଁଛି ଯେ ଭାରତୀୟ ନାରୀ ଏହି ସବୁ ପ୍ରଥା, ପରମ୍ପରା, ଅନ୍ଧ ବିଶ୍ୱାସ ଓ କୁସଂସ୍କାରପୂର୍ଣ୍ଣ ନିୟମ ଗୁଡିକରୁ ନିଜକୁ ମୁକ୍ତ କରିଦେଉ । ଯଦି ଏହି ଧର୍ମର ବନ୍ଧନରୁ ଆମେ ମହିଳାମାନେ ମୁକ୍ତ ହୋଇପାରିବା ବା ଏସବୁ ତ୍ୟାଗ କରିବାକୁ ଭାବିବା ତଥାପି ଆମର କିଛି କ୍ଷତି ହେବ ନାହିଁ ବରଂ ମହିଳାଙ୍କ ଭିତରେ ନିଶ୍ଚିତ ରୂପରେ ଆତ୍ମବିଶ୍ୱାସ ଜାଗ୍ରତ ହେଇପାରିବ ଏବଂ ସେମାନେ ନିଜ ପାଇଁ, ପରିବାର, ସମାଜ ଓ ଦେଶ ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରି ପାରିବେ

ମୋ : ୮୧୪୭୭୨୦୮୭୪୬

ISSN NO.
2582-208X

# କାଶର ଚାଦର

ଧ୍ରୁବ ଚରଣ ଘିବେଲ୍

ଅଶିଣରେ ଧରା ସୁଜଳା ସୁଫଳା
ଶୋହେ ଶ୍ୟାମଳ ରଙ୍ଗରେ
କ୍ଷେତ ଧାନ ଗଛ ପାହାଡ଼ ଶୋଭିତ
ଶ୍ୟାମଳ ସବୁଜିମାରେ ।
ବିଲ ଗହୀରରେ ହସେ ହରଷରେ
ଶ୍ୟାମଳ ସବୁଜ ଶସ୍ୟ
ପବନ ବହିଲେ ଧିରେ କି ଚହଲେ
ଢେଉ ଖେଳେଟି ସହାସ୍ୟ ।
ଧିରେ ହୁଏ ଘନ ଘଞ୍ଚ ଶ୍ୟାମ ବର୍ଣ୍ଣ
ଗହଳ ସେ ସବୁଜିମା
ହିଡ଼ ପରେ ଥାଇ କାଶ ନାଚୁଥାଇ
ଶରତର ରାଜଜେମା ।
ନଈ କୂଳେ କୂଳେ ନଈପଠା ପରେ
ଅବା କେଉଁ ପ୍ରାନ୍ତରରେ
କାଶ ଠାଣିମାଣି ବସାଇ ବିପଣି
ଶୋହେ ଧବଳ ପାଟରେ ।
ଧବଳ ଓଢ଼ଣି ମଥା ପରେ ଟାଣି
ଛାଡ଼ି ଦେଇ ଧଳା ପଣତ

ISSN NO.
2582-208X

ଶରତରେ କାଶ ରହି ହସ ହସ
ହସ ବାଣ୍ଟି ରହେ ଉଷତ ।
ଦୂର କାଶ ବନ ସୃଷ୍ଟି କରେ ଭ୍ରମ
ଢାଙ୍କିଛି କେ ଧଳା ଚାଦର
ପାଶକୁ ଆସିଲେ ଆଖିରେ ଦେଖିଲେ
କାଶ ଲାଗେ ଚମତ୍କାର ।
କାଶର ଚାଦର ଅତୀବ ସୁନ୍ଦର
ଶରତର ଅଗଣାରେ
ଧନ୍ୟ ସେହି ସ୍ରଷ୍ଟା ସେହି ଏକା ଦ୍ରଷ୍ଟା
ସଜାଇଛି ଧଳା ବେଶରେ ।

ବଉଦର୍‌ଜ, ଜି. ବୌଦ୍ଧ
ମୋ.9437478466

ISSN NO.
2582-208X

ମୀନାକ୍ଷୀ ପଣ୍ଡା

# ବନ୍ଦେ ମାତରଂ

ପବିତ୍ର ଧାରା ସରିତ   କୋଳେ କେତେ ପ୍ରବାହିତ
ଉଡ଼େ ଫରଫର ସୋମ୍ୟ ତ୍ରିରଙ୍ଗା କେତ
ହୀରକ, ମୋତି ସମାନ    ଗରଭୁ କୋଟି ସନ୍ତାନ
ଅମୃତ ଲଗନେ ଆସି ହେଲେ ଜନ୍ମିତ
ଧନ୍ୟ ଧନ୍ୟ ରତନ-ଗର୍ଭା
ପ୍ରକାଶନ୍ତି ପୂର୍ଣ୍ଣ ଶଶୀ ପ୍ରାୟକ ଶୋଭା

ସୁଶୋଭିତ ଗିରିବର   ତୁଷାର ମୁକୁଟ ଯାର
ଉଲ୍ଲାସେ ବିଧୌତ ପାଦ ମହାସାଗର
ଛନ୍ଦେ ଗାଇ ସୁରାଗିଣୀ   ବକ୍ଷେ ବହେ ନିର୍ଝରଣୀ
ପବିତ୍ର ଜାହ୍ନବୀ ନଦୀ ଗଳାର ହାର
ବିନ୍ଧ୍ୟ ଗିରି କଟି ମେଖଳା
ବୀସ୍ତିର୍ଣ୍ଣ ପ୍ରାନ୍ତର ଭୂମି ଚିର ଶ୍ୟାମଳା

ମହା ବିଜ୍ଞ ସନ୍ଥ, ମୂନୀ    ପ୍ରଚାରି ଅମର-ବାଣୀ
କୁସୁମିତ କରିଛନ୍ତି ଜୀବନ ପଥ
ସୁଜ୍ଞାନ ବର୍ତ୍ତିକା ଜାଳି     ଅଜ୍ଞାନ ତମିସ୍ରା ଟାଳି
ସୁଦିବ୍ୟ ଚେତନା ଭରି ସବୁରି ଚିତ୍ତ
ଜନ ହିତେ ଜୀବନ ବ୍ରତ
ଜଡଭରତ ମୂନୀ ଙ୍କ ନାମେ ଭାରତ

ISSN NO.
2582-208X

ଗୁରୁ, ଯନ୍ତ୍ରୀ, ବୈଜ୍ଞାନିକ    ମହାନ କବି, ଲେଖକ
ସେବା ରତ ନିଶି, ଦିବା ଉତ୍ସର୍ଗୀକୃତେ
ଦାର୍ଶନିକ, ଚିକିତ୍ସକ    ସଙ୍ଗୀତଜ୍ଞ, ସୁଗାୟକ
ଜନ୍ମଭୂମି ଜୟ ଘୋଷେ ଥା'ନ୍ତି ନିରତେ
କାଳଜୟୀ ଲେଖନୀ ଧାର
ଶୁଭେ ବେଦ-ମନ୍ତ୍ର ଧ୍ୱନି ସଙ୍ଗେ ଓଁକାର

ପ୍ରଭାତ ବନ୍ଦନା ଗାଇ    ନଭେ ଖଗ ଭ୍ରମୁଥାଇ
ଶକତି ସମ୍ଭାର ଘେନି ଉଦୟ ଭାନୁ
ବିବିଧ କୁସୁମ ଫୁଟି    ବାଟିକା ରେ ପଡେ ଲୋଟି
ଶତ ସୁଗନ୍ଧ ବର୍ଣ୍ଣାଳୀ ଯାହାର ତନୁ
ଦେବାଳୟେ ଘଣ୍ଟା ଶବଦ
ଶୁଭି କର୍ଣ୍ଣେ ଭରୁଥାଏ ମହା ଆହ୍ଲାଦ

ପୁଞ୍ଜ ପୁଞ୍ଜ ତାରା ରାଶି    ସୁବିମଳ ପୂର୍ଣ୍ଣଶଶୀ
ଷଢ଼-ଋତୁ ଆସେ ହସି ତୋହରି କୋଳେ
ଭିନ୍ନ ଭିନ୍ନ ଭାଷା, ଧର୍ମ    ଏକତା ଥାଏ ଅକ୍ଷୁଣ୍ଣ
ଭାଇଚାରା ପ୍ରୀତି ଭରା ଆନନ୍ଦ ଭୋଳେ
ବିଶ୍ୱେ ଶ୍ରେଷ୍ଠ ଭାରତ ଭୂଇଁ
ଭାରତେ ଅଭାବ ଯାହା ମରତେ ନାହିଁ

ଅମର ବୀର-ଯବାନ    କୃଷକ ଭୂମି-ସନ୍ତାନ
ହସି ହସି ବଳିଦାନ ଦେଇ ଜୀବନ
ସ୍ୱଦେଶ ମାତୃକା ପାଇଁ    ସତତ ଜାଗ୍ରତ ରହି
ବକ୍ଷଦେଶେ ଫୁଟି ଅଛି ଶତ୍ରୁ କମାଣ
ଚିର ପୂଜ୍ୟ ଦିବ୍ୟ ସନ୍ତାନ
ଦେଶର ନମସ୍ୟ ଘେନ ଶତ ନମନ

ISSN NO.
2582-208X

ଆଗତ ପ୍ରାୟ ସୁଦିନ    ଚକିତ ବିଶ୍ୱ ଲୋଚନ
ଦେଶ ନେବ ଗୁରୁ ସ୍ଥାନ ଏକଥା ତୟ
ଉଦିତ ହେବେ ଆଦିତ୍ୟ   ଏହାହିଁ ତ ଧ୍ରୁବ- ସତ୍ୟ
ଗୁଞ୍ଜରିତ ଜୟ-ଧ୍ୱନୀ ଭାରତ ଜୟ
"ଭାରତୀ ଗୋ" ପ୍ରଣତୀ ଘେନ
ପୂଣ୍ୟ ବଳେ ଜନ୍ମି କୋଳେ ଜୀବନ ଧନ୍ୟ

"""""""

ISSN NO.
2582-208X

# ବିଧିର ବିଧାନ



ନମିତା ଦାଶ

କିଛି ବର୍ଷ ତଳେ ଏହି ଅମାବାସ୍ୟା ରାତିରେ କେଉଁଆଡେ ଚାଲିଗଲ । ଏକ ମାର୍ମନ୍ତୁଦ ରେଳ ଦୁର୍ଘଟଣାରେ ଶହ ଶହ ଯାତ୍ରୀ ଙ୍କ ମୃତ୍ୟୁ ଖବର ଶୁଣି, ମୁଁ କାନ୍ଦି.. କାନ୍ଦି ବୟାଣୀ ପରି ହୋଇଗଲି! ତୁମେ କଥା ଦେଇଥିଲ ମୋତେ, ତୁମର ସେଇ ଛୋଟ ଘରକୁ ହାତଧରି ସ୍ତ୍ରୀ ରୂପେ ପାଛୋଟି ନେବ ।

ବିଧିର ବିଧାନ କେ କରିବ ଆନ ।ଜୀବନ ର ସବୁ କିଛି ଓଲଟ ପାଲଟ ହୋଇଗଲା.... I ତୁମେ ଝିଅ -ବୋହୂ ଙ୍କୁ ବହୁତ ସମ୍ମାନ ଦେଉଥିଲ। ଯେଉଁଠି ଅନ୍ୟାୟ -ଅତ୍ୟାଚାର ର ଆଭାସ ପାଉଥିଲ, ସେଠି ଦେବଦୂତ ପରି ପହଞ୍ଚି, ପୀଡିତା ମାନଙ୍କୁ ସହାୟତା କରୁଥିଲ । ଗରିବ ଲୋକଙ୍କୁ ସାହାଯ୍ୟ କରୁଥିଲ, ସେମାନେ ତୁମପାଇଁ ସୁରକ୍ଷିତ ମନେକରୁଥିଲେ । ତୁମେ ଗରିବ ଥିଲ କିନ୍ତୁ ତୁମ ମନ ଓ ହୃଦୟ ବିଶାଳ ଥିଲା । ସେଥିପାଇଁ ମୁଁ ତୁମକୁ ଭଲ ପାଇ ବସିଥିଲି। ବାପା ମୋର ବାହାଘର ଖୋଜୁଥିଲେ କାରଣ ମୋ ତଳେ ଦୁଇ ଭଉଣୀ ଥିଲେ ସେ ତାଙ୍କ ଚାକିରୀ ଅବସର ଆଗରୁ ଆମ ତିନି ଭଉଣୀ ଙ୍କ ବିବାହ ସମ୍ପୂର୍ଣ୍ଣ କରିବାକୁ ଚାହୁଁଥିଲେ । ବାପା ମୋର ବିବାହ ଏକ ଧନୀ ପରିବାର ରେ କରାଇଦେଲେ । ମୁଁ ନାଚାର ଥିଲି, ତୁମର ରେଳ ଦୁର୍ଘଟଣା ରେ ମୃତ୍ୟୁ ଖବର ପଢି ମୁଁ ନିଜକୁ ସମ୍ଭାଳି ପାରିନଥିଲି ।ବାପା -ବୋଉ ଙ୍କ ମନ ରେ ଆଘାତ ନ ଦେବା ପାଇଁ ମୁଁ ଆକାଶ ଦାସ ଙ୍କୁ ବିବାହ କରିଥିଲି । କିନ୍ତୁ ମୋ ମନ ଓ ହୃଦୟ ରୁ ମୁଁ ତୁମକୁ ବାହାର କରିପାରିନଥିଲି ।

ISSN NO.
2582-208X

ବାହାଘରର ଦୁଇବର୍ଷ ପରେ ହଠାତ ତୁମକୁ ବଡ଼ଦାଣ୍ଡ ଦେଖିଲି । ବିଶ୍ୱାସ କରିପାରିଲିନି.. ତୁମେ କି ତୁମ ର ପ୍ରତିଛବି ଦେଖିଛି ଭାବି ମହାପ୍ରଭୁ ଙ୍କୁ ଗୁହାରୀ କରୁଥିଲି, ହେ ଜଗନ୍ନାଥ ମୋତେ ଶକ୍ତି ଦିଅ, ମୁଁ ନିଜ ସ୍ୱାମୀ ଙ୍କୁ କିପରି କହିପାରିବି ? ବାଦଲ, ଫେରିଆସିଛନ୍ତି । ତୁମେ ଆମ ପଛେ ପଛେ ଆସି ଗାଡି ପାଖରେ ପହଁଚିଲ । ତୁମେ ଚାହାଁଣୀରେ... କେତେ କଥା କହିଯାଉଥିଲ... ମୁଁ କିଛି କହିପାରୁନଥିଲି । ତୁମେ ଆଜି ସାମ୍ନା ରେ ଥିଲ, ବିଧିର ବିଧାନ... ଆଜି ଆମ ଦୁହିଁଙ୍କୁ ସାମ୍ନାସାନ୍ନି କରିଛି, ବହୁତ ଡେରି ହୋଇଯାଇଛି । ତୁମେ ମୋତେ ଇସାରାରେ ଡାକୁଥିଲ.. କିନ୍ତୁ କେମିତି ଭାବିଲ ଯେ, ଯାହାକୁ ଛାଡିକି ଯାଇଥିଲ, ସିଏ ଆଜିବି ସେମିତି ଥିବ ।

ନବି ମୁମ୍ବାଇ

ISSN NO.
2582-208X

# ଅପେକ୍ଷା



ଶରତ କୁମାର ପରିଡା

ମୁଁ ସିନା କହିପାରୁନ
ମନ କଥା ଖୋଲି କରି
ସତ କହିଲ
କହିବା କଣ ଜରୁରୀ ?
ଶୁଣିଛି କୁଆଡେ ମନ କଥା
ପଢି ହୁଏ ପ୍ରେମର କୋମଳ ସ୍ପର୍ଶରେ
ତାହାଲେ ନୀରବତାର ଢେଉ
ବାରମ୍ବାର ଲହଡି ଭାଙ୍ଗୁଛି କଣ ପାଇଁ ଯେ ?

ତୁମେ ଆଉ ଭାବୁନ ତ ?
ମୁଁ ଆଗ କହିବି ବୋଲି
ମୁଁ ବି ଠିକ ସେଇଆ ଭାବୁଛି
ହେଲେ ପ୍ରତେକ ଥର
ଗଭୀର ହୃଦୟରୁ ମନର ଅସଜଡ଼ା କଥା ଗୁଡିକ
ନିଜସ୍ୱ ଅଧିକାର ସାବ୍ୟସ୍ତ କରିବାରେ
ଅସଫଳ ହୋଇ ଶିଶୁପାଳ ସାଜି
ଓଠର ଦ୍ୱାରଦେଶରୁ
ମଥା ନୁଆଇଁ ହୃଦୟର ସେଇ
ଅତଳ ଗଭୀରକୁ ଫେରି ଯାଆନ୍ତି ।

ISSN NO.
2582-208X

ଗୃହିଁ ବସିଛି ସେଇ ପ୍ରଭୁ
ରଘୁନନ୍ଦନ ଙ୍କୁ
କେଉଁଦିନ ତାଙ୍କ ପାଦର
ସ୍ପର୍ଶ ମୋ ପାଷାଣୀ ଓଠ କରିଥିବା
ନୀରବତାର ବ୍ରତ କୁ ଭଙ୍ଗକରିବ
ଆଉ ମୁଁ ମନ କଥା
ଖୋଲି କହିପାରିବି
ସେ ପର୍ଯ୍ୟନ୍ତ କେବଳ
ଅପେକ୍ଷା ଆଉ ଅପେକ୍ଷା..... ।

ପଟିଆ, ଭୁବନେଶ୍ୱର 751031
ଫୋନ 9861141978

ISSN NO.
2582-208X

# ବାପା



ଶିବରାମ ଦଳେଇ

ହେଇ ଶୁଣୁଛ ଗୁରୁବାର ଦିନ ଜାଗର, ତୁମ ବାପା କହୁଛନ୍ତି ପ୍ରତିବର୍ଷ ଭଳି ଏ ବର୍ଷ ବି ମନ୍ଦିର ରେ ଭୋଗ ଭାତ କରି ଗରିବଗୁରୁବାଙ୍କୁ ବାଣ୍ଟିବେ। ଏଥର ଭୋଜିଭାତ ନଦେଲେ ଚଳନ୍ତା ନି ? ଆମର ଗୋଟେ ଝିଅ, ତାହାର ଭବିଷ୍ୟତ ଦେଖିବା କିନ୍ତୁ ତୁମ ବାପା ଙ୍କ ଗୋଟେ ଜିଦ ସବୁ ବର୍ଷ ପରି ଏବର୍ଷ ଭୋଜିଭାତ ହେବ । ଜୀବନ ସାରା ମୂଲ ଲାଗି ତୁମ ପାଇଁ କଣ ରଖିଦେଇଛନ୍ତି ଯେ ଏମିତି ଜିଦ ଧରିଛନ୍ତି । ତୁମର ଏ କନେଷ୍ଟବଳ ଚାକିରୀ ରେ କେତେ ଦରମା ଯେ ସେଥିରେ ତ ଆମକୁ ନିଅଁଣ୍ଟ ବାପା ପୁଣି ଏପରି ଜିଦ । ମୋତେ ତୁମ ବାପା ଙ୍କ କାମ ସବୁ ଭଲ ଲାଗୁନି । ନିଜର ତ ରୋଜଗାର ବୋଲି କିଛି ନାହିଁ । ପୁଅ ରୋଜଗାର ରେ ବସି ବସି ଗେଫା ମାରୁଛନ୍ତି । କୁଟା ଖଣ୍ଡକୁ ଦିଖଣ୍ଡ କରିବାର ସାମର୍ଥ୍ୟ ନାହିଁ, ସେଥିରେ ପୁଣି ନାହିଁ ନ ଥିବା ଜିଦ ।

ଠକ ଠକ ଠେଙ୍ଗା ଶବ୍ଦ କରି ଘର ଭିତରକୁ ପସି ଆସିଲେ ମୋହନ ବୁଢ଼ା । ଠେଙ୍ଗା ର ଶବ୍ଦ ଶୁଣି ଦୁହେଁ ନିରବ ହେଇଗଲେ ।

ମୋହନ :- ଆରେ ଶଙ୍କର ମୁଁ ତୋତେ ତ ଅପେକ୍ଷା କରିଥିଲି । ତୋ ସହିତ କିଛି କଥା ହେବାର ଥିଲା ।

ISSN NO.
2582-208X

ଶଙ୍କର :- କି କଥା କହିବେ ବାପା ?

ମୋହନ :- ମୁଁ ଆମ ସୁରନନା ଙ୍କ ଠୁ ସବୁ ବୁଝି ଆସିଛି । ଆଉ ସବୁ ବର୍ଷ ପରି ଏ ବର୍ଷ ଜାଗର ରେ ପ୍ରସାଦ ବାଣ୍ଟିବା । ସୁର ନନା କହୁଥିଲେ ଆନୁମାନିକ ଆଠ ଦଶ ହଜାର ଟଙ୍କା ଲାଗିବ । ଆଉ ଏଥିରେ ତୋ ମତ କଣ ?

ଶଙ୍କର :- ଯାଉନ ବାଣ୍ଟିବ । ତୁମ ପାଖରେ ଯଦି ଟଙ୍କା ଅଛି ତେବେ ପ୍ରସାଦ ବାଣ୍ଟିବ ନଚେତ ମୁଁ ସଫା ସଫା କହି ଦେଉଛି ମୋର ଏ ଅଯଥା ଖର୍ଚ୍ଚ ରେ ମୁଣ୍ଡ ପୁରେଇବାର ନାହିଁ ।

ମୋହନ ବୁଢ଼ା :- ଆରେ ତୁ ଏମିତି କହନା ରେ ମୋର ମାନସିକ ବ୍ରତ ଟା ଭାଙ୍ଗିଯିବ । ମୁଁ ମଲାଯାଏ ଏ ବ୍ରତ କରିବାକୁ ମାନସିକ କରିଥିଲି ।

ବୋହୁ ସୁଲୋଚନା :- ଯାଉନ ମରିବ, ଆମକୁ ଏମିତି ହଟହଟା କରୁଛ କାହିଁକି ? ଆମର ବି ତ କିଛି ମନ ଅଛି, ତାହା ତ ପୁରା ହେଉନି ତଥାପି ଥରେ ମୋ ଝିଅ କଥା ଚିନ୍ତାକର ? ପୁଅ ପାଇଁ ଏମିତି କଣଟା ରଖି ଦେଇଛ ଯେ ମାନସିକ କରି ଦେଇଛ ?

ବୁଢ଼ା :-ସେମିତି କୁହନା ବୋହୁ । ଦବା ନବା ତ ସେ ଏକା ବୁଝୁଛି। ସେହି ଶିବ ଶଙ୍କର ହିଁ ସବୁକିଛି । ବାକି ରହିଲା ରଖିବା କଥା । ମୁଁ ଆଉ ରଖିବି ବା କଣ । ଶଙ୍କର କୁ ଦୁଇ ଗୋଡ଼ରେ ଛିଡା କରେଇଛି ସେହି ମୋର ସମ୍ବଳ ।

ସୁଲୋଚନା :- ଓ ସତେ ଯେମିତି ୟାଙ୍କୁ କଲେକ୍ଟର ବନେଇ ଦେଇଛ ।

ISSN NO.
2582-208X

ଶଙ୍କର :- ବାପା, ମୋର ଚେଷ୍ଟା ପରିଶ୍ରମ ବଳରେ ମୁଁ କନଷ୍ଟେବଳ ଚାକିରି ଟେ କଲି । ବାକି ରହିଲା ବହି ପତ୍ର କିଣା, ଆଉ ବଡ କରିବା କଥା । ସେଇଟା ସବୁ ବାପାଙ୍କ ଭଳି ତୁମର କର୍ତ୍ତବ୍ୟ । ଆଉ ତା ବଦଳରେ ମୁଁ ବି ଢେର ତୁମକୁ ଦେଇ ସାରିଛି ।

ପୁଅ ଠୁ ଏପରି କଥା ଶୁଣି ସାରିବା ପରେ ନିଜକୁ ନିଷ୍କ୍ରିୟ ମନେକଲା ମୋହନ ବୁଢ଼ା । ଦୁଇ ଦିନ ବିତି ଗଲା । କାଲି ଜାଗର, ମୋହନ ବୁଢ଼ା ପୁଅ ପାଖକୁ ଆସି ପଚାରିଲା । ପୁଅରେ କାଲି ଜାଗର । ମୁଁ ଯୋଉ କଥା କହିଥିଲି କଣ ହେଲା ?

ଶଙ୍କର :-ବାପା, ତୁମେ କଣ ଥରକେ ବୁଝି ପାରୁନ ଯେ ବାରମ୍ବାର ବୁଝେଇବି । ତୁମ ବୋଝଟା ତ ମୁଁ ସମ୍ଭାଳିଛି । ତା ପରେ ଏ ଭୋଜି ଭାତର ବୋଝ ମୋ ଉପରେ ଲଦୁଛ ।

ମୋହନ ବୁଢ଼ା ଏବେ ବୁଝି ସାରିଥିଲା ବାପା ମାନେ ବୁଢ଼ା ହେଇଗଲେ ପୁଅ ପାଇଁ ଗୋଟେ ବୋଝ ହେଇ ଯାଆନ୍ତି ବୋଲି ।

ସୁଲୋଚନା :- ହେଇଟି ଶୁଣ, ତୁମେ ଗୋଟେ କାମ କର, ଏ ବୁଢ଼ା ସେମିତି ରେ ଆମ ଉପରେ ବୋଝ, ତା ସାଙ୍ଗକୁ ବଦ ଖର୍ଚ୍ଚ କରିବା ପାଇଁ ଜିଦ । ମୁଁ ଆଉ ଏ ବୋଝ କୁ ମୁଣ୍ଡେଇ ପାରିବିନି । ପାରୁଛ ଯଦି ତାଙ୍କୁ ନେଇ ଗୋଟେ ଭଲ ବୃଦ୍ଧାଶ୍ରମ ରେ ଛାଡିଦିଅ ନଚେତ ମୁଁ ମୋ ଝିଅକୁ ନେଇ ବାପ ଘର ଚାଲିଯିବି ।

ଏମିତି ରେ କିଛି ଦିନ ବିତିଗଲା ।ମୋହନ ବୁଢ଼ା କୁ ବୃଦ୍ଧାଶ୍ରମ ରେ ଛାଡି ଦେଇ ଆସିଲେ ପୁଅ ବୋହୂ । ବହୁତ ଦିନ ମନ୍ଦିର ନ ଆସିବା ଦେଖି ପୂଜାରୀ ନନା ଶଙ୍କର ଘରେ ପହଞ୍ଚିଲେ ।

ISSN NO.
2582-208X

ନନା :- ଶଙ୍କର, ଶଙ୍କର ଘରେ ଅଛୁ କିରେ ?

ଶଙ୍କର :-ହଁ ନନା ମୁଁ ଘରେ ଅଛି । କଣ ହେଲା ଯେ ତୁମେ ଆମ ଘରେ ?

ନନା :- ଆରେ ବାପା ଙ୍କ ଦେହ ଠିକ ଅଛି ତ ? ସେ କଣ ଆଉ ମନ୍ଦିର ଯାଉ ନାହାଁନ୍ତି ? କଣ ହେଇଛି ତାଙ୍କର ?

ଶଙ୍କର :-ସେ ଆଉ ଆମ ସହିତ ରହୁ ନାହାନ୍ତି ।

ନନା :- ରହୁନାହାନ୍ତି, ହେଲେ କଣ ପାଇଁ ? ତେବେ ସେ ରହୁଛନ୍ତି କୋଉଠି ?

ଶଙ୍କର :- ବୃଦ୍ଧାଆଶ୍ରମ ରେ

ନନା:- ବୃଦ୍ଧାଆଶ୍ରମ ରେ ହେଲେ ………

ସୁଲୋଚନା :- ନନା, ବାପା ଆମ ସହ ରହିବାକୁ ଅମଙ୍ଗ ହେଲେ ଆଉ ନିଜେ ବୃଦ୍ଧାଆଶ୍ରମ ରେ ରହିବାକୁ ସ୍ଥିର କଲେ ।

ନନା :- ମୁଁ ଯେତିକି ଜାଣିଛି ସେ କେବେ ଏପରି ନିଷ୍ପତ୍ତି ନେଇ ନଥିବ । ତୁମେ ନିଶ୍ଚୟ ମୋତେ କିଛି ଲୁଚାଉଛ । ସତ କୁହ କଣ ଘଟଣା ।

ଶଙ୍କର :- ନନା, ବାପା କହୁଥିଲେ ଏ ବର୍ଷ ଜାଗର ରେ ମାନସିକ ଭୋଗ ରାନ୍ଧି ବାଣ୍ଟିବାକୁ। ଏ ସ୍ୱଳ୍ପ ଦରମା ରେ ଆମ ପେଟ ଉପାସ ରହୁଛି ସେଥିରେ ପୁଣି ମାନସିକ । ହୁଁ……..

ନନା:- ଆରେ ସେଥିପାଇଁ ତାଙ୍କୁ ନେଇ ବୃଦ୍ଧାଆଶ୍ରମ ରେ ଛାଡ଼ିଦେଲୁ, ବେଶ ଭଲ କଲୁ । ସେ ତୋ ପାଇଁ, ତୋ ଭବିଷ୍ୟତ ପାଇଁ ମୋ ସମ୍ମୁଖରେ ମାନସିକ କରିଥିଲେ ରେ । ପ୍ରକୃତରେ ତୁ ସାବ୍ୟସ୍ତ କରିଦେଲୁ ରକ୍ତ ହେଉଛି ରକ୍ତର । ପର କେବେ ଆପଣାର ହେଇପାରେନା ।

ISSN NO.
2582-208X

ଶଙ୍କର :- ମାନେ ?

ନନା :- ମାନେ ଶୁଣିବୁ ଶୁଣ । ତୁ, ତାହାର ନିଜ ରକ୍ତ ର ନୁହଁ । ସ୍ୱାମୀ ସ୍ତ୍ରୀ ଦୁହେଁ କେତେ ଓଷା ବ୍ରତ କରିଥିଲେ କୋଳରେ ପିଲାଟିଏ ପାଇବାକୁ । ସବୁ ପରେ ବି ତାହା ସମ୍ଭବ ହେଲା ନାହିଁ । ସେଦିନ ଥିଲା ଜାଗର । ବଡିଭୋରୁ ପୂଜା ପାଇଁ ମୁଁ ମନ୍ଦିର ଆସିଥାଏ । ରକ୍ତ ନାଢ଼ ଲାଗିଥିବା ପୁଅଟିଏ ମନ୍ଦିର ବେଢ଼ା ରୁ ପାଇ ମୁଁ ତା ହାତକୁ ଟେକିଦେଲି । ସେ ବି ପିଲାଟିକୁ ବହୁତ ଖୁସିର ସହ କୋଳକୁ ନେଇ ସେହିଠାରେ ମାନସିକ ଯାଚିଦେଲା । ନିଜ ଲୁହ ଲହୁ ନିଗାଡି ପିଲାଟିକୁ ପାଳିଲା । ଜାଣିଛୁ ସେ ପିଲା ଟି ହେଉଛି "ତୁ" ।

ଏକଥା ମୁଁ ହିଁ ଜାଣେ ।ତୁ ମକୁ ଶିବ ମନ୍ଦିର ରୁ ପାଇଥିବାରୁ ମୁଁ ତୋ ନାଁ ଦେଇଥିଲି ଶଙ୍କର ।

ଉଭୟ ସ୍ୱାମୀ ସ୍ତ୍ରୀ ଙ୍କ ଆଖିରୁ ପଶ୍ଚାତାପ ର ଅଶ୍ରୁ ନିଗିଡି ପଡୁଥିଲା ଏବଂ ନିଜକୁ ସେ ଭଗବାନ ରୁପୀ  ମଣିଷ କୁ ଫେରାଇ ଆଣିବାକୁ ପ୍ରସ୍ତୁତ କରୁଥିଲେ ।

ଲେଖନପୁର ସାଲେପୁର
ଦୁରଭାଷ :- ୯୪୩୯୯୩୭୦୭୧

ISSN NO.
2582-208X

# ଜୀବନ ଏକ ସପନ



ବୀର କିଶୋର ପଣ୍ଡା

ଜୀବନ ଅମୂଲ୍ୟ ସଂସାର ସାର୍ଥକ
ସୁନ୍ଦର ଏ ଧରୋହର।
ଜୀବନ ପଥରେ ପଥିକ ଏ ରଥୀ
ଯାଏ ଗନ୍ତବ୍ୟ ପଥର ।।

ଇନ୍ଦ୍ରିୟ ଘୋଡ଼ାରେ ମନ ହିଁ ସାରଥି
ଅମଡ଼ା ଗମନ ପଥ ।
ଲକ୍ଷ୍ୟଚ୍ୟୁତ ହେଲେ ହେବ ଦୁର୍ଘଟଣା
ଏହାହିଁ ପରମ ସତ ।।

ଇନ୍ଦ୍ରିୟତୃପ୍ତି ରେ ଲାଳାୟିତ ଘୋଡ଼ା
ଅନୁକୂଳ ଖୋଜୁଥା'ନ୍ତି ।
ମନ ସାରଥି କୁ ବଶୀଭୂତ କରି
କାର୍ଯ୍ୟ ହାସଲ କରନ୍ତି ।।

ISSN NO.
2582-208X

ଶାସ୍ତ୍ର ମର୍ଯ୍ୟାଦାର ପ୍ରତିକୂଳ କର୍ମ
ଯଦି ହୁଏ ଇନ୍ଦ୍ରିୟରେ ।
ପରିଣାମ କିନ୍ତୁ ଭୋଗେ ଆତ୍ମରଥୀ
ରହି ଇନ୍ଦ୍ରିୟ ସାଥିରେ ।।

ସବୁ ନାଟକର ମନ ଗୋବର୍ଦ୍ଧନ
ମନକୁ କରିଲେ ବଶ ।
ବିବେକ ଚାବୁକ ପ୍ରହାର ସଂଯମେ
ସୁପଥେ ଲଭନ୍ତି ଯଶ ।।

ସଂସାର ରେ ଯିଏ ହୋଇଛି ଉତ୍ପତ୍ତି
ବିନାଶ ଅବଶ୍ୟ ହେବ ।
ସଂସାର ର ଅଂଶ ଶରୀର ମରିବ
ଶରୀରୀ ସଦା ରହିବ ।।

ଦାତବ୍ୟ ସୂତ୍ରରେ ଶରୀର ମିଳିଛି
ଦାତା ସ୍ୱୟଂ ଭଗବାନ ।
ନିଜର ନମାନି ସୁରକ୍ଷା ହିଁ କର
ଶେଷରେ କର ଅର୍ପଣ ।।

ଆଣିନାହଁ କିଛି ନେଇଯିବ ନାହିଁ
କିମ୍ପାଇଁ କରୁଛ ଲୋଭ ।
ଯାହା ଅଛି ପାଶେ ଦାନ ଧର୍ମ କର
ସାଧୁସନ୍ଥଙ୍କ ଠୁ' ଶିଖ ।।

ISSN NO.
2582-208X

ସଂସାର ବଗିଚା ବୃକ୍ଷମୂଳେ ଖତ
ନିଜକୁ ସମର୍ପି ଦିଅ ।
ମାଳି ଭଗବାନ ହୋଇବେ ସନ୍ତୋଷ
ମୋକ୍ଷ ପଥ ବାଛିନିଅ ।।

ଗର୍ବ ଅହଙ୍କାର "ମୁଁ" ରାକ୍ଷସ ଥିଲେ
ଚିତ୍ତ ହେବନାହିଁ ନିଶ୍ବ ।
ମୋହମାୟା ପାପ ଗଣ୍ଠୁଳି ଧରିଲେ
ବିନାଶ ହେବ ସର୍ବସ୍ୱ ।।

ଏଇତ ଜୀବନ ଦୁଇ ହାତେ ଅଛି
ପାପ ପୁଣ୍ୟ ପାପୁଲିରେ ।
ସରଗ ନରକ ଦୁଇ ରାସ୍ତା ଅଛି
ଚିନ୍ତିଦେଖ ହୃଦୟରେ ।।

ରାଜଗୁରୁପୁର
ଘଣ୍ଟେଶ୍ୱର, ଭଦ୍ରକ

ISSN NO.
2582-208X

# ମାନସ ଭଜ



ଲକ୍ଷ୍ମୀପ୍ରିୟା ବିଶ୍ୱାଳ

ଆଦିଦେବ ହରି ମାନସ ଭଜ ।
ରୋଗ ଶୋକ ହରିବେ ଦେବରାଜ ।
ହୀନ ମଣ ନାହିଁ ନର ଜନମ ।
ତ୍ରୈଲୋକ୍ୟ ପତି ସେହି ଘନଶ୍ୟାମ ।
ମାନମୟୀ ରାଧା ପ୍ରାଣ ବାନ୍ଧବ ।
ସିନ୍ଧୁ ତନୟାର ଧବ ମାଧବ ।
କରୁଣା ସାଗର ଚିନ୍ତନ କର ।
ପକ୍ୱ ବିମ୍ବ ଫଳ ଯାର ଅଧର ।
ତ୍ରିକାଳଜ୍ଞ ହରି ସାଧବେ ଜପ
କାଳଯମ ର ହରଇ ବହପ ।

ମହୁ, ଆଲ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ଚୈତ୍ର ମାସ ମଙ୍ଗଳ ବାର



ମାଳତୀ ଦେବୀ

ନମୋ ନାରାୟଣୀ ପତିତ ପାବନି

ଭକତ ବତ୍ସଳା ରମା ।

ଘଟେ ଘଟେ ତୁହି ବିରାଜିତ ମାତ

ସ୍ୱରୂପ ଯାହାଙ୍କ ବାମା ।।

ସଂସାର ଜନଙ୍କୁ କରୁଛ ପାଳନ

ସର୍ବ ଘଟେ କରି ଦୟା ।

ତବ ନାମ ଧାମ ଅଟଇ ପାବନ

ସାକ୍ଷାତ ରେ ତୁହି ମାୟା ।।

ଚଇତି ମଙ୍ଗଳା ନାମ ତୋର କ୍ଷାତ

ପୂଜନ୍ତି ସାରା ଜଗତ ।

ତୁହି ମାତ ରମା ବିମଳା ଶାରଳା

ଅଟୁ ପରମ ଦୈବତ ।।

ତୁହି କାତ୍ୟାୟନୀ ଭବାନୀ ଶିବାନୀ

କାର୍ତ୍ତିକ ଗଣେଷ ମାତା ।

ISSN NO.
2582-208X

ସର୍ବ ଘଟେ ରହି ପାଳୁଛୁ ଏ ମହୀ
ବୋଲାଇଣ ବିଶ୍ୱମାତା ।।
ଅପର୍ଣ୍ଣା ପାର୍ବତୀ ଜୟ ଭଗବତୀ
କରୁଣା ତୋର ଅଶେଷ ।
ବିଶେଷରେ ତୁହି ଦେବୀ ଭଗବତୀ
ଧବ ଯାହାର ମହେଶ ।।
ଜନନୀ ଆଦିଶକ୍ତି ଶକ୍ତି ରୂପିନି
ତୁହି ଜଗତ କାରଣ ।
ବ୍ରହ୍ମା ବିଷ୍ଣୁ ଶିବ ସନ୍ତାନ ତୋହର
କରୁଛୁ ବିଶ୍ୱ ପାଳନ ।।

ପୁରୁଣା ବଜାର,ଲୋକାପଦା,ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ମୃତ୍ୟୁ ଭୋଜ ଦେବା ଆବଶ୍ୟକ ନାହିଁ



ବାଲ୍ମୀକ ନାୟକ

ଗରୁଡ଼ ପୁରାଣ କଥିତ ହିନ୍ଦୁ ଧର୍ମର ଏକ ମାନ୍ୟତାପ୍ରାପ୍ତ ଧର୍ମଶାସ୍ତ୍ର । ଅଷ୍ଟାଦଶ ପୁରାଣ ମଧ୍ୟରୁ ଗରୁଡ଼ ପୁରାଣର ମହତ୍ୱ ବେଶୀ ଏବଂ ଏହାର କୁପ୍ରଭାବ ସମାଜର ପ୍ରତ୍ୟେକ ପରିବାର ଉପରେ ପଡୁଛି । କାରଣ ଏଥିରେ ମଣିଷର ମୃତ୍ୟୁ ପରେ କଥିତ ଆତ୍ମାର ସ୍ଥିତି ଓ ମୋକ୍ଷ ଆଦିକୁ ନେଇ ଅନେକ ପ୍ରକାର ଭୟଙ୍କର ଚର୍ଚ୍ଚା ହୋଇଛି । ଏହି ପୁରାଣରେ ସ୍ୱର୍ଗର ସୁଖ ତଥା ଶାନ୍ତିପୂର୍ଣ୍ଣ ଜୀବନ ଅପେକ୍ଷା, ନର୍କର ଅତି ଭୟାନକ ଓ ଯନ୍ତ୍ରଣା ଯୁକ୍ତ ଜୀବନର ବର୍ଣ୍ଣନା ବେଶୀ ହୋଇଛି । ଯେଉଁଭଳି ଭାଷାରେ ନର୍କର ଯମଦୂତମାନଙ୍କ ଦ୍ୱାରା ଦଣ୍ଡ ବ୍ୟବସ୍ଥା ଉଲ୍ଲେଖ ଅଛି ସେଗୁଡିକୁ ଶୁଣି ସରଳ ବିଶ୍ୱାସୀ ଓ ଧର୍ମଭୀରୁ ଲୋକମାନେ ଭୟଭୀତ ହୋଇଯାଉଛନ୍ତି ।

ବ୍ରାହ୍ମଣମାନେ ଆଉ ଟିକିଏ ଅତିରଞ୍ଜିତ କରି ଲୋକମାନଙ୍କର ମାନସିକ ଶୋଷଣ କରୁଛନ୍ତି । ଯମପୁରର ସମ୍ପୂର୍ଣ୍ଣ କାଳ୍ପନିକ କାହାଣୀ ଦ୍ୱାରା ଲୋକମାନେ ଏତେ ପ୍ରଭାବିତ ଯେ ପରିବାରର କେହି ବିଶେଷ କରି ଗୁରୁଜନଙ୍କ ମୃତ୍ୟୁ ପରେ ପରେ ପରିବାରଜନଙ୍କ ମାନସିକ ଦୁଃଖ ବେଳେ ହିଁ ଆର୍ଥିକ ଦୋହନ ଆରମ୍ଭ ହୋଇଯାଉଛି । ଦ୍ୱିତୀୟ ଦିନରୁ ବାର ଦିନ ପର୍ଯ୍ୟନ୍ତ ବିଭିନ୍ନ ଧାର୍ମିକ କର୍ମକାଣ୍ଡ କରିବାକୁ କୁହାଯାଉଛି । ଯଥା: ଶ୍ରାଦ୍ଧକର୍ମ ସହିତ, ପିଣ୍ଡଦାନ, ବ୍ରାହ୍ମଣ ଭୋଜନ, ବସ୍ତ୍ରଦାନ, ଭୁଦାନ, ଗୋଦାନ, ସ୍ୱର୍ଣ୍ଣ ଦାନ ଆଦି କରିବାକୁ ପଡିଥାଏ । ତାପରେ ମଧ୍ୟ ଯଜମାନକୁ ରକ୍ଷା ମିଳୁନାହିଁ । ମୃତକର ଅସ୍ଥି ବିସର୍ଜନ ପାଇଁ ଦୂର

ISSN NO.
2582-208X

ଦୂରାନ୍ତରେଥିବା ପବିତ୍ର ପୁଷ୍କରିଣୀ ବା ନଦୀ ତଟକୁ ଯାଇ ଅସ୍ଥି ବିସର୍ଜନ କରି ଶ୍ରାଦ୍ଧ ଓ ପିଣ୍ଡଦାନ କରିବାକୁ ପଡିଥାଏ । ଏହାଦ୍ୱାରା ନଦୀ ଓ ପୁଷ୍କରିଣୀର ପବିତ୍ର ଜଳ ଦୂଷିତ ହୋଇଥାଏ । ଏହି କର୍ମକାଣ୍ଡ କରାଇବା ପାଇଁ ଦେଶରେ କୋଟି କୋଟି ଟଙ୍କାର ବ୍ୟବସାୟ ଚାଲିଛି । ଗୋଟିଏ ବର୍ଷ ପର୍ଯ୍ୟନ୍ତ ପୂଜା କରି ପ୍ରତିଦିନ ବ୍ରାହ୍ମଣଙ୍କୁ ଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି – "ବ୍ୟଞ୍ଜନ ଅଥବା ଛତ୍ର ଆଦି ଯେ ମିଳିବ, ବ୍ରାହ୍ମଣଙ୍କୁ ନିତିପ୍ରତି ଦାନ ଦେଉଥିବ । ନ ଛାଡିବ ଦିନେ ଦାନ ବର୍ଷ ଶେଷ ଯାଏଁ, ଦାନ କଲେ ଏହିପରି ପ୍ରେତ ମୋକ୍ଷ ପାଏ ।" (ଚତୁର୍ଦ୍ଦଶ ଅଧ୍ୟାୟ)

ଗରୁଡ଼ ପୁରାଣରେ କିନ୍ତୁ ଜ୍ଞାତି କୁଟୁମ୍ବ ଓ ସାହି ପଡିଶାଙ୍କୁ ଡାକି ମୃତ ଭୋଜ ଦେବା କଥା ଲେଖା ହୋଇନାହିଁ । ପୁରାଣ ଲେଖକ ବୋଧେ ଯଜମାନ ଉପରେ ଦୟାକରି ଏହି ଆର୍ଥିକ ବୋଝକୁ କମ କରିଦେଇଛନ୍ତି । ଲେଖକ ବି ଜାଣିଥିଲେ ଯେ ବ୍ରାହ୍ମଣମାନଙ୍କର ଯେତିକି ପାଇବା କଥା ସେତିକି ତ ନେଇ ଯାଉଛନ୍ତି ତେଣିକି କିଏ ଖାଉ କି ଭୋକରେ ରହୁ ତାଙ୍କର ଯାଏ ଆସେ କଅଣ ? ତଥାପି ସେହି ଦୁଃଖଦ ଅବସରରେ କାହିଁକି ଓ କେବେ ଠାରୁ ଲୋକମାନଙ୍କୁ ମୃତ୍ୟୁ ଭୋଜ ଦେବା ପ୍ରଥା ଆରମ୍ଭ ହୋଇଛି ତାର ଇତିହାସ ମିଳିପାରୁନି ? ସମ୍ଭବତଃ ଦୂର ଦୂରାନ୍ତରୁ ଶୋକ ପ୍ରକଟ କରି ଶ୍ରଦ୍ଧାଞ୍ଜଳୀ ଜଣାଇବାପାଇଁ ଆସୁଥିବା ବନ୍ଧୁ ବାନ୍ଧବଙ୍କୁ ଭୋଜନ ଦେବା ଏକ ଔପଚାରିକ ଓ ଶିଷ୍ଟାଚାର ଥିଲା । ପରେ ପାଖ ପଡ଼ିଶାର ଲୋକମାନଙ୍କୁ ମଧ୍ୟ ସାମୂହିକ ଭାବେ ଭୋଜନ ଦେବା ଏକ ବାଧ୍ୟତା ମୂଳକ ପ୍ରଥାରେ ପରିଣତ ହୋଇଯାଇଛି । ଭାବିବାକୁ ଗଲେ ଏଥିରେ ସେମିତି କିଛି ଦୋଷ ଥିବା ଭଳି ଲାଗୁନି । ମୃତକଙ୍କ ପରିବାରକୁ ସାନ୍ତ୍ୱନା ଦେବାକୁ ଏକତ୍ରିତ ହୋଇଥିବା ଜନତାଙ୍କୁ ଭୋଜନ ଖୁଆଇବାରେ ଦୋଷ କଅଣ ? ଯାହାର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥାଏ ତାଙ୍କପାଇଁ ତ ଆଦୌ କୌଣସି ସମସ୍ୟା ନାହିଁ । ଅସଲ ସମସ୍ୟା ସୃଷ୍ଟି ହେଉଛି ଗରିବ ଶ୍ରେଣୀର ଲୋକମାନଙ୍କର । ପ୍ରଥମେ ବ୍ରାହ୍ମଣମାନଙ୍କ କଥା ମାନି ଦାନ ଦକ୍ଷିଣା ଦେଇ ଦେଇ ସର୍ବସ୍ୱାନ୍ତ ହୋଇଯାଇଥିବା ଲୋକ ପୁଣି ସମାଜକୁ ବାଧ୍ୟତା ମୂଳକ ମୃତ୍ୟୁ ଭୋଜି ଖୁଆଇବା ଏହି ଭଳି ଭୋଜିରେ ଆମିଷ ଓ ମିଠା, ପିଠା ଆଦି ମଧ୍ୟ ଖାଦ୍ୟଥାଳିରେ ପରସା ଯାଉଥିବା ଦେଖା ଯାଉଛି । ଏହା

ISSN NO.
2582-208X

କଣ ବିବାହ ବା ଜନ୍ମଦିନ ଭଳି କୌଣସି ଖୁସିର ମୁହୂର୍ତ୍ତ? ନିଜର ଜମା ପୁଞ୍ଜି ନଥିଲେ ସାହୁକାରଙ୍କ ଠାରୁ ଋଣ କରି କିମ୍ବା ନିଜର ଭୂମି ବିକ୍ରିକରି ଏହି ଖର୍ଚ୍ଚ ତୁଲାଇବାକୁ ସେ ବାଧ୍ୟ ହୋଇଥାଏ । ଦେଶର ଅଧିକାଂଶ ଲୋକ ତ ଗରିବ ଶ୍ରେଣୀର । ସେଥିପାଇଁ ସେମାନଙ୍କର ଗୋଟିଏ ବଡ଼ ସମସ୍ୟାକୁ ସୁଧାରିବାପାଇଁ ଗତ ୧୯୬୦ ମସିହାରେ ରାଜସ୍ଥାନ ସରକାର "ମୃତ୍ୟୁ ଭୋଜ ନିଷେଧ ଅଧିନିୟମ" ପାରିତ କଲେ । କିନ୍ତୁ ଗତ ୬୦ ବର୍ଷ ହେଲା ଲାଗୁ ହୋଇପାରି ନଥିଲା । ଗତ ୨୦୨୧ ମସିହାରେ ସେହି ନିୟମକୁ ଲାଗୁ କରିଛନ୍ତି । କଥାରେ ଅଛି – "ଦେର ଆଏ ଦୁରୁସ୍ତ ଆଏ" । ଏହି ଅଧିନିୟମ ଅନୁସାରେ ରାଜସ୍ଥାନର କୌଣସି ଗ୍ରାମ ଓ ସହରରେ ପରିଜନଙ୍କ ମୃତ୍ୟୁ ପରେ କୌଣସି ପ୍ରକାର ଧାର୍ମିକ କର୍ମକାଣ୍ଡ ଏବଂ ମୃତ୍ୟୁ ଭୋଜ ଦେବା କାର୍ଯ୍ୟକ୍ରମକୁ ନିଷେଦ୍ଧ କରି ଦିଆଯାଇଛି । ମୃତ୍ୟୁ ଭୋଜ ଆୟୋଜନ କରିବା ଏବଂ ସେଥିରେ ଯୋଗଦେବା ଅପରାଧ ବୋଲି ଘୋଷଣା କରାଯାଇଛି । ଏହାକୁ ଆୟୋଜନ କରିଥିବା ବ୍ୟକ୍ତି, ଏହାକୁ ଉତ୍ସାହିତ ବା ସମର୍ଥନ କରିଥିବା ଓ ସେଥିରେ ଯୋଗ ଦେଇଥିବା ବ୍ୟକ୍ତିଙ୍କୁ ଏକ ବର୍ଷର ଜେଲ ଦଣ୍ଡ କିମ୍ବା ଏକ ହଜାର ଟଙ୍କା ଜୋରିମାନା କିମ୍ବା ଉଭୟ ଦଣ୍ଡ ମିଳିବ । ଯେ କୌଣସି ବ୍ୟକ୍ତି, ଗ୍ରାମ ସେବକ କିମ୍ବା ସରପଞ୍ଚ ରାଜ୍ୟର ପ୍ରଥମ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ ପାଖରେ ମୃତ୍ୟୁ ଭୋଜକୁ ସ୍ଥଗିତ କରିବାପାଇଁ ଆବେଦନ ପତ୍ର ଦାଖଲ କରିପାରିବେ । ପୋଲିସ ମଧ୍ୟ କୋର୍ଟରୁ ସ୍ଥଗିତ ଅର୍ଡର ନେଇ ଅୟୋଜନକୁ ବନ୍ଦ କରି ସମସ୍ତ ସାମାନକୁ ଜବତ କରିପାରିବେ । ସ୍ଥଗିତ ଆଦେଶକୁ ନମାନି ଯଦି କେହି ଏହି କାର୍ଯ୍ୟକୁ ସମ୍ପାଦନ କରିବେ ତାହେଲେ ଆୟୋଜକଙ୍କୁ ଏକ ବର୍ଷ ଜେଲ କିମ୍ବା ଏକ ହଜାର ଟଙ୍କା ଜୋରିମାନା କିମ୍ବା ଉଭୟ ଦଣ୍ଡ ଦିଆଯାଇ ପାରିବ । ଏହି ଆୟୋଜନ ପାଇଁ ଯଦି କୌଣସି ବ୍ୟକ୍ତି କାହାଠାରୁ ଉଧାର ବା ଋଣ ନେଇଥିବେ ତେବେ ସେହି ଟଙ୍କା ଫେରାଇବା ବାଧ୍ୟତା ମୂଳକ ନୁହେଁ । ଉଧାର ବା ଋଣ ଦେଇଥିବା ବ୍ୟକ୍ତି ଫେରସ୍ତ ପାଇବାପାଇଁ ଦାବି କରିପାରିବ ନାହିଁ । ଦାବି କଲେ ତାଙ୍କୁ ମଧ୍ୟ ଏକ ବର୍ଷ ଜେଲ କିମ୍ବା ଏକ ହଜାର ଟଙ୍କା ଜୋରିମାନା କିମ୍ବା ଉଭୟ ଦଣ୍ଡ ମିଳିବ । ରାଜସ୍ଥାନ ସରକାରଙ୍କର ଏହି ସାଧୁ ଉଦ୍ୟମ ପାଇଁ ପ୍ରତ୍ୟେକ ବର୍ଗର ବୁଦ୍ଧିଜୀବୀ ଓ ସଚେତନ ବ୍ୟକ୍ତି ସ୍ୱାଗତ କରୁଛନ୍ତି । ପ୍ରେତ ସଂସ୍କାର ଓ ଅତୃପ୍ତ ଆତ୍ମାର ମୋକ୍ଷ ପ୍ରାପ୍ତି ନାମରେ, ମୃତ ବ୍ୟକ୍ତିଙ୍କୁ ପିଣ୍ଡଦାନ କରିବା,

ISSN NO.
2582-208X

ବ୍ରାହ୍ମଣଙ୍କୁ ଦାନ ଦକ୍ଷିଣା ଦେବା, ବହୁତ ଲୋକମାନଙ୍କୁ ଭୋଜି ଖୁଆଇବା ହେଉଛି ସମ୍ପୂର୍ଣ୍ଣ ଅନ୍ଧବିଶ୍ୱାସ । ଏହା କରିବା ଦ୍ୱାରା ମୃତ ବ୍ୟକ୍ତିର କୌଣସି ଫାଇଦା ହେଉନାହିଁ ବରଂ ତାଙ୍କର ପରିବାର ଲୋକମାନେ ଆର୍ଥିକ ଓ ମାନସିକଭାବେ କ୍ଷତିଗ୍ରସ୍ତ ହୋଇଥାନ୍ତି ।

ଆମ ଦେଶର କେନ୍ଦ୍ର ସରକାର "ମୃତ୍ୟୁ ଭୋଜ ନିଷେଦ୍ଧ କାନୁନ" ପ୍ରଣୟନ କରିବା ଦରକାର କିମ୍ବା ରାଜସ୍ଥାନ ଭଳି ପ୍ରତ୍ୟେକ ରାଜ୍ୟରେ "ମୃତ୍ୟୁ ଭୋଜ ନିଷେଦ୍ଧ ଅଧିନିୟମ" ପାରିତ ହେବା ନିହାତି ଆବଶ୍ୟକ । ଏହା ଦ୍ୱାରା ଦେଶର ଅନେକ ଗରିବ ଶ୍ରେଣୀର ଲୋକମାନେ ଆର୍ଥିକ ଶୋଷଣରୁ ମୁକ୍ତ ହେବେ । ସାଧାରଣ ଜନତା ଯଦି ସେମାନଙ୍କର ପୂର୍ବାଗ୍ରହ ତ୍ୟାଗ କରି ବୈଜ୍ଞାନିକ ଦୃଷ୍ଟିକୋଣରୁ ପ୍ରେତ ପୂଜା ଓ ପିଣ୍ଡ ଦାନର ଆବଶ୍ୟକତା (?) ଉପରେ ମୁକ୍ତ ମନରେ ବିଚାର କରିବେ ତେବେ ପୂର୍ବରୁ ଆମ ଦେଶରେ ସତୀଦାହ ପ୍ରଥା, ନରବଳି ପ୍ରଥା ଓ ବାଳବିବାହ ପ୍ରଥା ନିଷେଦ୍ଧ ହୋଇଥିବା ଭଳି ଏହି ପ୍ରଥାକୁ ମଧ୍ୟ ଆମେ ବନ୍ଦ ଓ ତ୍ୟାଗ କରି ପାରିବା । ଏହା ଦ୍ୱାରା ମୃତ ବ୍ୟକ୍ତିଙ୍କର କୌଣସି କ୍ଷତି ହେବ ନାହିଁ ବରଂ ବଞ୍ଚି ରହିଥିବା ତାଙ୍କର ଶୋକ ସନ୍ତପ୍ତ ପରିବାରଜନଙ୍କର ଯଥେଷ୍ଟ ଫାଇଦା ହେବ । ଆମ ଦେଶର ପବିତ୍ର କୁହାଯାଉଥିବା ଅନେକ ନଦୀ ଓ ପୁଷ୍କରିଣୀ ଗୁଡିକ ଏହି ଧାର୍ମିକ କର୍ମକାଣ୍ଡ ଯୋଗୁଁ କେତେ ପରିମାଣରେ ଦୂଷିତ ହେଉଛି ? ଏ କଥା ସଭିଏଁ ଜାଣନ୍ତି । ଏଗୁଡ଼ିକୁ ସଫା କରିବା ବାହାନାରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ସୁଫଳ ମିଳୁନି । ଆଜିର ଯୁଗରେ ନିଜର ସ୍ୱାସ୍ଥ୍ୟ ତଥା ପରିବେଶକୁ ନିର୍ମଳ ରଖିବାପାଇଁ ବାୟୁ ଓ ଜଳ ପ୍ରଦୂଷଣ ରୋକିବା ପ୍ରତ୍ୟେକ ନାଗରିକଙ୍କ ପରମ କର୍ତ୍ତବ୍ୟ ହେବା ଉଚିତ ।

ମୋ : ୯୪୮୨୦୧୬୨୬୦

ISSN NO.
2582-208X

# ଶବର କୋଣାର୍କ

ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ଛାତି ପଥରରେ ପାଦ ଅଳତାରେ
ଆଙ୍କି ଥିଲୁ ଯେଉଁ ଗାର
ପ୍ରତିଟି ଗାରରେ ଅଙ୍କା ହୋଇଥିଲା
ଅଢେଇ ଅକ୍ଷର ଠାର,
ଜହ୍ନ ଆଲୁଅରେ ପଢ଼ିଥିଲି ବୋଲି
ପ୍ରତିଟି ଅକ୍ଷର ଭାବ
ଜୀବ ଥାଉ ଥାଉ ଶରୀରଟା ହେଲା
ଅଭିଶପ୍ତ ଏକ ଶବ,
ଶବର କୋଣାର୍କେ ଯଦି କିଏ ଆଙ୍କେ
ପ୍ରତି ଅତୀତକୁ ମୋର
କିଛି ପଢି ମୋତେ ଆଦର୍ଶ ମାନିବେ
କିଛି କରିବେ ଆଦର ,
ବଳକାରୁ କିଛି ନିଶ୍ଚିତ କରିବେ
ମୋ ଶବକୁ ତିରସ୍କାର....
ଛାତି ପଥରରେ ପାଦ ଅଳତାରେ
ଆଙ୍କି ଥିଲୁ ଯେଉଁ ଗାର ।।

ଚକାପଦା
୯୧୭୮୪୭୫୪୩୭

ISSN NO.
2582-208X

# ମୋ ନିଃଶ୍ୱାସରେ ଚିତ୍ରଲେଖା



ଆର୍ଯ୍ୟ ଦାସ

ନିଛାଟିଆ ଏଇ ଅନ୍ଧାର ରାତିରେ ବାଟ ଚାଲୁଚାଲୁ
ତୁମ କଥା ମନେପଡେ ଚିତ୍ରଲେଖା
ସବୁଠି ଚର୍ଚ୍ଚାରେ ଆର୍ଯ୍ୟଦାସ ରହି
ତୁମକୁ ........ ମୁଁ କରିଛି ଅପେକ୍ଷା ।।
ଭାବନାରେ ମୋର ନିତି ଆସି ତୁମେ
ଯୌବନରେ ସତେ ଲଗାଅ ଯେ ଛିଟା
ତୁମ କଥା ଭାବି ଭାବି ଚିତ୍ରଲେଖା
ହୋଇଛି ସତେକି କାବ୍ୟର ସ୍ରଷ୍ଟା ।।
ତୁମ ରୂପବେଶ ବର୍ଣ୍ଣନା କଲେ ମୁଁ
ଦୁନିଆଟା ସତେ ଫିକା ପଡିଯାଏ
ନିଛାଟିଆ ଏଇ ସହର ଭିତରେ
ତୁମ କଥା ଭାବି ମୁଁ ହଜିଯାଏ ।।
ଆଜି ମୋ ପ୍ରେମ ତୁମକୁ ଖୋଜୁଛି
ଯୋଉଠି ଅଛ ତୁମେ ଫେରିଆସ
ତୁମ ବିନା ଅଧା ପଡିରହିଅଛି
ମୋ ସ୍ୱପ୍ନ ଆଉ ପ୍ରେମର ଉଆସ ।।
ତୁମକୁ ନେଇ ମୋ କାବ୍ୟ ସଂକଳନ
ଚିତ୍ରଲେଖା ଆଦ୍ୟାଶା କରୁଛି ସମୀକ୍ଷା
ମୋ ନିଃଶ୍ୱାସରେ ମୋ ବିଶ୍ୱାସରେ
ଯୁଗେ ଯୁଗେ ତୁମେ ଅଛ ଚିତ୍ରଲେଖା ।।

ସପ୍ତଶଯ୍ୟା, ଢେଙ୍କାନାଳ

ISSN NO.
2582-208X



# ଗରିବ



ଅବିନାଶ ସାହୁ

ତତ୍କାଳୀନ କଟକ ଜିଲ୍ଲାର ମାର୍ଶାଘାଇ ଅଞ୍ଚଳ। କେଉଁ ଆବହମାନ କାଳରୁ ବହି ଯାଉଛି ଚିତ୍ରୋତ୍ପଳା ନଦୀର ଶାଖା ନଈ ଲୁଣା। ଲୁଣାନଈ କୂଳେ ଗୋଟାଏ ଛୋଟିଆ ଗାଁ ଆଇତିପୁର। ଗାଁରେ ହାତ ଗଣତି ଛୋଟ ଛୋଟ ଦିକୋଡ଼ି ପୁଞ୍ଜେ ଘର। କୁମୁଦ ସୁବୁଦ୍ଧି ଯିଏ କି ଚୋରା ମଦ କାରବାରରେ ଲିପ୍ତ। ତା'ର ସମ୍ପତ୍ତି କହିଲେ ବିଲ ଦୁଇମାଣ ଓ ନୁଆଣିଆ ନଡ଼ା ଛପର ହୋଇଥିବା ଘରଡିହ ଖଣ୍ଡକ। ସେ କେବେଠୁ ଆରପାରିକୁ ଗଲାଣି ଏବେ ଉତ୍ତର ଦାୟାଦ ଭାବେ ସେ ଘରେ ତା'ର ପୁଅ କୁବେର ଆଉ ନାତି କୁଞ୍ଜ ବସବାସ କରୁଛନ୍ତି। କୁବେର ବାପାଙ୍କ ପଥ ଅନୁସରଣ କରି ମଦ ବେପାର କରିବା ସହ ମାଣେ ବିଲରେ ଧାନ ଆଉ ମାଣେ ବିଲରେ ପାନ ଚାଷ କରି ତେଲ ଲୁଣର ସଂସାରକୁ ସୁଖେ ଦୁଃଖେ ଚଳାଇନେଉଥିଲା। କୁବେର ପୁଅ କୁଞ୍ଜର ଉଚ୍ଚଶିକ୍ଷା କରିବାକୁ ଇଚ୍ଛା ଥିଲେ ମଧ୍ୟ ଅର୍ଥାଭାବରୁ ସେ ତାହା କରିବାରୁ ନିବୃତ ରହିଲା। ବାପା ସହ ମିଶି ଚାଷରେ ମନ ଦେବାରୁ ତା' କ୍ଷେତରେ ସୁନାର ଫସଲ ଫଳିଲା। ଦିନ କେଇଟା ମଧ୍ୟରେ କୁଞ୍ଜ ଆଉ ଚାରିମାଣ ଜମି କିଣି ପକାଇଲା। ଧୀରେ ଧୀରେ ସେ ଖଣ୍ଡମଣ୍ଡଳରେ ବିକ୍ରି ହେଉଥିବା ସବୁ ଜମିକୁ ବୁଦ୍ଧି ଲଗାଇ ଶାଗମାଛ ଦରରେ କରାୟତ କରିପାରିଲା। କୁଞ୍ଜ ଆଉ ତା'ର ପରିବାର ନୁଆଣିଆ ଛପର ଘରେ ରହିଲେ ନାହିଁ ବରଂ ପକ୍କାଘର ତିଆରି କରି ସେଥିରେ ବସବାସ କରିବା ସହ ଘରେ କାମ କରିବା ପାଇଁ ଦୁଇ ଚାରିଜଣ ହଳିଆ ମଧ୍ୟ ରଖିଲେ। ଧାନ ପାନ ଆଦାୟ

ISSN NO.
2582-208X

ଅମଳ ହିସାବ ତଦାରଖ ପାଇଁ କୁଞ୍ଜ ପାଖ ଗାଁର ତରୁଣକୁ ୧୦ଟଙ୍କା ଦରମା ଦେଇ କାମରେ ଲଗାଇଲା ।

ବର୍ତ୍ତମାନ କୁଞ୍ଜର ବିଭାହେବା ବୟସ। ବଡ଼ଲୋକିଆ ଠାଣି ଦେଖି ଆଖପାଖ ଅଞ୍ଚଳର ସମସ୍ତେ ବନ୍ଧୁ ବାନ୍ଧିବାକୁ ଗୋଡ଼ଟେକି ବସିଥାନ୍ତି। କୁବେର ବହୁ ବଛାବଛି କରି ଘରପାଇଁ ପାଇଟିଆ ବୋହୂଟିଏ ଚୟନ କଲା। ବୋହୂର ନା କାମିନୀ, ସେ ପାଖ କରଞ୍ଜ ଗାଁର ଝିଅ। କୁଞ୍ଜ ଆଉ କାମିନୀର ବିବାହ ରାଧାଷ୍ଟମୀ ଦୁଇ ଦିନ ଥାଇ ଅନୁଷ୍ଠିତ ହେଲା। ବାହାଘର ପଂକ୍ତିରେ ଯୋଗଦେବାକୁ ପିଲାଠୁ ବୁଢ଼ା ପ୍ରାୟ ହଜାରେ ଲୋକ ଆସିଥିଲେ। ବୋହୂଟି ରୂପଗୁଣରେ ଯେମିତି ପାଇଟି ପତରରେ ମଧ୍ୟ ସେମିତି ଧୁରନ୍ଧର। କାମିନୀ ମିଶାଣିଆ ହୋଇଥିବାରୁ କେହି ଖୋଜିଲେ ମଧ୍ୟ ଖୁଣଟିଏ କାଢ଼ି ପାରିବେ ନାହିଁ। ବିବାହର ତିନିବର୍ଷ ଭିତରେ କାମିନୀ କୋଳକୁ ପୁଅଟିଏ ଆସିଲା। କୁଞ୍ଜ ଖୁସିରେ ପୁଅର ଏକୋଇଶିଆ ପାଳନ କରି ତାର ନାଁ କୁଳମଣି ରଖିଲା। ପୁଅଟି ଜନ୍ମହେବା ପରଠାରୁ କୁଞ୍ଜର ଧନ ସମ୍ପତ୍ତି ଆଶାତୀତ ଭାବେ ବଢ଼ିବାକୁ ଲାଗିଲା।

ମା'ହେବାର ସୌଭାଗ୍ୟ ଅର୍ଜନରେ ଦାୟିତ୍ୱ ତୁଲାଇ କୁଳମଣିର ଯତ୍ନ କରୁ କରୁ କାମିନୀ ନିଜକୁ ଘରର ମାଲିକାଣୀ ମନେକରି ଆଉ କୌଣସି କାମଧନ୍ଦାରେ ମନ ଦେଲା ନାହିଁ। ଦିନେ ସବୁକାମରେ ଅଗଭର ହେଉଥିବା କାମିନୀ ଏବେ ପୁରା କାମଚୋରଣୀ। ଏହି ପରିବର୍ତ୍ତନ ଦେଖି କୁଞ୍ଜ କାମିନୀକୁ ଆକଟ କଲେ ମଧ୍ୟ ସେ ଶୁଣିଲା ନାହିଁ ବରଂ ଉଭୟଙ୍କ ମଧ୍ୟରେ ମନାନ୍ତର ହେଲା। ତେଣୁ ଘରେ ରୋଷେଇବାସ ଠାରୁ ଆରମ୍ଭ କରି ଲିପାପୋଛା ସବୁକାମ କରିବା ପାଇଁ ଘରଣୀ ଥାଉ ଥାଉ କୁଞ୍ଜ ଦୁଇଜଣ ସ୍ତ୍ରୀ ଲୋକଙ୍କୁ କିଛି ପାଉଣା ଦେଇ ଘରେ ରଖିଲା। କୁଳମଣି ବଡ଼ ହେବାରୁ ସେ ପାଠ ପଢ଼ିବା ପାଇଁ ଗଲା। ଘରେ କୁଳମଣିର କୋଉଥିରେ ଅଭାବ ନଥିବାରୁ ସେ ମନ ମୋଟାଣିଆ ହୋଇ ଅ ରୁ ଔ ଶିଖି ପାରିଲା ନାହିଁ। କେବେ ଯଦି କୁଳମଣିକୁ କୁଞ୍ଜ ନାଲିଆଖି ଦେଖାଏ ତେବେ କାମିନୀ ଘରଟାକୁ ଗୋଟାପଣେ ନବଖଣ୍ଡ କରିଦିଏ। ମା'ର ସାହସ ପାଇ ପୁଅ ଯେତେବେଳେ ଯାହା ପାଇଲା ମନଇଚ୍ଛା ଘରୁ ଟଙ୍କାନେଇ ସାଙ୍ଗସାଥୀ ମେଳରେ ଉଡ଼େଇଲା। ବାପା କୁଞ୍ଜ ଏବଂ

ISSN NO.
2582-208X

ଜେଜେ କୁବେର ଯେତେ ବାଧାଦେଲେ ମଧ୍ୟ କୁଳମଣି ଏକାବେଳକେ ନଛୋଡ଼ବନ୍ଧା। ଏହା ଦେଖି କୁଳମଣିକୁ ବାହା କରାଇଦେଲେ କାଳେ ତା' ମନ ଘରକାମରେ ଲାଗିବ ବୋଲି ଭାବି ଗୋଟାଏ ସୁନ୍ଦର ତରୁଣୀ ସହ କୁଞ୍ଜ ବାହାଘର କରାଇଦେଲା। କିନ୍ତୁ ଫଳ ଫଳିଲା ଠିକ୍ ଓଲଟା ଘରେ ନ ପଶୁଣୁ ମୁଣ୍ଡରେ ଚାଳ ବାଜିଲା। କୁଳମଣି ଓ ତା' ସ୍ତ୍ରୀ ମାଆ କାମିନୀ ସହ ମିଶି ଦଶ ମଙ୍ଗଳା ଦିନ କୁଞ୍ଜ ଓ କୁବେରକୁ ଘରୁ ତଡିଦେଇ ସବୁ ସମ୍ପତ୍ତିକୁ ନିଜ ହାତମୁଠାରେ ରଖିଲେ। କୁଳମଣି ମୂର୍ଖାମିର ଫାଇଦା ନେଇ ତରୁଣ ସବୁ ଟଙ୍କାପଇସା ଲୁଟିବାକୁ ଲାଗିଲା। ଘରୁ ଧନ ସମ୍ପତ୍ତି ସରିଆସୁଥିବା ଦେଖି ପୁଅବୋହୂ ମିଶି ମା'କୁ ଘରେ ଖାଇବାକୁ ନ ଦେଇ ଅକଥନୀୟ ନିର୍ଯାତନା ଦେବାରୁ କାମିନୀ ଦିନେ ଲୁଚି ଘରଛାଡ଼ି ପଳାଇଲା। ସେ ଗାଁ ଗାଁ ବୁଲି ଭିକ ମାଗିଲା। ଯିଏ ଯାହା ଦେଲା ତାକୁ ଖାଇ କଷ୍ଟେ ମଷ୍ଟେ ବଞ୍ଚି ରହିଲା। କାମିନୀ ଘରୁ ଚାଲିଯିବାର ସୁଯୋଗ ନେଇ କୁଞ୍ଜ କାମଦାମ ପାଇଁ ରଖିଥିବା ଦୁଇ ମହିଳାଙ୍କୁ ପ୍ରଲୋଭନ ଦେଖାଇ ତରୁଣ ନିଜ ହାତମୁଠାକୁ ଆଣିଲା।ସେମାନଙ୍କୁ ବତାଇ କୁଳମଣି ଓ ତାର ସ୍ତ୍ରୀକୁ ଖାଦ୍ୟରେ ବିଷ ଦେଇ ହତ୍ୟାକଲା ଆଉ ନିଜେ ଅଚଳାଚଳ ସମ୍ପତ୍ତିର ମାଲିକ ହୋଇ ଦୁଇ ମହିଳାଙ୍କୁ ଏକସଙ୍ଗେ ଫୁଲ ବିବାହ କଲା।

କୁବେର ଆଉ କୁଞ୍ଜ ଘରୁ ତଡ଼ା ଖାଇ ଯାଇ ବହୁଦୂରରେ କୌଣସି ପ୍ରକାରେ କାମଧନ୍ଦା କରି ପୁଣି ପୁରୁଣା ମଦ ବ୍ୟବସାୟ ଆରମ୍ଭ କଲେ ସତ କିନ୍ତୁ କୁବେର ବୁଢ଼ା ହୋଇଯାଇଥିବାରୁ ସେ ଆଉ ଅଧିକ ପରିଶ୍ରମ କରିପାରିଲା ନାହିଁ। ଖରା ଶୀତ ସହି କୁବେର ସାତମାସ କାଳ ଖଟିଆରେ ପଡ଼ି ରହିଲା। କୁଞ୍ଜ ମଦ ବେପାର କଲେ ମଧ୍ୟ କୁବେରର ମରିବା ଯାଏଁ ନିତି ସେବାରେ ଲାଗିଥାଏ। ବାପା ଗଲାପରେ କୁଞ୍ଜ ଏବେ ଏକା। ଏକା ଏକା ସେ ରହିବା ପାଇଁ ବେପାରରୁ କିଛି ଟଙ୍କା ସଞ୍ଚୟ କରି ନିଜପାଇଁ ଛୋଟ କୁଡ଼ିଆଟେ ତିଆରି କଲା। ସେହି କୁଡ଼ିଆଟିରେ ସେ ଅତି ଆନନ୍ଦରେ ରହିଲା। ଦିନେ ସକାଳୁ କୁଞ୍ଜ ମହୁଲ ସଂଗ୍ରହ ପାଇଁ ଯାଇଥିବା ବେଳେ ଗଛମୂଳରେ କେହି ଜଣେ ସ୍ତ୍ରୀ ଲୋକ ମହୁଲ ଗୁଡ଼ାକ ଖାଉଥିବାର ଦେଖି ତାକୁ ବିରକ୍ତ ହେଲା। କୁଞ୍ଜ ପାଖକୁ ଯାଇଦେଖିଲା ବେଳକୁ ସେ ଆଉ କେହି ନୁହେଁ ତା ନିଜର ସ୍ତ୍ରୀ କାମିନୀ। କାମିନୀ କୁଞ୍ଜକୁ ଦେଖି କୁଣ୍ଢାଇ ଧରି କାନ୍ଦିବାକୁ ଲାଗିଲା। ସ୍ୱାମୀ

ISSN NO.
2582-208X

ଯେତେ ପଥର ହେଲେ ବି ସ୍ତ୍ରୀର ଦୁଃଖ ଦେଖି ରହିପାରିଲା ନାହିଁ। ସେ କାମିନୀ ଠାରୁ ସବୁ ଖବର ଶୁଣିବା ପରେ ତାକୁ ନିଜ ସାଙ୍ଗରେ ଆଣି ତିଆରି କରିଥିବା କୁଡ଼ିଆଟିରେ ରଖିଲା। କାମିନୀ ନିଜର ପୂର୍ବ ଭୁଲ୍ ବୁଝିପାରିଥିଲା ତେଣୁ ସେ କୁଞ୍ଜକୁ ସବୁ କାର୍ଯ୍ୟରେ ସହଯୋଗ କରିବାରୁ ଉଭୟଙ୍କ ଦିନ ଗୁଡ଼ିକ ସରଳ ଭାବରେ ଅତିବାହିତ ହେଲା।

ଏଇ କୁଞ୍ଜ ଆଉ କାମିନୀ ପରି ବହୁ ଲୋକଙ୍କର ସ୍ୱଅର୍ଜିତ ଅଚଳାଚଳ ଧନସମ୍ପତ୍ତି ରହିଥାଏ ହେଲେ କୁଳବୁଡ଼ା ମୂର୍ଖ ପୁଅ ପାଇଁ ସବୁ ଶେଷ ହୋଇଯାଏ। ବସି ଖାଇଲେ ତ ନଈବାଲି ସରେ କିନ୍ତୁ ପରିଶ୍ରମ କରି ଖାଇଲେ ତୁମ ଉନ୍ନତିରେ କେହି ବାଧକ ସାଜିବେନି। ଜୀବନରେ ଅନେକ ଝଡ଼ଝଞ୍ଜାକୁ ସାମ୍ନା କରିବାକୁ ପଡ଼େ। ଧରାପୃଷ୍ଠରେ ଭଗବାନ କାହାକୁ ଗରିବ ତ କାହାକୁ ମଧବିତ୍ତ ପୁଣି ଆଉ କାହାକୁ ଧନୀ ବା ସମ୍ଭ୍ରାନ୍ତ ଘରେ ଜନ୍ମ ଦେଇଛନ୍ତି। ଗରିବ ଘରେ କିମ୍ବା ମଧ୍ୟବିତ୍ତ ଘରେ ଜନ୍ମନେଲ ବୋଲି କ'ଣ ଉଚ୍ଚ ଶ୍ରେଣୀରେ ପହଞ୍ଚିବା ଅସମ୍ଭବ? ନା ସବୁକିଛି ସମ୍ଭବ। ଏଇ ଯେପରି କୁଞ୍ଜ ନିହାତି ଗରିବ ଘରେ ଜନ୍ମହୋଇ ଅର୍ଥାଭାବରୁ ପାଠପଢ଼ା ଅଧାରୁ ଛାଡ଼ି ନିଜ ପରିଶ୍ରମରେ ବିତ୍ତଶାଳୀ ହୋଇପାରିଲା। ତେବେ ଆମେ ପ୍ରୟାସ ନ କରି କାହା ମାଗଣା ଅଥବା ହାତଟେକା ଦ୍ରବ୍ୟ ପାଇଁ କାହିଁକି ଅନାଇ ରହିବା ? ପୁଣି ଯଦି କିଏ କେବେ ବହୁ ପରିଶ୍ରମ ବଳରେ ଉନ୍ନତିର ସୋପାନ ଚଢ଼ୁଛି ତେବେ ତା ପ୍ରତି ଏତେ ଇର୍ଷା ବିଦ୍ୱେଷଭାବ........

ବାହାଡ଼ାଝୋଲ୍
ଜିଲ୍ଲା- ନୟାଗଡ଼
ଯୋଗାଯୋଗ - ୯୩୪୮୪୦୫୮୪୦

ISSN NO.
2582-208X

# ସତ୍ୟ



ଅଜୟ କୁମାର ରାଉତ

ବୁଲୁଥିଲି ମୁହିଁ ଆମ୍ବ ତୋଟାରେ
ମନରେ ଆସିଲା କବିତାଟିଏ ।
କବିତା ଲେଖିବା ଜାଣିନି ଜମା
ଭୁଲ୍ ହୋଇଥିଲେ କରିବେ କ୍ଷମା ।
ସୁପ୍ତ ଏଇଠି ଆଜିର ସମାଜ,
ସତ୍ୟ ପଥରେ ମିଥ୍ୟା ଚାଲିଛି ।
କଳି ଯୁଗରେ ସତ୍ୟକୁ ପ୍ରମାଣ କରିବାକୁ ହୁଏ
ମିଥ୍ୟାକୁ ପ୍ରଶଂଶା କରାଯାଇଥାଏ ।
ଏଇ ଆମ କଳିଯୁଗ ସମାଜରେ
ଅସାମାଜିକ ବ୍ୟକ୍ତି କରନ୍ତି ଲୁଣ୍ଠନ,
ଅଶିକ୍ଷିତ ଓ ଶିକ୍ଷିତ ଭାସି ଯାଆନ୍ତି
ଅସାମାଜିକ ଦୁର୍ନୀତିଖୋର ବ୍ୟକ୍ତିର ଆଦର୍ଶରେ
ସୁସ୍ଥ ସମାଜ ଅସୁସ୍ଥ ହେଉଛି
ଲୁଚି ଯାଉଅଛି ଅପରାଧ ସବୁ ଅନ୍ଧକାରର ଛାତିରେ
ଦିବସ ଆଲୋକ ନୁହେଁ ବି ସହାୟ
ଅସହାୟ ଜନପାଖରେ ।
ରାଜନୀତିକୁ ଏକ ବ୍ୟବସାୟ

ISSN NO.
2582-208X

ଶିକ୍ଷିତ କି ବୁଝନ୍ତି ଦିଅନ୍ତି ମତ ସାବ୍ୟସ୍ତ
ଜନଗଣ ଆଜି ମଦ ମାଂସରେ ବିକନ୍ତି ସେମାନଙ୍କର ମତ
ନେତା ମନ୍ତ୍ରୀ ଲୁଟାନ୍ତି ସେମାନଙ୍କର ନାର୍ଯ୍ୟ ଦାବିତ ଅଧିକାର
ଭୋଟରଙ୍କ ମା, ଭଉଣୀଙ୍କ ଇଜ୍ଜତ ଲୁଟନ୍ତି ।
ଗଣତନ୍ତ୍ର ଆଜି ନିଜେ ଅସହାୟ
ସହାୟ ହୋଇବ କାହାକୁ!
ନିଯୁକ୍ତି ସୃଷ୍ଟି ନକରି ଶିକ୍ଷିତକୁ କରନ୍ତି ବେକାର
ସଂସାରର ପାପ ଏତେ ବଢିଛି ଶତ୍ରୁ କରିଛି ରକ୍ତକୁ
ସତ୍ୟ ପଥରେ ଥିବା ବ୍ୟକ୍ତିକୁ ପଚାରେ ବା କିଏ
ଧନ ଦୌଲତ ଦେଇ ପାପୀମାନେ ହୁଅନ୍ତି ସମ୍ମାନିତ
ସତ୍ୟ ଓ ନ୍ୟାୟ ପଥରେ ମିଳେ ଅପବାଦ ॥

ଆଇନଜୀବୀ, କଟକ
ମୋ ୮୨୪୯୪୪୩୦୩୩

ISSN NO.
2582-208X

# ସଙ୍ଗାତ ଦେଖ ଶ୍ୟାମଘନକୁ



ସୁହାସିନୀ ବାରିକ୍

ସଂଶୟ ନରଖି ସ୍ମର କଞ୍ଜ ଆଖି
ନୀଳ କନ୍ଦର ସୁନ୍ଦର ।
ଗାଅ ତାର ନାମ ହୋଇଣ ପ୍ରସନ୍ନ
ନ ଦଣ୍ଡିବ ଦଣ୍ଡଧର। ।
ତର ଭବ ବାରି ଜପି ନରହରି
କେଶବ କରୁଣାକର ।
ଦେଇପାରେ ଚଉବର୍ଗ ଏକା ସେହି
ଶ୍ରୀକୃଷ୍ଣ ମୂରଲୀଧର ।
ଖଣ୍ଡଚୁଳିଆ ସେ ଚିକ୍କଣ କାଳିଆ
କଟି ତଟେ ପୀତାମ୍ବର ।
ଶ୍ୟାମ ଘନ ରୂପ କୋଟି ବିଶ୍ୱ ଭୂପ
ସାଧବେ ମନନ କର ।
ମଧୁସୂଦନ ଜନାର୍ଦ୍ଦନ ଶ୍ରୀହରି
ଶଙ୍ଖ ଚକ୍ର ଗଦା ଧର ।

ଘନ ବରନିଆ ସେ ଜଗା କାଳିଆ
ଅଗ୍ରଜ ଯା ହଳଧର ।
ନମ ହରି ପଦ ହରିବ ବିଷାଦ
ଆପଦ ହୋଇବ ଦୂର ।
କୁରଙ୍ଗୀ କରୀ ତାରଣ ନାରାୟଣ
ଶୟନ କ୍ଷୀର ସାଗର ।।

ଗ୍ରାମ ମହୁ, ପୋଷ୍ଟ ମହୁ,
ଥାନା ଆଲ୍,କେନ୍ଦ୍ରାପଡ଼ା

ISSN NO.
2582-208X

# ଗୁରୁ ଦିବସ



ପବିତ୍ର ନାରାୟଣ ବେହେରା

ପ୍ରାଚୀନ ଆର୍ଯ୍ୟ ପରମ୍ପରାର ଗୁରୁବନ୍ଦନାରେ ଗୁରୁଙ୍କୁ ବିଶ୍ୱନିର୍ମାତା ବ୍ରହ୍ମା, ବିଶ୍ୱ ପାଳକ ବିଷ୍ଣୁ ଓ ତେଜସ୍ୱୀ ମହେଶ୍ୱର ଭାବରେ ପରିକଳ୍ପନା କରାଯାଇଛି। ଗୁରୁ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ପରି ସୃଷ୍ଟି କରି ଚାଲିଛନ୍ତି କୋଟିକୋଟି ଶିଷ୍ୟ - ପ୍ରଶିଷ୍ୟଙ୍କୁ, ପାଳକ ବିଷ୍ଣୁଙ୍କ ପରି ସମସ୍ତ ଦାୟୀତ୍ୱ ବହନ କରିଥାନ୍ତି ଶିଷ୍ୟଙ୍କୁ ସଫଳତାର ଚୂଡ଼ାରେ ଅଧିଷ୍ଠିତ କରାଇବା ପାଇଁ ଆଉ ନୀଳକଣ୍ଠ ଶିବଙ୍କ ପରି ଶିଷ୍ୟର ସମସ୍ତ ଦୋଷାଦୋଷକୁ ଗରଳଭଳି ପାନକରି ମଙ୍ଗଳ ଆକାଂକ୍ଷା କରିଥାନ୍ତି।

ଆର୍ଯ୍ୟଭୂମି, ଦେବଭୂମି, ପୁଣ୍ୟଭୂମି ଭାରତବର୍ଷ ହେଉଛି ପୂଜ୍ୟ ପୂଜାର ମାଟି। ଗୁରୁ ପରମ୍ପରାର ମାଟି। ଏଠି କେଉଁ  ଆବହମାନ କାଳରୁ ଗୁରୁପୂଜାର ପରମ୍ପରା ପ୍ରଚଳିତ। ଭାରତମାଟି ହେଉଛି ଏମିତି ଏକ ପବିତ୍ର ମାଟି ଯେଉଁଠି ଗୁରୁପୂଜା, ଗୁରୁବାର, ଗୁରୁଗ୍ରନ୍ଥ, ଗୁରୁଦ୍ୱାର, ଗୁରୁଦୀକ୍ଷା ଆଦି ଗୁରୁଶବ୍ଦର ପ୍ରଚଳନ। ବୈଦିକ କାଳରୁ ଶିକ୍ଷାବ୍ୟବସ୍ଥାର ମୂଳକେନ୍ଦ୍ର ଥିଲା ଗୁରୁ ପରମ୍ପରା। ମୁନୀଋଷି ଯୁଗର ଭାରତବର୍ଷରେ ଗୁରୁଥିଲେ ସର୍ବଶ୍ରେଷ୍ଠ ଆସନର ଅଧିକାରୀ। ଇତିମଧ୍ୟରେ ହଜାରହଜାର ବର୍ଷ ବିତିଯାଇଛି କିନ୍ତୁ ସ୍ମରଣୀୟ ହୋଇ ରହିଯାଇଛି ଗୁରୁଶିଷ୍ୟ ପରମ୍ପରାର କିଛି ପବିତ୍ର ସ୍ମୃତି। ସେଦିନ ଜାରା ଶବର ର ଅନନ୍ୟ ଗୁରୁଭକ୍ତି ଗୁରୁ ଦ୍ରୋଣାଚାର୍ଯ୍ୟଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲା। ଉପମନ୍ୟୁ, ଆରୁଣୀଙ୍କ ପବିତ୍ର ଗୁରୁଭକ୍ତି ଆଦର୍ଶ ପାଲଟିଯାଇଛି ଆଜି। ଆହୁରି ଅନେକ ଗୁରୁଶିଷ୍ୟ ପରମ୍ପରା ଯଥା – ଗୁରୁ ସନ୍ଦିପନି ଶିଷ୍ୟ ଶ୍ରୀକୃଷ୍ଣ, ଗୁରୁ ବଶିଷ୍ଠ ଶିଷ୍ୟ ରାମଚନ୍ଦ୍ର, ଗୁରୁ ରାମଦାସ ଶିଷ୍ୟ

ISSN NO.
2582-208X

ଶିବାଜୀ, ଗୁରୁ ରାମକୃଷ୍ଣ ପରମହଂସ ଶିଷ୍ୟ ସ୍ୱାମୀ ବିବେକାନନ୍ଦ.....ଏମାନଙ୍କ ଉଚ୍ଚ ଆଦର୍ଶର ତେଜୀୟାନ ଶିଖାରେ ଭାରତବର୍ଷ ଯୁଗଯୁଗ ପାଇଁ ଆଲୋକିତ ହୋଇ ରହିଥିବ। ଗୁରୁ ହେଉଛନ୍ତି ସିଏ, ଯିଏ ଶିଷ୍ୟଙ୍କୁ ଅନ୍ଧାରପଥରୁ ଆଲୋକପଥକୁ ନେଇଥାନ୍ତି। ଗୁରୁ ହେଉଛନ୍ତି ସିଏ, ଯିଏ ଶିଷ୍ୟଙ୍କୁ ଅପୂର୍ଣ୍ଣତାରୁ ପୂର୍ଣ୍ଣତାଆଡ଼କୁ ବାଟ ଦେଖାଇଥାଆନ୍ତି। ଆମେ ସେହି ମହନୀୟ ଗୁରୁଙ୍କ ଆଦର୍ଶକୁ ଗ୍ରହଣକରି ଗୁରୁସମାଜକୁ ଉପଯୁକ୍ତ ସମ୍ମାନ ପ୍ରଦାନକଲେ, ଆମ ଜୀବନରେ ସରସ ଓ ସୁନ୍ଦରତା ଆସିବ।

ଆଜି ହେଉଛି ସେପ୍ଟେମ୍ବର ମାସ 5 ତାରିଖ। ଆଜିର ଦିନଟିକୁ ସମଗ୍ର ଭାରତବର୍ଷରେ ଗୁରୁଦିବସ ଭାବେ ପାଳନ କରାଯାଏ। ଏହିଦିନଟି ହେଉଛି ଭାରତର ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ସର୍ବପଲ୍ଲୀ ରାଧକ୍ରିଷ୍ଣନଙ୍କ ଜନ୍ମ ଦିବସ। ଏହି ମହାନ ମହାନାୟକ ୧୮୮୮ ମସିହା ସେପ୍ଟେମ୍ବର ମାସ 5 ତାରିଖରେ ମାନ୍ଦ୍ରାଜର ତିରୁଭାଣୀ ଗ୍ରାମର ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ରାଧାକ୍ରିଷ୍ଣନଙ୍କ ପୂର୍ବପୁରୁଷମାନେ ସର୍ବପଲ୍ଲୀ ଗ୍ରାମରେ ବସବାସ କରୁଥିଲେ। କିନ୍ତୁ ସେଠାରେ ଜୀବିକାର୍ଜନ କଷ୍ଟସାଧ୍ୟ ହୋଇଥିବାରୁ ତାଙ୍କ ପରିବାର ତିରୁପତି ଅଭିମୁଖେ ଯାତ୍ରା କରିଥିଲେ କିନ୍ତୁ କୌଣସି କାରଣବଶତଃ ସେମାନେ ତିରୁଭାଣୀରେ ଅବସ୍ଥାନ କରିଥିଲେ। ତୁଳସୀ ଦୁଇପତ୍ରରୁ ବାସିଲାଭଳି ରାଧାକ୍ରିଷ୍ଣନଙ୍କ ବାଲ୍ୟକାଳରୁ ହିଁ ତାଙ୍କର ଭବିଷ୍ୟତ ବାରିହୋଇ ପଡ଼ିଥିଲା। ପିଲାଦିନୁ ସେ ଭଲ ପାଠ ପଢୁଥିଲେ। ସାଙ୍ଗସାଥୀ ଓ ଗୁରୁଜନଙ୍କ ସହ ତାଙ୍କର ଭଲ ସମ୍ପର୍କଥିଲା। ସେ ଶିକ୍ଷକ ତଥା ଅଧ୍ୟାପକମାନଙ୍କ ଅତି ପ୍ରିୟଥିଲେ। ବି. ଏ ପରୀକ୍ଷାରେ ସେ ଦର୍ଶନଶାସ୍ତ୍ରରେ ବିଶ୍ୱବିଦ୍ୟାଳୟରେ ଟପ ହୋଇଥିଲେ। ତତ୍‌ସହିତ ସ୍ନାତକୋତ୍ତର ଶିକ୍ଷାରେ ମଧ୍ୟ ଦର୍ଶନଶାସ୍ତ୍ରରେ ପ୍ରଥମଶ୍ରେଣୀରେ ପାସ କରିଥିଲେ। ମାନ୍ଦ୍ରାଜ ପ୍ରେସିଡେନ୍ସି କଲେଜର ଅଧ୍ୟକ୍ଷ ମହୋଦୟ ରାଧାକ୍ରିଷ୍ଣନ୍ ଙ୍କ ଜ୍ଞାନରେ ମୁଗ୍ଧହୋଇ ତାଙ୍କୁ ଦର୍ଶନ ଅଧ୍ୟାପକ ରୂପେ ନିଯୁକ୍ତିଦେଲେ। ରାଧାକ୍ରିଷ୍ଣନ୍ ଙ୍କ ଶିକ୍ଷାଦାନର ଚମତ୍କାର ଶୈଳୀକୁ ଉପଲବ୍ଧି କରି ଅନ୍ୟ ବିଶ୍ୱବିଦ୍ୟାଳୟମାନେ ତାଙ୍କୁ ନିଯୁକ୍ତି ଦେବାପାଇଁ ଆଗ୍ରହପ୍ରକାଶ କରିଥିଲେ। ଫଳସ୍ୱରୂପ 1918 ମସିହାରେ ସେ ମହୀଶୂର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗରେ ମୁଖ୍ୟ ଅଧ୍ୟାପକ ରୂପେ ଯୋଗ ଦେଇଥିଲେ। ପୁଣି 1921 ରେ ସେ କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ରୂପେ ଯୋଗ ଦେଇଥିଲେ। 1931 ରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଓ 1939 ରେ ହିନ୍ଦୁ ବିଶ୍ୱବିଦ୍ୟାଳୟରେ କୁଳପତି ପଦମଣ୍ଡନ କରିଥିଲେ। ଏହାବ୍ୟତୀତ କୂଟନୀତିଜ୍ଞ ଭାବରେ

ISSN NO.
2582-208X

1949 ରେ ରୁଷିଆର ରାଷ୍ଟ୍ରଦୂତ,1952 ରେ ଭାରତର ପ୍ରଥମ ଉପରାଷ୍ଟ୍ରପତି ଏବଂ 1962 ରେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଭାବେ କାର୍ଯ୍ୟସମ୍ପାଦନ କରି ସୁନାମ ଅର୍ଜନ କରିଥିଲେ। ସେ ଯେତେବେଳେ ଉପରାଷ୍ଟ୍ରପତି ସହ ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳପତି ଥିଲେ, ସେତେବେଳେ ଜଣେ ଛାତ୍ରଙ୍କଠାରୁ ଗୋଟିଏ ଚିଠି ପାଇଥିଲେ। ଚିଠିରେ ଲେଖାଥିଲା ଯେ – "ମୁଁ ଜଣେ ଗରୀବ ଛାତ୍ର। ବହି କିଣିବାପାଇଁ ଅର୍ଥ ମୋତେ ବାଧକ ସାଜୁଛି। ଆପଣଙ୍କ ପାଖରେ ଥିବା କିଛି ବହି ଯଦି କିଛିଦିନପାଇଁ ମୋତେ ଦିଅନ୍ତେ, ତାହାହେଲେ ମୁଁ ଉପକୃତ ହୁଅନ୍ତି।"; ଏହି ଚିଠିଟି ପଢ଼ିସାରିବାପରେ ରାଧାକ୍ରିଷ୍ଣନ୍ ସେହି ପିଲାଟିକୁ ସାହାଯ୍ୟ କରିବା ନିମନ୍ତେ ଡାକଦ୍ୱାରା କିଛି ବହି ପ୍ରେରଣ କରିଥିଲେ। ଏହାହିଁ ଥିଲା ତାଙ୍କର ପିଲାପ୍ରତି ଭଲପାଇବାର ତଥା ସାହାଯ୍ୟ କରିବାର ଚରମ ନିଦର୍ଶନ। କହିବାକୁ ଗଲେ, ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଥିଲେ ଏକାଧାରରେ ଜଣେ ମହାନ୍ ଦାର୍ଶନିକ, ବିଚକ୍ଷଣ କୂଟନୀତିଜ୍ଞ ଓ ପରିପକ୍ୱ ରାଜନୀତିଜ୍ଞ। ତତ୍ସହିତ ସେ ଥିଲେ ଜଣେ ଉତ୍ତମ ଶିକ୍ଷକ। ଥରେ ଯେତେବେଳେ ତାଙ୍କର ଜନ୍ମଦିବସକୁ ଜାତୀୟସ୍ତରରେ ଉତ୍ସବରୂପେ ପାଳନ କରିବାପାଇଁ ପ୍ରସ୍ତାବ ଆଗତ କରାଗଲା, ସେ ସେତେବେଳେ ଅର୍ଥାତ୍ ଦେଶ ସ୍ୱାଧୀନ ହେବାପରେ ଛାତ୍ରଛାତ୍ରୀମାନଙ୍କର ଗୁରୁମାନଙ୍କ ପ୍ରତି ଭକ୍ତିଭାବ କମି ଆସିବାର ଲକ୍ଷ୍ୟ କରିଥିଲେ, ଯାହାକି ତାଙ୍କୁ ଖୁବ୍ ବାଧିଥିଲା। ତେଣୁ ଗୁରୁଶିଷ୍ୟ ସଂପର୍କକୁ ନିବିଡ କରିବାନିମନ୍ତେ ସେ ତାଙ୍କର ଜନ୍ମତିଥିକୁ ଗୁରୁମାନଙ୍କ ନିମନ୍ତେ ଉତ୍ସର୍ଗ କରିଥିଲେ। ତେଣୁ ଏହି ଦିନଟିକୁ ଗୁରୁଦିବସ ରୂପେ ପାଳନ କରାଯାଏ।

ଅଧ୍ୟାପକ
ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ଶେରଗଡ଼,ଗଞ୍ଜାମ

ISSN NO.
2582-208X

# ମୁଁ ଟିକି କାଶତଣ୍ଡୀ

ପ୍ରେମଶିଲ୍ ରାଉତ

ଆଦିଶକ୍ତି ମାତା ତୁମ ଆଗମନେ
ହୁଏ ଆରମ୍ଭ ପାର୍ବଣ
ପାର୍ବଣ ସାଥିରେ ଆସିଥାଏ ମୁହିଁ
ମାଆଙ୍କୁ କରି ଆହ୍ୱାନ ।

ତୁମ ଦରଶନ ଲଭିବା ପାଇଁ କି
ଧରାକୁ ଓହ୍ଲାଇ ଆସେ
ଚାତକ ପରି ମୁଁ ଚାହିଁ ରହିଥାଏ
ଏଇ ଆଶ୍ୱିନ ମାସେ ।

ମନେ ମୋର କେତେ ଆଶାର ଜୁଆର
ଖେଳେ ପବନ ଦୋଳିରେ
ତୁମରି ବାଟକୁ ଚାହିଁ ରହିଥାଏ
କେତେ ଯେ ହସଖୁସିରେ ।

ତୁମରି ପରଶ ପାଇବାକୁ ଥରେ
ବ୍ୟାକୁଳ ହୁଅଇ ମନ
ନିଜକୁ ସଜେଇ ରହିଥାଏ ସତେ
ପାଇବାକୁ ଦରଶନ ।

ନଦୀ ପଠା ଓ ରାସ୍ତା କଡ଼ରେ ଆଉ
ଥାଏ ମୁହିଁ ଧାନକ୍ଷେତେ

ISSN NO.
2582-208X

ଦେଖିବି ବୋଲି ମାଁ ଆକୁଳ ହୃଦୟେ
ଚାହିଁ ରହିଥାଏ କେତେ ।

ଆହେ ଦଶଭୁଜା ସିଂହବାହିନୀ ମାଁ
ଆଣ ହେ ଖୁସି ବାରତା
ତୁମରି ଦର୍ଶନେ ଜଣାଇବି ମୋର
ମନର ଦରଦ ବ୍ୟଥା ।

ଆଶା ଟିଏ ମନେ ଉଙ୍କି ମାରେ ମୋର
ପୂର୍ଣ୍ଣ କରିବ ହେ ମାତା
କୋଳେଇ ନେଇ ମତେ ଗଭାରେ ଖଞ୍ଜିବ
ଝରେଇ ତୁମ ମମତା ।

ସୁଖ ଦୁଃଖ ସବୁ ଜଣେଇବି ମାତା
ଶ୍ରୀ ଚରଣେ କରି ଅଳି
ତୁମ ପାଦ ସ୍ପର୍ଶେ ଧନ୍ୟ ହୋଇ ମାତା
ଖୁସିରେ ଯିବି ମଉଳି ।

ବୃନ୍ଦାବାହାଲ, ଗୋଲ୍‌ମୁଣ୍ଡା
ଜିଲ୍ଲା- କଳାହାଣ୍ଡି

ISSN NO.
2582-208X

# ପ୍ରେମ କୋଣାର୍କ



ରାମ ଚନ୍ଦ୍ର ପ୍ରଧାନ

ସାତ ଜନମର ମିଠା ସ୍ମୃତି ନେଇ
ଗଢ଼ା ଆମ ଏ ସମ୍ପର୍କ
କେମିତି ଭୁଲିବି କହ ସାଥି ତୋତେ
ଭାଙ୍ଗି ତୋ ପ୍ରେମ କୋଣାର୍କ ।
ତଳ ଦିନ କଥା ମନେ ମୋ ପଡୁଛି
ଭାବନାରେ ଘର କରି
ପ୍ରଣୟର ଛୁଆଁ ନିରବି କାନ୍ଦୁଛି
ବିରହରେ ହୋଇ ଘାରି ।
ଉଡୁ ଥିଲୁ ତୁହି ପ୍ରଜାପତି ହୋଇ
ମନ ଅଗଣାରେ ମୋର
ମିଠା ସପନରେ ବାନ୍ଧି ରଖି ଥିଲୁ
ଦୁନିଆକୁ କରି ପର ।
ହେଲେ ଆଜି କାହିଁ ଏମିତି ହେଉଛୁ
ସତେ କି' ଜାଣିନୁ ମୋତେ
ଚାହିଁ ଦେଲେ ଟିକେ ରାଗିରୁଷି ଯାଇ
ଛଇ ଦେଖାଉଛୁ କେତେ ।
ତୁ ସିନା ଭୁଲିଛୁ ମୁଁ କିନ୍ତୁ ଭୁଲିନି
ଏବେ ବି ପାଉଛି ଭଲ
ତୋ ପ୍ରେମ କୋଣାର୍କେ ରଙ୍ଗ ଭରିଦେବି

ISSN NO.
2582-208X

କରିଦେଲେ ଟିକେ ଗେଲ ।
ସତ ମୁଁ କହୁଛି ଭୁଲିଯିବି ସବୁ
ବିଗତ ଦିନର ପୀଡ଼ା
ଚନ୍ଦ୍ରଭାଗା କୂଳେ ବୁଲାଇ ନେବି ମୁଁ
କରିବାକୁ ଜଳକ୍ରୀଡ଼ା ।
ବିଶ୍ୱାସ ଭରସା ହୃଦୟରେ ରଖି
ଲେଖିବା ପ୍ରେମର ଗପ
ପ୍ରେମେ ପଣ କରି ପ୍ରେମର କୋଣାର୍କେ
ଜାଳିବା ପ୍ରେମର ଦୀପ ।

ଶିକ୍ଷକ
ଟେକ୍ନକାଲ୍ ହାଇସ୍କୁଲ୍, ଆସିକା, ଗଞ୍ଜାମ
ମୋ :9861638736

ISSN NO.
2582-208X

# ବିନୟ ବଚନ

ରମେଶ ଚନ୍ଦ୍ର ପ୍ରଧାନୀ

ବଡ଼ ହିତକାରୀ ବିନୟ ବଚନ
କହୁଥିଲେ ହସି ହସି
ହୃଦୟ ଜିଣଇ କୋଟି ଜନତାଙ୍କ
ମନରେ ଦିଏ ସେ ଖୁସି ।

ବିନୟ ବଚନ ମହୁ ପରି ମିଠା
ଶୁଣିବାକୁ ଭାରୀ ଇଚ୍ଛା
ଶୁଣିବା ଲୋକର କର୍ଣ୍ଣ ହୁଏ ଧନ୍ୟ
ରହିଲେ ସଦା ସଦିଚ୍ଛା ।

ବିନୟ ବଚନ ଟାଣି ନିଏ ମନ
ପଥ ହୁଏ ଆଲୋକିତ
ତମସା ବରଷା ବତାଷି ପବନ
ହୋଇଯାଏ ପ୍ରଶମିତ ।

ବିନୟ ବଚନ କରେ ଜାଗରଣ
ସୁପ୍ତ ହୁଅଇ ସଜାଗ
ଏକ ପଦ କଥା ଦୂର କରେ ବ୍ୟଥା
ଦେଇଥାଏ ସେ ସୁଯୋଗ ।

ବିନୟ ବଚନ ଅମୃତ ସମାନ
ଯଦି ନାହିଁ କପଟତା

ISSN NO.
2582-208X

ଅମୂଲ୍ୟ ରତନ ସମ ମନେ ହୁଏ
ଦେବାକୁ ନାହିଁ କେ ଦାତା।

ବିନୟ ବଚନ କରେ ଆକର୍ଷଣ
ଶତ୍ରୁ ହୋଇଥାଏ ବନ୍ଧୁ
ଜୀବନ ଯୁଦ୍ଧରେ କେବେ ସେ ନହାରେ
ଲଭଇ ଉତ୍ତମ ବନ୍ଧୁ ।

ଭଲ ଉଦ୍ଦେଶ୍ୟରେ ବିନୟ ବଚନ
କରିଥାଏ ମଧୁମୟ
ସଂସ୍କାରିତ ହୁଏ ତନ ମନ ହୃଦ
ଅସ୍ଥିରତା ପରାଜୟ ।

ବେଳେ ବେଳେ ଏହି ବିନୟ ବଚନ
ହୋଇଯାଏ ସ୍ୱାର୍ଥପର
ନିଜ ସ୍ୱାର୍ଥ ପାଇଁ ପର ସ୍ୱାର୍ଥ ହାନି
କରିଥାଏ ବାରମ୍ବାର ।

ନିର୍ବିକାର ହେଉ ଚୁକ୍ତି ଶୁନ୍ୟ ହେଉ
କରହେ ନିଃସ୍ୱାର୍ଥପର
ତେବେ ସିନା ହେବ ବିନୟ ବଚନ
ବହିବ ଅମୃତଧାର ।

ନିଷ୍କପଟ ହେଉ ଛଳନା ନରହୁ
ବିନୟ ବଚନେ ସଦା
ବହୁମୂଲ୍ୟ ହେବ ବିନୟ ବଚନ
ଦେବ ନାହିଁ କେବେ ବାଧା।

ବଲାଙ୍ଗୀର

ISSN NO.
2582-208X

# ଜୀବନର ରଙ୍ଗ



ସପ୍ତର୍ଷି ନାୟକ

ଲାଲ୍, ହଳଦିଆ ଓ ନୀଳ ହେଉଛନ୍ତି ମୌଳିକ ରଙ୍ଗ। ଏହି ୩ଟି ରଙ୍ଗରୁ ଅନ୍ୟାନ୍ୟ ରଙ୍ଗ ମାନଙ୍କର ସୃଷ୍ଟି। ମଣିଷ ମଧ୍ୟ ସମୟ ସହ ଅନେକ ରଙ୍ଗ ବଦଳେଇଥାଏ। ସମସ୍ତେ କିନ୍ତୁ ପରିବର୍ତ୍ତନର ରଙ୍ଗକୁ ଦେଖିପାରନ୍ତି ନାହିଁ । ହୁଏତ ଏ ରଙ୍ଗ କିଛି ଲୋକଙ୍କୁ ହିଁ ଦିଶେ । ସେଭଳି ଏକ ମଣିଷ ହେଉଛି ପ୍ରତିଜ୍ଞା। ବାପା ମାଆଙ୍କର ଗୋଟିଏ ବୋଲି ଝିଅ । ବାପା ଉଦ୍ଭିଦ ବିଜ୍ଞାନ (Botany) ଅଧ୍ୟାପକ ଓ ମା ସୁଗୃହିଣୀ । ଜନ୍ମ ପରଠାରୁ ତା ମା ତାକୁ ବହୁତ ଭଲପାଆନ୍ତି। ତାକୁ ବିଭିନ୍ନ ପରିବେଶରେ ବିଭିନ୍ନ ରଙ୍ଗର ଅନୁଭବ ହେଇଥାଏ। ଯେତେବେଳେ ସେ ରାଗିଯାଏ କି ଡରିଯାଏ ତାର ରଙ୍ଗ ଗୁଡିକ ସବୁ କୁଆଡେ ଉଭାନ ହୋଇଯାନ୍ତି। ପଢାପଢିରେ ସେ ଜଣେ ଉତ୍ତମ ଛାତ୍ରୀ ଥିଲା ପିଲାଟିଦିନରୁ ସେ ଏକା ଏକା ନିଜ ସହ ଗପି ଗପି ଦିନ କାଟିଦିଏ । ନବମ ଶ୍ରେଣୀରେ ସ୍କୁଲରେ ପଢୁଥିବା ସମୟରେ ସେ ସ୍କୁଲର ଗଣିତ ଶିକ୍ଷକଙ୍କ ପାଖକୁ ପାଠ ବୁଝିବା ପାଇଁ ଗଲାବେଳେ ଥରେ ଦେଖିଲା ତାଙ୍କ କବାଟ ବନ୍ଦ ଅଛି। ଆଗରୁ କେବେ ସେ ଶିକ୍ଷକଙ୍କ କବାଟ ଏମିତି ବନ୍ଦ ହେବାର ଦେଖିନଥିଲା। ତେବେ ସେଠାରୁ ଫେରିଲାବେଳେ ତାର କ'ଣ ମନେ ହେଲା କେଜାଣି ସେ କିଛି ସମୟ ରହିଗଲା। ତାପରେ ସେ କବାଟ ପାଖରେ ଥିବା ଝରକା ମଧ୍ୟଦେଇ ଭିତରକୁ ଚାହିଁକି ଦେଖିଲା। ସେ ଦେଖିଲା ଶିକ୍ଷକ ଭିତରେ ଜଣେ ସ୍ତ୍ରୀ ଲୋକ ସହ କଥା ହେଉଥାନ୍ତି। ସ୍ତ୍ରୀ ଲୋକଟି କାନ୍ଦି କାନ୍ଦି ବାରମ୍ବାର କିଛି ମନା କରୁଥାଏ। ଶବ୍ଦ ସବୁ ସୁଣା ନ ଗଲେ ବି ଜଣେ ସେ ସ୍ତ୍ରୀ ଲୋକକୁ ଦେଖିଲେ କହିପାରିବ ଯେ ସେ କିଛି ପ୍ରତିରୋଧ କରୁଥାଏ। କିନ୍ତୁ

ISSN NO.
2582-208X

ସେ କିଛି ନ ଶୁଣି ସେ ସ୍ତ୍ରୀଲୋକକୁ ଜବରଦସ୍ତି କୁଣ୍ଢେଇବାକୁ ଚାହୁଁଥାଆନ୍ତି । ପ୍ରଥମେ ତାକୁ ସ୍ତ୍ରୀ ଲୋକର ମୁହଁ ଦିଶୁନଥାଏ। କିନ୍ତୁ ଯେତେବେଳେ ସେ ସ୍ତ୍ରୀ ଲୋକ ଜଣକ ମୁହଁ ବୁଲାଇ ସେ ଝରକା ଆଡକୁ ଦେଖେ ସେ ସ୍ତ୍ରୀ ଲୋକ ଜଣକ ହେଉଛନ୍ତି ଶାନ୍ତି ମାଉସୀ, ଯେ କି ତାଙ୍କ ସ୍କୁଲର ପିଅନ। ଝରକା ଜାଗା ଅନ୍ଧାର ଥିବାରୁ ଝରକା ଭିତରୁ ବାହାରର କିଛି ଦିଶୁନଥାଏ। ସେ ସ୍ତ୍ରୀଲୋକ ଦେହରେ ତାକୁ ଖାଲି ନାଲି ନାଲି ଛିଟା ଛିଟା ଦାଗ ଦେଖାଯାଏ। ତାପରେ ସେ ନିଜ ଦେହକୁ ଦେଖିଲେ ସେଇ ଦାଗ ତା ଦେହସାରା ମଧ୍ୟ ଦେଖାଯାଏ । ସେ ସେଠାରୁ ଦୌଡିକି ସିଧା ଘରକୁ ଆସିକି ତା ମା' କୁ ସବୁ କଥା କହିଦିଏ। ସେ କହେ କେମିତି ତା ଦେହଜାକ ବି ନାଲି ନାଲି ରଙ୍ଗ ଦେଖାଯାଉଛି ବୋଲି । ତା ମା କିନ୍ତୁ ତା ଦେହରେ କିଛି ଦେଖିପାରନ୍ତି ନାହିଁ । ସେ ଭାବିଲେ କାଳେ ତାଙ୍କ ଝିଅକୁ କିଛି ଭ୍ରମ ହେଇଛି ବୋଲି। ସେ ଚୁପ ରହିଯାଏ।

ବିଳମ୍ବିତ ରାତି ଯାଏ ପାଠ ପଢୁଥିବାରୁ ଧୀରେ ଧୀରେ ତାର ଆଖି ଖରାପ ହୋଇଯାଇଥାଏ। ଶ୍ରେଣୀରେ ବସିବା ସମୟରେ ତାକୁ କଳାପଟା ଗୁଡିକ କେବଳ କଳା ଓ ଧଳାର ମିଶ୍ରିତ ରଙ୍ଗରୁପରେ ଦେଖାଯାଏ । ପ୍ରଥମେ ସେ ତା ମା କୁ ଏକଥା କହେ। ହେଲେ ତା ମା ଭାବନ୍ତି ଝିଅ ମାନସିକ ରୋଗୀ ବୋଲି। ସେ ଭୟରେ ବାପାଙ୍କ ସହ କୌଣସି କଥା ପ୍ରକାଶ କରିପାରେ ନାହିଁ । ବାପାଙ୍କୁ ଦେଖିଲେ ଯେପରି ତା ଆଖି ଆଗରେ ସବୁକିଛି ଧଳାରଙ୍ଗ ହେଇଯାଏ । ସେ କଣ କହିବ କଣ କରିବା କିଛି ଚିନ୍ତା କରିପାରେ ନାହିଁ। ଧୀରେ ଧୀରେ ତା ଆଖି ଦି'ଟା ଅଧିକ ନଷ୍ଟ ହେଇଯାଏ । ଡାକ୍ତରଙ୍କୁ ଦେଖେଇବା ପରେ ସେ ମୋଟା ମୋଟା ଲେନ୍ସ ଥିବା ଚଷମା ପିନ୍ଧିଲା ଓ ତା ଆଖି ଆଉ କେବେ ଭଲ ହେଇପାରିବ ନାହିଁ ବୋଲି ଡାକ୍ତର କହିଲେ। ବାପା ଓ ମା ଦୁହେଁ ଏଥିପାଇଁ ପରସ୍ପରକୁ ଦୋଷାରୋପ କରିଲେ।

ପାଠ ପଢିସାରିବା ପରେ ଚାକିରି କରିବା ଆଗରୁ ତା ବାପା ମା ଯୋଗ୍ୟ ବାର ଦେଖି ତା ପ୍ରସ୍ତାବ ଠିକ କରିଦେଲେ। କିନ୍ତୁ ବାହାଘରର ରଙ୍ଗ ତା ପାଇଁ ଥିଲା ବର୍ଷାଦିନର ବାଦଲଠାରୁ ବି ଅଧିକ କଳା। ସ୍ୱାମୀ ଉଚ୍ଚଶିକ୍ଷିତ ହେଇଥିଲେ ମଧ୍ୟ ତାକୁ ସବୁବେଳେ ଅନ୍ୟ ସ୍ତ୍ରୀ ମାନଙ୍କ ସହ ତାକୁ ତୁଳନା କରେ। ଫଳରେ ବାହାଘର ପରେ ମଧ୍ୟ ସେ ନିଜ ସ୍ୱାମୀକୁ

ISSN NO.
2582-208X

ନିଜର ବୋଲି ଭାବିପାରେ ନାହିଁ । ତାକୁ ସ୍କୁଲରେ ଦେଖିଥିବା ସେ ଘଟଣା ସବୁ ମନେପଡେ। ତା ହାତ ସାରା ନାଲି ରଙ୍ଗ ଭରିଯାଏ ପୁଣିଥରେ। ସେ ନାଲି ରଙ୍ଗ ସତେ ଯେପରି ତା ମାନସପଟରୁ କେବେ ଉଭେଇନଥିଲା। ତା ବାହାଘରର ରଙ୍ଗ ଆହୁରି କଳା ସେତେବେଳେ ହେଇଯାଏ ଯେତେବେଳେ ତାର ଝିଅ ଜନ୍ମ ହୁଏ । ସ୍ୱାମୀ ଯେପରି ତାକୁ ଏକ ଦୋଷୀ ଭଳି ବ୍ୟବହାର କରେ। ତା ଝିଅକୁ ନେଇକି କିନ୍ତୁ ତା ମନରେ ବିଲକୁଲ ବି ଦୁଖ ନଥାଏ । ସେ ତା ଝିଅର ନାମ ରଖିଥିଲା ବର୍ଣାଳୀ। ସମସ୍ତ ବର୍ଣର ସମାହାର ବର୍ଣାଳୀ। ତାକୁ ନେଇ ସେ ଗର୍ବ କରେ। ପୁଣି ଭାବେ ତା ବାପା ମା କେବେବି ତ ଝିଅ ବୋଲି ତାକୁ ଘୃଣା କରିନାହାନ୍ତି। ସବୁଦିନ ସ୍ୱାମୀର ଅତ୍ୟାଚାର ସହିବା ପରେ ଦିନେ ଶେଷରେ ତାକୁ ତା ସ୍ୱାମୀ ଛାଡିଦବାର ଧମକ ଦିଏ । ସେ ମଧ୍ୟ ତା ସ୍ୱାମୀର କଥାକୁ ଆକଟ କରେନାହିଁ। ତା ସ୍ୱାମୀକୁ ସମ୍ମାନ ଦେଇ ଘରୁ ଆଉ ତା ସ୍ୱାମୀ ଜୀବନରୁ ତା ଝିଅକୁ ନେଇକି ବାହାରି ଆସେ । ସେ କେବେବି ତା ସ୍ୱାମୀକୁ ଦୋଷ ଦିଏନାହି କି ତା ଭାଗ୍ୟକୁ ମଧ୍ୟ ଦୋଷ ଦିଏ ନାହିଁ ।

ଭୁବନେଶ୍ୱର ଆସିକି ଏକ ଭଡା ଘରେ ରହିକି ନିଜ ପାଇଁ ଚାକିରି ଖୋଜୁଥାଏ । ଶାଶୁଘରୁ ଆସିବା ପରେ ତାର ଆଉ ବାପା ଘରକୁ ଯିବାର ମଧ୍ୟ ସାହସ ନଥାଏ। ତା ପରେ ଯଦି ବାହାଘର ପରେ ଝିଅ ବାପଘରେ ଆସିକି ରୁହେ ତେବେ ଲୋକ କହିବେ କଣ ? ଶେଷରେ ଭୁବନେଶ୍ୱର ରେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ସେ ଶିକ୍ଷକ ରୂପରେ ନିଯୁକ୍ତି ହୁଏ । ପ୍ରଥମେ ଦି ପ୍ରାଣୀଙ୍କୁ ଭଡାଘରେ ରହି ଚଳିବାକୁ ଅସୁବିଧା ହଉଥିଲେ ମଧ୍ୟ ଧୀରେ ଧୀରେ ପଇସାର ଅଭାବ ମଧ୍ୟ କମିଯାଏ। ମା ଝିଅ ଦିଜଣ ଖୁବ ହସ ଖୁସିରେ ଦିନ କାଟୁଥାନ୍ତି । ବର୍ଣାଳୀକୁ ଦେଖିଲେ ଯେପରି ତା ଦେହରେ ଇନ୍ଦ୍ରଧନୁର ସାତ ରଙ୍ଗ ଥିଲା ଭଳି ପ୍ରତିଜ୍ଞାକୁ ଲାଗେ। ଝିଅଟି ମଧ୍ୟ ଯେପରି ମା'ର ଦୁଃଖ ବୁଝି ନିଜକୁ ପଢା ପଢିରେ ଏକଦମ ନିଯୋଜିତ କରିଦେଇଥାଏ। ଦଶମ ବୋର୍ଡ ପରୀକ୍ଷାରେ ଟପ୍ପର ହେଲାପରେ ସେ ଏକ ଭଲ କଲେଜରେ ଯୁକ୍ତ ୨ ବିଜ୍ଞାନରେ ନାମ ଲେଖାଇଥାଏ। ବର୍ଣାଳୀ ଦେଖିବାକୁ ଯେମିତି ଗୋଟିଏ ଚାଉଳରେ ଗଢା ପାଠରେ ମଧ୍ୟ ସେମିତି ବିଜ୍ଞ। କିନ୍ତୁ ବହୁତ ଚେଷ୍ଟାପରେ ମଧ୍ୟ ସେ

ISSN NO.
2582-208X

ମେଡ଼ିକାଲ କି ଇଞ୍ଜିନିୟରିଂ ପାଇଁ ଥିବା ଆଇ.ଆଇ.ଟି ର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଇପାରେନାହିଁ। ଶେଷରେ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ତା'ର ଏଡମିଶନ ହୁଏ । ବର୍ଣ୍ଣାଳୀ କଲେଜ ଯାଏ ହେଲେ କାହା ସହ କଥାବାର୍ତ୍ତା କରେନାହି। ଧୀରେ ଧୀରେ କଲେଜରେ ଥିବା ଏକ ପୁଅର ପ୍ରେମଜାଲରେ ଫସିଯାଏ ସେ। ଯେଉଁଦିନ ସେ ପୁଅ ତାକୁ ଛାଡି ଆଉ ଜଣକୁ ଭଲପାଏ ସେଦିନ ରାତିଯାକ ବର୍ଷାରେ ଓଦା ହେଇ କାନ୍ଦେ ସେ। ତାପରେ ଯେମିତି ସେ ଏକ ପ୍ରକାର ମୂକ ପାଲଟିଯାଏ। ଦିନେ ପ୍ରତିଜ୍ଞାକୁ କଲ ଆସେ କି ତା ଝିଅ ଆତ୍ମହତ୍ୟା କରିଛି। ସେ ବିଚଳିତ ହେଇ ଯେତେବେଳେ କଲେଜକୁ ଯାଏ ଦେଖେ ଯେ ହଷ୍ଟେଲର ଫ୍ୟାନରେ ଦୌଡ଼ିରେ ଝୁଲୁଛି ତା ଝିଅ ବର୍ଣ୍ଣାଳୀ। ଗୋଟିଏ ରକ୍ତ ଥିବା ଦିଟା ମଣିଷ ସତରେ କଣ ଏତେ ଅଲଗା ହେଇପାରନ୍ତି ? ଏକଥା ଭାବି ଭାବି ପ୍ରତିଜ୍ଞା ନିର୍ବାକ ହେଇଯାଉଥାଏ । ଝିଅର ଦେହରେ ଦେଖୁଥିବା ସବୁ ରଙ୍ଗଗୁଡିକ ସତେ ଯେମିତି ତା ଆଖିଆଗରୁ ଉଭେଇଯାଉଥାନ୍ତି । ତା ଦେହ ସାରା କେବଳ ଲାଲ ରଙ୍ଗଗୁଡିକ ପୁଣି ଯେପରି ସତେଜ ହୋଇ ଉଠୁଥାନ୍ତି ।।।

ରିସର୍ଚ୍ଚ ସ୍କଲାର
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜ ବିହାର
ଭ୍ରାମ୍ୟଭାଷା-୮୨୪୯୯୯୭୬୬୭

ISSN NO.
2582-208X

# ମୁଁ ମରିଗଲେ....



ଦେବାଶିଷ ମୁଦୁଲି

ମୁଁ ମରିଗଲେ ମୋ ଶବକୁ କେହି
କାନ୍ଧେଇ ନେଇ ଯିବନି।
ମୋ ଶବକୁ ଟିକେ ଅଟକେଇ ଦେବ
ତାର ଆସିବା ବେଳ ଯାଏ...।
ସେ ଆସିବନି ମୋ ଶବ ପାଖକୁ
ଦୂରେ ଥାଇ ଦେଖିଦେବ, ଆଉ
ଦୁଇ ଠୋପା ଲୁହ ଝରେଇବ।
ମୁଁ ମରିଗଲେ....

ତାର ସେଇ କାନ୍ଦ କୁମ୍ଭୀର କାନ୍ଦଣା
ତାର ସେଇ ହସ ସୁଧର ପାଉଣା
ସେ କାନ୍ଦରେ ଭାଳି ଯିବନି,
ରେ ସାଥିରେ, ତା କଥା ଭାବିବନି।
ମୁଁ ମରିଗଲେ....

ମୋତେ ମୋ ଦାଣ୍ଡରେ ଶୁଆଇ ଦେବ ହେ
ମୋ ଗାଁଆଁ ମାଟିରୁ ମୁଠେ ଦେଇଦେବ

ISSN NO.
2582-208X

ସେତିକି ମୁଁ କରେ ଆଶା।
ମୁଁ ମରିଗଲେ....

ଛ ଖଣ୍ଡ କାଠରେ ବୋହି ନେବ ମୋତେ
କାଠର ପଲଙ୍କେ ଶୁଆଇବ ମୋତେ
କାଠର ବିଛଣା ପୁଣି କାଠର ଚଦର
ଘୋଡ଼ାଇ ଦେବ ଗୋ ମୋତେ,
ମୁଁ ସଂସାର ଛାଡ଼ି ଯିବି ସତେ।
ମୁଁ ମରିଗଲେ....

ମୋ ଯୁଇ ପାଖକୁ ଡାକିବନି ତାକୁ
ମୋ ନିଆଁ ହୋମରେ
ଭାଗି କରିବନି ତାକୁ
ସେ ଆସିଲେ, ମୁଁ ଶାନ୍ତିରେ ଯାଇ ପାରିବିନି।
ମୁଁ ମରିଗଲେ...

ଆହୁତି ଦେବକୁ କାଠ ଲୋଡା ନାହିଁ
ତାର ମୋର ସ୍ମୃତି ଅଲୋଡ଼ା ତା ପାଇଁ
ତାକୁ ଦେବ ଗୋ ଆହୁତି
ମୁଁ ଶାନ୍ତିରେ ଯିବି ଗୋ ଚାଲି।
ମୁଁ ମରିଗଲେ...

ବାଗସାହି, ଜଗତସିଂହପୁର

ISSN NO.
2582-208X

# ପାହାନ୍ତି ସପନ

କାହ୍ନା ନାୟକ

ବସନ୍ତର ଋତୁ ଥିଲା
ପ୍ରିୟା ମୋର ଭିଜୁଥିଲା
ଟିପ୍ ଟିପ୍ କାକରଟେ
ତା ଦେହରେ ପଡୁଥିଲା
ମଥାରେ ଓଢଣୀ ଆଉ
ପାଦରେ ପାଉଁଜି ଦେଲା
କୁଆଁରୀ କନ୍ୟାରୁ ସେତ
ନବବନ୍ଧୁ ବେଶ ହେଲା
ପ୍ରିୟାର ଏ ରୂପ ଦେଖି
ଜହ୍ନ ବି ତ ଲୁଚିଗଲା
ଧିରେ ଧିରେ ସଞ୍ଜ ହେଲା
ରାତି ପୁଣି ପାହିଗଲା
ମିଛ ନୁହେଁ ସତ କଥା
ପ୍ରିୟା ମୋର ବାହା ହେଲା
ମୋ ଭଲ ପାଇବା ସତେ
ପ୍ରାରମ୍ଭରୁ ସରିଗଲା
ତା କଥା ମୁଁ ଭାବି ଭାବି
ଡେରିରେ ମୋ ନିଦ ହେଲା
ଆଖି ମୋର ଖୋଲିଗଲା
ପାହାନ୍ତି ସପନ ଥିଲା ।

ବିଦ୍ୟାଧରପୁର, କଟକ

ISSN NO.
2582-208X

# ହେ ପ୍ରିୟା



ମହେଶ୍ୱର ପ୍ରଧାନ

ହେ ପ୍ରିୟା, କାହିଁକି ଦେବି ତ ଗୋଲାପ ଫୁଲ
ସେ ତ ମଉଳି ଯିବ
ହେ ପ୍ରିୟା, ଏ ମୋ ହୃଦୟର ଫୁଲ
ତୁମକୁ ଦେବି ତ ସାରା ଜୀବନ ତୁମ ପାଖେ ଥିବ
ହେ ପ୍ରିୟା, ଜହ୍ନ ସିନା ଭୁଲିଯାଏ ଅମାବାସ୍ୟା ରାତିକୁ
ରାତି ଭୁଲେ ନାହିଁ ଜହ୍ନକୁ
ହେ ପ୍ରିୟା, ମୁଁ ଭୁଲି ଯାଇପାରେ ଏ ସାରା ଦୁନିଆକୁ
ହେଲେ ଭୁଲିବିନି ମୁଁ କେବେ ତମକୁ
ହେ ପ୍ରିୟା, ପ୍ରେମ ପାଇଁ ସିନା ବନ୍ଦ ରଖିଥିଲି
ଏ ମୋ ହୃଦୟର ସବୁ ଦୁଆର
ହେ ପ୍ରିୟା, ତୁମକୁ ପାଇଁ ତ ବୁଝିଗଲି
ମୋ ପାଇଁ ପ୍ରେମ ଯେ କେତେ ମଧୁର
ହେ ପ୍ରିୟା, ଆଜି ଯାଏଁ ଯାହା କହିମୁଁ ପାରିନି
ତୁମ ଆଗେ ସବୁ ଦେଲି କହି
ହେ ପ୍ରିୟା, କେତେ ଯେ ରଙ୍ଗ ଭରି ଦେଲ ମନେ
ପାଖେ ପାଖେ ମୋ ଛାଇ ପରି ରହି
ହେ ପ୍ରିୟା, ଭୁଲି ଗଲି ମୁଁ ଯେ ଥିଲ ମୋ ପାଇଁ

ISSN NO.
2582-208X

ଆଗରୁ ଅଜଣା ରାଇଜ ପରୀ
ହୋ ପ୍ରିୟା, ତୁମ ନୀଳ ଆଖି ଡାକି ତ ନେଉଛି
ଅଜଣା ରାଇଜକୁ ସତେ
ହୋ ପ୍ରିୟା, ତୁମ ହରିଣୀ ଚାହାଣୀ ଜଣାଇ ଦେଉଛି
ଭଲ ତ ପାଉଛ କେତେ
ହୋ ପ୍ରିୟା, ତୁମେ ହେଲ ମୋ ପ୍ରୀତି ପ୍ରେମର ମନ୍ଦିର
ମୁଁ ତୁମ ସେହି ମନ୍ଦିରର ପ୍ରେମୀ ପୂଜାରୀ
ହୋ ପ୍ରିୟା, ଗୁହାରି ଶୁଣ ତୁମ ପ୍ରେମୀ ଭକ୍ତ ପୂଜାରୀର
ତୁମ ପ୍ରେମ ସାଗରରେ ମତେ ଢେଉ କରାଇ ଦିଅରେ
ହୋ ପ୍ରିୟା, ନାଚି ନାଚି ଆଜି ତୋରଣ କରିବି ତୁମ ପ୍ରେମ ସାଗରରେ
ଦେଶ-ଦେଶାନ୍ତରେ କହି ମୁଁ ଚାଲିବି କେତେ ଭଲ ପାଅ ମତେରେ
ହୋ ପ୍ରିୟା, ପ୍ରେମରେ ତୁମର ସାଜିଛି ପ୍ରେମିକ
କରିବନି ମତେ କେବେ ଏକା

ନହର୍, ରୁଦ୍ରପୁର, ଛତିଆ, ଯାଜପୁର
ଦୂରଭାଷ - 7326045355
ମେଲ - maheshwarpradhan4278@gmail.com

ISSN NO.
2582-208X

# ତୁମରି ଅପେକ୍ଷାରେ



ଅନନ୍ତ କୁମାର

ମୁଁ ଏକ ମୁକ୍ତ ଆକାଶର ବିହଙ୍ଗ ଥିଲି ନା ମୋର ଠିକଣା ଥିଲା ନାଁ ମୋର ନିଜର ପରିଚୟ ଥିଲା ମୁକ୍ତ ଆକାଶରେ ଡେଣା ମେଲି ଚାରିଆଡେ ବୁଲୁଥିଲି। ହେଲେ ତୁମକୁ ପ୍ରଥମ ଦେଖିବା ଦିନଠୁ ମୁଁ ଆଉ ମୁକ୍ତ ଆକାଶର ବିହଙ୍ଗ ହେଇ ନାହିଁ ତୁମ ହୃଦୟ ପିଞ୍ଜରା ଭିତରେ ବନ୍ଦୀ ହେଇଗଲି ସେବେଠାରୁ ମୋତେ କାହିଁ ତୁମେ ଆପଣାର ଆପଣାର ଲାଗିଲ, ଆଉ ତୁମ ସ୍ନେହ, ସମ୍ପର୍କ ଏତେ ମୋତେ ବାନ୍ଧି ଦେଲା ମୁଁ ଚାହିଁଲେ ବି ମୁକ୍ତ ଆକାଶର ବିହଙ୍ଗ ହେଇ ଉଡି ପାରିଲିନି। ସତରେ ତୁମର ସେ ଛଳ ଛଳ ଆଖି ଆଉ ଲାଜୁଆ ଓଠର ଅକୁହା କଥାକୁ ବେଶ ଭଲ ଭାବେ ମୁଁ ବୁଝି ପାରିଥିଲି ପ୍ରଥମ ଦେଖାରେ ।

ମୁଁ ତୁମ ହୃଦୟ ରାଇଜରେ ଏମିତି ପସିଯାଇଥିଲି ତୁମକୁ କେବଳ ମୋ ସ୍ୱପ୍ନରେ ଦେଖୁଥିଲି କେତେ ବେଳେ ସକାଳର କୁହୁଡିରେ ତ କେତେ ବେଳେ ଝିପ୍ ଝିପ୍ ବରଷାରେ ଆସୁଥିଲ ସତରେ ତୁମକୁ ପାଇ ମୁଁ ସାରା ସଂସାରକୁ ଭୁଲି ଯାଇଥିଲି କେବଳ ତୁମ ଲାଜୁଆ ଓଠ ଆଉ ତୁମ କଇଁଫୁଲ ପରି ମୁହଁ ଚାରିଆଡେ ଦେଖାଯାଉଥିଲ। ସେତେବେଳେ ସମୟ ଫୁଟୁଥିଲା ଫୁଲ ହେଇ, ଆଉ ନଦୀ ବି ବହି ଯାଉଥିଲା ସ୍ୱପ୍ନ ନେଇ ଏମିତି ଲାଗୁଥିଲା ଆମେ ଦୁହେଁ ନିତି ବର୍ଷାରେ ଭିଜିଥୁଲେ ଅନ୍ଧାର ରାତିରେ ଗୀତ ଗାଇ। ଏମିତି ଅନେକ ଦିନ ବିତିଗଲା ପରେ ଜାଣିଲି ତୁମେ ମୋତେ ତୁମ ଜୀବନଠାରୁ ବି ଅଧିକ ଭଲ ପାଅ ଆଉ ତୁମେ ମୋ ପାଇଁ ସାତ ଦରିଆ କଣ ଯମ ପାଖରୁ ମୋତେ ଛଡେଇ ଆଣିବ, ତୁମେ ମନ୍ଦିର ଯାଇ ମୋ ପାଇଁ କଣ ମନାସୁ ଥିଲ ମୁଁ ଜାଣେ ନାହିଁ, କିନ୍ତୁ ମୁଁ ମନ୍ଦିର ଯାଇ ଠାକୁରଙ୍କୁ ମାଗୁଥିଲି ତୁମକୁ ପାଇବା ପାଇଁ, କିନ୍ତୁ ମୁଁ ଜାଣି ନଥିଲି ଗୁଡିରୁ ସୂତା ଛିଡିଗଲେ ଗୁଡି

ISSN NO.
2582-208X

ଉଡିଯାଏ ଆଉ କେଉଁ ଅଜଣା ରାଇଜକୁ ଠିକ୍ ଯେମିତି ତମେ ଚାଲିଗଲ ନୂଆ ରୂପ, ନୂଆ ଆଶା ଆଉ ଆକାଂକ୍ଷା ନେଇ କେଉଁ ଏକ ଅଜଣା ରାଇଜକୁ ଠିକଣା ବଦଳାଇ । ଠିକଣା ତୁମର ବଦଳିଗଲା ହେଲେ ଆଜିବି ମୋ ମନ ତୁମ ମନର ଠିକଣାକୁ ଖୋଜୁଛି, ଆଉ ସେହି ପ୍ରଥମ ଦେଖାର ଲାଜୁଆ ଓଠର ଅକୁହା କଥାକୁ ମୁଁ ସ୍ମୃତି କରି ଝୁରୁଛି, କାହିଁକି ଠିକଣା ବଦଳାଇ ଚାଲିଗଲ ଅନ୍ୟ କେଉଁ ରାଇଜକୁ, । କାହାକୁ ଭୟ କଲ ତୁମେ, ଏ "ସମାଜକୁ, ନା ଏ "ସମୟକୁ, କାହିଁକି ଚାଲିଗଲ, ନାଁ ମୋ ଉପରେ ଥିବା ଅଖଣ୍ଡ ବିଶ୍ୱାସକୁ, ଆଜି ପର କରି ଦେଇ ଉଡିଚାଲିଗଲ ଅଜଣା ପକ୍ଷୀ ପରି କେଉଁ ଏକ ଅଜଣା ରାଇଜକୁ ତଥାପି ମୁଁ ଶୁଭ ମନାସୁଛି ନୀତି ଠାକୁରଙ୍କ ପାଖେ ତୁମେ ଯେଉଁଠି ରୁହ ସୁଖରେ ରୁହ। ମୁଁ ଜାଣି ନ ଥିଲି ତୁମେ ଏମିତି ଛଳନା ଆଉ ପ୍ରତାରଣା କରିବ ବୋଲି ମୋ ସହ ଯଦି ଜାଣି ଥାନ୍ତି ମୁଁ ସେମିତି ମୁକ୍ତ ଆକାଶର ବିହଙ୍ଗ ହେଇ ସାରାଜୀବନ ଉଡି ବୁଲି ଥାନ୍ତି କେବେ ହେଲେ ତୁମ ସହ ସମ୍ପର୍କର ସେତୁ ବାନ୍ଧି ନ ଥାନ୍ତି।

ହଁ ଜାଣିଛି ପ୍ରେମ ମାନେ ଯନ୍ତ୍ରଣା ଆଉ ବିବାହ ମାନେ ସ୍ୱାର୍ଥପରତା, ମୁଁ ଯନ୍ତ୍ରଣା ସହି ପାରିବି ହେଲେ ଆଉ କାହାକୁ ବିବାହ କରି ପାରିବିନି। ଜୀବନରେ ତୁମରି ପ୍ରେମର ସ୍ମୃତିକୁ ନେଇ ସାରା ଜୀବନ ଯନ୍ତ୍ରଣା ଭୋଗିବି, ହେଲେ ଆଉ କାହାର ହାତ ଧରି ତୁମ ପରି ସ୍ୱାର୍ଥପର ହେଇ ପାରିବି ନାହିଁ। ହଁ ଏଇଆ ସତ ଯେ ମଣିଷ ଯାହା ଚାହେଁ ତାହା ପାଏନା, କିଛି ପୁରା ହୁଏ କିଛି ବାକି ରହିଯାଏ, ଏଇ ଯେମିତି ମୋ ସ୍ୱପ୍ନ ଅଧୁରା ରହିଗଲା, ପୁରା ହେଲାନି, ସ୍ୱପ୍ନ ପୁରା ନ ହେଉ କିନ୍ତୁ ସାରା ଜୀବନ ତୁମରି ସ୍ମୃତି ନେଇ ତୁମରି ଫେରିବା ବାଟକୁ ଚାହିଁ ରହିବି। ତୁମ ଫେରିବା ବାଟ ଅପେକ୍ଷାରେ ଜୀବନର ସବୁ ପଥକୁ ଆହୁତି ଦେଇ ରହିଲି ତୁମରି ବାଟକୁ ଚାହିଁ,

କାର୍ଯ୍ୟକାରୀ ସମ୍ପାଦକ

ଜାତୀୟ କବି ଲେଖକ ସଂଗଠନ
ତିହିଡି ,ଭଦ୍ରକ
ଯୋଗାଯୋଗ-୮୩୩୯୯୩୯୯୨୯

ISSN NO.
2582-208X

# ନ ଆସ ପ୍ରିୟ

ସଞ୍ଜୟ ରାଉଳ

ନ ଆସ ପ୍ରିୟ ଆଜି ମୁଁ ଅଭିଶପ୍ତା
ଗ୍ତିରେ ଅନ୍ଧାର ମତେ କରିଛି ଖିନବିନ
ଦୁଃଶାସନମାନେ ମୋ ଦେହ ହରୁଥିବା ବେଳେ
ଭ୍ବେ ମୋ ପ୍ରଥମ ପୁରୁଷ କଥା
ସତେ ତା ପାଇଁ ସାଇତିଥିବା ଏ ଦେହ
କଣ ଶୁଦ୍ଧ ରହିପାରିଲା ।
ପ୍ରେମର ମାନେ ଦେହ ନୁହେଁ କହି
ପ୍ରତ୍ୟେକଥର ମୁହଁ ବୁଲେଇ ଆସିବା
କଣ ଏବେ ରକ୍ଷା କରିପାରିଲା ଯାହା ସାଇତିଲି
ତମପାଇଁ ।
ତମର ପ୍ରଥମ ସ୍ପର୍ଶ ପାଇଁ ଫୁଲକତ ହେବି
ତମ ଓଠକୁ ରକ୍ତାକ୍ତ କରିବି ମୋ ଓଠର ନାଲିରେ
ସେ ସବୁ କଣ ହୋଇପାରିଲା ।
ଜଣା ନାହିଁ ଦେହ ଲୋଭୀ କୁକୁରମାନେ
ମୋ ଦେହକୁ ଗୃଟି କେଉଁ ଅଜଣା ବଣରେ
ଫୋପାଡ଼ି ଦେବେ । ଜୀବନ ରଖିବେକି ନାହିଁ ।
ତୁମେ ଶୁଣ ମୁଁ ମୃତ୍ୟୁ ପୂର୍ବରୁ ତମକୁ ଦେଖିବାକୁ ଚାହେଁ ।
ତମରି କୋଳରେ ମରିବାକୁ ଚାହେଁ,ଏହା ମୋ ଶେଷଇଚ୍ଛା ।
ଭଗବାନ କଣ ପୂରଣ କରିବେ ? ନା କେବେ ବି ନୁହେଁ!
ତମ ସହ ସେଦିନ ଯେବେ ଶିବମନ୍ଦିର ଯାଇଥିଲି
ଆମେ ଦୁହେଁ ମାଗିଥିଲୁ ପରସ୍ପରକୁ ହେଲେ ଗୁପ୍ତରେ
ତମେ କି ମୁଁ କେହି ପ୍ରେମ କରୁଛୁ ବୋଲି କହି ନ ଥିଲୁ ।
ଭଗବାନ କଣ ଜାଣନ୍ତୁନ । ମୁଁ କେତେ ତମର, ତୁମେ କେତେ ମୋର ।

ISSN NO.
2582-208X

# ପିଆଜ



ସରୋଜ କୁମାର ସାହୁ

ସାର୍ ବରଷକ ସଭିଁଏ ଲୋଡ଼ନ୍ତୁ
ସହର ହେଉବା ଗାଉଁଲି ଯେତେ
ତା ବିନା ସୁଆଦ ଲ୍ଗେନ ଆମିଷ
ଗରିବ ଖୋଜଇ ପଖାଳ ଭ୍ତେ ।

ଭେଜିଭ୍ତ ଅବା ଫୁଟଣ ବାଟଣ
କଏ କଣ କେବେ ପାରଇ ଭୁଲି
ପିଆଜ ଭିତରେ ଫିକାଟି ସୁଆଦ
ର୍ଗ ଅଟେ ଭ୍ରି ଯେତକ ନାଲି ।

ମୁଢି ମିଚର ରେ ଗୃଖଣ ରୁଚେନା
ନଥିଲେ ପାଖରେ ଫାଳେ କ ଗୋଟେ
ଶାଗ ହେଉ ଅବା ଯେତକ ପରିବା
ରାନ୍ଧି ହୁଏନାହିଁ ତା ବିନା ମୋଟେ ।

ସାଇତା ଚୋପାରେ କରେ ଚକଚକ
ହେଉ ପଛେ ଯେତେ ପାକଳ କଷି
ଯିଏ ବି କାଟିଲେ ଅଧିକା ଦୁଇଟା
ଆଖ୍ ତା ଭରଇ ଲୁହରେ ଭ୍ସି ।

ISSN NO.
2582-208X

ଛଣା ଛଣି କଥା ଜାଣନ୍ତ ସଭିଁଏ
ପକୁଡି ବଗ୍ରେ ନଥିଲେ ପଡି
ହେଉପଛେ ସ୍ୱାଦ ରୁଚେନ ପାଟିକୁ
ପିଲ୍ଏ ଦିଅନ୍ତୁ ମୁହଁକୁ ମୋଡି ।

ବଡ଼ିଖଟା ସଙ୍ଗେ ତାର ଅଧା ଭାଗ
ନ ଥିଲେ ଖାଇବା ଆସେନା ମଜା
ଭର୍ତ୍ତା ହେଉ ଅବା ଚଟଣି ସୁଆଦ
ପାଶୋରି ପାଟିକୁ ଦିଅନା ସଜା ।

ଆଠଗଡ଼ କଟକ

ISSN NO.
2582-208X

# ବୋହୂ ଦେଖା



ଶ୍ରୀକୁମାର ମହାପାତ୍ର

ଭ୍ରାମ୍ୟମାଣରେ ଖବର ଆସେ
ଦେଖିଯିବା ବୋହୂ ଶ୍ରାବଣ ମାସେ
ଶେଷ ଶ୍ରାବଣର ବର୍ଷା ମାଡ଼
ମନରେ ଆଣିଛି ପୂର୍ଣ୍ଣମୀ ମୋଡ଼
ପୁଅ ଘର ଲୋକ ଯୋଜନା କଲେ
ଘର ଜାମାତାଙ୍କୁ ଖବର ଦେଲେ
ପୁଅର ଭିଣେଇ ପ୍ରସ୍ତୁତ ହେଲେ
ଶଳା ଭଉଜଙ୍କୁ ଦେଖିବା ତୁଲେ
ଫାଙ୍କା ବରଷାର ଗମନ ହେଲା
ଦେଖିଯିବା ବୋହୂ ନକରି ହେଳା
ଆସିଲେ କାର୍ ରେ ଭିଣେଇ ନାନୀ
ଗଲେ ବାଇକ୍ ରେ ଉଢ଼େଇ କାନ
ସାନ ଦିଅରର ଇଚ୍ଛା ଯେ ଥିଲା
ତମସା ବର୍ଷାର ଗମନ ହେଲା
ମୁଖ୍ୟ ଲୋକାଦି କାର୍ ରେ ଗଲେ
ଭିଣେଇ ଦିଅର ବାଇକ୍ ରେ ଗଲେ
ନାନୀକୁ ଛାଡ଼ିଲେ ଶଶୁର ଘରେ
ଅକସ୍ମାତ ମେଘ ସେଦିନ ଝରେ
ପ୍ରବଳ ବର୍ଷାରେ ବେହଲ କଲା
ଭିଣେଇ ଦିଅର ଯାଇନ ହେଲା

ISSN NO.
2582-208X

ନୂଆ ଭଉଜର ମୁଖ ଦର୍ଶନ
ମିଷ୍ଟକ ଖାଦ୍ୟର କ ପ୍ରୟୋଜନ
ପ୍ରମୁଖ ବ୍ୟକ୍ତ ଯେ ସେଠି ପହଞ୍ଚି
ବାହାଘର କଥା ମନରେ ପାଞ୍ଚି
ବଡ଼ବାପା ଦେଖି ଭରି ହସିଲେ
ଗରିବ କହି ଯେ ମନ ତୋଷିଲେ
୫୦୦ ଟଙ୍କିଆ ନୋଟ୍ କୁ କାଢ଼ି
ଆସିଲେ ତର ଯେ ଚପଲ ଛାଡ଼ି
ନୋଟ୍ ଖଣ୍ଡକୁ ବୋହୂକୁ ଦେଲେ
ପସନ୍ଦ ହୋଇଛି ସକଳେ ବୋଲେ

ଗ୍ରା-କଲ୍ୟାଣପୁର ଶାସନ,ପୋ- କଲ୍ୟାଣପୁର ଶାସନ,
ଥାନା- ଧଉଳ,ବ୍ଲକ-ଭୁବନେଶ୍ୱର-୨,
ଜିଲ୍ଲା-ଖୋର୍ଦ୍ଧା

ISSN NO.
2582-208X



# ଅଫେରା ପ୍ରିୟତମା



ସୁରେଶ କୁମାର ନାହାକ

ସେଦିନର ରାତିଥାଏ ଏକ ଘୋରକଳା ତମାମ ରାତି। ଠିକ୍ ରାତ୍ରିର ମଧ୍ୟ ସମୟରେ ସିପୁ ନିଦରୁ ଉଠି ଗେମ୍ ଖେଳବାକୁ ଲାଗିଲା। ସତେକି ତାକୁ କାଳ ଗ୍ରାସୁଥିଲା। ସେ କଣ କରୁଥିଲା ସେତେବେଳେ କିଛି ଜାଣିପାରୁ ନଥିଲା। କିଛି ସମୟ ପରେ ସିପୁର ବଡ ଭଉଣୀ ଗୀତା ତାକୁ ଫୋନ କରି କିଛି କହିଲା। କିନ୍ତୁ ସେ ଗେମ୍ ରେ ଏତେ ମଗ୍ନ ଥିଲା ଯେ ତା ଭଉଣୀ କହିଥିବା କଥାକୁ ହତାଦର କରି ଖେଳବାକୁ ଲାଗିଲା। ପରଦିନ ସକାଳୁ ଉଠି ନିତ୍ୟକର୍ମ ସାରି ପାଠ ପଢିବାକୁ ଲାଗିଲା। ସିପୁ ଥିଲା ତାଙ୍କ ଗାଁର ଗର୍ବ ଯିଏକି ଭଲ ପାଠପଢା ସହ ସମସ୍ତ ଲୋକଙ୍କ ସେବା ଶୁଶ୍ରୁଷା ମଧ୍ୟ କରୁଥିଲା। ଯେଉଁଥିପାଇଁ ଗାଁ ର ପ୍ରତ୍ୟେକ ଲୋକ ତାକୁ ବହୁତ ଭଲ ପାଉଥିଲେ। ସିପୁ ଓରଫ ଶଙ୍କର୍ଷଣ ପାତ୍ର ବିଏ. ଦ୍ୱୀତୀୟ ବର୍ଷ କଳା ବିଭାଗରେ ପଢୁଥିଲା। ବଡ ଭଉଣୀ ଗୀତା ଅଧ୍ୟାପିକା ହୋଇ ଅନ୍ୟ ଏକ କଲେଜରେ ପଢଉଥିଲା। ସିପୁ ଶ୍ରେଣୀରେ ଏତେ ଭଲ ପାଠ ପଢୁଥିଲା କି ସମସ୍ତ ଶିକ୍ଷକ ମାନେ ସ୍ନେହ ଶ୍ରଦ୍ଧା ମଧ୍ୟରେ ତାକୁ ବାନ୍ଧି ଦେଇଥିଲେ। ତାର ଗୋଟିଏ ଲକ୍ଷ୍ୟ ଥିଲା କଣ ସେ ଚାକିରୀ କରୁ ବା ନ କରୁ ପ୍ରଥମେ ଏକ ଭଲ ମଣିଷ ହୋଇ ଦୁଃଖୀରଙ୍କି ମାନଙ୍କର ସେବା ଶୁଶ୍ରୁଷା କରିବ।

ଏହିଭଳି ଭାବେ ଦିନ ଗୁଡ଼ିକ ଗଡି ଗଡି ଚାଲିଲା। ପରେ ତା ପରୀକ୍ଷା ମଧ୍ୟ ପାଖେଇ ଆସିଲା। କିଛିଦିନ ଗଲା ଓ ପରୀକ୍ଷା ମଧ୍ୟ ସରିଗଲା। ଦିନେ ସିପୁ ତା ମାଆ କୁ ଏକ କଥା ପଚାରିଲା - ମା ଆଜି କାହିଁକି ମାମୁଙ୍କ କଥା ଭାରି ମନେ ପଡୁଛି। ଯିବାକୁ ମଧ୍ୟ ଇଚ୍ଛା ହେଉଛି। ମା ଏ କଥା ଶୁଣିସାରି କିଛି ଉତ୍ତର ନ ଦେଇ ନିରବତର ସହ ଚାଲିଗଲେ। ମା

ISSN NO.
2582-208X

ଙ୍କର ଏହି ନରବତା ସିପୁ ମନରେ ଘୋର ତମାମ ଉଙ୍କି ମାରୁଥାଏ । ପରେ ପରେ କେଜାଣି କାହିଁକି ସିପୁ ର ମନ ଦୁଃଖର କୋହୋ ମଧ୍ୟରେ ବସା ବାନ୍ଧି ଗଲା। ପୁଣି ଦୁଇ ଦିନ ପରେ ସିପୁ ଗେମ୍ ଖେଳି ନିଜ ମନକୁ ବୁଝାଇଦେଲା। ପରଦିନ ପରୀକ୍ଷାର ଫଳ ବାହାରିଲା ସିପୁ ଶ୍ରେଣୀରେ ପ୍ରଥମ ହେବା ପରିବର୍ତ୍ତେ ତୃତୀୟ ସ୍ଥାନକୁ ଉତ୍ତୀର୍ଣ୍ଣ ହେଲା। ଏହା ଜାଣି ସାରିବା ପରେ ତାଙ୍କ ଘର ଲୋକ ଆଉ ପଢେଇବାକୁ ଇଚ୍ଛା କଲେ ନାହିଁ। ବଡ ଭଉଣୀ ଗୀତା ଏହା ଜାଣିବା ମାତ୍ରେ ଚାକିରିରୁ ତିନି ଦିନ ଛୁଟି ଆଣି ଘରେ ଆସି ପହଞ୍ଚିଲା। ସେତବେଳକୁ ସିପୁ ଏକ ନିସ୍ତବ୍ଧ କକ୍ଷରେ ନିରବତାର ସହ ଦିନ କାଟୁଥିଲା । ପରେ ଗୀତା ତା ପାଖକୁ ଯାଇ ବୁଝାଇ ସୁଝାଇ ଖୁଆଇଲା। ଯାହାଦ୍ୱାରା ସିପୁର ଦୁଃଖ କିଛି ମାତ୍ରାରେ କମିଗଲା। ଗୀତା ସବୁବେଳେ ତା ଭାଇ କଥା ଚିନ୍ତା କରି କରି କହୁଥିଲା ଭାଇ ଟା ମୋର ଆଗକୁ କଣ କରିବ । ଗୀତା ତୃତୀୟ ଦିନ ନିଜ ଭାଇକୁ ନେଇ ସେ ପଢ଼ାଉଥିବା କଲେଜରେ ଯୁକ୍ତ ତୃତୀୟ ବର୍ଷ ସଂସ୍କୃତ ବିଭାଗରେ ତାର ନାମ ଲେଖାଇଦେଲା। କିନ୍ତୁ ସିପୁର ଏତେ ମନ ଦୁଃଖ ଥିଲାକି ସେ ଆଗକୁ ପଢ଼ିବାପାଇଁ ଆଗ୍ରହୀ ନଥିଲା। ପରେ ଗୀତା ସିପୁକୁ ବୁଝାଇ କଲେଜ ଯିବାକୁ କହିଲା ଏବଂ ସେ ପ୍ରତିଦିନ କଲେଜ ଗଲା। ପରବର୍ତ୍ତୀ ସମୟରେ ମନଦେଇ ପାଠପଢ଼ି ପ୍ରଥମ ବର୍ଷ ପରୀକ୍ଷାରେ ୭୦% ଫଳ ଆଣି ତାର ମା ଓ ବଡ଼ ଭଉଣୀ ଗୀତାକୁ ଦେଖାଇଲା। ସେଦିନ ସିପୁ ଓଠରେ ଖେଳି ଉଠୁଥାଏ ଖୁସି ଉଲ୍ଲାସର ପୁଲକ, ହସ ମାଳର ଲହରୀ। ସତେକି ସିପୁ ଜୀବନରେ ଫେରି ଆସିଛି ସେଇ ସୁଗନ୍ଧର ମହକ ମିଶ୍ରିତ ବାସ୍ନା।

ଦିନକର ଘଟଣା ସିପୁ ଶ୍ରେଣୀରେ ବସିଥିବା ସମୟରେ ତାକୁ ଜଣେ ଝିଅ ତା ସମ୍ମୁଖକୁ ଆସି ତୁମ ନାମ କଣ ବୋଲି ପଚାରି ସଙ୍ଗେ ସଙ୍ଗେ ଚାଲିଗଲା। କିନ୍ତୁ ସିପୁ କେଉଁ ଦୁନିଆରେ ମଗ୍ନ ହୋଇ ହଜି ଯାଇଥିଲା ସେ ଝିଅ କହିଥିବା କଥାକୁ ଭୁଲି ଯାଇଥିଲା। ପରଦିନ ସେ କଲେଜ ନ ଯାଇ ଘରର କିଛି କାମ ସାରି ସଫା ସଫି ହୋଇ ଖାଇସାରି ନିଜ କକ୍ଷକୁ ଆସିଲା। ସେ ଯେତେ ଶୋଇବାକୁ ଚାହୁଁଥିଲା କେଜାଣି କାହିଁକି ତା ଆଖିକୁ ନିଦ ଆସୁ ନଥିଲା। ଶେଷରେ ସେ ଫୋନ ଖୋଲି ଗେମ୍ ଖେଳିବାକୁ ଲାଗିଲା। ଖେଳୁଥିବା ସମୟରେ ତା ମନରେ ସେହି ଝିଅର କଥା ତା ମନରେ ବାରମ୍ବାର ଉଙ୍କି ମାରିବାକୁ ଲାଗିଲା। ପରେ ସେ ଗେମ୍ କୁ ବନ୍ଦ କରି ସେ ଝିଅ କଥାକୁ ଭାବିବାକୁ ଲାଗିଲା। ପରଦିନ ସେ କଲେଜକୁ ଯାଇ ସେ ଝିଅକୁ ବହୁତ୍ ଖୋଜିଲା, କିନ୍ତୁ ତାକୁ ପାଇଲା ନାହିଁ। ଏହାପରେ ତା ସାଙ୍ଗ ମାନଙ୍କଠାରୁ ମଧ୍ୟ ତାର

ISSN NO.
2582-208X

କିଛି ଠିକଣା ପାଇପାରିଲା ନାହିଁ। ଏହିଭଳି ସେ ଅନେକ ଦିନ ବିତିଗଲା କିନ୍ତୁ କଲେଜରେ ତାକୁ ପାଇଲା ନାହିଁ। ଶେଷରେ ସେ ଏକ ନିର୍ଜନତାର ରାତ୍ରିରେ ମନେ ମନେ ବସି ଭାବି କହୁଥାଏ "ସତରେ କଣ ମୋ ପ୍ରିୟତମା ମୋ ପାଖକୁ ଫେରିବେ"।

ଗ୍ରାମ - ଫକୀରପୁର
ଜିଲ୍ଲା - କେନ୍ଦୁଝର
ଫୋନ ନମ୍ବର - ୬୩୭୨୮୩୬୧୫୬

ISSN NO.
2582-208X

# ମୁଁ ଓ ଆତ୍ମବିଶ୍ୱାସ

ଟୁକୁନା ବରାଡ଼

ଆତ୍ମବିଶ୍ୱାସ ଏକ ଚଳଚଞ୍ଚଳ ରେଳପରି
ମାତ୍ର ଆସେ କେବେ ବେଗେ ତ ଡେରି
ବଢ଼ିଯାଏ କ୍ଷଣିକେ, କମିଯାଏ କ୍ଷଣିକେ
ଏକ ଚଳ ଚଞ୍ଚଳ ମୌସୁମୀ ବର୍ଷାପରି

ଅନେକ ପରିସ୍ଥିତିରେ ଆସିଥାଏ ସେ
ମାତ୍ର ଭୟ ଥାଏ ସହପାଠୀ ଓ ଅଧାପକଙ୍କ ସମ୍ମୁଖକୁ
କାଏ କହୁ କହୁ ଭୁଲ ହେବ କ ଠିକ୍ ।

ଶଙ୍କା ଥାଏ ବେଳେ ବେଳେ
ଆରମ୍ଭ ତ କରିବି ଏଠାରୁ
ମାତ୍ର ଶେଷ କେଉଁଠି ?
କନ୍ତୁ ଜାଣିଥାଏ ଆରମ୍ଭ କଲେ ଶେଷ ହେବାହିଁ
ମୋର ବକ୍ତବ୍ୟକୁ ବାରଣ କଲା ପର୍ଯ୍ୟତ
କମ୍ବା ସମ୍ମୁଖ ଘ୍ରହାଣୀ ରୁ ଜଣାଯିବା
କେବେ ସେ କରିବ ସମାପ୍ତ

ନର୍ଦ୍ଦିଷ୍ଟ କାଳରେ କହିବା ପାଇଁ ମୁଁ ଅନଚ୍ଛୁକ
ମାତ୍ର ପଛରେ ମୁଁ ହୁଏ ବିରସ ଓ ମର୍ମାହତ
ଆଉ ପଗ୍ନରେ ମୋ ମନକୁ
କଣ ମୋର ପରିଚୟ ଦୁର୍ବଳ ନା ସବଳ ?

ISSN NO.
2582-208X

ସବଳତାକୁ ପ୍ରମାଣ କରିବା ପାଇଁ ଖୋଜେ ମୁଁ ଉପାୟ
ଆଉ କହେ ମୋ ମନକୁକ୍ ଦୁର୍ବଳ ନୁହେଁ ମୁଁ ସବଳ
ମନ କହେ ମୋର ଆଗତ ସମୟକୁ ଅପେକ୍ଷା କର
ପ୍ରମାଣ କରିବା ପାଇଁ ବିଶ୍ୱାସ ଓ ବକ୍ତୃତ୍ୱକୁ ତୋର ।

ISSN NO.
2582-208X

# ଜରାସନ୍ଧ ବଧ



ନରେନ୍ଦ୍ର ପ୍ରସାଦ ବେହେରା

## ଭାଗବତ କଥା……… ୧୬

ଦିନେ ଦ୍ୱାରକାରେ ଜଣେ ବ୍ରାହ୍ମଣ ଆସି ପହଞ୍ଚିଲେ ଏବଂ ଶ୍ରୀକୃଷ୍ଣଙ୍କୁ ଜଣାଇଲେ ଯେ ଜରାସନ୍ଧ ଗିରିବ୍ରଜ ଦୁର୍ଗ ମଧ୍ୟରେ ହଜାର ହଜାର ରାଜାଙ୍କୁ ବନ୍ଦୀ କରି ରଖିଛି । ସେମାନେ ବନ୍ଦୀଶାଳାରେ ଅକଥନୀୟ ଦୁଃଖ ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଆପଣ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯେ କି ବନ୍ଦୀ ରାଜାମାନଙ୍କର ଦୁର୍ଦ୍ଦଶା ମୋଚନ କରିପାରିବେ । ଏହି ସମୟରେ ନାରଦ ମୁନି ମଧ୍ୟ ସେଠାରେ ଆସି ଉପସ୍ଥିତ ହେଲେ ଏବଂ କହିଲେ ଯେ ଯୁଧିଷ୍ଠିର ମହାରାଜା ରାଜସୂୟ ଯଜ୍ଞ କରିବାକୁ ଇଚ୍ଛା କରୁଛନ୍ତି । ସେଥିଲାଗି ଆପଣଙ୍କର ଅନୁମୋଦନ ଆବଶ୍ୟକ । ସେଠାରେ ଉପସ୍ଥିତ ଥିବା ଉଦ୍ଧବ ପରାମର୍ଶ ଦେଇ କହିଲେ ଯେ ଜରାସନ୍ଧର ବଧ ଦ୍ୱାରା ହିଁ ରାଜସୂୟ ଯଜ୍ଞ ଓ ରାଜନ୍ୟବର୍ଗଙ୍କର ମୁକ୍ତି ଉଭୟ କାର୍ଯ୍ୟ ସିଦ୍ଧି ହୋଇ ପାରିବ। ଭୀମ ହେଉଛନ୍ତି ଜରାସନ୍ଧର ସମକକ୍ଷ ବୀର । ଭୀମ ବ୍ରାହ୍ମଣ ବେଶରେ ଯାଇ ଜରାସନ୍ଧ ନିକଟରେ ପହଞ୍ଚି ପାରିଲେ ଏ କାର୍ଯ୍ୟ ସମ୍ଭବ ହୋଇ ପାରିବ । କିନ୍ତୁ ଶ୍ରୀକୃଷ୍ଣ ତାଙ୍କ ସଙ୍ଗରେ ରହିବାକୁ ହେବ । ଜରାସନ୍ଧ ବଧ ପାଇଁ ତାଙ୍କର ଉପସ୍ଥିତି ଏକାନ୍ତ ପ୍ରୟୋଜନ । ସଖା ଉଦ୍ଧବଙ୍କର ଏହି ପରାମର୍ଶକୁ ଗ୍ରହଣ କରି ଶ୍ରୀକୃଷ୍ଣ ଓ ବଳରାମ ଆତ୍ମୀୟସ୍ୱଜନଙ୍କ ସହ ଇନ୍ଦ୍ରପ୍ରସ୍ଥରେ ଯାଇ ପହଞ୍ଚିଲେ । ରାଜସୂୟ ଯଜ୍ଞର ଗୋଟିଏ ନିୟମ ଅଛି ଯେ ଦେଶର ସମସ୍ତ ରାଜାଙ୍କୁ ଜୟ କରିବାକୁ ହେବ । ଶ୍ରୀକୃଷ୍ଣଙ୍କର ଅନୁମୋଦନ ଓ ଆଶୀର୍ବାଦ ପ୍ରାପ୍ତ ହୋଇ ଦିଗବିଜୟ ନିମନ୍ତେ ବହୁ ସୈନ୍ୟସାମନ୍ତ ସହ ଚାରି ଭାଇଙ୍କୁ ଯୁଧିଷ୍ଠିର ଚାରିଦିଗକୁ

ISSN NO.
2582-208X

ପଠାଇଲେ । ଦକ୍ଷିଣ ଦିଗକୁ ଗଲେ ସହଦେବ, ପଶ୍ଚିମକୁ ଗଲେ ନକୁଳ,ଉତ୍ତରକୁ ଅର୍ଜୁନ ଓ ପୂର୍ବ ଦିଗକୁ ଗଲେ ଭୀମ ।

ସବୁ ରାଜାଙ୍କୁ ଜୟ କରାଗଲା କିନ୍ତୁ ଜରାସନ୍ଧକୁ କେହି ପରାସ୍ତ କରିପାରିଲେ ନାହିଁ । ଜରାସନ୍ଧକୁ ଦମନ କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରାଗଲା । ସେହି ଯୋଜନା ଅନୁସାରେ ଶ୍ରୀକୃଷ୍ଣ, ଭୀମ ଓ ଅର୍ଜୁନ ବ୍ରାହ୍ମଣ ବେଶରେ ଯାଇ ଜରାସନ୍ଧର ରାଜଧାନୀରେ ପହଞ୍ଚିଲେ । ସେମାନେ ଜରାସନ୍ଧ ନିକଟକୁ ଖବର ପଠାଇଲେ ଯେ ଆମେ ଆପଣଙ୍କ ସହିତ ଦେଖା କରିବାକୁ ବହୁ ଦୂରରୁ ଆସିଛୁ । ଆମର କିଛି ପ୍ରାର୍ଥନା ଅଛି, ତାହା ଆପଣ ପୂରଣ କରନ୍ତୁ । ରାଜାଙ୍କ ଠାରୁ ଅନୁମତି ପ୍ରାପ୍ତ ହୋଇ ସେମାନେ ଯାଇ ଜରାସନ୍ଧର ରାଜସଭାରେ ପହଞ୍ଚିଲେ । ସେମାନଙ୍କୁ ଦେଖି ଜରାସନ୍ଧର ମନରେ ସନ୍ଦେହ ହେଲା- ଏମାନେ କି ଭଳି ବ୍ରାହ୍ମଣ ? କଣ୍ଠସ୍ୱର ଅତି କଠୋର, ଶରୀର ଆକୃତି ଦୀର୍ଘ, ହାତସବୁ ଅତି ଶକ୍ତ । ଏ ତ ତୀର-ଧନୁ ଧରିବା ହାତ । ଏହାଦେଖି ଜରାସନ୍ଧର ମନେହେଲା ଏମାନେ ନିଶ୍ଚୟ ଛଦ୍ମବେଶୀ କ୍ଷତ୍ରିୟ । ସେ ଯାହାହେଉ, ସେମାନଙ୍କୁ ସମ୍ବୋଧନ କରି ଜରାସନ୍ଧ କହିଲେ ଆହେ, ରାଜନ୍ୟ ବନ୍ଧୁଗଣ,ଆ ପଣ ମାନେ ଯେହେତୁ ବ୍ରାହ୍ମଣ ବେଶରେ ଆସିଛନ୍ତି, ତେଣୁ ବ୍ରାହ୍ମଣର ସମ୍ମାନ ହିଁ ପାଇବେ । ଆପଣମାନଙ୍କ ପ୍ରାର୍ଥନା କେବେହେଲେ ଅପୂର୍ଣ୍ଣ ରହିବ ନାହିଁ । ଗୁରୁ ଶୁକ୍ରାଚାର୍ଯ୍ୟଙ୍କର ନିଷେଧ ସତ୍ତ୍ୱେ ବଳିରାଜା ତ୍ରିପାଦ ଭୂମି ଦାନ କରି ନିଜ କଥା ରକ୍ଷା କରିଥିଲେ । ସେହିପରି ମୁଁ ମଧ୍ୟ କଥା ଦେଉଛି, ଆପଣମାନଙ୍କ ପ୍ରାର୍ଥନା ନିଶ୍ଚୟ ପୂରଣ ହେବ । କୁହନ୍ତୁ, ଆପଣମାନେ କଅଣ ଚାହୁଁଛନ୍ତି ? ଶ୍ରୀକୃଷ୍ଣ ଏତିକି ବେଳେ ସେମାନଙ୍କର ପରିଚୟ ଦେଇ କହିଲେ, ଆମେ ପ୍ରକୃତରେ କ୍ଷତ୍ରିୟ । ୟେ ହେଉଛନ୍ତି ଭୀମ, ୟେ ଅର୍ଜୁନ ଆଉ ମୁଁ ତୁମର ସେଇ ଚିରଶତ୍ରୁ କୃଷ୍ଣ । ଆମେ ତୁମ ସହିତ ଗଦା ଯୁଦ୍ଧ ଚାହୁଁ । ଆମର ଏହି ପ୍ରାର୍ଥନା ପୂରଣ କର ।

ଏହାଶୁଣି ଜରାସନ୍ଧ ରାଗରେ ଜଳି ଉଠିଲା । ସେ କହିଲା ଆରେ କୃଷ୍ଣ, ତୁ ତ ଗୋଟାଏ ଭୀରୁ । ତୁ ମୋତେ ଭୟକରି ମଥୁରା ଛାଡି ପଳାଇ ଗଲୁ । ଏବେ ଅନ୍ୟତ୍ର ଆଶ୍ରୟ ନେଉଛୁ। ତୋପରି ଗୋଟାଏ ଭୀରୁ ସହିତ ଯୁଦ୍ଧ କରିବି ନାହିଁ । ଆଉ ୟେ ଅର୍ଜୁନ, ବୟସରେ ମୋର ତୁଲ୍ୟ ନୁହେଁ । ତେଣୁ ତା'ସହିତ ମଧ୍ୟ ଯୁଦ୍ଧ ହେବ ନାହିଁ । ଗଦାଯୁଦ୍ଧ ହେବ ଏଇ ଭୀମ ସହିତ । ଏହା କହି ଦୁଇଟି ପ୍ରକାଣ୍ଡ ଗଦା ଆଣି ଗୋଟିଏ ଭୀମକୁ ଦେଇ ନିଜେ ଗୋଟିଏ ଧରି ଗଦାଯୁଦ୍ଧ ନିମନ୍ତେ ଛିଡା ହୋଇଗଲା ।

ISSN NO.
2582-208X

ଭୀମ ଓ ଜରାସନ୍ଧ ମଧ୍ୟରେ ଚାଲିଲା ପ୍ରବଳ ଯୁଦ୍ଧ । କିନ୍ତୁ କେହି କାହାରିକୁ ପରାସ୍ତ କରିପାରିଲେ ନାହିଁ । ଏତିକିବେଳେ ଶ୍ରୀକୃଷ୍ଣ ଭୀମଙ୍କୁ ସଂକେତ ଦେଇ ଜଣାଇଦେଲେ ଜରାସନ୍ଧର ଗୋଡ ଦୁଇଟାକୁ ଫାଡିଦେଇ ତାର ଶରୀରଟାକୁ ଦୁଇଭାଗରେ ବିଭକ୍ତ କରିଦେବାକୁ ହେବ । ଏଇ ପ୍ରକାର ଇଙ୍ଗିତ ଦେବାକୁ ଯାଇ ତଳେ ପଡିଥିବା ଏକ କୁଟାକୁ ଉଠାଇ ସେ ଦୁଇ ଫାଳ କରିଦେଲେ । ଏହା ବୁଝିପାରି ଭୀମ ଜରାସନ୍ଧକୁ ତଳେ କଚାଡିଦେଇ ଗୋଡ ଦୁଇଟିକୁ ଧରି ଦୁଇଫାଳ କରି ଶରୀରକୁ ଦୁଇଭାଗ କରିଦେବା ସଙ୍ଗେ ସଙ୍ଗେ ଜରାସନ୍ଧର ମୃତ୍ୟୁ ହେଲା । ଜରାସନ୍ଧର ଜନ୍ମବୃତ୍ତାନ୍ତ ବର୍ଣ୍ଣନା କରି ଶ୍ରୀ ଶୁକଦେବ କହିଲେ, ଜରାସନ୍ଧ ଯେତେବେଳେ ଜନ୍ମ ହୋଇଥିଲା ତାର ଶରୀର ଦୁଇ ଭାଗରେ ବିଭକ୍ତ ଅବସ୍ଥାରେ ଥିଲା । ଏପରି ବିଭତ୍ସ ରୂପର ଶିଶୁକୁ ଜଙ୍ଗଲ ମଧ୍ୟରେ ଫିଙ୍ଗି ଦିଆଯାଇଥିଲା । ଜରା ନାମ୍ନୀ ରାକ୍ଷସୀ ଦୁଇ ଭାଗରେ ବିଭକ୍ତ ଜନ୍ମ ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ସଦ୍ୟଜାତ ଶିଶୁଟିକୁ ଯୋଡି ଦେଇ ଗୋଟିଏ ଶରୀରରେ ପରିଣତି କରି ପାଳି ବଡ କରିଥିଲା । ତାର ନାମ ରଖିଥିଲା ଜରାସନ୍ଧ ।

ଜରାସନ୍ଧ ନିହତ ହେବାପରେ ଶ୍ରୀକୃଷ୍ଣ ତାର ପୁତ୍ରକୁ ରାଜ ସିଂହାସନରେ ଅଭିଷିକ୍ତ କରିଥିଲେ ଏବଂ ଜରାସନ୍ଧ ବନ୍ଦୀ କରି ରଖିଥିବା ରାଜାମାନଙ୍କୁ ମୁକ୍ତ କରିଦେଇଥିଲେ । ରାଜାମାନେ ବନ୍ଦୀଶାଳାରୁ ମୁକ୍ତ ହୋଇ ନିଜ ନିଜ ରାଜ୍ୟକୁ ଫେରିଯିବା ପୂର୍ବରୁ ସବିନୟ ପ୍ରଣାମ କରି କହିଥିଲେ, ହେ ଶରଣାଗତ ପାଳକ, ହେ ପ୍ରଭୁ ଦୁଃଖହାରୀ, ଅନ୍ତର୍ଯାମୀ, ହେ ବାସୁଦେବ, ହେ ଗୋବିନ୍ଦ ଆପଣଙ୍କୁ ଆମର କୋଟି ନମସ୍କାର । ସେମାନଙ୍କ ସ୍ତୁତିରେ ସନ୍ତୁଷ୍ଟ ହୋଇ ଶ୍ରୀକୃଷ୍ଣ ରାଜା ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞରେ ଯୋଗଦେବା ନିମନ୍ତେ ସେମାନଙ୍କୁ ଅନୁରୋଧ କରିଥିଲେ ।

ଆଳଦା, ଖଇରା ,ବାଲେଶ୍ୱର

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X



# ଆଲୋକର ପର୍ବ ଦୀପାବଳି ଓ ପରିବେଶ ସୁରକ୍ଷା



ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ

ଭାରତୀୟ ଐତିହ ପରମ୍ପରା ଅତି ମହାନ, ଭାରତୀୟ ସଂସ୍କୃତି, ପରମ୍ପରା, ନୀତିଶାସ୍ତ୍ର, ପୁରାଣ, ବେଦ, ଉପନିଷଦ, ଭାଗବତ, ଗୀତା, ରାମାୟଣ, ମହାଭାରତ, ମନୁ ସଂହିତା ଭଳି ଅନେକ ଅମୁଲ୍ୟ ଉପାଦେୟ ଗ୍ରନ୍ଥବଳୀ ରହିଛି, ଯାହାକି ମନୁଷ୍ୟ ଅଧୟନ କରି ବହୁ ଜ୍ଞାନ ଅହରଣ କରି, ଜୀବନର ଚଲାପଥକୁ ସରସ ସୁନ୍ଦର କରି ଜୀବନ ଅତିବାହିତ କରିବାରେ ସହଜ ସାପେକ୍ଷ ହୋଇପାରୁଛି ।

ଉପରୋକ୍ତ ଶାସ୍ତ୍ର ମାନଙ୍କରେ ଆଲୋକ ର ପର୍ବ ଦୀପାବଳି ବିଷୟରେ ବର୍ଣ୍ଣନା କରାଯାଇଛି । ଆମେ ଦୈନ ଦିନ ସକାଳେ ଓ ସନ୍ଧ୍ୟାରେ, ଗୋଟିଏ ଶ୍ଲୋକ ବୋଲିଥାଉ ତାହା ହେଲା "ଦୀପମ ଜ୍ୟୋତି ପରଂ ବ୍ରହ୍ମ, ଦୀପଂ ଜ୍ୟୋତି ଜନାର୍ଦନ, ଦୀପଂ ଜ୍ୟୋତି ହରତେ ପାପ ପୂଜା ଦୀପ ନମସ୍ତୁତେ" ପ୍ରଜ୍ୱଳିତ ଦୀପର ଜ୍ୟୋତି ପରଂବ୍ରହ୍ମ ସଦୃଶ୍ୟ, ବିଷ୍ଣୁ ଙ୍କ ସଦୃଶ୍ୟ । ଏହି ଜ୍ୟୋତି ବା ଶିଖା, ବା ଆଲୋକ ପାପକୁ ହରଣ କରିଥାଏ । ତେଣୁ ସେହି ପୂଜା ଦୀପ ବା ସନ୍ଧ୍ୟା ଦୀପ ଙ୍କୁ ପ୍ରଣାମ ଜଣାଉଛୁ । ଏହି ପ୍ରଜ୍ୱଳିତ ଆଲୋକ ଶିଖା ପରିବେଶ ର ଅନ୍ଧାରକୁ ଦୂର କରି ଆଲୋକିତ କରିଥାଏ । ଆଜିର ଦୀପାବଳିକୁ ଉତ୍ସବ କୁ ଏକ ସ୍ୱତନ୍ତ୍ର ଆଲୋକ ର ପର୍ବ ଭାବେ ପାଳନ କରାଯାଇଆସୁଛି । ଆଜି ର ପର୍ବ ଦୀପ ଯେପରି ଅନ୍ଧାର କୁ ଦୂର କରି ଆଲୋକ ପ୍ରଦାନ କରିଥାଏ, ସେହିପରି ଆମେ ନିଜେ ମନରୁ ଅନ୍ଧାର ରୂପକ ଅଜ୍ଞାନ(ହିଂସା, ପରଶ୍ରୀ କାତରତା, ଗର୍ବ, ଅହଂକାର, ଲୋଭ, ମୋହ) କୁ ଦୁରେଇ ଆଲୋକ ରୁପି ଜ୍ଞାନର (ପରଉପକାର, ଅନ୍ୟକୁ ସାହାର୍ଯ୍ୟ, କରିବା, ନୀତି ନିୟମ, ଧର୍ମ ଭାବନା ସହ କାର୍ଯ୍ୟ କରିବା) କୁ ଗ୍ରହଣ କରିବା ଉଚିତ,ବୋଲି ଆଲୋକ ର ପର୍ବ ର ବାର୍ତ୍ତା ଅଟେ । ଯାହାକି "ଅସତ୍ୟ ଉପରେ ସତ୍ୟର ବିଜୟ" "ଅନ୍ୟାୟ ଉପରେ ନ୍ୟାୟର ବିଜୟ"

ISSN NO.
2582-208X

ଅଧର୍ମ ଉପରେ ଧର୍ମର ବିଜୟ, ଆମ ଭାରତୀୟ ଇତିହାସ ରେ ବହୁ ଉଦାହରଣ ରହିଛି। ସତ୍ୟଯୁଗରେ ବାଲ୍ମୀକ ଋଷିଙ୍କ ରାମାୟଣ ରେ ରେ ରଚତ ହୋଇଛି ଯେ ରାବଣ ଠାରୁ ସୀତାଙ୍କୁ ଉଦ୍ଧାର କରି, ରାବଣ କୁ ବିନାଶ କରିଥିଲେ ଯାହାକ ଅଧର୍ମ ଉପରେ ଧର୍ମ ର ଜୟ ପ୍ରତିଷ୍ଠା କରିଥିଲେ। ଯେତେବେଳେ ରାମଚନ୍ଦ୍ର ଅଯୋଧ୍ୟାକୁ ପ୍ରତ୍ୟବର୍ତ୍ତନ କରିଛନ୍ତ୍ର, ସେତେବେଳେ ଅଯୋଧ୍ୟା ବାସି ଖୁସିରେ ରାମଚନ୍ଦ୍ର ଙ୍କୁ ଦୀପଜାଳ ସ୍ୱାଗତ କରିଥିବାବେଳେ, ସ୍ୱୟଂ ରାମଚନ୍ଦ୍ର ମଧ୍ୟ ନଜ ପିତୃ ପୁରୁଷ ଙ୍କୁ ଦୀପଦାନ ସହ ପିଣ୍ଡଦାନ କରିଥିଲେ। ଯାହାକ କାର୍ତ୍ତିକ ମାସ ଅମାବାସ୍ୟା ତିଥି ରହିଥିଲ। ଏହାକୁ ଆମେ ଆଜି ଆଲୋକ ର ପର୍ବ ଦୀପାବଳ ଭାବେ ପାଳନ କରିଛେ। ଏହି ଆଲୋକ ର ପର୍ବ ଏକ ବ୍ୟକ୍ତଗତ, ପରିବାର ଗତ, ସାମାଜିକ ସମ୍ପର୍କ, ଦୃଢ଼ୀଭୁତ କରିବା, ଭାଇଚାରା ସୃଷ୍ଟି ସହ, ଭାବ ଆଦାନପ୍ରଦାନ ପୂର୍ବକ, ଆନନ୍ଦ ଉଲ୍ଲାସ ର ଦିବସ ଭାବେ ପାଳନ କରିବା ଉଚତ। ବିଧାନ ପ୍ରକାରେ ଆଜି ପିତୃ ଲୋକ ମାନଙ୍କୁ, ତର୍ପଣ, ପିଣ୍ଡଦାନ, ଆଲୋକ ପ୍ରଜ୍ୱଳନ ପୂର୍ବକ, ସ୍ମରଣ କରିବା, ସ୍ୱାଗତ କରିବା, ପୂଜା, ବନ୍ଦାପନା କରି, ଅନ୍ଧାରରେ ଆସି ଆଲୋକ ରେ ଯାଅ ବୋଲି, ସପରିବାର, ବଂଶ ବର୍ଗ, ଏକାଠି ଆଜିର ତିଥି ରେ, କହୁଛେ ଏହାହିଁ ସାମାଜିକ ସମ୍ପର୍କ ସୁଦୃଢ ତଥା ଭାଇଚାରା ବନ୍ଧନ ର ପ୍ରତୀକ। ଯାହାକ ଶହ ଶହ ବର୍ଷ ପୂର୍ବରୁ ଆମର, ଗୋସେଇଁ ବାପା, ଜେଜେ ବାପା ମାନେ ଅତିଆନନ୍ଦ ଉଲ୍ଲାସ ର ସହ ପାଳନ କରି ଆସୁଛନ୍ତୁ। ଏହି ଦୀପ ଅମଙ୍କୁ ବହୁତ କଛି ଶିକ୍ଷା ଦେଇଥାଏ, ଦୀପ ନଜେ ଜଳ ଅନ୍ଧାର କୁ ଦୁରକରୀ ଯେପରି ଆଲୋକ ପ୍ରଦାନ କରିଥାଏ। ସେହିପରି ଆମେ ମଧ୍ୟ ଜୀବନ ରେ ନଜେ ଦୁଃଖ, କଷ୍ଟ ଯନ୍ତ୍ରଣା, ନନ୍ଦା ପ୍ରଶଂସା, ନନ୍ଦା ଅପବାଦ, ସବୁକୁ ସହ୍ୟ କରିପାରିଲେ ହିଁ ଉଜ୍ଜ୍ୱଳ ର ଉପଲବ୍ଧି ପାଇପାରିବା। ଜୀବନ ରେ ସବୁ କଛି ଆସିବ, ବ୍ୟକ୍ତର ଜୀବନ ରେ କଛି ଦୁଃଖ କଛି ସୁଖ ଆସିବ, ଏହି ଦୀପରୁ ହିଁ ଆମେ ବହୁତ କଛି ଜାଣିବା ର ଅଛି। ଏହି ଦୀପଦାନ ପର୍ବ କୁ ଧୀରେ ଧୀରେ ଆଜିର ସମାଜ କ୍ରମଶଃ ଅତିସୁନ୍ଦର ଅଧାର୍ମିକ ପର୍ବ କୁ ଆଡମ୍ବର ପର୍ବରେ ପରିଣତ କରି, ବିଭିର୍ନ ରାସାୟନକ ଯୁକ୍ତ ବାଣ ଫୁଟାଇ, ବାୟୁ ମଣ୍ଡଳ କୁ ଦୂଷିତ କରିବା ସହ, ଶବ୍ଦପ୍ରଦୂଷଣ କଟାଉଛନ୍ତୁ। ଯଦ୍ୱାରା ନାୟୁମଣ୍ଡଳ ପ୍ରଦୂଷିତ ହେବାସହ, ପରିବେଶ ସୁରକ୍ଷା କରୁଥିବା, ବହୁ କୀଟ,ପତଙ୍ଗ, ଛୋଟ ଛୋଟ ପ୍ରାଣୀଙ୍କର ମଧ୍ୟ ମୃର୍ତ୍ତ୍ୟୁ ଘଟୁଛି। ସେ ଦୂଷିତ ଜଳବାୟୁ କୁ ଆମେ ଗ୍ରହଣ କରୁଛେ ଯାହା ଆମପାଇଁ ବହୁତ କ୍ଷତି କାରକ। ଅଳ୍ପ ସମୟ ପାଇଁ, ସାମାନ୍ୟ ଖୁସି ପାଇଁ ଆମେ, ବହୁଅର୍ଥ ସାରି, ସାରା ପରିବେଶ କୁ ଦୂଷିତ କରିଦେଉଛେ। ଏହି ବାଣ ଫୁଟାଇ, ବାଣ ଦୋକାନ ରେ ଅଗ୍ନି

ISSN NO.
2582-208X

ଲାଗିବା, ଆଦି ବହୁ ଦୁର୍ଘଟଣା ଘଟୁଛି । ବାୟୁମଣ୍ଡଳ ରେ ଥିବା, ଅମ୍ଳଜାନକୁ ଆମେ ଜାଣିଶୁଣି ପ୍ରଦୂଷଣ କରୁଛେ ଯଦ୍ୱାରା, ଆମେ ଫୁସଫୁସ ଜନିତ ରୋଗ, ଶ୍ୱାସ, ମୁଣ୍ଡବଥା, କାଶ ଆଦି ବିଭିନ୍ନ ରୋଗରେ ପୀଡିତ ହେଉଥାଉ । ଏସବୁ କୁ ଆମେ ହୃଦୟଙ୍ଗମ କରି, ଆଲୋକର ପର୍ବକୁ ଆଲୋକ ଦ୍ୱାରା ଆଲୋକିତ କରିବାର ଆବଶ୍ୟକତା ରହିଛି । ବହୁ ଅର୍ଥ ଶ୍ରାଦ୍ଧ କରି, ବାୟୁ ମଣ୍ଡଳ ଦୂଷିତ କୁ ରକ୍ଷା କରିବା, ଶବ୍ଦ ପ୍ରଦୂଷଣ କୁ ରକ୍ଷା କରିବା ଆମର ପ୍ରାଥମିକତା ହେବା ଜରୁରୀ ଅଟେ । ଆସନ୍ତୁ ହାତକୁ ହାତ, ମନକୁ ମନ ମିଶାଇ, ଅତି ଆନନ୍ଦ ଉଲ୍ଲାସର ସହ ଏହି ଆଲୋକ ର ପର୍ବ କୁ ପାଳନ କରିବା, ଯାହାକି ବିନା ବାୟୁ ପ୍ରଦୂଷଣ ଓ ଶବ୍ଦ ପ୍ରଦୂଷଣ ରେ ।

ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ଫୋନ -7894112487

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ଆଏଲା ଦଶ୍ ରା



ସେବାକାନ୍ତ ନନ୍ଦ

ମହ ମହ ହେଇ ବାସୁଛେ ଦେଖ ଦଶ୍ ର୍ା ମାସ
ଉଷତ୍ ହେଉଛେ ଗ୍ରୁଷି ଦେଖି୍କରି ଗ୍ରୁଷ ବାସ୍ ।
ତିହାର୍ ବାହାର୍ ଗହ ଗହ ଗ୍ରୁରି ଆଡ଼େ ପଡୁଛେ ହୁରି
ବଜାର ଗଜା ସଙ୍ଗେ ବାଜୁଛେ କେତେ ଢୋଲ ମହୁରୀ।
ଭାଇ ଜୀଉନ୍ତୁଆ ଦଶର୍ା ପୂଜା ,
ଗ୍ରୁରି ଆଡ଼େ ଦେଖ ଲ୍ଗୁଛେ ମଜା ।
ଉଷତ୍ ଆନନ୍ଦ ହେଇ ସତେ ନାଚୁଛନ୍ ପୁଅ ପରଜା
ଇ ମାସେ ପ୍ରଭୁ ର୍ାମ ମାହାପୁରୁ କରିଥିଲେ ଦୁର୍ଗା ପୂଜା।
ପାପିମାନକେ ମାରି କରି ଉଡେଇ ଥିଲେ ବିଜୟର ଧ୍ୱଜା,
କଲିଯୁଗେ ମୁନୁଷ ର୍ାକ୍ଷାସ ଦୋଷ କରି ହେଇଛେ ରଜା ।
ଆର୍ ଥରେ ପ୍ରଭୁ ଅବତାର ନେଇ ମୁନୁଷ ର୍ାକ୍ଷାସ କେ ଦେ ସଜା ।
ତେବେ ସେ ନାରୀ ସୁଖେ ରହେବେ
କଲିଯୁଗେ ଜୀବନ ଧରି,
ଦୁର୍ନୀତି ବଳକ୍ତାର ଦୂରରେ ଯିବା
ର୍ାମ ର୍ାଏଜ ଆଏବା ଫେରି।

ସଂସ୍କୃତ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ, ଟିକ୍ରାପଡା
କଳାହାଣ୍ଡି

ISSN NO.
2582-208X

# ଉଦାବୁଡା



ଗଜାନନ ମିଶ୍ର

କିଛୁ ନାଇଁ
ଇ ଉଦାବୁଡା,
ବେକାର ସବୁ।
କିଏ ସାକ୍ଷୀ ?
କାହାର ସାକ୍ଷୀ ?
କାଁଥିରକାଜେ ସାକ୍ଷୀ ?

ସବୁ ବେକାର,
ଦେଖାଶିଖା ପାଠପଢା।
ହଲୋଝଲୋ ବୁଝାବାରକାଜେ
କିଏ ରହେଲା କେନ ଆରୁ!

ଏନ୍ତା ସେନ୍ତା
ପାଁଚ ପନ୍ଦର ନାହିଁ କାହିଁ କିଛୁ।

ନଚାଡେଗା
ବେକାର ସବୁ।

ବଗବଗାନୁ ଫେର ଭି
ଫୁଟି ଅଉଛେ ଫୁଲ।

ପତରଗଜା ଅଉଛେ
ପାଆଁଲି କେଡେ ସୁନ୍ଦର।

ଏତକି ଭିତରେ ବି
ଧୁକା ରଚେକ୍
କିନ୍ଦ୍ରି ଜୁଛେ
ଭିତରୁ ଭିତର।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ମାଁ ର ଅସ୍ମିତା

## କାବ୍ୟ



ଏମ୍.ବିଜୟ କୁମାର

ମାଁ ଗୋ ମା ସେହ୍ନମୟୀ ମମତାର ଝରନ ଝରାଇ
ମାଁ ଗୋ ମାନବିକା ତରପାଦେ କରୁଛେ ସରଣ
ଆର୍ଶିବାଦ ଦେ ମା ମତେ ସ୍ନେହଥୁ କରି ଆଲିଙ୍ଗନ
ମା ମମତାର କୋଲ ଗରଭଧାରି ମା ପଥରସିଲ
ମାଁ ଦୟାମୟୀ ସୁକଲ୍ୟାଣୀ ମାଁ ସଭେ ତର ପୁଅ
ମାଁ ଗୋ ଜଗତଜନନୀ ସାନତି ମୁକତି ଦେହ
ମାଁ ର ମମତା ସ୍ନେହଶରଧା ଦୟା ପ୍ରେମ ଶାନ୍ତି
ମାନବିକତା ଅହିଁସା ପ୍ରେମରେ ଅଛି ମାନବ ମୁକ୍ତି
ପେଟନୁ ଜନମ ଯେବେ କଅଁଳିଦିହେ ପଦାଘାତ
ପ୍ରକୃତି କୋଳେ ଶୋଆଏ କରୁଣା ଝରାଏ ହାତ
ମାଁ ର ରକତ ଇଦିହେ ଛିରକେ ଛିର ବହୁଛେ
ସ୍ନେହ ଗଗଂଜଳ ଜାହାର ଦୟା ଥି ଝରୁଛେ
ମାଟିର ପୁତଲା କଅଁଳିଆ ଶିଶୁ ଅତି ଦୁର୍ବଳ
ମାଁର ଆଦର ଯତ୍ନେ ଧିରେ ଧିରେ ହୁଏ ସବଳ
ମାଁ ମାଟି ଜନମମାଏଟ ନାଇ କରି ଦେବୁ ପର
ମାଁ ବଲି ତତେ ଶରଧାନେ ଡାକୁଛେ ମାଁ ମଗଂଳ
ମାନ ମହତ ଇଜତ ଲାଗି ଢାପିଥାଉ ପଣତକାନି
ଗୁଣ ହୁଏ ସବୁ ହୁରଗୁନି ଜଏ ମାଁ ଜଗତର ରାନୀ

ISSN NO.
2582-208X

ଶିଶୁ ହୋଇ ଖୋଜେ ପ୍ରାଣଭରା ପ୍ରେମ ତୋକୁଳେ
ଅନନ୍ତପ୍ରେମ ହୃଦୟ ରକ୍ତ ଦେଇ ସୁଖପାଅ ମୁଳେ
ଗରଭଧାରି ଦୁଖ ଗରଭଧାରି ମାଁ ହି ଜାନସି
ଦରଦ କାଣା ଜାନବାକେ ବାଝେନ ମାହେଜି
ମଗଂଳ ଲାଗି ଯେବେ ମାଁ ସ୍ନେହଶାସନେ ଦିଏ ଦଣ୍ଡ
ଭବିଷ୍ୟତ ବିଚାର କରେନାଇ ଯିଏ ତ ସ୍ନେହଭଣ୍ଡ
ମାଁ ର ଅସ୍ମିତା କାବ୍ୟ ଲେଖବାର ଆରମଭ କବି
ମାଁ କହେଜୁଲୁମକାହାଣି ଶୁଦ୍ରର ଆଲାମ ବେତାବି
ମାଁ କହିଗଲା ଆଶୁରକତ ଝରାଇ ସପନେ ପୁଓ
ବିହୋସନେ ନାଇ ଶୁଅ ପୁତା ଅଭି ଜାଗ ଜାଓ
ମା ହାଡ଼କଂକାଳ ଧରି ଆଘେଠିଆ ରୁପଭୟକାରି
ଜିବନ ନୁହେଁସେ ମୁନସ ଯହି ଜିଉଛେ ମଲା ପରି
ମାଁର ଆଶୁଁ ବନ୍ୟା ହେଉଛେ ଭିଜୁଛେ ପଣତ
ମାନବ ଜାତିର ମାଁ ଗୋ କହ ସକଳ ବୃତ୍ତାନ୍ତ
ମାଁର ଅସ୍ମିତା ଭାଗିଂ ଯାଇଛେ ଆଶା ଭରସା
ବିଶ୍ୱାସ ହଜିଛେ ଆଖୁଁଦେଖୁଛେ ଅବେବସତା
ମାନବ ଜାତି ଏକ ସମାନ ରକତନେ ଗଢା
ସ୍ୱାଧିନ ମଣିଷ ଫିର କାଏଜେ ଅନ୍ଧ ନିଗୁଢା
ମାଁର ଆଶୁଁ ଝରୁଛେ ହୃଦୟ କାନ୍ଦୁଛେ ସବୁଦିନ
କଥା ଓ ଗାଥା କହିବାକୁ ତୋ ସପ୍ନେ ଦରଶନ
ମଧୁର ଭାଷୀ ମରିସାରିଛି ଅମରୁତ ଭାଷା
ଜାଣି ଜାଣି ଉପଭୋଗ କରୁଛ ଦୁର୍ଦଶା

ରେମଣ୍ଡା,ମହୁଲପଲ୍ଲୀ,ବୁଢାବାହାଲ
ସଇଁନ୍ତଲା ବଲାଗିଂର-32
ମୋ-7978ଏ84130

ISSN NO.
2582-208X

# ବଲିର୍ ଗୁହାରି



ସନ୍ତୋଷ କୁମାର ବେହେରା

କୁକୁରା ଚିମିରା ବୁକା ସବୁ ମିଶି
ଗୁହାରିଲେ ମାଁ ଠାନେ
ମୁନୁସ୍ ଜାଏଦ୍ ଆମ୍ କୁ, ବଲି ଦଉଛନ୍
ସରିଗଲୁ ଆମେ ମାନେ ।।

ତୁଇ ପରେ ମାଗୋ,ସବକର୍ ମାଁ
ପାତର୍ ଅନ୍ତର୍ କେନ୍ତା କଲୁ
ଗୁଟେ ଜୀବନ୍ ବଚେଇ,ଆର୍ ଗୁଟେ ଜୀବନ୍
କେନ୍ତା ହିସାବେ ନେଲୁ ।।

ମାଁ କହେଲା, ମୁଇଁ କେବେ କାହାକେ
ବଲି ଦେବାକେ ନାଇଁ କହେଁ
ଆରୁ ବଲି ଦେଲେ,ମନ୍ କାମନା ତାର୍
ପୁରନ୍ କେଭେ ନାଇଁ କରେଁ ।।

ମାଁ ହେଇ କରି ଛୁଆର୍ ରକତ୍ ପିଇମି
ଭାବୁଛୁ କେନ୍ତା କରି
ମୁନୁସ୍ ଖାଏବାର୍ ଲାଗି ବଲି ଦଉଛେ
ଆନୁଛେ ବାନ୍ଧି କରି ।।

ISSN NO.
2582-208X

ମୋର୍ ନାଁରେ,ମୁନୁସ୍ ଜାଏତ୍ ସବୁ
ଠକବାର୍ ଲଗେଇଛନ୍ ମଜା
ହେଲେ,ଠକବାର୍ ଲାଗି ଜାନି ନାଇଁ ପାରବାର୍
ରଖା ହେଇଛେ ସଜା ।।

ତାର୍ କରମ୍ ଫଲ୍ ତ,ରଖା ହେଇଛେ
ତୁଇ ଚିନ୍ତା ନାଇଁ କର୍
ଯେନ୍ତା କରମ୍ କେ,ସେନ୍ତା ଫଲ୍ ପାଏବା
ଦମ୍ ଧର୍ ପୁତା ଦମ୍ ଧର୍ ।।

କପସିଲ୍, ତୁଷୁର୍, ବଲ୍ଙ୍ଗିର
ମୋବା:--୭୭୩୫୭୧୫୧୦୭

ISSN NO.
2582-208X

# ଆମର ଭାସି, ଆମର ଲେଖା



ବ୍ରଜମୋହନ ମେହେର

୨- ୨୦୨୦ ମସିହାନେ ପ୍ରକାଶିତ 'କୋଶଲୀ ଲିପି':

୨୦୨୦ ମସିହା ଅଗଷ୍ଟ-୨୭ 'ସମାଜ'ନେ 'ତିଆରି ହେଲା କୋଶଲୀ ଲିପି' ଖବର ପ୍ରକାଶ ପାଏସି । ସମ୍ବଲପୁର ସଂସ୍କରଣଥି ପହେଲା ପୁସ୍ଠାନେ ଇ' ଖବର ଠାନ ପେଇଥିଲାବେଲକେ ଅଲଗା ସଂସ୍କରଣମନଥି ଠାନ ନେସି ଭିତରି ପୁସ୍ଠା ଥି । ଇତାର କିଛି ଦିନ ଆଘନୁ ଫେସବୁକ୍‌ଥି ଚର୍ଚା ହଉଥିସି ଆର ପିଡିଏଫ୍ ବି ବାହାରି ସାରିଥିସି । ଖବର କାଗଜନେ ବାହାରଲାନୁ ଅଧିକା ଚର୍ଚା ଧରସି ନୁଆଁଲିପିର ।ଇଥି ଧାର୍ମିକ ଚେତନାର ଶୂନ୍ୟବାଦ କହ କି ଆଝିର ଶାସ୍ତ୍ରୀୟ ଭାଷା ଓଡ଼ିଆର 'ଠ' ଲାଗି ଯୋଗୀମଠକେ ଠଁକଉଥିବାର ଚିନ୍ହା ବର୍ଣମାଲାର ମୂଲହେସି ।

ଯୋଗୀମଠର ରେଖାଚିତ୍ର'ନେ 'ସୁନ୍':




ISSN NO.
2582-208X

ଇ' କୋସଲି ଲିପିଥି ସୁନ୍(୦) ଭଲିଆ ଲେଖିକରି ଏକା ଯେତେ ଚିନ୍ହା ଦେଇକରି ସ୍ୱରବର୍ଣର ସବୁ ଅକ୍ଷର ବନା ହେଇଥିସି । 'ବ୍ରାହ୍ମୀ' ଲିପିର ମାତ୍ରା ଯେନତା ଚେହେରା ବଦଲେଇ ଠିଆହେସି । ଆରୁ ଇ' ଲାଗଲା ଚିନ୍ହା ଏକା ବ୍ୟଂଜନବର୍ଣଥି ମାତ୍ରା ଭାବେ ବେଭାର ହେଇପାରସି । ଇ'ଥିର ବ୍ୟଂଜନବର୍ଣ ଏକା ବ୍ୟଂଜନବର୍ଣ(ହଲଂତ ଲାଗିଥିସି), ସ୍ୱରବର୍ଣ ଲାଗଲେ ଯେଇକରି ଉଚ୍ଚାରିତ ହେଇପାରବା । ହେତିର ଲାଗି ଆରୁ ହଲଂତ ଲଗାବାର ନେଇଁପଡ଼େ, 'ଅ' ଥି 'ସୁନ୍' ସଂଗେ ଯେନ୍ ଚିନ୍ହା ଲାଗିଥିସି, ହେଟା ଲଗେଇକରି ଏକା ଅ-କାରାଂତ ଉଚ୍ଚାରଣ କରାଯାଏସି । ଇଥିର ଲାଗି ଆରୁ ଯୁକ୍ତାକ୍ଷରର ଦରକାର ନେଇଁହୁଏ , ଇଂଲିଶ୍ ଭଲିଆ ଲେଖିଦେବାର ହେସି ସାଂତାଲି ବାଗିର । ଅବଶ୍ୟ ଇଂଲିଶ୍ ଆରୁ ସାଂତାଲି ଲିପିଥି ମାତ୍ରା ନେଇଁଥାଏ, ଇନେ ମାତ୍ରା ଲାଗସି। ଇନେ ଯେନତା 'ଅ' ନୁ 'ହ' ହେବାରଟା, ବଏଲେ ଅଳ୍ପପ୍ରାଣ ନୁ ମହାପ୍ରାଣ ବର୍ଣ ସହଜନେ କରିହେସି । 'କ' ଜାନଲେ 'ଖ' ଜାନବାରଟା, 'ଚ' ଜାନଲେ 'ଛ' ଜାନବାରଟା। ହେତିନୁ ଏକା 'ଣ' ନୁ 'ଣ୍ହ', 'ନ' ନୁ 'ନ୍ହ', 'ମ' ନୁ 'ମ୍ହ', 'ର' ନୁ 'ର୍ହ', 'ଲ' ନୁ 'ଲ୍ହ'। ହେନତି ଅଘୋଷ ସୁ ସଘୋଷ ହେବାର ସହଜ ଦିଶସି । ମୂର୍ଧନୀଭବନ ଚିନ୍ହାଥି 'ତ' ବର୍ଗ ନୁ 'ଟ' ବର୍ଗ କରି ହେସି, ଯେନତା ରୋମାନ ଲିପିଥି ସଂସ୍କୃତ ଭାଷାକେ ଲେଖଲା ବେଲେ 'DA-ଦ ମାତର □A- ଡ ଭାବେ ତଲେ ବିଂଦୁ ଦେଇକରି; ହେନତି ଇ' ଲିପିନେ ଉପରେ ଠିକ୍(✓) ଭଲିଆ ଚିନ୍ହା ବସେଇକରି । ଇ' ସୂତ୍ରନେ 'ତ' ନୁ 'ଟ', 'ଥ' ନୁ 'ଠ', 'ଦ' ନୁ 'ଡ', 'ଧ' ନୁ 'ଢ' , 'ନ' ନୁ 'ଣ', 'ନ୍ହ' ନୁ 'ଣ୍ହ' ହେଇବସବାର ସଂଗେ 'ର' ନୁ 'ଡ଼', 'ର୍ହ' ନୁ 'ଢ଼' କରିହେସି । ହିଂଦୀ କି ତେଲଗୁ ଲେଖବାରବେଲେ ଯେନତା ପଂଚମବର୍ଣର ସଂଗେ ଯୁକ୍ତାକ୍ଷର ଲେଖିକରି କାମ ଚଲାଯାଏସି, ଇଠାନେ ବି ହେନତି ଉପାଏ ଖଂଜା ହେଇଥିସି । ତାମିଲ ବାଗି ବିନା ଯୁକ୍ତାକ୍ଷରଥି ଇ' ଲେଖବାର ଧାରା ବନସି । ତାମିଲ ଲିପିନେ ଗୁଟେ க(କ)ଥି 'କ-ଖ-ଗ-ଘ', ଗୁଟେ 'ப'(ପ)ଥି ପ-ଫ-ବ-ଭ ହେଲାବାଗି ଇଥି ଗୁଟେ ଥି ତିନଟା 'ଶ/ଷ/ସ' ପଢ଼ବାର ଉପାଏ ବାହାର କରାହେସି । ହେନତି 'ଇ-ଈ', 'ଉ-ଊ' । ଇ' ଲିପିଥି 'ଏ' ସଂଗେ ଆରଗୁଟେ 'ଆଏ' ଭଲିଆ ଉଚ୍ଚାରଣ, IPA ର '□' ବାଗିର ଧ୍ୱନି ଲାଗି ସେ ଆର ଗୁଟେ '_ଏ' ଆଏ ଖଂଜା ହେଇଛେ । ଇ' ସମିଆଁର ଲିପିନେ ଇ' ସବୁକେ ଧରିକରି ବର୍ଣସଂଖ୍ୟା ହଉଛେ-୪୪; ବଏଲେ ସ୍ୱରବର୍ଣ ଲାଗି ୭ଟା ଅକ୍ଷର+ ଅଯୋଗବାହ (ଁ, ଆର ଂ) ସଂଗେ ବ୍ୟଂଜନବର୍ଣ ସଂଖ୍ୟା ହଉଛେ-୩୭।

ISSN NO.
2582-208X

–୨୦୨୦ ମସିହାନେ ପ୍ରଚାରିତ ହେଇଥିବାର କୋଶଲୀ ଲିପି:



Scanned by CamScanner

ISSN NO.
2582-208X




Scanned by CamScanner

ISSN NO.
2582-208X




Scanned by CamScanner

ISSN NO.
2582-208X

୩-ସଂଶୋଧିତ ରୂପ:

ଇ' ଲିପି ଆର ସଂଶୋଧିତ ହେଇଛେ ତାରପଛେ ପଛେ । ଲେଖଲାବେଲକେ ଯେନତା ସୁବିଧା ହେବା, ଆଘରନୁ କଲମ ଉଠାବାକେ ଯେନତା କମ୍ ପଡ଼ବା । ଲେଖବାର ବେଲେ ତଲର ଧାଡ଼ି ଉପରର ଧାଡ଼ି ମେସି ଯିବାର ବାଗି ଅଡୁଆ ନେଇଁହେବା, ଇଟା ପଛେ ପଛେ ହେ' ଦିଗକେ ଅନୁମାନ କରାହେଇଛେ ।

ଇ' ସମିଆଁଥି ଦୁଇଟା ଚିନ୍ହା ବେଭାର କରିକରି ଆବଶ୍ୟକ ଧ୍ୱନିକେ ଲେଖବାର ବ୍ୟବସ୍ଥା କରାହେଇଛେ ।

ଇ'ଥର ଯୁଡ଼ିଛେ ଲମେଇ ଚିନ୍ହା ଭାବେ ଗୁଟେ ବିଂଦୁ, ଗୁଟେ ଧ୍ୱନିକେ ଲମାବାର ହେବାବଲି କି ଦୀର୍ଘୀକୃତ କରାହେବାବଲି । ହେନତି ଦୁଇଟା ଧ୍ୱନି ମିଶିକରି ଏକା ସାଂଗେ ଯେନ୍ ଉଚ୍ଚାରିତ ହେସି, ହେ'ତିର ଲାଗି ବନିଛେ ଯୁଡ଼େଇ ଚିନ୍ହା ଦୁଇଟା ବର୍ଣ ଉପରେ ଗାର ଗୁଟେ ଟାନିକରି । ରାମଭକ୍ତ ଫରିକାର ଭଲିଆ କୋସଲି ଭାଷା ବିଶେଷଜ୍ଞ କୋସଲି ଭାଷାର ସ୍ୱରଧ୍ୱନି ଉପରେ ଯେନ୍ ମତ ଦେଇଥିଲେ, ଖାଲି ସାତଟା ନେଇଁ, ତାରଠାନୁ ଜହ ବଲି କହିଥିଲେ, ଇ' ଚିନ୍ହାମନକେ ବେଭାର କରି ଯେ ତାହାଁକର କହେବାର ହିସାବେ ଧ୍ୱନିମନକେ ରୂପଦେଇହେବା, ସେଥିର ଲାଗି ଇ' ସଂଶୋଧନ କରା ହେଇଛେ ।

ଇ' ଠାନେ ଦୀର୍ଘୀକରନ ଭାବେ ଖାଲି ସେ' ଦିଗକେ ଦେଖାହେଇଛେ, ଯେନ୍ ଠାନେ ଉଚ୍ଚାରନନେ ଖାଲି ଦୀର୍ଘ ଉଚ୍ଚାରନ ହେବା, ହେନତିଠାନେ ଏକା ବେଭାର ହେବା । 'ସୀତା' ଲେଖିକରି 'ସିତା' ପଢୁଛୁଁ— ଏନତିଠାନେ ଦୀର୍ଘୀକରନ ଚିନ୍ହା ନେଇଁଲାଗେ । ମାତର ଯେନ୍ଠାନେ ଦୀର୍ଘମାତ୍ରା ନେଇଁ ଲେଖିକରି ବି ଆମେ ଦୀର୍ଘ ଉଚ୍ଚାରନ କରସୁଁ, ହେନତି ଠାନେ ଖାଲି ଲମେଇ ଚିନ୍ହା ଲାଗବା । ଏନତି ଦୀର୍ଘ-ଅ' ବି ଲେଖା ହେଇ ପାରବା । ଯେନତା କି କଲାହାଁଡ଼ି ଇଲାକାନେ "ଦେଇଛେ" ଯାଗା ଥି "ଦି'ଛେ" ଉଚ୍ଚାରନ କଲାବେଲେ ଦୀର୍ଘ ଉଚ୍ଚାରଣ ହେସି, ହେନତିଠାନେ ଆର " ମାଁ' ", ଖ' - "ଜ' ", "ଜି'ଛେ", "ପି'ଛେ" ଲେଖଲାବେଲକେ ଯେନତା ଦୀର୍ଘ ଉଚ୍ଚାରନ ବାରି ହେଇଯଉଛେ, ହେନତାଠାନେ ଏକା ଦୀର୍ଘ ଉଚ୍ଚାରଣର ବଲମେଇଚିନ୍ହା କି ବିଂଦୁ ଲଗା ହେବା ।

ISSN NO.
2582-208X

ଯୁଡ଼େଇ ଚିନ୍‌ହା ବେଭାର କଲେ ଚଲବା, ନେଇଁ କଲେ ଚଲବା । ଆମେ ଦେଖସୁଁ ଯେ 'ଅ' ନୁ ମୁଂଦଲ କରି 'ଇ'ନେ ଶେଷହେବାର ଧ୍ୱନି ହଉଛେ 'ঐ'(ଅଇ) - ଏନତିଠାନେ 'ଅ' ଆରୁ 'ଇ' ଲେଖିକରି ତାର ଉପରେ ଯୁଡ଼େଇ ଚିନ୍‌ହା ଗାର ଟନା ଯେଇପାରେ । ଇ' ହିସାବେ 'ଏଇ', 'ଅଉ', 'ଆଉ', 'ଏଉ', 'ଅଏ' ଭଲିଆ ସଂଯୁକ୍ତ ସ୍ୱର ଲେଖାଯେଇପାରବା। ହେନତି 'ଉଅ'କେ 'ଓ୍ୱ' ଭାବେ ବେଭାର କରି ହେବା ।

କୋସଲି ଭାଷାନେ ଯେ 'ଙ୍' ଆରୁ 'ଞ୍' ଧ୍ୱନି ଅଛେ ସତକଥା, ମାତର ଇ'ଟା ସ୍ୱତଂତ୍ର ଭାବେ ନେଇଁହେଇକରି ଯୁକ୍ତାକ୍ଷର ହେଲାବେଲକେ ବେଭାର ହେସି । ହେତିର ଲାଗି କମ ଅକ୍ଷରନେ ଆମର ଭାଷାକେ ଲେଖବାର ଲାଗି ଅନୁସ୍ୱାରନେ ଯେ ଚଲାଯେଇପାରବା, ସେ'ଥିର ଲାଗି 'ନୁଆଁ କୋସଲି ଲିପି'ନେ ଇତାର ସ୍ୱତଂତ୍ର ଅକ୍ଷର ନେଇଁବନି ।

କ୍ରମଶଃ......

ଓଡିଆ ଅଧ୍ୟାପକ
ପି.ଏସ୍.କଲେଜ, ବେଲପଡା
ବଲାଙ୍ଗୀର-୭୬୭୦୨୬

ISSN NO.
2582-208X

# ବୁଢ଼ାରଜା ଦଶହରା

ସଞ୍ଜୟ ନାଏକ

ବିରିମାନ ଘାଟି ତଳେ ଅଛେ ମନ୍ଦିର ।
ପୂଜା ପାଇ ଥାଆନ୍ତି ପ୍ରତି ଶନିବାର ।।
ଆସି ଯାଇଛେ ଇ ବଛର ଦଶହରା ।
ଦେଖିବାକୁ ଆସ ବୁଢ଼ାରଜା ଯାତ୍ରା ।।

କେତେଦୂରୁ ଲୋକ ଦେଖି ଆଏସଁନ ।
ପୂରଣ ହେସି ଲୋକର ସପନ ।।
ବାଟ ନେଇ ପଡେ ଆଏଜ ଖାଲି ।
ହାଟେ ଲୋକର କେତେ ଗହଲି ।।

ଗଦା ଗଦା ସେମଲିଆ କନ୍ଦା ।
ସକାଳେ ପୂଜା ସଞ୍ଜେ ଲାଖ ବିନ୍ଧା ।।
ଆଏସି କିନ ବଛର ମିନା ବଜାର ।
ଲୋକ ଆଏସଁନ ହଜାର ହଜାର ।।

ଦୁଃଖର ବେଲେ ହେସ ତମେ ସାହା ।
ଭୋଗ କିଏ ଦେସି ରକ୍ତ କିଏ ମହାଁ ।।
ତମେ ହେଉଛ ସବକର ବୁଢ଼ାରଜା ।
ଆମେମନେ ସବୁ ହେଲୁଁ ତମର ପ୍ରଜା ।।

ଆସେ ଲେଟକୁଚି ମହୁରୀ ନାଙ୍ଗରା ।
ଦୁଲକି ଯେସି ରାତି ନାଟ ଘୁମୁରା ।।
ସବକେ ଲୋକକେ ରକିଥା ବନେ କରି ।
ଏତିକି କହୁଛେଁ ତୋକେ ମୁଣ୍ଡିଆ ମାରି ।।

ରଏନଗୁଡା, କୋକସରା, କଲାହାଂଡି
ମୋ-୮୨୭୦୪୩୮୭୭୩

ISSN NO.
2582-208X

# କଥା - ଗର୍ବ
# ଗଞ୍ଜନ



ସତ୍ୟନାରାୟଣ ମିଶ୍ର

ଦ୍ୱିତୀୟ ବୈକୁଣ୍ଠ ଦ୍ୱାରକା । ଯହିଁ ବିରାଜିତ କୃଷ୍ଣ ସ୍ୱୟଂ ନାରାୟଣ ସ୍ୱାମୀ । ଲକ୍ଷ୍ମୀ ସ୍ୱରୂପା ରୁକ୍ମିଣୀ ଙ୍କସହ ସତ୍ୟଭାମାଦି ଅଷ୍ଟ ପାଟବଂଶୀ । ରୁକ୍ମିଣୀଦେବୀ ସତ୍ୟଭାମା ଙ୍କ ଠାରୁ ସୌନ୍ଦର୍ଯ୍ୟ ରେ ସାମାନ୍ୟ ଊଣା କିନ୍ତୁ ସ୍ୱଭାବ ରେ ସଭିଙ୍କ ଠାରୁ ଉତ୍ତମା ସର୍ବୋତ୍ତମା । ପ୍ରଭାବ ସ୍ୱରୂପ କୁ ନେଇ କେହି କେବେ ଶ୍ରେଷ୍ଠ ହୁଏନା, ସ୍ୱଭାବ ହିଁ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରେ ବୋଲି ପ୍ରଭୁ ଜାଣିଛନ୍ତି ବୋଲି ଅନ୍ତରରୁ ରୁକ୍ମିଣୀ ଙ୍କୁବେଶି ଭଲ ପାଆନ୍ତି । କିନ୍ତୁ ସତ୍ୟଭାମା ଭାବନ୍ତି ମୁଁ ସଭିଙ୍କ ଠାରୁ ସୁନ୍ଦରୀ ଯେହେତୁ ପ୍ରଭୁ ମତେ ହିଁ ସବୁ ଠୁଁ ଭଲ ପାଆନ୍ତି । ସୁନ୍ଦରୀ ବୋଲି ନିଜ ମନରେ ବହୁତ ଗର୍ବ ତାଙ୍କର, କେବଳ ସିଏ ନୁହନ୍ତି ପ୍ରଭୁଙ୍କ ସୁଦର୍ଶନ ଭାବେ ସେ ହିଁ ସବୁଠୁଁ ଶକ୍ତିଶାଳୀ । ବାହାନ ଗରୁଡ଼ ଭାବେ ସେ ହିଁ ସବୁଠୁଁ ଗତିଶୀଳ । ମନ ଠୁଁ ବି ଅଧିକ । ଏ ତିନିହେ କେବଳ ଭାବନ୍ତି ନାହିଁ, ଏ କଥା କୁ ଲୋକଙ୍କ ଆଗରେ ପ୍ରକାଶ ମଧ୍ୟ କରି ଦିଅନ୍ତି । ତ, ଶ୍ରୀକୃଷ୍ଣ ଜାଣିଲେ ତିନି ଜଣଙ୍କ ଗର୍ବ ଅହଂକାର ଚରମସୀମା କୁ ଛୁଇଁଛି, ତେଣୁ ଗର୍ବ ଗଞ୍ଜନ କରିବାକୁ ପଡିବ ଏମାନଙ୍କର ।

ମନେ ମନେ ବୀରବର ହନୁମାନ ଙ୍କୁ ସୁମରଣ କଲେ ଦ୍ୱାରକାଧୀଶ ।ସ୍ମରଣ ମାତ୍ରକେ ହରି ସମ୍ମୁଖରେ ଦଣ୍ଡାୟମାନ ଅଞ୍ଜନା ସୁତ । କୃତାଞ୍ଜଳି ପୁଟେ ଉଭହୋଇ ଆମନ୍ତ୍ରଣ ର କାରଣ ପୁଚ୍ଛନ୍ତେ ସମସ୍ତ ବିଷୟ କୁ ପ୍ରକାଶ କଲେ ମାୟାଧର । କିପରି ଏ ତିନିଙ୍କ ଗର୍ବ ଗଞ୍ଜନ ହେବ ତହିଁବିଷୟରେ ବିଚାର ବିମର୍ଷ କରି ସ୍ୱ ଶୟନ କକ୍ଷକୁ ପ୍ରତ୍ୟାବର୍ତ୍ତନ କଲେ ଶ୍ରୀକୃଷ୍ଣ। ପରାମର୍ଶ ଅନୁସାରେ ହନୁ ନିଜର ବିରାଟ ତନୁ କୁ ପ୍ରଦର୍ଶିତ କରି ଦ୍ୱାରକାସ୍ଥ ସୁରମ୍ୟ

ISSN NO.
2582-208X

ସୁନ୍ଦର ଉପବନ କୁ ଅଶୋକବାଟିକା ଭଳି ଶିରିହୀନକରି ଚାଲିଲେ, ସୁସ୍ୱାଦୁ ଫଳ ଗୁଡିକୁ ବୃକ୍ଷରୁ ଛିଣ୍ଡାଇ ଖାଇ ଫିଙ୍ଗି ନଷ୍ଟ କରିବା ସହ ବୃକ୍ଷ ଗୁଡିକୁ ଛନ୍ ବିଛିନ୍ନ କରିବାକୁ ଲାଗିଲେ। ଉପବନ ର ଏଭଳି ଦୂର ବସ୍ଥା ଦେଖି ଜଗୁଆଳି ମାନେ ଗୁହାରି କଲେ ଦ୍ୱାରକାଧିଶଙ୍କ ସମ୍ମୁଖରେ, ସେମାନେ ସେହି ବିଶାଳକାୟ ମର୍କଟ କୁ ଘଉଡ଼ାଇ ପାରିବାରେ ଅକ୍ଷମତା ପ୍ରକାଶ କଲେ । ତହୁଁ ପ୍ରଭୁ ଆଦେଶ ଦିଅନ୍ତି ଚକ୍ର ରାଜ୍ ସୁଦର୍ଶନ କୁ ତୁମେ ଯାଇ ସେ ମର୍କଟ କୁ ବନ୍ଦୀ କର ବୋଲି, ଚକ୍ର କହିଲେ "ହେ ହରି ! ଆପଣ ଙ୍କୁ ମୋର ଶକ୍ତି ଅଜଣା ନାହିଁ । ନିମିଷେମଧ୍ୟରେ ସମୁଦ୍ରକୁ ଶୁଷ୍କ କରିପାରେ, ସଂସାର କୁ ଛାରଖାର କରିପାରେ । ମୋ ଭଳି ଶକ୍ତିଶାଳୀ ବୀର ଛାର ମର୍କଟ କୁ ଧରିବାକୁ ଗଲେ ମୋ ଶକ୍ତି ପ୍ରତି ଅବମାନନା ହେବ, ଦୟା ପୂର୍ବକ ଆଉ କାହାକୁ ଯଦି ପଠାନ୍ତି .... କୃଷ୍ଣ ଦରହସ ବଦନରେ କହିଲେ ତୁମେ ପ୍ରଥମେ ସେ ସ୍ଥାନକୁ ଯାଇ ଦେଖ, ସେ ହନୁ ପ୍ରତି ନିଜର ଶକ୍ତି ପ୍ରୟୋଗ କର, ତଦନ୍ତେ ଜାଣିବା ତୁମେ କେତେ ଶକ୍ତିମାନ ।

ଗର୍ବ ରେ ଉନ୍ମତ୍ତ ସୁଦର୍ଶନ କ୍ରୋଧାନ୍ୱିତ ମନରେ ତ୍ୱରିତ ହନୁ ସମ୍ମୁଖକୁ ଗଲେ, ଉପବନ ର କ୍ଷୟକ୍ଷତି ଦେଖି ତାଙ୍କ କ୍ରୋଧ ଦ୍ୱିଗୁଣିତ ହୋଇଗଲା । ହନୁ ପ୍ରତି ଆକ୍ରମଣ କରିଧରିବା ପ୍ରୟାସ ବେଳେବାରମ୍ବାର ଅସଫଳ ହେଲେ ସେ । ଲଜ୍ଜା ଆଉ କ୍ରୋଧ ପରବଶ ହୋଇ ହନୁ ଙ୍କୁ ମାରିଦେବା ଚେଷ୍ଟା କରନ୍ତେ ନିଜେ ହନୁମାନ ଚକ୍ରକୁ ଜାବୁଡି ଧରି କାଖ ତଳେ ଚାପି ରଖିଲେ । ସୁଦର୍ଶନ ଫେରିବାରେ ବିଳମ୍ବ ହେବା ଦେଖି ଲୋକେ ଅତୀବ ଆତଙ୍କିତ ହୋଇ ଉଠିଲେ କାଳେ ବିରାଟ ହନୁ ଟି ଚକ୍ରକୁ ପରାସ୍ତ କରିଥିବ, ପରାଜିତ ଲାଜ ରେ ଚକ୍ର ଫେରୁ ନ ଥିବେ, ହନୁ ଟି ଉପବନ ଧ୍ୱଂସ କଲାପରେ ଯଦି ବସତି ଉପରେ ଉପଦ୍ରବ କରେ ତେବେ ଆମଅବସ୍ଥା କଣ ହେବ !!

ଲୋକଙ୍କ ଆଶଙ୍କା ସତରେପରିଣତ ହେଲା କିଛି ସମୟ ଅନ୍ତରେ । ହନୁମାନ ଦ୍ୱାରକା ନଗରୀ ର ଘର ଗୁଡିକ ଉପରେ ଇତସ୍ତତଃ ଡେଇଁ କୁଦି ନଷ୍ଟ କରିବାକୁ ଲାଗିଲେ । ପ୍ରଜା ମାନେ ଏହାର ନିରାକରଣ ପାଇଁ ସୁରକ୍ଷା ପାଇଁ ହରି ଙ୍କ ସମୂଖ ରେ ଗୁହାରି କରନ୍ତେ ପ୍ରଭୁ ପକ୍ଷୀରାଜ ଗରୁଡ଼ ଙ୍କୁ ଆଦେଶ ଦେଲେ ତୁମେ ମୋ ନିମନ୍ତ୍ରଣ ଜଣାଇ ସେହି ହନୁକୁ ଯଥା ଶୀଘ୍ର ମୋ ପାଖକୁ ନେଇ ଆସ ।

ISSN NO.
2582-208X

ଲେଶ ମାତ୍ର ବିଳମ୍ବ କରିବ ନାହିଁ, ସୁଦର୍ଶନ କୁଆଡେ ଗଲେ ତା ମଧ୍ୟ ବୁଝିବ। ଗରୁଡ଼ କହିଲେ "ହେ ମୋ" ପ୍ରଭୁ! ମୁଁ ମନ ଠାରୁ ମଧ୍ୟ ଚଞ୍ଚଳ ଗତି କରିପାରେ ଆପଣ ଜାଣନ୍ତି । ଅତିଶୀଘ୍ର ତାକୁ ନେଇ ଆସିବି କିନ୍ତୁ ସେ ଆପଣଙ୍କ ନିମନ୍ତ୍ରଣ କୁ ସ୍ୱୀକାର କଲେ ସିନା । ପ୍ରଭୁ କହିଲେ ନିଶ୍ଚୟ ଆସିବ ସେ । ତୁମେ ତାକୁ ତୁମ ସହିତ ଶୀଘ୍ର ନେଇ ଆସ । ଗରୁଡ଼ କାଳ ବିଳମ୍ବ ନ କରି ପହଞ୍ଚିଲେ ହନୁମାନ ଙ୍କ ସମୀପ ରେ । ଶ୍ରୀହରି ଙ୍କ ନିମନ୍ତ୍ରଣ ଜଣାଇ ସାଥିରେ ଶୀଘ୍ର ନେଇ ଯିବାକୁ କହିଲେ, ସୁଦର୍ଶନଙ୍କ ବିଷୟ ପଚାରିବାରୁ ହନୁ ସ୍କନ୍ଧ ଉଠାଇ ଦିଅନ୍ତେ ଭୂପତିତ ହୁଅନ୍ତି ଚକ୍ରରାଜ, ଲଜ୍ଜିତ ହୋଇ ଚାଲିଗଲେ ବୈକୁଣ୍ଠକୁ। ହନୁମାନ କହିଲେ "ତୁମେ ଚାଲୁଥାଅ ଖଗେନ୍ଦ୍ର । ମୁ ଅତିଶୀଘ୍ର ପହଂଚିବି ତୁମ ଶ୍ରୀକୃଷ୍ଣ ଙ୍କ ନିକଟରେ।

ଗରୁଡ଼ କହିଲେ ମୋତେ ପ୍ରଭୁଙ୍କ ଆଦେଶ ଅଛି ତମକୁ ସାଙ୍ଗରେ ଅତିଶୀଘ୍ର ନେଇଯିବାକୁ ତେଣୁ ବିରକ୍ତ ହୋଇ ହନୁ କହିଲେ ମୁଁ ଯିବି, ତୁମେ ଆଗ ଚାଲୁଥାଅ, ମୁଁ ତୁମ ପୂର୍ବରୁ ହିଁ ପହଞ୍ଚି ସାରିଥିବି । ଗର୍ବରେ ଅନ୍ଧ ଗରୁଡ଼ ଭାବିଲେ ଏ ମର୍କଟ କଣ ମୋ ପହଂଚିବା ଆଗରୁ ପ୍ରଭୁଙ୍କ ପାଖେ ପହଂଚିବା କଥା କହିଲାଣି, ଯା ର ଔଧତ୍ୟ ତ କମ ନୁହଁ ! ମୋର ଗତି ବେଗ ଏ ମୂର୍ଖ ଜାଣିନି ବୋଧେ । ହଉ, ତୁମେ ଆସ ତେବେ କହି ବିଜୁଳି ବେଗରେ ଗରୁଡ଼ ଉଡିଲେ ଶ୍ରୀହରି ଙ୍କ ପାଖକୁ । ଯାଇ ଦେଖନ୍ତି ହନୁମାନ ଆଗପହଞ୍ଚି ଲାଙ୍ଗୁଡ଼ ଗୁଡେଇ ଉଚ୍ଚ ଆସନରେ ପ୍ରଭୁଙ୍କ ପାଖରେ ଉପବେଶନ କରିଛି । ହନୁ ଙ୍କ ଗତି ର ବେଗ କୁ ବୁଝି ପାରି ତାଙ୍କ ଗର୍ବ ଖର୍ବ ତ ହେଲା କିନ୍ତୁ ରାଗ ସୁଝାଇବା ପାଇଁ ଉଚ୍ଚ ସ୍ୱରରେ ହନୁ ଙ୍କୁ ଗାଳି କରି ଗରୁଡ଼ କହିଲେ "ତୁମେ ବଳଶାଳୀ, ଆଉ ମୋ ଠାରୁ ଅଧିକ ଗତିଶୀଳ ଜାଣିଲି କିନ୍ତୁ ତୁମ କୁ ଶିଷ୍ଟାଚାର ଜଣା ନାହିଁ । ତୁମେ ପ୍ରଭୁଙ୍କ ଆସନ ଠୁଁ ଉଚ୍ଚ ଆସନ ରେ ବସିବା ଉଚିତ ନୁହେଁ । ତୁମେ ତ ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ପ୍ରଣାମ ମୁଦ୍ରାରେ ରହିବା କଥା, ତୁମର ଜ୍ଞାନ ବୁଦ୍ଧି ବୋଲି କିଛି ନାହିଁ ।

ହନୁମାନ କହିଲେ "ମୁଁ ଜାଣିଛି କୃଷ୍ଣ ଯିଏ ସେ ମୋ ପ୍ରଭୁ ରାମଚନ୍ଦ୍ର । ସେ ରାମ ଅବତାର ବେଳେ ଏକପତ୍ନୀ ବ୍ରତ ଆଚରି କେବଳ ତାଙ୍କ ପ୍ରାଣ ପ୍ରିୟା ସୀତାଙ୍କୁ ହିଁ ବିହାହ କରିଥିଲେ। ମୋ ସୀତା ମାତା ରୂପରେ ଗୁଣରେ ସ୍ୱଭାବ ରେ ସର୍ବୋତ୍ତମା । ମୁଁ ସେଇ ମା ଙ୍କୁ

ISSN NO.
2582-208X

ଯେପର୍ଯ୍ୟନ୍ତ ପ୍ରଭୁଙ୍କ କୋଳରେ ବସିବା ନ ଦେଖିଛି, ପ୍ରଣାମ କରିବି ନାହିଁ, ଆସନ ନ୍ୟୁନ କରିବି ନାହିଁ ।

କୃଷ୍ଣ କହିଲେ "ପାବନି! ଏ ଅବତାର ବେଳେ ମୋର ଅଷ୍ଟ ପାଟବଂଶୀ ସହ ଦ୍ୱାରକାରେ ବିବାହ ହୋଇଛି । ତୁମ ଦୃଷ୍ଟିରେ କିଏ ମୋ ସବୁଠୁଁ ପ୍ରିୟା, ଜନକ ନନ୍ଦିନୀ ସୀତା ସ୍ୱରୂପା ତୁମେ ହିଁ ଜାଣିକହିବ, ମୁଁ ମୋ କୋଳରେ ପ୍ରଥମେ ସୁନ୍ଦରୀ ସତ୍ୟଭାମା ଙ୍କୁ ବସାଉଛି । କୃଷ୍ଣ ଏତିକି କହୁ କହୁସତ୍ୟଭାମା କ୍ଷିପ୍ରବେଗରେ ଧାଇଁ ଆସି ତାଙ୍କ କୋଳରେ ବସି ପଡିଲେ। ଭାବୁଥିଲେ ପ୍ରଭୁ ମତେ ଅଧିକ ଭଲ ପାଆନ୍ତି ଏବଂ ମୁଁ ହିଁ ଗତ ଜନ୍ମରେ ସୀତା ଥିଲି । ହନୁମାନ କହିଲେ ହେ କଂସାରି ! ଇଏ ତ ସୀତା ମାତା ଙ୍କର ଜଣେ ଦାସୀ ଭଳି ଲାଗୁଛନ୍ତି । ଆପଣ ତାଙ୍କୁ କୋଳରେ ବସେଇ ମତେ ପରୀକ୍ଷା ନେଉଛନ୍ତି କାହିଁକି ? ନା ପ୍ରଭୁ ଇଏ ମୋ ମା ଜାନକୀ ନୁହନ୍ତି। ମୁ ଦେଖୁଛି ଏହାଙ୍କ ସ୍ୱଭାବ ମଧ୍ୟ ଭଲ ନୁହଁ। ଆପଣ ଆହ୍ୱାନ କରିବା ପୂର୍ବ ରୁ ସେ ଧାଇଁ ଆସି ଆପଣଙ୍କ କୋଳରେ ବସିଗଲେ । ହନୁ କଥା ଶୁଣିଲେ ଏବଂ ଅପମାନିତ ହୋଇ ସତ୍ୟଭାମା ମୁଖ ପୋତି ଉଠିଗଲେ ପ୍ରଭୁଙ୍କ କୋଳରୁ । ତତ୍ପରେ ପ୍ରଭୁ ଆହ୍ୱାନ କଲେ ରୁକ୍ମିଣୀ ଙ୍କୁ ଏବଂ କୋଳରେ ବସାଇବା ମାତ୍ରେ ହନୁ ଲାଙ୍ଗୁଡ଼ ଆସନରୁ ଅବତରଣକରି ଲୋଟି ପଡିଲେ ଉଭୟଙ୍କର ପାଦ ତଳେ ।ରାମ ସୀତା ଙ୍କ ଦର୍ଶନ ପାଇ ଧନ୍ୟ ହେଲି ବୋଲି ଭାବରେ ଗଦଗଦ ହୋଇ ରାମଙ୍କ ଭଜନ ଗାଇ ନୃତ୍ୟ କଲେ ।

ସତ୍ୟଭାମା ଏ ଦୃଶ୍ୟ ଦେଖି ଲଜ୍ଜିତ ହେଲେ । ସେ ସୁନ୍ଦରୀ ବୋଲି ପ୍ରଭୁଙ୍କ ପ୍ରିୟତମା ଶ୍ରେଷ୍ଠା ବୋଲି ଯେଉଁ ଗର୍ବ ଥିଲା ତାହା ଖର୍ବ ହେଲା । ସେ ବୁଝିଲେ ଯେ ରୁକ୍ମିଣୀ ହେଉଛନ୍ତି ପ୍ରଭୁଙ୍କ ଜନ୍ମ ଜନ୍ମାନ୍ତର ର ସଙ୍ଗିନୀ । ଗରୁଡ଼ ବୁଝିଲେ ଯେ ହନୁମାନ ଙ୍କ ଗତି ବେଗ ତାଙ୍କ ଠାରୁ ବି ଅଧିକ । ସୁଦର୍ଶନ ଜାଣିଲେ ଯେ ତାଙ୍କ ଠାରୁ ବଳବାନ ହନୁମନ୍ତ । ତେଣୁ ତିନି ଜଣଙ୍କ ଗର୍ବ କୁ ଖର୍ବ କରି ହରିତାଙ୍କର ଗର୍ବ ଗଞ୍ଜନ ନାମ କୁ ସାର୍ଥକ କଲେ ।

ସିଂଧେକେଲା

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ଶଗଡ ଗାଡି ଚଢିବାର ମଜା



ହର ପ୍ରସାଦ ସୁଆର

ପିଲାମାନେ, ତୁମମାନଙ୍କ ମଧ୍ୟରୁ କେହି କେବେ ଶଗଡ଼ ଗାଡ଼ି ଚଢିଛ ? ବର୍ତ୍ତମାନ ସମୟରେ ହୁଏତ କେହି ଚଢିନାହଁ । ଆଜିକାଲି ଶଗଡ଼ ଗାଡ଼ି ଗ୍ରାମାଞ୍ଚଳରେ କାଁ ଭାଁ ଅର୍ଥାତ୍ କ୍ୱଚିତ୍ ଦେଖିବାକୁ ମିଳେ । ଏହି ଗାଡ଼ିକୁ ପୋଢ ଅଥବା ଯୋଡ଼ା ବଳଦ ଟାଣନ୍ତି । ଗାଡିର ଚାଳକ ହେଉଛି ଜଣେ ଶଗଡ଼ିଆ । ସେ ନିଜ ବଳଦ ଯୋଡ଼ିଙ୍କୁ ନିୟନ୍ତ୍ରଣ କରିବାକୁ ଯାଇ ହାତରେ ଛାଟଟିଏ ଅର୍ଥାତ୍ ଚାବୁକ ଧରିଥାଏ । ଜମିରୁ ନିଜ ଘରକୁ ଅଥବା ଗ୍ରାମରୁ ସହରକୁ ଧାନ, ମାଣ୍ଡିଆ, ବିରି, କୋଳଥ ବା ଆଖୁ ଇତ୍ୟାଦି ବୋହି ଆଣିବାରେ ଶଗଡ଼ କାମରେ ଲାଗେ । ଆଜକୁ ଅନେକ ବର୍ଷତଳେ ଗ୍ରାମାଞ୍ଚଳକୁ ବସ୍ ସେବାର ସୁବିଧା ନଥିଲା। ଫଳରେ ଲୋକେ ନିଜନିଜ ପରିବାରବର୍ଗଙ୍କୁ ନେଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା କରିବାକୁ ହେଲେ କିମ୍ବା ଝିଅ ବାହାହୋଇ ଶାଶୁ ଘରକୁ ଯିବା ସମୟରେ ଶଗଡ଼ର ବହୁଳ ବ୍ୟବହାର କରୁଥିଲେ । ଜାନି-ଯୌତୁକ ଆଦି ଜିନିଷପତ୍ର ପହଞ୍ଚାଇବା କିମ୍ବା ଅନ୍ୟାନ୍ୟ ଘରକରଣା ଜିନିଷ ଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ଆଣିବା ନିମନ୍ତେ ଶଗଡ଼ ଗାଡ଼ି ଥିଲା ଏକ ମାଧ୍ୟମ । ଶଗଡ଼ ଗାଡ଼ି ଖୁବ୍ ମନ୍ଥର ଗତିରେ ଗତି କରୁଥିଲେ ସୁଦ୍ଧା ନିରାପଦରେ ଗନ୍ତବ୍ୟ କ୍ଷେତ୍ରରେ ପହଞ୍ଚାଇଦିଏ । ଏଣୁ ସେ ସମୟରେ ଶଗଡ଼ ଏବଂ ଘୋଡ଼ା ଗାଡ଼ିର ପ୍ରଚଳନ ହେଉଥାଏ ।

ଖରାଛୁଟିରେ କୁନା ତା' ବୋଉଙ୍କ ସହ ମାମୁଁ ଘରକୁ ଯାଇଥାଏ । ଦୁଇମାମୁଁ ଏକାଠି ନିଜନିଜ ପରିବାରବର୍ଗଙ୍କୁ ନେଇ ମିଳିମିଶି ସଉରା ସାହିରେ ରହନ୍ତି । ସେମାନଙ୍କର ପ୍ରଚୁର ଧାନଜମି ଥାଏ । ଫଳରେ ଦୁଇଭାଇ ଏକମନ ହୋଇ ଏକତ୍ରେ ଚାଷବାସ ବିଷୟ ବୁଝନ୍ତି ।

ISSN NO. 2582-208X


ସେମାନଙ୍କ ଘରେ ପୋଢ, ବଳଦ, ଗାଈ, ବାଛୁରୀ କିଛି କମ୍ ନଥାଏ । ଦୁଇଟି ଶଗଡ ଥାଏ, ଘରଠୁ ଧାନଜମିକୁ ଯିବାଆସିବା କରିବା କିମ୍ବା ଜମିଠୁ ଧାନ ଆଦି ରବିଫସଲ ବୋହି ଆଣିବା ନିମନ୍ତେ । ଦୁଇଟି ଶଗଡ଼ ନିମନ୍ତେ ଦୁଇଜଣ ଗୋତି ତଥା ଶଗଡ଼ିଆ ଥାଆନ୍ତି । ଗୋତିର କାମହେଲା ଜମିର ଯାବତୀୟ ଚାଷବାସ ବିଷୟ ବୁଝିବା, ଶଗଡ଼ ବାହିବା ଏବଂ ଏପରିକି ପ୍ରୟୋଜନ ହେଲେ ଘରକାମ କରିବା । ଥରେ କୁନା ପ୍ରାୟ ତା' ଏକା ବୟସର ମାମୁଁପୁଅ ଭାଇ ସହ ସେମାନଙ୍କର ଚାଷ ଗାଁକୁ ଯାଇଥାଏ କାରଣ ମାମୁଁଘରକୁ ବୁଲିବାକୁ ଯାଇ ଖାଲିରେ ଘରେ ବସିରହି ବା କଣ କରିଥାଆନ୍ତା । ଭାଇ ସଙ୍ଗରେ ଡାକିବା ହେତୁ ତା' ସହ ତାଙ୍କ ଚାଷ ଗାଁ ଅର୍ଥାତ୍ ଦଳେଇପୁଟୁକୁ ଚାଲିଗଲା । ସଉରା ସାହିଠାରୁ ଦଳେଇପୁଟୁ ପ୍ରାୟ ପନ୍ଦର କିଲୋମିଟର ରାସ୍ତା । ସେ ସମୟରେ ଏତେଦୂର ରାସ୍ତାକୁ ଯିବାପାଇଁ କୌଣସି ବସ୍, ଟ୍ରେକର୍, ମୋଟର ବାଇକ୍ ଆଦିର ସାଧନ ନଥିଲା । ଅଗତ୍ୟା ଲୋକେ କଷ୍ଟକରି ଚାଲିଚାଲି, ସାଇକେଲ ଯୋଗେ କିମ୍ବା ଶଗଡ଼ ଗାଡ଼ିରେ ଯାତାୟତ କରୁଥିଲେ । ସେଠାକୁ ଯିବା ନିମନ୍ତେ ପକ୍କା ସଡ଼କ ମଧ୍ୟ ନଥିଲା । ସେଠାର କାମ ଶେଷ ହେବାପରେ ଅର୍ଥାତ୍ ମଧ୍ୟାହ୍ନ ଭୋଜନ ପୂର୍ବରୁ ଘରେ ପହଞ୍ଚିବାକୁ ହେବ । କାହିଁକି ନା, ଖାଇବା ସମୟରେ ନପହଞ୍ଚିଲେ ଘରଲୋକେ ବିଚଳିତ ହେବେ । ଭାଇ ନିଜ ପିଉସିଙ୍କ ପୁଅ କୁନାକୁ କହିଲା, ତୁ ଏହି ଶଗଡ଼ରେ ବସି ଜୟପୁରକୁ ଚାଲିଯା', ମୁଁ କିଛିସମୟ ପରେ ଫେରିବି । ଚାଷବାସର କିଛି ଜିନିଷ ବୋଝେଇ କରି ଶଗଡ଼ିଆ ଜୟପୁରକୁ ଆସିବାର ଥିଲା । ଏଣୁ କୁନା ଯାଇ ଶଗଡ଼ରେ ବସିଲା । ସେତେବେଳେ କୁନାର ବୟସ ମାତ୍ର ସାତ ଅଥବା ଆଠ ହେବ । ପୂର୍ବରୁ କୁନା କେବେ ଶଗଡ଼ରେ ବସିନଥାଏ । ଏଣୁ ଶଗଡ଼ରେ ବସିବାର ସୁଯୋଗ ମିଳିବା ହେତୁ ତା' ମନଟା ଖୁସିରେ ନାଚି ଉଠୁଥାଏ । ଏମିତିରେ ବି ଶଗଡ଼ର ଗତି ମନ୍ଥର। କାରଣ ବଳଦ, ଶଗଡ଼କୁ ଟାଣିଲେ ହିଁ ଶଗଡ଼ ଗାଡ଼ି ଆଗକୁ ଗଡ଼ିବ । ବେଳେବେଳେ ଗୋଟେ ବଳଦ ଆଗକୁ ମାଡ଼ି ଚାଲିବାକୁ ଚେଷ୍ଟା କରୁଥିଲେ ସୁଦ୍ଧା ଅନ୍ୟ ବଳଦଟି ତାଳମିଳେଇ ଏକାସାଥିରେ ଚାଲିପାରୁନଥାଏ । ଦୁଇଟି ବଳଦ ଏକାବେଳକେ ଠିକ୍ ଭାବେ ନଟାଣିପାରିବା ହେତୁ ଗାଡ଼ିଟି ଧୀରେଧୀରେ ଚାଲୁଥାଏ ।

ତିତି...ତିତି...ତିତି, ପାପା...ପାପା...ପାପା । ହୁର୍ ... ରେ ... । ହାତରେ ଧରିଥିବା କରଡ଼ା ଛାଟ ବା ଚାବୁକକୁ ଉଞ୍ଚେଇ ଧରି ବଳଦଦ୍ୱୟଙ୍କୁ ଶାସନ କରିବା ବା ମାରିବା ଉଦ୍ଦେଶ୍ୟରେ ଗୋତି ଜଣକ ବାରମ୍ବାର ଏଭଳି ଡାକ ଛାଡ଼ୁଥାଏ ଯାହା ଫଳରେ କି

ISSN NO.
2582-208X

ବଳଦମାନେ ଜୋରରେ ଚାଲିବେ ବା ଶଗଡ଼କୁ ଶୀଘ୍ର ଟାଣିବେ । ଏଣେ ଖରା ମୁଣ୍ଡ ଉପରକୁ ଆସିଯାଇଥାଏ । ଘରେ ଶୀଘ୍ର ପହଞ୍ଚିବାକୁ ହେବ । କିନ୍ତୁ ରାସ୍ତାରେ ଖାଲ-ଢିପ, ଖାଲ ଖଣା ଯୋଗୁଁ ବୋଝ ଭର୍ତ୍ତି ହୋଇଥିବା ଶଗଡ଼ ଗାଡ଼ି ଟାଣିବାକୁ ବଳଦକୁ କଷ୍ଟ ହେଉଥାଏ । ପୁଣି ବଳଦକୁ ଖରାରେ ଏତେବାଟ ଟାଣି ଆଣୁ ଆଣୁ ରାସ୍ତାରେ ବୋଧେ ଭୋକ ଲାଗିଥାଇପାରେ । ସେମାନେ ଧୀରେଧୀରେ ଶଗଡ଼ ଗାଡ଼ି ଟାଣୁଥାଆନ୍ତି । ଶଗଡ଼ିଆର ଛାଟ ବାଜିଲେ ସେମାନେ ଟିକେ ଶୀଘ୍ର ଯିବାକୁ ଚେଷ୍ଟା କରନ୍ତି । କିଛି ସମୟ ପରେ ପୁଣି ସେହି ଏକା କଥା ଅର୍ଥାତ୍ ମନ୍ଥର ଗତି । ବଳଦକୁ ଛାଟ ଉଞ୍ଚେଇ ଧରି ଗୋଡିକୁ ବଳଦଙ୍କ ଉଦ୍ଦେଶ୍ୟରେ ଡକା ଛାଡ଼ିବାକୁ ପଡୁଥାଏ, ତିତି...ତିତି...ତିତି, ପାପା...ପାପା ...ପାପା । ଓସେ...ହୁର୍ ... ରେ... । ଶଗଡ଼ିଆଙ୍କ ଦ୍ୱାରା ବଳଦଙ୍କ ଉଦ୍ଦେଶ୍ୟରେ ଏଭଳି ଭାବେ ଡକା ଛାଡ଼ିବା ଅତି ନିକଟରୁ କୁନା କେବେହେଲେ ଶୁଣିନଥିଲା। ଫଳରେ ଛୋଟ ବୟସରେ ଏଭଳି ଡାକଶୁଣି, କୁନାକୁ ଭାରି ମଜା ଲାଗୁଥାଏ । କାରଣ ବଳଦଦ୍ୱୟ ଯେପରି ଶଗଡ଼ିଆର ଆଜ୍ଞାବହ ଏବଂ ସେମାନେ ଏଭାବେ ଡାକ ଶୁଣିବାରେ ଅଭ୍ୟସ୍ତ । ଏଣେ ହାତରେ କରଡ଼ା ଛାଟ ଉଞ୍ଚେଇ ଧରି ଶଗଡ଼ିଆ ଯେତେବେଳେ ଡାକଛାଡ଼ନ୍ତି ତିତି...ତିତି...ତିତି,ପାପା...ପାପା...ପାପା ସେତେବେଳେ ବଳଦଦ୍ୱୟ ଶୀଘ୍ର ଦୌଡ଼ିବାରେ ଲାଗନ୍ତି । ଏଣେ କୁନା, ଶଗଡ଼ ଗାଡ଼ିରେ ବସି ରାସ୍ତାଘାଟ, ଗଛପତ୍ର ଓ ଚାରିଆଡ଼କୁ ନିରୀକ୍ଷଣ କରୁଥାଏ ଏବଂ ଶଗଡ଼ିଆ କେଉଁପ୍ରକାରେ ଶଗଡ଼ ବାହୁଥାଏ ବା ବଳଦଙ୍କୁ ଚାବୁକଟିଏ ଧରି କିଭଳି ନିୟନ୍ତ୍ରଣ କରୁଥାଏ, ସେସବୁ ଦେଖି ମନରେ ଆନନ୍ଦ ଅନୁଭବ କରୁଥାଏ । ଜମିରେ ଧାନ ପାଚି ଅମଳ ହୋଇସାରିବା ପରେ ସାରାବର୍ଷଧରି ମୁଣ୍ଡର ଝାଳକୁ ତୁଣ୍ଡରେ ମାରି ଯେଉଁ କଷ୍ଟାର୍ଜିତ ଧାନ ମିଳିଥାଏ, ସେ ସବୁକୁ ଶଗଡ଼ରେ ବୋଝେଇ କରି ଜମିରୁ ଶଗଡ଼ ବାହି ଘରକୁ ଫେରିଲାବେଳେ ରାସ୍ତାରେ ଶଗଡ଼ିଆ ଆନନ୍ଦ ମନରେ ଗାଇଉଠେ, ରାମ ଯେ ଲଇଖଣ ଗଲେ ମୃଗ ମାରି ... । ସତରେ ସେ ସମୟରେ ଗ୍ରାମାଞ୍ଚଳରୁ ଶଗଡ଼ରେ ବସି ଯାତ୍ରାକରିବା ଥିଲା ନିଆରା । ତା'ଛଡ଼ା ବଳଦଙ୍କ ଉଦ୍ଦେଶ୍ୟରେ ଶଗଡ଼ିଆର ତିତି...ତିତି...ତିତି, ପାପା...ପାପା...ପାପା, ହୁର୍ ... ରେ ..., ଓସେ ... ଏସବୁ କଥାର ଅର୍ଥ ବା କଅଣ, କେଉଁ ଓଡ଼ିଆ ଶବ୍ଦକୋଷରେ ବା ଏସବୁର ଅର୍ଥ ବାହାରିବ କିମ୍ବା ବଳଦଦ୍ୱୟ ଏଭଳି ଡାକର କ'ଣ ବା ଅର୍ଥ ବୁଝିଥିବେ ତାହା ଶଗଡ଼ିଆ ବ୍ୟତିରେକେ ଅନ୍ୟକେହି କହିପାରିବେ ନାହିଁ ।

ISSN NO.
2582-208X

ତେବେ ଆଜିକାଲିକା ଯୁଗରେ ଅତ୍ୟାଧୁନିକ ସାଇକେଲ, ଲୁନା, ମୋପେଡ଼, ସ୍କୁଟି, ସ୍କୁଟର, ବାଇକ୍ ବା ବୁଲେଟ୍ ଗାଡ଼ିକୁ ଛାଡ଼ି ମନ୍ଥର ଗତିରେ ଚାଲୁଥିବା ବୈଲଗାଡ଼ିକୁ କିଏ ଅବା ପଚାରେ । ଆଜିକାଲିର ଯୁଗରେ ଗାଁ ଗହଳରେ ମଧ୍ୟ ଅଟୋରିକ୍ସା, ଟୋଟୋ ଅର୍ଥାତ୍ ଇ-ରିକ୍ସା ସହ ଏସବୁ ଗାଡ଼ିର ବହୁଳ ମାତ୍ରାରେ ଉପଯୋଗ ହେଉଛି । ତେବେ ଆମେ ଆମ ଅତୀତ ସଂସ୍କୃତି ଓ ପରମ୍ପରାକୁ ଭୁଲିଯିବା ଉଚିତ ନୁହେଁ । ତା'ଛଡ଼ା ମେନକା ଗାନ୍ଧୀଙ୍କ ଭଳି ପଶୁପ୍ରେମୀମାନେ ପୋଢ, ବଳଦ, ଓଟ, ଗଧ ଓ ଘୋଡ଼ାଦିକୁ କଷ୍ଟ ଓ ଯନ୍ତ୍ରଣା ଦେଇ ଭାରବାହୀ ପଶୁଭାବେ ବ୍ୟବହାର କରିବାର ଘୋର ବିରୋଧୀ । କହିବା ବାହୁଲ୍ୟ, ଆମର ଏହି ପୁରୁଣା ପରମ୍ପରା ଧୀରେଧୀରେ ଲୋପ ପାଇଲାଣି । ଆଜିକାଲିକା ଦିନରେ ଶଗଡ଼ରେ ଚଢି ଯାତ୍ରା କରିବାକୁ କେହି ପସନ୍ଦ କରନ୍ତି ନାହିଁ ଫଳରେ old is gold ଉକ୍ତିଟି ଯୁଗର ଚାହିଦାକୁ ଧରି ପଥଭ୍ରଷ୍ଟ ହୋଇଯାଉଛି ଅଥବା କାଗଜ କଲମରେ ହିଁ ରହିଯାଇଛି । ଆଗାମୀ ଦିନରେ ସେହି ପୁରୁଣା ପରମ୍ପରା ପୁଣି ଫେରିଆସିବ କି ନାହିଁ ତାହା ସମୟ ହିଁ କହିବ ।

ଚଳଭାଷ : ୭୦୦୧୦୫୦୪୯୧

ISSN NO.
2582-208X

# କଥା ପହେଳ



ଅମରନାଥ ବାରିକ୍

ଘଡ଼ଘଡ଼ି ସହ ବିଜୁଳି ହୁଏ
ଆକାଶ ବକ୍ଷରୁ ଜନମ ସିଏ
ମୁଷଳ ଧାରରେ ବରଷୁଥାଏ
କେବେ ଥମି କେବେ ଝରିସେ ଯାଏ
ତାକୁ ପାଇ ଗଛଲତା ବି ହସେ
କହି ପାରିବ ତା' ନାମ କିଏ ସେ ?

ପୂରୁବ ଦିଗରେ ସୁନେଲି ହୋଇ
ପଶ୍ଚିମରେ ପୁଣି ଲୋହିତ ଥାଇ
ସକାଳୁ ଉଇଁସେ ସଞ୍ଜରେ ଯାଇ
ଏକାଧିକ ନାମ ଅଛିରେ ବହି
ରବି ପ୍ରଭାକର ଯାହାକୁ କହି
ଅସଲ ନାମଟି କୁହରେ କେହି !!

ମିଞ୍ଜିମିଞ୍ଜି ହୋଇ ଆକାଶେ ଜଳେ
ଅସଂଖ୍ୟ ହୋଇଯେ ଥାଏ ମଣ୍ଡଳେ
ପାହାନ୍ତିରେ କେବେ ଆସେ ସଞ୍ଜରେ

ISSN NO.
2582-208X

ଛୋଟବଡ଼ ହୋଇ ଚମକଇରେ
ଜହ୍ନିଫୁଲ ପରି ଦିଶନ୍ତି ସିଏ
କୁହରେ ପିଲେ ତା' ନାମ ସେ କିଏ ?

ଧିରେଧିରେ ବଢ଼ି ଗୋଲାଇ ହୁଏ
ପୂର୍ଣ୍ଣିମାରେ ପୁରା ଆସଇ ଯିଏ
ପନ୍ଦରଦିନ ପରେ ଦୃଶ୍ୟ ହୁଏ
ତାକୁ ଦେଖି ଶିଶୁ ଖୁସିରେ ହସେ
ମାମୁଁ ବୋଲି ଡାକ ଅଛି ଯାହାର
କୁହ ଶିଶୁଗଣ ନାମ ତାହାର ?

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

ISSN NO.
2582-208X

# ନାଆଁ ମୋର ଡ଼ାକବାଲା



ଜୟନ୍ତ କୁମାର ମଲ୍ଲିକ୍

ନାଆଁ ମୋର ଡ଼ାକବାଲା
ଘର ଘର ବୁଲଇ –
ପିଠିରେ ମୋ ଡ଼ାକମୁଣି
ସବୁବେଳେ ଝୁଲଇ,
ଖାକି ପୋଷାକ ପିନ୍ଧିକି
ବାଣ୍ଟେ ଚିଠି ପତର –
ମତେ ଭଲ ପାଇଥାନ୍ତି
ସାଆନ୍ତେ ରୁ ସତର,
ଟଙ୍କା ଆସିଥାଏ ଯାର
ଘରେ ଗଣି ଦିଅଇ –
ଶୋଷ କଲେ ମାଗି କରି
ଥଣ୍ଡା ପାଣି ପିଅଇ,
ଦୁରୁଗା ପୂଜାଆସିଲେ
ଭେଟି କିଛି ମାଗଇ –
ଚିଡାଚିଡି କଲେ କେହି
ମନେ ମନେ ରାଗଇ,
ଖରା ବରଷା ଶୀତକୁ
ଖାତିରି ମୁଁ କରେନାଁ –

ISSN NO.
2582-208X

କାହା ଗାଳି ଗୁଲଜକୁ
ଜମାରୁ ମୁଁ ଧରେନାଁ,
ମୂରୁଖ ଲୋକଙ୍କ ଚିଠି
ଶୁଣାଏ ମୁଁ ପଢ଼ିକି -
ଘଣ୍ଟି ବଜାଇକି ଯାଏ
ଶୂନୁଗାଡ଼ି ଚଢ଼ିକି,
ଅଳପ ଦରମା ପାଇ
ବେଶୀ କାମ କରଇ-
ଶୁଭ ବାରତାରେ କାର
ମନେ ଖୁସି ଭରଇ ।

ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ:~୯୪୩୭୮୬୫୭୭୭

ISSN NO.
2582-208X

# ଚିତ୍ର

ଚିନ୍ମୟୀ ବେହେରା



କ୍ଲାସ୍ - XI, ସେଣ୍ଟ ଜୋସେଫ୍ ସ୍କୁଲ, ଗୌହାଟୀ

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ,ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ସମୀକ୍ଷା

## ବେଦାନ୍ତୀ – ଅକ୍ଟୋବର ସମୀକ୍ଷା



ଦେବଯାନୀ ସ୍ୱାଇଁ

ଏଥରକ "ବେଦାନ୍ତୀ"ର ପ୍ରଚ୍ଛଦ ପୃଷ୍ଠାରେ ଛାଟି ହେଇ ପଡିଛି ବୁନ୍ଦ ବୁନ୍ଦଳା ଆଞ୍ଜୁଳାଏ ଜଳ। କେତେ ସୁନ୍ଦର ଆଉ ଜୀବନ୍ତ ସତରେ ଏଇ ସ୍ୱଷ୍ଟ, ସ୍ୱଚ୍ଛ, ସତେଜ ଫେନିଳ ଜଳ ବିନ୍ଦୁ ଗୁଡିକ। ଧୀରେ ଧୀରେ ମିଳେଇ ଯାଇ ତଳକୁ ଖସି ପଡୁଛନ୍ତି ସେମାନେ। ଆଉ ମିଳେଇ ଯିବା ପୂର୍ବରୁ ଆଙ୍କି ଦେଉଛନ୍ତି ସଦ୍ୟ ପ୍ରସ୍ଫୁଟିତ ଫୁଲର ଛବି, ଠିକ୍ ଯେମିତି ମଣିଷ ଜୀବନ ପାଣି ଫୋଟକା ପରି ଆଉ ମିଳେଇଯିବା ପୂର୍ବରୁ ହସ କାନ୍ଦ, ସୁଖ ଦୁଃଖ, ଭଲ ମନ୍ଦର କେତେ ଯେ ଅଙ୍କା ବଙ୍କା ଛବି !!

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ଏକ ଶିକ୍ଷଣୀୟ ଉପସ୍ଥାପନା କରି କହିଛନ୍ତି– ମାନବର ବିଶେଷତା ହେଉଛି ତାର ବୁଦ୍ଧି ଏବଂ ଏହି ବୁଦ୍ଧି ଯୋଗୁଁ ମାନବ ଶ୍ରେଷ୍ଠ ଭାବେ ପରିଗଣିତ। ବୁଦ୍ଧି ଆମ ବିଚାରଧାରାକୁ ପରିଚାଳିତ କରିଥାଏ। ତେଣୁ ଆମେ ଆମର ବୁଦ୍ଧିକୁ ନକାରାତ୍ମକ ବିଚାରଧାରାରେ ବିନିଯୋଗ ନକରି ସମାଜ ତଥା ରାଷ୍ଟ୍ରର କଲ୍ୟାଣରେ ବିନିଯୋଗ କରିବା ଉଚିତ୍।

ଭିତର ପୃଷ୍ଠାରେ ସବୁଥର ପରି ନିୟମିତ ପ୍ରକାଶିତ ବିଭାଗ ଗୁଡିକ ସହିତ ବିଭିନ୍ନ ବିଷୟବସ୍ତୁକୁ ନେଇ ରହିଛି ଅସଂଖ୍ୟ ଆଲେଖ୍ୟ।

ISSN NO.
2582-208X

ପ୍ରଥମ ଧାରାବାହିକ ଗଳ୍ପ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ କଚ୍ଛପ ସାମ୍ରାଜ୍ୟର ବିଶାଳତମ କଚ୍ଛପ, ଜ୍ୟାଣ୍ଟ୍ ଲେଦରବ୍ୟାକ କଚ୍ଛପକୁ ଦେଖିବାକୁ ଜାଣିବାକୁ କ୍ୟାମ୍ପବେଲ୍ ପରିଦର୍ଶନରେ ଆସିଛନ୍ତି ଥାଇଲାଣ୍ଡର ରାଣୀ। କିଏ ଜାଣେ, କେତେବେଳେ କାହା ସହିତ ଆମର ହେବ "ଶେଷ ଦେଖା"। ମୋର ପ୍ରିୟ ଧାରାବାହିକ ଗଳ୍ପ "ଉଠ୍ ପୁଟୁର୍"ରେ ଅଭିର ହୋଷ୍ଟେଲ୍ ଏଡମିସନ୍ ସହିତ ନିଜ ରୁମ୍ ମେଟ୍ ଙ୍କ ସହ ପରିଚୟ। "ମାଆ"ର ଅସୁସ୍ଥତାରେ ଘରର ହାଲ୍। ମହାଭାରତର ଏକ ଅନନ୍ୟ ଚରିତ୍ର "ବସୁଷେଣ"। ଲେଖକୀୟ ଅଭିବ୍ୟକ୍ତି "ଆହୁତି" ପୁଣି ରହିଛି ଲେଖକଙ୍କ ଆତ୍ମଲିପି "ଅନାମିକା ପ୍ରେମିକା"। ଏମିତି କିଛି କ୍ଷୁଦ୍ର ଗଳ୍ପ, ଆଲୋଚନା, ସାଂଖ୍ୟ ଦର୍ଶନ ସହିତ ଆସନ୍ତୁ ଜାଣିବା "ଅନ୍ଧାର କାହିଁକି ଗୁରୁତ୍ୱପୂର୍ଣ୍ଣ ?", "ଓଳାଶୁଣୀର ସନ୍ଥ", "ରୁଦ୍ରାକ୍ଷର ପ୍ରକାର ଭେଦ" ଏବଂ "ବଡ କିଏ?"

ପ୍ରତି ଓଡିଆଙ୍କ ପ୍ରିୟ "ପଖାଳ"ରୁ ଆରମ୍ଭ ହେଇଛି କବିତାର ଧାଡି।

"ପ୍ରଭାତ" ର ଶୋଭା ଆହା କି ସୁନ୍ଦର, ହରଷିତ କରେ ବିହଙ୍ଗ ସଙ୍ଗୀତ। "ମୌସୁମୀ"ର ଆଗମନେ "ମେଘାଡମ୍ବର" ଆକାଶେ, ଦେଖି ଆନନ୍ଦିତ ଧରାବାସୀ। "ଝରା ଶେଫାଳୀର ଛନକା ଛାତି"- ଜନମ ତାହାର ଗୋଟାଏ ରାତି। କଇଁ ବୋଉ ଠାରୁ ଡଲି ବୋଉ ଯାକେ ଗାଁ ସାହି ବୋହୂ ଯେତେ, "ବୋଉ ଖବର"କୁ ବଖାଣି ବସିଲେ କେତେ ପ୍ରକାରର ବାସେନା ଆସେ।

"ଦେଶ ନିର୍ମାତା ଶ୍ରମିକ" ଆମେରେ, ପରିଶ୍ରମ ଆମ ମୁଖ୍ୟ କାମ। କୃତଜ୍ଞତା ସାଥେ କାମ କରି ଯିବା, "ଶିଖି ଚାଲିଥିବା ସଦାଚାର"।

"ଶବ୍ଦ ମାୟାରେ" "ସାହିତ୍ୟ ନିଶା" ରେ "ନ ଥିବା ଶବ୍ଦ ମାନେ" ବିସ୍ତାରି ଯା'ନ୍ତି ମାୟାମୟ କଇଁବନ ପରି। "ମୋ ପ୍ରିୟା" ତୁମେ "ସ୍ୱୀୟା", ତୁମେ ଅଙ୍କା ବଙ୍କା ନଇ ଧାରେ। "କିଏ ରୋକିଛି ପ୍ରେମକୁ" କଣ କେବେ, ସେ ତ ସବୁ ବାଧା ବିଘ୍ନକୁ ଏଡାଇ ବହି ଚାଲିଥାଏ।"ରାତ୍ରି ଶେଷେ" ଏତେ ନିଦ ଭରା କାହିଁକି ଯେ ତୁମ ଆଖି, ଦେଖ ପାନ୍ଥଶାଳା କାନ୍ଥ ଦେହେ ରଖିଛି ସାଇତି ତୁମ "ଶେଷ ଚିଠି"।

ISSN NO.
2582-208X

"ନାରୀଟିଏ" ତୁ "ଲେଖିଦେ ତୋ ନାଁ" ଇତିହାସ ଫର୍ଦ୍ଦରେ। "ମୁଁ ସେହି ଝିଅଟି" "ନିର୍ଭୟା ଓ ଅଭୟା", ମୋ କାହାଣୀ "ଥରେ ଶୁଣିଯାଅ..." ନ୍ୟାୟଧୀଶ ତୁମେ। "ଜୀବନ - ମୃତ୍ୟୁ" ସହ ମିଶିଗଲା ପରେ କି ଲାଭ କୁହତ ନ୍ୟାୟ ଦେଇ ପରେ !!

"ଉତ୍ସାହ ତୁ ଫେରି ଆ" ଆଜି "ସ୍ୱାଧୀନତାର ସୂର୍ଯ୍ୟ ଆସିଛି ଉଇଁ", "ସୁଖ ଦୁଃଖ ଦୁହେଁ ଯାଆଁଳା ଭାଇ"। "ମିଳନ ବିରହ" ଜୀବନର ଚକ୍ର। "ଜୀବନ ହାଟରେ" ଇର୍ଷା ଦ୍ୱେଷ ହିଂସା କୁଟକପଟତା ବିକିଲେ ମିଳଇ ଲାଭ।

"ଆସ ଆସ ମା ଦଶଭୁଜା" " ମାଣିକ୍ୟେ ମାଣିକ୍ୟ ମଣ୍ଡିତା" ତୁ "ମଙ୍ଗଳ ମୟୀ ମାଆ"। "ଭକତି ସୁମନ" ଢାଳି ତୋ ପୟରେ କରଇ ଏତିକି ଭିକ୍ଷା, ଅଧର୍ମ ଅସତ୍ୟ ଲୋପ ପାଇଯାଉ, ହସିଉଠୁ ଏ ଧରା। "ହସିବାର କଳା ଆଣିନି ଜନ୍ମରୁ" ଶିଖାଇଲ ଆହେ ପ୍ରଭୁ ବିଶ୍ୱହରି, "କାରାଗାରାର ସନ୍ତାନ" ତୁମେ "କାଳିଆ ସାଆନ୍ତ" ପୁଣି ତୁମେ ଯେ "ଅଦୃଶ୍ୟ ଶକ୍ତି"।

ସ୍ୱାସ୍ଥ୍ୟ ବିଭାଗରେ ରହିଛି "ଅମୃତ ଭଣ୍ଡାର ସ୍ୱାସ୍ଥ୍ୟ ଉପକାରିତା"।

"ଆଞ୍ଚଳିକ ବିଭାଗ" ରେ ତୁଇ ମୁଇଁର, ଦୁଃଖ୍ ସୁଖ୍ ର ରହିଛି କେତୋଟି କବିତା ଓ କଥା।

ଶିଶୁବିଭାଗ ସବୁବେଳେ ଶିକ୍ଷଣୀୟ ଓ ମନୋରଂଜନ ଭରା। କୁନି ଆଦବିକା ତାଙ୍କ ଚିତ୍ରରେ ଅତି ସୁନ୍ଦର ଭାବେ ଆଙ୍କି ଦେଇଛନ୍ତି ସାମୁଦ୍ରିକ ଜୀବ ଜଗତର ଜୀବନ୍ତତା, ଚଞ୍ଚଳତା ଓ ବିବିଧତା।

ଶେଷରେ ପର୍ବ ପର୍ବାଣୀ ତାଲିକାର ଆରମ୍ଭରେ ମା ଜଗତ୍ ଜନନୀ ଦୁର୍ଗା ଦେବୀଙ୍କ ଆଗମନର ପର୍ବ ମହାଳୟା। ହେ ମା' ମହାମାୟୀ !! ସଂସାରର କଲ୍ୟାଣ ନିମନ୍ତେ ଏ ଧରାପୃଷ୍ଠକୁ ଅବତରଣ କର ମା। ତୁମ କମଳ ପାଦ ସ୍ପର୍ଶରେ ହେଇ ଉଠୁ ଏ ଧରଣୀ ଶାନ୍ତ, ସତେଜ, ହାସ୍ୟମୟୀ, ଲାସ୍ୟମୟୀ ଓ ଶସ୍ୟଶ୍ୟାମଳୀ।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୧୧/୨୦୨୪ | କାର୍ତ୍ତିକ ଅମାବାସ୍ୟା ଓ ପୟାଶ୍ରାଦ୍ଧ |
| ୦୨/୧୧/୨୦୨୪ | ଗୋବର୍ଦ୍ଧନ ପୂଜା |
| ୦୩/୧୧/୨୦୨୪ | ଭାତୃ ଦ୍ୱିତୀୟା ଓ ଚନ୍ଦ୍ର ଦର୍ଶନ |
| ୦୫/୧୧/୨୦୨୪ | ନାଗ ଚତୁର୍ଥୀ ବ୍ରତ |
| ୦୯/୧୧/୨୦୨୪ | ଗୋଷ୍ଠାଷ୍ଟମୀ |
| ୧୦/୧୧/୨୦୨୪ | ଅଁଳା ନବମୀ, ଶ୍ରୀ ରାଧାଙ୍କ ପାଦ ଦର୍ଶନ ଓ ଜଗଦ୍ଧାତ୍ରୀ ପୂଜା |
| ୧୧/୧୧/୨୦୨୪ | ଶରଦ୍ୱାସାଧିବାସ |
| ୧୨/୧୧/୨୦୨୪ | ଦେବୋତଥାପନ (ବଡ ଏକାଦଶୀ), ଭୀଷ୍ମ ପଞ୍ଚକ ବ୍ରତ |
| ୧୩/୧୧/୨୦୨୪ | ଗରୁଡ ଦ୍ୱାଦଶୀ ଓ ତୁଳସୀ ବିବାହ |
| ୧୪/୧୧/୨୦୨୪ | ବଡଓଷା, ଶିଶୁ ଦିବସ |
| ୧୫/୧୧/୨୦୨୪ | ରାସ ପୂର୍ଣ୍ଣିମା, ବାଲିଯାତ୍ରା, କାର୍ତ୍ତିକେଶ୍ୱର ପୂଜା, କାର୍ତ୍ତିକ ବ୍ରତ ସମାପନ, କେଦାର ବ୍ରତ |
| ୧୬/୧୧/୨୦୨୪ | ବିଛା ସଂକ୍ରାନ୍ତି, ଛାଡ ଖାଇ |
| ୨୦/୧୧/୨୦୨୪ | ସୀତା ବିବାହ |
| ୨୧/୧୧/୨୦୨୪ | ମାର୍ଗଶୀର ଗୁରୁବାର ଓଷା |
| ୨୩/୧୧/୨୦୨୪ | ପ୍ରଥମାଷ୍ଟମୀ |
| ୨୪/୧୧/୨୦୨୪ | କାଞ୍ଜିଅଁଳା ନବମୀ |
| ୨୮/୧୧/୨୦୨୪ | ମାଣବସା ଗୁରୁବାର ଓଷା |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଅକ୍ଟୋବର ମାସର ବିଜେତାଙ୍କ ନାମ



ISSN NO.
2582-208X

ବିଲେଇ ନାନୀ ବିଲେଇ ନାନୀ
ଖାଇବୁ ତୁ ଆସ ନଖିମିଷ
କାର୍ତ୍ତିକ ମାସ ଗ୍ଲଲିଚ ଏବେ
ନମାଗ ତୁ ଏବେ ଆମିଷ
ଛାଡଖାଇରେ ଆସିବୁ ଯଦି
ମିଳବ ତେବେ ମାଛ

**ବିଜେତା: ଶ୍ରଦ୍ଧା ସୁମନ, କେନ୍ଦ୍ରାପଡା**

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାର୍ ପଠାଯାଇଥିବା ଚନ୍ଦକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଗ୍ଲହାଁନ୍ତୁ, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲ୍ -vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com ।ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ ।ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳନ୍ତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**